# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଅକ୍ଟୋବର ୧୩/୨୦୧୯ (୧୬ ପୃଷ୍ଠା+ ଛୁଟିଦିନ) Sambalpur, Sunday, October 13 / 2019 ★★

୧୫ଶ ଭାଗ ୨୯୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-


■ ଚେନ୍ନାଇ କନେକ୍ଟରୁ ଭାରତ-ଚାଇନା ସହଯୋଗର ନୂଆ ଯୁଗ

# ଉଠିଲାନି କଶ୍ମୀର ପ୍ରସଙ୍ଗ

## ଦ୍ୱିତୀୟ ଅନୌପଚାରିକ ବୈଠକ

■ ବାଣିଜ୍ୟ, ଅର୍ଥନୀତି, ସଂସ୍କୃତି ଓ ଆତଙ୍କବାଦ ନେଇ ଆଲୋଚନା

■ ଇମ୍ରାନ୍‌ଙ୍କ ଚାଇନା ଗସ୍ତ ନେଇ ମୋଦିଙ୍କୁ ଅବଗତ କରାଇଲେ ଜିନ୍‌ପିଙ୍ଗ୍

■ ତୃତୀୟ ପର୍ଯ୍ୟାୟ ଆଲୋଚନା ପାଇଁ ଚାଇନା ରାଷ୍ଟ୍ରପତିଙ୍କ ନିମନ୍ତ୍ରଣକୁ ଗ୍ରହଣ କଲେ ପ୍ରଧାନମନ୍ତ୍ରୀ



ମାମଲ୍ଲାପୁରମ୍ ନିକଟସ୍ଥ କୋଭାଲମ୍‌ସ୍ଥିତ ଏକ ହୋଟେଲରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍।

ମାମଲ୍ଲାପୁରମ୍,୧୨।୧୦
(ପି.ଟି./ ଆଇଏଏନ୍‌ଏସ୍)

ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍‌ଙ୍କ ସହ ପର୍ଯ୍ୟାୟକ୍ରମେ ୬ ଘଣ୍ଟା ଧରି ଆଲୋଚନା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଇ ପଡ଼ୋଶୀ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ସୁଦୃଢ଼ ହେବ ବୋଲି ଶନିବାର ଆଶାବ୍ୟକ୍ତ କରିଛନ୍ତି। ଏଥିସହିତ 'ଚେନ୍ନାଇ କନେକ୍ଟ' ଭାରତ ଓ ଚାଇନା ମଧ୍ୟରେ ସହଯୋଗର ନୂଆ ସମ୍ପର୍କ ଆରମ୍ଭ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ତାମିଲନାଡୁର ମାମଲ୍ଲାପୁରମ୍ ସହରରେ ଦୁଇଦିନିଆ ଅନୌପଚାରିକ ଆଲୋଚନା ଶେଷହେବା ପରେ ଜିନ୍‌ପିଙ୍ଗ୍ ନେପାଳ ଅଭିମୁଖେ ଯାତ୍ରା କରିଛନ୍ତି। ଦୁଇନେତାଙ୍କ ମଧ୍ୟରେ ବାଣିଜ୍ୟ, ଅର୍ଥନୀତି, ସଂସ୍କୃତି ଓ ଆତଙ୍କବାଦ ଭଳି ପ୍ରସଙ୍ଗ ନେଇ ଆଲୋଚନା ହୋଇଛି। ତେବେ କଶ୍ମୀର ପ୍ରସଙ୍ଗ ଏଥିରେ ସ୍ଥାନ ପାଇନାହିଁ। 'କଶ୍ମୀର' ଭାରତର ଆଭ୍ୟନ୍ତରୀଣ ପ୍ରସଙ୍ଗ ହୋଇଥିବାରୁ ଏନେଇ ଆଲୋଚନା ହୋଇ ନ ଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ସ୍ପଷ୍ଟ କରିଛି।

ଦୁଇଦିନିଆ ଭାରତ ଗସ୍ତରେ ଆସିଥିବା ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ଏକାଧିକ ଥର ଆଲୋଚନା ହୋଇଛି। କୋଭାଲମ୍‌ସ୍ଥିତ ଏକ ବିଳାସପୂର୍ଣ୍ଣ ହୋଟେଲରେ ପ୍ରତିନିଧିସ୍ତରୀୟ ଆଲୋଚନା ବେଳେ ପ୍ରଧାନମନ୍ତ୍ରୀ ମୋଦି କହିଥିଲେ, ବିଗତ ୨୦୦୦ ବର୍ଷ ଧରି ବିଶ୍ୱ ଅର୍ଥନୀତିର ଶକ୍ତି ପାଲଟିଥିବା ଭାରତ ଓ ଚାଇନା ପୁଣି ସେହି ସ୍ଥାନକୁ ଫେରିବାରେ ଲାଗିଛନ୍ତି। ଗତବର୍ଷ ଏପ୍ରିଲ ୨୭-୨୮ରେ ଉହାନରେ ହୋଇଥିବା ପ୍ରଥମ ଅନୌପଚାରିକ ଆଲୋଚନାର ଆବେଗ ଆମ ସମ୍ପର୍କକୁ ଏକ ନୂଆ ଗତି ପ୍ରଦାନ କରିଛି। ଦୁଇଦେଶ ମଧ୍ୟରେ ରହିଥିବା ମତଭେଦକୁ ବିବାଦରେ ପରିଣତ ହେବାକୁ ନ ଦେବା ଏବଂ ପାରସ୍ପରିକ ସ୍ୱାର୍ଥକୁ ସମ୍ମାନ ଦେବା ପାଇଁ ଆମେ ନିଷ୍ପତ୍ତି ନେଇଥିଲୁ। ଏବେ 'ଚେନ୍ନାଇ କନେକ୍ଟ' ସହଯୋଗର ଏକ ନୂଆ ଯୁଗ ଆରମ୍ଭ କରିବ ବୋଲି ମୋଦି କହିଥିଲେ। ଏହା ପୂର୍ବରୁ ତାଜ୍ ଫିଶରମ୍ୟାନ୍ସ କୋଭ୍ ରିସର୍ଟରେ ଦୁଇନେତାଙ୍କ ମଧ୍ୟରେ ପ୍ରାୟ ଘଣ୍ଟାଏ ଧରି ବ୍ୟକ୍ତିଗତ ଆଲୋଚନା ହୋଇଥିଲା। ସମୁଦ୍ର ଉପକୂଳର ମନଲୋଭା ଦୃଶ୍ୟକୁ ଉପଭୋଗ କରି ଉଭୟେ ବିଭିନ୍ନ ପ୍ରସଙ୍ଗରେ ଭାବ ବିନିମୟ କରିଥିଲେ। ଜିନ୍‌ପିଙ୍ଗ୍‌ଙ୍କ ଚିତ୍ର ଥିବା ଏକ ହାତବୁଣା ସିଲ୍କ କପଡ଼ା ମୋଦି ତାଙ୍କୁ ଉପହାର ଦେଇଥିଲେ। ଜିନ୍‌ପିଙ୍ଗ୍ ମଧ୍ୟ ମୋଦିଙ୍କ ଫଟୋ ଥିବା ଚିନାମାଟିର ପାତ୍ର ତାଙ୍କୁ ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନଙ୍କ ବେଜିଂ ଗସ୍ତ ବେଳେ ତାଙ୍କ ସହ ଆଲୋଚନା ହୋଇଥିବା ନେଇ ଜିନ୍‌ପିଙ୍ଗ୍ ମୋଦିଙ୍କୁ ଅବଗତ କରାଇଥିଲେ। ଭାରତର ଆତିଥ୍ୟରେ ଅଭିଭୂତ ହୋଇଥିବା ଜିନ୍‌ପିଙ୍ଗ୍ ପ୍ରଧାନମନ୍ତ୍ରୀଙ୍କୁ ତୃତୀୟ ପର୍ଯ୍ୟାୟ ଅନୌପଚାରିକ ଆଲୋଚନା ପାଇଁ ଚାଇନାକୁ ଆମନ୍ତ୍ରଣ କରିଛନ୍ତି। ଜିନ୍‌ପିଙ୍ଗ୍‌ଙ୍କ ନିମନ୍ତ୍ରଣକୁ ମୋଦି ଗ୍ରହଣ କରିଥିବା ବହିର୍ବ୍ୟାପାର ସଚିବ ବିଜୟ ଗୋଖଲେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

■ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ

# ୪୧ ଦାଦନ ସର୍ଦ୍ଦାର ଗିରଫ

■ ବେଆଇନ ଶ୍ରମିକ ଚାଲାଣ ରୋକିବାକୁ ପ୍ରୟାସ

■ ସର୍ଦ୍ଦାରଙ୍କ ମୁହଁ ଲୁଚାଇବାକୁ ହାଜର କଲାନି ପୋଲିସ

ନୂଆପଡା ଅଫିସ/ବଲାଙ୍ଗୀର ଅଫିସ/କଣ୍ଟାବାଞ୍ଜି, ୧୨।୧୦ (ଡି.ଏନ୍.ଏ.)

ପୋଲିସ ଡିଜି ବି.କେ. ଶର୍ମାଙ୍କ ନିର୍ଦ୍ଦେଶ କ୍ରମେ ବେଆଇନ ଶ୍ରମିକ ଚାଲାଣକାରୀ ବା ଦାଦନ ସର୍ଦ୍ଦାରଙ୍କ ବିରୋଧରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି । ଦାଦନ ପ୍ରବଣ ବଲାଙ୍ଗୀର ଓ ନୂଆପଡା ଜିଲାରେ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ କରାଯିବା ସହ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇ ସମୁଦାୟ ୪୧ଜଣ ସର୍ଦ୍ଦାରଙ୍କୁ ଗିରଫ କରାଯାଇଛି । ସେଥିମଧ୍ୟରୁ ବଲାଙ୍ଗୀର ଜିଲାର ୫ଟି ଥାନା ଅଞ୍ଚଳର ୨୫ ଦାଦନ ସର୍ଦ୍ଦାରଙ୍କୁ ଗିରଫ କରାଯାଇଥିବାବେଳେ ନୂଆପଡ଼ା ଜିଲାରୁ ୧୬ଜଣ ସର୍ଦ୍ଦାରଙ୍କୁ ଗିରଫ କରାଯାଇଛି ।

ଆମ ନୂଆପଡା ଅଫିସ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ସିନାପାଲି ଥାନା ଅଞ୍ଚଳରୁ ଶ୍ରମିକ ସର୍ଦ୍ଦାର ଅଭିରାମ ପଟେଲ(୩୯), ନିରଞ୍ଜନ ଘିଭେଲା(୪୦), ବୋଡେନ ଥାନା ବାଗବାହାଲର ନରେନ୍ଦ୍ର ସିଂ ଠାକୁର(୬୦)ଙ୍କୁ ଗିରଫ କରାଯାଇଛି। ଏହିଭଳି ବେଲଟୁକୁରୀ ଥାନା ଅଞ୍ଚଳର ଲକ୍ଷ୍ମୀନାରାୟଣ ଚନ୍ଦ୍ରକାର(୩୯), ନୀଳକଣ୍ଠ ଚନ୍ଦ୍ରକାର(୪୮), ମୁକେଶ ଚନ୍ଦ୍ରକାର(୪୪), କୋମନା ଥାନା ସିମେଲପାଲି ଗାଁର ମୁଜିବ ଖାନ୍(୪୮) ଏବଂ ଅଜୟ କୁମାର ☞ ପୃଷ୍ଠା-୪



କଣ୍ଟାବାଞ୍ଜି ଥାନାରେ ଗିରଫ ଦାଦନ ସର୍ଦ୍ଦାର ।

# ଭାଜପା ଛାଡ଼ିଲେ ଅଶୋକ ପାଣିଗ୍ରାହୀ

## ବିଜେଡି ଚକ୍ରାନ୍ତରେ ପଡ଼ି ଇସ୍ତଫା ଦେଇଛନ୍ତି: ପ୍ରଦୀପ

ବରଗଡ଼ ଅଫିସ୍/ ଭୁବନେଶ୍ୱର,୧୨।୧୦(ବ୍ୟୁରୋ)

ବିଜେପୁରର ଭାଜପା ନେତା ଅଶୋକ ପାଣିଗ୍ରାହୀ ଶନିବାର ଦଳରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କର ଇସ୍ତଫାପତ୍ର ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ନିକଟକୁ ପଠାଇ ଦେଇଛନ୍ତି। ଇସ୍ତଫା ସମ୍ପର୍କରେ ଅଶୋକ କହିଛନ୍ତି, ଭାଜପା ନେତୃତ୍ୱ ଏବଂ ଦଳ ଦ୍ୱାରା ଅଣଦେଖା ହେଲି। ତେଣୁ ଇସ୍ତଫା ଦେବାକୁ ବାଧ୍ୟ ହେଲି। ବିଜେଡିକୁ ଫେରିବେ କି ବୋଲି ପଚରାଯିବାରୁ ଅଶୋକ କହିଛନ୍ତି, ବର୍ତ୍ତମାନ କୌଣସି ଦଳରେ ଯୋଗଦେବାର ନିଷ୍ପତ୍ତି ନେଇନାହିଁ। ନିଜର କର୍ମୀ ଓ ସମର୍ଥକମାନଙ୍କୁ ପଚାରିବା ପରେ ପରବର୍ତ୍ତୀ ନିଷ୍ପତ୍ତି ନେବି। ଗତ ନିର୍ବାଚନରେ ନୀରବ ରହିଥିଲି। ସମର୍ଥକମାନେ ଭାଜପା ପାଇଁ ପ୍ରଚାର କରିଥିଲେ। ଚଳିତଥର ଭାଜପା ପାଇଁ ପ୍ରଚାର କରିବାକୁ କାହାକୁ ପ୍ରବର୍ତ୍ତାଇବେ ନାହିଁ ବୋଲି ଅଶୋକ ସ୍ପଷ୍ଟ କରିଛନ୍ତି।

୨୦୦୦ରେ ଅଶୋକ ବିଜେଡିରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୨୦୦୪ରେ ବିଜେଡି ପ୍ରାର୍ଥୀ ଭାବେ କଂଗ୍ରେସଠାରୁ ପରାଜିତ ହେବା ପରେ ୨୦୦୯ରେ ତାଙ୍କୁ ଟିକେଟ୍‌ରୁ ବଞ୍ଚିତ କରାଯାଇଥିଲା। ୨୦୧୪ରେ ସେ ସ୍ୱାଧୀନ ଭାବେ ପ୍ରାର୍ଥୀ ହୋଇ ବିଜେଡିର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ପରାଜୟର କାରଣ ☞ ପୃଷ୍ଠା-୪

**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**୧କୋଟି ଟଙ୍କାର ଗଞ୍ଜେଇ ଜବତ**

........୩........

**ଆଜିର ସମ୍ପାଦକୀୟ**

**ଭବିଷ୍ୟତର ପୂର୍ବାନୁମାନ**

**ଆଜିର ମନ୍ତବ୍ୟ**

" ସୂଚନା ଅଧିକାର (ଆର୍‌ଟିଆଇ) ସାଧାରଣ ଜନତାଙ୍କ ପାଇଁ ଏକ ବଡ଼ ଅସ୍ତ୍ର।

-ଅମିତ୍ ଶାହ, ସ୍ୱରାଷ୍ଟ୍ରମନ୍ତ୍ରୀ

**କିଛି ତଥ୍ୟ**

୨୦୧୮-୧୯ ଆର୍ଥିକ ବର୍ଷରେ ଚାଇନାକୁ ଭାରତର ରପ୍ତାନି ୧୫.୭% ବୃଦ୍ଧି ଘଟି ୧୮.୮୪ ବିଲିୟନ ଡଲାର ରହିଛି।

– ବାଣିଜ୍ୟ ମନ୍ତ୍ରଣାଳୟ


Taste the difference! Vencobb FRESH CHICKEN

12.10.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 68 | 116 | 126 |
| CTC | 67 | 115 | 125 |
| DKL | 67 | 115 | 125 |
| BDK | 66 | 114 | 124 |
| BLS | 67 | 115 | 125 |
| ANG | 68 | 116 | 126 |
| BHM | 65 | 113 | 123 |

*Conditions Apply

Issued in the Interest of Consumers







ମହାକାଶ ଇତିହାସରେ ଏକ ନୂଆ ଘଟଣା ଘଟିବାକୁ ଯାଉଛି। ଅକ୍ଟୋବର ୨୧ରେ ୨ ଜଣ ମହିଳା ମହାକାଶଚାରୀ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର ବାହାରେ ସ୍ପେସ୍ ୱାକ୍ କରିବେ। ମହାକାଶଚାରୀ ଜେସିକା ମୀର୍ ଏବଂ କ୍ରେଷ୍ଟିନା କୋଚ୍ ମହାକାଶ କେନ୍ଦ୍ର ବାହାରେ ଲାଗିଥିବା ସୋଲାର ପ୍ୟାନେଲ୍‌ରେ ଲିଥିୟମ୍ ବ୍ୟାଟେରିର ପରିବର୍ତ୍ତନ କରିବେ।

## ଆନ୍ତର୍ଜାତିକ ବିପର୍ଯ୍ୟୟ ପ୍ରଶମନ ଦିବସ

# ‘ବିପର୍ଯ୍ୟୟ’ ମୁକାବିଲାର ଆହ୍ୱାନ ଦିଏ

ଆନ୍ତର୍ଜାତିକ ବିପର୍ଯ୍ୟୟ ପ୍ରଶମନ ଦିବସ (ଇଣ୍ଟର୍‌ନ୍ୟାଶନାଲ ଡେ’ ଫର୍ ଡିଜାଷ୍ଟର ରିଡକ୍‌ଶନ) ବିଶ୍ୱରେ ପ୍ରତିବର୍ଷ ଅକ୍ଟୋବର ୧୩ରେ ପାଳନ କରାଯାଉଛି। ୧୯୮୯ରେ ପ୍ରତିବର୍ଷ ଅକ୍ଟୋବର ଦ୍ୱିତୀୟ ବୁଧବାରରେ ଏହି ଦିବସ ପାଳନ କରାଯିବା ପାଇଁ ଜାତିସଂଘ ସାଧାରଣ ପରିଷଦରେ ଘୋଷଣା କରାଯାଇଥିଲା। କିନ୍ତୁ ୨୧ ଡିସେମ୍ବର ୨୦୦୯ରେ ଜାତିସଂଘ ପ୍ରତିବର୍ଷ ଅକ୍ଟୋବର ୧୩ରେ ଉକ୍ତ ଦି ବ ସ ପାଳନ କରାଯିବା ପାଇଁ ସ୍ଥିର କରିଥିଲା। ବିଭିନ୍ନ ବିପର୍ଯ୍ୟୟ ପରିସ୍ଥିତିରେ ବିପଦ ହ୍ରାସ କରିବା ପାଇଁ ଏହି ଦିବସ ପାଳନ କରାଯାଇ ଲୋକମାନଙ୍କୁ ସଚେତନ କରାଯାଉଛି। ୟୁନାଇଟେଡ୍ ନେଶନ୍ସ ଡିଜାଷ୍ଟର୍ ରିସ୍କ ରିଡକ୍‌ଶନ (ୟୁଏନ୍‌ଡିଆର୍‌ଆର୍) ଦ୍ୱାରା ସେଣ୍ଡାଇ ସେଭେନ କ୍ୟାମ୍ପେନ ୨୦୧୬ରେ ଆରମ୍ଭ କରାଯାଇଥିଲା, ଯାହା ସେଣ୍ଡାଇ ଫ୍ରେମ୍‌ୱାର୍କ ନାମରେ ୭ଟି ଲକ୍ଷ୍ୟ ଉପରେ ଆଧାରିତ। ସେଣ୍ଡାଇ ଫ୍ରେମ୍‌ୱାର୍କ ଏକ ପ୍ରଗତିଶୀଳ ଢାଞ୍ଚା, ଯାହା ୨୦୩୦ ସୁଦ୍ଧା ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ହେଉଥିବା କ୍ଷତି ଓ ଏହାଦ୍ୱାରା ପ୍ରଭାବିତ ଲୋକଙ୍କ ସଂଖ୍ୟା କମ୍ କରିବାକୁ ଲକ୍ଷ୍ୟ ରଖିଛି। ଏହି ଦିବସର ମୂଳ ଲକ୍ଷ୍ୟ ହେଉଛି ସେଣ୍ଡାଇ ଫ୍ରେମ୍‌ୱାର୍କକୁ କାର୍ଯ୍ୟକାରୀ କରିବା। ଏହା ବାଧ୍ୟତାମୂଳକ କରାଯାଇନି। ସ୍ୱେଚ୍ଛାକୃତ ଭାବେ କୌଣସି ରାଷ୍ଟ୍ର ବିପର୍ଯ୍ୟୟଜନିତ କ୍ଷୟକ୍ଷତି ଓ ଏହାଦ୍ୱାରା ପ୍ରଭାବିତ ବ୍ୟବସ୍ଥାକୁ ସୁଧାରିବାରେ ପ୍ରାଥମିକତା ବୋଲି ମନେକରି କାର୍ଯ୍ୟକାରୀ କରିପାରିବେ। ଏହା ହେଲେ ବିପର୍ଯ୍ୟୟଜନିତ ବିପଦ କମ୍ କରାଯିବା ସହ ଧନଜୀବନ ରକ୍ଷା ତଥା ମୂଳ ବ୍ୟବସ୍ଥାରେ ଶୀଘ୍ର ସୁଧାର ଅଣାଯାଇପାରିବ। କହିବାକୁ ଗଲେ ସେଣ୍ଡାଇ ସେଭେନ କୌଣସି ଦେଶର ସରକାର ସହ ସ୍ଥାନୀୟ ସରକାର ,ବିଭିନ୍ନ ଗୋଷ୍ଠୀ, ସାମାଜିକ ସଂଘ, ବେସରକାରୀ ଅନୁଷ୍ଠାନ, ଆନ୍ତର୍ଜାତିକ ଅନୁଷ୍ଠାନ ପ୍ରାକୃତିକ ବିପର୍ଯ୍ୟୟ କ୍ଷୟକ୍ଷତି ହ୍ରାସ କରିବା ପାଇଁ ସେମାନଙ୍କ ସ୍ତରରେ ଉଦ୍ୟମ କରିବାର ଏକ ସୁଯୋଗ ଆଣିଦେଇଛି। ୨୦୧୯ରେ ଆନ୍ତର୍ଜାତିକ ବିପର୍ଯ୍ୟୟ ପ୍ରଶମନ ଦିବସର ସ୍ଲୋଗାନ୍ ରଖାଯାଇଛି ‘ମହତ୍ତ୍ୱପୂର୍ଣ୍ଣ ମୂଳ ବ୍ୟବସ୍ଥାରେ ବିପର୍ଯ୍ୟୟଜନିତ କ୍ଷୟକ୍ଷତି ଓ ଆବଶ୍ୟକ ସେବାର ବାଧା ହ୍ରାସ କରିବା’।



ବିପର୍ଯ୍ୟୟରେ ପ୍ରଭାବିତ ହେଉଥିବା ଶିକ୍ଷା, ସ୍ୱାସ୍ଥ୍ୟ ଆଦି ମହତ୍ତ୍ୱପୂର୍ଣ୍ଣ ବ୍ୟବସ୍ଥା ସୁବିଧାକୁ ୨୦୩୦ ସୁଦ୍ଧା ପୁଣି ଫେରାଇ ଆଣିବା ଏହି ଦିବସର ଉଦ୍ଦେଶ୍ୟ। ଜୀବନରକ୍ଷାକାରୀ ବ୍ୟବସ୍ଥା, ଖାଦ୍ୟ,ପାନୀୟ ଜଳ, ବିଦ୍ୟୁତ୍, ଟେଲି ଯୋଗାଯୋଗ ଏବଂ ପରିବହନର ଯତ୍ନ ଉପରେ ବି ଏହି ଦିବସ ଗୁରୁତ୍ୱ ଦେଇଆସୁଛି। ଏଣୁ ବିପର୍ଯ୍ୟୟର ମୁକାବିଲା କରିବା ଉପରେ ସଚେତନ କରିବା, ବିଶ୍ୱସ୍ତରରେ ଏହାଯୋଗୁ ଉପୁଜୁଥିବା ସମସ୍ୟା ଉପରେ ଅବଗତ କରିବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ। ଉକ୍ତ ଦିବସ ପାଳନ କରିବାର ଅର୍ଥ ମାନବିକତାର କର୍ତ୍ତବ୍ୟ ତଥା ଉପଲବ୍ଧିକୁ ସୁଦୃଢ଼ କରିବା।

# ଗିରଫ ହୋଇପାରନ୍ତି ଅମିଷା



**ନୂଆଦିଲ୍ଲୀ:** ବଲିଉଡ୍ ଅଭିନେତ୍ରୀ ଅମିଷା ପଟେଲ ଅଡୁଆରେ ପଡ଼ିପାରନ୍ତି। ଅମିଷାଙ୍କୁ ପୋଲିସ କୌଣସି ମୁହୂର୍ତ୍ତରେ ଗିରଫ କରିପାରେ। ଧୋକାଦେବା, ଠକିବା ଓ ଧମକାଇବା ଅଭିଯୋଗରେ ଅମିଷା ଗିରଫ ହୋଇପାରନ୍ତି। ପ୍ରକୃତରେ ଅମିଷା ଓ ତାଙ୍କ ବନ୍ଧୁ କୁନାଲ୍ ଘୁମରଙ୍କ ନାଁରେ ଜଣେ ପ୍ରଯୋଜକଙ୍କୁ ତିନି କୋଟି ଟଙ୍କା ଠକିଥିବା ମାମଲା ରହିଛି। ପ୍ରଯୋଜକଙ୍କୁ ଉଧାର ଶୁଝିବାକୁ ଅମିଷା ଦେଇଥିବା ୩କୋଟି ଟଙ୍କା ଚେକ୍ ବାଉନ୍ସ ହେବା ନେଇ କୋର୍ଟରେ ମାମଲା ଚାଲିଛି। ତେବେ କୋର୍ଟଙ୍କ ସମନ୍‌କୁ ବେଖାତିର କରି ହାଜର ନ ହେବାରୁ କୋର୍ଟ ଏବେ ଅମିଷାଙ୍କ ବିରୁଦ୍ଧରେ ଗିରଫ ୱାରେଣ୍ଟ ଜାରି କରିଛନ୍ତି। ବାରମ୍ବାର କୋର୍ଟଙ୍କ ସମନ୍‌କୁ ଖାତିର୍ ନ କରିବା ଓ କୋର୍ଟରେ ହାଜର ନ ହେବା ଅଭିଯୋଗରେ ରାଞ୍ଚି କୋର୍ଟ ଗତ ୪ତାରିଖରେ ଅମିଷାଙ୍କ ବିରୁଦ୍ଧରେ ୱାରେଣ୍ଟ ଜାରି କରିଛି। ତେବେ ଯାନ୍ତ୍ରିକ ସମସ୍ୟା ଯୋଗୁ ରାଞ୍ଚି ପୋଲିସକୁ କିନ୍ତୁ ଏହି ୱାରେଣ୍ଟ ୯ତାରିଖରେ ମିଳିଥିଲା। ତେବେ କୌଣସି ମୁହୂର୍ତ୍ତରେ ଅମିଷା ପଟେଲ ଓ ତାଙ୍କ ବନ୍ଧୁ କୁନାଲଙ୍କୁ ରାଞ୍ଚୀ ପୋଲିସ୍ ଗିରଫ କରିବା ସମ୍ଭାବନା ରହିଛି। ଫିଲ୍ମ ‘ଦେଶୀ ମେଜିକ୍’ପାଇଁ ପ୍ରଯୋଜକ ଅଜୟ କୁମାର ଅମିଷାଙ୍କୁ ୩କୋଟି ଟଙ୍କା ଉଧାର ଦେଇଥିଲେ। ତେବେ ଅମିଷା ନା ଫିଲ୍ମକୁ ନେଇ ଆଗେଇଲେ ନା ପ୍ରଯୋଜକଙ୍କୁ ଟଙ୍କା ଫେରସ୍ତ ଦେଇଥିଲେ। ବାରମ୍ବାର ଟଙ୍କା ବାବଦରେ ପଚାରିବା ପରେ ମଧ୍ୟ ଅମିଷା କଥା ବୁଲାଇଦେଉଥିଲେ। ପ୍ରଯୋଜକ ଅନେକ ଥର ଟଙ୍କା ମାଗିବା ପରେ ଶେଷରେ ୨.୫ କୋଟିର ଏକ ଚେକ୍ ପ୍ରଯୋଜକଙ୍କୁ ଧରେଇଦେଇଥିଲେ ଅମିଷା, ଯାହା ବ୍ୟାଙ୍କରେ ବାଉନ୍ସ ହୋଇଯାଇଥିଲା। ଏହାପରେ ଅମିଷାଙ୍କ ବିରୁଦ୍ଧରେ ଅଜୟ ଥାନାରେ ଅଭିଯୋଗ କରିଥିଲେ।

## ଗୋଟିଏ ରୁମ୍‌ରେ ୫ଟି କ୍ଲାସ୍

# ଜଣେ ଛାତ୍ରଙ୍କୁ ୩ ଶିକ୍ଷକ

**ଭୋପାଳ:** ଘର, ମଧ୍ୟାହ୍ନଭୋଜନ, ଶିକ୍ଷା ଉପକରଣ ତଥା ମାଗଣାରେ ବହି ଓ ପୋଷାକ ସରକାର ଯୋଗାଇ ଦେଉଥିଲେ ବି ଭୋପାଳର ଏକ ପ୍ରାଥମିକ ସ୍କୁଲ ଏ ସବୁଥିରୁ ବଞ୍ଚିତ। ଶିକ୍ଷା ବିଭାଗର ମୁଖ୍ୟ ଦପ୍ତରଠାରୁ ପ୍ରାୟ ଦେଢ଼ କିଲୋମିଟର ତଥା ମଧ୍ୟପ୍ରଦେଶ ବିଧାନସଭା ଭବନଠାରୁ ୧ କିଲୋମିଟର ଦୂରରେ ଥିବା ଏକ ସରକାରୀ ପ୍ରାଥମିକ ସ୍କୁଲ ଚାଲିଛି ଗୋଟିଏ ରୁମ୍‌ରେ। ସେହି ରୁମ୍‌ରେ ତିନି ଜଣ ଶିକ୍ଷକ ଓ ପିଲାମାନେ ଏକାଠି ବସୁଛନ୍ତି। ପ୍ରଥମରୁ ପଞ୍ଚମ ଯାଏ ରହିଛି ଏହି ସ୍କୁଲରେ। ପାଞ୍ଚଟି ଶ୍ରେଣୀରେ ମୋଟ୍‌ରେ ୧୨ ଜଣ ପିଲା ପଢୁଛନ୍ତି ଆଉ ବସୁଛନ୍ତି ସେହି ଗୋଟିଏ ରୁମ୍‌ରେ। ସ୍କୁଲ ପାଖରେ ଥିବା ବସ୍ତିର ଏହି ପିଲାମାନେ ମାତାପିତାଙ୍କ ସହ କାମକୁ ଚାଲିଯାଆନ୍ତି। ଏମିତି ବି ହେଉଛି ,ବେଳେବେଳେ ଶିକ୍ଷକଙ୍କ ସଂଖ୍ୟାଠାରୁ ପିଲାଙ୍କ ସଂଖ୍ୟା କମ୍ ରହେ। ଅକ୍ଟୋବର ୧୧ରେ ଏହି ସ୍କୁଲରେ ତିନି ଜଣ ଶିକ୍ଷକ ଥିବାବେଳେ ଜଣେ ଛାତ୍ର ଉପସ୍ଥିତ ରହିବା ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଅବସ୍ଥା କେବଳ ରାଜଧାନୀର ସରକାରୀ ସ୍କୁଲ୍‌ର ନୁହେଁ,ରାଜ୍ୟର ୬ ହଜାରରୁ ଊର୍ଦ୍ଧ୍ୱ ସରକାରୀ ସ୍କୁଲ ଚାଲିଛି ଗୋଟିଏ କି ଦୁଇଟି ରୁମ୍‌ରେ। କେବଳ ଭୋପାଳରେ ଗୋଟିଏ ରୁମ୍‌ରେ ଗୋଟିଏ ସ୍କୁଲ୍ ଓ ଦୁଇଟି ରୁମ୍‌ରେ ଚାଲିଛି ୯୨ଟି ସ୍କୁଲ୍। ଏଭଳି ଅବସ୍ଥା ଦେଖି ମଧ୍ୟପ୍ରଦେଶ ସରକାର କେତେକ ସ୍କୁଲକୁ ଅନ୍ୟ ସ୍କୁଲ୍ ପରିସରକୁ ସ୍ଥାନାନ୍ତର କରିଛନ୍ତି। ଏମିତିକି ୧୯ ହଜାରରୁ ଊର୍ଦ୍ଧ୍ୱ ସ୍କୁଲ୍ ବନ୍ଦ ହୋଇଥିବା କୁହାଯାଇଛି। କେବଳ ଭୋପାଳ ଜିଲାରେ ଏହି କାରଣରୁ ୪୨୩ଟି ପ୍ରାଥମିକ ସ୍କୁଲ୍ ବନ୍ଦ ହୋଇଥିବା ଜଣାପଡିଛି।

# ପବନରେ ଝୁଲୁଛି ମନ୍ଦିର



**ବେଜିଂ:** ଚାଇନାରେ ଦୀର୍ଘ ୧୫ଶହ ବର୍ଷ ହେବ ଏକ ମନ୍ଦିର ପବନରେ ଝୁଲୁଥିବା କୁହାଯାଏ। ଚାଇନାର ଏହା ଏକମାତ୍ର ମନ୍ଦିର ଯାହା ଦୀର୍ଘ ବର୍ଷ ହେଲା ପବନରେ ଝୁଲୁଥିବା ଲୋକେ କୁହନ୍ତି। ତେବେ ଏହି ମନ୍ଦିର, ବୁଦ୍ଧ, ତାଓ ଓ କନଫୁସିୟସ୍ ଏହି ୩ଟି ଶୈଳୀରେ ନିର୍ମାଣ କରାଯାଇଛି। ପାହାଡ଼ ଧାରରେ ନିର୍ମାଣ କରାଯାଇଥିବା ଏହି ମନ୍ଦିରକୁ ଦେଖିଲେ ଲାଗିବ ସତେ ଯେମିତି ମନ୍ଦିରଟି ପବନରେ ଝୁଲୁଛି। ପାହାଡ ମଧ୍ୟରୁ ବାହାରିଥିବା ଏକ ବଡ ପଥର ମନ୍ଦିରକୁ ବର୍ଷାରୁ ରକ୍ଷା କରିବା ପାଇଁ ସାହାଯ୍ୟ କରିଥାଏ। ଭୂମିଠାରୁ ଏହା ପାଖାପାଖି ୫୦ ମିଟର ଉଚ୍ଚରେ ରହିଛି। ଫଳରେ ଏହି ଅଞ୍ଚଳକୁ ବନ୍ୟା ଆସିଲେ ମଧ୍ୟ ମନ୍ଦିରର କୌଣସି କ୍ଷତି କରିପାରେ ନାହିଁ। କାଠରେ ତିଆରି କରାଯାଇଥିବା ଏହି ମନ୍ଦିରରେ ସୂର୍ଯ୍ୟ ଉଦୟଠାରୁ ଅସ୍ତ ପର୍ଯ୍ୟନ୍ତ ମାତ୍ର ୩ଘଣ୍ଟା ପାଇଁ ସୂର୍ଯ୍ୟ କିରଣ ପଡିଥାଏ।

# ନଭେମ୍ବରରେ ଆସିବ ଜ୍ୟାକ୍‌ଲିନ୍‌ଙ୍କ ‘ଡ୍ରାଇଭ୍’



**ମୁମ୍ବାଇ:** ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜ୍ ଓ ସୁଶାନ୍ତ ସିଂ ରାଜପୁତ ଅଭିନୀତ ଫିଲ୍ମ ‘ଡ୍ରାଇଭ୍’ର ଦ୍ୱିତୀୟ ଗୀତ ରିଲିଜ୍ ହୋଇଛି। ଅବଶ୍ୟ ଗୀତଟି ବେଶି ଫୋକସ୍ କରିଛି ନାୟିକା ଜ୍ୟାକଲିନଙ୍କ ଆଡକୁ। ତେଣୁ ଏଥିରେ ଜ୍ୟାକଲିନଙ୍କୁ ଖୁବ୍ ବୋଲ୍ଡ ଓ ସେକ୍ସି ଅନ୍ଦାଜରେ ଦେଖିବାକୁ ମିଳିଛି। ମାତ୍ର କିଛି ସମୟ ମଧ୍ୟରେ ଏହାକୁ ଭଲ ଭ୍ୟୁଜ ମିଳିଥିବା ଦେଖାଯାଇଛି। କାରଣ ଗୀତରେ ଜ୍ୟାକଲିନଙ୍କ ବୋଲ୍ଡ ଅନ୍ଦାଜ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ଫିଲ୍ମ ‘ଡ୍ରାଇଭ୍’ ନେଟ୍‌ଫ୍ଲିକ୍ସରେ ନଭେମ୍ବର ୧ରେ ରିଲିଜ୍ ହେବ ବୋଲି ଜଣାପଡିଛି। ବଲିଉଡ୍ ନିର୍ଦ୍ଦେଶକ କରନ ଜୋହରଙ୍କର ଏହା ଡିଜିଟାଲ ଡେବ୍ୟୁ। ଏହା ପୂର୍ବରୁ ଫିଲ୍ମର ପ୍ରଥମ ଗୀତ ‘ମଖନା’ ରିଲିଜ୍ କରାଯାଇଥିବା ବେଳେ ଏହାର ପ୍ରଥମ ପୋଷ୍ଟର ମଧ୍ୟ ରିଲିଜ୍ କରାଯାଇଛି। ଏବେ ଦର୍ଶକ କରନଙ୍କ ଡିଜିଟାଲ ଡେବ୍ୟୁକୁ ବଡ ଉତ୍ସାହର ସହ ଅପେକ୍ଷା ରଖିଛନ୍ତି।

## କାମିନୀ ରୟଙ୍କୁ ମନେପକାଇଲା ଗୁଗଲ୍

# ମହିଳାଙ୍କ ମତଦାନ ଅଧିକାର ପାଇଁ ଲଢ଼େଇ କରିଥିଲେ



**କୋଲ୍‌କାତା:** ବଙ୍ଗଳା କବୟିତ୍ରୀ, ସମାଜ ସଂସ୍କାରକ ତଥା ଭାରତର ପ୍ରଥମ ମହିଳା ସ୍ନାତକ ଡିଗ୍ରୀ (ସମ୍ମାନ)ଧାରୀ କାମିନୀ ରୟଙ୍କ ୧୫୫ତମ ଜୟନ୍ତୀରେ ଗୁଗଲ୍ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛି। ୧୮୬୪ ଅକ୍ଟୋବର ୧୨ରେ ତତ୍କାଳୀନ ଅବିଭକ୍ତ ବଙ୍ଗଳାର ବେକର୍‌ଗଞ୍ଜ୍ ଜିଲା ଅନ୍ତର୍ଗତ ବାସନ୍ଦ ଗ୍ରାମ(ଏବେକାର ବାଂଲାଦେଶର ବାରିଶାଲ୍ ଜିଲା)ରେ ରୟ ଜନ୍ମଗ୍ରହଣ କରିଥିଲେ। ମହିଳାଙ୍କ ଭୋଟଦାନ ଅଧିକାରର ପ୍ରଚାର ପ୍ରସାର କ୍ଷେତ୍ରରେ ସେ ମୁଖ୍ୟ କର୍ଣ୍ଣଧାର ଥିଲେ। ବ୍ରିଟିଶ୍ ନେତୃତ୍ୱାଧୀନ ଭାରତର ପ୍ରଥମ ଝିଅଭାବେ ସେ ସ୍କୁଲରେ ପାଦ ଥାପିଥିଲେ। କାମିନୀ ବଙ୍ଗଳାର ସମ୍ଭ୍ରାନ୍ତ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଚଣ୍ଡୀ ଚରଣ ସେନ୍ ଜଣେ ଜଜ୍ ତଥା ଲେଖକ ଭାବେ ପରିଚିତ ଥିଲେ, ଯାହାଙ୍କ ପ୍ରଭାବ କାମିନୀଙ୍କ ଉପରେ ପଡ଼ିଥିଲା। ପଢ଼ିବା ଏବଂ ତାର୍କିକ ବିଚାରର ନିଶା ତାଙ୍କ ମଧ୍ୟରେ ଭରି ରହିଥିଲା। ୧୮୮୬ରେ ସେ ବେଥନ୍ କଲେଜରୁ କଳାରେ ସ୍ନାତକ ଡିଗ୍ରୀ(ସଂସ୍କୃତ ସମ୍ମାନ ସହ)ହାସଲ କରିଥିଲେ। ପ୍ରଥମ ମହିଳାଭାବେ ଏଭଳି ସଫଳତା ହାସଲ କରିଥିବାରୁ ତାଙ୍କୁ ସେହି କଲେଜରେ ହିଁ ଶିକ୍ଷକତା କରିବା ପାଇଁ ସୁଯୋଗ ମିଳିଥିଲା। ସେଠାରେ ସେ ୧୮୯୪ ପର୍ଯ୍ୟନ୍ତ ଶିକ୍ଷକତା କରିଥିଲେ। ରୟ ମହିଳାଙ୍କ ଶିକ୍ଷା ଓ ଅଧିକାର ପାଇଁ ଲଢ଼େଇ କରୁଥିବା ଲୋକପ୍ରିୟ ଅବଳା ବୋଷ୍‌ଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ମଧ୍ୟ ମହିଳାଙ୍କ ଅଧିକାର ପାଇଁ ଜଣେ ଆଗଧାଡ଼ିର ପ୍ରବକ୍ତା ପାଲଟିଥିଲେ। ମହିଳାଙ୍କ ଭୋଟଦାନ ଅଧିକାରକୁ ନିଶ୍ଚିତ କରିବା ପାଇଁ ସେ ବଙ୍ଗଳାରେ ପ୍ରଚାର କରିଥିଲେ। ସେ ୧୯୨୨-୨୩ରେ ୱିମେନ୍ ଲେବର୍ ଇନ୍‌ଭେଷ୍ଟିଗେଶନ୍ କମିଶନ୍‌ର ସଦସ୍ୟା ମଧ୍ୟ ରହିଥିଲେ। ଏହାସହ ସେ କମ୍ ବୟସରୁ ହିଁ କବିତା ରଚନା ଆରମ୍ଭ କରିଥିଲେ। ୧୮୮୯ରେ ତାଙ୍କ ରଚିତ ପ୍ରଥମ କବିତା ସଂକଳନ ‘ଆଲୋ ଓ ଛାୟା’ ପ୍ରକାଶିତ ହୋଇଥିଲା। ପରବର୍ତ୍ତୀ ସମୟରେ ତାଙ୍କର ଅନେକ ଶିଶୁ କବିତା, ନାଟକ ଓ ପ୍ରବନ୍ଧ ପୁସ୍ତିକା ପ୍ରକାଶିତ ହୋଇଥିଲା। ୧୯୩୦ ରେ ବଙ୍ଗଳା ସାହିତ୍ୟ ସମ୍ମିଳନୀର ସଭାନେତ୍ରୀ ମଧ୍ୟ ରହିଥିଲେ। ଏହା ବ୍ୟତୀତ ସେ ୧୯୩୨-୩୩ ରେ ବଙ୍ଗୀୟ ସାହିତ୍ୟ ପରିଷଦର ଉପ ସଭାନେତ୍ରୀ ପଦ ଅଳଙ୍କୃତ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ। ସାହିତ୍ୟ କ୍ଷେତ୍ରରେ କାମିନୀଙ୍କ ଅବଦାନ ପାଇଁ ୧୯୨୯ରେ କଲିକତା ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ମାନଜନକ ‘ଜଗତ୍ତାରିଣି’ ସମ୍ମାନରେ ସମ୍ମାନିତ କରାଯାଇଥିଲା। ୧୯୩୩ରେ ତାଙ୍କ ପରଲୋକରେ ବଙ୍ଗଳା ସାହିତ୍ୟ ଜଗତରେ ଏକ ଅପୂରଣୀୟ ସ୍ଥାନ ସୃଷ୍ଟି ହୋଇଥିଲା। ଏହି ମହିୟଶୀ ମହିଳାଙ୍କ ସ୍ମୃତିଚାରଣ କରି ଡୁଡଲ୍ କରିଛି ଗୁଗଲ୍।

# ଲୁଟ୍‌ର ଶିକାର ହେଲେ ମୋଦିଙ୍କ ଝିଆରୀ

**ନୂଆଦିଲ୍ଲୀ:** ଦେଶରେ ଚୋରି, ଛିନ୍ତାଇ ଘଟଣା ନୂଆ ନୁହେଁ। ତେବେ ଏଭଳି ଘଟଣା ଘଟିଛି ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଝିଆରୀଙ୍କ ସହ। ଦିଲ୍ଲୀସ୍ଥିତ ସିଭିଲ୍ ଲାଇନ୍ ଅଞ୍ଚଳରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଝିଆରୀ ଦମୟନ୍ତୀ ବେନ୍ ଯେତେବେଳେ ଏକ ଅଟୋରିକ୍ସାରୁ ଓହ୍ଲାଉଥିଲେ, ସେ ଛିନ୍ତାଇର ଶିକାର ହୋଇଥିବା ଜଣାପଡ଼ିଛି। ଲୁଟେରାମାନେ ଦମୟନ୍ତୀଙ୍କ ପର୍ସ ଛଡ଼ାଇ ନେଇଥିଲେ, ଯେଉଁଥିରେ ୫୬ହଜାର ନଗଦ ଟଙ୍କା ସହ ଦୁଇଟି ମୋବାଇଲ ଓ ଅନ୍ୟାନ୍ୟ ଜରୁରୀ କାଗଜପତ୍ର ଥିଲା। ଏ ନେଇ ପୋଲିସ ନିକଟରେ ଅଭିଯୋଗ ହେବାପରେ ଦମୟନ୍ତୀ ପ୍ରଧାନମନ୍ତ୍ରୀ ମୋଦିଙ୍କ ଭାଇଙ୍କ ଝିଅ ବୋଲି ଜଣାପଡ଼ିଥିଲା। ଅଭିଯୋଗ ଅନୁସାରେ, ଦମୟନ୍ତୀ ଶନିବାର ଅମୃତସରରୁ ଦିଲ୍ଲୀ ଆସି ପହଞ୍ଚିଥିଲେ। ସିଭିଲ୍ ଲାଇନ୍‌ସ୍ଥିତ ଗୁଜରାଟୀ ସମାଜ ଭବନଠାରେ ତାଙ୍କର ରହିବା ବ୍ୟବସ୍ଥା ହୋଇଥିଲା। ତେବେ ଶନିବାର ସନ୍ଧ୍ୟାରେ ହିଁ ତାଙ୍କର ଅହମ୍ମଦାବାଦ ଫେରିଯିବାର ଥିଲା। ତେବେ ଦିଲ୍ଲୀ ପହଞ୍ଚିବା ପରେ ଅଟୋରିକ୍ସାରେ ଆସି ଗୁଜରାଟୀ ସମାଜ ସମ୍ମୁଖରେ ଓହ୍ଲାଇବା କ୍ଷଣି ହଠାତ୍ ଦୁଇଟି ବାଇକରେ ଦୁର୍ବୃତ୍ତମାନେ ଆସି ଏଭଳି କାଣ୍ଡ ଘଟାଇଥିଲେ। ଏନେଇ ଦମୟନ୍ତି ସ୍ଥାନୀୟ ଥାନାରେ ଛିନ୍ତାଇର ଅଭିଯୋଗ କରିଛନ୍ତି ଏବଂ ପୋଲିସ ଏହାର ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରୁ ସିସିଟିଭି ଫୁଟେଜ୍ ରୁ ଚୋରକୁ ଧରିବାର ପ୍ରୟାସ କରୁଛି ପୋଲିସ। ପ୍ରକାଶଯୋଗ୍ୟ, ଘଟଣାସ୍ଥଳରୁ କିଛି କିଲୋମିଟର ଦୂରରେ ଦିଲ୍ଲୀ ଉପରାଜ୍ୟପାଳ ଅନିଲ ବଜାଜ୍ ଓ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ବାସଭବନ ଅବସ୍ଥିତ।



# ଦୀପାବଳିରେ ପରଦାକୁ ଆସିବ ‘ମେଡ୍ ଇନ୍ ଚାଇନା’



**ମୁମ୍ବାଇ:** ଦୀପାବଳି ଅବସରରେ ରିଲିଜ୍ ହେବ ରାଜକୁମାର ରାଓଙ୍କ ଅଭିନୀତ ଫିଲ୍ମ ‘ମେଡ୍ ଇନ୍ ଚାଇନା’। ଶୁକ୍ରବାର ଏହାର ପ୍ରମୋ ରିଲିଜ୍ ହୋଇଛି। ଏଥିରେ ରାଜକୁମାରଙ୍କୁ ଜଣେ ସଂଘର୍ଷରତ ଗୁଜରାଟୀ ବ୍ୟବସାୟୀ ଭାବେ ଦେଖିବାକୁ ମିଳିବ। ବ୍ୟବସାୟ ବଢ଼ାଇବା ପାଇଁ ସେ କିଭଳି କୌଶଳ ଆପଣେଇଛନ୍ତି ଓ କିପରି ଜଣେ ବିରାଟ ଉଦ୍ୟୋଗପତି ହୋଇଛନ୍ତି ତାହା ଫିଲ୍ମର କାହାଣୀ ରହିଛି। ରିୟଲିଟି ଶୋ’ ନାଗିନ୍‌ର ମୁଖ୍ୟ ନାୟିକା ମୋନି ରୟ ଫିଲ୍ମରେ ରାଜକୁମାରଙ୍କ ସ୍ତ୍ରୀ ରକ୍ମିଣୀ ଭୂମିକାରେ ନଜର ଆସିଛନ୍ତି। ସେହିଭଳି ପରେଶ ରାୱଲ ଓ ଗଜରାଜ ରାଓ ମୁଭିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ଦୀପାବଳି ଅବସରରେ ରାଜକୁମାରଙ୍କ ‘ମେଡ୍ ଇନ୍ ଚାଇନା’ ସହିତ ତାପସୀ ପନ୍ନୁ ଓ ଭୂମି ପାଡେନକରଙ୍କ ଅଭିନୀତ ‘ଷାଣ୍ଡ କି ଆଁଖ୍’ ଏବଂ ଅକ୍ଷୟ କୁମାରଙ୍କ ‘ହାଉସ୍‌ଫୁଲ୍-୪’ ମୁକ୍ତିଲାଭ କରିବ। ଅନ୍ୟପଟେ ଭର୍ସାଟାଇଲ ଆକ୍ଟର ଆୟୁଷ୍ମାନ ଖୁରାନାଙ୍କ ଅଭିନୀତ ‘ବାଲା’ ଟ୍ରେଲର ମଧ୍ୟ ଶୁକ୍ରବାର ରିଲିଜ ହୋଇଛି। ଏଥିରେ ଆୟୁଷ୍ମାନଙ୍କୁ ଜଣେ ଚନ୍ଦା ବ୍ୟକ୍ତିଙ୍କ ଚରିତ୍ରରେ ଦେଖିବାକୁ ମିଳିଛି। ଚନ୍ଦାପଣ ଯୋଗୁ ବିଭିନ୍ନ ଜାଗାରେ ମଜାକ୍ ଉଡୁଥିବାବେଳେ ମୁଣ୍ଡରେ ନୂଆ ଚୁଟି ଉଠାଇବା ପାଇଁ ସେ କ’ଣ ସବୁ ଉପାୟ ଆପଣାଉଛନ୍ତି ଫିଲ୍ମରେ ତାହା ଦେଖିବାକୁ ମିଳିବ। ଅମର କୌଶିକ୍‌ଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଫିଲ୍ମରେ ଭୂମି ପାଡେନକର, ୟାମି ଗୌତମ, ସୌରଭ ଶୁକ୍ଲା, ଜାଭେଦ୍ ଜାଫରୀଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ନଭେମ୍ବର ୭ ତାରିଖରେ ସିନେମା ଘରେ ଏହା ମୁକ୍ତିଲାଭ କରିବ।



❝ ଏ ସୁନ୍ଦର ପୃଥିବୀରେ ମୁଁ ମରିବାକୁ ଚାହେଁ ନାହିଁ,
ମଣିଷମାନଙ୍କ ମଧରେ ବଞ୍ଚି ରହିବାକୁ ଚାହେଁ।
- ରବୀନ୍ଦ୍ରନାଥ ଟାଗୋର



# ଚାଲାଣ ବେଳେ ୧କୋଟି ଟଙ୍କାର ଗଞ୍ଜେଇ ଜବତ

**ବଲାଙ୍ଗୀର ଅଫିସ, ୧୨।୧୦**

■ଡ୍ରାଇଭର ଗିରଫ
■ମାଲକାନଗିରିରୁ କଟକ ଚାଲାଣ ହେଉଥିଲା
■ମିଳିଲା ଗଞ୍ଜେଇ ଚୋରାଚାଲାଣ ରୁଟ୍‌ର ପତ୍ତା
■ଜବତ୍ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ କୋଟି
■ବ୍ରଏଲର କୁକୁଡ଼ା ଖାଦ୍ୟ ବସ୍ତାରେ ଚାଲାଣ ହେଉଥିଲା
■ବିଭିନ୍ନ ଜିଲାର ଗଞ୍ଜେଇ ଡିପୋରେ ଅନ୍‌ଲୋଡ ଅନୁମାନ

ବଲାଙ୍ଗୀର ପୋଲିସ ଶୁକ୍ରବାର ରାତିରେ ଏକ ହାଇୱାରେ ଚାଲାଣ ହେଉଥିବା ୧୦ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଓଜନର ଗଞ୍ଜେଇକୁ ଜବତ କରିଛି। ଜବତ୍ ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୧ କୋଟି ଟଙ୍କା ହେବ ବୋଲି କୁହାଯାଇଛି। ବ୍ରଏଲର କୁକୁଡ଼ା ଖାଦ୍ୟ ବସ୍ତାରେ ଏହି ଗଞ୍ଜେଇ ଭର୍ତ୍ତି ହୋଇ ଚାଲାଣ ହେଉଥିଲା। ଗିରଫ ହାଇୱା ଡ୍ରାଇଭର ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅନ୍ତର୍ଗତ କୋଶଲା ଗ୍ରାମର ନିରଞ୍ଜନ ପ୍ରଧାନ ବୋଲି ଜଣାପଡିଛି।

ମାଲକାନଗିରିରୁ କଟକକୁ ଚାଲାଣ ହେଉଥିବା ଗଞ୍ଜେଇ ବୋଝେଇ ହାଇୱା ଗାଡି ଶୁକ୍ରବାର ବିଳମ୍ବିତ ରାତିରେ ବଲାଙ୍ଗୀର ସହର ଉପକଣ୍ଠରେ ପହଞ୍ଚିଲା। ପୂର୍ବରୁ ସୂଚନା ପାଇଥିବା ସଦର ଏସଡିପିଓ ଶ୍ରୀମନ୍ତ ବାରିକଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ପୋଲିସ ଟିମ୍ ସ୍ଥାନୀୟ ଆରଟିଓ ଅଫିସ ଛକ ନିକଟରେ ହାଇୱା ଗାଡି (ନଂ.ଓଆର୦୫ଏବି-୬୭୦୪)କୁ ଘେରି ଯାଇଥିଲେ। ଫେରାର ହେବାକୁ ଚେଷ୍ଟା କରିଥିବା ଡ୍ରାଇଭର ନିରଞ୍ଜନଙ୍କୁ କାବୁ କରିବା ସହ ଗଞ୍ଜେଇ ଭର୍ତ୍ତି ହାଇୱାକୁ ଜବତ୍ କରିଥିଲେ। ଗାଡିରେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ସ୍ପଷ୍ଟ ହେବା ପରେ ପୋଲିସ ମାଜିଷ୍ଟ୍ରେଟ୍‌ଙ୍କୁ ଖବର କରିଥିଲେ। ଶନିବାର ସକାଳେ ମାଜିଷ୍ଟ୍ରେଟ୍ ସନ୍ତୋଷ ଦାଶଙ୍କ ଉପସ୍ଥିତିରେ ପୋଲିସ ଟିମ୍ ଜବତ୍ ଗାଡିରେ ୧୦ କୁଇଣ୍ଟାଲ ୪୨ କେଜି ଗଞ୍ଜେଇ ଥିବା ଓଜନ କରିବା ପରେ ଜଣାପଡିଥିଲା। ପୋଲିସ ଏସ୍‌ଡିପିଓ ବାରିକଙ୍କୁ ପଚରାଯିବାରୁ ଗଞ୍ଜେଇ ଭର୍ତ୍ତି ହାଇୱା ମାଲକାନଗିରିରୁ ଗଞ୍ଜେଇ ନେଇ କଟକ ଜିଲା ଅଭିମୁଖେ ଯାଉଥିବା ସେ ସୂଚନା ଦେଇଛନ୍ତି। ତେବେ ଏନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି।

ବୌଦ୍ଧ, କନ୍ଧମାଳ ଜିଲାରୁ ବଲାଙ୍ଗୀର ଜିଲାର ତୁଷରା, ଦେଓଗାଁ, ପୁଇଁତଲା ଓ ସୁବର୍ଣ୍ଣପୁର ଜିଲାର ତରଭା ଥାନା ଅଞ୍ଚଳ ଦେଇ ମାଫିଆମାନେ ଗଞ୍ଜେଇ ଚାଲାଣ କରୁଥିବା ପୋଲିସ ପାଖରେ ତଥ୍ୟ ରହିଥିଲା। ବିଭିନ୍ନ ସମୟରେ ଏହି ଅଞ୍ଚଳର ବିଭିନ୍ନ ରାସ୍ତାରେ ଗଞ୍ଜେଇ ଜବତ୍ ହେଉଥିଲା। ତେବେ ମାଲକାନଗିରି ଅଞ୍ଚଳରୁ କଟକ ଜିଲାକୁ ବଲାଙ୍ଗୀର ଜିଲା ଦେଇ ଗଞ୍ଜେଇ ଚାଲାଣ ହେଉଥିବା ପୂର୍ବରୁ ଜଣାପଡି ନ ଥିଲା। ଶୁକ୍ରବାର ରାତିରେ ହାଇୱା ଜବତ୍ ହେବା ପରେ ଏହି ନୂଆ ରାସ୍ତା ଦେଇ ମାଫିଆମାନେ ଗଞ୍ଜେଇ ଚୋରାଚାଲାଣ କରୁଥିବା ସ୍ପଷ୍ଟ ହୋଇଛି। ଏତେ ପରିମାଣର ଗଞ୍ଜେଇ ଜବତ ଘଟଣା ପରେ ବିଭିନ୍ନ ଜିଲାରେ ଗଞ୍ଜେଇ ମାଫିଆଙ୍କ ନେଟୱର୍କ ବିଛେଇ ହୋଇ ରହିଥିବା ଅନୁମାନ କରାଯାଉଛି। ଜବତ୍ ଗାଡିଟି ବିଭିନ୍ନ ଜିଲାର ମାଫିଆଙ୍କ ଡିପୋଗୁଡିକରେ ଗଞ୍ଜେଇ ଅନ୍‌ଲୋଡ କରି କଟକ ଯାଉଥିବା ଅନୁମାନ କରାଯାଉଛି। ଜବତ ୧୦.୪୮ କୁଇଣ୍ଟାଲ ଗଞ୍ଜେଇ ଘଟଣାକୁ ନେଇ ଟାଉନ୍ ଥାନାରେ ୨୦ (୨-ବି), ୨୯ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା (ନଂ. ୫୪୯/୧୯) ରୁଜୁ କରାଯାଇଛି। ଗିରଫ ହାଇୱା ଡ୍ରାଇଭରଙ୍କୁ ରବିବାର କୋର୍ଟଚାଲାଣ କରାଯିବ ବୋଲି ଜଣାପଡିଛି।





ଜବତ୍ ହାଇୱା ଗାଡି (ବାମ)। ଗିରଫ ଡ୍ରାଇଭର ନିରଞ୍ଜନ ପ୍ରଧାନ (ମଝି)। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇର ଓଜନ କରାଯାଉଛି।

## ସଂକ୍ଷେପରେ

### ଦଶପଲ୍ଲା ପାଠାଗାର ସଂଗ୍ରହାଳୟକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନ ସ୍ମାରକୀ କରିବାକୁ ଦାବି

**ଭୁବନେଶ୍ୱର, ୧୨।୧୦(ବ୍ୟୁରୋ):** ନୟାଗଡ଼ ଜିଲା ଦଶପଲ୍ଲାସ୍ଥିତ ପାଠାଗାର ସଂଗ୍ରହାଳୟ ସାହିତ୍ୟ ସଂସଦ ଗବେଷଣାଗାରକୁ ବିଶ୍ୱସ୍ତରୀୟ ସାଂସ୍କୃତିକ ପର୍ଯ୍ୟଟନ ସ୍ମାରକୀରେ ପରିଣତ କରିବା ପାଇଁ ଦାବି ଜୋର୍ ଧରିଛି। ଓଡ଼ିଶା ପାଠାଗାର ଆନ୍ଦୋଳନର ମୁଖ୍ୟ ନାୟକ, ସଂଗ୍ରାହକ ତଥା ସାରସ୍ୱତ ସାଧକ ଦାଶରଥି ପଟ୍ଟନାୟକ ଏହାକୁ ପ୍ରତିଷ୍ଠା କରିଥିଲେ। ଭୁବନେଶ୍ୱରରେ ଅନୁଷ୍ଠିତ ୩୯ତମ ବିଶ୍ୱ କବି ସମ୍ମିଳନୀରେ ବିଭିନ୍ନ ଦେଶରୁ ଯୋଗଦେଇଥିବା ୮୨ ପ୍ରସିଦ୍ଧ କବି ଓ ସାହିତ୍ୟିକ ମୁଖ୍ୟମନ୍ତ୍ରୀଙ୍କୁ ଏନେଇ ଏକ ଲିଖିତ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଦାଶରଥି ପଟ୍ଟନାୟକ ଅସାଧାରଣ ସାଧନା କରି, ପାଦରେ ଚାଲି ଚାଲି ସାରା ଓଡ଼ିଶା ଓ ଭାରତବର୍ଷର ବିଭିନ୍ନ ସ୍ଥାନ ବୁଲି ମାଗିଯାଚି ଏହି ପାଠାଗାର ସଂଗ୍ରହାଳୟ ପ୍ରତିଷ୍ଠା କରିଥିଲେ। ୧ଲକ୍ଷ ୫୦ ହଜାରରୁ ଉର୍ଦ୍ଧ୍ୱ ପୁରାତନ ଓ ବିରଳ ପୁସ୍ତକ, ପତ୍ରପତ୍ରିକା, ପାଣ୍ଡୁଲିପି, ସମ୍ବାଦପତ୍ର ଓ ହଜାର ହଜାର ତାଳପତ୍ର ପୋଥି, ଚିତ୍ରପୋଥି ସହ ବହୁ ପୁରାତନ ଓ ବିରଳ ପଦାର୍ଥ ସେ ସଂଗ୍ରହ କରି ଏଠାରେ ସାଇତି ରଖିଥିଲେ। ବିଶ୍ୱର କବି, ଲେଖକ, ସାହିତ୍ୟିକ, ଛାତ୍ରୀଛାତ୍ର, ଗବେଷକ ଓ ପର୍ଯ୍ୟଟକମାନେ ଏବେ ଏହି ସାଂସ୍କୃତିକ ପର୍ଯ୍ୟଟନ ସମ୍ଭାରକୁ ପରିଦର୍ଶନ କରିବା ସହ ଗବେଷଣା କାର୍ଯ୍ୟ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଏହି ପାଠାଗାର ସଂଗ୍ରହାଳୟକୁ ବିଶ୍ୱସ୍ତରୀୟ ସାଂସ୍କୃତିକ ପର୍ଯ୍ୟଟନ ସ୍ମାରକୀରେ ପରିଣତ କରିବା ପାଇଁ ଏଠାରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ନିର୍ମାଣ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି। ଏନେଇ ପୂର୍ବରୁ କେନ୍ଦ୍ର ସରକାରଙ୍କ ନିକଟରେ ମଧ ବାରମ୍ବାର ଦାବି ହୋଇଥିବାବେଳେ ଇତିମଧରେ ୨୨ବର୍ଷ ବିତିଯାଇଥିଲେ ମଧ କୌଣସି ସୁଫଳ ମିଳିନି। ନିକଟରେ ୭ ଦେଶର ୨୨ ଗବେଷକ ଓ ବିଦ୍ୱାନ ମଣ୍ଡଳୀ ଦାଶରଥି ପଟ୍ଟନାୟକଙ୍କୁ ଭାରତରତ୍ନ ପ୍ରଦାନ କରିବାକୁ ଦାବି କରିଥିଲେ।




■ଭେଡେନ ଗଣବଳାତ୍କାର, ହତ୍ୟା ମାମଲା

# ତତ୍କାଳୀନ ଆଇଆଇସିଙ୍କ ସମେତ ୮ ଜଣଙ୍କ ନାଁରେ ମାମଲା

**କଟକ ଅଫିସ, ୧୨।୧୦**

ବରଗଡ଼ ଜିଲା ଭେଡେନ ଥାନା ଅଞ୍ଚଳରେ ୨୦୧୬ରେ ୩ ମହିଳାଙ୍କୁ ଅପହରଣ ଓ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାର ୩ ବର୍ଷ ପରେ ଅର୍ଥାତ୍ ଗତ ୩ ତାରିଖରେ ଭେଡେନ ଥାନାର ତତ୍କାଳୀନ ଆଇଆଇସି ମମତା ନାଏକ, ଏସ୍‌ଆଇ ଦିଲୀପ କୁମାର ବେହେରା, ୨ ପୋଲିସ କର୍ମଚାରୀ ଓ ୪ଜଣ ବ୍ୟକ୍ତିଙ୍କ ବିରୋଧରେ ଉକ୍ତ ଥାନାରେ ମାମଲା ରୁଜୁ ହୋଇଛି। ଥାନା ପରିସରରେ ଗଣବଳାତ୍କାର ଘଟିଥିବା ଅଭିଯୋଗରେ ପୋଲିସ ଆଇପିସି ଦଫା ୩୬୩, ୩୭୬(୨)(ଏ), ୩୭୬-ଡିରେ ଏକ ମାମଲା(ନଂ.୧୬୫/୧୯) ରୁଜୁ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ବରଗଡ଼ ପ୍ରଜାକୋର୍ଟ ଦ୍ୱାରା ବାସନ୍ଦ ହୋଇଥିବା ଗୋଟିଏ ପରିବାରର ତିନି ମହିଳାଙ୍କୁ ୨୦୧୬ ସେପ୍ଟେମ୍ବର ୨୩ରେ ଭେଡେନ୍ ଥାନାର କେତେଜଣ ପୋଲିସ କର୍ମଚାରୀ ଭ୍ୟାନ୍‌ରେ ଘରୁ ଉଠାଇ ନେଇଥିଲେ। ପରେ ସେମାନଙ୍କୁ ବଳାତ୍କାର କରାଯାଇଥିଲା। ଏହାପରେ ପୀଡ଼ିତାମାନଙ୍କୁ ପୋଲିସ ଗାଁ ଲୋକଙ୍କ ଜିମା ଦେଇଥିଲା। ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ସେମାନଙ୍କୁ ୧୦ ଦିନ ଜଙ୍ଗଲରେ ରଖି ବଳାତ୍କାର କରିଥିଲେ। ପୀଡିତାଙ୍କ ମଧ୍ୟରୁ ଜଣେ ଖସି ଆସିଥିଲା ବେଳେ ଆଉ ଦୁଇଜଣଙ୍କୁ ସେମାନେ ହତ୍ୟା କରିଥିଲେ। ଖସି ଆସିଥିବା ମହିଳାଙ୍କ ଦେଢ଼ଶୁରର ବରଗଡ ଏସ୍‌ପିଙ୍କୁ ୨୦୧୭ ମେ ୫ରେ ଡାକ ଯୋଗେ ଅଭିଯୋଗପତ୍ର ପଠାଇଥିଲେ। ହେଲେ ଅଭିଯୋଗକାରୀଙ୍କୁ ୨୦୧୭ ଜୁଲାଇ ୧୯ରେ ହତ୍ୟା କରାଯାଇଥିଲା। ପୋଲିସ ଉଭୟ ଘଟଣାରେ କୌଣସି ମାମଲା ରୁଜୁ କରି ନ ଥିଲା। ତେବେ ଅଭିଯୁକ୍ତଙ୍କ କବଳରୁ ଖସି ଆସିଥିବା ମହିଳା ଆଇନଜୀବୀ ନିଶିକାନ୍ତ ମିଶ୍ରଙ୍କ ଜରିଆରେ ଓଡ଼ିଶା ମାନବାଧିକାର କମିଶନ(ଓଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଥିଲେ। ଘଟଣାରେ ସମ୍ପୃକ୍ତ ପୋଲିସ କର୍ମଚାରୀ ଓ ଯୁବକଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ଓଏଚ୍‌ଆର୍‌ସି ବରଗଡ଼ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଏହି ମାମଲା ରୁଜୁ ହୋଇଛି।

# ବୋଲେରୋରୁ ୩.୫ ଲକ୍ଷ ଟଙ୍କା ଜବତ

**ବରଗଡ଼ ଅଫିସ୍/ବରପାଲି, ୧୨।୧୦**

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନକୁ ଆଉ ମାତ୍ର ସପ୍ତାହେ ବାକି ରହିଲା। ଉପନିର୍ବାଚନକୁ ଅବାଧ, ନିରପେକ୍ଷ ଭାବେ ସମାପନ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ହାତକୁ ନିଆଯାଇଛି। ଶନିବାର ବରପାଲି ଥାନା ସରଣ୍ଡାପାଲି ନାକାପୋଷ୍ଟରେ ଯାଞ୍ଚବେଳେ ପୋଲିସ ଫ୍ଲାଇଙ୍ଗ ସ୍କ୍ୱାଡ଼ ଏକ ବୋଲେରୋ ଗାଡ଼ି (ନଂ. ଓଡ଼ି୧୪ଡି/୪୭୯୦)ରୁ ୩ ଲକ୍ଷ ୫୦ହଜାର ଟଙ୍କା ଜବତ କରିଛି। ଉକ୍ତ ଟଙ୍କା ବୌଦ୍ଧ ଜିଲା ସିନ୍ଦୁରପୁର ଗ୍ରାମର ସଞ୍ଜୀବ ଦାଶ(୨୧) ନେଉଥିବାବେଳେ ବରପାଲି ତହସିଲଦାର ନାରାୟଣ ଦଣ୍ଡସେନାଙ୍କ ଉପସ୍ଥିତିରେ ଜବତ ହୋଇଥିଲା। ପ୍ରକାଶଥାଉକି, ୨ ଦିନ ତଳେ ଏଭଳି ଯାଞ୍ଚବେଳେ ଛତିଶଗଡ଼ର ଜଣେ ବ୍ୟବସାୟୀଙ୍କଠାରୁ ୧୯ଲକ୍ଷ ଟଙ୍କା ଜବତ ହୋଇଥିଲା।

# ଅଣାୟତ୍ତ ହେଉଛି ଗୋ-ଚାଲାଣ



ଉଦ୍ଧାର ଗୋରୁ ଗାଡ଼ି।

**ଢେଙ୍କାନାଳ ଅଫିସ/ରେମୁଣା (ଡି.ଏନ୍.ଏ.), ୧୨।୧୦**

■ଦିନକରେ ୭୦୦ରୁ ଉର୍ଦ୍ଧ୍ୱ ଗୋରୁ ଉଦ୍ଧାର
■୮ କଣ୍ଟେନର ଜବତ, ୬ ଗିରଫ

ରାଜ୍ୟରେ ଗୋ-ଚାଲାଣ ଅଣାୟତ୍ତ ହେଲାଣି। ଲାଭଖୋର ବ୍ୟବସାୟିକ ମନୋବୃତ୍ତି ରଖି ଦୈନିକ ହଜାର ହଜାର ସଂଖ୍ୟାରେ ଗୋରୁ ରାଜ୍ୟ ବାହାରକୁ ଚାଲାଣ କରାଯାଉଛି। ଶନିବାର ଢେଙ୍କାନାଳ ଏବଂ ବାଲେଶ୍ୱର ଜିଲାରୁ ୮ ଗୋରୁ ଭର୍ତ୍ତି କଣ୍ଟେନର ଜବତ ହୋଇଛି। ଉଭୟ ସ୍ଥାନରୁ ୭୦୦ରୁ ଉର୍ଦ୍ଧ୍ୱ ଗାଈ, ବଳଦ, ଷଣ୍ଢ ଉଦ୍ଧାର କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୋଗରେ ୬ଜଣଙ୍କୁ ଗିରଫ ହୋଇଥିବା ସୂଚନା ମିଳିଛି।

ବାଲେଶ୍ୱର ଜିଲା ଶେରଗଡ଼ ନିକଟ ବିସିଇଟି କଲେଜ ସମ୍ମୁଖରୁ ଶନିବାର ଗୋ ସୁରକ୍ଷା ବାହିନୀ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ମିଳିତ ଉଦ୍ୟମରେ ୨ଟି ଗୋରୁ ବୋଝେଇ କଣ୍ଟେନର (ନଂ. ଓଆର୍ ୦୯କେ ୩୫୬୧, ଓଆର୍୦୪ଏଚ୍ ୦୯୯୩) ଏବଂ ଏକ ବୋଲେରୋ (ନଂ. ଓଡ଼ି ୦୨ଏସ୍-୦୩୧୫) ଜବତ କରାଯାଇଛି। ଉକ୍ତ କଣ୍ଟେନରରେ ଦୟନୀୟ ଭାବେ ଚାଲାଣ ହେଉଥିବା ୨୦୦ରୁ ଉର୍ଦ୍ଧ୍ୱ ଗୋରୁ ଉଦ୍ଧାର କରାଯାଇଛି। ଏଥିରେ ସମ୍ପୃକ୍ତ ୮ଜଣଙ୍କୁ ଅଟକ ରଖାଯାଇଛି। ସମସ୍ତେ ଭଦ୍ରକ ପୁରୁଣା ବଜାର ଅଞ୍ଚଳର। ଘଟଣାସ୍ଥଳରୁ ୨ ଡ୍ରାଇଭରଙ୍କ ସମେତ ବୋଲେରୋରେ ବସିଥିବା ଲୋକେ ଖସିଯିବାକୁ ସକ୍ଷମ ହୋଇଛନ୍ତି। ଉକ୍ତ କଣ୍ଟେନରଗୁଡ଼ିକୁ କଟକରୁ ପିଛା କରାଯାଇଥିଲା। ଶେରଗଡ଼ ନିକଟରେ ସ୍ଥାନୀୟ ଲୋକେ ଗାଡ଼ି ଅଟକାଇଥିଲେ। ଏହି ସମୟରେ ୩ଟି କଣ୍ଟେନର ଖସିଯାଇଥିବା ଜଣେ ଗୋ ସୁରକ୍ଷା କର୍ମୀ କହିଛନ୍ତି। ୮୧ ଗୋରୁଙ୍କୁ ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ଅଧୀନ ମା'ଭାରତୀ ଗୋଶାଳା କେନ୍ଦ୍ରରେ ରଖାଯାଇଛି। ଅନ୍ୟ ଗୋରୁଗୁଡ଼ିକୁ ସ୍ଥାନୀୟ ବାସିନ୍ଦା ନେଇଯାଇଛନ୍ତି। ବାଲେଶ୍ୱର ନୂଆସାହିର ନାରଣ ମହାନ୍ତଙ୍କ ଅଭିଯୋଗକ୍ରମେ ଖନ୍ତାପଡ଼ା ଥାନାରେ ମାମଲା (ନଂ. ୩୨୧/୧୯) ରୁଜୁ ହୋଇଛି।

ସେହିପରି ଢେଙ୍କାନାଳ ଜିଲା ନିହଳପ୍ରସାଦ ଥାନା ଅଞ୍ଚଳରୁ ପୋଲିସ ୬ଟି ଗୋରୁ ଭର୍ତ୍ତି କଣ୍ଟେନର ଜବତ କରିଛି। ଘଟଣାସ୍ଥଳରୁ ୫୦୦ରୁ ଉର୍ଦ୍ଧ୍ୱ ଗୋରୁ ଉଦ୍ଧାର କରାଯାଇଛି। ଏହି ର୍ୟାକେଟରେ ସମ୍ପୃକ୍ତ ଅଭିଯୋଗରେ ଖୋର୍ଦ୍ଧା ଜିଲା ବେଗୁନିଆ ଥାନା କୁଆଁଲୋ ଗ୍ରାମର ସୁଶାନ୍ତ ସେଠୀ (୨୬), ଖଣ୍ଡଗିରି ଥାନା ଯଦୁପୁର ଗ୍ରାମର ଶେଖ ଅବ୍‌ଦୁଲ ରେହମନ (୩୮), ତାରତୁଆ ଗ୍ରାମର ଅମୀର ଖାନ୍ (୧୯), କୈଳାସ ଚନ୍ଦ୍ର ବେହେରା (୩୪), ପଶ୍ଚିମବଙ୍ଗ ହାଓଡ଼ା ଜିଲା କାଳବେଡିଆ ଅଞ୍ଚଳର ଶେଖ ସିଆନୁଟି (୩୦) ଏବଂ କଟକ ଜିଲା ତିଗିରିଆ ଥାନା କରଡ଼ାପଲି ଗ୍ରାମର ସଲିମ୍ ଖାଁ (୨୪) ଗିରଫ ହୋଇଛନ୍ତି। ଅନ୍ୟ ୨ଜଣ ଫେରାର ହୋଇଯାଇଛନ୍ତି। ଘଟଣାସ୍ଥଳରୁ ପୋଲିସ ବୋଲେରୋ, ସ୍କର୍ପିଓ ଏବଂ ବାଇକ୍ ଜବତ କରିଛି। ଉକ୍ତ ଗୋରୁ ଅନୁଗୋଳରୁ କଲିକତା ଚାଲାଣ ହେଉଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏସ୍‌ପି ଅନୁପମା ଜେମ୍ସଙ୍କ ନେତୃତ୍ୱରେ ଘଟଣାର ତଦନ୍ତ ଚାଲିଛି।

## ଆଜି କ'ଣ କେଉଁଠି

**ଲୋଇସିଂହା**
■ମା' ସମଲେଇଙ୍କ ଯାତ୍ରା, କୁଟେନପାଲି, ବୁଢ଼ୀପଦର ଓ ମାଣ୍ଡିଆପଦର, ପୂର୍ବାହ୍ନ ୧୧ଟା।

**ମୁରିବାହାଲ**
■ଗଜଲକ୍ଷ୍ମୀ ପୂଜାର ଶୁଭାରମ୍ଭ, ଘଣ୍ଟବାହାଲ, ଜାମୁଟ ଗଜଲକ୍ଷ୍ମୀ ମଣ୍ଡପ, ପୂର୍ବାହ୍ନ ୧୧ଟା।

**ଦେବଗଡ଼**
■ପର୍ଯ୍ୟଟନ ପର୍ବ ୨୦୧୯, ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ, ଟାଉନ ହଲ, ମଧ୍ୟାହ୍ନ ୧୨ଟା ୩୦।
■ନୃତ୍ୟ ପ୍ରତିଯୋଗିତା, ରଜାମୁଣ୍ଡା, ଦେବଗଡ଼, ସନ୍ଧ୍ୟା ୭ଟା।
■ଜିଲାର ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀପୂଜା ଆରମ୍ଭ, ଦେବଗଡ଼ ସହର, ସକାଳ ୧୦ଟା।

**ବିଜେପୁର**
■ବଇଲ ଯାତ୍ରା, ଜାରିଂ ସମଲେଇ ମନ୍ଦିର, ପୂର୍ବାହ୍ନ ୧୦ଟାରୁ।

**ସମ୍ବଲପୁର**
■ରୋଟାରୀ କ୍ଲବ୍ ଗ୍ରେଟର୍ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, କୁଲୁଥକାନୀ ଛକ, ସକାଳ ୮ଟା।
■ବାସ୍କେଟ ବଲ ଟୁର୍ନାମେଣ୍ଟ ଉଦ୍‌ଯାପନୀ ଉତ୍ସବ, ସାକ୍ଷୀପଡା ଜ୍ୟୋତି ଭବନ ପରିସର, ଅପରାହ୍ନ ୪ଟା।
■ଡା. ସନାତନ ବେହେରା ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ଅପରାହ୍ନ ସାଢ଼େ ୨ଟା।
■ସମଲେଶ୍ୱରୀଙ୍କ ରାଜରାଜେଶ୍ୱରୀ ବେଶ, ସମଲେଇ ମନ୍ଦିର, ଅପରାହ୍ନ ୪ଟା।
■ଧ୍ୱଜା ରୋହଣ କାର୍ଯ୍ୟକ୍ରମ, ସମଲେଇ ମନ୍ଦିର, ରାତି ୮ଟା।
■ପାଟଣେଶ୍ୱରୀଙ୍କ ଧ୍ୱଜା ରୋହଣ, କମଳୀବଜାର ମନ୍ଦିର, ରାତି ୭ଟା।
■ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ, କମଳୀବଜାର ପାଟଣେଶ୍ୱରୀ ମନ୍ଦିର ସମ୍ମୁଖ, ସନ୍ଧ୍ୟା ୬ଟା।

**ନୂଆପଡା**
■ମା' ସୁନାଦେଇଙ୍କ ଛତର ଯାତ୍ରା, ସୁନାଦେଇ ପୀଠ, ପୂର୍ବାହ୍ନ ୯ଟା।





ପ୍ରତ୍ୟେକ ଲୋକ ଯଦି ନିଜ ଜମି ଖଣ୍ଡିକର ଯତ୍ନ ନିଅନ୍ତା, ଏ ପୃଥିବୀଟି କେତେ ସୁନ୍ଦର ହୋଇ ଯାଆନ୍ତା।

- ରବର୍ଟ ୱାଲ୍‌ପୋଲ୍


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ମାମୁନୀ
ପରିବାରବର୍ଗ



ସୋହା
ପରିବାରବର୍ଗ



କୁଆକିନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


### କ୍ୟାପିଟାଲ ହସ୍ପିଟାଲ ଫୁଟ୍‌ପାଥ୍‌ରେ ପ୍ରସବ

# ସ୍ୱାସ୍ଥ୍ୟ ସଚିବଙ୍କୁ ତଦନ୍ତ ରିପୋର୍ଟ ଦେଲେ ନିର୍ଦ୍ଦେଶକ

ଭୁବନେଶ୍ୱର,୧୨।୧୦(ବ୍ୟୁରୋ)

- ହସ୍ପିଟାଲର ସ୍ଥିତି ଅନୁଧ୍ୟାନ କଲା ଭାଜପା ମହିଳା ମୋର୍ଚ୍ଚା
- 'ମୋ ସରକାର' କାର୍ଯ୍ୟକାରିତାକୁ ନେଇ ଉଠାଇଲା ପ୍ରଶ୍ନ

ରାଜ୍ୟର ଅନ୍ୟତମ ପ୍ରମୁଖ ସରକାରୀ ଡାକ୍ତରଖାନା କ୍ୟାପିଟାଲ ହସ୍ପିଟାଲ ଫୁଟ୍‌ପାଥରେ ଜଣେ ମହିଳା ଶିଶୁପୁତ୍ର ଜନ୍ମ ଦେଇଥିଲେ, ଯାହାକୁ ନେଇ ଶୁକ୍ରବାର ରାତିରେ ହସ୍ପିଟାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ସମ୍ବେଦନଶୀଳ ଘଟଣାରେ ସ୍ୱାସ୍ଥ୍ୟ ସଚିବ ପ୍ରମୋଦ ମେହେର୍ଦ୍ଦା ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଶନିବାର କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଅଶୋକ କୁମାର ପଟ୍ଟନାୟକ ଅଭିଯୋଗର ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିବା ଜଣାପଡ଼ିଛି। ଘଟଣାକୁ ନେଇ ହେଉଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ଏଥିପାଇଁ ଡାକ୍ତର କିମ୍ବା ଡାକ୍ତରଖାନାର ଦୋଷ ନ ଥିବା ପଟ୍ଟନାୟକ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାରେ ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ଟିମ୍ ହସ୍ପିଟାଲ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ 'ମୋ ସରକାର' କାର୍ଯ୍ୟକ୍ରମର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠାଇଛି।

ଶୁକ୍ରବାର ରାତି ପ୍ରାୟ ୮ଟାରେ ସାଲିଆସାହିରେ ରହୁଥିବା ପାନା ମୁର୍ମୁ ପ୍ରସବକାଳୀନ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ଏମ୍‌ସିଏଚ୍‌ରେ ଥିବା ସ୍ତ୍ରୀ ରୋଗ ଓ ପ୍ରସୂତି ବିଭାଗରେ ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା କରିବା ପରେ ଲେବର ରୁମ୍‌କୁ ନିଆଯାଇଥିଲା। ମାତ୍ର ଅଭିଯୋଗ ଅନୁସାରେ, ସେଠାରେ ତାଙ୍କର ପ୍ରସବ କରାଯାଇ ନ ଥିଲା। ଅବସ୍ଥା ଜଟିଳ ଅଛି, କଟକ ନେଇଯିବାକୁ କୁହାଯାଇଥିଲା। କିନ୍ତୁ ପାନାଙ୍କ ଯନ୍ତ୍ରଣା ଓ ଅବସ୍ଥା ଦେଖି ପରିବାର ଲୋକେ ଏହିଠାରେ ପ୍ରସବ କରାଇବାକୁ ଡ୍ୟୁଟିରେ ଥିବା ଡାକ୍ତରଙ୍କୁ ନେହୁରା ହୋଇଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଏପରି କି ଯନ୍ତ୍ରଣାରେ ଛଟପଟ ହେଉଥିବା ପାନାଙ୍କୁ ଲେବର ରୁମ୍‌ରୁ ବାହାର କରି ଦିଆଯାଇଥିଲା। କଟକ ନେବାଲାଗି ଟଙ୍କା ନ ଥିବାରୁ ପରିବାର ଲୋକଙ୍କ ଚିନ୍ତା ବଢ଼ିଯାଇଥିଲା। ପାନାଙ୍କୁ ହସ୍ପିଟାଲ ପରିସର ଫୁଟପାଥ୍‌ରେ ବସାଇ ତାଙ୍କ ସ୍ୱାମୀ ସମ୍ପର୍କୀୟଙ୍କ ସହଯୋଗ ଲୋଡୁଥିଲେ। ଏହି ସମୟରେ ପାନାଙ୍କ ଗର୍ଭ ଯନ୍ତ୍ରଣା ଅସହ୍ୟ ହୋଇପଡ଼ିଥିଲା। ତାଙ୍କୁ ପରିବାର ଲୋକେ ପୁଣି ହସ୍ପିଟାଲ ଭିତରକୁ ନେବାକୁ ଉଦ୍ୟମ କରୁଥିବାବେଳେ ପାନା ଫୁଟ୍‌ପାଥ ଉପରେ ଏକ ଶିଶୁପୁତ୍ରଙ୍କୁ ଜନ୍ମ ଦେଇଥିଲେ। ଏହାଦେଖି ଉପସ୍ଥିତ ଲୋକେ ଉତ୍ତେଜିତ ହୋଇ ହୋହଲ୍ଲା କରିଥିଲେ। ଘଟଣା ପରେ ଉକ୍ତ ରାତିରେ ଦାୟିତ୍ୱରେ ଥିବା ଦୁଇ ଡାକ୍ତରଙ୍କ ବୟାନ ରେକର୍ଡ କରାଯାଇଥିଲା। ସେମାନେ କହିଥିଲେ, ଉକ୍ତ ମହିଳାଙ୍କ କ୍ଷେତ୍ରରେ କୌଣସି ଅବହେଳା କରାଯାଇ ନାହିଁ। ରାତି ୭ଟାରେ ମହିଳାଙ୍କୁ ଧରି ତାଙ୍କ ସ୍ୱାମୀ ହସ୍ପିଟାଲ ଆସିଥିଲେ। ଆଡ୍‌ମିଶନ ପାଇଁ କାଉଣ୍ଟରରୁ ଟିକେଟ ଆଣିବାକୁ କୁହାଯାଇଥିଲା। ହେଲେ ସେମାନେ ଟିକେଟ ଆଣିବାକୁ ଯାଇ ଘରକୁ ପଳାଇଥିଲେ। ପରବର୍ତ୍ତୀ ସମୟରେ ଅଧିକ ଯନ୍ତ୍ରଣା ହେବାରୁ ପୁଣି ତାଙ୍କୁ ହସ୍ପିଟାଲ ଆଣିବାବେଳେ ଫୁଟ୍‌ପାଥ୍‌ରେ ପ୍ରସବ ହୋଇଥିଲା। ଏହାପରେ ସେଠାରୁ ଉଭୟ ମା' ଓ ଶିଶୁଙ୍କୁ ହସ୍ପିଟାଲ ଅଣାଯାଇ ତୁରନ୍ତ ଚିକିତ୍ସା କରାଯାଇଥିଲା।

ଘଟଣାକୁ ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା ଜୋର୍ ଧରିଥିବାବେଳେ ଶନିବାର ଭାଜପା ମହିଳା ମୋର୍ଚ୍ଚାର ଏକ ଟିମ୍ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକଙ୍କୁ ଭେଟି ଆଲୋଚନା କରିଛନ୍ତି। ଏ ସଂକ୍ରାନ୍ତରେ ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତି ପରିଡ଼ା କ୍ଷୋଭ ପ୍ରକାଶ କରି କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୧ଦିନ ତଳେ କ୍ୟାପିଟାଲ ହସ୍ପିଟାଲରେ ଉନ୍ନତ ସ୍ୱାସ୍ଥ୍ୟ ସେବା ପାଇଁ 'ମୋ ସରକାର' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଆଜି ତାହାର ପରିସମାପ୍ତି ଘଟିଛି। ଜଣେ ମହିଳାଙ୍କୁ ହସ୍ପିଟାଲରୁ ଫେରାଇ ଦିଆଯିବା ଓ ଫୁଟ୍‌ପାଥ୍‌ରେ ପିଲା ଜନ୍ମ ହେବା ଘଟଣାରୁ ସରକାରଙ୍କ ଏହି ଯୋଜନା କେବଳ ପ୍ରହସନ ବୋଲି ସେ କହିଛନ୍ତି।

# ୨୦୨୧ ସୁଦ୍ଧା ୨କୋଟି ୫୦ଲକ୍ଷ ପର୍ଯ୍ୟଟକଙ୍କୁ ଓଡ଼ିଶା ଆଣିବା ଲକ୍ଷ୍ୟ

ଭୁବନେଶ୍ୱର, ୧୨।୧୦(ବ୍ୟୁରୋ)- ୨୦୨୧ ସୁଦ୍ଧା ୨କୋଟି ୫୦ଲକ୍ଷ ପର୍ଯ୍ୟଟକଙ୍କୁ ଓଡ଼ିଶା ଆଣିବାକୁ ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର। ପର୍ଯ୍ୟଟନ ଶିଳ୍ପରେ ହେଉଥିବା ପୁଞ୍ଜି ବିନିଯୋଗକୁ ଦୃଷ୍ଟିରେ ରଖି ସେହି ଅନୁଯାୟୀ ଦେଶ, ବିଦେଶରୁ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି କରିବାକୁ ରାଜ୍ୟ ପର୍ଯ୍ୟଟନ ବିଭାଗର ଲକ୍ଷ୍ୟ ରହିଛି। ଏହି ସଂଖ୍ୟାକୁ ବୃଦ୍ଧି କରି ୨୦୨୧ ସୁଦ୍ଧା ୨କୋଟି ୫୦ଲକ୍ଷରେ ପହଞ୍ଚାଇବା ସହ ଓଡ଼ିଶାକୁ ଦେଶର ଶ୍ରେଷ୍ଠ ୩ ଟୁରିଷ୍ଟ୍ ଡେଷ୍ଟିନେଶନରେ ପରିଣତ କରିବାକୁ ଟାର୍ଗେଟ ରଖାଯାଇଥିବା ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କହିଛନ୍ତି। କର୍ଣ୍ଣାଟକ ମଡେଲ ଭଳି ଓଡ଼ିଶାରେ ପର୍ଯ୍ୟଟନ ବିଭାଗ ଏବଂ ଜଙ୍ଗଲ ଓ ପରିବେଶ ବିଭାଗ ଏକାଠି ହୋଇ ପରିବେଶ ପର୍ଯ୍ୟଟନ ବିକାଶ ଦିଗରେ କାର୍ଯ୍ୟ କରୁଥିବାବେଳେ କମ୍ୟୁନିଟି ଇନ୍‌ଭଲଭମେଣ୍ଟ ଉପରେ ଗୁରୁତ୍ୱ ଦିଆଯାଉଛି। ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ରାଜ୍ୟରେ ଖୁବ୍‌ଶୀଘ୍ର ୮ ଟୁରିଷ୍ଟ ପୋଲିସ ସେଲ୍ କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରଖାଯାଇଛି। ଟ୍ରାଭେଲ ଓ ଟୁର୍ ଗାଇଡ୍‌ମାନଙ୍କୁ ପୂର୍ବରୁ ଫ୍ରେଞ୍ଚ, ସ୍ପାନିସ୍ ଭଳି ଭାଷା ଶିଖାଯାଉଥିବାବେଳେ ଏବେ ଚାଇନିଜ୍ ଏବଂ ରଷିଆନ୍ ଭାଷାରେ ମଧ୍ୟ ଶିକ୍ଷା ଦେବାକୁ ସ୍ଥିର ହୋଇଥିବା ବିଭାଗୀୟ ସଚିବ ବିଶାଲ ଦେବ ସୂଚନା ଦେଇଛନ୍ତି। ଏହାଛଡ଼ା ଓଲା ଏବଂ ଉବର୍ ଡ୍ରାଇଭରମାନଙ୍କ ପାଇଁ ମଧ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ପର୍ଯ୍ୟଟନ ବ୍ରାଣ୍ଡିଂ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିବାବେଳେ ଦିଲ୍ଲୀ, ବମ୍ବେ ଓ କୋଲକାତା ବିମାନ ବନ୍ଦରରେ ବିଜ୍ଞାପନ ମାଧ୍ୟମରେ ଓଡ଼ିଶା ପର୍ଯ୍ୟଟନର ପ୍ରଚାର ପ୍ରସାର କରାଯାଉଛି। ଖୁବ୍‌ଶୀଘ୍ର ହାଇଦ୍ରାବାଦ, ଚେନ୍ନାଇ ଓ ବାଙ୍ଗାଲୁରୁ ବିମାନବନ୍ଦରରେ ଓଡ଼ିଶା ଟୁରିଜମ୍‌ର ବ୍ରାଣ୍ଡିଂ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ସେହିଭଳି ଭୁବନେଶ୍ୱର ବିମାନବନ୍ଦରରୁ ବିଭିନ୍ନ ଅଞ୍ଚଳକୁ ସିଧାସଳଖ ବିମାନ ସେବା ଯୋଗାଇ ଦିଆଯିବା ଉପରେ ଗୁରୁତ୍ୱ ଦିଆଯାଉଛି। ଆଗାମୀ ଦିନରେ ସ୍ପାଇସ୍‌ଜେଟ୍ ଭୁବନେଶ୍ୱରରୁ ଅଧିକ ବିମାନ ଚଳାଚଳ କରିବ ବୋଲି ସଚିବ ସୂଚନା ଦେଇଛନ୍ତି। ଓଡ଼ିଶାକୁ ସ୍ପୋର୍ଟସ କ୍ୟାପିଟାଲରେ ପରିଣତ କରିବା ପରେ ଏବେ ଟୁରିଜମ୍ କ୍ୟାପିଟାଲରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଥିବା ଉଭୟ ମନ୍ତ୍ରୀ ଓ ସଚିବ କହିଛନ୍ତି।

### ଏମଭି-୭୫ ଗ୍ରାମରେ ଅଜଣା ରୋଗ

# ଜଣେ ମୃତ, ୭ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

କାଲିମେଲା,୧୨।୧୦(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ମାନ୍ୟମକୋଣ୍ଡା ପଞ୍ଚାୟତର ଏମଭି-୭୫ ଗ୍ରାମରେ ଗତ କିଛି ଦିନ ଧରି ଅଜଣା ରୋଗ ବ୍ୟାପିବାରେ ଲାଗିଛି। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଭୟ ପ୍ରକାଶ ପାଇଛି। ଖବରରୁ ଜଣାପଡିଛି ଗତ ସୋମବାର ଏହି ଅଜଣା ରୋଗରେ ଏମଭି-୭୫ ଗ୍ରାମର ଶଙ୍କର ନନ୍ଦୀଙ୍କ ପୁଅ ସୁଦୀପ୍ତ(୧୬) ଆକ୍ରାନ୍ତ ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ପରିବାର ଲୋକେ କାଲିମେଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ଏଠାରେ ଡାକ୍ତର ତାଙ୍କୁ ଇଞ୍ଜେକ୍ସନ ଓ ସାଲାଇନ ଦେବା ପରେ କିଛି ନ କମିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ । ତେବେ ପହଞ୍ଚିବା ପୂର୍ବରୁ ସୁଦୀପ୍ତଙ୍କ ମୃତ୍ୟୁ ହୋଇଯାଇଥିଲା। ସେହି ଦିନଠାରୁ ଆଜକୁ ୬ ଦିନଧରି ଏମଭି-୭୫ ଗ୍ରାମରେ ପ୍ରତ୍ୟେକ ଦିନ ୩/୪ ପରିବାରକୁ ଏହି ରୋଗ ବ୍ୟାପିବାରେ ଲାଗିଛି । ଏହି ଅଜଣା ରୋଗ ହେଲେ ତା'ର ଲକ୍ଷଣ ରୂପେ ରୋଗୀର ଆଖିଠାରୁ ପାଦ ପର୍ଯ୍ୟନ୍ତ ଜଳାପୋଡା ହେଉଛି। କାହାର ପାଦରୁ ମୁଣ୍ଡ ପର୍ଯ୍ୟନ୍ତ ଜଳାପୋଡା ହେଉଛି । ବର୍ତ୍ତମାନ ସୁଦ୍ଧା ଗ୍ରାମର ରାଜୁ ମିସ୍ତ୍ରି ,ଅଞ୍ଜନା ମଣ୍ଡଳ,ଦେବରାଜ ସିକଦାର,କବିତା ମଣ୍ଡଳ,ମାଳତି ମଣ୍ଡଳ, ଉଷା ବିଶ୍ୱାସ, ଅଞ୍ଜଳି ବିଶ୍ୱାସଙ୍କ ସହ ଅନ୍ୟ କେତେଜଣ ଏହି ଅଜଣା ରୋଗରେ ଆକ୍ରାନ୍ତ ହୋଇଛନ୍ତି। ସେମାନେ ଗୁଣିଆ ଡାକି ଝଡାଫୁଙ୍କା କରି ଔଷଧ ଖାଉଥିବା ପ୍ରକାଶ କରିଛନ୍ତି । ତେବେ ଏହି ରୋଗ ମଶା କିମ୍ବା ଅନ୍ୟ ଭୂତାଣୁ ଦ୍ୱାରା ସଂକ୍ରମିତ ହେଉଛି ତାହା ଜଣାପଡି ନାହିଁ। ଏଯାଏ ଗ୍ରାମକୁ କୌଣସି ଡାକ୍ତରୀ ଦଳ ଆସିନାହାନ୍ତି। ଜିଲା ପ୍ରଶାସନ ପାଖରେ ଏ ନେଇ କୌଣସି ଖବର ନ ଥିବା ଜଣାପଡିଛି । ଏସମ୍ପର୍କରେ ଖବର ପାଇ କାଲିମେଲା ଜିଲା ପରିଷଦ ସଭ୍ୟ ଉତ୍ତମ ରାୟ ସମ୍ପୃକ୍ତ ଗ୍ରାମକୁ ଯାଇ ମୃତ ସୁଦୀପ୍ତଙ୍କ ପରିବାରକୁ ଭେଟିଛନ୍ତି। ଆକ୍ରାନ୍ତ ଲୋକମାନଙ୍କୁ ଭେଟି ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଗ୍ରାମକୁ ଏକ ଡାକ୍ତରୀ ଦଳ ପଠାଇ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଚିକିତ୍ସା କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।


ପ୍ରଥମ ପୃଷ୍ଠାରୁ...


## ୪୧ ଦାଦନ...

ସାହୁ(୪୦), ଖରିଆରରୋଡ ଜୋଙ୍କ ଥାନା ଅଞ୍ଚଳର ନୀଳକଣ୍ଠ ଚନ୍ଦ୍ରକାର(୪୮), ନସିମା ବାନୋ(ଲତା)(୫୮), ଜୀବନଲାଲ ରାଉତ(୩୦), ଭୀମା ସାହୁ(୫୪), ବବଲୁ ଗାନ୍ଧୀ(୫୧)ଗିରଫ ହୋଇଛନ୍ତି। ଖଡିଆଳ ଥାନା ଛେଲିଆ ପଡାର କୁନାଲ ତାଣ୍ଡି(୪୦), ହିତେଶ କୁମାର (୪୦), ପରମାନନ୍ଦ ମେହେର(୪୯)ଗିରଫ ହୋଇ ଅପରାହ୍ନରେ କୋର୍ଟ ଚାଲାଣ ହୋଇଛନ୍ତି ବୋଲି ଏଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ବିନୀତ ଅଗ୍ରୱାଲ ଏହି ସୂଚନା ଦେଇଛନ୍ତି। ସେହିପରି ବଲାଙ୍ଗୀର ଜିଲାର କଣ୍ଟାବାଞ୍ଜି ଥାନାର ୨ ମାମଲାରେ ୮ ଜଣ, ତୁରେକେଲା ଥାନାରେ ୨ ମାମଲାରେ ୬ଜଣ, ବେଲପଡା ଥାନାରେ ୨ ମାମଲାରେ ୫ ଜଣ, ଖପ୍ରାଖୋଲ ଥାନାରେ ୨ ମାମଲାରେ ୪ ଜଣ ଓ ଲାଠୋର ଥାନାରେ ଗୋଟିଏ ମାମଲା ରୁଜୁ କରାଯାଇ ୨ ଜଣ ଏପରି ୨୫ ଜଣ ଦାଦନ ସର୍ଦ୍ଦାରଙ୍କୁ ଗିରଫ କରାଯାଇଛି। ଏନେଇ ଏସପି ସନ୍ଦୀପ ମାଡକର ଖବରଦାତା ସମ୍ମିଳନୀରେ ସୂଚନା ଦେଇ ୫ଟି ଥାନାରେ ସମୁଦାୟ ୯ଟି ମାମଲା ରୁଜୁ କରାଯାଇ ୨୫ ଜଣ ଦାଦନ ସର୍ଦ୍ଦାରଙ୍କୁ ଗିରଫ କରାଯାଇଥିବା କହିଛନ୍ତି । ଏହି ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବା ପରେ ଉତ୍ତରାଞ୍ଚଳ ଡିଆଇଜି ହିମାଂଶୁ ଲାଲ ଶନିବାର ବଲାଙ୍ଗୀର ଜିଲା ଗସ୍ତରେ ଆସି ସମୀକ୍ଷା କରିଥିଲେ । ଅନ୍ୟପକ୍ଷେ ନୂଆପଡ଼ାରେ ଦାଦନ ସର୍ଦ୍ଦାରମାନଙ୍କୁ ଖବରଦାତା ସମ୍ମିଳନୀରେ ପୋଲିସ ହାଜର କରିପାରି ନ ଥିବାରୁ ଏହାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି। ଅଭିଯୁକ୍ତମାନଙ୍କୁ କାହିଁକି ହାଜର କରାଯାଉନାହିଁ ବୋଲି ପଚାରିବାରେ ସମସ୍ତଙ୍କୁ ଏକାଠି କରିବା ସମ୍ଭବ ହେଉନାହିଁ ବୋଲି ଏସ୍‌ପି କହିଛନ୍ତି । ଉଲ୍ଲେଖଯୋଗ୍ୟ, ଜିଲାରେ ବହୁ ବର୍ଷ ଧରି ଶ୍ରମିକ ସର୍ଦ୍ଦାରଙ୍କ ସହ ଶ୍ରମ କାର୍ଯ୍ୟାଳୟର ମଧୁଚନ୍ଦ୍ରିକା ରହିଆସିଛି। ଏଥିରେ ବହୁ ନେତା, ଅଧିକାରୀ ସାମିଲ ରହିଆସିଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ଜିଲାରେ ୫୦ରୁ ଊର୍ଦ୍ଧ୍ୱ ବଡବଡିଆ ଶ୍ରମିକ ସର୍ଦ୍ଦାର ଅଛନ୍ତି। ସେମାନେ କିପରି ପୋଲିସର କବ୍‌ଜାକୁ ଆସିଲେ ନାହିଁ ତାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି।

## ଭାଜପା ଛାଡ଼ିଲେ...

ହୋଇଥିଲେ। ଦଳ ବିରୋଧୀ କାର୍ଯ୍ୟପାଇଁ ସେତେବେଳେ ନିଲମ୍ବିତ ହୋଇଥିବା ଅଶୋକ ୨୦୧୮ରେ ବିଜେଡି ଛାଡ଼ିଥିଲେ। ଏହାସହିତ ସେହିବର୍ଷ ଉପନିର୍ବାଚନରେ ଭାଜପାରୁ ପ୍ରାର୍ଥୀ ହୋଇ ଭଲ ଭୋଟ୍ ପାଇଥିଲେ ମଧ୍ୟ ୪୦ହଜାରରୁ ଅଧିକ ଭୋଟ୍ ବ୍ୟବଧାନରେ ପରାସ୍ତ ହୋଇଥିଲେ। ଗତ ସାଧାରଣ ନିର୍ବାଚନରେ ଭାଜପା ତାଙ୍କୁ ଟିକେଟ ନ ଦେଇ ସନତ୍ ଗଡ଼ତିଆଙ୍କୁ ପ୍ରାର୍ଥୀ କରିଥିଲା। ବିଜେଡି ପ୍ରାର୍ଥୀ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେପୁର ଓ ଗଞ୍ଜାମ ଜିଲାର ହିଞ୍ଜିଳି ଆସନରୁ ବିଜୟୀ ହୋଇଥିଲେ। ପରେ ମୁଖ୍ୟମନ୍ତ୍ରୀ ବିଜେପୁର ଆସନ ଛାଡ଼ିବା ପରେ ଆସନ୍ତା ୨୧ ତାରିଖରେ ସେଠାରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ଅଶୋକଙ୍କୁ ନେଇ ପୁଣି ଚର୍ଚ୍ଚା ଜୋର୍ ଧରିଥିଲା। ହେଲେ ଭାଜପା ସନତ ଗଡ଼ତିଆଙ୍କୁ ପୁନର୍ବାର ପ୍ରାର୍ଥୀ କରିଥିଲା, ଯାହା ଅଶୋକଙ୍କୁ ବ୍ୟଥିତ କରି ଦଳ ଛାଡ଼ିବାକୁ ବାଧ୍ୟ କରିଥିବା ସେ କହିଛନ୍ତି। ସାଧାରଣ ନିର୍ବାଚନ ତଥା ଚଳିତ ଉପନିର୍ବାଚନରେ ଅଶୋକଙ୍କୁ ନିର୍ଦ୍ଦିଷ୍ଟ ଭାବେ କୌଣସି ଦାୟିତ୍ୱ ଦିଆଯାଇ ନ ଥିଲା। ତେଣୁ ସେ ଦଳ ଉପରେ ଅସନ୍ତୁଷ୍ଟ ଥିଲେ। ଦଳ ଛାଡ଼ିବେ ନାହିଁ ବୋଲି ମତ ଦେଇଥିଲେ। ଏପରି ମତ ଦେବାର ୪୮ଘଣ୍ଟା ପରେ ଅଶୋକ ଦଳ ଛାଡ଼ି ଦେଇଛନ୍ତି। ଏହାର ସିଧା ପ୍ରଭାବ ଭାଜପା ସଙ୍ଗଠନ ଉପରେ ପଡ଼ିବ ବୋଲି କେତେକେ ମତ ଦେଇଛନ୍ତି। ଏହାକୁ ଖଣ୍ଡନ କରି ଭାଜପାର ପୂର୍ବତନ ବିଧାୟକ ତଥା ବରିଷ୍ଠ ନେତା ପ୍ରଦୀପ ପୁରୋହିତ କହିଛନ୍ତି ଯେ, ବିଜେଡି ଚକ୍ରାନ୍ତରେ ଫସି ଅଶୋକ ଇସ୍ତଫା ଦେଇଛନ୍ତି। ତାଙ୍କ ଉପରେ ଭରସା କରି ଭାଜପା ତାଙ୍କୁ ପ୍ରାର୍ଥୀ କରିଥିଲା। ତାଙ୍କ ପାଇଁ ବହୁ ପୁରୁଖା ଭାଜପା କର୍ମୀ ଅସନ୍ତୋଷରେ ଦଳ ଛାଡିଥିଲେ। ଏବେ ସେମାନେ ଦଳକୁ ଫେରିବେ। ଏହାଦ୍ୱାରା ଦଳ ଅଧିକ ମଜଭୁତ୍ ହେବ। ଅଶୋକ ଭୁବନେଶ୍ୱର ଯାଇ ବିଜେଡି ନେତାଙ୍କ ସହ ଆଲୋଚନା କରିଛନ୍ତି ବୋଲି ପ୍ରଦୀପ କହିଛନ୍ତି।

# ସୁବ୍ରତଙ୍କୁ ଭାରତୀୟ ଯୁବ ପୁରସ୍କାର

ବାରିପଦା ଅଫିସ,୧୨।୧୦

ମୟୂରଭଞ୍ଜ ଜିଲାର ଯୁବ ପ୍ରତିଭା ସୁବ୍ରତ ଦାସ ଓଡ଼ିଶାର ଏକମାତ୍ର ଯୁବକ ଭାବେ ଚଳିତବର୍ଷ ଭାରତୀୟ ଯୁବ ପୁରସ୍କାର ସମ୍ମାନ ଲାଭ କରିଛନ୍ତି। ଉତ୍ତର ପ୍ରଦେଶର ଆଗ୍ରାଠାରେ ଯୁବ ଖେଳକୁଦ ମହାସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ତାଙ୍କୁ ଏହି ପୁରସ୍କାର ତଥା ସମ୍ମାନ ମିଳିବା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଚାରିଆଡୁ ଛୁଟିଛି ପ୍ରଶଂସାର ସୁଅ। ବାରିପଦାସ୍ଥିତ ତଖତପୁର ଅଞ୍ଚଳର ମାତା ଭାରତୀ ଦାସ ଓ ପିତା ଦିଲ୍ଲୀପ କୁମାର ଦାସଙ୍କ ପୁତ୍ର ସୁବ୍ରତ ସେବାକାର୍ଯ୍ୟ ପ୍ରତି ରୁଚି ରଖି ଏଭଳି ଉଚ୍ଚ ସମ୍ମାନର ଅଧିକାରୀ ହୋଇପାରିଛନ୍ତି। ପାଠ ପଢ଼ିବା ସମୟରୁ ସେ ବିଭିନ୍ନ ସେବା କାର୍ଯ୍ୟକ୍ରମରେ ଜଡ଼ିତ ରହି ରାଜ୍ୟସ୍ତରରେ ଦୁଇ ଦୁଇ ଥର ପୁରସ୍କୃତ ହୋଇଛନ୍ତି। ଏଥିସହ ଅନେକ ଅନୁଷ୍ଠାନ ତରଫରୁ ମଧ୍ୟ ସମ୍ବର୍ଦ୍ଧିତ ହୋଇଛନ୍ତି।

ଆଗ୍ରା ଠାରେ ଶୁକ୍ରବାର ଆୟୋଜିତ ଭବ୍ୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଦିଲ୍ଲୀ ସରକାରଙ୍କଠାରୁ ବି.ଆର. ଆମ୍ବେଦକର ରତ୍ନ ଉପାଧି ଲାଭ କରିଥିବା ଗୋପାଳ ପାହାଡିଆ ମୁଖ୍ୟଅତିଥି ରୂପେ ଯୋଗଦେଇ ବିଭିନ୍ନ ରାଜ୍ୟରୁ ଆସିଥିବା ସ୍ୱେଚ୍ଛାସେବୀ, କ୍ରୀଡ଼ାବିତ ଓ ଶିକ୍ଷାବିତମାନଙ୍କୁ ପୁରସ୍କୃତ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ସମାଜସେବା କାର୍ଯ୍ୟକୁ ବେଶ୍ ପ୍ରଶଂସା କରିଥିଲେ। ଏହି ସର୍ବଭାରତୀୟ ଯୁବ ପୁରସ୍କାର କାର୍ଯ୍ୟକ୍ରମରେ ସମାଜସେବା ପାଇଁ ସୁବ୍ରତଙ୍କ ୩ ଜଣ ପୁରସ୍କୃତ ହୋଇଥିଲେ। ଉଲ୍ଲେଖନୀୟ ଯେ, ଗତ ଅଗଷ୍ଟ ୧୨ ତାରିଖରେ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଣାଳୟ ପକ୍ଷରୁ ୨୦୧୬-୧୭ ମସିହା ଲାଗି ସୁବ୍ରତଙ୍କୁ ସର୍ବଭାରତୀୟ ସ୍ତରରେ ରାଷ୍ଟ୍ରୀୟ ଯୁବ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ସେ ଏହି ସମ୍ମାନ ଲାଭ କରି ମୟୂରଭଞ୍ଜ ଜିଲା ସମେତ ସାରା ରାଜ୍ୟର ଗୌରବ ବୃଦ୍ଧି କରିଥିଲେ। ଏଥିସହିତ କୋଣାର୍କଠାରେ ସେହି ମାସ ଅନୁଷ୍ଠିତ ନେହେରୁ ଯୁବ କେନ୍ଦ୍ର ଓଡ଼ିଶା ଶାଖା ପକ୍ଷରୁ ରାଜ୍ୟସ୍ତରୀୟ ଯୁବ ନେତୃତ୍ୱ ଓ ପ୍ରଶିକ୍ଷଣ ଶିବିରରେ ମଧ୍ୟ ତାଙ୍କୁ ସମ୍ମାନିତ କରାଯାଇଥିଲା। ବର୍ତ୍ତମାନର ଯୁବପିଢି ସମାଜସେବା ଭଳି କାର୍ଯ୍ୟ ପ୍ରତି ବ୍ରତୀ ହେଲେ ସମାଜଜୀବନ ଅଧିକ ସରସସୁନ୍ଦର ହୋଇ ପାରିବ ବୋଲି ସୁବ୍ରତ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।




ଉତ୍ସବରେ ସୁବ୍ରତଙ୍କୁ ଯୁବ ପୁରସ୍କାର ପ୍ରଦାନ କରାଯାଉଛି।

# ସଂଗଠିତ ସମାଜ ପାଇଁ ସମ୍ମିଳିତ ଉଦ୍ୟମ ଲୋଡ଼ା: ଭାଗବତ

ଭୁବନେଶ୍ୱର, ୧୨।୧୦(ବ୍ୟୁରୋ)



ବିଶିଷ୍ଟ ନାଗରିକ ସମ୍ମିଳନୀରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘ ଚାଳକ ମୋହନ ଭାଗବତ ଓ ଅନ୍ୟ ଅତିଥିବୃନ୍ଦ।

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆର୍‌ଏସ୍‌ଏସ୍) କାହା ପ୍ରତି ବିଦ୍ୱେଶ ମନୋଭାବ ରଖେ ନାହିଁ। ଗୋଟେ ଶୃଙ୍ଖଳିତ ଓ ବିକଶିତ ସମାଜ ପ୍ରତିଷ୍ଠା ପାଇଁ ଆର୍‌ଏସ୍‌ଏସ୍ ସାମଗ୍ରିକ ପରିବର୍ତ୍ତନ ଚାହୁଁଛି, କେବଳ ହିନ୍ଦୁଙ୍କର ନୁହେଁ ବୋଲି ଭୁବନେଶ୍ୱରରେ ଶନିବାର ଅନୁଷ୍ଠିତ ଅଖିଳ ଭାରତୀୟ କାର୍ଯ୍ୟକାରୀ ମଣ୍ଡଳ କାର୍ଯ୍ୟକ୍ରମରେ ଯୋଗ ଦେଇ ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତ କହିଛନ୍ତି। ଏକ ସଂଗଠିତ ସମାଜ ଗଠନ ପାଇଁ ସମ୍ମିଳିତ ଉଦ୍ୟମ ଲୋଡ଼ା ଏବଂ ଆର୍‌ଏସ୍‌ଏସ୍ ଏଥିପାଇଁ କାର୍ଯ୍ୟ କରୁଛି ବୋଲି ଓଡ଼ିଶାକୁ ୯ଦିନିଆ ଗସ୍ତରେ ଆସି ଭାଗବତ ଏହା କହିଛନ୍ତି।

ଦେଶର ଭାଗ୍ୟ ବଦଳିବା ପାଇଁ କେଉଁ ସରକାର, କେଉଁ ନେତା, କେଉଁ ମହାପୁରୁଷ ଯଥେଷ୍ଟ ନୁହନ୍ତି। କେବଳ ସମାଜ ହିଁ ସେହି ରାଷ୍ଟ୍ରର ଭାଗ୍ୟ ବଦଳାଇ ପାରିବ। ସାଧାରଣ ଲୋକ ଯେତେବେଳେ ନିଜର ସ୍ୱାର୍ଥକୁ ଭୁଲିଯିବେ ସେତେବେଳେ ସମାଜର ବୃହତ୍ତର ସ୍ୱାର୍ଥ ସାଧନ ହେବ। ସମାଜର ଶ୍ରେଷ୍ଠତ୍ୱ ପାଇଁ ବ୍ୟକ୍ତି ନିର୍ମାଣର ଆବଶ୍ୟକତା ଅଛି। ପ୍ରତି ଗାଁ, ପ୍ରତି ସମାଜ, ପ୍ରତି ଗଳିରେ ଏପରି ବ୍ୟକ୍ତିତ୍ୱ ନିର୍ମାଣ ହେବା ଜରୁରୀ, ଯେଉଁମାନେ ସମାଜର ନେତୃତ୍ୱ ନେଇପାରିବେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଶାଖା ଦ୍ୱାରା ଏପରି ବ୍ୟକ୍ତି ନିର୍ମାଣ ହୁଏ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶାଖାରେ କେବଳ ରାଷ୍ଟ୍ର ଭାବନା ଜାଗ୍ରତ ହୁଏ, ତାହା ନୁହେଁ ଏହାସହ ପ୍ରତିଦିନ ସମାଜ ଭୋଗୁଥିବା ସାମାଜିକ ଅସୁବିଧାକୁ ମୁକାବିଲା କରିବା ପାଇଁ ପ୍ରସ୍ତୁତି ମଧ୍ୟ ହୋଇଥାଏ ବୋଲି ଭାଗବତ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଚନ୍ଦ୍ର ଉତ୍ତରଭାଦ୍ରପଦ୍ ନକ୍ଷତ୍ରରେ ରହିଥିବାରୁ ବିଭିନ୍ନ ପ୍ରକାରର ସମସ୍ୟା ସାଙ୍ଗକୁ ଅଯଥା ଅର୍ଥ ବ୍ୟୟ ମାନସିକ ସ୍ଥିତିକୁ କଳୁଷିତ କରିଦେବ। ପୂର୍ବରୁ ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଅସୁବିଧାରେ ପକାଇବାକୁ ଚେଷ୍ଟା କରିପାରନ୍ତି। ଦୂରଯାତ୍ରା ପାଇଁ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ବିଶେଷତଃ ଜିନିଷପତ୍ର ପ୍ରତି ସତର୍କ ରହିବା ଭଲ ହେବ।

**ବୃଷ** ଶାରୀରିକ ଅସୁସ୍ଥତା ସାଙ୍ଗକୁ ପାରିବାରିକ ଅଶାନ୍ତି ଓ ଅର୍ଥାଭାବର ପରିସ୍ଥିତିକୁ ସାମ୍ନା କରିବାକୁ ପଡ଼ିପାରେ। ଭୁଲ୍ ବୁଝାମଣା କାରଣରୁ ଭାଇ କିମ୍ବା ଭଉଣୀଙ୍କ ସହ ସମ୍ପର୍କରେ ତିକ୍ତତା ସୃଷ୍ଟି ହେବାର ସମ୍ଭାବନା ରହିଛି। ଯାନ୍ତ୍ରିକ ଜିନିଷ, ଯାନବାହନ, ଗୃହୋପକରଣ କ୍ରୟ କରିପାରନ୍ତି। ଆଜିର ଯାତ୍ରା, ବ୍ୟବସାୟ କ୍ଷେତ୍ର ମନ୍ଦ ହେବନି।

**ମିଥୁନ** କର୍ମକ୍ଷେତ୍ରରେ ନିଜ ନିଜ ଜିଦ୍‌ରେ ଅଟଳ, ଅଚଳ ରହିବା କାରଣରୁ ଟିକିଏ ଟିକିଏ କଥାରେ କଳହ ଲାଗିପାରେ। ଅର୍ଥ ସମ୍ବନ୍ଧୀୟ କଥା, ଚୁକ୍ତିପତ୍ର, ଜମିଜମା କାରବାର,ଆନୁଷ୍ଠାନିକ କାମରେ କେତେକ ବ୍ୟତିକ୍ରମକୁ ଦେଖି ମାନସିକ ଆଘାତ ପାଇପାରନ୍ତି। ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ଭଲ ସମ୍ପର୍କ ରହିଥିବା ବନ୍ଧୁମାନେ ସାହାଯ୍ୟ କରିବେ।

**କର୍କଟ** କର୍ମକ୍ଷେତ୍ରରେ ବନ୍ଧୁଙ୍କ ସାହାଯ୍ୟ ଓ ବଦାନ୍ୟତା ଆପଣଙ୍କୁ ଅର୍ଥଲାଭର ସୁବିଧା କରାଇବ। ପ୍ରକାଶନ, ପ୍ରଶାସନ, ସାମ୍ବାଦିକତା ଓ ନିର୍ମାଣ କ୍ଷେତ୍ରରେ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ସ୍ୱାସ୍ଥ୍ୟ ସମସ୍ୟା, ଅଭିମାନ କରିଥିବା ସନ୍ତାନ, ପାଖ ପଡ଼ୋଶୀଙ୍କ ଅଭିଯୋଗ ସକାଶେ ସାମୟିକ ମନରେ ଭାବାନ୍ତର ସୃଷ୍ଟି ହୋଇପାରେ।

**ସିଂହ** ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହେଲେ ମଧ୍ୟ ସବୁ କିଛି ପାଣିଫୋଟକା ପରି ଅଳ୍ପ ସମୟ ଭିତରେ ମିଳାଇଯିବ। ବ୍ୟବସାୟିକ କ୍ଷେତ୍ର ଓ ପ୍ରଶାସନିକ ସ୍ତରରେ ପରିସ୍ଥିତି ସେତେଟା ଭଲ ରହି ନ ପାରେ। ଆକସ୍ମିକ ଭାବରେ ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ। ଏପରିକି ନିଜର ପ୍ରିୟ ବ୍ୟକ୍ତିମାନଙ୍କ ଦ୍ୱାରା ତିରସ୍କୃତ ହେବେ।

**କନ୍ୟା** କର୍ମକ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାହାଯ୍ୟ ଲାଭ କରି କାର୍ଯ୍ୟ ହାସଲ କରିବେ। ଗଠନମୂଳକ କିମ୍ବା ସାମୂହିକ କାମରେ, ରାଜନୈତିକ କ୍ଷେତ୍ରରେ ଲୋକ ସମ୍ପର୍କ ବୃଦ୍ଧି ପାଇବ। ବାଣିଜ୍ୟ ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢ଼ିବ। ସଭାସମିତିରେ ତଥା ଆଲୋଚନା କ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ।

**ତୁଳା** ଆତ୍ମୀୟମାନଙ୍କ ସହଯୋଗରୁ ସମାଧାନର ସରଳସୂତ୍ର ବାହାର କରିବାରେ ସମର୍ଥ ହେବେ। ନିଜ ଲୋକ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ। ମାଲିମକଦ୍ଦମା, ଜମିଜମା ସମସ୍ୟା ସମାଧାନ କ୍ଷେତ୍ରରେ ନିକଟ ସମ୍ପର୍କୀୟମାନେ ହିଁ ସାହାଯ୍ୟ କରିବାକୁ ଆଗେଇ ଆସିବେ।

**ବିଛା** ଅଧିକାଂଶ ସମୟ ମାନସିକ ଅସ୍ଥିରତା କାରଣରୁ କିମ୍ବା ସତର୍କତା ଅଭାବରୁ ଯାହା ଭାବୁଥିବେ କାମ କରିବା ବେଳକୁ ତାହା ଠିକ୍ ଓଲଟା ହୋଇଯିବ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। କଳା, ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** ଆପଣ ପ୍ରତ୍ୟେକ ସ୍ତରରେ ଅନ୍ୟମାନଙ୍କୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ସନ୍ତାନଙ୍କ ସକାଶେ ଆଗାମୀ ବୈବାହିକ କର୍ମ ସମ୍ପାଦନ ପାଇଁ ନୂତନ ବନ୍ଧୁ ପ୍ରସ୍ତାବ ସମ୍ପର୍କୀୟ ଆଲୋଚନା କଲେ ଉପକୃତ ହେବେ। ବିଭିନ୍ନ ପ୍ରକାରର ପ୍ରତିବନ୍ଧକ ହେତୁ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ। ଆଜି ଶାରୀରିକ ସୁସ୍ଥତା ଫେରିପାଇବେ।

**ମକର** ବିଭିନ୍ନ ଦିଗରୁ ମାନସିକ ଚାପ ଓ ପ୍ରତିବନ୍ଧକର ସାମ୍ନା କରି କାମ ହାସଲ କରିବାକୁ ପଡ଼ିବ। ସମ୍ପର୍କ ଭଲ ଥିଲେ ମଧ୍ୟ ବନ୍ଧୁଙ୍କ ଅଶୋଭନୀୟ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବା ଫଳରେ ସେହି ପ୍ରଭାବରୁ କିଛି ସମସ୍ୟା ମଧ୍ୟ ଆସିବ। ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ ଅଳ୍ପ ସମୟ ମଧ୍ୟରେ ଦୂରେଇ ଯିବ।

**କୁମ୍ଭ** ଅଧିକାଂଶ ସମୟ ଅନ୍ୟମନସ୍କ ରହିବା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ କିଛିନା କିଛି ବ୍ୟତିକ୍ରମ ଅବଶ୍ୟ ସୃଷ୍ଟି ହେବ। ଅଭିମାନ କରି ରହିଥିବା ବନ୍ଧୁଙ୍କୁ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ସରକାରୀ କ୍ଷେତ୍ରରୁ ଆଶା କରିଥିବା କୌଣସି କାଗଜପତ୍ର ସମ୍ପର୍କୀୟ ଶୁଭ ସୂଚନା ପାଇ ମନ ଖୁସି ହୋଇଯିବ।

**ମୀନ** ଆଜି ଆନୁଷ୍ଠାନିକ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରତିଷ୍ଠା ସାଙ୍ଗକୁ ପ୍ରଶଂସିତ ହୋଇପାରନ୍ତି। ବନ୍ଧୁମାନଙ୍କ ଅନୁରୋଧକୁ ଉପେକ୍ଷା ନ କରି ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ଢଳିପାରେ। ଆର୍ଥିକ ସ୍ୱଚ୍ଛଳତା ବଢ଼ିଯିବା କାରଣରୁ ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହେବେ। ସାମାଜିକ ସ୍ତରରେ ଉନ୍ନତିମୂଳକ କାମ ସକାଶେ ଦିନଟି ବହୁତ ଭଲ।

ଆଜି କୁମାରପୂର୍ଣ୍ଣିମା, କାର୍ତ୍ତିକେୟ ଜନ୍ମ, ଗଜଲକ୍ଷ୍ମୀ ପୂଜା, ଜହ୍ନିଓଷା ସମାପ୍ତି, ଶ୍ରୀସୁଦର୍ଶନ ଦେବଙ୍କ ଆଶ୍ରମ ବିଜେ, ଇନ୍ଦ୍ର ଐରାବତ ପୂଜା, ଅକ୍ଟୋବର ୧୩ ତାରିଖ, ରବିବାର, ସକାଳ ଘ୮ ।୨୯ମି. ଗତେ, ରାଶିନକ୍ଷତ୍ର-ରେବତୀ/ମୀନ, ମେଷ ରାଶିର ଘାତବାର, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬ ।୩୦ମି. ଗତେ ଘ୮ ।୫୦ମି. ମଧ୍ୟେ, ଘ୧୧ ।୫୪ମି. ଗତେ ଘ୨ ।୫୮ମି. ମଧ୍ୟେ ଅମୃତବେଳା। ଦିବା ଘ୧ ।୦୦ମି. ଗତେ ଘ୨ ।୨୭ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୩।୫୪ମି. ଗତେ ଘ୫ ।୨୧ମି. ମଧ୍ୟେ ରାହୁକାଳ।

## ସଂକ୍ଷେପରେ

■ ଗଣଶିକ୍ଷା ବିଭାଗର 'ଜିରୋ ଏଫ୍' ମିଶନ

### ଛୁଟିଦିନରେ ଦଶମ ଶ୍ରେଣୀ ପିଲାଙ୍କୁ ପଢ଼ାଇବେ ଶିକ୍ଷକ

ଭୁବନେଶ୍ୱର, ୧୨।୧୦(ବ୍ୟୁରୋ): ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଫେଲ୍ ହାର କମାଇବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଚିନ୍ତା କରିଛି। ଏଥିପାଇଁ 'ଜିରୋ ଏଫ୍' ମିଶନ ଆରମ୍ଭ କରିଛି। ପ୍ରଥମେ କଟକ ଜିଲାକୁ ପାଇଲଟ୍ ପ୍ରୋଜେକ୍ଟ ଭାବେ ନିଆଯାଇଛି। ଛୁଟିଦିନଗୁଡ଼ିକରେ ମଧ ପାଠ ପଢ଼ିବେ ଦଶମ ଶ୍ରେଣୀ ଛାତ୍ରୀଛାତ୍ର। ଏନେଇ ଜିଲା ଶିକ୍ଷାଧିକାରୀ ସମସ୍ତ ବ୍ଲକ ଶିକ୍ଷାଧିକାରୀଙ୍କୁ ଚିଠି ଲେଖିଛନ୍ତି। ପିଲାଙ୍କ ପାଠ ପଢ଼ା ପ୍ରତି ଅଧିକ ଧ୍ୟାନ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବ୍ଲକ୍ ଶିକ୍ଷାଧିକାରୀଙ୍କ ଲିଖିତ ଅନୁମତି ବିନା ଶିକ୍ଷକମାନେ ଛୁଟି ନେଇପାରିବେ ନାହିଁ। ଶିକ୍ଷକଙ୍କ ଉପସ୍ଥାନ ଯାଞ୍ଚ କରିବାକୁ ବିଇଓମାନଙ୍କୁ ଅଚାନକ ପରିଦର୍ଶନ କରିବାକୁ କୁହାଯାଇଛି। ଏହାସହ ବିଇଓମାନେ ନିଜ ଅଞ୍ଚଳର ପ୍ରଧାନଶିକ୍ଷକଙ୍କୁ ନେଇ ଏକ ହ୍ୱାଟ୍ସଆପ୍ ଗ୍ରୁପ୍ କରିବେ। ଯେଉଁଥିରେ ପାଠପଢ଼ା ସମ୍ପର୍କିତ ସମସ୍ତ ତଥ୍ୟ ରହିବ। ଏହି କ୍ରମରେ କଟକ ଜିଲାରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଦଶହରା ଛୁଟିରେ ବି କଟକର ବିଭିନ୍ନ ସ୍କୁଲରେ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଚାଲିଥିଲା। ସୂଚନାଯୋଗ୍ୟ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ରାଜ୍ୟର ୮୨ ସ୍କୁଲର ଜିରୋ ରେଜଲ୍ଟ ହୋଇଥିଲା, ଯାହାକୁ ନେଇ ବିଭାଗ ଅନେକ ସମାଲୋଚନାର ଶିକାର ହୋଇଥିଲା। ତେଣୁ ସେହି ପରିସଂଖ୍ୟାନକୁ ସୁଧାରିବା ପାଇଁ ବିଭାଗ ପକ୍ଷରୁ 'ଜିରୋ ଏଫ୍' ମିଶନ ଆରମ୍ଭ ହୋଇଛି।

ସେପଟେ ଶିକ୍ଷକ ପଦବୀ ପୂରଣ ନ କରି ବିଭାଗ ଏଭଳି ନିଷ୍ପତ୍ତି ନେବା ଉଚିତ ନୁହେଁ ବୋଲି ଶିକ୍ଷକ ସଂଘ କହିଛି। ଓଷ୍ଟାର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି କହିଛନ୍ତି ଯେ, ଛୁଟି ନେବା ଶିକ୍ଷକଙ୍କ ଅଧିକାର। ଶିକ୍ଷକଙ୍କ ଛୁଟିକୁ ବଳି ପକାଇ କେବଳ ଦଶମ ଶ୍ରେଣୀ ପିଲାଙ୍କୁ ପାଠ ପଢ଼ାଇଲେ 'ଜିରୋ ଏଫ୍' ମିଶନ କରିଦେଲେ ଏହା ସଫଳ ହେବ ନାହିଁ। ପ୍ରଥମରୁ ଆମୂଳଚୂଳ ପରିବର୍ତ୍ତନ ପାଇଁ ଶିକ୍ଷକ ନିଯୁକ୍ତି ପାଇଁ ଆମେ ସରକାରଙ୍କୁ ଅନୁରୋଧ କରୁଛୁ। ସେପଟେ ଫେଲ୍ ହାର କମାଇବା ଆମର ମୂଳ ଲକ୍ଷ୍ୟ ବୋଲି ବିଭାଗୀୟ ମନ୍ତ୍ରୀ ମୀର ରଞ୍ଜନ ଦାଶ କହିଛନ୍ତି।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

# ବିଜେପୁର: ପ୍ରସଙ୍ଗ ନୁହେଁ, ପତିଆରା ରାଜନୀତି




■ ଅଶୋକଙ୍କ ସମର୍ଥକଙ୍କ ଉପରେ ରହିବ ନଜର
■ ସଫଳତା ଦୋହରାଇବା ଲକ୍ଷ୍ୟରେ ବିଜେଡି
■ ପୂର୍ବାପେକ୍ଷା ୨ଗୁଣା ସମର୍ଥନ ଆଶାରେ ଭାଜପା
■ ଗଡ଼ରେ ସ୍ଥିତି ରକ୍ଷା ପାଇଁ କଂଗ୍ରେସର ପ୍ରୟାସ

ଚିଦାନନ୍ଦ ଜେନା
ବିଜେପୁର,୧୨।୧୦

ବରଗଡ଼ ଜିଲା ବିଜେପୁର ଉପନିର୍ବାନକୁ ଆଉ ସପ୍ତାହେ ବାକି ଅଛି। ଦେଢ଼ବର୍ଷ ମଧ୍ୟରେ ତୃତୀୟଥର ନିର୍ବାଚନ ଦେଖୁଛନ୍ତି ବିଜେପୁର ଭୋଟର। ଲଗାତର ନିର୍ବାଚନ ଫଳରେ ପୂର୍ବ ସରଗରମ ଏତେଟା ଦେଖିବାକୁ ମିଳୁ ନ ଥିଲେ ସୁଦ୍ଧା ଆଉ ଦିନେ ଦୁଇଦିନ ମଧରେ ରାଜନୈତିକ ପାଣିପାଗ ଜୋର୍ ଧରିବ ବୋଲି ଦଳୀୟ ପ୍ରାର୍ଥୀମାନେ ମତ ଦେଇଛନ୍ତି। ନିର୍ବାଚନ ରଣାଙ୍ଗନରେ ଏଥର ଶାସକ ଦଳରୁ ପୁନର୍ବାର ରୀତା ସାହୁ, ଭାଜପାରୁ ସନତ ଗଡ଼ତିଆ ଏବଂ କଂଗ୍ରେସରୁ ଦିଲୀପ ପଣ୍ଡା ପ୍ରାର୍ଥୀ ହୋଇଛନ୍ତି। ମୋଟ୍ ଉପରେ କହିବାକୁ ଗଲେ ପୁରୁଣା ମୁହଁରେ ବିଜେପୁର ଏକ ନୂଆ ଲଢ଼େଇ ଦେଖିବାକୁ ଯାଉଛି। ବିଜେପୁର ମାଟିରେ ପ୍ରସଙ୍ଗର ଅଭାବ ନାହିଁ। ହେଲେ ତାକୁ ନେଇ ଭୋଟ୍ ରାଜନୀତି କରିବାରେ ଅଭାବ ପରିଲକ୍ଷିତ ହୋଇଛି। ତେଣୁ ଗତ ଦୁଇ ନିର୍ବାଚନ ପରି ଶାସକ ବିଜେଡି ନିଜ ପତିଆରା ବଜାୟ ରଖିବା ପାଇଁ ଚେଷ୍ଟା ଚଳାଇଛି। ସେହିପରି ଭାଜପା ସଂସଦୀୟ ଜନମତକୁ ବିଧାନସଭାରେ ରୂପାନ୍ତରିତ କରିବା ପାଇଁ ପ୍ରୟାସ କରୁଛି। ଅପରପକ୍ଷେ ଏକଦା ଦୁଇ ଦଶନ୍ଧି ଧରି ବିଜେପୁରକୁ କବ୍ଜା କରିଥିବା କଂଗ୍ରେସ ନିଜ ଅସ୍ତିତ୍ୱ ପାଇଁ ସଂଘର୍ଷ କରୁଥିବା ମନେ ହେଉଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେପୁରରେ ନିର୍ବାଚନ ଲଢ଼ି ବିଜୟୀ ହେବା ପରେ ଛାଡ଼ିଲେ କ'ଣ ପାଇଁ। ଏହି ପ୍ରସଙ୍ଗ ହିଁ ଦଳର ମୁଖ୍ୟ ଆୟୁଧ ବୋଲି ଭାଜପା ଜିଲା ସଭାପତି ଡା. ଅରୂପାନନ୍ଦ ସାହୁ କହିଛନ୍ତି। ଭାଜପା ପ୍ରାର୍ଥୀ ସନତ ଏବଂ ତାଙ୍କ ସମର୍ଥକ ତୃଣମୂଳ ସ୍ତରରେ ପରିଶ୍ରମ କରୁଛନ୍ତି। ମାତ୍ର ତାହା ଶାସକ ବିଜେଡି ତୁଳନାରେ ଆଖିଦୃଶିଆ ହେଉ ନ ଥିବା ଜଣାପଡ଼ିଛି। ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଗସ୍ତ ପରେ ଦଳୀୟ ଶିବିର ପୂର୍ବାପେକ୍ଷା ଚଳଚଞ୍ଚଳ ହୋଇଛି। ଆଗକୁ ପ୍ରତାପ ଷଡ଼ଙ୍ଗୀ, ସ୍ମୃତି ଇରାନୀଙ୍କ ଭଳି ନେତ୍ରୀଙ୍କୁ ଆଣି ଜନସଭା କରିବାର କାର୍ଯ୍ୟକ୍ରମ ରହିଛି। କଂଗ୍ରେସର ରାଜନୈତିକ ଅନୁପସ୍ଥିତି ଓ ବିଜେଡି ବିରୋଧୀ ଜନମତକୁ ଭାଜପା କେତେମାତ୍ରାରେ ଟାଣିପାରୁଛି, ତାହା ଉପରେ ସମସ୍ତଙ୍କ ନଜର ରହିବ।

ମୁଖ୍ୟମନ୍ତ୍ରୀ ବିଜୟୀ ହେବା ପରେ ଆସନଟି ଛାଡ଼ିଥିବାରୁ ଯେକୌଣସି ମତେ ବିଜୟୀ ହେବା ବିଜେଡ଼ିର ଏକମାତ୍ର ଲକ୍ଷ୍ୟ ରହିଛି। ଏତେସବୁ ପରେ ବି ବିଜେପୁରର ଭୋଟର ଉତ୍ସାହିତ ନ ଥିବା ଭଳି ଦେଖାଯାଇଛି। ନିୟମିତ ବ୍ୟବଧାନରେ ତୃତୀୟ ନିର୍ବାଚନ ନେଇ ସେମାନଙ୍କ ମଧ୍ୟରେ ରୋଷ ରହିଛି। ହେଲେ ରୋଷ ଶାସକ ଦଳକୁ ଯେ ବହୁଳ ଭାବେ ପ୍ରଭାବିତ କରିବ, ତାହା ଜଣାପଡୁନାହିଁ।

ବରପାଲି ଅଞ୍ଚଳରେ ବିଜେଡି ଓ ଭାଜପା ଉଭୟଙ୍କ ରାଜନୈତିକ ଉପସ୍ଥିତି ବେଶ୍ ବାରି ହୋଇ ପଡୁଛି। ଅପେକ୍ଷାକୃତ ଅନୁନ୍ନତ ଅଞ୍ଚଳ ବୋଲାଉଥିବା ଗାଇସିଲେଟ୍ ବ୍ଲକର ଭୋଟ ଗତଥର ଅଧିକାଂଶ ବିଜେଡିକୁ ଯାଇଥିଲା। ହେଲେ ସେହି ପରମ୍ପରାକୁ ଭାଙ୍ଗିବା ପାଇଁ ଭାଜପା ନିଜର ଟାଣୁଆ ସଙ୍ଗଠକ ପ୍ରଦୀପ ପୁରୋହିତଙ୍କୁ ଗାଇସିଲେଟ ବ୍ଲକ ଦାୟିତ୍ୱ ଦେଇଛି। ଅପରପକ୍ଷେ ୨୦୧୮ ଉପନିର୍ବାଚନର ଦଳୀୟ ପ୍ରାର୍ଥୀ ଅଶୋକ ପାଣିଗ୍ରାହୀ ଶନିବାର ଭାଜପାରୁ ଇସ୍ତଫା ଦେବା ପରେ ଏବେ ରାଜନୈତିକ ପାଣିପାଗ ଟିକେ ଭିନ୍ନ ହେବାର ଲାଗୁଛି। ସ୍ୱାଧୀନ ଭାବେ ଲଢ଼ି ୨୦୧୪ ନିର୍ବାଚନରେ ପ୍ରାୟ ୧୮ହଜାର ଭୋଟ୍ ପାଇଥିବା ଅଶୋକଙ୍କ ସମର୍ଥକ କାହାକୁ ଭୋଟ୍ ଦେବେ, ତାହା ଉପରେ ସମସ୍ତଙ୍କ ନଜର ରହିବ। ରାଜନୈତିକ ସମୀକ୍ଷକଙ୍କ କହିବାନୁଯାୟୀ, ମେ ମାସ ସାଧାରଣ ନିର୍ବାଚନଠାରୁ ଅଶୋକ ଏକ ପ୍ରକାର ଅସନ୍ତୁଷ୍ଟ ରହି ଆସୁଥିଲେ। ତେଣୁ ତାଙ୍କ ସମର୍ଥକଙ୍କୁ ଭାଜପା ପାଇଁ ପ୍ରଚାର କରିବା କିମ୍ବା ଭୋଟ ଦେବା ପାଇଁ ସେ ଉତ୍ସାହିତ କରିବେ ନାହିଁ। ଏହାର କେତେକାଂଶରେ ଫାଇଦା ଶାସକ ଦଳକୁ ହେବ ବୋଲି କୁହାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଭାଜପା ପ୍ରାର୍ଥୀ ହୋଇ ସନତ ପ୍ରାୟ ୫୩ ହଜାରରୁ ଅଧିକ ଭୋଟ ପାଇଥିଲେ। ଚଳିତ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନାହାନ୍ତି, ତେଣୁ ସେ ପାଇଥିବା ଭୋଟ୍ ଦୁଇଗୁଣ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ସନତ କହିଛନ୍ତି। ଏସବୁ ପରେ ବି ବିଜେପୁରବାସୀ କାହାକୁ ମୁକୁଟ ପିନ୍ଧାଇବେ, ତାହା ଇଭିଏମ ଗଣତି ପରେ ହିଁ ଜଣାପଡ଼ିବ। ସେହିପରି ୨୦୧୮ ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ହୋଇଥିବା ପ୍ରଣୟ ସାହୁ ଏବେ ବିଜେଡ଼ିରେ। ଯେଉଁ ରୀତାଙ୍କ ବିରୋଧରେ ସେ ଲଢ଼ିଥିଲେ, ଏବେ ତାଙ୍କରି ପାଇଁ ଗାଇସିଲେଟ୍‌ରେ ଭୋଟ୍ ମାଗୁଛନ୍ତି। ଗତ ସାଧାରଣ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ରିପୁନାଥ ସେଠଙ୍କୁ ଦଳ ଟିକେଟ୍ ଦେଇନାହିଁ। ତାଙ୍କ ଅସନ୍ତୋଷ ଦାଣ୍ଡରେ ପଡ଼ି ହାଟରେ ଗଡ଼ି ସାରିଲାଣି। ହେଲେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ତାଙ୍କ ମାନଭଞ୍ଜନ କଲାପରେ କଂଗ୍ରେସ ପାଇଁ ପ୍ରଚାର କରିବେ ବୋଲି ରିପୁ କହିଛନ୍ତି। ହେଲେ ରିପୁଙ୍କ ପ୍ରଚାର କଂଗ୍ରେସର ପୁରୁଣା ଭୋଟ୍‌ବ୍ୟାଙ୍କ ଫେରାଇ ଆଣିବାରେ କେତେ ସହାୟକ ହେଉଛି, ତାହା ଫଳାଫଳ ହିଁ କହିବ। ସ୍ଥାନୀୟ ରାଜନୈତିକ ସମୀକ୍ଷକଙ୍କ କହିବା ଅନୁଯାୟୀ, ପୂର୍ବତନ ମନ୍ତ୍ରୀ ରିପୁ ଅନୁସୂଚିତ ଜାତି(ଏସ୍‌ସି) ହୋଇଥିବାରୁ ତାଙ୍କର ଏକ ନିଜସ୍ୱ ଭୋଟ୍‌ବ୍ୟାଙ୍କ ରହିଥିଲା। ହେଲେ ଚଳିତଥର ପ୍ରାର୍ଥୀ ବଦଳାଇ ଦିଲୀପଙ୍କୁ ପ୍ରାର୍ଥୀ କରାଯାଇ ଥିବାରୁ ସେହି ଭୋଟ୍ ଅନ୍ୟଦଳକୁ ଚାଲିଯିବା ସମ୍ଭାବନା ରହିଛି। ବିଶେଷ ଭାବେ ୭ରୁ ୮ହଜାର ଭୋଟ୍ ଯେଉଁ ଦଳକୁ ଯିବ, ତାହା ବିଜୟ/ପରାଜୟର ବ୍ୟବଧାନ ବୃଦ୍ଧି/ହ୍ରାସରେ ସହାୟକ ହେବ ବୋଲି ସମୀକ୍ଷକ କହିଛନ୍ତି।

-ସହାୟତା-
ପ୍ରେମାନନ୍ଦ ଖମାରୀ, ମେଘନାଦ ସାହୁ, ରାଜେଶ୍ୱର ବେହେରା

## ଗୋଟିଏ ପୃଷ୍ଠା ହେବ କର୍ମଚାରୀଙ୍କ ଦରମା ବିଲ୍

ଭୁବନେଶ୍ୱର,୧୨।୧୦(ବ୍ୟୁରୋ)

ସରକାରୀ କର୍ମଚାରୀମାନଙ୍କ ଦରମା ଦେବାକୁ ଆଉ ବରବାଦ ହେବ ନାହିଁ ଲକ୍ଷ ଲକ୍ଷ ପୃଷ୍ଠାର କାଗଜ। ଗୋଟିଏ ପୃଷ୍ଠାରେ ସବୁ କର୍ମଚାରୀଙ୍କ ଦରମା ବିଲ୍ ପ୍ରସ୍ତୁତ ହେବ। ରାଜ୍ୟ ସରକାର ସରକାରୀ କାର୍ଯ୍ୟାଳୟକୁ କାଗଜମୁକ୍ତ କରିବାକୁ ପଦକ୍ଷେପ ଆରମ୍ଭ କରିଛନ୍ତି।

ପ୍ରତ୍ୟେକ ମାସରେ ରାଜ୍ୟର ସାଢ଼େ ୪ ଲକ୍ଷ କର୍ମଚାରୀଙ୍କ ଦରମା ପାଇଁ ପ୍ରାୟ ୧୫ ଲକ୍ଷ ପୃଷ୍ଠାର ବିଲ୍ ପ୍ରସ୍ତୁତ ହେଉଛି। ବର୍ଷକୁ ହାରାହାରି ୧.୮ କୋଟି ପୃଷ୍ଠାର ବିଲ୍ ପ୍ରସ୍ତୁତ ହେଉଛି। ଏହି ବିଲ୍ ପ୍ରସ୍ତୁତ କରିବାକୁ ବହୁ ମାନବ ସମ୍ବଳର ମଧ ଆବଶ୍ୟକତା ପଡୁଛି। ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ସିଙ୍ଗଲ ପେଜ୍ ବା ଗୋଟିଏ ପୃଷ୍ଠା ବିଲ୍ ପ୍ରସ୍ତୁତ କରିବାକୁ ପଦକ୍ଷେପ ନେଇଛି। ଏ ନେଇ ରାଜ୍ୟର ୩ଟି ମୁଖ୍ୟ ଟ୍ରେଜେରିରେ ଏହାକୁ ପରୀକ୍ଷା ମୂଳକ ଭାବେ ଆରମ୍ଭ କରାଯାଇଛି। ଆସନ୍ତା ଡିସେମ୍ବର ୩୧ ସୁଦ୍ଧା ୧୬୬ଟି ସରକାରୀ ଟ୍ରେଜେରିରେ ଏହି ବ୍ୟବସ୍ଥା ଲାଗୁ କରାଯିବ ବୋଲି ଜଣାପଡିଛି। ଅର୍ଥ ବିଭାଗ ସଚିବ ଅଶୋକ କୁମାର ମୀନା ଏ ନେଇ ଟ୍ରେଜେରି ଓ ଅର୍ଥ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହ ମଧ ଆଲୋଚନା କରିଛନ୍ତି।

କର୍ମଚାରୀମାନଙ୍କର ଦରମା ବିଲ୍ ପ୍ରସ୍ତୁତ କରିବାକୁ ୮ ହଜାର ଡ୍ରଇଙ୍ଗ ଡିସ୍‌ବର୍ସିଂ ଅଫିସର(ଡିଡିଓ) ନିଯୁକ୍ତି ପାଇଛନ୍ତି। ସେମାନେ ପ୍ରତିମାସରେ ପ୍ରତ୍ୟେକ କର୍ମଚାରୀଙ୍କ ପାଇଁ ୫୦ ପୃଷ୍ଠାର ବିଲ୍ ପ୍ରସ୍ତୁତ କରୁଛନ୍ତି। ରାଜ୍ୟ ମୁଖ୍ୟ ଟ୍ରେଜେରିରେ ଏହାକୁ ପାଇଲଟ ପ୍ରକଳ୍ପ ଭାବେ ଆରମ୍ଭ କରାଯାଇଥିଲା। ଏହା ବେଶ୍ ସଫଳ ହୋଇଛି। ଦରମା ବିଲ୍ ପ୍ରସ୍ତୁତ ହେବା ପରେ ଗୋଟିଏ କପି ଟ୍ରେଜେରିକୁ ପଠାଯାଇଥିବା ବେଳେ ଅନ୍ୟ ଗୋଟିଏ କପିକୁ ଡିଡିଓ ନିଜ ପାଖରେ ରଖିଥାଆନ୍ତି। ଏହି ପ୍ରକ୍ରିୟା ଦ୍ୱାରା ବହୁ ମାନବ ସମ୍ବଳ ଆବଶ୍ୟକତା ପଡୁଥିବା ବେଳେ ବିଲ୍ ପ୍ରସ୍ତୁତ କରିବାକୁ ଦୀର୍ଘସମୟ ଲାଗୁଛି। ଗୋଟିଏ ପୃଷ୍ଠା ବିଲ୍ ପ୍ରସ୍ତୁତ କରିବାକୁ କର୍ମଚାରୀମାନଙ୍କୁ କମ୍ ସମୟ ଲାଗୁଥିବାରୁ ସେମାନେ ମଧ ସନ୍ତୋଷ ପ୍ରକାଶ କରିଛନ୍ତି।

### #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ




ସାଇଶ୍ରୀ ସତ୍ୟରୂପା




ଅନୁଭବ ବରାଳ




ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ସୁନ୍ଦରଗଡ଼ ଜିଲାପାଳଙ୍କ ନାମରେ ଫେଶବୁକ୍‌ରେ ଜାଲ୍ ଆକାଉଣ୍ଟ

ସୁନ୍ଦରଗଡ଼,୧୨।୧୦(ଡି.ଏନ୍.ଏ)

ସୁନ୍ଦରଗଡ଼ ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କ ନାମରେ ଫେଶବୁକ୍‌ରେ ଜାଲ୍ ଆକାଉଣ୍ଟ ଖୋଲାଯାଇ ଲାଞ୍ଚ ମଗାଯାଉଛି। ଏହା ମାଧମରେ ଦାମୀ ଉପହାର, ମୋବାଇଲ ଫୋନ ଦେବାକୁ କୁହାଯାଉଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ଜିଲାପାଳ ଏ ନେଇ ନିଜର ସ୍ପଷ୍ଟୀକରଣ ରଖିଛନ୍ତି। ମିଳିଥିବା ସୂଚନା ମୁତାବକ କେହି ଦୁର୍ବୃତ୍ତ କିଛି ଦିନ ହେବ ଜିଲାପାଳଙ୍କ ନାମରେ ଏଭଳି ନକଲି (ଜାଲ୍) ଆକାଉଣ୍ଟ ଖୋଲି ଠକେଇ କରିଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ଜିଲାପାଳ ତାଙ୍କର କେତେଜଣ ବନ୍ଧୁଙ୍କଠାରୁ ଜାଣିବାକୁ ପାଇଥିଲେ। ପରେ ଏହା ତାଙ୍କ ଆକାଉଣ୍ଟ ନୁହେଁ ବୋଲି ସେ ଫେଶ୍‌ବୁକ ପୃଷ୍ଠାରେ ସ୍ପଷ୍ଟୀକରଣ ଦେଇଛନ୍ତି। ଏହା ସହ ଜାଲ୍ ଆକାଉଣ୍ଟ ଲିଙ୍କ୍ ଦେଇ ଲୋକଙ୍କୁ ଏପରି ଠକାମିର ଶିକାର ନ ହୋଇ ସଚେତନ ହେବାକୁ ଜିଲାପାଳ ନିବେଦନ କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ଏସ୍‌ପିଙ୍କୁ ଅବଗତ କରିବା ପରେ ଏହି ଜାଲ୍ ଆକାଉଣ୍ଟକୁ ବର୍ତ୍ତମାନ ବନ୍ଦ କରିଦିଆଯାଇଛି। ସାଇବର କ୍ରାଇମ୍ ପୋଲିସର ଅଧିକ ତଦନ୍ତ ପରେ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ମିଳିବ ବୋଲି ଜିଲାପାଳ କହିଛନ୍ତି।

**Walk in Interview**

LEPRA Society is looking for qualified candidates for the following positions. Interested candidates are invited to come for the **Walk in Interview** with all relevant documents and original certificates as per bellow details.

| Position | Qualification | Nos. of Vacancy | Date & Place of interview | Place of posting |
|---|---|---|---|---|
| Tr. Clinical Assistant on stipend basis | +2 | 2 | 18th October 2019 at MNC, Birmaharajpur, Dist-Sonepur, Odisha, 767018 | MNC, Pandapalli, Birmaharajpur, Sonepur |
| Night Sweeper | 8th pass | 1 | | |
| Tr. Clinical Assistant on stipend basis | +2 | 2 | 18th October 2019 at Junagarh Netra Chikitsalaya, LEPRA Society, Junagarh, Kalahandi, Pin-766014 | JNC, Junagarh, Kalahandi |

*Women candidates are encouraged to apply. LEPRA Society is an equal opportunity employer Registration after 11 am will not be entertained.*

## ବାର୍‌ହା ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ

କୁଚିଣ୍ଡା,୧୨।୧୦(ଡି.ଏନ.ଏ.)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ସାହ୍ଲେଭାଡି ପଞ୍ଚାୟତ ତଥା ମହୁଲପାଲି ଥାନା ଅଧୀନ ଲୁନ୍ଦୁରୁଡିହି ଗ୍ରାମର ଜଣେ ବ୍ୟକ୍ତିଙ୍କ ଶନିବାର ବାରହା ଆକ୍ରମଣରେ ମୃତ୍ୟୁ ଘଟିଛି। ସେ ହେଲେ ବେଞ୍ଜାମିନ୍ ବାକଲ (୬୦) । ଭୋରରୁ ସେ ନିଜ ଚାଷ ଜମିକୁ ଯାଇଥିବା ବେଳେ ବାର୍‌ହାର ଆକ୍ରମଣରେ କ୍ଷତାକ୍ତ ହୋଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ କୁଚିଣ୍ଡା ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ତାଙ୍କ ଘର ଲୋକଙ୍କୁ ହସ୍ତାନ୍ତର କରିଛି।



## ଜିଲା ଚିଠି
### କଟକ

## ଆଣ୍ଟିଭେନମ୍ ଇଞ୍ଜେକ୍ସନ ଅଭାବ ଡର

ରାଜ୍ୟର ସର୍ବବୃହତ୍ ସରକାରୀ ଚିକିତ୍ସାଳୟ ହେଉଛି ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲ। ଓଡ଼ିଶାବାସୀଙ୍କ ଭରସା ଓ ବିଶ୍ୱାସ ଉପରେ ଛିଡ଼ା ହୋଇଥିବା ଏହି ମେଡିକାଲରେ ରୋଗୀସେବାରେ ଅବହେଳା ନେଇ ଅନେକ ସମୟରେ ଅଭିଯୋଗ ଉଠିଛି। ଗତମାସରେ ସାପକାମୁଡ଼ା ରୋଗୀଙ୍କ ନିମନ୍ତେ ଆଣ୍ଟିଭେନମ୍ ଇଞ୍ଜେକ୍ସନର ଅଭାବ ପଡ଼ିଥିଲା। ଆବଶ୍ୟକତାଠାରୁ ଢେର କମ୍ ପରିମାଣର ଇଞ୍ଜେକ୍ସନ ମେଡିକାଲରେ ଉପଲବ୍ଧ ଥିଲା। ସାପ ଉପଦ୍ରବ ବୃଦ୍ଧି ପାଉଥିବାବେଳେ ଏଭଳି ଘଟଣା ରାଜ୍ୟରେ ସ୍ୱାସ୍ଥ୍ୟସେବା ପ୍ରତି ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ଏହି ପରିସ୍ଥିତିରେ ନିକଟସ୍ଥ ସିଟି ହସ୍ପିଟାଲରୁ ଆଣ୍ଟିଭେନମ୍ ଇଞ୍ଜେକ୍ସନ ଜରୁରିକାଳୀନ ପରିସ୍ଥିତିରେ ଆଣି କାମ ଚଳାଇଥିଲେ ଏସ୍‌ସିବି କର୍ତ୍ତୃପକ୍ଷ। ଆଗାମୀ ଦିନରେ ଏହି ଘଟଣାର ପୁନରାବୃତ୍ତି କିପରି ନ ହେବ ତାହା ସାଧାରଣରେ ଆଶା କରାଯାଉଛି। ଏସ୍‌ସିବି ମେଡିକାଲରେ ଆଣ୍ଟିଭେନମ୍ ଇଞ୍ଜେକ୍ସନ ମହଜୁଦ୍ ପରିମାଣ ଗତମାସରେ ସର୍ବନିମ୍ନ ୧୮୦ ସଂଖ୍ୟାକୁ ଖସିଆସିଥିଲା। ପ୍ରାୟତଃ ଏଠାରେ ଅତିକମ୍‌ରେ ୫୦୦ରୁ ଊର୍ଦ୍ଧ୍ୱ ଇଞ୍ଜେକ୍ସନ ମହଜୁଦ୍ ରହିବା କଥା। କାରଣ ଦିନେ ଦିନେ ଏଠାରେ ୪୦୦ରୁ ଊର୍ଦ୍ଧ୍ୱ ଇଞ୍ଜେକ୍ସନ ଦରକାର ପଡ଼େ। ୱାର୍ଲଡ ହେଲ୍‌ଥ୍ ଅର୍ଗାନାଇଜେଶନ(ଡବ୍ଲ୍ୟୁଏଚ୍‌ଓ)ର ନିୟମ ଅନୁଯାୟୀ ସାପକାମୁଡ଼ା ରୋଗୀଙ୍କୁ ୨ଟି, ୫ଟି ଏବଂ ଆବଶ୍ୟକସ୍ଥଳେ ୧୦ଟି ଇଞ୍ଜେକ୍ସନ ଦିଆଯିବ। ପ୍ରାୟତଃ ୫ଟି ଇଞ୍ଜେକଶନ ଜଣେ ରୋଗୀଙ୍କ କ୍ଷେତ୍ରରେ ବହୁଳ ଭାବେ ବ୍ୟବହାର ହୁଏ। ଗତ ମାସରେ ଗୋଟିଏ ଦିନରେ ରାଜ୍ୟର ୭ଜଣ ସାପ କାମୁଡ଼ା ରୋଗୀଙ୍କ ମୃତ୍ୟୁ ଘଟିଥିଲା, ଯାହା ସବୁଠାରୁ ଚର୍ଚ୍ଚାର ବିଷୟ ପାଲଟିଥିଲା। ଏଣୁ ସାପ କାମୁଡ଼ା ରୋଗୀଙ୍କ ପାଇଁ ଏସ୍‌ସିବି ସଜାଗ ରହୁ ବୋଲି ବିଶ୍ୱାସ ରହିଛି। ଅନ୍ୟପକ୍ଷରେ ଏବେ ଆଣ୍ଟିଭେନମ୍ ଇଞ୍ଜେକ୍ସନ ସଙ୍କଟ ଏସ୍‌ସିବିରେ ନାହିଁ ବୋଲି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡ. ସିବିକେ ମହାନ୍ତି କହିଛନ୍ତି। – କୁମାରଶ୍ରୀ ସାହୁ

## ୧୪ରୁ ଓଡ଼ିଶା ଟ୍ରାଭେଲ ବଜାର




■ ଯୋଗଦେବେ ୧୬ ଦେଶର ୨୫ ବିଦେଶୀ ଟୁର୍ ଅପରେଟର
■ ଆୟୋଜିତ ହେବ ୨୪୦୦ ବିଟୁବି ବୈଠକ
■ ଫୋକସ୍‌ରେ ଚାଇନା, ଇଟାଲୀ

ଭୁବନେଶ୍ୱର, ୧୨।୧୦(ବ୍ୟୁରୋ)

ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଫିକି ସହଯୋଗରେ ଭୁବନେଶ୍ୱରରେ ଓଡ଼ିଶା ଟ୍ରାଭେଲ ବଜାର(ଓଟିବି)ର ତୃତୀୟ ସଂସ୍କରଣ ଆୟୋଜିତ ହେବ। ଅକ୍ଟୋବର ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଟ୍ରାଭେଲ ବଜାର ଦେଶ ବାହାରେ ଓଡ଼ିଶା ପର୍ଯ୍ୟଟନର ପ୍ରଚାର ପ୍ରସାରରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହି ଅନ୍ତର୍ଜାତୀୟ ମେଗା ଟ୍ରାଭେଲ ବଜାରରେ ଚଳିତବର୍ଷ ମୋଟ ୧୬ ରାଷ୍ଟ୍ରରୁ ୨୫ଜଣ ଆଗଧାଡ଼ିର ବିଦେଶୀ ଟୁର୍ ଅପରେଟରଙ୍କ ସହ ଭାରତର ୧୯ ରାଜ୍ୟରୁ ୬୦ ଟୁର୍ ଅପରେଟର ଯୋଗଦେବେ। ଯେଉଁମାନେ ୨୪୦୦ଟି ପୂର୍ବ ନିର୍ଦ୍ଧାରିତ ବିଟୁବି ବୈଠକରେ ଓଡ଼ିଶାର ଟୁରିଜମ୍ ବିକ୍ରେତା, ଟୁର୍ ଅପରେଟର ତଥା ହୋଟେଲିୟର୍‌ମାନଙ୍କ ସହ ସିଧାସଳଖ ଆଲୋଚନା କରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି।

ସମ୍ପୂର୍ଣ୍ଣ ବ୍ୟବସାୟିକ ଦୃଷ୍ଟିକୋଣରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯିବ। ରାଜ୍ୟ ଏବଂ ଦେଶ ବାହାରୁ ଆସିବାକୁ ଥିବା କ୍ରେତା ଓ ଓଡ଼ିଶାର ବିକ୍ରେତାଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଓ ସେମାନଙ୍କୁ ଗୋଟିଏ ପ୍ଲାଟଫର୍ମକୁ ଆଣିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ରହିବ। ଅନ୍ତର୍ଜାତୀୟ ବିମାନ କମ୍ପାନୀର ପ୍ରତିନିଧିଙ୍କ ସହ ଜଣାଶୁଣା ଟ୍ରାଭେଲ ରାଇଟର୍ ତଥା ଭ୍ରମଣ ଲେଖକ ମଧ ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ଏହି ଅବସରରେ ଓଡ଼ିଶାର ପର୍ଯ୍ୟଟନ ଉତ୍ପାଦ ଓ ବଜାର ସୁଯୋଗକୁ କ୍ରେତାଙ୍କ ସାମ୍ନାରେ ଉପସ୍ଥାପନ କରାଯିବ। ଏଥର ଡୋମେଷ୍ଟିକ୍ ଟୁର୍ ଅପରେଟରଙ୍କ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିବାବେଳେ କୋଚିନ୍ ଓ ମୁମ୍ବାଇର ସର୍ବାଧିକ ପ୍ରତିନିଧି ଯୋଗଦେବେ। ସେହିଭଳି ଚାଇନା ଓ ଇଟାଲୀରୁ ସର୍ବାଧିକ ବିଦେଶୀ ଟୁର୍ ଅପରେଟର୍ ଭାଗନେବାକୁ ଥିବାବେଳେ ସ୍ପେନ୍, ଜର୍ମାନୀ, ଶ୍ରୀଲଙ୍କା, ନେଦରଲାଣ୍ଡ ଓ ଥାଇଲାଣ୍ଡ ଅପରେଟର ମଧ ଫୋକସରେ ରହିବେ। ଓଡ଼ିଶାର ପର୍ଯ୍ୟଟନ ଉତ୍ପାଦକୁ ବିଦେଶରେ ତଥା ଦେଶ ମଧରେ ପ୍ରଦର୍ଶନ ଓ ବିକ୍ରି କରିବା ପାଇଁ ଟ୍ରାଭେଲ୍ ଏଜେନ୍ସି ଓ ହୋଟେଲିୟର୍‌ମାନଙ୍କ ସହ ଓଡ଼ିଶାର ୫୦ ସେଲର୍ ଆଲୋଚନା କରିବେ। ଓଡ଼ିଶାର ଐତିହ୍ୟ, ସଂସ୍କୃତି ଓ ଆଦିବାସୀ ପର୍ଯ୍ୟଟନ, ବୌଦ୍ଧ ପର୍ଯ୍ୟଟନ, ହସ୍ତକଳା ଓ ହସ୍ତତନ୍ତ ପର୍ଯ୍ୟଟନ, ପରିବେଶ ଓ ବନ୍ୟଜନ୍ତୁ ପର୍ଯ୍ୟଟନ ପ୍ରସାରକୁ ଏଥିରେ ଗୁରୁତ୍ୱ ଦିଆଯିବ। ପୁଞ୍ଜିନିବେଶକାରୀଙ୍କୁ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଆକର୍ଷିତ କରିବା ମଧ ଏହାର ଆଉ ଏକ ଲକ୍ଷ୍ୟ ରହିବ। ଏହି ଅବସରରେ ଓଡ଼ିଶାର ପର୍ଯ୍ୟଟନ ସମ୍ପଦ ବିଷୟରେ ଅବଗତ କରାଇବା ଲାଗି ପ୍ରତିନିଧିମାନଙ୍କୁ ରାଜ୍ୟର ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ଫ୍ୟାମ୍ ଟ୍ରିପ୍‌ରେ ନିଆଯିବ। ଏନେଇ ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଭାଗୀୟ ସଚିବ ବିଶାଳ ଦେବ ଏବଂ ଫିକି ନ୍ୟାଶନାଲ ଟୁରିଜମ୍ କମିଟି ସହ ଅଧକ୍ଷ ଜେ.କେ ମହାନ୍ତି ସୂଚନା ଦେଇଛନ୍ତି।



ଇନ୍ଦ୍ରିୟ ସୁଖ ପାଇଁ ମଣିଷ ସର୍ବଦା ଆତୁର ହୁଏ। ସେଥିପାଇଁ ତାକୁ ଦୁଃଖ ଓ ଯନ୍ତ୍ରଣାର ଜୁଆଳି କାନ୍ଧରେ ବହନ କରିବାକୁ ପଡେ। କାରଣ, ଅବିମିଶ୍ର ଆନନ୍ଦ ଭୋଗ କରନ୍ତି କେବଳ ସେଇମାନେ ମୁକ୍ତ ଓ ନିଷ୍କାମ ଆତ୍ମା। କିନ୍ତୁ ମଣିଷ ଭିତରେ ଯେଉଁ ସତ୍ତା କେବଳ ଇନ୍ଦ୍ରିୟ ସୁଖ ଖୋଜୁଥାଏ– ତାହା ହେଲା ଏକ ଯନ୍ତ୍ରଣାଦଗ୍ଧ– କଷ୍ଟଭୋଗୀ ସତ୍ତା। –ଶ୍ରୀଅରବିନ୍ଦ



# ଭବିଷ୍ୟତର ପୂର୍ବାନୁମାନ



ଆକାର ପଟେଲ

ଭବିଷ୍ୟତ ସମ୍ବନ୍ଧରେ ପୂର୍ବାନୁମାନ କରିବା ସବୁବେଳେ କଷ୍ଟକର ବୋଲି କୁହାଯାଏ। କିନ୍ତୁ ପରିବର୍ତ୍ତନର ହାର ସମ୍ବନ୍ଧରେ ପୂର୍ବାନୁମାନ କରିବାର ଗୋଟିଏ ଉପାୟ ଅଛି। ଏହାକୁ କୁହାଯାଏ 'ମୁର୍‌ଙ୍କ ନିୟମ', ଯାହା କମ୍ପ୍ୟୁଟର ଚିପ୍ କମ୍ପାନୀ ଇଣ୍ଟେଲର ପ୍ରତିଷ୍ଠାତା ଗର୍ଡନ ମୁର୍‌ଙ୍କ ନାମରେ ନାମିତ। ପ୍ରାୟ ୫୦ ବର୍ଷ ତଳେ ସେ ଦେଖିଲେ ଯେ, ଏକା ମୂଲ୍ୟରେ ଉପଲବ୍ଧ କମ୍ପ୍ୟୁଟିଂ ପାୱାର ପ୍ରାୟ ପ୍ରତି ୧୮ ମାସରେ ଦ୍ୱିଗୁଣିତ ହେଉଛି। ଗୋଟିଏ ଚିପ୍ ଉପରେ ଲଗାଯାଇପାରୁଥିବା ଟ୍ରାଞ୍ଜିଷ୍ଟର ସଂଖ୍ୟା ଉପରେ ଏହା ପର୍ଯ୍ୟବସିତ। ଏହା ନିଉଟନଙ୍କ ଗତି ନିୟମ ପରି ଏକ ନିୟମ ନୁହେଁ, ବରଂ ଏକ ପର୍ଯ୍ୟବେକ୍ଷଣ ମାତ୍ର। ତେବେ ମୁର୍ ଯେଉଁ ପୂର୍ବାନୁମାନ କରିଥିଲେ ତାହା ଗତ ୫୦ ବର୍ଷ ଭିତରେ ସତ୍ୟ ବୋଲି ପ୍ରମାଣିତ ହୋଇଛି। କମ୍ପ୍ୟୁଟିଂ ପାୱାର ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ହାରରେ ବୃଦ୍ଧି ପାଉଛି ଏବଂ ଏହାଦ୍ୱାରା ଅନ୍ୟ ଅନେକ ବିଷୟରେ ପୂର୍ବାନୁମାନ କରିବା ସମ୍ଭବ ହେଉଛି। ଏପରି ଠିକ୍ ପୂର୍ବାନୁମାନ କରୁଥିବା ବିଖ୍ୟାତ ବ୍ୟକ୍ତି ହେଉଛନ୍ତି ରେ' କୁର୍ଜୱେଲ, ଯିଏ କି ଜଣେ ଉଦ୍ଭାବକ ଏବଂ ବର୍ତ୍ତମାନ ଗୁଗ୍‌ଲ ପାଇଁ କାମ କରୁଛନ୍ତି। ତାଙ୍କର ନଷ୍ଟ୍ରାଦମସ୍‌ଙ୍କ ପରି ବ୍ୟକ୍ତିତ୍ୱ ଏବଂ ସେ ଦୀର୍ଘକାଳ ହେଲା ଅତ୍ୟନ୍ତ ନିର୍ଭୁଲ ଭାବେ ପୂର୍ବାନୁମାନ କରିପାରୁଛନ୍ତି। ତାଙ୍କର ପ୍ରଥମ ପୁସ୍ତକ ହେଉଛି 'ଦ ଏଜ୍ ଅଫ୍ ଇଣ୍ଟଲିଜେଣ୍ଟ ମେଶିନ୍ସ', ଯାହାକୁ ସେ ୧୯୮୦ ଦଶକର ଶେଷ ଭାଗରେ ଲେଖିବାକୁ ଆରମ୍ଭ କରିଥିଲେ। ମୁର୍‌ଙ୍କ ନିୟମର ଏକ ସଂସ୍କରଣ ବ୍ୟବହାର କରି କୁର୍ଜୱେଲ ପୂର୍ବାନୁମାନ କରିଥିଲେ ଯେ, ୧୯୯୮ ସୁଦ୍ଧା କମ୍ପ୍ୟୁଟର ଚେସ୍ ଖେଳରେ ବିଶ୍ୱ ଚାମ୍ପିୟନ୍‌ଙ୍କୁ ହରାଇ ଦେଇପାରିବ। ତା'ର ଗୋଟିଏ ବର୍ଷ ପୂର୍ବରୁ ଗାରି କାସ୍ପାରୋଭ ଆଇବିଏମ୍‌ର କମ୍ପ୍ୟୁଟର 'ଡିପ୍ ବ୍ଲୁ' ଦ୍ୱାରା ପରାଜିତ ହେଲେ। ୨୦୧୦ ପୂର୍ବରୁ ୱାଇଫାଇ ନେଟ୍‌ୱାର୍କରେ ଗୁଗ୍‌ଲ ଚାଲିବ ବୋଲି ସେ ପୂର୍ବାନୁମାନ କରିଥିଲେ। ସେ ବିଭିନ୍ନ ପୁସ୍ତକରେ ଲେଖିଥିବା ସମସ୍ତ ୧୪୭ଟି ପୂର୍ବାନୁମାନର ଏକ ତାଲିକା ୨୦୧୦ରେ ପ୍ରସ୍ତୁତ କଲେ। ସେଗୁଡ଼ିକ ମଧ୍ୟରୁ ମାତ୍ର ତିନୋଟି ଭୁଲ୍ ପ୍ରମାଣିତ ହେଲା। ତେଣୁ ଆସନ୍ତା ୧୦ ବର୍ଷ ଲାଗି ସେ ଯାହା ପୂର୍ବାନୁମାନ କରିଛନ୍ତି, ତାହା ଆମ ପାଇଁ କୌତୂହଳର ବିଷୟ। କାରଣ ଅତୀତରେ ତାଙ୍କର ପୂର୍ବାନୁମାନ ଯେତେ ସତ ହୋଇଛି, ଭବିଷ୍ୟତରେ ସେତିକି ବା ତା'ଠାରୁ ଅଧିକ ସତ ହେବାର ସମ୍ଭାବନା ଅଛି। ମନେ ରଖିବାକୁ ହେବ ଯେ, ତାଙ୍କର ସବୁ ପୂର୍ବାନୁମାନ କମ୍ପ୍ୟୁଟିଂ ପାୱାର ଉପରେ ପର୍ଯ୍ୟବସିତ, ତାହା ତାଙ୍କର କଳ୍ପନା ବା ସ୍ୱପ୍ନ ନୁହେଁ। ଉଦାହରଣ ସ୍ୱରୂପ, ୩୦ ବର୍ଷ ତଳେ ମିନିଏଚରାଇଜେଶନ ଓ ଟଚ୍ ସ୍କ୍ରିନ୍ ପ୍ରକ୍ରିୟାରେ ଉନ୍ନତି ଚାଲିଥିବା ବେଳେ ଆଜି ଆମେ ବ୍ୟବହାର କରୁଥିବା ସ୍ମାର୍ଟ ଫୋନ୍‌ଗୁଡ଼ିକ ଶସ୍ତାରେ ଉପଲବ୍ଧ ହେଉଛି। କିନ୍ତୁ ଏପରି ହେବ ବୋଲି ଟେକ୍ନୋଲୋଜି ଦୁନିଆ ବାହାରେ କେହି ବି କଳ୍ପନା କରି ନ ଥିଲେ।

କୁର୍ଜୱେଲ ପୂର୍ବାନୁମାନ କରିଛନ୍ତି ଯେ, ଆସନ୍ତା ଦଶନ୍ଧି ଭିତରେ ସବୁ ନ ହେଲେ ବି ଅଧିକାଂଶ ରୋଗ ଆରୋଗ୍ୟସାଧ୍ୟ ହେବ। ତାଙ୍କ ମତରେ ଆମ ରକ୍ତସ୍ରୋତରେ ପ୍ରବେଶ କରିପାରୁଥିବା ନାନୋ–ବଟ୍ ବା ଅତି କ୍ଷୁଦ୍ର ରୋବୋ ଯୋଗୁ ଏହା ସମ୍ଭବ ହେବ। ମଣିଷର ଆୟୁଷ କ୍ରମାଗତ ଭାବେ ବୃଦ୍ଧିପାଇବାରେ ଲାଗିଛି ଏବଂ ୧୯୬୦ରେ ଏହା ୪୦ରୁ ଠିକ୍ ଉପରେ ଥିବାବେଳେ ବର୍ତ୍ତମାନ ଏହା ୭୦ରୁ ଠିକ୍ ତଳେ ରହିଛି। ରୋଗ ନିରାକରଣରେ ଯଥେଷ୍ଟ ଉନ୍ନତି ଘଟିବା ସହ ଆଉ ୩୦ ବର୍ଷ ଭିତରେ ମଣିଷର ହାରାହାରି ଆୟୁଷ ଆହୁରି ୩୦ ବର୍ଷ ବୃଦ୍ଧି ପାଇପାରେ। ଏକ୍ସୋସ୍କେଲିଟନ (ବାହ୍ୟ କଙ୍କାଳ) ଓ କୃତ୍ରିମ ଅଙ୍ଗର ସମାନ୍ତରାଳ ବିକାଶ ମଣିଷକୁ ଭବିଷ୍ୟତରେ ଶତାଧିକ ବର୍ଷ ପର୍ଯ୍ୟନ୍ତ ସକ୍ରିୟ ଓ କର୍ମଠ ରଖିପାରିବ। ତେଣୁ ମଣିଷର ଅବସର ବୟସ ସୀମା ବିଷୟରେ ପୁନର୍ବିଚାର କରାଯାଇପାରେ।

କୁର୍ଜୱେଲ କହନ୍ତି, ଆଭାସୀ ବାସ୍ତବତା (ଭର୍ଚୁଆଲ ରିୟଲିଟି) ଆଗାମୀ ୧୫ ବର୍ଷ ଭିତରେ ଆଉ ପୃଥକ୍ ବିବେଚନାଯୋଗ୍ୟ ହେବ ନାହିଁ। ଅର୍ଥାତ୍ ଯେଉଁମାନେ ଆଭାସୀ ୩–ଡି ଜଗତରେ ପ୍ରବେଶ କରିବେ, ସେମାନେ ଆମ ପରି ଦେଖିପାରିବେ, ଛୁଇଁପାରିବେ, ଶୁଙ୍ଘିପାରିବେ ଓ ଶୁଣିପାରିବେ। ଅନେକେ ଏପରି କୃତ୍ରିମ ଜଗତରେ ରହିବାକୁ ପସନ୍ଦ କରିବେ, ଯେଉଁଠି ବାସ୍ତବ ଜଗତର କୌଣସି ସମସ୍ୟା ନ ଥିବ। ଆମର ଚେତନା ଡିଜିଟାଲ ଜଗତରେ ମିଶିଯାଇ ପାରିବ, ଯେଉଁଥିରେ ଆମ ନିଜକୁ ନୂଆ ଶରୀରକୁ ଅପ୍‌ଲୋଡ ଓ ଡାଉନଲୋଡ କରିବାର ବିକଳ୍ପ ଥିବ ବୋଲି କୁର୍ଜୱେଲ ପୂର୍ବାନୁମାନ କରିଛନ୍ତି।

ଆମେ ବର୍ତ୍ତମାନ ଏକ ପ୍ରକାର ସାଇବର୍ଗ, ଅର୍ଥାତ୍ ଅଧା ମଣିଷ ଓ ଅଧା ରୋବୋ। ଆମ ଫୋନ୍ ହେଉଛି ଆମର ଏକ ସମ୍ପ୍ରସାରଣ ଏବଂ ଏହା ସାହାଯ୍ୟରେ ଆମେ ପୃଥିବୀର ଯେକୌଣସି ପ୍ରଶ୍ନର ଉତ୍ତର ଦେଇପାରିବା। ଏହାର ଲୋକେଶନ ସାହାଯ୍ୟରେ ଆମେ ପୃଥିବୀର ଯେକୌଣସି ସ୍ଥାନ ଖୋଜି ପାଇଯିବା। ଆମ ମଧ୍ୟରୁ ୧୯୯୦ ଆଖପାଖର କେତେଜଣ ଲୋକ ଏ ବିଷୟରେ ପୂର୍ବାନୁମାନ କରିପାରିଥିଲେ ? ଆମର ବର୍ତ୍ତମାନ ସମସ୍ୟା ହେଉଛି ଡାଟା ଇନ୍‌ପୁଟ୍ ରେଟ୍, ଅର୍ଥାତ୍ ତଥ୍ୟ ଦେବାରେ ଆମେ ମନ୍ଥର କାରଣ ତଥ୍ୟ ଏଣ୍ଟ୍ରି ପାଇଁ ଆମେ କେବଳ ଅଙ୍ଗୁଳି ଟିପ ବ୍ୟବହାର କରୁଛୁ। ଭଏସ୍ କମାଣ୍ଡ ସୁବିଧା ଆସିବା ଯୋଗୁ ଏଥିରେ କିଛିଟା ଉନ୍ନତି ଘଟିଛି। କିନ୍ତୁ ଏହାପରେ ଆସିବ ଥଟ୍ କମାଣ୍ଡ, ଅର୍ଥାତ୍ ଆମେ ଯାହା ଚିନ୍ତା କରିବା ତାହା ମୋବାଇଲରେ ଲେଖି ହୋଇଯିବ। ବର୍ତ୍ତମାନ ଭାରତ ପରି ଗରିବ ଦେଶରେ ବି ଘରେ ଘରେ ସ୍ମାର୍ଟ ଫୋନ୍ ଦେଖିବାକୁ ମିଳୁଛି। ଅର୍ଥାତ୍ ପ୍ରଯୁକ୍ତି କେବଳ ଧନିକଙ୍କ ପାଇଁ ନୁହେଁ, ଗରିବ ଲୋକ ବି ତାହାଦ୍ୱାରା ଉପକୃତ ହେଉଛନ୍ତି ଓ ଭବିଷ୍ୟତରେ ବି ହେବେ।


Email: aakar.patel@gmail.com


# ବିପର୍ଯ୍ୟୟ ଓ ଜଳବାୟୁ ପରିବର୍ତ୍ତନର ମୁକାବିଲା



ପି. କେ. ମିଶ୍ର

ପ୍ରତିବର୍ଷ ଅକ୍ଟୋବର ୧୩ ତାରିଖରେ ସାରା ବିଶ୍ୱ ଅନ୍ତର୍ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳନ କରିଥାଏ। ବିପର୍ଯ୍ୟୟଜନିତ କ୍ଷୟକ୍ଷତିକୁ ହ୍ରାସ କରିବା ଉଦ୍ଦେଶ୍ୟରେ ବିଶ୍ୱବ୍ୟାପୀ ବିଭିନ୍ନ ଦେଶର ସରକାର ଓ ସଂଗଠନ ଏହି ଦିବସକୁ ପାଳନ କରିଥାନ୍ତି। ବିପର୍ଯ୍ୟୟ ପ୍ରଶମନ ପାଇଁ ପ୍ରାକ୍ ପ୍ରସ୍ତୁତି କରିବା ଲାଗି ଏହି ଦିବସ ସତର୍କ କରିଦେଇଥାଏ। ବିପର୍ଯ୍ୟୟ ହ୍ରାସ ଲାଗି ୨୦୧୫ରେ ସେଣ୍ଡାଇ ଫ୍ରେମ୍‌ୱାର୍କକୁ ଗ୍ରହଣ କରାଯାଇଥିଲା। ସେବେଠାରୁ 'ସେଣ୍ଡାଇ ସେଭେନ' ଅଭିଯାନର ଅଂଶ ସ୍ୱରୂପ ଅନ୍ତର୍ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ ହୋଇଆସୁଛି। ସେଣ୍ଡାଇ ଫ୍ରେମ୍‌ୱାର୍କର ୭ଟି ଲକ୍ଷ୍ୟ ହାସଲ ଏହାର ମୁଖ୍ୟ ଉଦ୍ଦେଶ୍ୟ। ଚଳିତ ବର୍ଷ ଏହି ଦିବସ ପାଇଁ ସେଣ୍ଡାଇ ଲକ୍ଷ୍ୟ ସହ ଜଡ଼ିତ ଏକ ବିଷୟବସ୍ତୁ ରହିଛି– 'ବିପର୍ଯ୍ୟୟ ପ୍ରଭାବରୁ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଏବଂ ମୌଳିକ ସେବାରେ ହେଉଥିବା କ୍ଷୟକ୍ଷତିକୁ ହ୍ରାସ କରିବା।'

ଚଳିତ ବର୍ଷ ମୋଜାମ୍ବିକ, ବାହାମାସ ଏବଂ ଓଡ଼ିଶାରେ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ବ୍ୟାପକ ଭିତ୍ତିଭୂମି ନଷ୍ଟ ହୋଇଛି, ଯାହା ବିପର୍ଯ୍ୟୟ ପ୍ରଶମନ ଭିତ୍ତିଭୂମି ନିର୍ମାଣର ଜରୁରୀ ଆବଶ୍ୟକତା ଉପରେ ଆଲୋକପାତ କରୁଛି।

ଓଡ଼ିଶାରେ ସାମୁଦ୍ରିକ ଝଡ଼ କାରଣରୁ ପାଖାପାଖି ୧୨୦ କୋଟି ଆମେରିକୀୟ ଡଲାରର ବିଦ୍ୟୁତ୍ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଥିଲା। ତେବେ ଦୀର୍ଘବର୍ଷର ପ୍ରୟାସ ମାଧ୍ୟମରେ କିଭଳି ବିପର୍ଯ୍ୟୟ ପ୍ରଶମନ ଭିତ୍ତିଭୂମି ନିର୍ମାଣ କରାଯାଇପାରିବ, ସେ ଦିଗରେ ଓଡ଼ିଶାର ସଫଳତା ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ। ବିଶ୍ୱ ବ୍ୟାଙ୍କର ଆର୍ଥିକ ସହାୟତାରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟକ୍ରମ ଅନ୍ତର୍ଗତ ଉପକୂଳ ଓଡ଼ିଶାର କେତେକ ଅଞ୍ଚଳରେ ଭୂତଳ ବିଦ୍ୟୁତ୍ ତାର ବିଛାଇବା କାମ କରାଯାଇଥିଲା। ଝଡ଼ବାତ୍ୟା ପରେ ଏସବୁ ଅଞ୍ଚଳରେ ଖୁବ୍ ଅଳ୍ପଦିନ ମଧ୍ୟରେ ବିଦ୍ୟୁତ୍ ସଂଯୋଗ ସମ୍ଭବ ହୋଇଥିଲା। ଅପରପକ୍ଷରେ ଅନ୍ୟ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହେବାକୁ ଅଧିକ ଦିନ ଲାଗିଥିଲା। ଏହି ବ୍ୟବସ୍ଥା ଦ୍ୱାରା କେବଳ ବିଦ୍ୟୁତ୍ ସରବରାହ ଭିତ୍ତିଭୂମିଜନିତ କ୍ଷୟକ୍ଷତି ହ୍ରାସ କରିବା ସମ୍ଭବ ହେଲା ନାହିଁ, ବରଂ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହେବା କାରଣରୁ ସାଧାରଣ ଜୀବନଯାତ୍ରା ଉପରେ ପଡୁଥିବା ପ୍ରଭାବକୁ ହ୍ରାସ କରାଯାଇପାରିଲା। ଏପରି ଅଭିଜ୍ଞତାରୁ ଭାରତ ଓ ସାରା ବିଶ୍ୱ ଅନେକ କିଛି ଶିଖିପାରିବେ ଏବଂ ସେମାନଙ୍କ ବିପର୍ଯ୍ୟୟ ପ୍ରଶମନ ଭିତ୍ତିଭୂମି ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଲାଗି ଅଧିକ ବାସ୍ତବବାଦୀ ଆଭିମୁଖ୍ୟ ନେଇ କାମ କରିପାରିବେ।

ଆଗାମୀ ଦଶନ୍ଧିଗୁଡ଼ିକରେ ସାରା ବିଶ୍ୱରେ ଭିତ୍ତିଭୂମି କ୍ଷେତ୍ରରେ ବ୍ୟାପକ ନିବେଶ ହେବାକୁ ଥିବାରୁ ଏଥିପ୍ରତି ଗୁରୁତ୍ୱ ଦେବା ଜରୁରୀ ହୋଇପଡ଼ିଛି। ଉଭୟ ଭବିଷ୍ୟତ ଏବଂ ବର୍ତ୍ତମାନର ଭିତ୍ତିଭୂମି ବ୍ୟବସ୍ଥା ଆଗାମୀ ଦିନରେ ପ୍ରାକୃତିକ ଓ ମାନବକୃତ ବିପର୍ଯ୍ୟୟର ସମ୍ମୁଖୀନ ହେବ। ଏସବୁ ବିପର୍ଯ୍ୟୟ ମଧ୍ୟରୁ କେତେକ ଅପ୍ରତ୍ୟାଶିତ ହୋଇପାରେ। ଏହି ସମୟ ମଧ୍ୟରେ ଜଳବାୟୁ ସହ ଜଡ଼ିତ ବିପର୍ଯ୍ୟୟର ସ୍ୱରୂପ ବଦଳି ଯାଇପାରେ।

## ଅନ୍ତର୍ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ଉପଲକ୍ଷେ

ବିପର୍ଯ୍ୟୟ କାରଣରୁ ସରକାରୀ କ୍ଷୟକ୍ଷତିର ଦୁଇତୃତୀୟାଂଶ ଭିତ୍ତିଭୂମି ସହ ଜଡ଼ିତ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ଭିତ୍ତିଭୂମି ବ୍ୟବସ୍ଥାର ଢାଞ୍ଚା, ନିର୍ମାଣ, ପରିଚାଳନା ଓ ରକ୍ଷଣାବେକ୍ଷଣ– ଏସବୁ ବିପତ୍ତି ଏବଂ ଅନିଶ୍ଚିତତାର ସମ୍ମୁଖୀନ ହେବା ଲାଗି ସକ୍ଷମ ହେବ ଆବଶ୍ୟକ। ଏସବୁ କ୍ଷୟକ୍ଷତି ସମାଜର ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀକୁ ସର୍ବାଧିକ ପ୍ରଭାବିତ କରିଥାଏ। ଏହି କ୍ଷତିରୁ ମୁକୁଳିବା ଲାଗି ସେମାନଙ୍କୁ ଅନେକ ସମୟ ଲାଗିଥାଏ।

ତେଣୁ ବିପର୍ଯ୍ୟୟ ପ୍ରଶମନ ଭିତ୍ତିଭୂମି ନିର୍ମାଣ କେବଳ ଏକ ବିପର୍ଯ୍ୟୟ ପରିଚାଳନା ନୁହେଁ, ବରଂ ମୌଳିକ ବିକାଶ ପ୍ରସଙ୍ଗ। ପରିବହନ, ଘରୋଇ ଓ ବୈଶ୍ୱିକ ବଜାରକୁ ସଂଯୋଗ, ବାଧାମୁକ୍ତ ବିଦ୍ୟୁତ୍, ଜଳ ଓ ସଞ୍ଚାର ବ୍ୟବସ୍ଥା, ଅର୍ଥନୈତିକ ବିକାଶ ଏବଂ ସମୃଦ୍ଧି ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଥାଏ। ଏହା ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସ୍‌ଡିଜି)ରେ ମଧ୍ୟ ପ୍ରତିଫଳିତ ହୋଇଛି। ଏସ୍‌ଡିଜିର ନବମ ଲକ୍ଷ୍ୟ ଭିତ୍ତିଭୂମି ବିକାଶ ଉପରେ କେନ୍ଦ୍ରୀଭୂତ ହୋଇଥିବା ବେଳେ ଅନ୍ୟ ଲକ୍ଷ୍ୟଗୁଡ଼ିକ ସ୍ପଷ୍ଟ ଭାବେ ଉନ୍ନତ ମାନର ଭିତ୍ତିଭୂମି କ୍ଷେତ୍ରରେ ନିବେଶ ଉପରେ ଗୁରୁତ୍ୱାରୋପ କରିଥାନ୍ତି।

ବିପର୍ଯ୍ୟୟରୋଧୀ ଭିତ୍ତିଭୂମି ନିର୍ମାଣ କରିବା ଲାଗି ଯଥେଷ୍ଟ ଆର୍ଥିକ ସହାୟତା, ମାନକ, ପ୍ରଶାସନିକ ବ୍ୟବସ୍ଥା ଓ ସାମର୍ଥ୍ୟର ଆବଶ୍ୟକତା ରହିଛି। ତେବେ ଏଥିରେ ନିବେଶ ତୁଳନାରେ ଅଧିକ ଲାଭ ମିଳିବା ସମ୍ଭାବନା ରହିଛି, ଯାହାର ଓଡ଼ିଶା ହେଉଛି ଏକ ଉଦାହରଣ।

ନିକଟରେ ବିଶ୍ୱ ବ୍ୟାଙ୍କ ପକ୍ଷରୁ କରାଯାଇଥିବା ଅଧ୍ୟୟନରୁ ଜଣାପଡ଼ିଛି ଯେ, ବିପର୍ଯ୍ୟୟ ପ୍ରଶମନ ଭିତ୍ତିଭୂମିରେ ଏକ ଆମେରିକୀୟ ଡଲାର ନିବେଶ କରାଯିବା ଦ୍ୱାରା ଚାରି ଡଲାର ମୂଲ୍ୟର ସାମାଜିକ–ଆର୍ଥିକ କ୍ଷତି ଏଡ଼ାଇବା ସମ୍ଭବ ହୋଇଥାଏ। ଏହାକୁ ଭିତ୍ତିଭୂମି ଜୀବନଚକ୍ରର ବହୁଗୁଣ ଲାଭ ଭାବେ ବିବେଚନା କରାଯାଇଥାଏ।

ନୂତନ କିମ୍ବା ଅବିକଶିତ କ୍ଷେତ୍ରର ବିକାଶରେ ନିବେଶ ହେଉ ଅଥବା ବର୍ତ୍ତମାନର ଭିତ୍ତିଭୂମିର ନବୀକରଣ କ୍ଷେତ୍ରରେ ହେଉ, ଭିତ୍ତିଭୂମି କ୍ଷେତ୍ରରେ ହେଉଥିବା ବ୍ୟାପକ ନିବେଶରେ ବିପର୍ଯ୍ୟୟ ପ୍ରଶମନ ସାମର୍ଥ୍ୟ ବୃଦ୍ଧି କରିବା ସହିତ ଦୀର୍ଘକାଳୀନ ଭିତ୍ତିରେ ସମ୍ଭାବ୍ୟ କ୍ଷୟକ୍ଷତିଠାରୁ ଆମ ଭବିଷ୍ୟତକୁ ସୁରକ୍ଷିତ ରଖିବାର ଆବଶ୍ୟକତା ରହିଛି। ବିପର୍ଯ୍ୟୟନିରୋଧୀ ଭିତ୍ତିଭୂମି ନିର୍ମାଣ କରିବାର ପ୍ରୟାସ ତିନୋଟି ସିଦ୍ଧାନ୍ତ ଆଧାରିତ ହେବା ଉଚିତ: ପ୍ରଥମତଃ, ଭିତ୍ତିଭୂମିର ପରିପାଟୀ ଏପରି ହେବା ଆବଶ୍ୟକ, ଯାହା ଗରିବ ଏବଂ ସବୁଠୁ ଦୁର୍ବଳ ଶ୍ରେଣୀ ସମେତ ଜନସଂଖ୍ୟାର ସମଗ୍ର ଆର୍ଥିକ ବର୍ଗକୁ ବିଶ୍ୱସନୀୟ ସେବା ଯୋଗାଇ ଦେଉଥିବ। ଦ୍ୱିତୀୟତଃ, ଭିତ୍ତିଭୂମି ବିକାଶ ବ୍ୟବସ୍ଥା ବିଭିନ୍ନ କ୍ଷେତ୍ରକୁ ନେଇ ଅଧିକ ସମନ୍ୱିତ ହେବା ଉଚିତ। ତୃତୀୟତଃ, ବିପର୍ଯ୍ୟୟ ପ୍ରଶମନ ଭିତ୍ତିଭୂମିର ବିକାଶ ଏପରି ହେବା ଆବଶ୍ୟକ, ଯାହା ବିଶ୍ୱସ୍ତରୀୟ ଓ ସ୍ଥାନୀୟ ତଥା ଜାତୀୟ ପରିଦୃଶ୍ୟକୁ ସୁହାଉଥିବ।

ଏପରି ଆଭିମୁଖ୍ୟ ନେଇ ବିପର୍ଯ୍ୟୟ ପ୍ରଶମନ ଭିତ୍ତିଭୂମି ନିର୍ମାଣ କରାଯିବା ଦ୍ୱାରା ଯେକୌଣସି ଦେଶର ଆର୍ଥିକ ଗତିପଥ ବଦଳିବା ସହିତ ଏହା ଦ୍ରୁତ ଆର୍ଥିକ ବିକାଶ ଦିଗରେ ସୁରକ୍ଷିତ ଭାବେ ଗତି କରିପାରିବ।

ବିପର୍ଯ୍ୟୟ ପ୍ରଶମନ ଭିତ୍ତିଭୂମି ନିର୍ମାଣ ଉପରେ ଜୋର ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିପର୍ଯ୍ୟୟ ବିପତ୍ତି ପ୍ରଶମନ ଲାଗି ୧୦ ସୂତ୍ରୀ ଏଜେଣ୍ଡାର ଅବତାରଣା କରିଛନ୍ତି। ସମସ୍ତ ବିକାଶମୂଳକ କ୍ଷେତ୍ର ଏହି ୩ ସିଦ୍ଧାନ୍ତକୁ ଗ୍ରହଣ କରିବା ଉପରେ ଏଥିରେ ଜୋର ଦିଆଯାଇଛି। ଏହି ଏଜେଣ୍ଡା ଆଧାରରେ ୨୩ ସେପ୍ଟେମ୍ବର, ୨୦୧୯ରେ ମିଳିତ ଜାତିସଂଘ ଜଳବାୟୁ କାର୍ଯ୍ୟାନୁଷ୍ଠାନ ଶିଖର ସମ୍ମିଳନୀ ଅବକାଶରେ ପ୍ରଧାନମନ୍ତ୍ରୀ ବିଶ୍ୱ ବିପର୍ଯ୍ୟୟ ପ୍ରଶମନ ଭିତ୍ତିଭୂମି ମେଣ୍ଟ (ସିଡିଆରଆଇ)ର ଘୋଷଣା କରିଛନ୍ତି।

ଭାରତର ନେତୃତ୍ୱରେ ମିଳିତ ଜାତିସଂଘ ବିପର୍ଯ୍ୟୟ ବିପତ୍ତି ପ୍ରଶମନ କାର୍ଯ୍ୟାଳୟ ସହଯୋଗରେ ବହୁ ରାଷ୍ଟ୍ର ଏହି ମେଣ୍ଟରେ ସାମିଲ ହେବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଦୁଇ ବର୍ଷ ମଧ୍ୟରେ ବିକଶିତ ହୋଇଥିବା ଏହି ମେଣ୍ଟର ଆବଶ୍ୟକତା ଓ ପ୍ରାସଙ୍ଗିକତାକୁ ଅତ୍ୟାଧୁନିକ ଭିତ୍ତିଭୂମି ବ୍ୟବସ୍ଥା ଥିବା ରାଷ୍ଟ୍ର, ଭିତ୍ତିଭୂମିର ବ୍ୟାପକ ଅଭାବ ଥିବା ରାଷ୍ଟ୍ର, କ୍ଷୁଦ୍ର ଦ୍ୱୀପ ରାଷ୍ଟ୍ର ଏବଂ ଭୂଭାଗ ଘେରି ରହିଥିବା ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ଗ୍ରହଣ କରିଛନ୍ତି। ଏହି ମେଣ୍ଟ ବିଭିନ୍ନ ରାଷ୍ଟ୍ରର ସରକାରଙ୍କ ସମ୍ପୃକ୍ତ ମନ୍ତ୍ରଣାଳୟ, ମାନକ ନିର୍ଦ୍ଧାରଣ ସଂଗଠନ, ଅର୍ଥ ଓ ବୀମା ପ୍ରଦାନକାରୀ ସଂସ୍ଥା ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକୁ ଏକତ୍ରିତ କରିବ।

ନବଗଠିତ ମେଣ୍ଟର ପାଣ୍ଠି ସ୍ତର ଏବଂ ବ୍ୟବସ୍ଥାଗତ ଅସୁବିଧା ପ୍ରତି ଗୁରୁତ୍ୱାରୋପ କରିବାର ଆବଶ୍ୟକତା ରହିଛି। ବିଭିନ୍ନ ଭିତ୍ତିଭୂମି କ୍ଷେତ୍ର ଯଥା ବିଦ୍ୟୁତ୍, ଦୂରସଞ୍ଚାର ଏବଂ ପରିବହନ ପରସ୍ପର ଉପରେ ନିର୍ଭରଶୀଳ ହୋଇଥିବାରୁ ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ବିପର୍ଯ୍ୟୟନିରୋଧୀ କରିବା ଉପରେ ଗୁରୁତ୍ୱ ଦେବା ଜରୁରୀ। ଏହାର ଅର୍ଥ ହେଉଛି ବିପର୍ଯ୍ୟୟ ପରିଚାଳନା କେବଳ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ହେବା ଅପେକ୍ଷା ବ୍ୟାପକ ସ୍ତରରେ ଅନ୍ୟ ଅଂଶୀଦାରଙ୍କୁ ମଧ୍ୟ ସାମିଲ କରାଯିବା ଉଚିତ।

ସିଡିଆର୍‌ଆଇର ପ୍ରତିଷ୍ଠାତା ଭାବେ ଅନ୍ୟ ରାଷ୍ଟ୍ରଗୁଡ଼ିକ ନିକଟରୁ ଭାରତ ପାଖରେ ଶିଖିବାର ଏବଂ ନିଜସ୍ୱ ଅନୁଭୂତି ବାଣ୍ଟିବାର ସୁଯୋଗ ରହିଛି। ବିଶ୍ୱହିତ ପାଇଁ ସମାନ ଭାବନା ରଖୁଥିବା ଭାଗୀଦାରମାନଙ୍କୁ ଏକାଠି କରିବା ଲାଗି ସିଡିଆର୍‌ଆଇ ଏକ ସାଧାରଣ ମଞ୍ଚ ଯୋଗାଇ ଦେବ। ବର୍ତ୍ତମାନ ସମୟ ଆସିଛି, ସମସ୍ତେ ଗୋଟିଏ ପାଦ ଆଗକୁ ବଢ଼ାଇ ବିପର୍ଯ୍ୟୟ ଏବଂ ଜଳବାୟୁ ପରିବର୍ତ୍ତନ ମୁକାବିଲା ଅନୁକୂଳ ବିକାଶର ବୈଶ୍ୱିକ ମାର୍ଗରେ ଆଗେଇଯିବା ଆବଶ୍ୟକ।

ଲେଖକ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ

# ସଂହତିର ରକ୍ଷାକାରୀ

## ବ୍ୟକ୍ତିତ୍ୱ



ଚଣ୍ଡୀପ୍ରସାଦ ଭଟ୍ଟ

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସ୍ମୃତିରେ କଂଗ୍ରେସ ପକ୍ଷରୁ ଇନ୍ଦିରା ଗାନ୍ଧୀ ଜାତୀୟ ଅଖଣ୍ଡତା ସମ୍ମାନ ପ୍ରତିଷ୍ଠା କରାଯାଇଥିଲା। ଜାତୀୟ ସଂହତି ଓ ସମାଜକୁ ଉଲ୍ଲେଖନୀୟ ଅବଦାନ ଲାଗି ବ୍ୟକ୍ତିବିଶେଷ କିମ୍ବା ସଂସ୍ଥାକୁ ଏହି ସମ୍ମାନ ପ୍ରଦାନ କରାଯାଇଆସୁଛି। ୩୧ ଅକ୍ଟୋବର ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ ହୋଇଥିବାରୁ ଏହି ଦିନ ଉକ୍ତ ପୁରସ୍କାର ପ୍ରଦାନ କରାଯାଉଛି। ଯୋଗ୍ୟ ବିବେଚିତ ବ୍ୟକ୍ତି ବା ସଙ୍ଗଠନକୁ ପୁରସ୍କାର ଆକାରରେ ଏକ ଫଳକ ଓ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥାଏ । ଆସନ୍ତା ୩୧ ଅକ୍ଟୋବରରେ ୨୦୧୭ ଓ ୨୦୧୮ ଲାଗି ପ୍ରଖ୍ୟାତ ପରିବେଶବିତ୍ ତଥା ସାମାଜିକ କର୍ମୀ ଚଣ୍ଡୀପ୍ରସାଦ ଭଟ୍ଟଙ୍କୁ ଏହି ମର୍ଯ୍ୟାଦାଜନକ ସମ୍ମାନ ପ୍ରଦାନ କରାଯିବ। ରାମକୃଷ୍ଣ ମିଶନ, ଏପିଜେ ଅବଦୁଲ କଲାମ, ଏମ୍‌ଏସ୍ ସ୍ୱାମୀନାଥନ୍, ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ, ଗୁଲଜାର, ଏଆର୍ ରହେମନଙ୍କ ଭଳି ଅନେକ ଜଣାଶୁଣା ଅନୁଷ୍ଠାନ ଓ ବ୍ୟକ୍ତିଙ୍କୁ ଏହି ସମ୍ମାନ ମିଳିଥିବା ବେଳେ ଏବେ ଚଣ୍ଡୀପ୍ରସାଦଙ୍କୁ ମନୋନୀତ କରାଯାଇଥିବାରୁ ତାଙ୍କ ବ୍ୟକ୍ତିତ୍ୱ ବିଷୟରେ ନୂଆ ପିଢ଼ି ଆଗ୍ରହ ରଖିବା ସ୍ୱାଭାବିକ।

ଉତ୍ତରାଖଣ୍ଡର ଚାମୋଲିସ୍ଥିତ ଗୋପେଶ୍ୱରରେ ୨୩ ଜୁନ ୧୯୩୪ରେ ଚଣ୍ଡୀପ୍ରସାଦ ଜନ୍ମଗ୍ରହଣ କରିଥିଲେ। ପିତା ଗଙ୍ଗାରାମ ଭଟ୍ଟ ଥିଲେ କୃଷକ। ଏଥିସହିତ ନିକଟସ୍ଥ ରୁଦ୍ରନାଥ ମନ୍ଦିରରେ ପୂଜକ ଦାୟିତ୍ୱ ତୁଲାଉଥିଲେ। ଚଣ୍ଡୀପ୍ରସାଦ ଅତି ଛୋଟ ଥିବା ବେଳେ ପିତାଙ୍କ ଦେହାନ୍ତ ହୋଇଥିଲା। ମାତା ମହେଶୀ ଦେବୀ ତାଙ୍କୁ ବଡ଼ କରାଇଥିଲେ। ରୁଦ୍ରପ୍ରୟାଗରେ ସ୍କୁଲ ଶିକ୍ଷା ଗ୍ରହଣ କରିବା ପରେ ପଉରିରେ କଲେଜ ପାଠ ପଢ଼ିଥିଲେ। କିନ୍ତୁ ସ୍ନାତକ ଡିଗ୍ରୀ ଅର୍ଜନ କରିପାରି ନ ଥିଲେ। ପର୍ବତ ଘେରା ଅଞ୍ଚଳ ହୋଇଥିବାରୁ ସେଠାରେ କୃଷିଜମିର ଯଥେଷ୍ଟ ଅଭାବ ଥିଲା ଓ ତତ୍‌ସହିତ ଚାକିରି ପାଇବା କଷ୍ଟକର ହେଉଥିଲା। ସେଭଳି ସମୟରେ ଅର୍ଥ ଉପାର୍ଜନର ରାସ୍ତା ନ ପାଇ ଚଣ୍ଡୀପ୍ରସାଦ ପିଲାମାନଙ୍କୁ କଳା ଶିକ୍ଷା ଦେବାକୁ ପସନ୍ଦ କରିଥିଲେ। ସେଥିରୁ ଉପାର୍ଜିତ ଅର୍ଥ ପରିବାରର ଗୁଜରାଣ ମେଣ୍ଟାଇବା ପାଇଁ କଷ୍ଟକର ହେବା ପରେ ସେ ଗଢ଼ୱାଲ ମୋଟର ଓନର୍ସ ୟୁନିୟନ ( ଜିଏମ୍‌ଓୟୁ)ରେ ବୁକ୍ କ୍ଲର୍କ ଭାବେ ଯୋଗଦେଇଥିଲେ। ତେବେ ୧୯୫୬ରେ ଚଣ୍ଡୀପ୍ରସାଦଙ୍କ ଜୀବନର ଗତିପଥ ବଦଳିଥିଲା। ଗାନ୍ଧୀବାଦୀ ନେତା ଜୟପ୍ରକାଶ ନାରାୟଣ ଥରେ ତାଙ୍କ ଅଞ୍ଚଳକୁ ଆସିଥିଲେ। ଭାଷଣ ଶୁଣିବା ପରେ ଚଣ୍ଡୀପ୍ରସାଦ ଓ ତାଙ୍କର କେତେଜଣ ବନ୍ଧୁ ମିଶି ସର୍ବୋଦୟ ଆନ୍ଦୋଳନ ସହ ଗାନ୍ଧୀ ଅଭିଯାନ, ଭୂଦାନ ଓ ଗ୍ରାମଦାନ କାର୍ଯ୍ୟରେ ନିୟୋଜିତ କରିଥିଲେ। ଗ୍ରାମର ଅର୍ଥନୈତିକ ଅଭିବୃଦ୍ଧି ସହିତ ସମଗ୍ର ଉତ୍ତରାଖଣ୍ଡରୁ ମଦ ହଟେଇବା ଲାଗି ସଂଗ୍ରାମ କରିଥିଲେ। ୧୯୬୦ରେ ସେ ଜିଏମ୍‌ଓୟୁ ଚାକିରି ଛାଡ଼ି ଦେଇ ସର୍ବୋଦୟ ଆନ୍ଦୋଳନରେ ପୂର୍ଣ୍ଣ ସମୟ ଦେଇଥିଲେ। ୧୯୬୪ରେ ଚଣ୍ଡୀପ୍ରସାଦ ଦାଶୋଲି ଗ୍ରାମ ସ୍ୱରାଜ୍ୟ ମଣ୍ଡଳ ବା ଗ୍ରାମ ସ୍ୱାୟତ୍ତ ଶାସନ ସମାଜ ଗଢ଼ିଥିଲେ। ଏହାଦ୍ୱାରା ସେ ଗୋପେଶ୍ୱର ଅଞ୍ଚଳରେ ଜଙ୍ଗଲଦ୍ରବ୍ୟ ଜନିତ ଶିଳ୍ପ ପ୍ରତିଷ୍ଠା କରାଯାଇ କିଭଳି ସ୍ଥାନୀୟ ଯୁବତୀଯୁବକ ନିଯୁକ୍ତି ପାଇପାରିବେ ସେହି ଦିଗରେ କାର୍ଯ୍ୟ କରିଥିଲେ। ତେବେ ଯେତେବେଳେ ଉତ୍ତରାଖଣ୍ଡରେ ବ୍ୟାପକ ବୃକ୍ଷଚ୍ଛେଦନ ହେଲା ସେତେବେଳେ ଚଣ୍ଡୀପ୍ରସାଦ ଆଗକୁ ଆସି ଜଙ୍ଗଲ ରକ୍ଷା ଲାଗି ଅଣ୍ଟା ଭିଡ଼ିଲେ। ତାଙ୍କ ଅଞ୍ଚଳରୁ ଆରମ୍ଭ ହେଲା ଚିପ୍‌କୋ ଆନ୍ଦୋଳନ ବା ଗଛକୁ କୁଣ୍ଢାଇ ଧରି ପ୍ରତିବାଦ କରିବା କାର୍ଯ୍ୟ। ଧୀରେ ଧୀରେ ଏହି ଆନ୍ଦୋଳନରେ ମହିଳା ଓ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଯୋଗଦେଲେ। ଫଳରେ ଏହା ଜଙ୍ଗଲ ଓ ପରିବେଶ ସୁରକ୍ଷା ଦିଗରେ ନୂତନ ଦିଗ ଦେଖାଇଥିଲା। ପରିବେଶ ପ୍ରତି ଏକନିଷ୍ଠତା ଯୋଗୁ ତାଙ୍କୁ ୨୦୦୩ରେ 'ଜାତୀୟ ଜଙ୍ଗଲ କମିଶନ'ର ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଥିଲା।

ସାମାଜିକ କାର୍ଯ୍ୟ ଦିଗରେ ଚଣ୍ଡୀପ୍ରସାଦଙ୍କ ଉଲ୍ଲେଖନୀୟ ଅବଦାନ ଲାଗି ତାଙ୍କୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମାନ ମିଳିପାରିଛି। ସେଥିମଧ୍ୟରେ ରହିଛି– ୧୯୮୨ରେ ସେ ରେମନ୍ ମାଗସେସେ, ୧୯୮୬ରେ ପଦ୍ମଶ୍ରୀ, ୨୦୦୫ରେ ପଦ୍ମଭୂଷଣ, ୨୦୧୩ରେ ଗାନ୍ଧୀ ଶାନ୍ତି ପୁରସ୍କାର, ୨୦୧୬ରେ ମାନବ ଉତ୍କର୍ଷ ଦିଗରେ ସତ୍ୟସାଇ ସମ୍ମାନ।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଆଇନ ଆଖିରେ ସମସ୍ତେ ସମାନ। ମଣିଷ କଥା ଛାଡ଼ନ୍ତୁ, ପଶୁ ବି ଏହି ନିୟମରୁ ବାଦ୍ ପଡୁନାହାନ୍ତି। ଅନେକ ଜାଗାରେ ପଶୁ ଗିରଫ ହୋଇ ଥାନାକୁ ଅଣାଯିବା ଘଟଣା ଦେଖିବାକୁ ମିଳେ ଆମ ଦେଶରେ। କିନ୍ତୁ ଏବେ ସ୍ୱୟଂ ଦେବତା ମଧ୍ୟ ପୋଲିସ ନଜରରୁ ବର୍ତ୍ତି ପାରିନାହାନ୍ତି। ଶୁଣି ଆଶ୍ଚର୍ଯ୍ୟ ଲାଗୁଥିବ, ହେଲେ ଘଟଣାଟି ସତ। ପ୍ରଭୁ ହନୁମାନଙ୍କୁ ଯିବାକୁ ପଡିଛି ଥାନାକୁ। ଏମିତି ଏକ ଅଜବ ଘଟଣା ସାମନାକୁ ଆସିଛି ବିହାରର ବୈଶାଳୀ ଜିଲାରେ। ଏଠାରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳକୁ ଲକ୍ଷ୍ୟ କରି ପୋଲିସ ଭଗବାନ୍ ହନୁମାନଙ୍କୁ ସିଧା ଥାନାକୁ ନେଇଆସିଛି। ହନୁମାନଙ୍କ ମୂର୍ତ୍ତିକୁ କେଉଁ ଜାଗାରେ ସ୍ଥାପନ କରାଯିବ ତାହାକୁ କେନ୍ଦ୍ର କରି ପାନାପୁର ଗୌରାହି ଗାଁର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଝଗଡ଼ା ଲାଗିଥିଲା। ଗାଁର ଅନୁସୂଚିତ ବର୍ଗର କିଛି ଭକ୍ତ ହନୁମାନଙ୍କୁ ଏକ ବିବାଦୀୟ ଜମିରେ ସ୍ଥାପନ କରିଥିଲେ। ଏହାକୁ କେନ୍ଦ୍ର କରି ସେହି ଗାଁର ଉଚ୍ଚଜାତିର ଲୋକମାନେ ବିରୋଧ କରିବା ଆରମ୍ଭ କରିଦେଲେ। ଏ ନେଇ ସୂଚନା ପାଇବା ପରେ କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡାଇବା ପାଇଁ ପୋଲିସ ସେଠାରେ ପହଞ୍ଚି ହନୁମାନଙ୍କୁ ଥାନାକୁ ନେଇଆସିଛି। ପୂରା ମାମଲା ତୁଟିବା ଯାଏ ଥାନାରେ ହିଁ ହନୁମାନ ରହିବେ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

## ଚିରନ୍ତନୀ

''ଭସ୍ମ ହେଉ ଜରା ମୃତ୍ୟୁ
ଅବସାଦ ତନ୍ଦ୍ରାଗ୍ଲାନି ଭୟ
''ଜାଗ ବୀର ! ଦେଖ ଚାହିଁ
ଜଳେ ଦୀପ ଅମର ଅକ୍ଷୟ।
''ନିଭିନାହିଁ ହତାଶାର
ତପତ ବତାସ ଲାଗି ତହିଁ
''ଦୀନତାର ଅଶ୍ରୁ କେତେ
ଅବିରାମ ପଡିଅଛି ବହି !

(ମହାଦୀପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 9 | 1 | 3 | | A | | | 0 | E | | | | |
| | | | | 0 | 5 | | | | | | | 2 | 8 | |
| 8 | 3 | | | | | 4 | 2 | | | | | | | 9 |
| 2 | | | | | | | 0 | | 7 | | | E | | |
| 5 | | | C | | | | | 3 | B | | | A | | 4 |
| | | 1 | 4 | B | | | | | 6 | 8 | | | E | |
| | B | | | 5 | | | | | | D | | 4 | | |
| | 8 | C | 2 | | 9 | B | | | | | A | 0 | | 3 |
| | 7 | | | | | | 8 | | | | 1 | | | A |
| E | | | D | | 0 | | 4 | | 2 | C | | 5 | | |
| | | 8 | B | | D | 0 | C | | | | | 6 | | |
| | | 5 | | | | D | | 8 | 1 | 2 | | | | |
| 6 | E | 4 | | 2 | | 3 | 5 | | | | 9 | | A | 1 |
| | 0 | | | | | | 6 | | | | | B | | 7 |
| 9 | D | | | 4 | | | | | 5 | | 0 | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 4 | B | E | D | 1 | 5 | 6 | C | 8 | A | 2 | 7 | 0 | 9 |
| 5 | 0 | 1 | 4 | 7 | B | E | 2 | A | 6 | D | 9 | 8 | 3 | C |
| 8 | 6 | 7 | A | 2 | 9 | 0 | D | 4 | 1 | 3 | C | E | 5 | B |
| E | C | A | 3 | 5 | 8 | 9 | 1 | B | 0 | 7 | 4 | 6 | D | 2 |
| 9 | D | 2 | 6 | 0 | C | 7 | 3 | 8 | 5 | B | E | 1 | 4 | A |
| B | 8 | 0 | 5 | 9 | 2 | A | E | D | 4 | 6 | 1 | 3 | C | 7 |
| A | 7 | C | 8 | E | 6 | 4 | 0 | 2 | 9 | 5 | 3 | D | B | 1 |
| D | E | 9 | 0 | A | 3 | C | 8 | 1 | 7 | 2 | B | 5 | 6 | 4 |
| 2 | 1 | 5 | 7 | B | 4 | 6 | 9 | 3 | C | 8 | D | A | E | 0 |
| 6 | 3 | 4 | 1 | C | D | B | 5 | 7 | E | 0 | A | 9 | 2 | 8 |
| 7 | 5 | 6 | B | 4 | A | 2 | C | 9 | 3 | E | 8 | 0 | 1 | D |
| 0 | 2 | 8 | 9 | 1 | 5 | D | 7 | E | B | 4 | 6 | C | A | 3 |
| 4 | 9 | D | C | 6 | E | 3 | B | 0 | A | 1 | 7 | 2 | 8 | 5 |
| C | B | 3 | D | 8 | 0 | 1 | A | 6 | 2 | 9 | 5 | 4 | 7 | E |
| 1 | A | E | 2 | 3 | 7 | 8 | 4 | 5 | D | C | 0 | B | 9 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସାଇକେଲ ଯୁଗ ଫେରୁଛି

ମହାଶୟ,

ପେଟ୍ରୋଲ ଦରବୃଦ୍ଧି ସାଙ୍ଗକୁ ଓଆର୍‌ଟିର ଚେକିଙ୍ଗ ଜୁଲମ୍ ଦୁଇଚକିଆ ଯାନ ଆରୋହୀଙ୍କୁ ଅତିଷ୍ଠ କଲାଣି। ଏଥିରୁ ତ୍ରାହି ପାଇବା ପାଇଁ ଏବେ କିଛି ଲୋକ ସାଇକେଲ ଚଢିବା ଆରମ୍ଭ କଲେଣି। ଏହା ଏପରି ଏକ ଯାନ ଯାହାକି ଯେକୌଣସି ରାସ୍ତାରେ ଚାଲିପାରିବ। ଏଥିରେ ମଧ୍ୟ ପେଟ୍ରୋଲର ଆବଶ୍ୟକତା ନାହିଁ। ସାଇକେଲ ଚଳାଇବା ଦ୍ୱାରା ଅଙ୍ଗଚାଳନା ହୋଇଥାଏ ଓ ଏହା ଶରୀରକୁ ନୀରୋଗ ରଖେ। ଏତଦ୍‌ବ୍ୟତୀତ ପୃଥିବୀରେ କୋଟି କୋଟି ଯାନବାହନ ଚଳାଚଳ ଯୋଗୁ ପୃଥିବୀରେ ସଞ୍ଚିତ ପେଟ୍ରୋଲ ଓ ଡିଜେଲ ସରି ସରି ଆସୁଛି ଏବଂ ଏହି କାରଣରୁ ତୈଳଦର ବୃଦ୍ଧି ଘଟୁଛି। ଏବେ ସମୟ ଆସିଛି ଲୋକେ ସଚେତନ ହୁଅନ୍ତୁ ଓ ଦୈନନ୍ଦିନ ଜୀବନରେ ସାଇକେଲ ଚଳାନ୍ତୁ। ଏହାଦ୍ୱାରା ବାୟୁ ପ୍ରଦୂଷଣ କମିବା ସଙ୍ଗେ ସଙ୍ଗେ ପ୍ରାକୃତିକ ଦୁର୍ବିପାକରୁ ମଧ୍ୟ ରକ୍ଷାମିଳିବ।

ଡା. ନଟବର ନାୟକ, ଖେରସ, ଜଗତ୍‌ସିଂହପୁର

### ସରକାର ଓ ବିରୋଧୀ ଉଭୟ ନିଷ୍ପ୍ରଭ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗଠିତ ମୋଦି ସରକାର (୨)ର ପ୍ରଥମ ୧୦୦ ଦିନ ମଧ୍ୟରେ ସମ୍ବିଧାନର ୩୭୦ ଓ ୩୫ (କ) ଧାରାର ଉଚ୍ଛେଦ, ତିନି ତଲାକ୍ ଆଇନ ପ୍ରଣୟନ ଓ ଏନ୍‌ସିଆର୍‌ର କାର୍ଯ୍ୟକାରିତା ସମେତ ଅନେକ ଐତିହାସିକ ଓ ଯୁଗାନ୍ତକାରୀ ନିଷ୍ପତ୍ତି ନିଆଯିବା ଫଳରେ କେନ୍ଦ୍ର ସରକାର ଏକ ଦୃଢ଼, ଦକ୍ଷ ଓ କ୍ରିୟାଶୀଳ ସରକାରର ପରିଚୟ ଦେଇଛନ୍ତି। ବିଶ୍ୱରେ ଭାରତର ସମ୍ମାନ ଓ ଗୌରବ ବୃଦ୍ଧି ପାଇବା ସହ ଅର୍ଥନୈତିକ ଓ ପ୍ରଶାସନିକ କ୍ଷେତ୍ରରେ ଅନେକ ସଂସ୍କାରମୂଳକ ପଦକ୍ଷେପ ନିଆଯାଇଛି। ଏହାଦ୍ୱାରା ବିରୋଧୀ ଦଳ ଏକ ପ୍ରକାର ନିଷ୍ପ୍ରଭ ହୋଇଯାଇଛନ୍ତି। ତେବେ ଦେଶ ସମ୍ମୁଖୀନ ହୋଇଥିବା ଗୁରୁତର ଆର୍ଥିକ ମାନ୍ଦାବସ୍ଥା ଯୋଗୁ କେତେକ ନକାରାତ୍ମକ ଘଟଣା ଘଟିଯାଇଛି, ଯାହା କେନ୍ଦ୍ର ସରକାରଙ୍କ ଭାବମୂର୍ତ୍ତିକୁ ମଧ୍ୟ କିଛି ପରିମାଣରେ ନିଷ୍ପ୍ରଭ କରିଛି। ଆର୍ଥିକ ଅଭିବୃଦ୍ଧି ସର୍ବନିମ୍ନ ୫ ପ୍ରତିଶତକୁ ହ୍ରାସ ପାଇବା, ବିନିର୍ମାଣ, କୃଷି ଓ ଶିଳ୍ପ ଉତ୍ପାଦନ ହ୍ରାସ, ରପ୍ତାନି ହ୍ରାସ, ଶ୍ରମିକ ଓ କର୍ମଚାରୀ ଛଟେଇ, ଟଙ୍କାର ଅବମୂଲ୍ୟାୟନ, ବ୍ୟାଙ୍କିଙ୍ଗ କ୍ଷେତ୍ରରେ ବିପର୍ଯ୍ୟୟ, ଭାରତୀୟ ବଜାରରେ ନଗଦ ଟଙ୍କାର ଘୋର ଅଭାବ ଭଳି ଅଘଟଣକୁ ହାଲୁକା ଭାବେ ନିଆଯିବା ଉଚିତ ନୁହେଁ। ଏହି ମାନ୍ଦାବସ୍ଥାରୁ ଦେଶକୁ ମୁକୁଳାଇବା ପାଇଁ ନିଯୁକ୍ତି ସୃଷ୍ଟି, ଭିତ୍ତିଭୂମି କ୍ଷେତ୍ରରେ ଅଧିକ ପୁଞ୍ଜି ନିବେଶ ଦିଗରେ ପଦକ୍ଷେପ ନେବାର ଆବଶ୍ୟକତା ରହିଛି।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



❝ କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।

- ଭଗବାନ ଶ୍ରୀକୃଷ୍ଣ





## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭାଇବୋହୂ ଯିବେ ହାଟ,**
**ପାଖେଇ ଯାଅ ବାଟ ।**

ସ୍ୱାମୀଙ୍କ ବଡ଼ଭାଇ ମାନ୍ୟତାରେ ଦେଢ଼ଶୁର ହୋଇଥାନ୍ତି। ତାଙ୍କୁ ସମ୍ମାନ ଜଣାଇ ଭାଇବୋହୂ ମୁଣ୍ଡରେ ଓଢ଼ଣି ଦେଇଥାଏ। ଲଜ୍ଜାବଶତଃ ମୁହଁ ଉଠାଇ କଥା କହି ନ ଥାଏ। ଭାଇବୋହୂ ସାମ୍ନାକୁ ଦେଢ଼ଶୁର ଆସିବା ନେଇ ବାରଣ କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଭିତରେ ଭିତରେ ମୂଷା,**
**କାଟି ଦେଇଗଲା ଖୋଷା;**
**ନଅର ଯାକ ଖୋଜା ପଡ଼ିଛି,**
**ରଙ୍କଙ୍କୁ ପଡ଼ିଛି ଦଶା ।**

ଧୂର୍ତ୍ତ ପ୍ରକୃତି ବ୍ୟକ୍ତିର କାର୍ଯ୍ୟକଳାପକୁ କେହି ସହଜରେ ଜାଣିପାରି ନ ଥାନ୍ତି। ଏମିତି କଳକୌଶଳ ବା ଖଞ୍ଜରେ କାମ କରନ୍ତି ଯେ ତା' ଟେର୍ କେହି ବି ପାଇପାରି ନ ଥାନ୍ତି। ଏପରି ବ୍ୟକ୍ତି ଅତି ସନ୍ତର୍ପଣ ସହକାରେ ନିଜର ଫାଇଦା ଉଠାଇ ନେଇ ସରଳ ନିରୀହ ବ୍ୟକ୍ତି ମୁଣ୍ଡରେ ସବୁଦୋଷ ଲଦି ଦେଇଥାନ୍ତି। ଫଳସ୍ୱରୂପ ଉକ୍ତ ବ୍ୟକ୍ତି କିଛି ନ କରି ମଧ୍ୟ ସମାଜ ଆଖିରେ ନିନ୍ଦନୀୟ ହୋଇ ପଡୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

■ ହଜିଗଲା ମାନବିକତା: ମିଳିଲାନି ଚାରିକାନ୍ଧ

# ଭଉଣୀ ମୃତଦେହ ସାଇକେଲରେ ବୋହିଲେ ଭାଇ

ଚନ୍ଦାହାଣ୍ଡି, ୧୨।୧୦(ଡି.ଏନ.ଏ.)

ଅସୁସ୍ଥତା କାରଣରୁ ଜଣେ ମହିଳାଙ୍କ ଶୁକ୍ରବାର ରାତିରେ ମୃତ୍ୟୁ ଘଟିଥିଲା। ଶବ ସତ୍କାର ପାଇଁ ଗ୍ରାମବାସୀ,ବନ୍ଧୁବାନ୍ଧବଙ୍କୁ ସହାୟତା ପାଇଁ ମହିଳାଙ୍କ ୨ ଭାଇ ନେହୁରା ହୋଇଥିଲେ ମଧ୍ୟ କେହି ଆସି ନ ଥିଲେ। ସମସ୍ତଙ୍କ ନିକଟରେ ହଜିଯାଇଥିଲା ମାନବିକତା। ରାତିସାରା ଅପେକ୍ଷା କରି କେହି ନ ଆସିବାରୁ ଶେଷରେ ଶନିବାର ଭଉଣୀର ମୃତଦେହକୁ ୨ ଭାଇ ସାଇକେଲରେ ବୋହି ସତ୍କାର ପାଇଁ ନେଇଥିଲେ। ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତ ମୋତିଗାଁଠାରେ ଏହିପରି ଏକ ଘଟଣା ଘଟିଛି। ମୋତିଗାଁର ମାଳତୀ ପାଣ୍ଡେ(୪୨) ଛତିଶଗଡର ଅନ୍ୟ ଜାତିର ଜଣେ ଯୁବକଙ୍କୁ ୨୦ ବର୍ଷ ତଳେ ପ୍ରେମ ବିବାହ କରିଥିଲେ। ସେଠାରେ କିଛି ଦିନ ରହିବା ପରେ ଶାଶୁଘର ଲୋକ ତାଙ୍କୁ ତଡି ଦେଇଥିଲେ। ମାଳତୀ ନିଜ ଦୁଇଭାଇ ପୁରୁଷୋତ୍ତମ ପାଣ୍ଡେ ଓ ଟେକା ପାଣ୍ଡେଙ୍କ ନିକଟରେ ଆସି ରହିଥିଲେ। ସେତେବେଳେ କୁମ୍ଭାର ସମାଜ ପକ୍ଷରୁ ତାଙ୍କ ପରିବାରକୁ ବାସନ୍ଦ କରାଯାଇଥିଲା। ଦୀର୍ଘଦିନ ଅସୁସ୍ଥତା ପରେ ଶୁକ୍ରବାର ରାତି ୧୦ଟାରେ ମାଳତୀଙ୍କ ମୃତ୍ୟୁ ଘଟିଥିଲା। ଅପରପକ୍ଷରେ ଗ୍ରାମବାସୀ, ସାହି ପଡୋଶୀଙ୍କ ସହ ଦୁଇଭାଇଙ୍କ ସମ୍ପର୍କ ଭଲ ନ ଥିବାରୁ ଜମିବାଡିକୁ ନେଇ ଥାନାରେ ମାମଲା ରହିଛି। ସମାଜରେ ବାସନ୍ଦ ଓ ଥାନାରେ ମାମଲା ଯୋଗୁ ମାଳତୀଙ୍କ ମୃତଦେହକୁ ସତ୍କାର କରିବା ପାଇଁ ଗ୍ରାମବାସୀ ଓ ବନ୍ଧୁବାନ୍ଧବ କେହି ଆସି ନଥିଲେ। ଏପରିକି ସାହାଯ୍ୟ ପାଇଁ ମନା କରିଦେଇଥିଲେ। ପୂର୍ବାହ୍ନ ୯ଟା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ ମଧ୍ୟ ସମ୍ପର୍କୀୟ,ଗ୍ରାମବାସୀ କେହି ନ ଆସିବାରୁ ନିଜ ଭଉଣୀଙ୍କ ମୃତଦେହକୁ ଦୁଇ ଭାଇ ସାଇକେଲରେ ଗାଁଠାରୁ ଅଧ କିଲୋମିଟର ଦୂର ଭଣ୍ଡାରୀନଦୀ କୂଳକୁ ସତ୍କାର ପାଇଁ ନେଇଥିଲେ। ଭଉଣୀ ପାଇଁ ୨ ଭାଇ ଜୁଇ ସଜାଡିଥିଲେ। ଭଉଣୀଙ୍କୁ ସାନ ଭାଇ ଟେକା ମୁଖାଗ୍ନି ଦେଇଥିଲେ। ଘଟଣା ସମ୍ପର୍କରେ ପୁରୁଷୋତ୍ତମ ଓ ଟେକାଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଦୀର୍ଘବର୍ଷ ଧରି ମାଳତୀଙ୍କୁ ଶାଶୁଘର ଲୋକେ ଛାଡି ଦେଇଥିଲେ। ସେ ଆମ ପାଖରେ ରହୁଥିଲେ। ତାଙ୍କ ମୃତ୍ୟୁ ପରେ ଆମେ ବନ୍ଧୁବାନ୍ଧବ, ସାହି ପଡୋଶୀଙ୍କୁ ଜଣାଇଥିଲେ ମଧ୍ୟ କେହି ନ ଆସିବାରୁ ଆମେ ଭଉଣୀର ମୃତଦେହକୁ ନେଇ ସତ୍କାର କରିବାକୁ ନିଷ୍ପତ୍ତି ନେଲୁ ।



ଭଉଣୀର ମୃତଦେହକୁ ୨ ଭାଇ ସାଇକେଲରେ ନେଉଛନ୍ତି।

## ନକଲି ବାଣ କାରଖାନା ଠାବ

■ବିପୁଳ ବିସ୍ଫୋରକ ସାମଗ୍ରୀ ଜବତ, ଅଭିଯୁକ୍ତ ଗିରଫ

ସଜନାଗଡ଼,୧୨।୧୦(ଡି.ଏନ.ଏ.)

ନୀଳଗିରି ଥାନା ମଲ୍ୟାଣି ଗ୍ରାମର ଏକ ନକଲି ବାଣ କାରଖାନା ଉପରେ ଶନିବାର ପୋଲିସ ଚଢ଼ାଉ କରି ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରିଛି। ଏଥିରେ ସମ୍ପୃକ୍ତ ଭବେଶ ବାରିକ (୫୦)ଙ୍କୁ ମଧ୍ୟ ଗିରଫ କରାଯାଇଛି।

ଭବେଶ ନିଜ ଘରେ ବାଣ ତିଆରି ପାଇଁ ବିସ୍ଫୋରକ ସାମଗ୍ରୀ ରଖିଥିବା ବେଳେ ନୀଳଗିରି ଥାନା ଆଇଆଇସି ନଳିତା ମୋଦୀ ଖବର ପାଇ ଚଢାଉ କରିଥିଲେ। ନୀଳଗିରି ଥାନା ଏଏସ୍ଆଇ ଶରତ ଚନ୍ଦ୍ର ଧଳଙ୍କ ଅଭିଯୋଗ ଅନୁଯାୟୀ ତଦନ୍ତକାରୀ ଅଧିକାରିଣୀ ସସ୍ମିତା ମଲ୍ଲିକ ଥାନାରେ ମାମଲା (ନଂ. ୨୫୫/୧୯) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛନ୍ତି। ଚଢ଼ାଉରେ ନୀଳଗିରି ଥାନାର ସବ୍ଇନ୍ସପେକ୍ଟର ବାସୁଦେବ ଜୟସିଂହ ପ୍ରମୁଖ ସାମିଲ ଥିଲେ।

# ଏସ୍‌ସିବି: ଛାତରୁ ଡେଇଁ ରୋଗୀ ମୃତ

■ତଦନ୍ତ କରିବ ୩ ଜଣିଆ ଟିମ

**କଟକ ଅଫିସ, ୧୨।୧୦:** ଏସ୍‌ସିବି ମେଡିକାଲର ନ୍ୟୁ ମେଡିସିନ୍ ବିଲ୍ଡିଂ ପରିସରରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ମେଡିକାଲ କର୍ମଚାରୀଙ୍କ ଉପସ୍ଥିତିରେ ଜଣେ ଅସହାୟ ରୋଗୀ ଗ୍ରୀଲ ଭାଙ୍ଗି ଛାତରୁ ତଳକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ମଙ୍ଗଳବାଗ ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଅନ୍ୟପକ୍ଷରେ ଏହି ଘଟଣାର ତଦନ୍ତ ପାଇଁ ମେଡିକାଲ କର୍ତ୍ତୃପକ୍ଷ ଏକ ୩ଜଣିଆ କମିଟି ଗଠନ କରିଛନ୍ତି। ସୂଚନା ଅନୁଯାୟୀ, ଗତ ୬ ତାରିଖରେ ବାଲେଶ୍ୱର ଜିଲାର ଜଣେ ଅସହାୟ ବ୍ୟକ୍ତି ବସନ୍ତ ଜେନା(୭୫) ବ୍ରେନ୍‌ଷ୍ଟ୍ରୋକ୍‌ରେ ପୀଡ଼ିତ ହୋଇ ନ୍ୟୁ ମେଡ଼ିସିନ୍ ୱାର୍ଡରେ ଭର୍ତ୍ତି ହୋଇଥିଲେ। ଏହି ୱାର୍ଡ଼ର ତିନିମହଲାରେ ସେ ଚିକିତ୍ସିତ ହେଉଥିଲେ। ଶନିବାର ଅପରାହ୍ନ ସାଢ଼େ ଗୋଟାଏ ବେଳେ ବସନ୍ତ ଗ୍ରୀଲ ଭାଙ୍ଗି ତଳକୁ ଡେଇଁ ପଡ଼ିଥିଲେ। ଏହାପରେ ତାଙ୍କୁ ସେଠାରୁ ଉଦ୍ଧାର କରାଯାଇ ଆଶୁ ଚିକିତ୍ସା କେନ୍ଦ୍ରକୁ ନିଆଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଅଧୀକ୍ଷକ ପ୍ରଫେସର ସିବିକେ ମହାନ୍ତି କହିଛନ୍ତି ଯେ, ଅସହାୟ ରୋଗୀଙ୍କ ପାଇଁ ୩ଜଣ ଆଟେଣ୍ଡାଣ୍ଟ ନିୟୋଜିତ କରାଯାଇଛି। ଅପରାହ୍ନ ସମୟରେ ଆଟେଣ୍ଡାଣ୍ଟମାନେ ଅନ୍ୟ ରୋଗୀଙ୍କୁ ସେବା କରୁଥିବାବେଳେ ନିଜକୁ ଏକାକୀ ପାଇ ବୃଦ୍ଧ ଜଣକ ଗ୍ରୀଲ ଭାଙ୍ଗି ଛାତ ତଳକୁ ଡେଇଁ ପଡ଼ିଥିଲେ। ତେବେ କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଛି ତାହାର ତଦନ୍ତ କରାଯିବ। ଏଥିପାଇଁ ଭେଷଜ ବିଭାଗର ଡା. ଜୟନ୍ତ ପଣ୍ଡା, ଡା. ରୀନା ମହାନ୍ତି, ଡା. ନିର୍ମଳ ସାହୁଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ଏହାସହିତ ଆଟେଣ୍ଡାଣ୍ଟ ଯୋଗାଇ ଥିବା ଆଉଟସୋସିଂ ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ଡାକ୍ତର ମହାନ୍ତି ସୂଚନା ଦେଇଛନ୍ତି। ତଦନ୍ତ ରିପୋର୍ଟ ମିଳିବା ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ବୃଦ୍ଧଙ୍କ ଆତ୍ମହତ୍ୟା ପଛରେ ହସ୍ପିଟାଲର କୌଣସି ଦୋଷ ନାହିଁ ବୋଲି ପ୍ରଫେସର ମହାନ୍ତି କହିଛନ୍ତି।

■ ଚିକିତ୍ସା ସୁବିଧାରୁ ବଞ୍ଚିତ୍ ୩ ଦିବ୍ୟାଙ୍ଗ ଛୁଆ

# ଦଦ୍‌ରା କୁରିଆରେ ବିତୁଛେ ଜୀବନ୍

ସମ୍ବଲପୁର,୧୨।୧୦(ବ୍ୟୁରୋ)

ପରିବାରର ଦୁଖ୍ କହେଲେ ନାଇଁସରେ। ଦୁଇବେଲା ଖାଏବାକେ ମିଲବାରଟା ଭିଡ଼ ହେଇଯାଉଛେ। ମୁଡ଼ ରଖବାର ଲାଗି ଛାତ୍‌ଟେ ନାଁଇଁନ। କୁଟୁମବସିଆ ଗୁଟେ ଦଦ୍‌ରା କୁରିଆରେ ୩ ଦିବ୍ୟାଙ୍ଗ ଛୁଆକୁ ଧରି ରହୁଛନ୍। ଛୁଆପିଲାକର ଉଷୋକଷା କରବାକେ ହାତେ ଅଦ୍‌ଲେ ନାଁଇଁନ। ହେଲେ ସରକାରୀ ସାହାଯ୍ ପାଏବାର ଆଶ୍ ରଖିଛନ୍ ଇ ଦୁଖି ପରିବାର। ଏନ୍‌ତା ଗୁଟେ ଦୁଖଦ୍ ଘଟନା ଦେଖିବାକେ ମିଳିଛେ ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକରେ।

ସୂଚନା ଅନ୍‌ସାରେ ରେଙ୍ଗାଲି ବ୍ଲକ କତରବଗା ଗାଁ ଡାଡ଼ଗୁଡ଼ା ପଡ଼ାର ଶହଦେବ ରୋହିଦାସ। ପରିବାର କହେଲେ ମାଏକିନା ସୌରେନ୍ଦ୍ରୀ, ୩ ଝିଁ ଆର ଗୁଟେ ବଲି ପୁଓକେ ନେଇ ସଁସାର। ପରିବାରଟା ନିହାତି ଗରିବ୍ ହେଇଥିଲାବେଲେ ଶହଦେବ କୁଲିମଜୁରି କରି କୁଟୁମ୍ ପୁଷୁଛନ୍। ହେଲେ ଶହଦେବକଁର ପୁଓ ସୁଶିଲ, ଝିଁ କିଶୋରୀ ଆର ସୁନିତା ଛୁଆଦିନୁ କେହେନ୍‌ସି ଅଜନା ରୋଗ୍ ପରଭାବରେ ଦିବ୍ୟାଙ୍ଗ ହେଇଯାଇଛନ୍। ଛୁଆପିଲାକର ଦେଖିଭାଲ, ସେବାଯତନ ଲାଗି ମା' ସୌରେନ୍ଦ୍ରୀ କାମ୍‌ଧଁଦାର ଲାଗି ଘରୁ ଭଟାକେ ବାହାରି ନାଇଁ ପାରବାର। ଏନ୍‌ତାଥି ପରିବାରର ବୋଝ୍ ଶହଦେବକଁର ଉପରେ ରହିଛେ। ୩ ଦିବ୍ୟାଙ୍ଗ ଭାଇଭହେନ୍ ଖାଏଦ୍ ସୁରକ୍ଷା ଯୋଜନାରେ ସାମିଲ ହେଇଛନ୍, ଭତା ବି ପାଉଛନ୍। ହେଲେ ସେମାନକର ଚିକିତ୍ସା, ଉଷୋକଷାର ଲାଗି ଟଁକା ପଏସାର ବଡ଼ଭାରି ଅଭାବ ରହୁଛେ, ସରକାରୀ ଚିକିତ୍ସା ସାହାଯ୍ ମିଲ୍‌ଲେ ମୋର ଛୁଆପୁତା ନୁକୋ ହେଇପାରତେ ବଲି ଶହଦେବ କହିଛନ୍। ସେନ୍‌ତା ଘରଖଁଡ଼େ ଅଭାବୁ କୁଟୁମବସିଆ ବଡ଼ା ଗୁଲ୍‌ଗୁଲା ହେଇ ରହୁଥିବାର ଶହଦେବ କହିଛନ୍। ଇଆଡ଼େ କେନ୍ଦ୍ର ଆର ରାଏଜ୍ ସରକାର ଦିବ୍ୟାଙ୍ଗମାନକୁ ଅନେକ ଯୋଜନାରେ ସାମିଲ କରି ସୁବିଧା ସୁଯୋଗ ଯୁଗେଇ ଦେଉଛନ୍। ହେଲେ ଶହଦେବକଁର ୩ଟା ପିଲାଛୁଆ ଦିବ୍ୟାଙ୍ଗ ହେଇଥିଲେ ବି ଆବାସ ଯୋଜନାରୁ ବଁଚିତ୍ ହେଇ ରହିଛନ୍। ଇ ବାବ୍‌ଦେ ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡାକୁଁ ପଚରାଲାରୁ ନିୟମ ଅନ୍‌ସାରେ ପରିବାରକେ ସବୁପରକାର ସରକାରୀ ସୁବିଧା ଯୁଗେଇ ଦେବାର ବେବସ୍‌ତା କରାଯିବା ବଲି ସେ କହିଥିଲେ।



ହାଡ଼ଗୁଡ଼ା ପଡାର ସହଦେବ ରୋହିଦାସକଁର ପରିବାର।

■ଧାମରା ବନ୍ଦର ସାର ଗୋଦାମରେ ବିଦ୍ୟୁତ୍ ଶର୍ଟସର୍କିଟ

# ଜଣେ ଶ୍ରମିକ ମୃତ, ୨ ଆହତ

**ଚାନ୍ଦବାଲି, ୧୨।୧୦ (ଡି.ଏନ.ଏ.):** ଭଦ୍ରକ ଜିଲା ଧାମରା ବନ୍ଦର ପରିସରରେ ଥିବା ସାର ଗୋଦାମରେ ଶନିବାର ସକାଳେ ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ୨ଜଣ ଆହତ ହୋଇଛନ୍ତି। ମୃତକ ହେଲେ ରାଜାରାମ ରାୟ(୨୪) ଏବଂ ଆହତ ଦ୍ୱୟ ଜୟରାମ ଯାଦବ(୪୪) ଓ ବୁଲବୁଲ କୁମାର(୪୦)। ସମସ୍ତେ ବିହାରର ବାସିନ୍ଦା ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ, ସାର ଗୋଦାମରେ ଉକ୍ତ ଶ୍ରମିକମାନେ କାମ କରୁଥିବାବେଳେ ସକାଳ ପ୍ରାୟ ୬ଟା ୪୫ମିନିଟ୍ ବେଳେ ଏହି ଅଘଟଣ ଘଟିଥିଲା। ଗୋଦାମରେ ଥିବା ଏକ ବିଦ୍ୟୁତ୍ ତାର ଶର୍ଟସର୍କିଟ ହୋଇ ଏକ ଲୋଡିଂ ଟ୍ରଲି ଉପରେ ଛିଣ୍ଡି ପଡ଼ିଥିଲା। ଫଳରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୩ ଜଣ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ତୁରନ୍ତ ଆଶୁ ଚିକିତ୍ସା ଯୋଗାଇଦେବା ସହ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାଜାରାମଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଦୁଇଜଣଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା ସହ ସ୍ଥିର ଥିବା ଜଣାପଡ଼ିଛି। କମ୍ପାନୀ ପକ୍ଷରୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ତେବେ ରିପୋର୍ଟ ଲେଖାଯିବା ସୁଦ୍ଧା ଏ ନେଇ ଥାନାରେ ଅଭିଯୋଗ ହୋଇ ନାହିଁ।

# ଗାଡ଼ି ଧକ୍କାରେ ଜଣେ ମୃତ

**ବଡ଼ବିଲ, ୧୨।୧୦(ସ୍ୱ.ପ୍ର.):** କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ଏନ୍ଏଚ ୫୨୦ର ରୋଇଡା ଛକ ନିକଟରେ ଶନିବାର ଅପରାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଯଶବିନ୍ଦର ସିଂ ନାମକ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ତାଙ୍କ ଘର ବଲାଣି ଥାନା ଅଞ୍ଚଳରେ। ଯୋଡ଼ା ଅଭିମୁଖେ ଯିବାକୁ ଲିଫ୍ଟ ମାଗୁଥିବାବେଳେ ଏକ ଅଜଣା ଗାଡି ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ପୋଲିସ ଘଟଣାସ୍ଥଳରୁ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

# ମାଟିରୁ କମୁଛି ଫସ୍‌ଫରସ୍

ଭୁବନେଶ୍ୱର,୧୨।୧୦(ବ୍ୟୁରୋ)



■ ଧାନ ଉତ୍ପାଦନ କମିବା ଆଶଙ୍କା

■ ଉପକୂଳ ଜିଲାରେ ପରିସ୍ଥିତି ଚିନ୍ତାଜନକ

ଗତ କିଛିବର୍ଷ ହେବ ମାଟିରୁ ଫସ୍‌ଫରସ୍ ପରିମାଣ କମିବାରେ ଲାଗିଛି। ରାଜ୍ୟରେ ଧାନ ଏକ ପ୍ରମୁଖ ଫସଲ। ଜମିରେ ଫସ୍‌ଫରସ୍ ଅଭାବରୁ ଆଗାମୀ ଦିନରେ ଧାନ ଉତ୍ପାଦନ କମିବା ଆଶଙ୍କା ଦେଖାଦେଇଛି। ଧାନ ବଢ଼ିବା ପାଇଁ ମାଟିର ମୁଖ୍ୟ ଉପାଦାନ ଫସ୍‌ଫରସ୍। ଗଛ ଉଠିବାବେଳେ ଏହାର ଯଥେଷ୍ଟ ଆବଶ୍ୟକତା ରହିଥାଏ। ରାଜ୍ୟର ପ୍ରାୟ ସମସ୍ତ ଜିଲାରେ ଧାନ ଉପାଦାନ ଅତିମାତ୍ରାରେ ହ୍ରାସ ପାଉଥିବାରୁ କୃଷି ବିଜ୍ଞାନୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ୧୯୯୭ରେ ମାଟିର ଉପାଦାନଗୁଡ଼ିକର ଗୁଣବତ୍ତା ୧.୫୪ ଥିବା ବେଳେ ୨୦୧୯ରେ ତାହା ୧.୩୫କୁ ଖସି ଯାଇଛି। ଏଥିଯୋଗୁ ଗତ କିଛିବର୍ଷ ମଧ୍ୟରେ ଧାନ ଉତ୍ପାଦନ ମଧ୍ୟ ହ୍ରାସ ପାଇବାରେ ଲାଗିଛି। କୃଷି ବିଭାଗ ସୂଚନା ଅନୁଯାୟୀ ପ୍ରତି ହେକ୍ଟରରେ ଧାନ ଉତ୍ପାଦନ ୨୯.୭ ପ୍ରତିଶତ କମିଛି। ଏଥିସହିତ ୫ ପ୍ରତିଶତ ଚାଷଜମି ମଧ୍ୟ ପଡ଼ିଆ ପଡ଼ିଲାଣି। କେନ୍ଦ୍ର ସରକାରଙ୍କ ଗାଇଡଲାଇନ୍ ଅନୁଯାୟୀ ପ୍ରତି ହେକ୍ଟରରେ ୬୦ କିଲୋଗ୍ରାମ ନାଇଟ୍ରୋଜେନ୍ ବା ୟୁରିଆ, ୩୦ କିଗ୍ରା ଫସ୍‌ଫରସ୍ ଏବଂ ୩୦ କିଗ୍ରା ପଟାସିୟମ ପ୍ରୟୋଗ କରିବା କଥା। ଅର୍ଥାତ୍ ଗୋଟିଏ ଏକରରେ ୨୦ରୁ ୨୫ କିଲୋ ସ୍ଥାନରେ ଅଧିକ ଅମଳ ପାଇଁ ଚାଷୀମାନେ ୬୦ରୁ ୮୦ କିଲୋ ୟୁରିଆ ପକାଉଛନ୍ତି । ଗତ ଦୁଇ ଦଶନ୍ଧି ମଧ୍ୟରେ ୟୁରିଆ ବ୍ୟବହାର ଆଶାତୀତ ଭାବେ ବୃଦ୍ଧି ପାଉଛି। ଚାଷ ପାଇଁ କେବଳ ୟୁରିଆ ଦିଆଯାଉଥିବାରୁ ମାଟି ଲାଗି ଆବଶ୍ୟକ ଅନ୍ୟ ୧୨ଟି ଉପାଦାନ ମିଳିପାରୁ ନାହିଁ। କୃଷି ବିଶେଷଜ୍ଞଙ୍କ କହିବା କଥା ହେଲା ମାଟି ଏକ ସଜୀବ ପଦାର୍ଥ। କେବଳ ଫସ୍‌ଫରସ୍ ନୁହେଁ, ଜମିରୁ ଯବକ୍ଷାରଜାନ, ବୋରନ, ଆଇରନ, ମାଙ୍ଗାନିଜ, ଜିଙ୍କ୍ ଏବଂ ସଲ୍‌ଫର୍ ପରିମାଣ ମଧ୍ୟ କମ୍ ରହୁଛି।

ମିଳିଥିବା ତଥ୍ୟ ଅନୁଯାୟୀ ୨୦୧୮-୧୯ରେ ସମଗ୍ର ରାଜ୍ୟରୁ ୩,୦୭,୪୦୫ଟି ମୃତ୍ତିକା ନମୁନା ସଂଗ୍ରହ କରାଯାଇ ମୋବାଇଲ ମୃତ୍ତିକା ପରୀକ୍ଷା ଲାବରେଟୋରି ଏବଂ ରାଜ୍ୟର ୧୧ଟି ପରୀକ୍ଷାଗାରରେ ପରୀକ୍ଷା କରାଯାଇଥିଲା। ମୟୂରଭଞ୍ଜ ଜିଲାରୁ ସଂଗ୍ରହ କରାଯାଇଥିବା ୯୩ ପ୍ରତିଶତ ମାଟିରେ ଫସ୍‌ଫରସ୍ ଅତିମାତ୍ରାରେ କମ୍ ରହିଛି। ରାୟଗଡ଼ା ଏବଂ କୋରାପୁଟ ଜିଲାରେ ମଧ୍ୟ ସମାନ ଅବସ୍ଥା। କୃଷି କ୍ଷେତ୍ରରେ ମନଇଚ୍ଛା ୟୁରିଆ ବ୍ୟବହାର ଯୋଗୁ ମାଟିରେ ଅମ୍ଳତ୍ୱ, କ୍ଷାର ଓ ଲବଣ ପରିମାଣ ଅତିମାତ୍ରାରେ ବୃଦ୍ଧିପାଇଛି। ଏଥିଯୋଗୁ ମାଟିରେ ଥିବା କ୍ଷୁଦ୍ର ଅଣୁଜୀବ, ଯାହାକି ଉର୍ବରତା ବଢ଼ାଇବାରେ ସାହାଯ୍ୟ କରନ୍ତି ସେସବୁ ନଷ୍ଟ ହୋଇଗଲେଣି। ଭଦ୍ରକ, ବାଲେଶ୍ୱର, ନବରଙ୍ଗପୁର, କଳାହାଣ୍ଡି, ବରଗଡ଼, ସମ୍ବଲପୁର, ଗଞ୍ଜାମ, କଟକ, ପୁରୀ ଆଦି ଜିଲାରେ ମାଟିର ଉର୍ବରତା ଭୟଙ୍କର ଭାବେ ହ୍ରାସ ପାଉଛି। ଚାଷଜମିରେ ଗୋଟିଏ ପ୍ରକାର ସାର ପ୍ରୟୋଗ ଲଗାତର ବୃଦ୍ଧି ପାଉଥିବାରୁ ଏଭଳି ଚିନ୍ତାଜନକ ପରିସ୍ଥିତି ଉପୁଜିଛି। ପୂର୍ବକାଳରେ ଏସବୁ ଗୋବର ଖତ, ଧନିଚା ଚାଷ ଓ ଅନ୍ୟାନ୍ୟ ଜୈବିକ ଖତରୁ ମେଣ୍ଟା ଯାଇପାରୁଥିଲା। ସରକାରୀ ଉଦାସୀନତା ଏବଂ ଚାଷୀଙ୍କର ସଚେତନତା ଅଭାବ ଯୋଗୁ ପରିସ୍ଥିତି ବିଗିଡ଼ିବାରେ ଲାଗିଛି। ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା କୃଷିବିଜ୍ଞାନୀ ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି, ଫସ୍‌ଫରସ୍ ସାର ଅନ୍ୟ ଦେଶରୁ ଆମଦାନୀ କରାଯାଇଥାଏ। ଏହା ବ୍ୟୟବହୁଳ ହେଉଥିବାରୁ ଚାଷୀମାନେ ବ୍ୟବହାର କରି ପାରୁନାହାନ୍ତି। ତେବେ ଏହା ବଦଳରେ ଜମିରେ ଚୂନ ପକାଇଲେ ମଧ୍ୟ ଫସ୍‌ଫରସ୍ ବୃଦ୍ଧି ପାଇପାରିବ ବୋଲି ସେ କହିଛନ୍ତି।

## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ପୁରୁଷୋତ୍ତମ



ଶୈଳେଶ



ସୁଶାନ୍ତ



ନରେନ



ତରୁନ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)


**ପୂର୍ବ ତଟ ରେଳପଥ**

**ବୈଦ୍ୟୁତିକ କାର୍ଯ୍ୟ**

ଟେଣ୍ଡର ବିଜ୍ଞପ୍ତି ସଂ. MSM-NC-TLAC-SBP-2019

**କାର୍ଯ୍ୟର ନାମ :** ଏକ ବର୍ଷ ସମୟାବଧି ନିମନ୍ତେ ସମ୍ବଲପୁର ସ୍ଥିତ ଟିଏଲ୍ (TL) ଓ ଏସି କୋଚ୍ ଗୁଡ଼ିକର ନନ୍ କୋର୍ କାର୍ଯ୍ୟ ଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ଅହୋରାତ୍ର ବୈଦ୍ୟୁତିକ କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹ 21,81,782.78, EMD : ₹ 43,600.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹3,540.00, କାର୍ଯ୍ୟ ସମାପ୍ତିର ଅବଧି:01(ଏକ) ବର୍ଷ।

**ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ :** ତା 25.10.2019 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।

ସିନିୟର ଡ଼ିଭିଜନାଲ୍ ମେକାନିକାଲ ଇଞ୍ଜିନିୟର, ସମ୍ବଲପୁର

PR-429/K/19-20

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. EOP/SFC/TIG/TN/1/19, ତା: 04.10.2019

**କାର୍ଯ୍ୟର ନାମ :** ଟିଟିଲାଗଡ଼ ସ୍ଥିତ ଲୋକୋମୋଟିଭ୍ (ଇଂଜିନ୍) ଗୁଡ଼ିକର ବାଲି ବାକ୍ସ (Sand Boxes)ରେ ଆବଶ୍ୟକୀୟ ବିନିର୍ଦ୍ଦେଶନ ଅନୁଯାୟୀ ମାର୍ଗରେ ବାଲି ଯୋଗାଣ ଏବଂ ଭରିବା କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹ 97,28,645.08, EMD : ₹ 1,94,600.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,900.00, କାର୍ଯ୍ୟ ସମାପ୍ତିର ଅବଧି: 02 (ଦୁଇ) ବର୍ଷ (731 ଦିନ)

**ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ :** ତା 30.10.2019 ରିଖ 1530 ଘଟିକା

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm) ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ଦଶ ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ସିନିୟର ଡ଼ିଭିଜନାଲ୍ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର(G), ସମ୍ବଲପୁର

PR-426/K/19-20



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଉଥାଏ।
ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲଟନ

## ସଂକ୍ଷେପରେ

### ବିଜେପୁର ଉପନିର୍ବାଚନ ପାଇଁ ସମନ୍ୱୟ ବୈଠକ

ପଦ୍ମପୁର, ୧୨।୧୦ (ଡି.ଏନ.ଏ)- ଆସନ୍ତା ବିଜେପୁର ଉପନିର୍ବାଚନକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ବରଗଡ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଶନିବାର ଏକ ସମନ୍ୱୟ ବୈଠକ ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉପନିର୍ବାଚନ ନିମନ୍ତେ ଗଠିତ ଷ୍ଟାଟିକ୍ ସର୍ଭିଲେନ୍ସ ଟିମ, ଫ୍ଲାଇଙ୍ଗ ସ୍କ୍ୱାର୍ଡ, ଭିଡିଓ ସର୍ଭିଲେନ୍ସ ଟିମ୍‌ର ସଦସ୍ୟମାନଙ୍କ ସହିତ ପୋଲିସ ବିଭାଗର ଅଧିକାରୀମାନେ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଜେପୁର ଉପନିର୍ବାଚନକୁ ଅବାଧ ଓ ନିରପେକ୍ଷ ଭାବେ ପରିଚାଳନା କରିବା ପାଇଁ ଜିଲାପାଳ ଉପସ୍ଥିତ ସମସ୍ତ କର୍ମକର୍ତ୍ତାମାନଙ୍କୁ ସୂଚନା ଦେବା ସହିତ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାବଳୀକୁ କଡାକଡି ପାଳନ କରିବା ପାଇଁ ପରାମର୍ଶ ଦେଇଥିଲେ । ନିର୍ବାଚନକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ପୋଲିସ ବିଭାଗ ତରଫରୁ ନିଆଯାଇଥିବା ପଦକ୍ଷେପ ଉପରେ ପଦ୍ମପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଦୀପ କୁମାର ସାହୁ ସୂଚନା ପ୍ରଦାନ କରିଥିଲେ। ରିଟର୍ନିଂ ଅଧିକାରୀ ତଥା ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ ନିର୍ବାଚନ ପ୍ରସ୍ତୁତି ସମ୍ପର୍କିତ ବିବରଣୀ ପ୍ରଦାନ କରିଥିଲେ।

### ଓପିଜିସିରେ କୋଇଲା ସଙ୍କଟ

# ଆଜିଠାରୁ ବନ୍ଦ ହେବ ୨ୟ ୟୁନିଟ୍

ଲଖନପୁର,୧୨।୧୦ (ଡି.ଏନ୍.ଏ.)



ବନହରପାଲିସ୍ଥିତ ଇବ୍‌ତାପଜ ବିଦ୍ୟୁତ୍ କେନ୍ଦ୍ର।

- ବାଧାପ୍ରାପ୍ତ ହେବ ୨୧୦ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ
- ଆଗକୁ ଅଧିକ ୟୁନିଟ୍ ବନ୍ଦ ହେବା ଆଶଙ୍କା

ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ(ଓପିଜିସି)ର ବନହରପାଲିସ୍ଥିତ ଇବ୍‌ଥର୍ମାଲ ପ୍ରକଳ୍ପରେ ଏକ ମାସହେଲା କଞ୍ଚାମାଲ (କୋଇଲା) ସଙ୍କଟ ଦେଖାଦେଇଛି। ଏହି କୋଇଲା ସଙ୍କଟ ଏବେ ଚରମସୀମାରେ ପହଞ୍ଚିଛି। ଫଳରେ କମ୍ପାନୀ କର୍ତ୍ତୃପକ୍ଷ ୨ୟ ୟୁନିଟ୍‌କୁ ରବିବାର ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ୟୁନିଟ୍ ବନ୍ଦହେଲେ ଏଥିରୁ ଉତ୍ପାଦନ ହେଉଥିବା ୨୧୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ବାଧାପ୍ରାପ୍ତ ହେବ। ଏହାର ସିଧାସଳଖ ପ୍ରଭାବ ରାଜ୍ୟ ଉପରେ ପଡ଼ିବା ସହିତ ରାଜ୍ୟରେ ବିଦ୍ୟୁତ୍ ସଙ୍କଟ ଦେଖାଦେବ। ଏନେଇ ଶକ୍ତି ବିଭାଗ ତରଫରୁ ଏମ୍‌ସିଏଲ୍‌ର ଦୃଷ୍ଟି ଆକର୍ଷଣ କରାଯିବାପରେ ପୂର୍ବାପେକ୍ଷା ଏବେ କୋଇଲା ଆମଦାନୀ ବୃଦ୍ଧି ହୋଇଛି। ହେଲେ ଆବଶ୍ୟକ ମୁତାବକ କୋଇଲା ଆମଦାନୀ ହୋଇପାରୁନାହିଁ। ଆଗକୁ ଯଦି ଏଭଳି ସ୍ଥିତି ଜାରିରହେ ତା'ହେଲେ ଆହୁରି ଅଧିକ ୟୁନିଟ୍ ବନ୍ଦହେବା ସମ୍ଭାବନା ରହିଛି। ଏନେଇ ଓପିଜିସି ଅଧିକାରୀ ଦିଲୀପ କୁମାର ପଣ୍ଡା କହିଛନ୍ତି ଯେ, ୪ଗୋଟି ୟୁନିଟ୍ ପାଇଁ ଦୈନିକ ୨୪ହଜାର ମେଟ୍ରିକ୍‌ଟନ୍ କୋଇଲାର ଆବଶ୍ୟକତା ରହିଛି। ଏମ୍‌ସିଏଲ୍ ପୂର୍ବରୁ ଦୈନିକ ୧୦ହଜାର ମେଟ୍ରିକ୍ ଟନ୍ କୋଇଲା ରପ୍ତାନି କରୁଥିଲା। ଏବେ ୪ହଜାର ମେଟ୍ରିକ୍ ଟନ୍ ବୃଦ୍ଧିକରି ଦୈନିକ ୧୪ହଜାର ମେଟ୍ରିକ୍ ଟନ୍ କୋଇଲା ରପ୍ତାନି କରୁଛି। ତଥାପି ଦୈନିକ ୧୦ହଜାର ମେଟ୍ରିକ୍‌ଟନ୍ ଆବଶ୍ୟକତାରୁ କମ୍ ଆସୁଛି। ଏ ନେଇ ଏମ୍‌ସିଏଲ୍ ଲଖନପୁର କ୍ଷେତ୍ର ପ୍ରବନ୍ଧକ ଅନିଲ କୁମାର ସିଂହ କହିଛନ୍ତି ଯେ, ଦୈନିକ ୮ହଜାର ମେଟ୍ରିକ୍ ଟନ୍ କୋଇଲା ରପ୍ତାନି ପାଇଁ ଓପିଜିସି ସହିତ ଏମ୍‌ସିଏଲ୍‌ର ଚୁକ୍ତି ହୋଇଛି। ଓପିଜିସିର ଅନୁରୋଧକ୍ରମେ କୋଇଲା ଉତ୍ପାଦନକୁ ଦୃଷ୍ଟିରେ ରଖି ଦୈନିକ ଅଧିକ ୬ହଜାର ମେଟ୍ରିକ୍ ଟନ୍ କୋଇଲା ରପ୍ତାନି କରାଯାଉଛି। ଓପିଜିସିର ଚାହିଦା ମୁତାବକ କୋଇଲା ଯୋଗାଇବା ସମ୍ଭବ ହେଉନାହିଁ ବୋଲି ଏମ୍‌ସିଏଲ୍ ପ୍ରବନ୍ଧକ ସିଂହ କହିଛନ୍ତି। ସୂଚନା ଯୋଗ୍ୟ, ୨୧୦ ମେଗାୱାଟ୍ ବିଶିଷ୍ଟ ୨ଟି ୟୁନିଟ୍ ପାଇଁ ଦୈନିକ ୮ହଜାର ମେଟ୍ରିକ୍ ଟନ୍ କୋଇଲାର ଆବଶ୍ୟକତା ରହିଥିଲା। କମ୍ପାନୀ ତରଫରୁ ୬୬୦ମେଗାୱାଟ୍ ବିଶିଷ୍ଟ ୨ଟି ୟୁନିଟ୍ ସ୍ଥାପନ କରାଯାଇଛି। ଏଥିପାଇଁ ଦୈନିକ ୧୬ହଜାର ମେଟ୍ରିକ୍ ଟନ୍ କୋଇଲା ଆବଶ୍ୟକତା ରହିଛି। ଏହି ୨ଟି ୟୁନିଟ୍ ପାଇଁ ଓପିଜିସିକୁ ସୁନ୍ଦରଗଡ଼ ଜିଲା ମନୋହରପୁରରେ ଏକ ସ୍ୱତନ୍ତ୍ର କୋଇଲା ଖଣି ମିଳିଛି। ଏହି କୋଇଲା ଖଣିରୁ କୋଇଲା ଉତ୍ତୋଳନ କରି କମ୍ପାନୀ ବ୍ୟବହାର କରିବା କଥା। ହେଲେ କୋଇଲା ପରିବହନ ପାଇଁ କମ୍ପାନୀର ଟ୍ରେନ୍ ଲାଇନ୍ ନିର୍ମାଣ କାମ ଅଦ୍ୟାବଧି ସମ୍ପୂର୍ଣ୍ଣ ହୋଇନାହିଁ। ଏଥିପାଇଁ ଜମି ଅଧିଗ୍ରହଣ ସମସ୍ୟା ମଧ୍ୟ ରହିଛି। ଏଦିଗରେ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ବିଜେପୁରରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ ଗାଁସାଥୀ

## ପ୍ରତିଶ୍ରୁତି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

ଭୁବନେଶ୍ୱର, ୧୨।୧୦(ବ୍ୟୁରୋ)

ସରକାରଙ୍କ ବିଭିନ୍ନ ପ୍ରତିଶ୍ରୁତି ସମ୍ପର୍କରେ ବିଜେପୁର ଉପନିର୍ବାଚନ ସମୟରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ ଗାଁସାଥୀ। ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ଦାବି ପୂରଣ ନ ହେଲେ ଆସନ୍ତା ନଭେମ୍ବର ୪ରେ ୫୦ହଜାରରୁ ଊର୍ଦ୍ଧ୍ୱ ଗାଁସାଥୀ ଏକାଠି ହୋଇ ବିଧାନସଭା ସମ୍ମୁଖରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଗାଁସାଥୀ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟିର କହିବାନୁଯାୟୀ, ଗତ ୨୦୦୮ରେ ଲକ୍ଷେ ବେକାରଙ୍କୁ ନିଯୁକ୍ତି ପ୍ରଦାନ ଦାବିରେ ରାଜ୍ୟ ସରକାର 'ଗାଁସାଥୀ' ପଦବୀ ସୃଷ୍ଟି କଲେ। ବିଗତ ୧୧ ବର୍ଷ ଭିତରେ ସରକାର ନିଜର କୌଣସି ପ୍ରତିଶ୍ରୁତି ରଖିନାହାନ୍ତି। ଚଳିତବର୍ଷ ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟର ସମସ୍ତ ଗାଁସାଥୀ (ମେଟ୍)ମାନଙ୍କୁ ମାସକୁ ସର୍ବନିମ୍ନ ୧୦ ଦିନ ଓ ଗୋଟିଏ ଆର୍ଥିକ ବର୍ଷରେ ୧୦୦ ଦିନରୁ ଊର୍ଦ୍ଧ୍ୱ ସରକାରୀ କାର୍ଯ୍ୟ ପ୍ରାପ୍ୟ ସହ ପ୍ରଦାନ କରିବା ଲାଗି ସମସ୍ତ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଲେ। ୫ମ ପାଳିର ସରକାର ଆସିଲେ ନିୟମାନୁଯାୟୀ ରାଜ୍ୟର ସମସ୍ତ ବେରୋଜଗାର ଗାଁସାଥୀ (ମେଟ୍)ମାନଙ୍କ ସ୍ୱତନ୍ତ୍ର କର୍ପସ ପାଣ୍ଠି ଜରିଆରେ ବେକାରି ଭତ୍ତା ପ୍ରଦାନ କରାଯିବାର ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। କିନ୍ତୁ ସରକାର ପୂର୍ବ ପ୍ରତିଶ୍ରୁତି ସବୁ ଭୁଲିଯାଇଛନ୍ତି। ଏନେଇ ସଂଘର ଏକ ପ୍ରତିନିଧି ଦଳ ବିଜେପୁର ନିର୍ବାଚନୀ ପ୍ରଚାର ସମୟରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରି ଆଲୋଚନା କରିବେ। ଆସନ୍ତା ୨୦ ସୁଦ୍ଧା ୩୦ ଜିଲାପାଳ ଓ ପିଡି, ଡିଆରଡିଏଙ୍କ ଜରିଆରେ ଏ ବାବଦରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯିବ। ୨୧ ତାରିଖ ସୁଦ୍ଧା ଯଦି ରାଜ୍ୟ ସରକାର ଗାଁସାଥୀଙ୍କ ଦାବି ବାବଦର ସମାଧାନ ନ କରନ୍ତି ତେବେ ନଭେମ୍ବର ୪ ତାରିଖ ଦିନ ୫୦ ହଜାରରୁ ଊର୍ଦ୍ଧ୍ୱ ଗାଁସାଥୀ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ ଜାରି ରଖିବେ। ଏନେଇ ଶନିବାର ସଂଘ ପକ୍ଷରୁ ଉତ୍କଳ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

# ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଦେବଗଡ଼,୧୨।୧୦ (ଡି.ଏନ.ଏ.)

ବାରକୋଟ ବ୍ଲକ ଅଧୀନ ନଳବନ୍ଧସ୍ଥିତ ଗୋପବନ୍ଧୁ କ୍ଲବ ଆନୁକୂଲ୍ୟରେ ଶନିବାର ଚତୁର୍ଥ ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। କ୍ଲବ ସଭାପତି ସୁବ୍ରତ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ମ୍ୟାଚ ଅଶନନାଳି ଏବଂ ସୁନାପଶି ଗ୍ରାମ ମଧ୍ୟରେ ହୋଇଥିଲା। ଅଶନନାଳ ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ରେଫରି ଭାବେ ସୁନ୍ଦରଗଡ଼ ଜିଲା କ୍ରୀଡ଼ା ଶିକ୍ଷକ ନିତ୍ୟାନନ୍ଦ ମେହେର, ଲକ୍ଷ୍ମଣ ସେଠ, ପ୍ରଦୀପ ପ୍ରଧାନ ଓ ସନ୍ୟାସୀ ମୁଣ୍ଡା ପ୍ରମୁଖ ଖେଳ ପରିଚାଳନା କରିଥିଲେ । ଉଦ୍‌ଘାଟନୀ ଦିବସରେ ମୁଖ୍ୟଅତିଥି ଭାବେ ଭାଜପା ଯୁବନେତା ସୁଧୀର କୁମାର ବ୍ରହ୍ମା ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କାଉଁଶିବାହାଲ ସମିତି ସଭ୍ୟ ନବ କିଶୋର ବେହେରା, ଦଣ୍ଡାସିଂହା ସରପଞ୍ଚ ଅମିତ ଦେହୁରୀ, ପୂର୍ବତନ ସମିତି ସଭ୍ୟ ଧରଣୀଧର ପ୍ରଧାନ, ଆଇନଜୀବୀ ଟିକେଶ୍ୱର ଧଳ, କ୍ଲବ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ତୁଷାରକାନ୍ତ ଧଳ, ବିଜୟାନନ୍ଦ ବେହେରା, ଟିକେଶ୍ୱର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଟୁର୍ଣ୍ଣାମେଣ୍ଟ ଆୟୋଜନରେ ତପନ କୁମାର ବେହେରା, ନନ୍ଦ ବେହେରା, ଆଶିଷ ସାହୁ, ଲିପନ କୁମାର ସାହୁ, ଜତିନ୍ଦ୍ର ସାହୁ, ବୀରେନ ବେହେରା, ଅଜୟ ପରିଡାଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।



ଉଦ୍‌ଘାଟନୀ ମ୍ୟାଚରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

# ମା' ଗଜଲକ୍ଷ୍ମୀଙ୍କ ଅଧିବାସ, କଳସଯାତ୍ରା

ଦେବଗଡ଼,୧୨।୧୦ (ଡି.ଏନ.ଏ.)

ଦେବଗଡ଼ ସହରର ବିଭିନ୍ନ ପୂଜାମଣ୍ଡପରେ ମା' ଗଜଲକ୍ଷ୍ମୀଙ୍କ ଅଧିବାସ ସହ କଳସଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବଣିଆଁସାହିର ଲାଲବାହାଦୁର ଶାସ୍ତ୍ରୀ କ୍ଲବ, ପୁରୁଣାଗଡ଼ର ଚଷା ସାହି, ପେଟ୍ରୋଲ ଟାଙ୍କି ଛକ, ଗାର୍ଲସ ହାଇସ୍କୁଲ ଛକର ନିଉ କଲୋନୀ ମଣ୍ଡପ, ହାତିଶାଳସାହି, ଖଡ଼ିଆସାହି ପୂଜା କମିଟି ପକ୍ଷରୁ ଶନିବାର ମା' ଗଜଲକ୍ଷ୍ମୀଙ୍କ ଅଧିବାସ ସହ କଳସଯାତ୍ରା ଅନୁଷ୍ଠିତ ହୋଇଥିଲା। ପୂଜା ମଣ୍ଡପରେ କଳସ ସ୍ଥାପନ ପରେ ପୁରୋହିତଙ୍କ ଦ୍ୱାରା ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ହୋଇଥିଲା। ପ୍ରତ୍ୟେକ ପୂଜା କମିଟି ପକ୍ଷରୁ ମଣ୍ଡପ ପ୍ରବେଶ ପଥରେ ବିଦ୍ୟୁତ୍ ତୋରଣ ସହ ବିଭିନ୍ନ ରଙ୍ଗିନ ଆଲୋକମାଳା ସୁସଜ୍ଜିତ କରାଯାଇଛି। ଏପରି କି ଦର୍ଶକଙ୍କ ମନୋରଞ୍ଜନ ପାଇଁ ପୂଜା କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରିବାକୁ ସ୍ଥିର କରାଯାଇଛି।



କଣ୍ଢେଲ ଉଚ୍ଚ ବିଦ୍ୟାଳୟ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଶିକ୍ଷକମାନଙ୍କ ସହ ପୂର୍ବତନ ଛାତ୍ରୀଛାତ୍ରମାନେ।

# କଣ୍ଢେଲ ଉଚ୍ଚ ବିଦ୍ୟାଳୟରେ ବନ୍ଧୁମିଳନ

ବାରକୋଟ,୧୨।୧୦(ଡି.ଏନ.ଏ.)

ଦେବଗଡ଼ ଜିଲା ବାରକୋଟ ବ୍ଲକ କଣ୍ଢେଲ ଉଚ୍ଚ ବିଦ୍ୟାଳୟରେ ୨୦୧୧ ବ୍ୟାଚର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଣ୍ଢେଲ ଉଚ୍ଚ ବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶଶିଭୂଷଣ ପ୍ରଧାନ, ସହକାରୀ ଶିକ୍ଷକ ଗୁଣନିଧି ନାୟକ, ଘନଶ୍ୟାମ ପ୍ରଧାନ, ସତ୍ୟନାରାୟଣ ସାହୁ, ଚିନ୍ତାମଣି ସାହୁ, ଭୁବନେଶ୍ୱର ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ଭୁଲେଶ୍ୱର ସାହୁ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବୁଦ୍ଧଦେବ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ନିଜ ପରିଚୟ ପ୍ରଦାନ କରି କର୍ମମୟ ଜୀବନର ଅନୁଭୂତି ପ୍ରକାଶ କରିଥିଲେ। ଶିକ୍ଷକମାନେ ଛାତ୍ରୀଛାତ୍ରମାନଙ୍କୁ ଉପଦେଶମୂଳକ ଉଦ୍‌ବୋଧନ ଦେଇ ଶୁଭକାମନା କରିଥିଲେ। ବନ୍ଧୁ ମିଳନ କାର୍ଯ୍ୟକ୍ରମ ପ୍ରତିବର୍ଷ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। କାର୍ଯ୍ୟକ୍ରମକୁ ମନୋଜ କୁମାର ସାହୁ, ଲିପନ କୁମାର ସାହୁ ପରିଚାଳନା କରିଥିଲେ।

# ବଳମ ଦୁର୍ଗାପୂଜା କପ୍: ମସିନ୍ତା ଚାମ୍ପିୟନ

ବାରକୋଟ,୧୨।୧୦ (ଡି.ଏନ.ଏ)

ଶାରଦୀୟ ଦୁର୍ଗା ପୂଜା ଅବସରରେ ଜାଗୃତି କ୍ଲବ ଦୁର୍ଗାପୂଜା କମିଟି ବଳମ ଆନୁକୂଲ୍ୟରେ ବାରକୋଟ ବ୍ଲକ ବଳମ ଖେଳ ପଡିଆରେ ଚାଲିଥିବା ଦୁର୍ଗାପୂଜା କପ୍ ଉଦ୍‌ଯାପିତ ହୋଇଯାଇଛି। ଶନିବାର ଆୟୋଜିତ ଉଦ୍‌ଯାପନୀ ଦିବସରେ ମସିନ୍ତା ଦଳ ଟ୍ରାଇବ୍ରେକର ଜରିଆରେ କଲା ଫୁଟବଲ ଟିମକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଏହି ଅବସରରେ ଦୁର୍ଗାପୂଜା କମିଟି ପକ୍ଷରୁ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ଼ ଜିଲା ଭାଜପା ସଭାପତି ତଥା ସାମାଜିକ କର୍ମୀ ଅରୁଣ କୁମାର ସାହୁ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୧୨ ହଜାର ଟଙ୍କା ଏବଂ ରନର୍ସଅପ୍ ଦଳକୁ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଶିକ୍ଷକ ତଥା କ୍ରୀଡ଼ାବିତ ଗୁଣନିଧି ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରୀଡା ଓ କ୍ରୀଡାବିତଙ୍କ ଉନ୍ନତି ଉପରେ ଆଲୋକପାତ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ମ୍ୟାଚ ୫ ଦିନ ଧରି ଚାଲିଥିଲା। ଟୁର୍ଣ୍ଣାମେଣ୍ଟ ଆୟୋଜନରେ କ୍ଲବ ସଭାପତି ପ୍ରଦୀପ ମୁଣ୍ଡା, ସମ୍ପାଦକ ମହେଶ୍ୱର ପ୍ରଧାନ ପ୍ରମୁଖ ନେତୃତ୍ୱ ନେଇଥିବା ବେଳେ ପୂଜା କମିଟିର ସମସ୍ତ ସଭ୍ୟ ସହଯୋଗ କରିଥିଲେ।



ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

# ସାହାଯ୍‌ର ହାତ୍‌ବଢ଼ାଲା ପରଶାସନ

ଧରିତ୍ରୀ ପ୍ରଭାବ

ଲାଠୋର, ୧୨।୧୦ (ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର, ମାଲପଡ଼ା ଆର କରୁଆଁଝର ପଁଚେତ୍‌ର ୩ ଅସାହା ପରିବାର ଉପରେ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଭିନେ ଭିନେ ସମିଆରେ ଖବର ବାହାରିଥିଲା। ଇ ଖବରକେ ନେଇ ସାମାଜିକ କରମୀ ଦୀପା ବାରିକ ମୁଖ୍ୟ ମନ୍ତ୍ରୀକଁର ଦୁରୁଷ୍ଟି ଆରକ୍ଷନ୍ କରବାର ସଂଗେ ଇ ଅସାହା ପରିବାରମାନକୁ ସରକାରୀ ସାହାଯ୍ ଯୁଗେଇ ଦେବାକେ ଟୁଇଟର ଜରିଆରେ ଅନୁରୋଧ କରିଥିଲେ। ମୁଖ୍ୟ ମନ୍ତ୍ରୀକଁର ନିରଦେଶ ଉତାରୁ ବଲାଙ୍ଗୀର ଜିଲା ପରଶାସନ ଚେତି ଇ ଅସାହା ପରିବାରମାନକୁ ସାହାଯ୍‌ର ହାତ ବଢ଼େଇ ଥିବାର ସାମାଜିକ କରମୀ ଦୀପା ବାରିକ ସୂଚନା ଦେଇଛନ୍। ସୂଚନା ଅନ୍‌ସାରେ ଲାଠୋର ପଁଚେତ୍ ସଦର ଗାଁର କଲୋନିପଡ଼ାର ଅସାହା ଡମ୍ବରୁଧର ଝନେ ସୁଖବାସୀ, ଜମିବାଡ଼ି ବଲି କିଛି ନାଇଁ। ଘରଦୁଆର ଅଭାବୁ ୩ ପରାନୀ କୁଟୁମ ପଡ଼ାରେ ଥିବାର ଗୁଟେ ଦଦ୍‌ରା ବୈଠକ ଘରେ ଆଶ୍‌ରେ ନେଇଛନ୍। ଇ ବାବ୍‌ଦେ ଗଲା ୭ ତାରିଖ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଖବର ବାହାରିଥିଲା। ସେନ୍‌ତା ମାଲପଡ଼ା ପଁଚେତ୍ ଅଧୀନ ଜଲପାଙ୍କେଲ ଗାଁର ଦେବରାଜ ପଣ୍ଡା ଝନେ ଗରିବ୍ ଲୋକ୍। ଗଲା ଲଘୁଚାପ ପରଷାରେ ତାକର ପୁରନା ଘରଟା ଭାଂଗି ଯାଇଥିଲା। ଏନ୍‌ତାଥି କୁଟୁମବସିଆ ଜୀବନ୍‌କେ ପାଏନ୍ଛଡ଼େଇ ଭଂଗା ଘରେ ରହୁଛନ୍। ଇ ବାବ୍‌ଦେ ସେପ୍ଟେମର ୩୦, ୨୦୧୯ରେ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଖବର ବାହାରିଥିଲା। ସେନ୍‌ତା କରୁଆଁଝର ପଁଚେତ୍ ଅଧୀନ ସାନଗୁର୍ଜିଭଟା ଗାଁର ବିଧବା ମହିଲା ଭତାର ଲାଗି ପଁଚେତ୍‌ରୁ ବ୍ଲକ ତକ୍ କାଗଜପତର ଦେଇ ନିରାଶ ହେଇଥିଲେ। ଇ ବାବ୍‌ଦେ ଗଲା ୭ ତାରିଖ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଖବର ବାହାରିଥିଲା। ଇ ଖବର ସବୁକେ ନେଇ ସାମାଜିକ କରମୀ ଦୀପା ବାରିକ ଟୁଇଟର ଜରିଆରେ ମୁଖ୍ୟମନ୍ତ୍ରୀକଁର ଦୁରୁଷ୍ଟି ଆକରଷନ୍ କରବାର ସଂଗେ ସାହାଯ୍ ଇ ପରିବାରମାନକୁ ସାହାଯ୍ ଯୁଗେଇ ଦେବାକେ ନିବେଦନ କରିଥିଲେ। ତାକର ଅନୁରୋଧକେ ଦେଖି ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଜିଲାପାଳକୁଁ ଇ ପାରିବାରମାନକୁ ସାହାଯ୍ ଯୁଗେଇ ଦେବାକେ ନିରଦେଶ ଦେଇଥିଲେ। ଜିଲାପାଳକଁର ନିରଦେଶରେ ଖପ୍ରାଖୋଲ ବିଡିଓ ତରଣୀ ସୁନା ଧରିତ୍ରୀରେ ପରକାଶିତ ଖବରମାନକର ଆଧାରରେ ତଦଁତ୍ କରି ଜିଲାପାଳକୁଁ ରିପୋର୍ଟ ଦେଇଥିଲେ। ବଲାଙ୍ଗୀର ଜିଲାପାଳ ଇ ଅସାହା ପରିବାରମାନକୁ ଯେତେ ଜଲଦି ହେବା ସାହାଯ୍ ଯୁଗେଇ ଦେବାର ବେବସ୍ତା କରାଯିବା ବଲି ଉତର ଫିରେଇଥିବାର ଜନାଯାଇଛେ।

## ଫଟୋରେ ଖବର









ସମ୍ବଲପୁର ସଂସ୍କୃତି ଭବନ ଦୀର୍ଘଦିନ ହେବ ପରିତ୍ୟକ୍ତ ହୋଇ ପଡିରହିଛି (ବାମ)। ବ୍ରହ୍ମପୁର ଶହୀଦ ଲକ୍ଷ୍ମଣ ନାଏକ କମ୍ୟୁନିଟି ହଲ୍‌ରେ ଆୟୋଜିତ ବ୍ରହ୍ମପୁର ସାହିତ୍ୟ ଉତ୍ସବରେ କବି ସୌଭାଗ୍ୟବନ୍ତ ମହାରଣା (ବାମରୁ ଚତୁର୍ଥ)ଙ୍କୁ ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ ସମ୍ମାନିତ କରୁଛନ୍ତି (ମଝି)। ସମ୍ବଲପୁର ଚାରଭାଟି କୁଲୁଥକାନୀ ରାସ୍ତାରେ ପିଇବା ପାଣି ପାଇପ ନିକଟରେ ସ୍ୱେରେଜ ପ୍ରକଳ୍ପ ନିର୍ମାଣ କରିବାକୁ ଗାତ ଖୋଳାଯାଇଛି ।



ଅପରିଣାମଦର୍ଶିତାର ଫଳ ସର୍ବଦା ବିଷମୟ ହୋଇଥାଏ।
- ସେନେକା



# ବୁଢ଼ାରଜା ପାହାଡ଼ ଜବରଦଖଲ ମୁକ୍ତ ହେବ

**ସମ୍ବଲପୁର, ୧୨।୧୦ (ବ୍ୟୁରୋ)**

ସମ୍ବଲପୁର ସହର ମଝିରେ ଥିବା ବୁଢ଼ାରଜା ସଂରକ୍ଷିତ ଜଙ୍ଗଲରେ ହୋଇଥିବା ଜବରଦଖଲକୁ ଉଚ୍ଛେଦ କରାଯିବ। ଏଥିପାଇଁ ବନ ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଦୁଇ ଦିନ ହେଲା ବିଭାଗ ପକ୍ଷରୁ ସର୍ଭେ କରାଯାଉଛି। କେତେ ପରିବାର ଜବରଦଖଲ କରି ଘର କରିଛନ୍ତି, ଜମିର ପରିମାଣ କେତେ, ପରିବାର ଜନସଂଖ୍ୟା କେତେ ସେ ସବୁ ଦିଗରେ ବନ ବିଭାଗ ରିପୋର୍ଟ ପ୍ରସ୍ତୁତ କରୁଛି। ଏହି ଖବର ପ୍ରଚାର ହେବା ପରେ ବୁଢାରଜା ସୁରକ୍ଷା ସମିତି ଓ ପରିବେଶବିତ୍‌ମାନେ ଖୁସି ବ୍ୟକ୍ତ କରିଛନ୍ତି। ବହୁ ଦିନରୁ ସେମାନେ ଜବର ଦଖଲ ଉଚ୍ଛେଦ କରାଯାଉ ବୋଲି ଦାବି କରିଆସୁଥିଲେ। ହେଲେ ସହରର ପ୍ରତିଷ୍ଠିତ ବ୍ୟକ୍ତି ଓ ରାଜନେତାଙ୍କ ଆଡୁଆଳରେ ରହି ଜବରଦଖଲ ଦିନକୁ ଦିନ ବଢିବାରେ ଲାଗିଛି। ବିଭାଗର ବାରମ୍ବାର ତାଗିଦ ପରେ ମଧ ଖାତିର ନ କରି ଦିନକୁ ଦିନ ନିର୍ଭୟରେ ଲୋକେ ଘର ନିର୍ମାଣ କରି ଚାଲିଛନ୍ତି । ଏହାକୁ ନେଇ ପୁଣି ଥରେ ବନ ବିଭାଗ ପାଖରେ ଅଭିଯୋଗ ହୋଇଥିଲା। ତେଣୁ ଏବେ ବନ ବିଭାଗ ଯୁଦ୍ଧକାଳୀନ ଭାବେ ରିପୋର୍ଟ ପ୍ରସ୍ତୁତ କରୁଛି । ଚୂଡାନ୍ତ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କ ପାଖରେ ଦାଖଲ କରାଯିବ। ଏହାପରେ ବନ ବିଭାଗ ପକ୍ଷରୁ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜଣେ ଅଧିକାରୀ କହିଛନ୍ତି ।



ସମ୍ବଲପୁର ବୁଢ଼ାରଜା ପାହାଡ଼କୁ ଜବରଦଖଲ କରି ଲୋକେ କୋଠାବାଡ଼ି ତିଆରି କରିଛନ୍ତି।

- ବନ ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ
- ୨୦୧୪ରେ ଜବରଦଖଲ ଚିହ୍ନଟ ହୋଇଥିଲା
- ବେଆଇନ ଭାବେ ପାଣି, ବିଜୁଳି ସଂଯୋଗ ହୋଇଛି
- ୧୩୩ ଏକରରୁ ଆଉ ମାତ୍ର ୭୫ ଏକର ଜମି ଅଛି

ବୁଢାରଜା ପାହାଡ଼ ସମ୍ବଲପୁର ସହର ମଝିରେ ରହିଛି। ସୁନ୍ଦର ସବୁଜିମାରେ ସହରକୁ ଆହୁରି ମନଲୋଭା କରୁଛି । ପାହାଡ ଶୀର୍ଷରେ ଏକ ଐତିହାସିକ ଶିବ ମନ୍ଦିର ରହିଛି । ମନ୍ଦିରକୁ ଯିବା ସମୟରେ ପାହାଡିଆ ରାସ୍ତା ଆହୁରି ଆକୃଷ୍ଟ କରିଥାଏ। ହେଲେ କେତେକ ପରିବାର ଏହି ଜଙ୍ଗଲ ଜମିକୁ ଜବରଦଖଲ କରିଛନ୍ତି । ଏହାକୁ ହଟାଇବା ପାଇଁ ୨୦୧୪ରେ ସାଧାରଣ ଲୋକ ଅଭିଯୋଗ କରିଥିଲେ । ସେ ସମୟରେ ବନ ବିଭାଗ ପକ୍ଷରୁ ସର୍ଭେ କରାଯାଇଥିଲା । ମୋଟ ୨୫୨ ଛୋଟ ବଡ ଘର ନିର୍ମାଣ କରାଯାଇ ଜବର ଦଖଲ ହୋଇଛି। ପ୍ରାୟ ୭ଶହ ଜଣଙ୍କୁ ଭୋଟର କାର୍ଡ ପ୍ରଦାନ କରାଯାଇଛି। ଏପରିକି ରାଜନେତାମାନେ ଭୋଟ ପାଇବା ଆଶାରେ ବିଦ୍ୟୁତ୍ ବିଭାଗ ଓ ଜନସ୍ୱାସ୍ଥ୍ୟ ବିଭାଗକୁ ଚାପ ପକାଇ ସେଠାରେ ବେଆଇନ ଭାବେ ପାଣି ଓ ବିଜୁଳି ସଂଯୋଗ ଦିଆଯାଇଛି। ଏହାକୁ ନେଇ ବନ ବିଭାଗ ପକ୍ଷରୁ ଉଭୟ ବିଭାଗକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ବିନା ଅନୁମତିରେ ଜଙ୍ଗଲ ଜମିରେ କାହିଁକି ବିଦ୍ୟୁତ୍ ଓ ପାଣି ସଂଯୋଗ ଦିଆଗଲା ବୋଲି ଉତ୍ତର ରଖିବାକୁ କୁହାଯାଇଥିଲା। ହେଲେ ବିଭାଗ ପକ୍ଷରୁ କୌଣସି ଉତ୍ତର ଦିଆଯାଇ ନ ଥିବା ଜଣାପଡିଛି। ଅନ୍ୟପଟେ ଦେଖିବାକୁ ଗଲେ ପୂର୍ବରୁ ବୁଢାରଜା ପାହାଡର ମୋଟ ୧୩୩ ଏକର ସଂରକ୍ଷିତ ଜମି ରହିଥିଲା । କିଛି ସରକାରୀ କାମ ଓ ଜବରଦଖଲ ହୋଇ ଏବେ ଆଉ ପ୍ରାୟ ୭୫ ଏକର ଜମି ରହିଛି । ଏବେ ସେହି ଜମି ଉପରେ ମଧ ଲୋଲୁପଦୃଷ୍ଟି ପକାଯାଇ ଜବରଦଖଲ କରାଯାଉଛି । ବଡବଡ କୋଠା ନିର୍ମାଣ କରାଯାଉଛି ।

## ନାରୀ ଜାଗରଣ କେନ୍ଦ୍ରରେ ଜୟପ୍ରକାଶ ଜୟନ୍ତୀ

**ସମ୍ବଲପୁର, ୧୨।୧୦ (ବ୍ୟୁରୋ)**

ସମ୍ବଲପୁର ନାରୀ ଜାଗରଣ କେନ୍ଦ୍ରଠାରେ ଲୋକ ନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ନାରୀ ଜାଗରଣ କେନ୍ଦ୍ର ଅଧ୍ୟକ୍ଷ ପ୍ରମିଳା ବହିଦାରଙ୍କ ସଂଯୋଜନାରେ ସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଆଇନଜୀବୀ ଅଶୋକ କୁମାର ସେନାପତି ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ ଅଧ୍ୟକ୍ଷ ବିଜୟ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଜୟପ୍ରକାଶଙ୍କ ସମାଜବାଦୀ ଚିନ୍ତାଧାରା ଓ ଶ୍ରମିକ ଆନ୍ଦୋଳନ ଉପରେ ଆଲୋଚନା କରିଥିଲେ। ଶ୍ରମିକ ନେତା ଗୋକୁଳ ମେହେର ଅଣ କଂଗ୍ରେସ ସରକାର ଗଠନ କରିବାରେ ଜୟପ୍ରକାଶଙ୍କ ଭୂମିକା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମହିଳା କଲେଜ ଛାତ୍ରୀ କିଶୋରୀ ଶର୍ମା ଗୀତାପାଠ କରିଥିଲେ। କଲ୍ୟାଣୀ ମିଶ୍ର, ଶିକ୍ଷାବିତ ରାଜେନ୍ଦ୍ର ପଣ୍ଡା, ହୀରାକୁଦ ଏନଏସି ପୂର୍ବତନ ଅଧ୍ୟକ୍ଷା ସିପ୍ରା ମହାନ୍ତି, ବିହାରୀଲାଲ ପଂସାରୀ, ବିପିନ ବିହାରୀ ପଟ୍ଟନାୟକ, ପଦ୍ମାଳୟା ପଟ୍ଟନାୟକ ଆଲୋଚନାରେ ଭାଗ ନେଇଥିଲେ। ଆଇନଜୀବୀ ପ୍ରଦୀପ ଦୋରା, ଗଦାଧର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ପ୍ରଜ୍ଞା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ହାତୀ ଆକ୍ରମଣରେ ଜଣେ ଗୁରୁତର

ବାମରା, ୧୨।୧୦ (ଡି.ଏନ.ଏ.) ଜୁରାଜାମ ଗ୍ରାମର କିଶୋର କେର୍କେଟା (୪୫) ଶୁକ୍ରବାର ବିଳମ୍ବିତ ରାତିରେ ନିଜ ଚାଷ ଜମି ଜଗିଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଛନ୍ତି। ତାଙ୍କ ଚିତ୍କାର ଶୁଣି ଆଖପାଖରେ ହାତୀପଲଙ୍କ ଗତିବିଧିକୁ ଲକ୍ଷ୍ୟ ରଖିଥିବା ବନ ବିଭାଗ କର୍ମଚାରୀ ଉଦ୍ଧାର କରି ଗଡପୋଷ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ମାତ୍ର ଅବସ୍ଥା ଗୁରୁତର ହେବାରୁ ପ୍ରଥମେ ସୁନ୍ଦରଗଡ ଜିଲା ସଦର ଡାକ୍ତରଖାନା ଓ ପରେ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

### ଲୋକଙ୍କ ନିଦ ହଜାଇ ଦେଇଛନ୍ତି ହାତୀପଲ

ବାମରା, ୧୨।୧୦ (ଡି.ଏନ.ଏ.) ସମ୍ବଲପୁର ଜିଲା ବାମରା ବ୍ଲକ ଅଞ୍ଚଳରେ ହାତୀପଲଙ୍କ ଉତ୍ପାତ ବୃଦ୍ଧି ପାଇବାରେ ଲାଗିଛି। ସଗରା ପଞ୍ଚାୟତ ଜୁରାଜାମ ପାହାଡରେ ବର୍ତ୍ତମାନ ହାତୀ ପଲ ଡେରା ପକାଇଛନ୍ତି। ରାତି ହେଲେ ଓହ୍ଲାଇ ଫସଲ ନଷ୍ଟ କରିବା ସହ ଲୋକଙ୍କ ଘରଦ୍ୱାର ଭାଙ୍ଗୁଛନ୍ତି। ଏହି ହାତୀ ପଲରେ ୨୪ଟି ହାତୀ ଅଛନ୍ତି। ସଗରା ପଞ୍ଚାୟତର ଜୁରାଜାମ, ଲୁହରେନ ବେର୍ନି, ଫଟାଟାଙ୍ଗର, ମୁଣ୍ଡଲେସା ସହ କିନାବଗା ପଞ୍ଚାୟତ ଡଙ୍ଗାଯୋର ଗ୍ରାମକୁ ଆସି ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ତେବେ ହାତୀ ପଲଙ୍କ ଗତିବିଧି ଉପରେ ନଜର ରଖାଯାଇଛି ବୋଲି ବନ ବିଭାଗ ସୂଚନା ଦେଇଛି। ବାମରା ରେଞ୍ଜର ବିଶ୍ୱନାଥ ମେହେରଙ୍କ ତତ୍ତ୍ୱାବଧାନରେ ଏସିଏଫ ରଶ୍ମି ସ୍ୱାଇଁ, ରେଞ୍ଜର ରାଜଶ୍ରୀ ତିର୍କୀ, ଗଡପୋଷ ଫରେଷ୍ଟର ପିକେ ଦାସ, ଫରେଷ୍ଟଗାର୍ଡ କୌଶଲ୍ୟା ନାଏକ ଓ ଜୀବନ କୁମାର ହାତୀଙ୍କ ଉପସ୍ଥିତି ଥିବା ସ୍ଥାନ ଗୁଡିକ ବୁଲି ପରିସ୍ଥିତି ଉପରେ ନଜର ରଖିଥିବା ବିଭାଗ ପକ୍ଷରୁ କୁହାଯାଇଛି।

### କୋଲାବିରା ବ୍ଲକ୍ ଅଫିସ ପରିସରରୁ ଚୋରି ଉଦ୍ୟମ

କୋଲାବିରା,୧୨।୧୦(ଡି.ଏନ୍.ଏ.)- ଝାରସୁଗୁଡା ଜିଲା କୋଲାବିରା ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଏକ ଷ୍ଟୋର ରୁମ୍‌ରୁ ଚୋରି ହୋଇଛି। ହେଲେ କେତେ ପରିମାଣର ସାମଗ୍ରୀ ଚୋରି ହୋଇଛି ତାହା ସ୍ପଷ୍ଟ ହୋଇନାହିଁ। ଏ ସଂକ୍ରାନ୍ତରେ ବିଭାଗୀୟ ଯନ୍ତ୍ରୀ ହିମାଂଶୁ ଶେଖର ସା କୋଲାବିରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ, ଏବେ କିଛି କହିହେବ ନାହିଁ । ଷ୍ଟକ୍ ମ୍ୟାଚ୍ କଲାପରେ ଷ୍ଟୋର ରୁମ୍‌ରୁ କ'ଣ କ'ଣ ଚୋରି ହୋଇଛି ତାହା ଜଣାପଡ଼ିବ।

# ବିପଦକୁ ଡାକୁଛି କଲଭର୍ଟ

**ସମ୍ବଲପୁର, ୧୨।୧୦ (ବ୍ୟୁରୋ)**

ସମ୍ବଲପୁର-ଅନୁଗୋଳ ୫୫ ନମ୍ବର ଜାତୀୟ ରାଜପଥର ନକ୍ସାପାଲି ଗ୍ରାମ ପୂର୍ବରୁ ଗୋଟିଏ କଲଭର୍ଟ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଏହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ଦେଖା ଦେଉଛି। ବାରମ୍ବାର ଏ ନେଇ ଅଭିଯୋଗ କଲେ ମଧ ଜାତୀୟ ରାଜପଥ ବିଭାଗ ପକ୍ଷରୁ ସ୍ଥାୟୀ ଭାବେ ନିର୍ମାଣ କାମ କରାଯାଉ ନାହିଁ । କେବଳ ମରାମତି କରି ଦିଆଯାଉଛି। ଏଣୁ ପୁଣି କିଛି ମାସ ପରେ କଲଭର୍ଟଟି ପୂର୍ବ ଅବସ୍ଥାକୁ ଫେରି ଆସୁଛି। ଏବେ କଲଭର୍ଟର ଉଭୟ ପାର୍ଶ୍ୱର ମାଟି ବର୍ଷାରେ ଧୋଇଯାଇଛି। ଏହାଦ୍ୱାରା ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି। ଏହି ରାସ୍ତା ଦେଇ ପ୍ରତିଦିନ ଶହ ଶହ ଭାରିଯାନ, ବସ୍, ଟ୍ରକ୍ ଯାତାୟତ କରୁଛି। କୌଣସି ସମୟରେ ମଧ ଅଘଟଣ ଘଟିବାର ଭୟ ରହୁଛି। ତେଣୁ ଏ ଦିଗରେ ଜାତୀୟ ରାଜପଥ ବିଭାଗ ଦୃଷ୍ଟିଦେଇ ସ୍ଥାୟୀ ମରାମତି କରୁ ବୋଲି ନକ୍ସାପାଲି ଗ୍ରାମବାସୀ ଦାବି କରିଛନ୍ତି। ତେବେ ଏ ନେଇ ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ଏସ. ଭେଙ୍କଟେଶରଙ୍କୁ ପଚାରିବାରୁ ଏହି ରାସ୍ତା ଆମ ପ୍ରୋଜେକ୍ଟ ଭିତରେ ନାହିଁ। ହେଲେ ପୁଣିଥିରେ ମରାମତି କରାଯିବ ବୋଲି କହିଛନ୍ତି।

୨୦୧୮ ଜୁଲାଇ ୨୩ ତାରିଖ ରାତି ପ୍ରାୟ ୧୦ଟାରେ ଏହି କଲଭର୍ଟରେ ବଡ ଗର୍ତ୍ତ ସୃଷ୍ଟି ହୋଇଥିଲା । ଫଳରେ ଗୋଟିଏ ପାଖରେ ଯାତାୟାତ ଠପ୍ ହୋଇ ପଡିଥିଲା । ଏହାକୁ ନେଇ ଅଭିଯୋଗ କଲାପରେ ସମ୍ବଲପୁର-ଅନୁଗୋଳ ଜାତୀୟ ରାଜପଥ ନିର୍ମାଣ କାମ ନେଇଥିବା ଠିକା କମ୍ପାନୀ ଗାୟତ୍ରୀ ଠିକା ସଂସ୍ଥାକୁ ମରାମତି କରିବା ପାଇଁ ଦାୟିତ୍ୱ ଦିଆଯାଇଥିଲା। ହେଲେ ପାଉଁଶ, ମେଟାଲ ପକାଇ କଲଭର୍ଟକୁ କାମଚଳା ଭାବେ ନିର୍ମାଣ କରାଯାଇଥିଲା । ନିମ୍ନମାନର କଲଭର୍ଟ ନିର୍ମାଣ କରାଯିବାରୁ ପ୍ରାୟ ବର୍ଷକ ପରେ ବର୍ଷା ପାଣିରେ ଧୋଇ ହୋଇଯାଇଛି ।



ସମ୍ବଲପୁର-ଅନୁଗୋଳ ଜାତୀୟ ରାଜପଥର ନକ୍ସାପାଲି ନିକଟରେ ବିପଦପୂର୍ଣ୍ଣ କଲଭର୍ଟ ।

## ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ

ସମ୍ବଲପୁର,୧୨।୧୦(ବ୍ୟୁରୋ) ଜିଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ପର୍ଯ୍ୟଟନ ପର୍ବ ଶନିବାର ଭିଏସ୍‌ଏସ୍ ମାର୍ଗସ୍ଥିତ ଏକ ହୋଟେଲ ସଭା କକ୍ଷରେ ଉଦ୍‌ଯାପିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ତଥା ସମ୍ବଲପୁର ମହାନଗର ନିଗମ କମିଶନର ଲିଙ୍ଗରାଜ ପଣ୍ଡା ମୁଖ୍ୟ ଅତିଥି, ଉପଜିଲାପାଳ ଅନିରୁଦ୍ଧ ପ୍ରଧାନ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳସଚିବ ଉମା ଚରଣ ପତି, ହୋଟେଲ ଓ ରେଷ୍ଟୁରାଣ୍ଟ ସଂଘ ସଭାପତି ଯଶବୀର ସିଂହ ହୁରା, ପ୍ରଫେସର ରବିନାରାୟଣ ମିଶ୍ର ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ । ପର୍ଯ୍ୟଟନ ଶିଳ୍ପର ମହତ୍ତ୍ୱ ଓ ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାରେ ରହିଥିବା ସୁଯୋଗ ଏବଂ ସମ୍ଭାବନା ବିଷୟରେ ଅତିଥିମାନେ ଆଲୋଚନା କରିଥିଲେ। ସରକାର, ହୋଟେଲ ଶିଳ୍ପ ଓ ସ୍ଥାନୀୟ ନାଗରିକଙ୍କ ସମ୍ମିଳିତ ଉଦ୍ୟମ ଏବଂ ଭାଗୀଦାରି ହେଲେ ପଶ୍ଚିମ ଓଡ଼ିଶାରେ ପର୍ଯ୍ୟଟନର ବିକାଶ ସମ୍ଭବପର ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଜିଲା ପର୍ଯ୍ୟଟନ ଅଧିକାରୀ ହେମନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସହରର ବହୁ ବିଶିଷ୍ଟ ବ୍ୟକ୍ତି ଏଥିରେ ଯୋଗ ଦେଇଥିଲେ । ଏହି ଅବସରରେ ଏକ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏଥବରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ସୂଚନାଯୋଗ୍ୟ, ଅକ୍ଟୋବର ୨ ତାରିଖରୁ ପର୍ଯ୍ୟଟନ ପର୍ବ ଉପଲକ୍ଷେ ବିବିଧ କାର୍ଯ୍ୟକ୍ରମ କରାଯାଇଥିଲା।

■ ମିଳିଲା ହ୍ୟାଣ୍ଡଲୁମ୍ ମାର୍କ

## ବଜାରରେ ବିକ୍ରି ହେବ ଜେଲ ଅନ୍ତେବାସୀଙ୍କ ହସ୍ତତନ୍ତ ସାମଗ୍ରୀ

**ସମ୍ବଲପୁର,୧୨।୧୦(ବ୍ୟୁରୋ)**

ସମ୍ବଲପୁର ମଣ୍ଡଳ କାରାଗାର ଅନ୍ତେବାସୀଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତତନ୍ତ ସାମଗ୍ରୀ ଏବେ ବଜାରରେ ବିକ୍ରି ହୋଇ ପାରିବ। ଏଥିପାଇଁ କେନ୍ଦ୍ର ବୟନ ଶିଳ୍ପ ମନ୍ତ୍ରଣାଳୟ ବସ୍ତ୍ର କମିଟି ପକ୍ଷରୁ କାରାଗାର ଅନ୍ତେବାସୀଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀକୁ ହ୍ୟାଣ୍ଡଲୁମ୍ ମାର୍କ ଦିଆଯାଇଛି। ଡିଆଡିଏ ପିଡି ସୁକାନ୍ତ ତ୍ରିପାଠୀ ଏବଂ ଓର୍‌ମାସ୍ ସଂଯୋଜକ ଶ୍ରୀମନ୍ତ ହୋତାଙ୍କ ଉପସ୍ଥିତିରେ ଏ ନେଇ ଜେଲ୍ କର୍ତ୍ତୃପକ୍ଷଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ପୂର୍ବରୁ ଅନ୍ତେବସୀଙ୍କ ହସ୍ତତନ୍ତ ସାମଗ୍ରୀ କେବଳ ଜେଲ ପରିସରରେ ଥିବା କାଉଣ୍ଟର ଓ ଜେଲ ସମ୍ମୁଖରେ ବିକ୍ରି ହେଉଥିଲା । ଏହି ମାନ୍ୟତା ମିଳିବା ପରେ ଏବେ ସେମାନେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆୟୋଜିତ ହେଉଥିବା ବିଭିନ୍ନ ମେଳାରେ ସାମିଲ ହୋଇପାରିବେ।

## ହତ୍ୟା ଧମକ ନେଇ ଥାନାରେ ମାମଲା

**ଧମା, ୧୨।୧୦ (ଡି.ଏନ.ଏ.)**

ଧମା ଥାନା ଅନ୍ତର୍ଗତ ଗୌଡପାଲି ଗ୍ରାମରେ ଜଣେ ବ୍ୟକ୍ତି ଅନ୍ୟ ଜଣକୁ ଉଦ୍ଦେଶମୂଳକ ଭାବେ ଗାଳିଗୁଲଜ କରି ଟାଙ୍ଗିଆରେ ହାଣି ଦେବାକୁ ଧମକ ଦେଇଛନ୍ତି। ଏ ନେଇ ଧମା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ପାଇବା ପରେ ୧୫୭/୧୯ରେ ପୋଲିସ ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତ କିନ୍ତୁ ଫେରାର ମାରିଛନ୍ତି। ଅଭିଯୋଗ ଅନୁସାରେ ଡକରା ଗ୍ରାମର ମୂଳନିବାସୀ ଚକ୍ରଧର ଦାଶଙ୍କ ଗୌଡପାଲିରେ କିଛି ଜମି ଅଛି। ଉକ୍ତ ଚାଷ ଜମିରେ ପାଣି ମଡାଇବାକୁ ସେ ଏକ ବନ୍ଧ ଖୋଳିଛନ୍ତି। ହେଲେ ଏହି ବନ୍ଧ ନିକଟରେ ଗ୍ରାମର ସୁଶୀଲ ଭୋଇଙ୍କ ଘର ଅଛି। ଏହି ବନ୍ଧକୁ ନେଇ ସୁଶୀଲ ଚକ୍ରଧରଙ୍କ ସହ ଝଗଡା କରିବା ସହ ହତ୍ୟା ଧମକ ଦେଇଥିବା ଥାନାରେ ଅଭିଯୋଗ ହୋଇଛି।

## ହିଟର ଲାଗି ମହିଳା ମୃତ

**କୋଲାବିରା, ୧୨।୧୦ (ଡି.ଏନ୍.ଏ.)**

ଝାରସୁଗୁଡା ଜିଲା କୋଲାବିରା ବସ୍ତି ମିଳନ ଛକ ନିକଟସ୍ଥ ସାହୁପଡ଼ାର ଫକିର ସାହୁଙ୍କ ସ୍ତ୍ରୀ ପ୍ରିୟମ୍ବଦା ସାହୁ(୪୩)ଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ଏ ସଂକ୍ରାନ୍ତରେ କୋଲାବିରା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଶନିବାର ଅପରାହ୍ନ ୨ଟାରେ ପ୍ରିୟମ୍ବଦା ହିଟରରେ ରୋଷେଇ କରୁଥିଲେ। ଏହି ସମୟରେ ଅସାବଧାନତାବଶତଃ ହିଟର ସଂସ୍ପର୍ଶରେ ଆସି ସେ ଲାଖି ଯାଇଥିଲେ। ନିକଟରେ ଥିବା ଶାଶୁ ଏହା ଦେଖି ପାଖରେ ଥିବା ଏକ ବାଉଁଶ ବାଡ଼ିରେ ବିଦ୍ୟୁତ୍ ତାରକୁ ବାଡ଼େଇ ଛିଣ୍ଡେଇ ଦେଇଥିଲେ। ହେଲେ ସେତେ ବେଳକୁ ପ୍ରିୟମ୍ବଦା ସଂଜ୍ଞାହୀନ ହୋଇ ତଳେ ପଡ଼ିଯାଇଥିଲେ। ଶାଶୁଙ୍କ ପାଟିଶୁଣି ପାଖପଡ଼ିଶା ଲୋକ ଦୌଡି ଆସି ସଂଜ୍ଞାହୀନ ଅବସ୍ଥାରେ ପ୍ରିୟମ୍ବଦାଙ୍କୁ କୋଲାବିରାସ୍ଥିତ ଚିନ୍ତାମଣି ଡିସପେନସାରିକୁ ନେଇଥିଲେ। ମାତ୍ର ସେଠାରେ ଚିକିତ୍ସା ହୋଇ ନ ପାରିବାରୁ ତାଙ୍କୁ ତୁରନ୍ତ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଡଙ୍ଗାପାଳ ନାବକେଳି ଉତ୍ସବ ପ୍ରସ୍ତୁତି ବୈଠକ

**ସମ୍ବଲପୁର,୧୨।୧୦(ବ୍ୟୁରୋ)**

ଯୁଯୁମୁରା ବ୍ଲକ୍ ଡଙ୍ଗାପାଳ ନାବକେଳି ଉତ୍ସବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁଶୀଳ ବିଶ୍ୱାଳ, ଟଙ୍କଧର ପ୍ରଧାନ, ଗୋଳକ ପ୍ରଧାନ, ବୀରେନ ଭୋଇ, ଅରବିନ୍ଦ ପ୍ରଧାନ, ଜିତେନ୍ଦ୍ର ପ୍ରଧାନ, ବିକାଶ ପ୍ରଧାନ, ଦୀପକ ପ୍ରଧାନ, ଶିରାଜ ଏହମ୍ମଦଙ୍କୁ ନେଇ ଏକ କମିଟି ଗଠିତ ହୋଇଛି।

■ ବାସ୍କେଟ ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

# ସମ୍ବଲପୁର ଏଲିଟ୍, ରାଉରକେଲା ବିଜୟୀ

**ସମ୍ବଲପୁର, ୧୨।୧୦ (ବ୍ୟୁରୋ)**

ସାକ୍ଷୀପଡା ଜ୍ୟୋତି ଭବନ ପରିସରରେ ଶନିବାର ୧୩ତମ ଫାଦର ଜନ ୱିଲିୟମ୍ ମିଞ୍ଜ ସ୍ମାରକୀ ବାସ୍କେଟ ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ରାଉରକେଲା ବନାମ ଖ୍ରୀଷ୍ଟଜ୍ୟୋତି ମଧ୍ୟରେ ହୋଇଥିଲା। ଏଥିରେ ରାଉରକେଲା ଦଳ ୩୯-୨୧ ପଏଣ୍ଟରେ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ସମ୍ବଲପୁର ଏଲିଟ୍ ବନାମ ଜ୍ୟୋତି ଭବନ ମଧ୍ୟରେ ହୋଇଥିଲା । ସମ୍ବଲପୁର ଏଲିଟ୍ ୪୬-୨୧ ପଏଣ୍ଟରେ ବିଜୟୀ ହୋଇଥିଲା।

ବିଶପ ଶରତ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟର ଉଦ୍‌ଘାଟନ କରିଥିଲେ। ବିଶପ ନିରଞ୍ଜନ ସୁଆଲ ସିଂ, ଜିଲା କ୍ରୀଡାଧିକାରୀ ଉପେନ୍ଦ୍ର ଶତପଥୀ, ଜେରୋମ୍ କେର୍କେଟା, ଫ୍ରାନ୍ସିସ୍ ତିର୍କି, ଜିତେନ୍ଦର ସିଂ ଅତିଥି ଭାବେ ଯୋଗ ଦେଇଥିଲେ । ରାଜେନ୍ଦ୍ର ବେହେରା, ଫିରୋଜ ବାରୁଣା ରେଫରି ଥିବା ବେଳେ ରାଜେନ୍ଦ୍ର କୁଜୁର, ଆଲବିନୁସ ମିଞ୍ଜ ଟେକ୍ନିକାଲ୍ ଟେବୁଲ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଟୁର୍ନାମେଣ୍ଟରେ ଗୁଣପୁର, ରାଉରକେଲା, ଭୁବନେଶ୍ୱର ସମେତ ସମ୍ବଲପୁରର ୧୨ଟି ବାସ୍କେଟ ବଲ ଦଳ ଭାଗ ନେଇଛନ୍ତି।



ଶନିବାର ସମ୍ବଲପୁର ଜ୍ୟୋତିଭବନ ପରିସରରେ ଆୟୋଜିତ ବାସ୍କେଟ ବଲ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହ ଖେଳାଳିମାନେ ।

■ ଏକଦିବସୀୟ ଫୁଟବଲ

# ଡୁରୁମ ରନର୍ସ ଅପ୍, ଧମା ବିଜୟୀ

**ଧମା, ୧୨।୧୦ (ଡି.ଏନ.ଏ.)**

ସ୍ଥାନୀୟ ମାଁ ଝାଡେଶ୍ୱରୀ ବ୍ଲକ ତରଫରୁ ଶନିବାର ନିକଟସ୍ଥ ବଡଫିଲ୍ଡରେ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଆୟୋଜିତ ହୋଇ ଯାଇଛି। ଏଥିରେ ଧମା, ଡାକଡେରା, ଚାରଭାଟି, ଖୁଲିଆ, ଜମାଦାରପାଲି, ଡୁରୁମ, ହୀରାକୁଦ ଓ କବରାପାଲି ଭଳି ୮ଟି ଦଳ ଖେଳିଥିଲେ । ପ୍ରଥମ ସେମିଫାଇନାଲ ଖେଳରେ ଧମା ଓ ଚାରଭାଟି ମୁହାଁମୁହିଁ ହୋଇଥିଲେ। ୧-୦ ଗୋଲରେ ଧମା ବିଜୟୀ ହୋଇଥିଲା। ଦ୍ୱିତୀୟ ସେମିଫାଇନାଲରେ ଡୁରୁମ ଓ କବରାପାଲି ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ସମୟସୀମା ଶେଷ ପର୍ଯ୍ୟନ୍ତ ଖେଳ ଅମିମାଂସୀତ ରହିଥିଲା। ଶେଷରେ ଟାଇବ୍ରେକର୍ ସାହାଯ୍ୟ ନିଆଯାଇଥିଲା। ଏଥିରେ ଡୁରୁମ ଦଳ ବିଜୟୀ ହୋଇଥିଲା। ଫାଇନାଲ ଖେଳରେ ଆୟୋଜକ ଦଳ ମାଁ ଝାଡେଶ୍ୱରୀ କ୍ଲବ ଧମା ଏବଂ ମାଁ ବାଉତି କ୍ଲବ ଡୁରୁମ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ଧମା ଦଳ ୨-୦ ଗୋଲରେ ଡୁରୁମକୁ ହରାଇ ଚାମ୍ପିୟନ ହୋଇଥିଲା। ଉତ୍ସବରେ ବିଜେଡି ବରିଷ୍ଠ ନେତା ପ୍ରମୋଦ ରଥ, ରମେଶ ପଧାନ ଓ ସତ୍ୟସ୍ୱରୂପ ସେଠ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ପରମାନନ୍ଦ ସେଠ ଏବଂ ଗୋପିନାଥ ସେଠଙ୍କ ପରିଚାଳନାରେ ଉତ୍ତମ ଖେଳାଳି ଭାବେ ପ୍ରଶାନ୍ତ ନାୟକ, ଉତ୍ତମ ଡିଫେନ୍ସ ଖେଳାଳି ଭାବେ ମନମେଶ ପଧାନ, ଉତ୍ତମ ଗୋଲକିପର ଭାବେ ମାଖନୁ ସେଠ ଏବଂ ଉତ୍ତମ ସ୍କୋରର ଭାବେ ହେମନ୍ତ ବଡ଼େଇଙ୍କୁ ପୁରସ୍କୃତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ କ୍ଲବ ସଦସ୍ୟ ଟଙ୍କଧର ରାଉତ, ପଞ୍ଚମ ବାରିକ, ଉମାକାନ୍ତ ସେଠ, ଜସ୍ମିନ ଭୋଇ, ପ୍ରଦୀପ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମିତି ସଭ୍ୟ ରିଙ୍କୁ ସେଠ ଧନ୍ୟବାଦ ଅର୍ପଣ କରିଥିଲେ । ରେଫରି ଭାବେ ଅଭି ମହାନନ୍ଦ, କିଶୋର ପଣ୍ଡା, ଜୟରାଜ ଧରୁଆ, ନାରାୟଣ ସାହୁ ଏବଂ କିଶୋର ଭୋଇ ଦାୟିତ୍ୱ ତୁଲାଇଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଏବଂ ରନର୍ସ ଅପ୍ ଦଳ।



# ଯାତ୍ରା ଏବେ ନିଜ କାର୍‌ରେ...

**ବେଶ୍ ଉଚ୍ଚ ଆଶାୟୀ ଆଜିର ଯୁବପିଢ଼ି। ଅଧିକ ରୋଜଗାର କରିବା ସହ ସର୍ବଦା ବିଳାସପୂର୍ଣ୍ଣ ଜୀବନଯାପନ ସେମାନଙ୍କ ଅଭିଳାଷ। ଉଚ୍ଚାକାଂକ୍ଷା ଲିଷ୍ଟରୁ ବାଦ୍‌ପଡିନି କାର୍। ତେବେ ସମୟ ଥିଲା, କାର୍ କିଣିବା ଲାଗି କେବେକେବେ ଆବଶ୍ୟକ ଅର୍ଥ ଯୋଗାଡ଼ କରୁକରୁ ବୟସ ଅତିକ୍ରାନ୍ତ କରିଯାଉଥିଲା ତ ଆଉ କେବେ ଏତେ ଟଙ୍କା ଯୋଗାଡ ନ ହୋଇ ପାରିବାରୁ କାର୍ କିଣିବା ଆଶା ମଉଳି ଯାଉଥିଲା। ହେଲେ ବର୍ତ୍ତମାନ ବିଭିନ୍ନ ବ୍ୟାଙ୍କ୍ ଏବଂ ଫାଇନାନ୍ସିଆଲ୍ କମ୍ପାନୀ ପକ୍ଷରୁ ଖୁବ୍ ସହଜରେ ମିଳିପାରୁଛି କାର୍ ଲୋନ୍। ଏଥିଯୋଗୁ ପୂରଣ ହୋଇପାରୁଛି ଅନେକଙ୍କର ଯୁବ ବୟସରୁ ନିଜେ କାର୍ କିଣି ଚଲାଇବାର ସ୍ୱପ୍ନ...**





ଦିନ ଥିଲା, ଇଚ୍ଛା ଥିଲେ ସୁଦ୍ଧା କାର୍ ଭଳି ଦାମୀ ଗାଡି ବ୍ୟବହାର କରିବା ସମସ୍ତଙ୍କ ପକ୍ଷେ ସମ୍ଭବ ହୋଇ ପାରୁ ନ ଥିଲା। କେବେକେବେ ଟଙ୍କା ଯୋଗାଡ଼ କରିବା ଭିତରେ ବର୍ଷବର୍ଷ ବିତିଯାଉଥିଲା ତ ଆଉ କେବେ ଏକା ସାଙ୍ଗରେ ଏତେ ଟଙ୍କା ଯୋଗାଡ଼ ନ ହୋଇପାରିବା କାରଣରୁ ଅନେକଙ୍କର ନିଜ କାର୍ ଚଲାଇବା ଆଶା ଆଶାରେ ରହି ଯାଉଥିଲା । ହେଲେ ସେ ସମୟ ଆଉ ନାହିଁ। ବର୍ତ୍ତମାନ ବ୍ୟାଙ୍କ୍‌ଗୁଡିକ ଉପଭୋକ୍ତାଙ୍କ ଆବଶ୍ୟକତାକୁ ଆଖିଆଗରେ ରଖି ଲୋନ୍ ଯୋଗାଇ ଦେଉଛନ୍ତି, ଯାହାକି ଅନେକଙ୍କର ନିଜସ୍ୱ କାର୍ କିଣିବାର ସ୍ୱପ୍ନକୁ ସାକାର କରିବାରେ ସାହାଯ୍ୟ କରୁଛି। ତେବେ କାର୍ ପାଇଁ ଲୋନ୍ ନେଉଥିଲେ କେତୋଟି କଥା ପ୍ରତି ଧ୍ୟାନ ଦେବା ଆବଶ୍ୟକ।

**ଜରୁରୀ କାଗଜପତ୍ର:** ବ୍ୟାଙ୍କ ହେଉ ବା କୌଣସି ଫାଇନାନ୍ସ କମ୍ପାନୀରୁ ଲୋନ୍ ନେବାକୁ ଥିଲେ ପ୍ରଥମେ ନିଜର ସମସ୍ତ ଜରୁରୀ କାଗଜପତ୍ର ଯଥା- ଆଧାର କାର୍ଡ, ପାନ୍ କାର୍ଡ, ୨-୩ଟି ପାସ୍‌ପୋର୍ଟ ସାଇଜ୍ ଫଟୋ, ଶେଷ ୬ ମାସର ବ୍ୟାଙ୍କ୍ ଷ୍ଟେଟ୍‌ମେଣ୍ଟ, ଜବ୍ କରୁଥିଲେ ୩ ମାସର ସାଲାରି ସ୍ଲିପ୍, ରେସିଡେନ୍ସିଆଲ୍ ପ୍ରୁଫ୍ ଲାଗି ଭୋଟ ପରିଚୟପତ୍ର, ପାସ୍‌ପୋର୍ଟ (ଯାହାର ଅଛି), ଇଲେକ୍ଟ୍ରି କିମ୍ବା ପାଣି ବିଲ୍ (ଯଦି ଏହା ଅଭିଭାବକଙ୍କ ନାମରେ ଥାଏ ତେବେ ତାଙ୍କର ଫଟୋ, ଆଧାର ଏବଂ ପାନ୍ କାର୍ଡ) ଏକାଠି କରିବାକୁ ହୋଇଥାଏ। ଯଦି ନିଜ ଘର ନ ହୋଇ ଭଡା ଘରେ ରହୁଥାନ୍ତି, ତେବେ ରେଣ୍ଟ ଏଗ୍ରିମେଣ୍ଟ କପି ସହିତ ଇଲେକ୍ଟ୍ରି ବିଲ୍ ଆବଶ୍ୟକ ହୋଇଥାଏ। କର୍ମଜୀବୀ ନ ହୋଇ ବ୍ୟବସାୟୀ ହୋଇଥିଲେ କାର୍ ଲୋନ୍ ଲାଗି ଅନ୍ୟ ସମସ୍ତ ଡକ୍ୟୁମେଣ୍ଟ ସହିତ ୨ ବର୍ଷର ଇନ୍‌କମ୍ ଟାକ୍ସ ରିଟର୍ନ (ଆଇଟିଆର୍) ଦେବାକୁ ପଡିଥାଏ।

**ଋଣ ପରିମାଣ:** ଋଣର ପରିମାଣ ଆପଣଙ୍କ ବୟସ ଏବଂ ରୋଜଗାର ଉପରେ ନିର୍ଭର କରିଥାଏ। ମାସିକ ରୋଜଗାର ୨୦-୩୦ ହଜାର ହେଲେ ଅଟୋଲୋନ୍ ମିଳିବା ସହଜ ହୋଇଥାଏ। ତେବେ ବର୍ତ୍ତମାନ ବ୍ୟାଙ୍କ୍ ଏବଂ ଫାଇନାନ୍ସ କମ୍ପାନୀ ପକ୍ଷରୁ ଜଣଙ୍କ ବାର୍ଷିକ ରୋଜଗାରର ପ୍ରାୟ ୪ରୁ ୬ ଗୁଣ ପର୍ଯ୍ୟନ୍ତ ଅର୍ଥ କାର୍ ଲୋନ୍ ମିଳିପାରୁଛି। ଏହା ବ୍ୟତୀତ କାର୍ ମୂଲ୍ୟର ୮୦-୯୦% ପର୍ଯ୍ୟନ୍ତ ଅର୍ଥ ଫାଇନାନ୍ସ ହୋଇଯାଉଛି ଏବଂ ବଳକା ଡାଉନ୍ ପେମେଣ୍ଟରେ ଦେବାକୁ ହେଉଛି। ବର୍ତ୍ତମାନ କିଛି କମ୍ପାନୀ ଏକ୍ସ ଶୋ' ରୁମ୍ ପ୍ରାଇସ୍ କିମ୍ବା ଅନ୍ ରୋଡ୍ ପ୍ରାଇସ୍ ହିସାବରେ ୧୦୦% ଫାଇନାନ୍ସ ବି କରୁଛନ୍ତି।

**ସୁଧ:** ଯଦିଓ ପ୍ରତିଟି ବ୍ୟାଙ୍କ୍ ଏବଂ ଫାଇନାନ୍ସ କମ୍ପାନୀର ଋଣର ସୁଧ ହାର ଅଲଗା, ତଥାପି ହାରାହାରି ନୂଆ କାର୍ ଲାଗି ୯.୨୫ରୁ ୧୩.୭୫% ପର୍ଯ୍ୟନ୍ତ ସୁଧ ଏବଂ ପୁରୁଣା କାର୍ ଲାଗି ୧୨.୫ ରୁ ୧୭.୫% ପର୍ଯ୍ୟନ୍ତ ସୁଧ ହାରରେ ଲୋନ୍ ଶୁଝିବାକୁ ହୋଇଥାଏ।

**ଋଣର ଅବଧି:** ପ୍ରତିଟି ବ୍ୟାଙ୍କ୍ ଏବଂ ଫାଇନାନ୍ସ କମ୍ପାନୀର ଲୋନ୍ ନେଉଥିବା ବ୍ୟକ୍ତିଙ୍କ ବୟସ ଅନୁସାରେ ଲୋନ୍ ଅବଧି ଭିନ୍ନ ଭିନ୍ନ। ଅର୍ଥାତ୍ ବୟସ ଅଧିକ ହୋଇଥିଲେ ଅବଧି କମ୍ ଏବଂ ବୟସ କମ୍ ହୋଇଥିଲେ ଅଧିକ ଅବଧି ରହିଥାଏ। ତେବେ ମୋଟ୍‌ରେ ୧ରୁ ୮ ବର୍ଷ ପର୍ଯ୍ୟନ୍ତ ଲୋନ୍ ଅବଧି ରହୁଛି।

**ଜାଣିରଖନ୍ତୁ:** ବ୍ୟାଙ୍କ୍‌ରୁ ଲୋନ୍ ମିଳୁଛି ବୋଲି ଅଧିକ ଟଙ୍କାର ଲୋନ୍ କରିଦିଅନ୍ତୁ ନାହିଁ। କାରଣ ଏହାଦ୍ୱାରା ଆପଣଙ୍କୁ କିସ୍ତି ବାବଦକୁ ପ୍ରତିମାସରେ ବହୁତ ଟଙ୍କା ଦେବାକୁ ହେବ। କେଉଁ ମାସରେ ଅନ୍ୟାନ୍ୟ କୌଣସି ଖର୍ଚ୍ଚ ଯୋଗୁ ସମ୍ପୂର୍ଣ୍ଣ କିସ୍ତି ଦେବା ସମ୍ଭବ ନ ହେଲେ ଫାଇନ୍‌ରେ ଅଧିକ ଟଙ୍କା ଦେବାକୁ ହେବ। ସେହିପରି କିସ୍ତିର ସମୟସୀମା ମଧ୍ୟ ଅଧିକ ବର୍ଷ ପର୍ଯ୍ୟନ୍ତ ନ ରଖିବାକୁ ଚେଷ୍ଟା କରନ୍ତୁ। କାରଣ କେବେ କେବେ କିସ୍ତି ଟଙ୍କା ଶୁଝି ନ ପାରିବା କାରଣରୁ ବ୍ୟାଙ୍କ୍ ଦ୍ୱାରା ଗାଡି ଫେରାଇନେବାର ବି ନଜିର ରହିଛି। ତେଣୁ ସବୁବେଳେ ନିଜ ଆୟ ଦେଖି ବ୍ୟୟ କରିବା ବୁଦ୍ଧିମତ୍ତାର କାମ।



## କ'ଣ କରନ୍ତି ଏମାନେ...



**ଆଶିଷ କୁମାର ରଥ**(କର୍ମଜୀବୀ, ଗୁଡିଆପୋଖରୀ, ପିପିଲି, ପୁରୀ) -ବଡ ହେଲେ ଚାକିରି କରିବି ଆଉ ନିଜେ କାର୍ କିଣି ଚଲେଇବି, ଏହି ଆଶା ପିଲା ଦିନରୁ ଥିଲା । ଆଉ ବର୍ତ୍ତମାନ ମୁଁ ଏହି ଲକ୍ଷ୍ୟରେ ସଫଳ ବି ହୋଇଛି। ତେବେ ଏଥିପାଇଁ ମୋତେ ବେଶ୍ ସାହାଯ୍ୟ କଲା କାର୍‌ଲୋନ୍। ଡାଉନ୍‌ପେମେଣ୍ଟ ଦେବା ପରେ ଆଇସିଆଇସିଆଇ ବ୍ୟାଙ୍କ୍‌ରୁ ଅବଶିଷ୍ଟ ଅର୍ଥ ଲୋନ୍ ଆଣିଲି। ସତ କହିବାକୁ ଗଲେ, ନିଜ ଗାଡି ଚଲେଇବାର ଖୁସି ଆଗରେ ପ୍ରତିମାସରେ ଇନ୍‌ଷ୍ଟଲମେଣ୍ଟରେ ଏତେ ଟଙ୍କା ଶୁଝୁଥିଲେ ବି ବିଶେଷ ବାଧୁନି।



**ଦିଲୀପ କୁମାର ଖଟୋଇ**(କର୍ମଜୀବୀ, ଶେଉଳକୁଣ୍ଡ, ବାଲିପାଟଣା)- ଯେବେ କାର୍ ଭଡା କରି କେଉଁଆଡେ ଯାଏ, ଡ୍ରାଇଭର ପାଖରେ ହେଉ ବା ପଛ ସିଟ୍‌ରେ ବସିବା ବେଳେ ଭାବେ ଏ ଯାତ୍ରାରେ ମଜା ନାହିଁ। ଯେବେ ଗାଡି କିଣି ନିଜେ ଚଲାଇବି ସେବେ ଯାଇ ଯାତ୍ରାର ଅସଲ ମଜା ଆସିବ। ସତକୁ ସତ ବ୍ୟାଙ୍କ୍ ଅଫ୍ ବରୋଦାରୁ ଲୋନ୍ ଆଣି କାର୍‌ଟିଏ କିଣିବା ପରେ ଏବେ ନିଜ କାର୍‌ରେ ଯାତ୍ରା କରିବାରେ ଯେଉଁ ଖୁସି ମିଳୁଛି ତାହା ଅବର୍ଣ୍ଣନୀୟ। ମୋ ମତରେ ଆମ ଭଳି ଯୁବପିଢିଙ୍କ ସ୍ୱପ୍ନ ସାକାର କରିବାରେ ବ୍ୟାଙ୍କ ହେଉ ବା ଫାଇନାନ୍ସ କମ୍ପାନୀଗୁଡିକର ଏଭଳି ପଦକ୍ଷେପ ବେଶ୍ ସ୍ୱାଗତଯୋଗ୍ୟ।

ଯୁ|ଥ୍|ଆ|ଲ|ର୍ଟ

# ଔଷଧ ଖାଉଥିଲେ...

**କୌଣସି ସ୍ୱାସ୍ଥ୍ୟ ସମସ୍ୟା ଦେଖାଯିବା ମାତ୍ରେ ଡାକ୍ତରଙ୍କ ପରାମର୍ଶ ନ ନେଇ ମନଇଚ୍ଛା ଔଷଧ ଖାଇବା ଅଭ୍ୟାସ ଅନେକଙ୍କର ରହିଛି। ତେବେ ଏପରି କରିବା ଦ୍ୱାରା ଯଦିଓ କିଛି ସମୟ ପାଇଁ ଉକ୍ତ ସମସ୍ୟାରୁ ଉପଶମ ମିଳିଥାଏ ହେଲେ ପରବର୍ତ୍ତୀ ସମୟରେ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟାକୁ ଡାକି ଆଣିଥାଏ। ଆସନ୍ତୁ, ଜାଣିବା ଏ ସମ୍ପର୍କରେ...**



**ପେଟ ଯନ୍ତ୍ରଣା:** ପେଟରେ ସାମାନ୍ୟ ଯନ୍ତ୍ରଣା ହେବା ମାତ୍ରେ ସାଧାରଣତଃ ଅନେକେ ଏସିଡିଟି କିମ୍ବା ଗ୍ୟାସ୍ ହୋଇଛି ଭାବି ଆଣ୍ଟାସିଡ୍ ଖାଇଦିଅନ୍ତି। କେବେ କେବେ ଆବଶ୍ୟକତା ଥିଲେ ଏହାକୁ ଖାଇବା ଲାଭଦାୟକ। ହେଲେ ପେଟ ଯନ୍ତ୍ରଣାର ଠିକ୍ କାରଣ ନ ଜାଣି ସବୁବେଳେ ଆଣ୍ଟାସିଡ୍ ଖାଇବା ଦ୍ୱାରା ଏହା ହଜମ ପ୍ରକ୍ରିୟାକୁ ପ୍ରଭାବିତ କରିଥାଏ। ଫଳରେ ଖାଦ୍ୟ ଭଲ ଭାବେ ହଜମ ହୁଏ ନାହିଁ ଏବଂ ଶରୀରକୁ ଆବଶ୍ୟକ ମାତ୍ରାରେ ପୋଷକ ତତ୍ତ୍ୱ ମିଳିପାରେନାହିଁ। କେବଳ ଏତିକି ନୁହେଁ, ଏହା ମଧ୍ୟ କିଡ୍‌ନୀ ଷ୍ଟୋନ୍, ଅର୍ଶ, ପେପ୍ଟିକ୍ ଅଲ୍‌ସର ଆଦିର ଆଶଙ୍କା ବୃଦ୍ଧି କରିଥାଏ।



**ମୁଣ୍ଡବିନ୍ଧା:** ବିଭିନ୍ନ କାରଣରୁ ମୁଣ୍ଡବିନ୍ଧା ହୋଇଥାଏ। ହେଲେ ଅନେକେ ଏହା ବୁଝିବାକୁ ଆଦୌ ପ୍ରସ୍ତୁତ ନୁହେଁ। ସେମାନେ ମୁଣ୍ଡ ବିନ୍ଧିବା ମାତ୍ରେ ପେନ୍‌କିଲର ଖାଇବାକୁ ପଛାଉନାହାନ୍ତି। ଡାକ୍ତରଙ୍କ ବିନା ପରାମର୍ଶରେ ବାରମ୍ବାର ଏହି ମେଡିସିନ ଖାଇବା ଦ୍ୱାରା ଅଧିକ ନିଦ ଲାଗିବା କିମ୍ବା ଆଦୌ ନିଦ ନ ହେବା, ଦୁର୍ବଳତା, ମତିଭ୍ରମ, ଓଜନବୃଦ୍ଧି, ଭୋକ ନ ଲାଗିବା, କୋଷ୍ଠକାଠିନ୍ୟ ଭଳି ଅନେକ ସମସ୍ୟା ଦେଖାଦେଇଥାଏ।

**ଅନିଦ୍ରା:** ବର୍ତ୍ତମାନର କାର୍ଯ୍ୟବ୍ୟସ୍ତତା ସାଙ୍ଗକୁ ପରିବର୍ତ୍ତିତ ଜୀବନଶୈଳୀ ଯୋଗୁ ଅନେକଙ୍କଠାରେ ରାତିରେ ନିଦ ନ ଆସିବା କିମ୍ବା ଅଧିକ ରାତିରେ ନିଦ ଆସିବା ଭଳି ସମସ୍ୟା ଦେଖାଦେଉଛି। ଏହାକୁ ଦୂରକରିବା ଲାଗି କେହି କେହି ନିଦ ଔଷଧ ଖାଉଛନ୍ତି। ହେଲେ ଏହାକୁ ଅଧିକ ଖାଇବା ଦ୍ୱାରା ମଣିଷର ପ୍ରାକୃତିକ ଦିନଚର୍ଯ୍ୟା ବାଧାପ୍ରାପ୍ତ ହୋଇଥାଏ ଏବଂ ନିଦ ପାଇଁ ଔଷଧ ଉପରେ ନିର୍ଭର କରିବାକୁ ପଡ଼ିଥାଏ। ଏମିତିକି ଏହାଦ୍ୱାରା ଡିପ୍ରେଶନ ରୋଗ ହେବା ଆଶଙ୍କା ବି ବଢ଼ିଥାଏ।

**ଥଣ୍ଡା:** ପାଣିପାଗ ପରିବର୍ତ୍ତନ ହେଉ କିମ୍ବା ଅନ୍ୟାନ୍ୟ କାରଣରୁ ପ୍ରାୟ ଅଧିକାଂଶଙ୍କୁ ଥଣ୍ଡା, କଫ, କାଶ ଭଳି ସମସ୍ୟା ଦେଇ ଗତି କରିବାକୁ ପଡ଼ିଥାଏ। ଯେଉଁଥିରୁ ରକ୍ଷା ପାଇବା ଲାଗି ସେମାନେ ଔଷଧ ଉପରେ ନିର୍ଭର କରିଥାନ୍ତି। ହେଲେ ଆପଣ ଜାଣନ୍ତି କି, ଡାକ୍ତରଙ୍କ ପରାମର୍ଶ ବିନା ଏଭଳି ମେଡିସିନ ଖାଇବା ଦ୍ୱାରା ବେଳେ ବେଳେ ପାର୍ଶ୍ୱ ପ୍ରତିକ୍ରିୟା ଯୋଗୁ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବା ଆଶଙ୍କା ରହିଛି। ତା'ଛଡ଼ା ଠିକ୍ ରୋଗ ପାଇଁ ଠିକ୍ ଔଷଧ ନ ଖାଇବା କିମ୍ବା ଆବଶ୍ୟକତାରୁ ଅଧିକ ମେଡିସିନ ଖାଇବା ଦ୍ୱାରା ଦୁର୍ବଳତା, ନିଦ୍ରାହୀନତା, ମୁଣ୍ଡବିନ୍ଧା, ନାକ, ପାଟି ତଣ୍ଟି ଶୁଖିବା ଭଳି ସମସ୍ୟା ଦେଖାଦେଇଥାଏ।

## ଏ ସପ୍ତାହର ପ୍ରଶ୍ନ

୧- ପ୍ରେସ୍ ଇନ୍‌ଫର୍ମେଶନ ବ୍ୟୁରୋର ନୂଆ ପ୍ରିନ୍ସିପାଲ ଡାଇରେକ୍ଟର ଜେନେରାଲ...... ?
୨- ଏମ୍.ପି.ବିର୍ଲା ମେମୋରିଆଲ ଆୱାର୍ଡ ୨୦୧୯ ପାଇଥିବା ଭାରତୀୟ ବୈଜ୍ଞାନିକ....... ?
୩- 'ଟାଇଗର ଓମ୍ୟାନ୍' ପୁସ୍ତକର ଲେଖକ.......... ?
୪- କିରୁ ହାଇଡ୍ରୋଇଲେକ୍ଟ୍ରିକ୍ ପ୍ରୋଜେକ୍ଟ.........ନଦୀ ଉପରେ ପ୍ରତିଷ୍ଠା କରାଯାଇଛି ?
୫- ବିଶ୍ୱର ସର୍ବବୃହତ୍ ରେଡିଓ ପ୍ରସାରଣ ସଂସ୍ଥା................ ?

## ଗତ ଥରର ଉତ୍ତର

୧ ନେହା ଜେ ହୀରାନନ୍ଦାନୀ
୨ ଅମିତ୍ ପାଙ୍ଘା
୩ ସାଇନ୍ ଲାଙ୍ଗୁଏଜ୍ ରାଇଟ୍ସ ଫର୍ ଅଲ୍
୪ ଦୁବାଇ
୫ ରାକେଶ କୁମାର ସିଂ ଭଦୌରିଆ

## ଉତ୍ତର ଦାତା



ସଞ୍ଜୟ ଦଳାଇ, ଭଦ୍ରକ



ସାଇ ପ୍ରସାଦ ସାହୁ, ସମ୍ବଲପୁର



ରୂପାଲୀ ସାହୁ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ସବୁଠୁ ଲମ୍ବା ବ୍ରିଜ୍- ୨୦୧୯

୧- ଡାନିୟାଙ୍ଗ୍- କୁନ୍‌ଶାନ୍ ଗ୍ରାଣ୍ଡ ବ୍ରିଜ୍ (ବେଜିଂ)..................୧୬୪.୮ କିଲୋମିଟର
୨- ଟିଆନ୍‌ଜିନ୍ ଗ୍ରାଣ୍ଡ ବ୍ରିଜ୍ (ବେଜିଂ)..............................୧୧୩.୭ କିଲୋମିଟର
୩- ବ୍ୟାଙ୍ଗ୍ ନା ଏକ୍ସପ୍ରେସ୍‌ୱେ(ଥାଇଲାଣ୍ଡ).......................... ୫୫ କିଲୋମିଟର
୪- ହଂକଂ- ଝୁଆଇ-ମକାଉ ବ୍ରିଜ୍.................................. ୫୫ କିଲୋମିଟର
୫- ଲେକ୍ ପଞ୍ଚରଟ୍ରେନ୍ କଜ୍‌ୱେ (ଆମେରିକା)................. ୩୮.୩୫ କିଲୋମିଟର
୬- ମଞ୍ଚାକ୍ ସ୍ୱାମ୍ପ ବ୍ରିଜ୍ (ଆମେରିକା)................................. ୩୬ କିଲୋମିଟର
୭- ହାଙ୍ଗ୍‌ଝୌ ବେ ବ୍ରିଜ୍ (ଚାଇନା)............................ ୩୫.୬୭୩ କିଲୋମିଟର
୮- ରନ୍‌ୟାଙ୍ଗ୍ ୟାଙ୍ଗ୍‌ଜେ ରିଭର ବ୍ରିଜ୍(ଚାଇନା).................. ୩୫.୬୬ କିଲୋମିଟର
୯- ଡୋଙ୍ଗାଇ ବ୍ରିଜ୍............................................... ୩୨.୫ କିଲୋମିଟର
୧୦- ଜିଆଓଝୌ ବେ ବ୍ରିଜ୍ (ଚାଇନା)........................... ୨୫.୯ କିଲୋମିଟର



ଜା|ଣ|ନ୍ତୁ|ଦୁ|ନି|ଆ

# ଇଣ୍ଟରନେଟ୍‌ରେ ଲୋକାଲ ଲାଙ୍ଗୁଏଜ୍

**ଦିନ ଥିଲା ଇଣ୍ଟରନେଟ୍‌ରେ ଅନ୍ୟ ଦେଶଗୁଡିକ ଭଳି ଆମ ଦେଶରେ ମଧ୍ୟ କେବଳ ଇଣ୍ଟରନ୍ୟାଶନାଲ୍ ଲାଙ୍ଗୁଏଜ ଇଂଲିଶର ପ୍ରଚଳନ ଥିଲା। ହେଲେ ବର୍ତ୍ତମାନ ବିଭିନ୍ନ ଲୋକାଲ୍ ଲାଙ୍ଗୁଏଜ୍ ବା ଦେଶୀ ଭାଷାର ବ୍ୟବହାର ବହୁମାତ୍ରାରେ ବଢୁଥିବାର ଦେଖିବାକୁ ମିଳୁଛି...**

- ଗୁଗୁଲ୍‌ର ଇଣ୍ଡିଆ ଆଣ୍ଡ ସାଉଥ୍-ଇଷ୍ଟ ଏସିଆନ୍ ଅପରେଶନ୍‌ର ଭାଇସ୍ ପ୍ରେସିଡେଣ୍ଟ ରାଜନ୍ ଆନନ୍ଦନ୍‌ଙ୍କ କହିବା ଅନୁଯାୟୀ, ବର୍ତ୍ତମାନ ଭାରତର ସମୁଦାୟ ଇଣ୍ଟରନେଟ୍ ଉପଭୋକ୍ତାଙ୍କ ମଧ୍ୟରୁ ଅଧିକାଂଶଙ୍କର ଇଂଲିଶରେ ପାରଦର୍ଶିତା ନାହିଁ। ଏମିତିକି ବର୍ତ୍ତମାନ ନୂଆ ନୂଆ ଇଣ୍ଟରନେଟ୍ ବ୍ୟବହାର କରୁଥିବା ପ୍ରତି ୧୦ ଜଣଙ୍କ ମଧ୍ୟରୁ ୯ ଜଣଙ୍କର ଇଂଲିଶ ଭାଷାରେ ଦକ୍ଷତା ନାହିଁ।
- ଗୁଗୁଲ୍ ପକ୍ଷରୁ ସର୍ଭେ ରିପୋର୍ଟ ମୁତାବକ, ବର୍ତ୍ତମାନ ଭାରତରେ ୨୩୪ ମିଲିଅନ୍ ଇଣ୍ଟରନେଟ୍ ୟୁଜର ଦେଶୀ ଭାଷା ବ୍ୟବହାର କରୁଥିବାବେଳେ ୧୭୫ ମିଲିଅନ୍ ଇଂଲିଶ ଭାଷା ବ୍ୟବହାର କରୁଛନ୍ତି।
- ଆଉ ବର୍ଷକୁ ପ୍ରାୟ ୧୮% ଦେଶୀ ଭାଷା ବ୍ୟବହାର କରୁଥିବା ଉପଭୋକ୍ତାଙ୍କ ସଂଖ୍ୟା ବଢୁଥିବାର ଦେଖିବାକୁ ମିଳୁଛି।
- ଇଣ୍ଟରନେଟ୍‌ରେ ବିଭିନ୍ନ ଆଞ୍ଚଳିକ ଭାଷା ବିଭିନ୍ନ ସର୍ଭିସ ଲାଗି ଯଥା ମେସେଜ ବା ଚାଟ୍(୧୬୯ ମିଲିଅନ୍), ସୋସିଆଲ ମିଡିଆ(୧୧୫ମିଲିଅନ୍), ଡିଜିଟାଲ ଏଣ୍ଟରଟେନ୍‌ମେଣ୍ଟ(୧୬୭ ମିଲିଅନ୍), ଅନ୍‌ଲାଇନ୍ ନ୍ୟୁ(୧୦୬) ବ୍ୟବହାର କରାଯାଉଛି।
- ୨୦୨୧ ସୁଦ୍ଧା ଭାରତରେ ଇଣ୍ଟରନେଟ୍‌ରେ ହିନ୍ଦୀ ଭାଷା ଉପଭୋକ୍ତାଙ୍କ ସଂଖ୍ୟା ଇଂଲିଶ ଭାଷା ଉପଭୋକ୍ତାଙ୍କ ତୁଳନାରେ ଯଥେଷ୍ଟ ବଢିଯିବ ବୋଲି ସମ୍ଭାବନା ରହିଛି।
- ଏହା ବ୍ୟତୀତ ତାମିଲ, କନ୍ନଡ, ବଙ୍ଗଳା, ମରାଠୀ, ତେଲଗୁ, ଗୁରାଟୀ, ମାଲାୟାଲମ୍ ଏବଂ ଓଡିଆ ଭାଷା ବ୍ୟବହାରୀଙ୍କ ସଂଖ୍ୟା ମଧ୍ୟ ବଢୁଥିବା ଦେଖିବାକୁ ମିଳୁଛି।





"ରାଜସ୍ଥାନ ଏକ ସଂସ୍କୃତି ଓ ଐତିହ୍ୟ ସମ୍ପନ୍ନ ରାଜ୍ୟ। ଏହାର ମରୁଭୂମିରେ ପର୍ଯ୍ୟଟନ ଏକ ଆର୍ଥିକ ସମ୍ପତ୍ତି, ଯାହା ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ବହୁ ସମ୍ଭାବନା ବହନ କରେ।

-କଲରାଜ ମିଶ୍ର, ରାଜସ୍ଥାନ ରାଜ୍ୟପାଳ

## ସଂକ୍ଷେପରେ

### 'ରାଜୀବ ଆରମ୍ଭ କରିଥିଲେ ଦ୍ୱିପାକ୍ଷିକ ସମ୍ପର୍କ'



**ନୂଆଦିଲ୍ଲୀ,୧୨।୧୦(ପି.ଟି.):** ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ରାଜୀବ ଗାନ୍ଧୀଙ୍କ ଯୋଗୁ ଭାରତ ଓ ଚାଇନା ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଆରମ୍ଭ ହୋଇଥିଲା। ୧୯୮୮ରେ ରାଜୀବ ଚାଇନା ଗସ୍ତ କରି ସମ୍ପର୍କ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ମନମୋହନ ସିଂଙ୍କ ନେତୃତ୍ୱାଧୀନ ଉପା ସରକାର ୧୦ ବର୍ଷ ମଧ୍ୟରେ ଏହି ସମ୍ପର୍କକୁ ଆଗକୁ ବଢ଼ାଇଥିଲା ବୋଲି ଶନିବାର ବରିଷ୍ଠ କଂଗ୍ରେସ ନେତା ଆନନ୍ଦ ଶର୍ମା କହିଛନ୍ତି। ଅକ୍‌ସାଇ ଚୀନ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ଆନନ୍ଦ କହିଛନ୍ତି, ଏହା ହେଉଛି କଶ୍ମୀରର ଏକ ଅଂଶ। ଚାଇନାର ବେଆଇନ ଦଖଲରେ ଥିବା ଅକ୍‌ସାଇ ଚୀନକୁ ଭାରତକୁ ଫେରାଇ ଆଣିବା ପାଇଁ କଂଗ୍ରେସ ୱାର୍କିଂ କମିଟି (ସିଡବ୍ଲ୍ୟୁସି)ରେ ଏକ ପ୍ରସ୍ତାବ ଗୃହୀତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗଙ୍କ ଦ୍ୱିତୀୟ ଅନୌପଚାରିକ ଆଲୋଚନା ପରିପ୍ରେକ୍ଷୀରେ ସେ ଏହି ମନ୍ତବ୍ୟ ଦେଇଛନ୍ତି।

### ମସ୍‌ଜିଦ୍‌ରେ ଆକ୍ରମଣ: ୧୬ ନିହତ

**ଓଉଗାଡୋଉଗୋଉ,୧୨।୧୦ (ଏଏଫ୍‌ପି):** ବୁର୍କିନା ଫାସୋର ସାଲ୍‌ମୋସି ସହରସ୍ଥିତ ଏକ ମସ୍‌ଜିଦରେ ଶୁକ୍ରବାର ରାତିରେ ଆତଙ୍କବାଦୀ ଆକ୍ରମଣ ହୋଇଛି। ଏଥିରେ ୧୬ ନିହତ ହୋଇଥିବାବେଳେ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ସାଲ୍‌ମୋସିର ଗ୍ରାଣ୍ଡ ମସ୍‌ଜିଦ୍‌କୁ ଶୁକ୍ରବାର ରାତିରେ ଜଣେ ସଶସ୍ତ୍ର ଆତଙ୍କବାଦୀ ଟାର୍ଗେଟ କରିଥିଲେ। ଘଟଣାସ୍ଥଳରେ ୧୩ ନିହତ ହୋଇଥିବାବେଳେ ପରବର୍ତ୍ତୀ ସମୟରେ ଅନ୍ୟ ୩ ଜଣଙ୍କ ଜୀବନ ଚାଲିଯାଇଛି।

ଇତିହାସର ଆଇନାରେ

### ଅକ୍ଟୋବର ୧୩ର ପ୍ରମୁଖ ଘଟଣା

୧୯୭୨ ଅକ୍ଟୋବର ୧୩ରେ ମସ୍କୋ ନିକଟରେ ଏକ ଏରୋଫ୍ଲୋଟ ବିମାନ ଦୁର୍ଘଟଣାର ଶିକାର ହୋଇଥିଲା। ଏଥିରେ ଥିବା ସମସ୍ତ ୧୭୪ ଯାତ୍ରୀ ପ୍ରାଣ ହରାଇଥିଲେ। ବିମାନରେ ରୁଷିଆର ୧୧୮ ଓ ଚାଇନାର ୩୮ ଯାତ୍ରୀ ଥିଲେ। ତଦନ୍ତ କରାଯାଇଥିଲେ ବି ଦୁର୍ଘଟଣାର ପ୍ରକୃତ କାରଣ ଜଣାପଡ଼ି ନ ଥିଲା।

୨୦୧୩ ଅକ୍ଟୋବର ୧୩ରେ ନବରାତ୍ର ଉତ୍ସବ ଅବସରରେ ମଧ୍ୟପ୍ରଦେଶର ଦାତିଆ ଜିଲା ରତନଗଡ଼ ମାତା ମନ୍ଦିର ନିକଟ ଏକ ବ୍ରିଜ୍‌ରେ ଦଳଚକଟା ହେବାରୁ ୧୧୫ ଶ୍ରଦ୍ଧାଳୁ ପ୍ରାଣ ହରାଇଥିଲେ। ପ୍ରାୟ ୧୧୦ ଜଣ ଏଥିରେ ଆହତ ହୋଇଥିଲେ। ଏଠାରେ ପ୍ରାୟ ୫ ଲକ୍ଷ ଭକ୍ତ ସମାଗମ ହୋଇଥିଲା।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତାଙ୍କ ଫଟୋ ଥିବା ଉପହାର ଦେଉଛନ୍ତି ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍।



ଜିନ୍‌ପିଙ୍ଗଙ୍କୁ ପ୍ରଧାନମନ୍ତ୍ରୀ ମୋଦି ସିଲ୍କ ଚିତ୍ର ଉପହାର ଦେଉଛନ୍ତି।

# ବାଣିଜ୍ୟ ପାଇଁ ବାଟ ଫିଟିବ

**ମାମଲ୍ଲାପୁରମ୍,୧୨।୧୦(ପି.ଟି.)**

ବାଣିଜ୍ୟ ଓ ପୁଞ୍ଜିନିବେଶ କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ଭାରତ ଓ ଚାଇନା ମଧ୍ୟରେ ସହମତି ପ୍ରକାଶ ପାଇଛି। କ୍ଷେତ୍ରୀୟ ଓ ବିଶ୍ୱସ୍ତରୀୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକୁ ନେଇ ପାରସ୍ପରିକ ସହଯୋଗ ନେଇ ମଧ୍ୟ ଦୁଇଦେଶ ରାଜି ହୋଇଛନ୍ତି। ତାମିଲନାଡୁର ମାମଲ୍ଲାପୁରମ୍‌ରେ ବହିର୍ବ୍ୟାପାର ସଚିବ ବିଜୟ ଗୋଖଲେ ଶନିବାର ଏନେଇ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗଙ୍କ ମଧ୍ୟରେ ଦୁଇଦିନିଆ ଅନୌପଚାରିକ ଆଲୋଚନା ଶେଷ ହେବା ପରେ ଏହାର ନିଷ୍କର୍ଷ ନେଇ ଗୋଖ୍‌ଲେ କହିଛନ୍ତି, ବାଣିଜ୍ୟିକ ନିଅଣ୍ଟ ହ୍ରାସ ପାଇଁ ପଦକ୍ଷେପ ନେବା ସକାଶେ ବେଜିଂ ପ୍ରସ୍ତୁତ। ବାଣିଜ୍ୟ ଓ ପୁଞ୍ଜିନିବେଶ ସମ୍ପର୍କିତ ସମସ୍ୟାର ସମାଧାନ ପାଇଁ ଏକ ନୂଆ ବ୍ୟବସ୍ଥା ଗ୍ରହଣ କରାଯିବ। ଏଥିଲାଗି ଜିନ୍‌ପିଙ୍ଗ୍ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ଆଞ୍ଚଳିକ ବିସ୍ତୃତ ଅର୍ଥନୈତିକ ସହଯୋଗିତା (ଆର୍‌ଇସିପି) ନେଇ ମଧ୍ୟ ଆଗକୁ ଆଲୋଚନା ହେବ ବୋଲି ଜିନ୍‌ପିଙ୍ଗ୍ କହିଛନ୍ତି। ବିଶ୍ୱସ୍ତରରେ ବାଣିଜ୍ୟିକ ସମସ୍ୟାଗୁଡ଼ିକର ସମାଧାନ ପାଇଁ ଭାରତ ଓ ଚାଇନାର ଅବଦାନ ରହିବା ଆବଶ୍ୟକ ବୋଲି ଉଭୟ ମୋଦି ଓ ଜିନ୍‌ପିଙ୍ଗ୍ ହୃଦୟଙ୍ଗମ କରି ନିୟମଭିତ୍ତିକ ବିଶ୍ୱସ୍ତରୀୟ ବାଣିଜ୍ୟିକ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଜିନ୍‌ପିଙ୍ଗ୍ ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗ ବୃଦ୍ଧିର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିବା ଗୋଖଲେ କହିଛନ୍ତି।



## ■ ଆୟକର ଚଢ଼ାଉ ପରେ ଆତ୍ମହତ୍ୟା କଲେ କଂଗ୍ରେସ ନେତାଙ୍କ ପିଏ

**ବେଙ୍ଗାଲୁରୁ, ୧୨।୧୦**



କର୍ଣ୍ଣାଟକର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଜି. ପରମେଶ୍ୱର(୬୮)ଙ୍କ ପି.ଏ.(ବ୍ୟକ୍ତିଗତ ସହାୟକ) ଏନ୍.ଏସ୍. ରମେଶ(୩୮) ଶନିବାର ଆତ୍ମହତ୍ୟା କରିଛନ୍ତି। ପରମେଶ୍ୱରଙ୍କ ବାସଭବନରେ ଗତ ଦୁଇଦିନ ଧରି ଆୟକର ବିଭାଗର ଚଢାଉ(ଆଇଟି ରେଡ୍) କରାଯିବା ପରେ ଏଭଳି ଘଟଣା ଲୋକଲୋଚନକୁ ଆସିଛି। ରମେଶ ବେଙ୍ଗାଲୁରୁ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଥିବା ଏକ ଗଛ ଡ଼ାଳରେ ଝୁଲି ଆତ୍ମହତ୍ୟା କରିଛନ୍ତି। ପରମେଶ୍ୱରଙ୍କ ଘରେ ଆଇଟି ରେଡ୍‌ବେଳେ ରମେଶଙ୍କୁ ପଚରାଉଚରା କରାଯାଇଥିଲା। ସେ ଚାପରେ ରହି ଏଭଳି ପଦକ୍ଷେପ ନେଇଥିବା କଂଗ୍ରେସ ମୁଖପାତ୍ର ରବି ଗୌଡ଼ା ପ୍ରକାଶ କରିଛନ୍ତି। ଭାଜପା ନିର୍ଦ୍ଦେଶରେ ଆଇଟି ଚଢାଉ କରାଯାଇ କଂଗ୍ରେସ ନେତାଙ୍କୁ ଟାର୍ଗେଟ କରାଯାଉଛି । ଦଳର ଅର୍ଥ ବିଭାଗର ୫ କର୍ମଚାରୀଙ୍କ ଘରେ ଏଭଳି ଚଢାଉ କରାଯାଇଛି। ଏହା ଅମାନବୀୟତାର ପରିଚୟ ଦେଉଛି ବୋଲି ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଦର୍ଶାଯାଇଛି। ରାଜନୈତିକ ସ୍ୱାର୍ଥ ଲାଗି ଭାଜପା ହୀନ ରାଜନୀତି କରୁଛି। ଦେଶରେ ଲୋକେ ଭୟଭୀତ ଓ ଅସୁରକ୍ଷିତ ଅବସ୍ଥାରେ ରହୁଛନ୍ତି ବୋଲି କଂଗ୍ରେସ ନେତା ଆନନ୍ଦ ଶର୍ମା ପ୍ରକାଶ କରିଛନ୍ତି। ବିଗତ ଲୋକ ସଭା ନିର୍ବାଚନରେ ଭାଜପା ୪୦ ହଜାର କୋଟି ଖର୍ଚ୍ଚ କରିଥିଲେ ହେଁ କେହି ପ୍ରଶ୍ନ କରୁନାହାନ୍ତି। ଏତେ ଟଙ୍କା ଆସୁଛି କେଉଁଠୁ ବୋଲି ଶର୍ମା ପ୍ରଶ୍ନ କରିଛନ୍ତି। ରମେଶ ଭୟଭୀତ ହୋଇ ଏଭଳି ପନ୍ଥା ବାଛିଥିବା କୁହାଯାଇଛି। ପ୍ରକାଶଥାଉ କି, ପରମେଶ୍ୱରଙ୍କ ବାସଭବନରେ ଚଢାଉ କରାଯାଇ ୪.୨୨ କୋଟି ଟଙ୍କାର ନଗଦ ଟଙ୍କା ଓ ଅନ୍ୟାନ୍ୟ ଜିନିଷ ସମେତ ପ୍ରାୟ ୧୦୦ କୋଟିର ସମ୍ପତ୍ତି ଜବତ କରାଯାଇଥିଲା।

## ଅର୍ଥନୀତିରେ ଚାଇନାଠାରୁ ବହୁ ପଛରେ ଭାରତ

**ନୂଆଦିଲ୍ଲୀ,୧୨।୧୦**

**ଚାଇନାର ମୁଣ୍ଡପିଛା ଜାତୀୟ ଆୟ ଭାରତଠୁ ୭ ଗୁଣ ଅଧିକ**

ଅଭିବୃଦ୍ଧି ହାରରେ ଭାରତ ଚାଇନାକୁ ବାରମ୍ବାର ପଛରେ ପକାଉଥିଲେ ମଧ୍ୟ ଆର୍ଥିକ ସ୍ଥିତି ଦୃଷ୍ଟିରୁ ଏହା ଭାରତଠାରୁ ବହୁ ଆଗରେ ରହିଛି। ବିଶ୍ୱବ୍ୟାଙ୍କ ତଥ୍ୟ ଅନୁଯାୟୀ ୨୦୧୮ରେ ଚାଇନାର ଜିଡିପି ୧୩.୬୦ ଟ୍ରିଲିୟନ ଡଲାର ଯାହାକି ଭାରତର ଅର୍ଥନୀତିଠାରୁ ୫ ଗୁଣ ଅଧିକ। ଗତବର୍ଷ ଭାରତର ଜିଡିପି ୨.୭୨ ଟ୍ରିଲିୟନ ଡଲାର ଥିଲା। ୨୦୦୬ରେ ଚାଇନା ଜିଡିପି ୨.୭୫ ଟ୍ରିଲିୟନ ଡଲାର ଥିଲା। ଅର୍ଥାତ୍ ଅର୍ଥନୀତିରେ ଚାଇନାଠାରୁ ଭାରତ ୧୨ ବର୍ଷ ପଛରେ ରହିଛି। ୨୦୨୪-୨୫ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୫ ଟ୍ରିଲିୟନ ଡଲାରରେ ପହଞ୍ଚିବା ଲାଗି ଭାରତ ଲକ୍ଷ୍ୟ ରଖିଛି।

ସେହିପରି ଚାଇନାର ମୁଣ୍ଡପିଛା ଜାତୀୟ ଆୟ ଭାରତ ଠାରୁ ୭ ଗୁଣ ଅଧିକ। ୨୦୧୮ରେ ଚାଇନାମାନଙ୍କ ମୁଣ୍ଡପିଛା ଆୟ ୯୪୭୦ ଡଲାର ଥିଲାବେଳେ ଭାରତୀୟଙ୍କର ଆୟ ଥିଲା ୨୦୨୦ ଡଲାର। ଦୁଇଦେଶ ମଧ୍ୟରେ ବ୍ୟବସାୟର ପର୍ଯ୍ୟାପ୍ତ ସମ୍ଭାବନା ରହିଥିଲାବେଳେ ଚାଇନା ସହ ଭାରତର ବାଣିଜ୍ୟିକ ନିଅଣ୍ଟ ଯଥେଷ୍ଟ ଅଧିକ। ୨୦୧୬ରେ ଚାଇନା ଭାରତକୁ ୬୦ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ରପ୍ତାନି କରିଥିବାବେଳେ ନୂଆଦିଲ୍ଲୀ ସେହିବର୍ଷ ବେଜିଂକୁ ମାତ୍ର ୯ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ପଠାଇଛି। ଆର୍ଥିକ ସ୍ଥିତି ଦୃଷ୍ଟିରୁ ଦୁଇଦେଶ ମଧ୍ୟରେ ଯଥେଷ୍ଟ ବ୍ୟବଧାନ ରହୁଥିଲେ ହେଁ ଏମାନେ ସର୍ବବୃହତ ବଜାର ଏବଂ ବିଶ୍ୱ ଅର୍ଥନୀତିରେ ଏମାନଙ୍କର ବଡ଼ ଭୂମିକା ରହିଛି।

## ସମୁଦ୍ର ଉପକୂଳରୁ ସ୍ୱଚ୍ଛତାର ସନ୍ଦେଶ

**ମାମଲ୍ଲାପୁରମ୍,୧୨।୧୦**

**ପ୍ଲଗିଙ୍ଗ୍ ଭିଡିଓ ଶେୟାର କରି ଟ୍ରୋଲ୍ ହେଲେ ମୋଦି**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ସକାଳେ ମାମଲ୍ଲାପୁରମ୍ ସମୁଦ୍ର ଉପକୂଳରୁ ସ୍ୱଚ୍ଛ ଭାରତ ଅଭିଯାନ ଓ ଫିଟ୍ ଇଣ୍ଡିଆର ଏକ ସ୍ୱତନ୍ତ୍ର ସନ୍ଦେଶ ଦେଇଛନ୍ତି। ସେ ୩୦ ମିନିଟ ଧରି ପ୍ଲଗିଙ୍ଗ୍ କରୁଥିବାବେଳର ଭିଡିଓ ଟୁଇଟ୍ କରିଛନ୍ତି। ଏହାସହ ସେ ସର୍ବସାଧାରଣ ସ୍ଥାନଗୁଡ଼ିକୁ ପରିଷ୍କାର ପରିଚ୍ଛନ୍ନ ରଖିବାକୁ ଲୋକଙ୍କୁ ଆହ୍ୱାନ ଦେଇଛନ୍ତି। କଳା କୁର୍ତ୍ତା-ପାଇଜାମା ପିନ୍ଧିଥିବା ମୋଦି ବେଳାଭୂମିରେ ପ୍ଲାଷ୍ଟିକ୍ ଆବର୍ଜନା ଓ ପାଣି ବୋତଲ ଗୋଟାଇଥିଲେ। ଶେଷରେ ସେ ତାକୁ ଜୟରାଜ ନାମକ ଜଣେ ହୋଟେଲ କର୍ମଚାରୀଙ୍କୁ ହସ୍ତାନ୍ତର କରିଥିଲେ। ସୁସ୍ଥ ରହିବା ପାଇଁ ସର୍ବସାଧାରଣ ସ୍ଥଳଗୁଡ଼ିକ ସ୍ୱଚ୍ଛ ରହିବା ଆବଶ୍ୟକ ବୋଲି ସେ ୩ ମିନିଟର ଭିଡିଓରେ ବାର୍ତ୍ତା ଦେଇଛନ୍ତି। ତେବେ ମୋଦି ଆବର୍ଜନାକୁ ଏକ ବଡ଼ ପଲିଥିନରେ ଭର୍ତ୍ତି କରୁଥିବା ଏଥିରେ ଦେଖିବାକୁ ମିଳିଥିବାରୁ ତାଙ୍କୁ ସୋସିଆଲ ମିଡିଆରେ ଟ୍ରୋଲ କରାଯାଇଛି।



## ଗୁଳିକାଣ୍ଡରେ ୪ ନିହତ

**ନ୍ୟୁୟର୍କ, ୧୨।୧୦**

ନ୍ୟୁୟର୍କର ବ୍ରୁକଲିନ୍‌ସ୍ଥିତ ୭୪ ଉଟିକା ଆଭେନ୍ୟୁଠାରେ ଶନିବାର ସକାଳେ ଗୁଳିକାଣ୍ଡ ଘଟିବାରୁ ୪ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୫ ଜଣ ଆହତ ହୋଇଥିବା ଜଣାପଡ଼ିଛି। ଏକ ଘରେ ୬ ପୁରୁଷ ଓ ଜଣେ ମହିଳାଙ୍କୁ ଗୁଳିମାଡ଼ କରାଯାଇଥିବା ପୋଲିସ ସୂତ୍ରରୁ ଜଣାପଡ଼ିଥିଲେ ହେଁ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ପାରିନାହିଁ। ଉକ୍ତ ଘରେ ବେଆଇନ ଜୁଆ ଖେଳକୁ ନେଇ ଏଭଳି କାଣ୍ଡ ଘଟିଥିବା ପ୍ରାଥମିକ ସୂଚନାରୁ ଜଣାପଡ଼ିଛି। ମୋଟ ୧୫ ରାଉଣ୍ଡ ଗୁଳି ଚାଳନା କରାଯାଇଥିବାବେଳେ ୨ ବନ୍ଧୁକଧାରୀ ଏଭଳି କାର୍ଯ୍ୟ କରିଥିବା ପୋଲିସ କହିଛି। ସେଠାରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଥିବା ପ୍ରକାଶ।

## କଂଗ୍ରେସରେ ଆଲ୍‌କା ଲାମ୍ବା

**ନୂଆଦିଲ୍ଲୀ, ୧୨।୧୦(ଆଇଏଏନ୍‌ଏସ୍):** ଏଏପି ଛାଡ଼ିବାର ମାସକ ପରେ ପୂର୍ବତନ ଚାନ୍ଦିନୀଚୌକ ବିଧାୟକ ଆଲ୍‌କା ଲାମ୍ବା ଶନିବାର କଂଗ୍ରେସରେ ଯୋଗ ଦେଇଛନ୍ତି। ପ୍ରଦେଶ କଂଗ୍ରେସ ମୁଖ୍ୟ ପି.ସି. ଚାକୋଙ୍କ ଉପସ୍ଥିତିରେ ସେ ଓ ତାଙ୍କ ସମର୍ଥକମାନେ ଦଳରେ ସାମିଲ ହୋଇଛନ୍ତି। ଗୁରୁବାର ଆଲ୍‌କା କଂଗ୍ରେସ ସଭାପତି ସୋନିଆ ଗାନ୍ଧୀଙ୍କୁ ଏନେଇ ସାକ୍ଷାତ କରିଥିଲେ। ଗତ ସେପ୍ଟେମ୍ବର ୬ରେ ସେ ଏଏପି ଛାଡ଼ିବା ପରେ କଂଗ୍ରେସରେ ଯୋଗଦେବେ ବୋଲି ଘୋଷଣା କରିଥିଲେ।



ଶନିବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ବର୍ଷା ସହ ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମେଘୁଆ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୦ | ୨୨.୮ |
| ଚାନ୍ଦବାଲି | ୩୩.୦ | ୨୪.୭ |
| କଟକ | ୩୩.୨ | ୨୨.୦ |
| ପାରାଦ୍ୱୀପ | ୩୧.୫ | ୨୫.୦ |
| ଭୁବନେଶ୍ୱର | ୩୨.୫ | ୨୨.୪ |
| ଗୋପାଳପୁର | ୩୫.୦ | ୨୩.୭ |
| ପୁରୀ | ୩୨.୪ | ୨୪.୦ |
| ଅନୁଗୋଳ | ୩୧.୧ | ୧୮.୬ |
| ବାରିପଦା | ୩୨.୬ | ୨୪.୦ |
| ଝାରସୁଗୁଡ଼ା | ୩୧.୬ | ୨୩.୨ |
| କେନ୍ଦୁଝର | ୩୧.୦ | ୨୧.୭ |
| ସମ୍ବଲପୁର | ୩୧.୯ | ୨୩.୪ |
| ସୁନ୍ଦରଗଡ଼ | ୨୮.୦ | ୧୮.୦ |
| ହୀରାକୁଦ | ୨୯.୮ | ୨୪.୯ |
| ତାଳଚେର | ୩୨.୭ | ୨୨.୪ |
| ଭବାନୀପାଟଣା | ୩୦.୫ | ୨୩.୩ |
| ବଲାଙ୍ଗୀର | ୩୨.୦ | ୨୪.୫ |
| କୋରାପୁଟ | ୨୯.୦ | ୧୮.୨ |
| ଫୁଲବାଣୀ | -- | ୨୧.୬ |
| ଟିଟିଲାଗଡ଼ | ୩୪.୦ | ୨୦.୬ |
| ମାଲକାନଗିରି | ୩୩.୦ | -- |
| ସୋନପୁର | ୩୨.୨ | ୨୧.୨ |
| ଦାରିଙ୍ଗିବାଡ଼ି | ୨୬.୦ | ୧୫.୫ |

ଡିଗ୍ରୀ ସେଲ୍‌ସିୟସ୍

# ଶ୍ରୀନଗରରେ ଗ୍ରେନେଡ୍ ଆକ୍ରମଣ: ୧୧ ଆହତ

**ଶ୍ରୀନଗର, ୧୨।୧୦**



ଜମ୍ମୁ-କଶ୍ମୀରର ଶ୍ରୀନଗରରେ ଶନିବାର ଆତଙ୍କବାଦୀମାନେ ଗ୍ରେନେଡ୍ ଆକ୍ରମଣ କରିବାରୁ ୧୧ ଜଣ ସାଧାରଣ ନାଗରିକ ଆହତ ହୋଇଛନ୍ତି। ଆହତଙ୍କୁ ଚିକିତ୍ସା ଲାଗି ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ୩ ଜଣଙ୍କ ଅବସ୍ଥା ସଂକଟାପନ୍ନ ଥିବା ଜଣାପଡ଼ିଛି। ଲାଲ୍‌ଚୌକ ନିକଟସ୍ଥ ହରି ସିଂ ହାଇଷ୍ଟ୍ରିଟ୍ ମାର୍କେଟରେ ଏହି ଆତଙ୍କବାଦୀ ଆକ୍ରମଣ କରାଯାଇଛି। ସମ୍ପୂର୍ଣ୍ଣ ଅଞ୍ଚଳକୁ କର୍ଡନରେ ରଖାଯାଇ ସିଆର୍‌ପିଏଫ୍ ଓ ରାଜ୍ୟ ପୋଲିସ ପକ୍ଷରୁ ସର୍ଚ୍ଚ ଅପରେଶନକୁ ଜୋର୍‌ଦାର କରାଯାଇଥିବା କଶ୍ମୀର ଜୋନ୍ ପୋଲିସ ପକ୍ଷରୁ କୁହାଯାଇଛି। ଗତ ୫ ତାରିଖରେ ମଧ୍ୟ ଆତଙ୍କବାଦୀମାନେ ଦକ୍ଷିଣ କଶ୍ମୀରର ଅନନ୍ତନାଗଠାରେ ଥିବା ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଗ୍ରେନେଡ୍ ଆକ୍ରମଣ କରିଥିଲେ। ଏଥିରେ ୧୪ ଜଣ ଆହତ ହୋଇଥିଲେ। ଅଗଷ୍ଟ ୫ରେ କେନ୍ଦ୍ର ସରକାର ୩୭୦ ଧାରା ଉଚ୍ଛେଦ କରିବା ପରେ ଜମ୍ମୁ-କଶ୍ମୀର ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଥିଲା। ଏହାସତ୍ତ୍ୱେ ଆତଙ୍କବାଦୀମାନେ ସେମାନଙ୍କ କାର୍ଯ୍ୟକଳାପ ଜାରି ରଖିଥିବା ପ୍ରକାଶ। ବ୍ୟବସାୟୀ, ମାଲ୍ ପରିବହନକାରୀ ଓ ସାଧାରଣ ଦୋକାନୀଙ୍କୁ ଆତଙ୍କବାଦୀମାନେ ବିଭିନ୍ନ ଧମକଚମକ ଦେଇଆସୁଥିଲେ। ଏବେ ସେମାନଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି।

## ସୋମବାର ସ୍ୱାଭାବିକ ହେବ ମୋବାଇଲ୍ ସେବା

**ଶ୍ରୀନଗର, ୧୨।୧୦:** ସୋମବାରଠାରୁ ପୁଣି କଶ୍ମୀରରେ ମୋବାଇଲ ଫୋନ୍ ସେବା ଆରମ୍ଭ ହେବ। ସରକାର ଲଗାଇଥିବା ଯୋଗାଯୋଗ କଟକଣା ଉଠାଇବେ ବୋଲି ଶନିବାର ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି। ୩୭୦ ଧାରା ଉଚ୍ଛେଦ ହେବା ପରେ ଗତ ଅଗଷ୍ଟ ୫ରୁ ସରକାର ମୋବାଇଲ ଫୋନ୍‌ସେବା ଓ ଇଣ୍ଟରନେଟ୍ ସୁବିଧା ଉପରେ କଟକଣା ଜାରି କରିଥିଲେ। ଜମ୍ମୁ ଓ ଲଦାଖରେ ମୋବାଇଲ ଫୋନ୍ ସେବା ଜାରି ରହିଥିବାବେଳେ କଶ୍ମୀରରେ କଟକଣା ଲଗାଯାଇଥିଲା। ଶ୍ରୀନଗରରେ ଶନିବାର ରାଜ୍ୟ ସରକାରଙ୍କ ମୁଖପାତ୍ର ରୋହିତ୍ କଂସଲ ଗଣମାଧ୍ୟମକୁ କହିଛନ୍ତି ଯେ, ଉପତ୍ୟକାରେ ସ୍ଥିତି ସୁଧୁରିବାରେ ଲାଗିଛି। ଏଥିଲାଗି ପୋଷ୍ଟପେଡ୍ ମୋବାଇଲ ଫୋନସେବା ସୋମବାର ଅପରାହ୍ନରୁ ପୁଣି ଆରମ୍ଭ କରାଯିବ।

# SUNDAY classifieds



## MATRIMONIAL

### BRIDE WANTED

Hindu Brahmin 52/5'4" Central Govt. Service, caste-no-bar. M: 8658677278. D-14710

Needed nonworking fair kayastha bride preferably Puri Khurda for only son 29 B.tech Engineer in renowned IT sector. 7008180670. D-14751

ବ୍ରାହ୍ମଣ, କରଣ, ଖଣ୍ଡାୟତ, ଗଉଡ଼ ଘରର ବରପାତ୍ର ପାଇଁ କନ୍ୟାପାତ୍ରୀ ଆବଶ୍ୟକ। 7978736177. D-68204

Deserving brahmin groom B.tech, NIT, MBA, (MDI) working as software engineer, (caste-no-bar) 9861022750. D-14746

Brahmin boy 1991, B.Tech (IIT), MBA (XLRI), Software Engineer 9861255959. D-67239

Brahmin System Administrator 35/5'9" Cuttack, searching bride. 8338083380, 8480611745. D-68122

Rajput M.Tech 35/5'11" Bhubaneswar searching bride (Odisha),8338083380, 8480611745. D-68126

Brahmin boy 1991, B.Tech (IIT), MBA (XLRI), Software Engineer 9861255959. D-67239

SC groom OAS 39, Lecturer 36, Business 40 (Caste-no-bar), 7873374269. D-67084

Wanted fair beautiful bride for goldsmith (Bania) boy- 32+ software Engineer, Chennai (Caste-no-bar), 8093742890, 7008017424. D-67714

### GROOM WANTED

Bhubanewarରେ private job age-28 Khandayat ଝିଅଙ୍କ ପାଇଁ any caste unmarried ପୁଅ ଦରକାର 7381366108. D-67910

MBBS Doctor, age36, divorcee ନିସନ୍ତାନ karana ଝିଅଙ୍କ ପାଇଁ any caste ପୁଅ ଦରକାର 7381460016. D-67911

Now Matrimonial ads. only on Wednesday & Sunday Book 1 Get 1 FREE

Karan MBA bride 32/5'2" Bhubaneswar searching groom. 8338083380, 8480611745. D-68124

ନୟାଗଡ ବାସିନ୍ଦା ଏକମାତ୍ର ଝିଅ (୨୫ବର୍ଷ) ଓଡ଼ିଆ ଭଣ୍ଡାରୀ ଜାତି, ମଧ୍ୟବିତ୍ତ ପରିବାର ପାଇଁ ପୁଅ ଖୋଜୁଛୁ । ମୋ: ୮୮୨୦୪୬୫୨୨୫ । ଧ-୧୪୭୫୪

Khandayat bride 37/5'4" Cuttack searching groom (Odisha), 8338083380, 8480611745. D-68125

Khandayat B.Com bride 22/5' Cuttack searching groom. 8338083380, 8480611745. D-68123

Divorcee bride Engineer 34, Bank 43, Business 40 (Caste-no-bar) 7873374269. D-67086

୩୮ବର୍ଷ, B.ED, Govt. Teacher ଦରମା–35,000/-, କଟକ ସ୍ଥିତ କରଣ ଝିଅ ପାଇଁ ଯେକୌଣସି ଜାତିର ପୁଅ ଦରକାର। 8895458810. D-14750

## automobile

### SALE

Hyundai (i20), 2010 price- 2.10Lakhs. Contact: 6371001523. D-63959

## real estate

### SALE

**Gharabari boundary plot Infocity-2 near 200ft. road side. Direct owner- 8144391451.** D-66786

Yellowzone plots Badagada Canal road 1600/-, Simplex Tankapani Road 27,40,000/-, Simplex BJEM-(2) 15,80,000/, plots available at Jharapada, Pipili 7735738102. D-14732

**ଭୁବନେଶ୍ୱର ଖୋର୍ଦ୍ଧା NH ପାଖରେ ପିତାପଲ୍ଲୀ ଛକରେ possession ଥାଇ plot sqft. 399/-ରେ ମିଳୁଅଛି। 9090963952.** D-66774

**ଭୁବନେଶ୍ୱର Patia Railway Stationରୁ 1.5k.m ବାସୋପଯୋଗୀ plot 50x30=1500sqft. 6,75,000/- immediate registration/ possession. 9937032327, 9583328312.** D-66788

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲୱେଷ୍ଟେସନ ପାଖରେ 1200କୁ 2,00,000/- plot (outright/ installment) 8144706560, 9348817649. D-66800

**Gharabari plots at Balianta, Bhingarpur and Bagalpur. Immediate possession & registration, contact- 9437147826.** D-14430

**ଭୁବନେଶ୍ୱର Patrapada BDA yellowzone plot ଏବଂ Tamandoରେ plot କିଣନ୍ତୁ, 9348767829.** D-66795

4BHK duplex with gated community at Balianta (land-1400, construction- 2200@ 55lakhs/ 2600@ 65lakhs) Mplanets: 9938219397, 9861022055. D-14645

**Gated plotting project near Sum Hospital and Janla Infovally square. 7008818121.** D-66796

Gharabari plots (1500, 2400) Pahal, Jharapara, Individual building Patia (1.10 crore) for sale with Bank loan facility. Details: 9040605900 (ବିଷ୍ଣୁ) D-14667

Puja offer give five lakhs get registration a ready duplex, Bhubaneswar. Rest amount loan. 7735821471. D-68119

**2400 sqft. gharabari plot for sale at Pokhariput (Near DAV School) & Khandagiri Square, Bhubaneswar. Contact Deepak: 9937329999.** D-68016

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-14726

BBSR Gothapatna, Sum Hospital to 1.5km flats 1/2/3BHK Book@ 20% 9078263828. D-14738

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରି ପ୍ଲଟ୍ ବିକ୍ରିହେବ। 9178660666. D-14666

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-14725

**Plot at Palasuni 1750sqft., 3500sqft. 100mtrs from Palasuni Square- 9040059669.** D-67085

### PURCHASE

Residential flat required, Bhubaneswar. Contact- Dash & Co. Chartered Accountant. 9438194381. D-65700

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## construction

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-14724

## GENERAL

### SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66767

**For Sale- Hotel room Furnitures Beds, AC, LED TV, Sofas, Fridge, Geysers, Wardrobes, Writing table. Furnitures available for 11 Rooms. Call: 8598923231.** D-68127

## to-let

Two BHK house for rent at Uttara, 8875004555. D-14731

2 Bedroom house with drawing, puja, kitchen near Khandagiri, Bhubaneswar. Contact: 9437051142. D-14733

Open space 12000sqft for rent at Puri bypass, 7500 RCC godown at canal road Hanspal, 9437002484, 9348236615. D- 14635

## packers & movers

Shivam logistic packers movers. Household/ car relocation countrywide. 9777044177, 9338461133. D-14523

## healthcare

Fully refreshed / relaxed body massage by expert therapist, Shastri Nagar. 7377984773. D-68107

Rejuvenate and ayurvedic full body massage by smart therapist. 9114402304. D-68108

Monalisa Massage Club: All types body massage with hiprofile smart lady rooms service available- 9708545108. D-14703

Newly open full body massage by ladies, gents therapist. 8018656899 D-60842

Ayurvedic full body massage by ladies, gents therapist. 7008773793 D-60843

Full body herbal massage with refreshment expert therapist. 7381239385, 06742540855. D-68128

Experience full body massage with us (expert). Call: 7377048581, 06742597822. D-68129

Herbal full body massage by smart / expert therapist. Contact: 8338067247. D-68130

Summer special mesmerizing offer expert therapeutic refreshing massage appointment. 9668374480. D-68131

Refresh your mind and soul with best therapy at Orchid Salon/ Spa. 9937287222. D-66977

Ayurvedic herbal body massage trend therapist. Mob: 8018246332. D-66978

## astrology

ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଳୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଲେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166

## CLASSIFIED BOOKING STATIONS

**CUTTACK**
**DHARITRI OFFICE**
Link Road, P. K. Ratha, Mob: 9437196416

**MAHAVEER COMMUNICATION**
Kantapada, Nakhara, Cuttack, Sura Narayan Sahu, Phone: 9438282244

**OMM SARALA SERVICES**
At- Othaka, Po/PS- Nischintakoili, Dist- Cuttack, Contact : Ashok Ku. Mohapatra Ph : 9438283428

**APIC COMPUTERS**
Balagandi Chhak, Puri, Madhusudan Mishra, Mob: 9861235622

**J. N. MOHANTY & SONS**
Infront of Annapurna Theatre, Grand Road, Puri, Deepak Mohanty, Mob: 9437285941, 9861451995

**BERHAMPUR**
**DHARITRI OFFICE**
Contact: Siba prasad Das, Mob: 9040449673

**MANIKA COLD CABIN**
Dhenkanal Bus-Stand, Dhenkanal, Manabhanjan Pattnaik, Mob : 9937233228

**VIDYA PURI BOOK STORE**
Puri Badasankha, Sibaram Pradhan, Mob : 9861446582

**PADMINI LADIES CORNER**
Bhagban Sasmal, Sanjibani Market, Angul, Mob : 9668600631, 7788997720

**JAGADAMBA GIFT MALL**
Manoj Ku. Sahoo, Convent Road, Rayagada, Mob : 9439530999

**AMBICA COMPUTERS**
Sanjeeb Ku. Patra, Rajanahar Chowk, Singhlal Complex 1st Floor, Jeypore, Mob : 9439773311

**MOHAPATRA JOB CENTRE**
C/o. Judhistir Mohapatra Saranda, Dist : Bargarh, Ph : 7894062647, 9338154701, E-mail : aeiodissabgh@gmail.com

**SAINEE COMMUNICATION**
At- Beheramal, PS/ Dist- Jharsuguda, Contact : Chinmaya Kumar Dwibedy, Mobile: 9861434126

**PANI COMMUNICATION**
Suphan Ku. Pani, Dharmasal, Jarka, Jajpur. Mobile: 8280196228

**SABARI COMMUNICATION**
Bhejaput, Damanjodi, Koraput, Contact: Mr. Ashoka Khara, Mob: 9437182158, 9668847771.

**SHREE GOPAL STORE**
Sakhigopal, Puri, Manjulata Mahapatra, Mob: 7787087031, 9777203839

**JOGESWAR DAS**
Rayagada Mob: 06856222611, 9437234611

**MAA COMMUNICATION**
Plot No-A/81, Sahid Nagar, Infront of Canara Bank, BBSR. Mr. Tusarkanta Swain, Ph: 7008452524, 9437353424

**JAGANNATH STUDIO**
355, Okilbag, CTC Road, Laxmisagar, near Okilbag Enclave, BBSR. Mr. Ranjan Kumar Sahoo, Mob: 9040302855, 9438185809.

**SAI TOUR TRAVEL**
402/996, Behind Goutam Petrol Pump, BBSR. Mr. Pradeep Kumar Mohanty, Mob: 9348861961, 9040056776.

**ORISSA RESEARCH FOUNDATION & EDUCATIONAL TRUST**
Plot No-1732/A, Gobinda Prasad, Bomikhal, BBSR-10 Mr. Pradeep Kumar Patra, Mob: 8270703878.

**ALFA COMMUNICATION**
B-7,Saheed Nagar, BBSR, Contact person: B.B Nayak, Ph: 2547912, 9437101739

**ORIYAPRESSMEDIA.COM**
HN-359, R.K. Complex, 1st Floor, Saheed Nagar, Bhubaneswar, Amarendra Panda, Mob: 9937983859

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**SATPATHY ENTERPRISES**
270, Sachivalaya Marg,Unit-IV, BBSR, Kalicharan Satpathy, Ph- 2394630, 3254186, 9090835267

**DHARITRI STALL**
Old Bus Stand, Unit-II, BBSR, Bijendra Sathua, Mob: 9853121114

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

**GHUNGUR COMMUNICATION**
Palasuni, Bhubaneswar, Manoj Kumar Sahoo, Ph- 9337883640, 9938270084, 9853497164

**MUNNA COMMUNICATION**
163, Jharpada,Cuttack Road, BBSR. Priyabrata Mohalik, Ph: 9337875700, 9861234845

**SUKHALATA SPARE HOUSE**
217, CTC Road, BBSR, Prasant Dash, Mob: 9439339595

**SAI COMMUNICATION**
3A/H, BJB Nagar, BBSR, Lulu Rath, Mob: 9437030835, 2430835

**DOOR SANCHAR P.C.O**
79, In Front of Hotel Venus Inn, Bapujinagar, BBSR, Biraja prasad Mohanty, Mobile: 9437229325

**POOJA AGENCY**
Plot No-5, Bapuji Nagar, BBSR, Kamal Lochan Patra, 9437136979, 9937022211

**TRAVEL SEBA**
Plot No.-117, Bapuji Nagar, BBSR, Durga Prasad Sarangi, Phone: 09853320727, 09583098408

**S. M. ADVERTISERS**
Forest Park, BBSR, Pabitra Ku. Behera Mob: 9658693280

**ASWINI KUMAR PANDA**
Plot-969/3035, Prakruti Vihar, Dleta Square, Aswini Kumar Panda Routray, Ph : 9040020034

**SIVASHAKTI XEROX & BOOK STORE**
SBI Chhak, Mahatab Road, BBSR, Benudhar Mohapatra. Mob:9861446268, 8763174237.

**M/S. S.R. SERVICES**
228, Kedar Gouri Vihar, Bhubaneswar-14, Bishnu Pada Das, Ph: 0674- 2434134, 9439353453, 9937071176.

**SWAYAMVER**
Rath Road, Mausima Square, BBSR, M.R. Pradhan, Mob: 9778877018, 8093475794, 6002233

**MAHADEV REALESTATE CONSULTANCY**
A/M-16, Phase-I, Bhimtangi, Old Town, BBSR, Prabas Ku. Sundaray, Ph:0674- 2590575, 9937064680

**ASSET PROPERTIES**
R.P. Patra, Plot-3766, Opposite Reliance Footprint, Rabi talkies chakka, Lewis Road, Ph-(0674) 2435756 (Tel/Fax) 9337124748 (What's app) 9439963384

**AMAN ADDCARE**
Plot No: 114/7, Airport Square, Bhimpur, Bhubaneswar- 751020 Email ID: amamaddcare@gmail.com Whatsapp & Mobile No: 9937426436, 9853380364

**ANITA ADVERTISER**
S-17, BDA Market Complex, Nilakantha Nagar, Near Passport Office, Nayapalli, BBSR-12 Chinmaya Choudhury Ph:9338991113, 9439811130 Email: anitaadvt@gmail.com

**ANNAPURNA COMMUNICATION**
Qtr-VII, H-185, C.S.Pur, BBSR Prabina Kumar Mohanty Ph: 9337336614, 7008967858

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

### ଜନ୍ମଦିନ ଶୁଭେଚ୍ଛା



**Arzooafsana (Soha)**
Baharana, Niali, Cuttack
ଆଜି ତୋର ଏହି ପବିତ୍ର ଜନ୍ମ ଦିବସରେ ମା' ମଙ୍ଗଳାଙ୍କ ନିକଟରେ ଏତିକି ପ୍ରାର୍ଥନା, ତତେ ଯଶସ୍ୱୀ ଓ ଦୀର୍ଘାୟୁ କରନ୍ତୁ। ତୋ ଚଲାପଥ କୁସୁମିତ ହେଉ।
**ଶୁଭେଚ୍ଛା ସହ**
ଜେଜେମା', ଜେଜେବାପା, ଅଜା, ଆଈ, ମାମା, ପାପା, ମାଉସୀ, ମଉସା, ପିଉସୀ, ପିଇସା, ମାମୁ, ମାଈଁ, ଭାଇ, ଭଉଣୀ, ବନ୍ଧୁ ଓ ପରିବାର ବର୍ଗ।
ଧ-୧୪୭୩୯

### ଜନ୍ମଦିନ ଶୁଭେଚ୍ଛା



**ଆଦ୍ୟା ଆଲିଶା ସେନାପତି (ମାମୁନୀ)**
କାଗୁଲିଆ ପଡା (ଖରିଦାପାଟଣା)
ଆଜି ତୋର ଅଷ୍ଟମ ଜନ୍ମଦିବସରେ ପ୍ରଭୁ ଶ୍ରୀଜଗନ୍ନାଥ ତୋର ମଙ୍ଗଳମୟ କରନ୍ତୁ।
**ଶୁଭେଚ୍ଛା ସହ**
ମାମା, ବାବା, ଜେଜେ ମା', ବୁଢ଼ୀ ମା', ଦାଦା, ସାନ ମାମା, ସାନବାବା, ଦିଦି, ଭାଇର ଆଶୀର୍ବାଦ ରହିଛି।
ଧ-୧୪୭୫୩

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

### ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱ କୃଷ୍ଣଚନ୍ଦ୍ର କର**
ଆବିର୍ଭାବ: ତା୦୭.୦୧ ୧୯୫୩
ତିରୋଧାନ: ତା୦୨.୧୦.୨୦୧୯
ଯାଜଭୈରବ-ନୂଆଗାଁ, ଚୌଦ୍ୱାର, କଟକ
ଏମିତି ଅସମୟରେ ତୁମେ ଆମ୍ଭମାନଙ୍କୁ ଛାଡି ଚାଲିଗଲ । ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟ ନିଷ୍ଠା, ଅମାୟିକପଣ ଓ ପରୋପକାର ମନୋଭାବ ସଦା ସ୍ମରଣୀୟ ହୋଇ ରହିବ । ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।
**ଶୋକସନ୍ତପ୍ତ:**
ପତ୍ନୀ: ବସନ୍ତ ମଞ୍ଜରୀ କର
ବଡଭାଉଜ,ଭାଇ: ବଳରାମ କର,
ପୁଅ-ବୋହୂ, ଝିଅ-ଜ୍ୱାଇଁ,
ନାତିନାତୁଣୀ, ଆତ୍ମୀୟସ୍ୱଜନ, ବନ୍ଧୁବର୍ଗ
ତ୍ରିମ୍ବସ ପରିବାର
ଧ-୧୪୭୫୨

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଆଦିତ୍ୟ ପ୍ରସାଦ ସେନାପତି (ପପୁ)**
ଗ୍ରାମ: ଜେମାଦେଈ, ଖୋର୍ଦ୍ଧା
ଆବିର୍ଭାବ: ୦୪।୦୭।୧୯୮୩
ତିରୋଧାନ: ୦୩।୧୦।୨୦୧୪
ତୋର ଆଜି ୫ମ ଶ୍ରାଦ୍ଧବାର୍ଷିକୀରେ ପରିବାରର ସମସ୍ତ ଭଉଣୀ ଓ ଭିଣୋଇମାନେ ଏବଂ ଅତି ଦୁଃଖ କୋହଭରା ବାପା, ବୋଉ ଓ ତୋର ପୁଅ ସତ୍ୟବ୍ରତ ତରଫରୁ ହାର୍ଦ୍ଦିକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ।
**ମୀନାକ୍ଷୀ ମେଡିସିନ୍ ଷ୍ଟୋର (ଖୋର୍ଦ୍ଧା)**
ଧ-୧୪୭୪୫

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ରାଧାକୃଷ୍ଣ ସେଣ୍ଠ**
ଗୋଠମୁହଁ, ଛତିଆ, କଟକ
ଆବିର୍ଭାବ: ୦୫।୦୪।୧୯୪୧
ତିରୋଧାନ: ୦୩।୧୦।୨୦୧୯
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ। ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।।
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ ପରିବାରବର୍ଗ:**
ହତଭାଗ୍ୟ ସ୍ତ୍ରୀ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ଭାଇ, ଭଉଣୀ ଓ ଶୁଭେଚ୍ଛୁଗଣ ।
ଧ-୧୪୭୪୭

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଇଂ. ସଦାନନ୍ଦ ମିଶ୍ର**
ଧବଳଗିରି, ଯାଜପୁର ରୋଡ
ଆବିର୍ଭାବ - ୨୩.୦୮.୧୯୪୦
ତିରୋଧାନ - କୁମାର ପୂର୍ଣ୍ଣିମା-୨୦୧୦
ଚାହୁଁ ଚାହୁଁ ନଅ ବର୍ଷ ବିତିଗଲା ...। ତୁମେ ଆଜିବି ଆମମାନଙ୍କ ପାଖରେ ଅଭୁଲା ସ୍ମୃତି ହୋଇ ରହିଯାଇଛ । ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମମାନଙ୍କ ଉପରେ ସଦାସର୍ବଦା ରହିଥାଉ ।
ତୁମର ସ୍ତ୍ରୀ-ସୁରମା ମିଶ୍ର, ପୁଅ-ବାବି, ବୋହୂ-ଶ୍ରଦ୍ଧା, ଝିଅ-ବେବି, ବୁଲୁ, ରୁବି ଓ ଜ୍ୱାଇଁମାନେ, ନାତି ନାତୁଣୀ- ବାପୁନ, ମାମୁନ, କୁନମୁନ, ବାବୁନ୍ ଓ ଶ୍ୱେତା ।
ଧ-୧୪୭୪୮

## ସଂକ୍ଷେପରେ

### କୋଟିପତି ଟିକସଦାତାଙ୍କ ସଂଖ୍ୟାରେ ୨୦% ବୃଦ୍ଧି

**ନୂଆଦିଲ୍ଲୀ,୧୨-୧୦:** ୨୦୧୮-୧୯ ଆସେସମେଣ୍ଟ ବର୍ଷରେ ଦେଶ ମଧ୍ୟରେ କୋଟିପତି ଟିକସଦାତାଙ୍କ ସଂଖ୍ୟା ୨୦% ବୃଦ୍ଧି ଘଟିଥିବା ଆୟକର ବିଭାଗ ପକ୍ଷରୁ ସୂଚନା ରହିଛି। କୋଟିପତି ଟିକସଦାତାଙ୍କ ସଂଖ୍ୟା ୯୭,୬୮୯କୁ ବଢ଼ିଥିବା ରାଜସ୍ୱ ବିଭାଗ ପକ୍ଷରୁ କୁହାଯାଇଛି।୨୦୧୭-୧୮ ଆସେସମେଣ୍ଟ ବର୍ଷରେ ୧ କୋଟି ଟଙ୍କାରୁ ଅଧିକ ଟିକସଲବ୍ଧ ଆୟ କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ୮୧,୩୪୪ ରହିଥିଲା। ୨୦୧୮-୧୯ ଆର୍ଥିକ ବର୍ଷ ଏବଂ ୨୦୧୮-୧୯ ଆସେସମେଣ୍ଟ ବର୍ଷ( ୨୦୧୭-୧୮ ଆର୍ଥିକ ବର୍ଷର) ଅପଡେଟ ଡାଟା କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ପକ୍ଷରୁ ଜାରି କରାଯାଇଛି। ଏହି ଡାଟା ମଧ୍ୟରେ କର୍ପୋରେଟ, ଫାର୍ମ, ହିନ୍ଦୁ ଅଣ ବିଭାଜିତ ପରିବାର(ଏଚ୍‌ୟୁଏଫ୍) ଏବଂ ବ୍ୟକ୍ତି ବିଶେଷଙ୍କ ଆୟ ବିତରଣ ସାମିଲ ରହିଛି। ସମସ୍ତ ବ୍ୟକ୍ତିଙ୍କୁ ବିଚାରକୁ ନେଲେ ୧ କୋଟିରୁ ଅଧିକ ଟିକସଲବ୍ଧ ଆୟକାରୀ ବ୍ୟକ୍ତିଙ୍କ ସଂଖ୍ୟା ପ୍ରାୟ ୧.୬୭ ଲକ୍ଷ ହେବ। ଏହା ୨୦୧୭-୧୮ ଆସେସମେଣ୍ଟ ବର୍ଷ ତୁଳନାରେ ୧୯% ବଢ଼ିଛି। ଅଗଷ୍ଟ ୧୫ ଡାଟା ସୁଦ୍ଧା ୫.୮୭ କୋଟି ଆୟକର ରିଟର୍ନ ଫାଇଲ ହୋଇଛି। ୫.୫୨ ଲକ୍ଷ ବ୍ୟକ୍ତି, ୧୧.୩ ଲକ୍ଷ ଏଚ୍‌ୟୁଏଫ୍, ୧୨.୬୯ ଲକ୍ଷ ଫାର୍ମ ଏବଂ ୮.୪୧ ଲକ୍ଷ କମ୍ପାନୀ ରିଟର୍ନ ଫାଇଲ କରିଥିବା ସିବିଡିଟି ତଥ୍ୟରୁ ସାମ୍ନାକୁ ଆସିଛି।

### ପିଏମ୍‌ସି ବ୍ୟାଙ୍କ ସମସ୍ୟା ସମାଧାନକୁ ଗୁରୁତ୍ୱ ଦିଆଯାଇଛି: ସୀତାରାମନ



**ନୂଆଦିଲ୍ଲୀ,୧୨-୧୦:** ପଞ୍ଜାବ ଏବଂ ମହାରାଷ୍ଟ୍ର କୋଅପରେଟିଭ୍ (ପିଏମ୍‌ସି) ବ୍ୟାଙ୍କ ଜମାକାରୀଙ୍କୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶନିବାର ଆଶ୍ୱାସନା ଦେଇଛନ୍ତି। ଏହି ମାମଲା ଉପରେ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସଙ୍କ ସହ ଆଲୋଚନା କରିଥିବା ସୀତାରାମନ କହିଛନ୍ତି। ସେ କହିଛନ୍ତି ଯେ, ପିଏମ୍‌ସି ବ୍ୟାଙ୍କ ସମସ୍ୟା ସମାଧାନକୁ ସରକାର ଗୁରୁତ୍ୱ ସହ ନେଇଛନ୍ତି। ସମସ୍ୟାର ସମାଧାନ ଲାଗି ରିଜର୍ଭ ବ୍ୟାଙ୍କ ଗଭର୍ନର ପ୍ରତିଶ୍ରୁତି ଦେଇଥିବା ସୀତାରାମନ କହିଛନ୍ତି। ବ୍ୟାଙ୍କ ଉପରେ ବର୍ତ୍ତମାନ ନିୟାମକ କଟକଣା ଲାଗୁ ହୋଇଛି। ଗ୍ରାହକମାନେ ୨୫ ହଜାର ଟଙ୍କା ଉଠାଣ କରିବାକୁ ସକ୍ଷମ ହେଉଛନ୍ତି। ଗ୍ରାହକଙ୍କ ସମସ୍ୟାକୁ ବୁଝୁଛୁ ବୋଲି ସୀତାରାମନ ଟୁଇଟରେ କହିଛନ୍ତି। ମୋଟ ୯ ହଜାର କୋଟି ଟଙ୍କାର ଅଗ୍ରୀମ ମଧ୍ୟରୁ ଏଚ୍‌ଡିଆଇଏଲକୁ ବ୍ୟାଙ୍କ ୭୦% ଋଣ ଦେଇଛି। ଏଥିରେ ଋଣ ଠକେଇ ହୋଇଥିବାରୁ ବ୍ୟାଙ୍କର ସ୍ଥିତି ବର୍ତ୍ତମାନ ପ୍ରଭାବିତ ହୋଇଛି। ବ୍ୟାଙ୍କିଙ୍ଗ ମାମଲାରେ ରିଜର୍ଭ ବ୍ୟାଙ୍କ ନିୟାମକ ହୋଇଥିବାରୁ ଅର୍ଥ ମନ୍ତ୍ରଣାଳୟ ପ୍ରତ୍ୟକ୍ଷ ଭାବେ କିଛି କରି ପାରିବ ନାହିଁ ବୋଲି ସୀତାରାମନ କହିଥିଲେ। ବହୁ ରାଜ୍ୟରେ କାର୍ଯ୍ୟକରୁଥିବା କୋଅପରେଟିଭ ବ୍ୟାଙ୍କଗୁଡିକର ଆଇନରେସଂଶୋଧନ କରାଯିବାକୁ ପଦକ୍ଷେପ ନିଆଯାଉଥିବା ସେ କହିଛନ୍ତି।

### ଏଚ୍‌ଡିଆଇଏଲ୍‌ର ୨୧୦୦ ଏକର ଜମି ଜବତ କରିବ ଇଡି

**ନୂଆଦିଲ୍ଲୀ,୧୨-୧୦:** ପଞ୍ଜାବ ଏବଂ ମହାରାଷ୍ଟ୍ର କୋଅପରେଟିଭ(ପିଏମ୍‌ସି) ବ୍ୟାଙ୍କଠାରୁ ଋଣ ନେଇ ଏଚ୍‌ଡିଆଇଏଲ ଜମି କିଣିଛି। ଏହି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ୨୧୦୦ ଏକର ଜମିର ପତ୍ତା ଲଗାଇଛି। ବ୍ୟାଙ୍କ ଉକ୍ତ ସଂସ୍ଥାକୁ ବୃହତ୍ ପରିମାଣର ଋଣ ଦେଇ ଏବେ ନିୟାମକ କଟକଣାର ଶିକାର ହୋଇଥିବା ବେଳେ ଏହି ମାମଲାରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ପତ୍ତା ଲାଗି ଥିବା ଜମିକୁ ଇଡି ଶୀଘ୍ର ଜବତ କରିବ ବୋଲି ଜଣାପଡିଛି। ଏହି ମାମଲାରେ ଏଡିଆଇଏଲ୍‌ର ୨ଟି ବଡ ବଙ୍ଗଳାକୁ ଇଡି ଜବତ କରି ସାରିଛି। ପ୍ରମୋଟର ରାକେଶ ଏବଂ ପୁତ୍ର ସାରଙ୍ଗ ୱାଧୱାନ୍‌ଙ୍କ ମାଲିକାନାରେ ରହିଥିବା ଏହି ଜମିର ପରିମାଣ ପ୍ରାୟ ୩,୫୦୦ କୋଟି ଟଙ୍କା ହେବ। ବସଇପାଲଘର ବେଲ୍ଟରେ ଟାଉନଶିପ ନିର୍ମାଣ ଲାଗି ଏହି ଜମି କିଣାଯାଇଥିବା ଇଡି କହିଛି।



> ଅଟୋମୋବାଇଲ ଶିଳ୍ପରେ ଦିନକୁ ଦିନ ମାନ୍ଦାବସ୍ଥା ବଢି ଚାଲିଥିବା ବେଳେ ସରକାର ଜିଏସ୍‌ଟିକୁ ୧୮%କୁ ହ୍ରାସ କରିବାର ଆବଶ୍ୟକତା ରହିଛି।
> **– ଗୁରପରଗତ ସିଂ କାହଲନ, ସଭାପତି, ଅଟୋ ଯନ୍ତ୍ରାଂଶ ନିର୍ମାଣକାରୀ ସଂଘ**



> ବିଏସ୍‌ଏନ୍‌ଏଲକୁ ବନ୍ଦ କରିବା ସପକ୍ଷରେ ଅର୍ଥ ମନ୍ତ୍ରଣାଳୟ ନାହିଁ। କମ୍ପାନୀ ବନ୍ଦ ହେବା ସୂଚନାର ସତ୍ୟତା ନାହିଁ।
> **– ଅଂଶୁ ପ୍ରକାଶ, ଟେଲିକମ୍ ବିଭାଗ ସଚିବ**

### ସତର୍କ କରାଇଲେ ରଘୁରାମ ରାଜନ

# ସଙ୍କଟ ଆଡ଼କୁ ମୁହାଁଉଛି ଅର୍ଥନୀତି



**ନୂଆଦିଲ୍ଲୀ,୧୨-୧୦**

ଦେଶର ବିତ୍ତୀୟ ନିଅଣ୍ଟ ବଢୁଥିବା ବେଳେ ଏହା ଘରୋଇ ବଜାରକୁ ଖରାପସ୍ଥିତି ଆଡକୁ ଟାଣି ନେଉଛି। ଏଭଳି ବିଭିନ୍ନ କାରଣ ଲାଗି ଭାରତର ଅର୍ଥ ବ୍ୟବସ୍ଥା ଘୋର ସଙ୍କଟ ଆଡକୁ ଗତି କରୁଛି। ବିମୁଦ୍ରୀକରଣ ଏବଂ ଠିକ୍ ଭାବେ କାର୍ଯ୍ୟକାରୀ ହୋଇ ନ ଥିବା ଜିଏସ୍‌ଟି ମାନ୍ଦାବସ୍ଥାର କାରଣ ହୋଇଛି ବୋଲି ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ ରାଜନ୍ ଶନିବାର କହିଛନ୍ତି। ବ୍ରାଉନ ୟୁନିଭର୍ସିଟିଠାରେ ଓପି ଜିନ୍ଦଲ ଲେକ୍‌ଚର କାର୍ଯ୍ୟକ୍ରମରେ ସେ କହିଛନ୍ତି, ଭାରତରେ ଅର୍ଥନୈତିକ ଦୃଷ୍ଟିଭଙ୍ଗୀ ଠିକ୍ ନ ରହିବା ଯୋଗୁ ଏହା ଦେଶକୁ ଅସୁବିଧା ସ୍ଥିତି ଆଡକୁ ଟାଣି ନେଉଛି। ଦେଶର ଜିଡିପି ଅଭିବୃଦ୍ଧି ୨୦୧୬ର ପ୍ରଥମ ତ୍ରୈମାସରେ ୯% ଥିବା ବେଳେ ଏଥିରେ କ୍ରମାଗତ ଭାବେ ହ୍ରାସ ପାଇ ଚାଲିଛି। ଭାରତ ଏହାର ଅର୍ଥନୈତିକ ଅଭିବୃଦ୍ଧି ଧାରାକୁ ହରାଇଛି। ଠିକ୍ ଭାବେ ଅର୍ଥନୈତିକ ଲକ୍ଷ୍ୟ ନ ରଖି କ୍ଷମତା କେନ୍ଦ୍ରୀକରଣ ସହ କାର୍ଯ୍ୟକରିବା ଫଳରେ ଏଭଳି ସ୍ଥିତି ଉପୁଜିଛି।

ଚଳିତ ବର୍ଷ ଏପ୍ରିଲ-ଜୁନ ତ୍ରୈମାସରେ ଦେଶର ଅଭିବୃଦ୍ଧି ହାର ୬ ବର୍ଷର ସର୍ବନିମ୍ନ ସ୍ତର ୫% ରହିଛି। ଏହା ଜୁଲାଇ ସେପ୍ଟେମ୍ବରରେ ୫.୩% ରହିବା ନେଇ ଆକଳନ କରାଯାଇଛି। ଅଗଷ୍ଟରେ ଔଦ୍ୟୋଗିକ ଅଭିବୃଦ୍ଧି ନକାରାତ୍ମକ ସ୍ଥିତିରେ ରହିବା ସହ ୧.୧%କୁ ଖସି ଆସିଛି। ରେଟିଂ ଏଜେନ୍ସି ମୁଡିସ୍ ଭାରତର ଜିଡିପି ଅଭିବୃଦ୍ଧି ଆକଳନକୁ କମାଇବା ସହ ୬.୨%ରୁ ୫.୮% ଖସାଇଛି। ଚାହିଦା ହ୍ରାସ, ନିଯୁକ୍ତି କମ୍ ହେବା ଏବଂ ଗ୍ରାମାଞ୍ଚଳ ପରିବାରଗୁଡିକରେ ଆର୍ଥିକ ସ୍ଥିତି ଖରାପ ହେବାରୁ ମୁଡିସ ଏଭଳି ମତ ରଖିଛି। ଗତ ସପ୍ତାହରେ ରିଜର୍ଭ ବ୍ୟାଙ୍କ ଦେଶର ଜିଡିପି ଅଭିବୃଦ୍ଧି ଆକଳନକୁ ମଧ୍ୟ ୬.୮%ରୁ ୬.୧%କୁ ହ୍ରାସ କରିଛି।

ରାଜନ୍ କହିଛନ୍ତି, ଦେଶରେ ଲାଗି ରହିଥିବା ପୁରୁଣା ଆର୍ଥିକ ସମସ୍ୟାଗୁଡିକୁ ସମାଧାନ କରାଯାଇ ନାହିଁ। କ୍ଷତିଗ୍ରସ୍ତ ଆର୍ଥିକ ଏବଂ ଶକ୍ତି କ୍ଷେତ୍ରକୁ ତୁରନ୍ତ ଭିତ୍ତିରେ ଧ୍ୟାନଦେବାର ଆବଶ୍ୟକତା ରହିଛି। ମାତ୍ର ଏଭଳି ସ୍ଥିତିରେ ଭାରତ ଅଭିବୃଦ୍ଧିର ନୂଆ ଉତ୍ସକୁ ଚିହ୍ନି ପାରୁନାହିଁ। ଦେଶରେ ନିବେଶ ହ୍ରାସ, ଚାହିଦାରେ ଗଭୀର ପ୍ରଭାବ, ରପ୍ତାନି ହ୍ରାସ ଏବଂ ଏନ୍‌ବିଏଫ୍‌ସି ସମସ୍ୟା ଉପରେ ରାଜନ୍ ଉଦ୍‌ବେଗ ପ୍ରକାଶ କରିବା ସହ ବିମୁଦ୍ରୀକରଣ ଏବଂ ଠିକ୍ ଭାବେ କାର୍ଯ୍ୟକାରୀ ହୋଇ ନ ଥିବା ଜିଏସ୍‌ଟି ଦ୍ୱାରା ଅର୍ଥ ବ୍ୟବସ୍ଥା କିଭଳି ପ୍ରଭାବିତ ହୋଇଛି ସେ ଉପରେ ମତ ଦେଇଛନ୍ତି। ବିମୁଦ୍ରୀକରଣର ଉଦାହରଣ ଦେଇ ସେ କହିଛନ୍ତି, କେନ୍ଦ୍ରୀକୃତ ତଥା ଏକାକୀ ଭାବେ କୌଣସି କଥା ଚିନ୍ତା ନ କରି ସରକାର ଏହାକୁ ଲାଗୁ କଲେ। ମାତ୍ର ତା'ର ପ୍ରଭାବ ଅର୍ଥବ୍ୟବସ୍ଥାକୁ ସହିବାକୁ ପଡୁଛି। ବିମୁଦ୍ରୀକରଣ ପରେ ସରକାର ଜିଏସ୍‌ଟିକୁ ଠିକ୍ ଭାବେ ଲାଗୁ ନ କରାଇବା କାରଣରୁ ଏହା ଅର୍ଥ ବ୍ୟବସ୍ଥାର ମେରୁଦଣ୍ଡକୁ ଭାଙ୍ଗିଥିବା ସେ ମତ ଦେଇଛନ୍ତି। ମୋଦିଙ୍କ ନେତୃତ୍ୱାଧୀନ ସରକାର ଦେଶର ଅଭିବୃଦ୍ଧିକୁ ଧ୍ୟାନ ଦେବା ପରିବର୍ତ୍ତେ ବଣ୍ଟନ ଏବଂ ଲୋକ ମଙ୍ଗଳକୁ ଅଧିକ ପ୍ରାଥମିକତା ଦେଉଛନ୍ତି। ରାଜସ୍ୱ କମ୍ ରହିଥିବା ବେଳେ ଯୋଜନାଗୁଡ଼ିକରେ ଖର୍ଚ୍ଚ କରିବାର ଯଥାର୍ଥତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

## ଦେଶରେ ମାନ୍ଦାବସ୍ଥା ନାହିଁ: ରବିଶଙ୍କର ପ୍ରସାଦ

**ନୂଆଦିଲ୍ଲୀ,୧୨-୧୦**

ଦେଶରେ ମାନ୍ଦାବସ୍ଥା ଲାଗି ରହିଥିବା ପ୍ରସଙ୍ଗକୁ କେନ୍ଦ୍ର ଆଇନ ମନ୍ତ୍ରୀ ରବିଶଙ୍କର ପ୍ରସାଦ ଖଣ୍ଡନ କରିଛନ୍ତି। ତାଙ୍କ ଯୁକ୍ତିକୁ ପ୍ରମାଣିତ କରିବା ପାଇଁ ସେ ସିନେମାରୁ ହେଉଥିବା ଆୟର ସାହାରା ନେଇଛନ୍ତି। ସେ କହିଛନ୍ତି ୨ ଅକ୍ଟୋବରରେ ରିଲିଜ ହୋଇଥିବା ୩ ସିନେମା ୧୨୦ କୋଟି ଟଙ୍କା ଆୟ କରିଛି। ଅର୍ଥ ବ୍ୟବସ୍ଥା ଭଲ ସ୍ଥିତିରେ ଥିବାରୁ ସିନେମାଗୁଡିକ ବକ୍ସ ଅଫିସରେ ଉନ୍ନତ ପ୍ରଦର୍ଶନ କରିଥିବା ସେ ମତ ଦେଇଛନ୍ତି। ସେହିଭଳି ନ୍ୟାଶନାଲ ସାମ୍ପୁଲ ସର୍ଭେ ଅଫିସ (ଏନ୍‌ଏସ୍‌ଏସ୍‌ଓ) ଦେଇଥିବା ନିଯୁକ୍ତି ତଥ୍ୟକୁ ସେ ଭୁଲ ଦର୍ଶାଇଛନ୍ତି। ଅର୍ଥ ବ୍ୟବସ୍ଥାରେ ମାନ୍ଦାବସ୍ଥା ନ ଥିବା ଶନିବାର ଏକ ଖବରଦାତା ସମ୍ମିଳନୀରେ ରବିଶଙ୍କର ପ୍ରସାଦ କହିଛନ୍ତି। ଏନ୍‌ଏସ୍‌ଏସ୍‌ଓର ନିଯୁକ୍ତି ରିପୋର୍ଟକୁ ନେଇ ପ୍ରଶାଦ କହିଛନ୍ତି ଯେ, ଉକ୍ତ ରିପୋର୍ଟ ଭୁଲ। ରିପୋର୍ଟରେ ନ ଥିବା ୧୦ ପ୍ରାସଙ୍ଗିକ ତଥ୍ୟ ସେ ପ୍ରଦାନ କରିଥିବା କହିଛନ୍ତି। ସରକାର କେବେ କହିନାହାନ୍ତି ଯେ, ସମସ୍ତଙ୍କୁ ସରକାରୀ ଚାକିରି ଦିଆଯିବ। କିଛି ଲୋକ ଜାଣିଶୁଣି ଭ୍ରମ ସୃଷ୍ଟି କରୁଛନ୍ତି। ସୂଚନା ଯୋଗ୍ୟ, ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ଦେଶର ଜିଡିପି ଅଭିବୃଦ୍ଧି ହାର ୫%କୁ ଖସି ଆସିଛି। ରିଜର୍ଭ ବ୍ୟାଙ୍କ ସମେତ ଦେଶର ବଡ ବଡ ଏଜେନ୍ସିଗୁଡିକ ଦେଶର ଅଭିବୃଦ୍ଧି ଆକଳନକୁ କମାଇଛନ୍ତି। ଅପରପକ୍ଷରେ ଦେଶର ଅର୍ଥ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଲାଗି ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି।



> **'ଅକ୍ଟୋବର ୨ରେ ରିଲିଜ ହୋଇଥିବା ୩ ସିନେମା ୧୨୦ କୋଟି ଟଙ୍କା ଆୟ କରିଛି**

## ଭୂଷଣ ଷ୍ଟିଲ୍‌ର ୪ ହଜାର କୋଟି ଟଙ୍କାର ସମ୍ପତ୍ତି ଜବତ

**ନୂଆଦିଲ୍ଲୀ,୧୨-୧୦**

ଭୂଷଣ ପାୱାର ଆଣ୍ଡ ଷ୍ଟିଲ୍ ଲିମିଟେଡ(ବିପିଏସ୍‌ଏଲ୍)ର ୪ ହଜାର କୋଟି ଟଙ୍କାର ସମ୍ପତ୍ତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଜବତ କରିଛି। କମ୍ପାନୀ ବିରୋଧରେ ଋଣ ଠକେଇ ଅଭିଯୋଗ ଆସିଥିବା ବେଳେ ବେଆଇନ ଅର୍ଥକାରବାର ତଦନ୍ତ ଆଧାରରେ ଇଡି ପକ୍ଷରୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କମ୍ପାନୀର ଓଡ଼ିଶାରେ ଥିବା ଜମି, ବିଲ୍ଡିଂ, ପ୍ଲାଣ୍ଟ ଏବଂ ମେଶିନେରିକୁ ଇଡି ବେଆଇନ ଅର୍ଥ କାରବାର ନିରୋଧ ଆଇନ(ପିଏମ୍‌ଏଲ୍‌ଏ)ମୁତାବକ ଜବତ କରିଥିବା କହିଛି। ଜବତ ହୋଇଥିବା ମୋଟ ସମ୍ପତ୍ତିର ମୂଲ୍ୟ ୪,୦୨୫.୨୩ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ବିଭିନ୍ନ ବ୍ୟାଙ୍କରୁ କମ୍ପାନୀ ଋଣ ନେଇ ଏହି ଅର୍ଥକୁ ଅନ୍ୟ ଆଡ଼େ ପଠାଇ ଦେଇଥିବା ଜଣାପଡ଼ିଛି।

ଋଣ ଭାବେ ଲାଭ କରିଥିବା ୬୯୫.୧୪ କୋଟି ଟଙ୍କାର ପୁଞ୍ଜିକୁ ସିଏମ୍‌ଡି ଭାବେ ଅବସ୍ଥାପିତ ଥିବା ସଞ୍ଜୟ ସିଂଘଲ ଏବଂ ତାଙ୍କ ପରିବାର ଲଙ୍ଗଟର୍ମ କ୍ୟାପିଟାଲ ଗେନ୍ (ଏଲ୍‌ଟିସିଜି) ଭାବେ ଦର୍ଶାଇଛନ୍ତି। ସେହି ସମୟରେ ଆୟକରରୁ ଏଲ୍‌ଟିସିଜିକୁ ଛାଡ଼ କରାଯାଇଛି। ଭୂଷଣ କମ୍ପାନୀ, ସିଂଘଲ ଏବଂ ଅନ୍ୟମାନଙ୍କ ବିରୋଧରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦୁର୍ନୀତି ଅଭିଯୋଗରେ ମାମଲା ରୁଜୁ କରିଥିଲା। ଉକ୍ତ ମାମଲାକୁ ଅଧ୍ୟୟନ କରିବା ପରେ ଇଡି ପକ୍ଷରୁ ସାନି ବେଆଇନ ଅର୍ଥ କାରବାର ମାମଲା ରୁଜୁ କରାଯାଇଥିବା ସୂଚନା ରହିଛି। ଇଡି ଅଭିଯୋଗରେ କହିଛି ଯେ, ବିପିଏସ୍‌ଏଲ ନ୍ୟସ୍ତସ୍ୱାର୍ଥ ରଖି ଅନେକ ସଂସ୍ଥାଙ୍କୁ କ୍ୟାପିଟାଲ ଗୁଡ୍‌ସ ଭାବେ ଆର୍‌ଟିଜିଏସ୍ ପେମେଣ୍ଟ କରିଛି। ଏଭଳିଭାବେ ପେମେଣ୍ଟ ଲାଭ କରିଥିବା କମ୍ପାନୀ ଭୂଷଣକୁ କ୍ୟାଶ୍ ଟ୍ରାନ୍ସଫର କରିଛନ୍ତି। ଯାହାକୁ ଏଲ୍‌ଟିସିଜି ଭାବେ କମ୍ପାନୀ ଦର୍ଶାଇଛି। କମ୍ପାନୀ ବିଭିନ୍ନ ବେଆଇନ କାର୍ଯ୍ୟ ଦ୍ୱାରା ଏହା ଦର୍ଶାଇଥିବା ଇଡି କହିଛି। ସେହିଭଳି ପ୍ରମୋଟର କମ୍ପାନୀ ଦ୍ୱାରା ଆଉ ୩,୩୩୦ କୋଟି ଟଙ୍କାକୁ ଇକ୍ୱିଟି (ଶେୟାର କ୍ୟାପିଟାଲ ଏବଂ ପ୍ରିମିୟମ) ଭାବେ ନିବେଶ କରାଯାଇଛି। ଭୂଷଣର ଋଣ ଅର୍ଥକୁ ବ୍ୟବହାର କରାଯିବା ସହ ଭୂତ କମ୍ପାନୀଗୁଡ଼ିକୁ ଆଡଭାନ୍ସ ଭାବେ ଅର୍ଥ ପ୍ରଦାନ କରାଯାଇଛି ବୋଲି ଇଡି ପକ୍ଷରୁ କୁହାଯାଇଛି।

## ବିଜୁଳି କମ୍ପାନୀଙ୍କ ବକେୟା ଶୀଘ୍ର ପଇଠ ଲାଗି ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୨-୧୦**

ବିଜୁଳି ଶକ୍ତି ଉତ୍ପାଦନକାରୀଙ୍କ ବକେୟା ବାବଦ ଅର୍ଥକୁ ରାଜ୍ୟଗୁଡିକ ଶୀଘ୍ର ପ୍ରଦାନ କରନ୍ତୁ। ଏହାଦ୍ୱାରା ନିବେଶ ପ୍ରତି ଆକୃଷ୍ଟ ତଥା ନିବେଶକଙ୍କ ମନୋଭାବରେ ପରିବର୍ତ୍ତନ ଆସିବ ବୋଲି କେନ୍ଦ୍ର ଶକ୍ତିମନ୍ତ୍ରୀ ଆର୍.କେ. ସିଂ କହିଛନ୍ତି। ଶକ୍ତି କ୍ଷେତ୍ର ବର୍ତ୍ତମାନ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ବେଳେ ନିବେଶ ଆକୃଷ୍ଟ କରିବା ଏବେ ବଡ ଚ୍ୟାଲେଞ୍ଜ ପାଲଟିଛି। ଅଂଶୀଦାରମାନେ ଶକ୍ତି କମ୍ପାନୀଗୁଡିକର ପ୍ରାୟ ୫୯,୦୦୦ କୋଟି ଟଙ୍କା ବାକି ରଖିଛନ୍ତି। ଏଭଳି ସ୍ଥିତିରେ କିଏ ଶକ୍ତି କ୍ଷେତ୍ରରେ ନିବେଶ ନେଇ ମନ ବଳାଇବ ବୋଲି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡିକର ୨ ଦିନିଆ ସମ୍ମିଳନୀରେ ସିଂ କହିଛନ୍ତି। ରାଜ୍ୟ ସ୍ତରରେ ବିଭିନ୍ନ ବିଭାଗ ବିଦ୍ୟୁତ୍ ବିତରଣ କମ୍ପାନୀଗୁଡିକର ୪୯,୦୦୦ ହଜାର କୋଟି ଟଙ୍କା ବାକି ରଖିଛନ୍ତି। ଏହି ବାକି ଆଦାୟ ହେଲେ ଶକ୍ତି କମ୍ପାନୀଗୁଡିକ ଉପରେ ରହିଥିବା ଚାପ କମିଯିବ ବୋଲି ସିଂ ମତ ରଖିଛନ୍ତି।


# CLASSIFIED DISPLAY

**TARIFF — MORE SPACE • SAME PRICE — GST 5%**

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ALL EDITION - B/W (Everyday)**
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

**GTL Telecom Network Company**
ଖାଲିଥିବା ଜମି, କ୍ଷେତ ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୪୮ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ + ବାଇକ୍+ 30,000ର ଅନ୍ୟାନ ସୁବିଧା
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348700276
8676907143

**Hi-Tech Tower Company**
(୧୨୪୦ରୁ ଆପଣଙ୍କ ସେବାରେ)
ଦ୍ୱାରା ଖାଲି ଜମି, ଛାତ, ଚାଷଜମି ଉପରେ ସବୁ କମ୍ପାନୀର ଡିଜିଟାଲ ଟାୱାର ଲଗାନ୍ତୁ/ପାଆନ୍ତୁ ଅଗ୍ରିମ 60,00,000/- + ଭଡ଼ା 40,000/- + 20,000ର ଅନ୍ୟାନ୍ୟ ସୁବିଧା + ବାଇକ୍।
08965940902
07354640679

**ଦୀପାବଳି ଧମାକା**
ଟଙ୍କା ଦରକାର, ଆମକୁ କୁହନ୍ତୁ
ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଦ୍ୱାରା
1 ଲକ୍ଷରୁ 1 କୋଟି ପର୍ଯ୍ୟନ୍ତ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ଗୃହ ଋଣ | ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
2% ସୁଧ - 40% ଛାଡ଼
ଠକମାନଙ୍କ ପ୍ରତି ସାବଧାନ
**ଆଦର୍ଶ ଫାଇନାନ୍ସ**
7289948952
7289999543
8929619951
SCO-106, Second Floor, Vishal Tower, Cannaught Place, Delhi.

**ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର**
**SHREERAM FINANCE**
24 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ, ବେରୋଜଗାର ଋଣ, ମହିଳାଙ୍କ ପାଇଁ ଋଣ 2% ସୁଧ, 35% ସବ୍‌ସିଡି।
HELPLINE NUMBERS:
8287945007
8287944977
KHAMARI SAHI, NAYAGARH

**ASTROLOGY**
ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

**BUSINESS**

**Telnet Towers Co.**
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇ-ୱେ ପାର୍ଶ୍ୱ ଜମିରେ
ଡିଜିଟାଲ ମଲ୍ଟିମିଡିଆ ଟାୱାର୍ ଲଗାନ୍ତୁ।
ଅଗ୍ରିମ: 70 ଲକ୍ଷ
ଭଡ଼ା: 60 ହଜାର
+ ଏଗ୍ରିମେଣ୍ଟ
09625373491, 07827396829
www.telnettowers.com
Add.: Hamiltonganj, Uttar Latabari (WB)

**Tower Vision Network Company**
ଦୟାକରି ଧ୍ୟାନ ଦିଅନ୍ତୁ Tower Vision କମ୍ପାନୀ ଦ୍ୱାରା ସହର ଓ ଗ୍ରାମାଞ୍ଚଳରେ ଖାଲିଥିବା ଜମି, ଛାତ ଓ କ୍ଷେତରେ 4G ଡିଜିଟାଲ ଟାୱର ବସାଇ ଅଗ୍ରୀମ 70,000,00/-, ଭଡା 30,000/- ଟଙ୍କା ପାଆନ୍ତୁ ଜଣକୁ ଚାକିରି ମିଳିବ । ଦରମା 18,000 + ଅନ୍ୟାନ ସୁବିଧା । ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
B- 548, Sector-5, DLF City Centre Mall, MG Road, Gurgaon, Haryana, 122003.
9452940480
9813608775

**FINANCE**

**!!ଋଣ ଋଣ!!**
**ଆଦିତ୍ୟ ଫାଇନାନ୍ସ**
ବିନା ଗ୍ୟାରେଣ୍ଟରରେ ମୁଦ୍ରା ଋଣ
ଅଷ୍ଟମ / ଦଶମ ପାସ୍
ମହିଳା / ପୁରୁଷ / ଦୋକାନୀ
୨ରୁ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ ନିଅନ୍ତୁ
୧% ସୁଧ ୨୫% ରିହାତି
୧୦ ବର୍ଷରେ ଫେରସ୍ତ
8586970773
9717483267
Add: 22/14, Sec.1, Andheri, Mumbai

**ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ**
1988ଠାରୁ ଆପଣଙ୍କ ସେବାରେ
**DHANLAXMI FINANCE PVT. LTD.** ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
B-34/7 A Block Vijay Enclave Burari, New Delhi

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**Indus Tower**
ସରକାରଙ୍କ ଦ୍ୱାରା ମାନ୍ୟତାପ୍ରାପ୍ତ ନିଜର ଖାଲି ଥିବା ଜମି, ଛାତ, ଘର, ଦୋକାନ ଛାତରେ ଡିଜିଟାଲ ଟାୱାର ଲଗାନ୍ତୁ। ଅଗ୍ରିମ ୨୦ ଲକ୍ଷ, ଭଡ଼ା 50,000/-।
----- CALL NOW -----
8287944524
8287944770

**All India Tower**
ଗ୍ରୁପ୍ 20 ବର୍ଷ ଧରି ଆପଣଙ୍କ ସେବାରେ । ସବୁ କମ୍ପାନୀର ଡିଜିଟାଲ ଟାୱାର୍ ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଲଗାନ୍ତୁ। ଅଗ୍ରିମ ୨0 ଲକ୍ଷ, ଭଡ଼ା 60,000 + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ। ଆମକୁ ସାରା ଓଡ଼ିଶାରେ 750 ଟାୱାର୍ ଲଗାଇବାର ଅଛି। ଶୀଘ୍ର ଯୋଗାଯୋଗ କରନ୍ତୁ।
7838639856

**ଧମାକା! ଦୀପାବଳି ଧମାକା!**
**Hindustan Finance** (ରେଜି.)
କମ୍ପାନୀ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର, ପଶୁପାଳନ, ଗ୍ରୁପ୍ ଏବଂ ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ 50% ରିହାତି ।
(ମହିଳା ଓ ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି)
7065621830

**!! ଋଣ ଋଣ ଋଣ !!**
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୩ ଅକ୍ଟୋବର, ୨୦୧୯





ସୁନୀଲ ଛେତ୍ରୀ ଜଣେ ଦକ୍ଷ ଖେଳାଳି। ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚରେ ସେ ଆମ ପାଇଁ ବିପଜ୍ଜନକ ସାବ୍ୟସ୍ତ ହେବା ସ୍ୱାଭାବିକ ।
–ଷ୍ଟୁଆର୍ଟ ୱାଟକିସ, ବାଂଲାଦେଶ ଫୁଟବଲ ସହକାରୀ କୋଚ୍



ମୁଁ ପୂର୍ବରୁ ଥାଇଲାଣ୍ଡର ଚୁଥାମାତ ରକ୍‌ସାତଙ୍କ ବିପକ୍ଷରେ ଲଢ଼ିଥିଲି। ଅଭିଜ୍ଞତା କାମ ଦେଲା ଏବଂ ମୁଁ କ୍ୟାରିୟରର ଶ୍ରେଷ୍ଠ ସଫଳତା ସ୍ୱରୂପ ବିଶ୍ୱ ବକ୍ସିଂର ଫାଇନାଲରେ ପ୍ରବେଶ କଲି ।
– ମଞ୍ଜୁ ରାନୀ, ଭାରତୀୟ ମହିଳା ବକ୍ସର

## ସଂକ୍ଷେପରେ

### ନିଶାନ ଟେକ୍ନିକାଲ ଅଫିସିଆଲ



**ଭୁବନେଶ୍ୱର, ୧୨।୧୦(କ୍ରୀଡ଼ା ପ୍ରତିନିଧି):** ଭାରତୀୟ ହକିର ଅନ୍ୟତମ ସମ୍ମାନଜନକ ଗ୍ରେଡ୍-ଏ ଟୁର୍ନାମେଣ୍ଟ ସର୍ବଭାରତୀୟ ବେଟନ କପ୍‌ର ୧୨୩ତମ ସଂସ୍କରଣ କୋଲକାତାଠାରେ ନଭେମ୍ବର ୫ରୁ ୧୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଟେକ୍ନିକାଲ ଅଫିସିଆଲ ଦାୟିତ୍ୱ ତୁଲାଇବା ପାଇଁ ଓଡ଼ିଶାର ନିଶାନ ଜ୍ୟୋତି ମହାନ୍ତି ମନୋନୀତ ହୋଇଛନ୍ତି। ଇଷ୍ଟକୋଷ୍ଟ ରେଲୱେରେ କାର୍ଯ୍ୟରତ ନିଶାନ ପୂର୍ବରୁ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅମ୍ପାୟର/ଟେକ୍ନିକାଲ ଅଫିସିଆଲ ଦାୟିତ୍ୱକୁ ସୁଚାରୁରୂପେ ତୁଲାଇଥିବାରୁ ହକି ଇଣ୍ଡିଆ ପୁଣିଥରେ ତାଙ୍କ ଉପରେ ଆସ୍ଥା ରଖିଛି। ଗତ ମାର୍ଚ୍ଚରେ ମାଲେସିଆର ଇପୋଠାରେ ଅନୁଷ୍ଠିତ ସୁଲତାନ ଆଜଲାନ ଶାହ କପ୍ ହକି ଟୁର୍ନାମେଣ୍ଟରେ ମଧ ସେ ଟେକ୍ନିକାଲ ଅଫିସିଆଲ ଦାୟିତ୍ୱ ତୁଲାଇଥିଲେ।

### ଆମିଷ ଛାଡ଼ିଲେ ଛେତ୍ରୀ



**କୋଲକାତା, ୧୨।୧୦(ପିଟି):** ଭାରତୀୟ କ୍ରିକେଟ ଦଳର କ୍ୟାପ୍‌ଟେନ ବିରାଟ କୋହଲିଙ୍କ ପରେ ଫୁଟ୍‌ବଲ ଅଧିନାୟକ ସୁନୀଲ ଛେତ୍ରୀ ଆମିଷଖାଦ୍ୟ ଛାଡ଼ି ଦେଇଛନ୍ତି। ଆମିଷ ଖାଦ୍ୟ ଓ ଦୁଗ୍ଧଜାତ ଦ୍ରବ୍ୟ ବର୍ଜନ କରି ଶାକାହାରୀ ହୋଇଥିବା ଛେତ୍ରୀ କହିଛନ୍ତି। ଏହା ତାଙ୍କୁ ଅଧିକ ଫିଟ୍ ରଖିବା ପାଇଁ ସହାୟତା କରୁଛି। ମୁଁ ନିରାମିଶ ହୋଇସାରିଛି। ଆମିଷ କିମ୍ବା ଦୁଗ୍ଧଜାତୀୟ ଖାଦ୍ୟ ମୁଁ ଖାଉ ନାହିଁ। ଆହତ ସମସ୍ୟାରୁ ମୁକୁଳିବା ଓ ହଜମ କରିବାରେ ଏହା ମୋତେ ବହୁତ ସାହାଯ୍ୟ କରୁଛି ବୋଲି ଅନ୍ତର୍ଜାତୀୟ ସ୍ତରରେ ୭୨ ଗୋଲ କରିଥିବା ଛେତ୍ରୀ ଏକ ସାକ୍ଷାତ୍‌କାରରେ କହିଛନ୍ତି। ୨୦୧୩ ସ୍ପୋର୍ଟିଂ ଲିସ୍‌ବନ କାର୍ଯ୍ୟକ୍ରମ ସମୟରେ ଏ ନେଇ ଅବଗତ ହୋଇଥିବା ସେ କହିଛନ୍ତି। ଆହୁରି ଅଢ଼େଇ ବର୍ଷ ହେଲା ମିଠା ଛାଡ଼ି ଦେଇଛନ୍ତି। କେବଳ ଦୁଇଟି ଖୁସି ମୁହୂର୍ତ୍ତରେ ସେ ମିଠା ଖାଇଛନ୍ତି। ପ୍ରଥମତଃ ବେଙ୍ଗାଲୁରୁ ଏଫ୍‌ସି ଆଇଏସ୍‌ଏଲ ଜିତିବା ଓ କାତାର ବିପକ୍ଷ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଡ୍ର' ହେବା ପରେ ସେ ଖୁସିରେ ମିଠା ଖାଇଥିଲେ ବୋଲି କହିଛନ୍ତି।

## ଏଫ୍‌ଆଇଏଚ୍ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ହକି

# କଳିଙ୍ଗରେ ଭାରତୀୟ ମହିଳା ହକି କ୍ୟାମ୍ପ

**ଭୁବନେଶ୍ୱର, ୧୨।୧୦(କ୍ରୀଡ଼ା ପ୍ରତିନିଧି)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ନଭେମ୍ବର ୧ ଓ ୨ ତାରିଖରେ ଏଫଆଇଏଚ୍ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ହକି ମ୍ୟାଚ ଖେଳାଯିବ। ଉଭୟ ଭାରତୀୟ ମହିଳା ଓ ପୁରୁଷ ଦଳ କଳିଙ୍ଗରେ ମ୍ୟାଚ ଖେଳିବେ। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ଲାଗି କଳିଙ୍ଗ ଷ୍ଟାଡିୟମରେ

### ଦୀପ୍‌ଗ୍ରେସ୍, ଲିଲିମା ଓ ନମିତାଙ୍କୁ ସୁଯୋଗ

ଭାରତୀୟ ମହିଳା ଦଳର କ୍ୟାମ୍ପ ଆସନ୍ତା ୧୪ ତାରିଖରୁ ଆରମ୍ଭ କରିବା ପାଇଁ ହକି ଇଣ୍ଡିଆ ନିଷ୍ପତ୍ତି ନେଇଛି। ଏହି ପରିପ୍ରେକ୍ଷୀରେ ଶନିବାର ୨୨ ଜଣିଆ ଖେଳାଳି ତାଲିକା ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ୩ ଖେଳାଳି ସାମିଲ ଅଛନ୍ତି। ସେମାନେ ହେଲେ ଦୀପ୍‌ଗ୍ରେସ୍ ଏକ୍କା, ଲିଲିମା ମିଞ୍ଜ ଓ ନମିତା ଟପ୍ପୋ।

ଭାରତୀୟ ମହିଳା ଦଳ ଆମେରିକା ବିପକ୍ଷରେ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଖେଳିବାର ଅଛି। ନଭେମ୍ବର ଆରମ୍ଭରେ ହେବାକୁଥିବା ୨ ମ୍ୟାଚର ବିଜେତା ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଆଗାମୀ







ଦୀପ୍‌ଗ୍ରେସ୍ ଏକ୍କା | ନମିତା ଟପ୍ପୋ | ଲିଲିମା ମିଞ୍ଜ

ଗୁରୁତ୍ୱପୂର୍ଣ୍ଣ ମୁକାବିଲା ପୂର୍ବରୁ ଭାରତୀୟ ମହିଳା ହକି ଦଳ ଇଂଲଣ୍ଡ ଗସ୍ତରେ ଯାଇ ୫ ମ୍ୟାଚ ବିଶିଷ୍ଟ ସିରିଜ ଖେଳିଥିଲା। ଏଥିରୁ ଗୋଟିଏ ମ୍ୟାଚରେ ୨–୧ ଗୋଲରେ ବିଜୟୀ ହୋଇଥିବାବେଳେ ଗୋଟିଏ ମ୍ୟାଚକୁ ୧–୩ ଗୋଲରେ ହାରିଥିଲା। ଅନ୍ୟ ତିନୋଟି ମ୍ୟାଚକୁ ୧–୧, ୦–୦ ଓ ୨–୨ ଗୋଲରେ ଡ୍ର କରିଥିଲା। ଏହା ଏକ ବଢ଼ିଆ ଗସ୍ତ ଥିଲା। କାରଣ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ

**ମନୋନୀତ ଖେଳାଳି**

**ସବିତା, ରଜନୀ ଏଟିମାରପୁ, ଦୀପ୍‌ଗ୍ରେସ୍ ଏକ୍କା, ରୀନା ଖୋଖର, ସାଲିମା ଟେଟେ, ଗୁରଜିତ କୌର, ଉଦିତା, ନିକ୍କି ପ୍ରଧାନ, ନିଶା, ସୁଶୀଳା ଚାନୁ ପୋଖରମବାମ୍, ମୋନିକା, ଲିଲିମା ମିଞ୍ଜ, ନେହା ଗୋୟଲ, ନମିତା ଟପ୍ପୋ, ସୋନିକା, ରାଣୀ ରାମପାଲ, ନଭନୀତ କୌର, ଲାଲରେମସିଆମି, ନଭଜୋତ କୌର, ଶର୍ମିଳା ଦେବୀ, ଜ୍ୟୋତି ଓ ବନ୍ଦନା କାଟରିଆ।**

ପୂର୍ବରୁ ଆମେ ଶକ୍ତିଶାଳୀ ଗ୍ରେଟ୍ ବ୍ରିଟେନ ବିପକ୍ଷରେ ଖେଳି ନିଜର ଶକ୍ତି ପରଖିଥିଲୁ। ପ୍ରତି ମ୍ୟାଚରେ ଆମେ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ ହେଁ ଦକ୍ଷତାର ସହିତ ତାହାକୁ ମୁକାବିଲା କରିଥିଲୁ। ଏକ ସପ୍ତାହ ବିଶ୍ରାମ ପରେ ଖେଳାଳିମାନେ କ୍ୟାମ୍ପକୁ ଆସୁଛନ୍ତି। ତେଣୁ ସେମାନେ ମାନସିକ ଓ ଶାରୀରିକ ସ୍ତରରେ ସତେଜ ଥିବେ ବୋଲି କୋଚ୍ ଜୋର୍ଡ ମାରିଜନେ ଆଶାପୋଷଣ କରିଛନ୍ତି।

ପ୍ରକାଶଯୋଗ୍ୟ ଯେ, ଭାରତୀୟ ପୁରୁଷ ଦଳ କଳିଙ୍ଗରେ ଏକାଧିକ ଅନ୍ତର୍ଜାତୀୟ ମ୍ୟାଚ ଖେଳିସାରିଥିବା ବେଳେ ମହିଳା ଦଳ ପ୍ରଥମଥର ପାଇଁ ଖେଳିବ। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ କଳିଙ୍ଗ ଷ୍ଟାଡିୟମ ସର୍ବଦା ଦର୍ଶକରେ ଭରପୂର ହେଉଥିବାରୁ ମହିଳା ଦଳ ଏଠାରେ ଖେଳିବାକୁ ବ୍ୟଗ୍ର ଥିବା ମାରିଜନେ କହିଛନ୍ତି। କ୍ୟାମ୍ପ ଅବସରରେ ଷ୍ଟାଡିୟମର ସର୍ଫେସରେ ପିଲାମାନେ ଖେଳିବାରେ ଅଭ୍ୟସ୍ତ ହେବେ। କ୍ୱାଲିଫାୟର୍ସ ପୂର୍ବରୁ ଅଭ୍ୟାସ ମ୍ୟାଚ ମାଧ୍ୟମରେ ଦଳକୁ ପ୍ରସ୍ତୁତ କରାଯିବ ବୋଲି ମାରିଜନେ ପ୍ରକାଶ କରିଛନ୍ତି।

ମହିଳା ଦଳ ପରି ଭାରତୀୟ ପୁରୁଷ ଦଳ ମଧ କଳିଙ୍ଗ ଷ୍ଟାଡିୟମରେ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ ଖେଳିବ। ପୁରୁଷ ବିଭାଗ ମ୍ୟାଚ ମଧ ନଭେମ୍ବର ୧ ଓ ୨ ତାରିଖରେ ଅନୁଷ୍ଠିତ ହେବ। ପୁରୁଷ ବିଭାଗରେ ଭାରତର ପ୍ରତିଦ୍ୱନ୍ଦ୍ୱୀ ହେଉଛି ରୁଷିଆ। କ୍ୟାମ୍ପ ପାଇଁ ଭାରତୀୟ ମହିଳା ହକି ଦଳର ସଦସ୍ୟାମାନେ ରବିବାର ପର୍ଯ୍ୟାୟକ୍ରମେ ଭୁବନେଶ୍ୱରରେ ପହଞ୍ଚିବା କାର୍ଯ୍ୟକ୍ରମ ରହିଛି। ତେଣୁ ସୋମବାରଠାରୁ କଳିଙ୍ଗ ଷ୍ଟାଡିୟମର ହକି କମ୍ପ୍ଲେକ୍ସ ପୁଣି ଚଳଚଞ୍ଚଳ ହେବା ନିଶ୍ଚିତ ହୋଇଛି।

### ଭାରତୀୟ ଫୁଟ୍‌ବଲ୍ ଦଳ ଘୋଷିତ

**ଗୁଆହାଟୀ, ୧୨।୧୦(ପି.ଟି.):** ଆସନ୍ତା ମଙ୍ଗଳବାର କୋଲକାତାରେ ଖେଳାଯିବାକୁ ଥିବା ବାଂଲାଦେଶ ବିପକ୍ଷ ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ପାଇଁ ଏକ ୨୩ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଭାରତ ହେଡ୍ କୋଚ୍ ଆଇଗର ଷ୍ଟିମାନ ଏହି ଦଳ ଘୋଷଣା କରିଛନ୍ତି। ଡିଫେଣ୍ଡର ସନ୍ଦେଶ ଝିନ୍‌ଗାନ ଓ ଅନୱର ଅଲି (ଜୁନିୟର)ଙ୍କୁ ଇଞ୍ଜୁରି କାରଣରୁ ବାଦ୍ ଦିଆଯାଇଛି। କୋଲକାତାର ଭିୱାଇବିକେ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ହାଲିଚରଣ ନରଜାରି, ଫରୁଖ ଚୌଧୁରୀ ଓ ନିଶୁ କୁମାର ଏହି ଦଳରେ ସ୍ଥାନ ପାଇନାହାନ୍ତି। ମ୍ୟାଚ୍ ଖେଳିବାକୁ ରବିବାର ଭାରତୀୟ ଦଳ କୋଲକାତାରେ ପହଞ୍ଚିବ।

**ଭାରତୀୟ ଦଳ**

**ଗୋଲକିପର:** ଗୁରପ୍ରୀତ ସିଂ ସାନ୍ଧୁ, ଅମରିନ୍ଦର ସିଂ, କମଲଜିତ ସିଂ।

**ଡିଫେଣ୍ଡର୍ସ:** ପ୍ରୀତମ କୋଟଲା, ରାହୁଲ ଭେକେ, ଆଦିଲ ଖାଁ, ନରେନ୍ଦର, ସାର୍ଥକ ଗୋଲୁଇ, ଆନସ ଇଡାଥୋଡିକା, ମନ୍ଦାର ରାଓ ଦେସାଇ, ସୁଭାଶିଷ ବୋଷ।

**ମିଡ୍‌ଫିଲ୍ଡର:** ଉଡନ୍ତା ସିଂ, ନିଖିଲ ପୂଜାରୀ, ଭିନିତ ରାଏ, ଅନିରୁଦ୍ଧ ଥାପା, ଅବଦୁଲ ସାହଲ, ରେନିଏର ଫର୍ନାଣ୍ଡିଜ, ବ୍ରାଣ୍ଡନ ଫର୍ନାଣ୍ଡିଜ, ଲାଲିଆଞ୍ଜୁଆଲା ଚାଙ୍ଗଟେ, ଆଶିକ କୁରୁନିୟାନ।

**ଫରୱାର୍ଡ୍ସ:** ସୁନୀଲ ଛେତ୍ରୀ, ବଲୱନ୍ତ ସିଂ ଓ ମନବୀର ସିଂ।

## ବିଶ୍ୱ ଯୁବ ଚେସ୍: ପ୍ରଜ୍ଞାନାନନ୍ଦଙ୍କୁ ସ୍ୱର୍ଣ୍ଣ



**ମୁମ୍ବାଇ, ୧୨।୧୦(ପି.ଟି.):** ଏଠାରେ ଖେଳାଯାଇଥିବା ବିଶ୍ୱ ଯୁବ ଚେସ୍ ଚାମ୍ପିୟନଶିପ୍‌ରେ ଚେନ୍ନାଇର ୧୪ ବର୍ଷୀୟ ଗ୍ରାଣ୍ଡ ମାଷ୍ଟର ଆର. ପ୍ରଜ୍ଞାନାନନ୍ଦ ଦମ୍‌ଦାର ପ୍ରଦର୍ଶନ କରି ସଫଳତମ ଖେଳାଳି ସାବ୍ୟସ୍ତ ହୋଇଛନ୍ତି। ଶନିବାର ସେ ୧୮ ବର୍ଷରୁ କମ୍ ଓପନ କାଟାଗୋରି ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏକାଦଶ ତଥା ଅନ୍ତିମ ରାଉଣ୍ଡରେ ସେ ଜର୍ମାନୀର ଭାଲେଣ୍ଟିନ ବୁକେଲ୍ସଙ୍କ ବିପକ୍ଷରେ ମୁକାବିଲା ଡ୍ର ରଖିଥିଲେ। ମୋ ୯ ପଏଣ୍ଟ ପାଇ ସେ ତାଲିକାର ଶୀର୍ଷରେ ରହିଛନ୍ତି। ସେ ଏଥିପାଇଁ ନିଜ ଦେଶର ଅନ୍ତର୍ଜାତୀୟ ମାଷ୍ଟର ଅର୍ଜୁନ କଲ୍ୟାଣଙ୍କ ପ୍ରତି କୃତଜ୍ଞ ରହିବେ। କାରଣ ଅର୍ଜୁନ ଆର୍ମେନିଆର ଟପ୍ ସିଡ୍ ଖେଳାଳି ଶାଣ୍ଟ ସାର୍ଗସ୍ୟାନଙ୍କ ବିପକ୍ଷରେ ମ୍ୟାଚ୍ ଡ୍ର ରଖିଥିଲେ। ଯଦି ଶାଣ୍ଟ ବିଜୟୀ ହୋଇଥାନ୍ତେ ତା'ହେଲେ ପ୍ରଜ୍ଞାନାନନ୍ଦ ଚାପରେ ରହିଥାନ୍ତେ ଓ ସେ ଟାଇଟଲ ହାସଲ କରିପାରି ନ ଥାନ୍ତେ।

ଏହି ଚାମ୍ପିୟନଶିପ୍‌ରେ ଭାରତର ମୋଟାମୋଟି ପ୍ରଦର୍ଶନ ବେଶ୍ ଉଚ୍ଚକୋଟୀର ହୋଇଛି। ପ୍ରଜ୍ଞାନାନନ୍ଦଙ୍କୁ ବାଦ୍ ଦେଲେ ଭାରତୀୟ ଖେଳାଳିମାନେ ଆଉ ୬ଟି ପଦକ ହାସଲ କରିଛନ୍ତି। ଏଥିରେ ୩ଟି ରୌପ୍ୟ ପଦକ ସାମିଲ ରହିଛି। କେବଳ ୧୬ ବର୍ଷରୁ କମ୍ ବାଳିକା ବର୍ଗରେ ଭାରତର ପ୍ରଦର୍ଶନ ଆଶାନୁରୂପ ହୋଇପାରି ନ ଥିଲା। ତେବେ ବି.ଏମ. ଅକ୍ଷୟ ଭଲ ପ୍ରଦର୍ଶନ କରିଥିଲେ। ଫାଇନାଲରେ ରାଉଣ୍ଡରେ ଅକ୍ଷୟା ଅନୋଉଶା ମାହଦିଆନଙ୍କଠାରୁ ହାରିଥିଲେ। କିନ୍ତୁ ୧୪ ବର୍ଷରୁ କମ୍ ବିଭାଗରେ ଭାରତୀୟ ଖେଳାଳିମାନେ ଭଲ ଖେଳିଥିଲେ। ଦିବ୍ୟା ଦେଶମୁଖ ଓ ରକ୍ଷିତା ରବି ଦୁଇଟି ପଦକ ଜିତିଥିଲେ। ଟପ୍‌ସିଡ ମହିଳା ଅନ୍ତର୍ଜାତୀୟ ମାଷ୍ଟର ଦିବ୍ୟା ଶେଷ ରାଉଣ୍ଡରେ ବିଜୟୀ ହୋଇ ରୌପ୍ୟପଦକ ହାସଲ କରିଥିଲେ। ରକ୍ଷିତା ଓଭରନାଇଟ ଲିଡର ବାଟ–ଏରଡେନ ମୁନଗଞ୍ଜୁଲ ହରାଇ ବ୍ରୋଞ୍ଜ ଜିତିଥିଲେ। ପିଡେ ମାଷ୍ଟର ଏଲ.ଆର ଶ୍ରୀହରି (୧୪ ବର୍ଷରୁ କମ୍ ଓପନ) ଓ ବନ୍ତିକା ଅଗ୍ରୱାଲ (୧୬ ବର୍ଷରୁ କମ ବାଳିକା) ଭାରତ ପାଇଁ ଦୁଇଟି ରୌପ୍ୟ ପଦକ ଜିତିଛନ୍ତି। ଏସ୍. ମାରାଲାକ୍ଷିକାରୀ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସେହିପରି ସିଏମ୍ ଆରୋନ୍ୟାକ ଘୋଷ ୧୬ ବର୍ଷରୁ ଓପନ୍‌ରେ ବ୍ରୋଞ୍ଜ୍ ଜିତିଛନ୍ତି।

## ୧୦୦ ଅନ୍ତର୍ଜାତୀୟ ଗୋଲ ନିକଟତର ରୋନାଲ୍ଡୋ

**ଲିସବନ, ୧୨।୧୦(ଏଏଫପି):** ବିଶ୍ୱ ଫୁଟ୍‌ବଲର ଅନ୍ୟତମ ସଫଳ ଫରୱାର୍ଡ କ୍ରିଷ୍ଟିଆନୋ ରୋନାଲ୍ଡୋ ୧୦୦ ଅନ୍ତର୍ଜାତୀୟ ଗୋଲ ପୂରଣ କରିବାର ନିକଟତର ହୋଇଛନ୍ତି। ଶୁକ୍ରବାର ରାତିରେ ଅନୁଷ୍ଠିତ ୟୁଫା ୟୁରୋ କ୍ୱାଲିଫାୟର୍ସ ମ୍ୟାଚ୍‌ରେ ପର୍ତ୍ତୁଗାଲ ୩–୦ ଗୋଲରେ ଲକ୍ସେମ୍ବର୍ଗକୁ ହରାଇ ଦେଇଛି। ମ୍ୟାଚ୍‌ରେ ବର୍ନାଡୋ ସିଲଭା (୧୬ତମ ମିନିଟ୍), କ୍ରିଷ୍ଟିଆନୋ ରୋନାଲ୍ଡୋ (୬୫ତମ) ଓ ଜୋନସାଲୋ ଗୁଏଡେସ (୮୯ତମ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏହି ବିଜୟ ଯୋଗୁ ପର୍ତ୍ତୁଗାଲ ଗ୍ରୁପ୍ ବି'ର ଦ୍ୱିତୀୟ ସ୍ଥାନରେ ଅଛି। ଶୀର୍ଷରେ ଥିବା ୟୁକ୍ରେନ ଓ ପର୍ତ୍ତୁଗାଲ ମଧ୍ୟରେ ଏବେ ୫ ପଏଣ୍ଟର ବ୍ୟବଧାନ ରହିଛି। ଏହି ମ୍ୟାଚ୍ ଅବସରରେ ରୋନାଲ୍ଡୋ ଅନ୍ତର୍ଜାତୀୟ କ୍ୟାରିୟରର ୯୪ତମ ଗୋଲ ସ୍କୋର କରିଛନ୍ତି। ମୋଟ ଉପରେ ଏହା ତାଙ୍କ କ୍ୟାରିୟରର ୬୯୯ତମ ଗୋଲ। ତେବେ ୩୪ ବର୍ଷୀୟ ରୋନାଲ୍ଡୋ ସର୍ବକାଳୀନ ରେକର୍ଡଠାରୁ ଆହୁରି ୧୫ ଗୋଲ ପଛରେ ଅଛନ୍ତି। ପୂର୍ବତନ ଇରାନ ଷ୍ଟ୍ରାଇକର ଅଲି ଦାଇ ୧୦୯ ଅନ୍ତର୍ଜାତୀୟ ଗୋଲ ସହ ଶୀର୍ଷରେ ରହିଛନ୍ତି।

## ଫାଇନାଲରେ ମଞ୍ଜୁ, ମେରୀକମ୍‌ଙ୍କୁ ବ୍ରୋଞ୍ଜ

### ବିଶ୍ୱ ମହିଳା ବକ୍ସିଂ ଚାମ୍ପିୟନଶିପ୍

**ଉଲାନ–ଉଡେ(ରୁଷିଆ), ୧୨।୧୦(ପି.ଟି.)**



ଏମ୍.ସି. ମେରୀକମ

ପଦାର୍ପଣକାରୀ ମଞ୍ଜୁ ରାନୀ (୪୮ କେଜି) ଏକମାତ୍ର ଭାରତୀୟ ଭାବେ ଚଳିତ ବିଶ୍ୱ ମହିଳା ବକ୍ସିଂ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ଛ'ଥର ବିଶ୍ୱ ଚାମ୍ପିୟନ ଏମ୍.ସି. ମେରୀକମ(୫୧ କେଜି)ଙ୍କ ସମେତ ଯମୁନା ବୋରୋ (୫୪ କେଜି) ଓ ଲଭଲିନା ବରଗୋହିନ (୬୯ କେଜି)ଙ୍କୁ ଚଳିତ ଥର ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ୬ଷ୍ଠ ସିଡ୍ ରାନୀ ଶନିବାର ଥାଇଲାଣ୍ଡର ଚୁଥାମାତ ରକ୍‌ସାତଙ୍କୁ ହରାଇ ଦେଇଛନ୍ତି। ରବିବାର ଖେଳାଯିବାକୁ ଥିବା ଫାଇନାଲରେ ସେ ଦ୍ୱିତୀୟ ସିଡ୍ ରୁଷିଆର ଇକାଟେରିନା ପାଲଚ୍‌ସେଭାଙ୍କୁ ଭେଟିବେ। ୧୮ ବର୍ଷର ବ୍ୟବଧାନ ପରେ ସେ ପ୍ରଥମ ଭାରତୀୟ ମହିଳା ବକ୍ସର ଭାବେ ପଦର୍ପଣ ବିଶ୍ୱ ଚାମ୍ପିୟନଶିପ୍ ଫାଇନାଲରେ ସ୍ଥାନ ପାଇଛନ୍ତି।

ସେମିଫାଇନାଲରେ ତୃତୀୟ ସିଡ୍ ମେରୀକମ୍ ୧–୪ ବ୍ୟବଧାନରେ ତୁର୍କୀର ଦ୍ୱିତୀୟ ସିଡ୍ ତଥା ୟୁରୋପିଆନ ଚାମ୍ପିୟନ ବୁସେନାଜ କାକିରୋଗ୍ଲୁଙ୍କଠାରୁ ପରାସ୍ତ ହୋଇଛନ୍ତି। ଆଉ ଏକ ମ୍ୟାଚ୍‌ରେ ବୋରୋଙ୍କୁ ୦–୫ ପଏଣ୍ଟରେ ଟପ୍ ସିଡ୍ ତଥା ପୂର୍ବତନ ଏସିଆନ୍ ଗେମ୍ସ ବ୍ରୋଞ୍ଜ ପଦକଧାରୀ ଚାଇନିଜ ତାଇପେର ହୁଆଙ୍ଗ ସିଆଓ ୱେନ ହରାଇ ଦେଇଛନ୍ତି। ୬୯ କେଜି ଓଜନ ବର୍ଗର କଡ଼ା ସଂଘର୍ଷପୂର୍ଣ୍ଣ ସେମିଫାଇନାଲରେ ଲଭଲିନା ୨–୩ ବ୍ୟବଧାନରେ ଚାଇନାର ୟାଙ୍ଗ ଲିଉଙ୍କଠାରୁ ହାରିଯାଇଛନ୍ତି। ମେରୀକମ୍‌ଙ୍କ ମ୍ୟାଚ୍‌ର ଫଳାଫଳକୁ ବିରୋଧ କରିଥିଲେ ଭାରତୀୟ ଅଫିସିଆଲ। ଜଜ୍‌ଙ୍କ ଏହି ନିଷ୍ପତ୍ତିର ପୁନଃ ବିଚାର କରିବାକୁ ଅପିଲ କରାଯାଇଥିଲା। ହେଲେ ଅନ୍ତର୍ଜାତୀୟ ବକ୍ସିଂ ଆସୋସିଏଶନ (ଏଆଇବିଏ) ଟେକ୍ନିକାଲ କମିଟି ଅପିଲକୁ ଖାରଜ କରିଦେଇଥିଲା। କାରଣ ନୂଆ ନିୟମ ଅନୁଯାୟୀ, କୌଣସି ମ୍ୟାଚ୍‌ର ଫଳାଫଳ ୩–୨ କିମ୍ବା ୩–୧ ହେଲେ ହିଁ ଅପିଲ ଗ୍ରହଣ କରାଯିବ। ମୁଁ ଜଜ୍‌ଙ୍କ ନିଷ୍ପତ୍ତି ପାଇଁ ବହୁତ ଦୁଃଖିତ। ମୋ ମତରେ ମୁଁ ବହୁତ ଭଲ ଲଢ଼ିଛି ଓ ହାରିବା କଥା ନୁହେଁ। କିନ୍ତୁ ଏଭଳି ବିଫଳତା ମୋତେ ବଡ଼ ସଫଳତା ହାତେଇବାରେ ସହାୟତା କରିବ ବୋଲି ମେରୀକମ୍ କହିଛନ୍ତି। ଏ ସମ୍ପର୍କରେ ମେରୀକମ୍‌ଙ୍କ ଟ୍ରେନର ଛୋଟେ ଲାଲ ଯାଦବ କହିଛନ୍ତି, ୩୬ ବର୍ଷୀୟା ମେରୀକମ୍ ବହୁତ ଭଲ ଲଢ଼େଇ କରିଥିଲେ। ତାଙ୍କର ଜିତିବାର ଥିଲା। ତାଙ୍କ ସପକ୍ଷରେ ଫଳାଫଳ ନ ମିଳିବା ଆମକୁ ଆଶ୍ଚର୍ଯ୍ୟ କରିଛି। ପରାଜୟ ସତ୍ତ୍ୱେ ୩୬ ବର୍ଷୀୟା ବକ୍ସର ମେରୀକମ୍ ନିଜ ସଫଳତାର ତାଲିକାରେ ଆଉ ଏକ ଫର୍ଦ୍ଦ ଯୋଡ଼ିଛନ୍ତି। ୫୧ କେଜି ଓଜନ ବର୍ଗରେ ଏହା ମେରୀକମ୍‌ଙ୍କ ପ୍ରଥମ ବ୍ରୋଞ୍ଜ ବିଶ୍ୱ ଚାମ୍ପିୟନଶିପ୍ ପଦକ। ୬ ବିଶ୍ୱ ଟାଇଟଲ ସହ ତାଙ୍କ ନିକଟରେ ୨୦୧୨ ଲଣ୍ଡନ ଅଲିମ୍ପିକ୍ସ ବ୍ରୋଞ୍ଜ, ୫ ଏସିଆନ୍ ଟାଇଟଲ, ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ରହିଛି।

## କ୍ରୀଡ଼ା ଗବେଷଣା, ସଂରକ୍ଷଣ ପାଇଁ ଅଭିନବ ଉଦ୍ୟମ

# 'ସ୍ପାର' ଲୋଗୋ ଉନ୍ମୋଚିତ

**ଭୁବନେଶ୍ୱର, ୧୨।୧୦(କ୍ରୀଡ଼ା ପ୍ରତିନିଧି)**

ଖେଳ ଓ ଖେଳାଳିଙ୍କ ଉପରେ ଗବେଷଣା, ତଥ୍ୟ, ଫଟୋ ଚିତ୍ର, ରେକର୍ଡ ଆଦିର ସଂଗ୍ରହ ଓ ଏହାର ସଂରକ୍ଷଣ ଏବଂ ଦେଶୀୟ ଖେଳର ପ୍ରସାର ପାଇଁ ଏକ ଅଭିନବ ଉଦ୍ୟମ ଆରମ୍ଭ ହୋଇଛି। ଏଥିପାଇଁ ସମର୍ପିତ 'ସ୍ପାର' (ସ୍ପୋର୍ଟ୍ସ ପ୍ରମୋଶନ, ଆର୍କାଇଭ ଆଣ୍ଡ ରିସର୍ଚ୍ଚ ବା କ୍ରୀଡ଼ା ପ୍ରୋତ୍ସାହନ, ଅଭିଲେଖାଗାର ଏବଂ ଗବେଷଣା) ଅନୁଷ୍ଠାନର ଲୋଗୋ ଶନିବାର ଉନ୍ମୋଚିତ ହୋଇଛି। ବରିଷ୍ଠ କ୍ରୀଡ଼ା ଖବରଦାତା ସମ୍ବିତ ମହାପାତ୍ରଙ୍କ ପରିକଳ୍ପନାରେ ପ୍ରସ୍ତୁତ ଏହି ଅନୁଷ୍ଠାନ ପକ୍ଷରୁ କ୍ରୀଡ଼ା ସଂଗ୍ରହାଳୟ ଓ ଅଭିଲେଖାଗାର ସ୍ଥାପନ, ଫଟୋ, ତୈଳଚିତ୍ର, ପଦକ, ଜର୍ସି, ଟ୍ରଫି ସଂରକ୍ଷଣ ଓ ପ୍ରଦର୍ଶନୀ, ଗ୍ରାମାଞ୍ଚଳ କ୍ରୀଡ଼ାର ସଂରକ୍ଷଣ ଓ ପ୍ରସାର, କ୍ରୀଡ଼ା ଗବେଷଣା ଏବଂ ପୁସ୍ତକ ପ୍ରକାଶନ କରାଯିବା ଲକ୍ଷ୍ୟ ରଖା ଯାଇଛି। 'ସ୍ପାର'ର ଅଧ୍ୟକ୍ଷ ଭାବେ ପୂର୍ବତନ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତି ଏବଂ ସମ୍ବିତ ସମ୍ପାଦକ ଦାୟିତ୍ୱ ତୁଲାଇବେ।




ଲୋଗୋ ଉନ୍ମୋଚନ ଅବସରରେ ଅତିଥିମାନେ।

ବରିଷ୍ଠ କ୍ରୀଡ଼ା ଖବରଦାତା ସୁରେଶ ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ଅଲିମ୍ପିଆନ ଲାଜରୁସ ବାର୍ଲା, ଅଶୋକ ମହାନ୍ତି, ଆକାଶବାଣୀ କଟକ କେନ୍ଦ୍ରର ମୁଖ୍ୟ ସୁହାସ ମହାନ୍ତି ଏବଂ ପୂର୍ବତନ ଭାରତୀୟ ମହିଳା ଫୁଟବଲ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଅତିଥି ଭାବରେ ଯୋଗ ଦେଇ କ୍ରୀଡ଼ା ଗବେଷଣା ଓ ସଂରକ୍ଷଣ ପାଇଁ ସମର୍ପିତ ଅନୁଷ୍ଠାନ ସ୍ଥାପନର ଆବଶ୍ୟକତା ସମ୍ପର୍କରେ ନିଜର ମତ ରଖିବା ସହ ଏହାର ସଫଳତା କାମନା କରିଥିଲେ। ବରିଷ୍ଠ କ୍ରୀଡ଼ା ଖବରଦାତା ତପନ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଶାନ୍ତନୁଙ୍କ ଚମତ୍କାର ବୋଲିଂ, ଓଡ଼ିଶା ବିଜୟୀ

**କଟକ ଅଫିସ, ୧୨।୧୦**

ଭଦୋଦରାର ମୋତିବାଗ୍ କ୍ରିକେଟ ଗ୍ରାଉଣ୍ଡରେ ଶନିବାର ଅନୁଷ୍ଠିତ ବିଜୟ ହଜାରେ ଟ୍ରଫିର ଏକ ମ୍ୟାଚ୍‌ରେ ଓଡ଼ିଶା ୩୧ ରନରେ ବିଦର୍ଭକୁ ପରାସ୍ତ କରିଛି । ୮ଟି ମ୍ୟାଚ୍ ଖେଳି ସାରିଥିବା ଓଡ଼ିଶା ୩ଟି ବିଜୟ ସହ ୧୮ ପଏଣ୍ଟ ସଂଗ୍ରହ କରିଛି । ରବିବାର ବରୋଦା ବିପକ୍ଷରେ ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍ ଖେଳିବ । ବିଦର୍ଭ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ପାଇଁ ଓପନିଂ ବ୍ୟାଟିଂ କରୁଥିବା ବ୍ୟାଟ୍ସମ୍ୟାନ ଶାନ୍ତନୁ ମିଶ୍ର ୩ଟି ଉଇକେଟ ଦଖଲ କରି ଦଳକୁ ବିଜୟ ପଏଣ୍ଟ ପ୍ରଦାନ କରିବାରେ ସହାୟକ ହୋଇଛନ୍ତି । ୧୯ରନରେ ୩ଟି ଉଇକେଟ ହାସଲ କରିବା ମଧ ଶୁଭ୍ରାଂଶୁଙ୍କ ଲିଷ୍ଟ–ଏ କ୍ୟାରିୟରର ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ ।

ଓଡ଼ିଶା ଅଧିନାୟକ ଶୁଭ୍ରାଂଶୁ ସେନାପତି ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମ ବଲରେ ଓପନର ଶାନ୍ତନୁ ମିଶ୍ରଙ୍କୁ ଯଶ ଠାକୁର କ୍ୟାଚ୍ ଆଉଟ କରାଇଥିଲେ। ଖାତା ଖୋଲିବା ପୂର୍ବରୁ ଶାନ୍ତନୁ



ଶାନ୍ତନୁ ମିଶ୍ର

ପ୍ୟାଭିଲିୟନ ଫେରିଥିଲେ। ଅନ୍ୟତମ ଓପନର ସନ୍ଦୀପ ପଟ୍ଟନାୟକ ଓ ଅଧିନାୟକ ଶୁଭ୍ରାଂଶୁ ଦ୍ୱିତୀୟ ଉଇକେଟ ଯୋଡ଼ିରେ ୫୯ରନ ସଂଗ୍ରହ କରିଥିଲେ । ବାମହାତୀ ଅର୍ଥୋଡକ୍ସ ଆଦିତ୍ୟ ସରୱାଟେ ସନ୍ଦୀପଙ୍କୁ ୨୬ରନରେ କ୍ଲିନ ବୋଲ୍ଡ କରିଥିଲେ। ପରେ କ୍ରିଜକୁ ଆସିଥିବା ଦେବାଶିଷ ସାମନ୍ତରାୟ ମଧ ୫ରନରେ ସରୱାଟେଙ୍କ ଶିକାର ପାଲଟିଥିଲେ। ସମନ୍ୱୟ ଅଭାବରୁ ଶୁଭ୍ରାଂଶୁଙ୍କୁ ୩୪ରନରେ ରନଆଉଟ ହେବାକୁ ପଡ଼ିଥିଲା । ଓଡ଼ିଶାର ଦଳୀୟ ସ୍କୋର ୭୧ ଥିବା ବେଳେ ୪ଜଣ ବ୍ୟାଟ୍ସମ୍ୟାନ ଆଉଟ ହୋଇ ସାରିଥିଲେ । ୫ମ ଉଇକେଟ ଭାଗୀଦାରିରେ ଓଡ଼ିଶା ସଂଗ୍ରହ କରିଥିଲା ୧୧୬ରନ। ଅଭିଜ୍ଞ ଗୋବିନ୍ଦ ପୋଦ୍ଦାର ଓ ଅଲରାଉଣ୍ଡର ଅଭିଷେକ ରାଉତଙ୍କ ଆକର୍ଷଣୀୟ ବ୍ୟାଟିଂ ଦେଖିବାକୁ ମିଳିଥିଲା । ଏଠାରେ ଗୋବିନ୍ଦ ଲିଷ୍ଟ–ଏ କ୍ୟାରିୟରର ୧୨ତମ

### ବିଜୟ ହଜାରେ ଟ୍ରଫି

ଅର୍ଦ୍ଧଶତକ ସଂଗ୍ରହ କରିଛନ୍ତି। ଅଭିଷେକ ୪୧ରନରେ ଆଉଟ ହୋଇଥିଲେ। ପରେ ୮୭ବଲରୁ ୭ଟି ଚୌକା ଓ ଗୋଟିଏ ଛକା ବଳରେ ୭୬ରନ କରିଥିବା ଗୋବିନ୍ଦ ଯଶଙ୍କ ଶିକାର ହୋଇଥିଲେ। ନବାଗତ ପ୍ରୟାସ ସିଂ ୧୪ରନ କରିଛନ୍ତି । ଓଡ଼ିଶା ୮ ଉଇକେଟ ହରାଇ ୨୨୪ରନ କରିଥିଲା। ବିଦର୍ଭ ପକ୍ଷରୁ ଯଶ ଠାକୁରଙ୍କୁ ସର୍ବାଧିକ ୩ ଉଇକେଟ ମିଳିଥିଲା । ୨୨୫ ରନର ବିଜୟ ଲକ୍ଷ୍ୟ ପିଛା କରି ବ୍ୟାଟିଂ ଆରମ୍ଭ କରିଥିବା ବିଦର୍ଭ ମଧ ପ୍ରଥମ ଓଭରରୁ ଝୁଣ୍ଟି ଥିଲା । ଦଳୀୟ ସ୍କୋରର ଖାତା ଖୋଲିବା ପୂର୍ବରୁ ଓପନର ଫୈଜ ଫଜଲ ରନଆଉଟ ହୋଇଥିଲେ। ପରେ ୧୫ରନରେ ୨ଟି ଓ ୫୦ରନରେ ବିଦର୍ଭର ୫ଟି ଉଇକେଟ ପତନ ଘଟିଥିଲା। ଦଳ ସଙ୍କଟରେ ଥିବା ବେଳେ ବ୍ୟାଟିଂ କ୍ରମ ୮ନଂରେ କ୍ରିଜକୁ ଆସିଥିବା ଅକ୍ଷୟ କନେର୍‌ୱାର ଓ ମଧ୍ୟକ୍ରମର ବ୍ୟାଟ୍ସମ୍ୟାନ ଅକ୍ଷୟ ୱାଡେକର କିଛି ଓଭର ଧରି ଓଡ଼ିଶାର ବିଜୟ ଆଶାକୁ ଧୂଳିସାତ କରି ଦେଇଥିଲେ। ଉଭୟଙ୍କ ବ୍ୟାଟରୁ ବଡ଼ ସଟ୍ ଦେଖିବାକୁ ମିଳିଥିଲା। ଅକ୍ଷୟଙ୍କୁ ୪୩ରନରେ ଆଉଟ କରି ଡାହାଣହାତୀ ସ୍ପିନ ବୋଲର ଶାନ୍ତନୁ ଓଡ଼ିଶା ନିମନ୍ତେ ସବୁଠାରୁ ବଡ ବ୍ରେକ୍‌ଥ୍ରୁ ଦେଇଥିଲେ। ପରେ ଶାନ୍ତନୁ ଆଉ ୨ଟି ଉଇକେଟ ଦଖଲ କରିଥିବା ବେଳେ କନେର୍‌ୱାରଙ୍କୁ ୭୦ରନରେ ଦେବବ୍ରତ ପ୍ରଧାନ ଆଉଟ କରି ବିଦର୍ଭକୁ ପରାଜୟର ଦ୍ୱାର ଦେଖାଇଥିଲେ । ଦେବବ୍ରତ ଓ ପପୁ ରାୟ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି । ପ୍ରୟାସ ଓ ଅଭିଷେକ ଗୋଟିଏ ଲେଖାଏ ଉଇକେଟ ପାଇଛନ୍ତି।



ଗତ ରାତିରେ ମୁଁ ଭିଡିଓ ବିଶ୍ଳେଷକଙ୍କ ନିକଟରେ ବସି ଗେମ୍‌ପ୍ଲାନ ପ୍ରସ୍ତୁତ କରିଥିଲି। ବଡ଼ ଶଟ୍ ଖେଳିବା ପରିବର୍ତ୍ତେ ଧୈର୍ଯ୍ୟର ସହିତ ଖେଳିବାକୁ ଫିଲାଣ୍ଡର ମୋତେ ପରାମର୍ଶ ଦେଇଥିଲେ।
**–କେଶବ ମହାରାଜ, ଦକ୍ଷିଣ ଆଫ୍ରିକା ସ୍ପିନର**



ସୁରକ୍ଷା ଦାୟିତ୍ୱରେ ଥିବା କର୍ମଚାରୀମାନେ ଦର୍ଶକଙ୍କ ଉପରେ ନଜର ନ ରଖି ଖେଳ ଦେଖୁଛନ୍ତି। ତେଣୁ ମ୍ୟାଚବେଳେ ଲୋକମାନେ ପଡ଼ିଆରେ ପଶିବା ନିତିଦିନିଆ ହୋଇଗଲାଣି।
**–ସୁନୀଲ ଗାଭାସ୍କର, କିମ୍ବଦନ୍ତୀ କ୍ରିକେଟର**

# ପୁଣେ ଟେଷ୍ଟ: ଭାରତ ବୃହତ୍ ଅଗ୍ରଣୀ

**ପୁଣେ, ୧୨।୧୦(ପି.ଟି.)**

ଦକ୍ଷିଣ ଆଫ୍ରିକା ଟେଲ-ଏଣ୍ଡର କେଶବ ମହାରାଜ ଓ ଭର୍ନନ ଫିଲାଣ୍ଡର ଲଢୁଆ ବ୍ୟାଟିଂ ସତ୍ତ୍ୱେ ଭାରତ ଏଠାରେ ଚାଲିଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଇନିଂସରେ ବୃହତ୍ ଅଗ୍ରଣୀ ହାସଲ କରିଛି। ନବମ ଉଇକେଟରେ ଫିଲାଣ୍ଡର ଓ ମହାରାଜ ୧୦୯ ରନ କରି ଭାରତକୁ ନିରାଶ କରିଥିଲେ। ଟସ୍ ଜିତି ଭାରତ ପ୍ରଥମ ଇନିଂସରେ ୧୫୬.୩ ଓଭରରେ ୫ ଉଇକେଟ ହରାଇ ୬୦୧ ରନ କରି ପାଳି ଘୋଷଣା କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ ଆରମ୍ଭ କରି ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଶନିବାର ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ଦକ୍ଷିଣ ଆଫ୍ରିକା ୧୦୫.୪ ଓଭରରେ ୨୭୫ ରନକରି ଆଲଆଉଟ ହୋଇଛି। ଫଳରେ ଭାରତ ୩୨୬ ରନର ବୃହତ୍ ଅଗ୍ରଣୀ ହାସଲ କରିଛି।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୩୬/୩ରୁ ଖେଳ ଆରମ୍ଭ କରି ଦକ୍ଷିଣ ଆଫ୍ରିକା ଅଲଆଉଟ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ଥେଉନିସ ଡି ବ୍ରୁଇନ୍ ଓ ଅନରିଚ୍ ନୋର୍ଜ ଯଥାକ୍ରମେ ୨୦ ଓ ୨ ରନରୁ ଖେଳ ଆରମ୍ଭ କରିଥିଲେ। ବ୍ରୁଇନ୍ ୧୦ ରନ ଅଧିକ ସଂଗ୍ରହ କରି ୩୦ ରନକରି ଉମେଶ ଯାଦବଙ୍କ ବଲ୍‌ରେ ଉିକେଟକିପର ରିଦ୍ଧିମାନ ଶାହାଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ସେହିପରି ନାଇଟ ୱାଚ୍‌ମ୍ୟାନ ଭାବେ ବ୍ୟାଟିଂ କରିବାକୁ ଆସିଥିବା ନୋର୍ଜ ଆଉ ମାତ୍ର ୧ ରନ ସଂଗ୍ରହ କରି ୩ ରନ କରିଥିବା ବେଳେ ବିରାଟ କୋହଲିଙ୍କୁ କ୍ୟାଚ୍ ଦେଇ ମହମ୍ମଦ ସାମିଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହାପରେ ଉଇକେଟକିପର ବ୍ୟାଟ୍ସମ୍ୟାନ କ୍ୱିଣ୍ଟନ ଡିକକ୍ ୩୧ ରନ କରି ରବିଚନ୍ଦ୍ରନ ଅଶ୍ୱିନଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ସେନୁରାନ ମୁଥୁସାମି ୭ ରନ କରି ରବୀନ୍ଦ୍ର ଜାଡେଜାଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଅଧିନାୟକ ଫାଫ୍ ଡୁପ୍ଲେସି ଲଢୁଆ ବ୍ୟାଟିଂ ପ୍ରଦର୍ଶନ କରିଥିଲେ। ସେ ୬୪ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଡୁପ୍ଲେସି ଓ ଡିକକ୍ ଷଷ୍ଠ ଉଇକେଟରେ ୭୫ ରନ ସଂଗ୍ରହ କରିଥିଲେ। ଅଶ୍ୱିନଙ୍କ ଅଫ୍ ଷ୍ଟମ୍ପ ବାହାର ବଲ୍‌କୁ ଖେଳିବାକୁ ଯାଇ ସେ ସ୍ଲିପ୍‌ରେ ଅଜିଙ୍କ୍ୟ ରାହାନେଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ।

ଦକ୍ଷିଣ ଆଫ୍ରିକା ୧୬୨ ରନରେ ୮ ଉଇକେଟ ହରାଇଥିଲା। ଲାଗୁଥିଲା ଭ୍ରମଣକାରୀ ଦଳ ଶୀଘ୍ର ଅଲ୍‌ଆଉଟ ହେବ। କିନ୍ତୁ ତାହା ହୋଇ ନ ଥିଲା। ମହାରାଜ ଓ ଫିଲାଣ୍ଡର ଦମ୍‌ଦାର ବ୍ୟାଟିଂ କରିଥିଲେ । ଏହି ଦୁଇ ବ୍ୟାଟ୍ସମ୍ୟାନ ନବମ ଉଇକେଟରେ ଶହେରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଥିଲେ ଓ ୪୩.୧ ଓଭର ଖେଳି ଘରୋଇ ବୋଲରଙ୍କୁ ହତାଶ କରାଇଥିଲେ। ତୃତୀୟ ଦିବସର ଅନ୍ତିମ ସେସନରେ ଦକ୍ଷିଣ ଆଫ୍ରିକାର ଆଧିପତ୍ୟ ଦେଖିବାକୁ ମିଳିଥିଲା। ତେବେ ଅଶ୍ୱିନ ଭାରତକୁ ବ୍ରେକ୍ ଥ୍ରୁ ଦେଇଥିଲେ। ୧୩୨ଟି ବଲ ଖେଳି ୧୨ ଚୌକା ସହ ୭୨ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିବା ପରେ ମହାରାଜ ଅଶ୍ୱିନଙ୍କ ବଲ୍‌ରେ ଲେଗ୍ ସ୍ଲିପ୍‌ରେ ରୋହିତ ଶର୍ମାଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ କାଗିସୋ ରାବାଡ଼ା ୨ ରନ କରି ଏଲ୍‌ବିଡବ୍ଲ୍ୟୁ ହେବା ସହ ଅଶ୍ୱିନଙ୍କ ଚତୁର୍ଥ ଶିକାର ହୋଇଥିଲେ। ୧୯୨ଟି ବଲ୍ ଖେଳି ୬ ଚୌକା ସହ ୪୪ ରନ କରି ଫିଲାଣ୍ଡର ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ପୂର୍ବରୁ ଦ୍ୱିତୀୟ ଦିନରେ ଦୁଇ ଓପନର ଡିନ୍ ଏଲଗାର ୬ ରନ ଓ ଏଡେନ ମାରାକ୍ରାମ ବିନା ସ୍କୋରରେ ଉମେଶଙ୍କ ଦ୍ୱାରା ଆଉଟ ହୋଇଥିଲେ। ସେହିପରି ୮ ରନ କରି ଟେମ୍ବା ବଭୁମା ମହମ୍ମଦ ସାମିଙ୍କ ଶିକାର ହୋଇଥିଲେ। ବୋଲିଂରେ ଭାରତ ତରଫରୁ ଅଶ୍ୱିନ ସର୍ବାଧିକ ୪, ଉମେଶ ୩, ସାମି ୨ ଓ ଜାଡେଜା ଗୋଟିଏ ଉଇକେଟ ନେଇଥିଲେ।

## ସଂକ୍ଷିପ୍ତ ସ୍କୋର

- ଭାରତ ପ୍ରଥମ ଇନିଂସ- ୧୫୬.୩ ଓଭରରେ ୬୦୧/୫ ଇନିଂସ ଘୋଷଣା।
- ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ- ୧୦୫.୪ ଓଭରରେ ୨୭୫ ଅଲଆଉଟ, (ମହାରାଜ- ୭୨, ଡୁପ୍ଲେସି- ୬୪, ଫିଲାଣ୍ଡର- ୪୪*, ଡିକକ୍- ୩୧, ବ୍ରୁଇନ- ୩୦, ଅଶ୍ୱିନ- ୪/ ୬୯, ଉମେଶ- ୩/୩୭, ସାମି- ୨/ ୪୪, ଜାଡେଜା- ୧/ ୮୧)।



ରବିଚନ୍ଦ୍ରନ ଅଶ୍ୱିନ

## ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ସର୍ବାଧିକ ପ୍ରଥମ ଇନିଂସ ଅଗ୍ରଣୀ

| | | |
|---|---|---|
| ୩୪୭ | କୋଲକାତା | ୨୦୦୯/୧୦ |
| ୩୨୬ | ପୁଣେ | ୨୦୧୯/୨୦ |
| ୨୧୩ | ଦିଲ୍ଲୀ | ୨୦୧୫/୧୬ |
| ୧୬୫ | ଜୋବୁର୍ଗ | ୨୦୦୬/୦୭ |
| ୧୩୫ | ନାଗପୁର | ୨୦୧୫/୧୬ |

## ଭାରତରେ ସର୍ବାଧିକ ନବମ ଉଇକେଟ ପାର୍ଟନରଶିପ୍

| | | | |
|---|---|---|---|
| ୧୬୧ | କ୍ଲାଇଭ ଲଏଡ– ଆଣ୍ଡି ରୋବର୍ଟ୍ସ | କୋଲକାତା | ୧୯୮୩/୮୪ |
| ୧୩୩ | ଷ୍ଟିଭ୍ ୱ– ଜାସନ ଗିଲେସ୍ପି | କୋଲକାତା | ୨୦୦୦/୨୦୦୧ |
| ୧୦୬ | ଡି. ଆଟକିନଶନ– ଆର.ଜେ. କ୍ରିଷ୍ଟିଆନି | ଦିଲ୍ଲୀ | ୧୯୪୮/୪୯ |
| ୧୦୯ | କେଶବ ମହାରାଜ– ଭର୍ନନ ଫିଲାଣ୍ଡର | ପୁଣେ | ୨୦୧୯/୨୦ |

## ପ୍ରଶଂସକ ସୁରକ୍ଷା କର୍ଡନ ଭାଙ୍ଗିବାକୁ ଗାଭାସ୍କରଙ୍କ ନାପସନ୍ଦ

**ପୁଣେ,୧୨।୧୦(ପି.ଟି.):** ଏଠାରେ ଦକ୍ଷିଣ ଆଫ୍ରିକା ଓ ଭାରତ ମଧ୍ୟରେ ଚାଲିଥିବା ଦ୍ୱିତୀୟ ଟେଷ୍ଟର ତୃତୀୟ ଦିନ ତଥା ଶନିବାର ଜଣେ ପ୍ରଶଂସକ ସୁରକ୍ଷା କର୍ଡନ ଡେଇଁ ଫିଲ୍ଡ ମଧ୍ୟକୁ ପ୍ରବେଶ କରିଥିଲେ। ଏହାକୁ ପୂର୍ବତନ ଭାରତୀୟ ଅଧିନାୟକ ସୁନୀଲ ଗାଭାସ୍କର ନାପସନ୍ଦ କରିଛନ୍ତି। ଉକ୍ତ ପ୍ରଶଂସକ ସ୍ଲିପ ଅଞ୍ଚଳରେ ଫିଲ୍ଡିଂ କରୁଥିବା ରୋହିତ ଶର୍ମାଙ୍କ ପାଦ ଛୁଇଁଥିଲେ। ପରେ ତାଙ୍କୁ ସୁରକ୍ଷାକର୍ମୀ ବାହାରକୁ ନେଇଯାଇଥିଲେ। ଏଭଳି ଘଟଣା ଘଟିବାର କାରଣ ସୁରକ୍ଷା ଲାଗି ନିଯୁକ୍ତ କର୍ମଚାରୀମାନେ ଦର୍ଶକଙ୍କ ଉପରେ ନଜର ରଖିବା ପରିବର୍ତ୍ତେ ଖେଳ ଦେଖୁଛନ୍ତି। ଏହି ସମସ୍ୟା ଭାରତରେ ଚିରସ୍ଥାୟୀ। ମାଗଣାରେ ମ୍ୟାଚ୍ ଦେଖିବା ପାଇଁ ସୁରକ୍ଷାକର୍ମୀଙ୍କୁ ନିଯୁକ୍ତ କରାଯାଇନାହିଁ। ସେମାନେ ଏଭଳି ଘଟଣାକୁ ରୋକିବା ପାଇଁ ଅଛନ୍ତି। ଏହା ଖେଳାଳିଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ଉଠାଉଥିବା ଗାଭାସ୍କର କହିଛନ୍ତି। ସୁରକ୍ଷାକର୍ମୀମାନେ ନିଜ କାର୍ଯ୍ୟ କରୁଛନ୍ତି ନା ମ୍ୟାଚ୍ ଦେଖୁଛନ୍ତି ଜାଣିବା ପାଇଁ କ୍ୟାମେରା ଦ୍ୱାରା ତଦାରଖ କରାଯାଉ ବୋଲି ଗାଭାସ୍କର ସୁପାରିସ କରିଛନ୍ତି।

## ଫାଇନାଲରେ ଲକ୍ଷ୍ୟ

**ଅଲମେରେ (ନେଦରଲାଣ୍ଡ୍ସ), ୧୨।୧୦(ପି.ଟି.):** ଉଦୀୟମାନ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ ଶନିବାର ଏଠାରେ ଚାଲିଥିବା ଡଚ୍ ଓପନ ସୁପର ୧୦୦ ଟୁର୍ନାମେଣ୍ଟ ଫାଇନାଲରେ ପ୍ରବେଶ କରିଛନ୍ତି। ୧୮ ବର୍ଷୀୟ ଭାରତୀୟ ସେମିଫାଇନାଲରେ ଫେଲିକ୍ସ ବୁରେଷ୍ଟେଡଙ୍କୁ ୨୧-୧୨, ୨୧-୯ ସିଧାସଳଖ ଗେମ୍‌ରେ ହରାଇ ଦେଇଛନ୍ତି। ଲକ୍ଷ୍ୟଙ୍କୁ ମ୍ୟାଚ୍ ଜିତିବା ପାଇଁ ମାତ୍ର ୩୩ ମିନିଟ୍ ଲାଗିଥିଲା। ଏଥିପୂର୍ବରୁ କ୍ୱାର୍ଟର ଫାଇନାଲରେ ଅନ୍ୟ ଭାରତୀୟ ଶଟଲର ବି. ଏମ୍. ରାହୁଲ ଭରଦ୍ୱାଜଙ୍କୁ ପରାସ୍ତ କରିଥିଲେ।

## ସଂକ୍ଷେପରେ

### ସାମସନଙ୍କ ଦ୍ୱିଶତକ

**ଅଲୁର,୧୨।୧୦:** ଏଠାରେ ଚାଲିଥିବା ବିଜୟ୍ ହଜାରେ ଟ୍ରଫିର ଦିନିକିଆ ଟୁର୍ନାମେଣ୍ଟରେ ଗୋଆ ବିପକ୍ଷ ମ୍ୟାଚ୍‌ରେ କେରଳର ସଞ୍ଜୁ ସାମସନ ଦ୍ୱିଶତକ ହାସଲ କରିଛନ୍ତି। ସେ ୧୨୯ ବଲର ସମ୍ମୁଖୀନ ହୋଇ ୨୧୨ ରନ୍ କରିଛନ୍ତି। ତାଙ୍କର ଏହି ବିସ୍ଫୋରକ ଇନିଂସରେ ୨୧ ଚୌକା ଓ ୧୦ ଛକା ରହିଛି। ଏହା ପ୍ରଥମ ଶ୍ରେଣୀ କ୍ରିକେଟରେ ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ଲାଗି ସର୍ବାଧିକ ବ୍ୟକ୍ତିଗତ ସ୍କୋର। ଉଇକେଟକିପର ବ୍ୟାଟ୍ସମ୍ୟାନ ପ୍ରଥମ ଶତକକୁ ଦ୍ୱିଶତକରେ ପରିଣତ କରିଛନ୍ତି। ସେ ଉତ୍ତରାଖଣ୍ଡର କର୍ନ କୌଶାଲ(୨୦୨)ଙ୍କୁ ପଛରେ ପକାଇ ଦେଇଛନ୍ତି। ଏଭଳି ଇନିଂସ ଯୋଗୁ କେରଳ ଧାର୍ଯ୍ୟ ୫୦ ଓଭରରେ ୩ ଉଇକେଟ ହରାଇ ୩୭୭ ରନ୍ କରିଛି। ଜବାବରେ ଗୋଆ ଶେଷ ପର୍ଯ୍ୟନ୍ତ ଖେଳି ୮ ଉଇକେଟ ହରାଇ ୨୭୩ ରନ୍ କରିବାକୁ ସକ୍ଷମ ହୋଇଥିଲା। ଫଳରେ କେରଳ ୧୦୪ ରନ୍‌ରେ ମ୍ୟାଚ୍‌କୁ ଜିତି ନେଇଛି। ସାମସନଙ୍କ ବ୍ୟତୀତ ସଚିନ ବେବି ୧୨୭ ରନ୍ କରିଛନ୍ତି। ସାମସନ ଓ ସଚିନ ତୃତୀୟ ଉଇକେଟ ପାଇଁ ୩୩୮ ରନ୍‌ର ରେକର୍ଡ ଭାଗୀଦାରି କରିଥିଲେ। ଏହା ଦେଶର ପ୍ରଥମ ଶ୍ରେଣୀ କ୍ରିକେଟରେ ଯେକୌଣସି ଉଇକେଟ ପାଇଁ ସର୍ବାଧିକ ଭାଗୀଦାରି। ସଞ୍ଜୁଙ୍କ ୨୧୨ ରନ୍‌ର ଇନିଂସ ବିଶ୍ୱର ପ୍ରଥମ ଶ୍ରେଣୀ କ୍ରିକେଟରରେ ଜଣେ ଉଇକେଟକିପରଙ୍କ ଦ୍ୱାରା ସର୍ବାଧିକ ସ୍କୋର। ପାକିସ୍ତାନର ଆବିଦ ଅଲି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେ ଇସଲାମାବାଦ ବିପକ୍ଷରେ ପେଶୱାର ପକ୍ଷରୁ ଖେଳି ୨୦୯ ରନ୍ କରିଥିଲେ। ସାମସନ ଦେଶର ୬ଷ୍ଠ ବ୍ୟାଟ୍ସମ୍ୟାନ ଭାବେ ୫୦ ଓଭର ବିଶିଷ୍ଟ ମ୍ୟାଚ୍‌ରେ ଦ୍ୱିଶତକ ଲଗାଇଛନ୍ତି। ଏହି ତାଲିକାରେ କିମ୍ବଦନ୍ତୀ ସଚିନ ତେନ୍ଦୁଲକର, ବୀରେନ୍ଦ୍ର ସେହ୍ୱାଗ, ରୋହିତ ଶର୍ମା(ସମସ୍ତେ ଦିନିକିଆରେ), ଶିଖର ଧାୱନ ଓ କର୍ନ କୌଶାଲ ରହିଛନ୍ତି।

### ବିଶ୍ୱ ବିଲିୟାର୍ଡ୍ସ: ଗିଲଖ୍ରୀଷ୍ଟ ଚାମ୍ପିୟନ



**ମେଲବୋର୍ନ,୧୨।୧୦(ପି.ଟି.):** ଏଠାରେ ଅନୁଷ୍ଠିତ ବିଶ୍ୱ ବିଲିୟାର୍ଡ୍ସ ଚାମ୍ପିୟନଶିପ୍‌ରେ ସିଙ୍ଗାପୁରର ପିଟର ଗିଲଖ୍ରୀଷ୍ଟ ଭାରତର ସୌରଭ କୋଠାରୀଙ୍କୁ ହରାଇ ଟାଇଟଲ ହାସଲ କରିଛନ୍ତି। କୋଠାରୀଙ୍କୁ ୧୩୦୭-୯୬୭ରେ ହରାଇ ଗିଲଖ୍ରୀଷ୍ଟ ଦୀର୍ଘ ୬ ବର୍ଷ ପରେ ଚାମ୍ପିୟନ ହୋଇଛନ୍ତି। ଏଥିସହିତ ସେ କୋଠାରୀଙ୍କଠାରୁ ଗତବର୍ଷ ଫାଇନାଲ ପରାଜୟର ମଧୁର ପ୍ରତିଶୋଧ ନେଇଛନ୍ତି। ଶେଷଥର ପାଇଁ ଗିଲଖ୍ରୀଷ୍ଟ ୨୦୧୩ରେ ଇଂଲଣ୍ଡର ଡେଭିଡ କାଉଜିୟରଙ୍କୁ ପରାସ୍ତ କରି ଟାଇଟଲ ଜିତିଥିଲେ। ଫାଇନାଲ ମ୍ୟାଚ୍‌ରେ ସଂଘର୍ଷ ଦେଖିବାକୁ ମିଳିଥିଲା। ତେବେ ଶେଷଆଡକୁ ଗିଲଖ୍ରୀଷ୍ଟ ପ୍ରଭାବ ବିସ୍ତାର କରି ଖେଳିବା ସହ ବାଜି ମାରିଥିଲେ।

### ଗ୍ରୀନ୍ସ ଜୁନିୟର ଦଳ ବିଜୟୀ

**ଭୁବନେଶ୍ୱର,୧୨।୧୦(ସ୍ପୋର୍ଟ୍ସ ବ୍ୟୁରୋ):** ଗଡ଼େଶ୍ୱର ସ୍ପୋର୍ଟ୍ସ ଆସୋସିଏଶନ ଓ ଗ୍ରୀନ୍ସ କ୍ରିକେଟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଚାଲିଥିବା ଗ୍ରୀନ୍ ସିଲ୍‌ଡ କ୍ରିକେଟ ସିରିଜ୍‌ର ଶନିବାର ବିଶ୍ରାମ ଦିନରେ ୧୪ ବର୍ଷରୁ କମ୍ ପ୍ରଗତି ସ୍ପୋର୍ଟିଂ ଓ ଗ୍ରୀନ୍ସ କ୍ରିକେଟ ଏକାଡେମୀ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା। ଏହି ମ୍ୟାଚ୍‌କୁ ଗ୍ରୀନ୍ସ ଏକାଡେମୀ ୬୮ ରନ୍‌ରେ ଜିତି ନେଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଗ୍ରୀନ୍ସ ଏକାଡେମୀ ଧାର୍ଯ୍ୟ ୩୦ ଓଭରରେ ୩ ଉଇକେଟ ହରାଇ ୧୭୮ ରନ୍ କରିଥିଲା। ଦଳ ପାଇଁ ମୃତ୍ୟୁଞ୍ଜୟ୍ ମହାପାତ୍ର ୬୫, ରୁଦ୍ରପ୍ରସାଦ ମଲିକ ଅପରାଜିତ ୫୦ ଓ ଆୟୁଷ ଚାନ୍ଦ ୩୨ ରନ କରିଥିଲେ। ଜବାବରେ ପ୍ରଗତି ସ୍ପୋର୍ଟିଂ ଶେଷ ପର୍ଯ୍ୟନ୍ତ ଖେଳି ୪ ଉଇକେଟ ହରାଇ ୧୧୦ ରନ୍ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଅମନ ଦାସ ସର୍ବାଧିକ ୪୨ ରନ୍ କରିଥିଲେ। ବିଜୟୀ ଦଳ ଲାଗି ଅଭିଜିତ୍ ମହାନ୍ତି ଓ ସୌମ୍ୟରଞ୍ଜନ ବେହେରା ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ବିଜୟୀ ଦଳର ମୃତ୍ୟୁଞ୍ଜୟ୍ ମହାପାତ୍ରଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଘୋଷିତ କରାଯାଇଛି।

## ଓଡ଼ିଶା ୯୫ର ନରେ ଅଗ୍ରଣୀ

**ବିଜୟ ମର୍ଚ୍ଚାଣ୍ଟ ଟ୍ରଫି**

**କଟକ ଅଫିସ,୧୨।୧୦**

ବିଡ଼ାନାସୀ ଗ୍ରାଉଣ୍ଡରେ ଚାଲିଥିବା ବିଜୟ ମର୍ଚ୍ଚାଣ୍ଟ ଟ୍ରଫି କ୍ରିକେଟ ଓଡ଼ିଶା-ବିହାର ମ୍ୟାଚ୍‌ରେ ଶନିବାର ଦ୍ୱିତୀୟ ଦିବସର ଖେଳ ଶେଷ ହୋଇଛି। ୧୬ ବର୍ଷରୁ କମ୍ ବାଳକ ବର୍ଗର ଏହି ତ୍ରିଦିବସୀୟ ଟୁର୍ନାମେଣ୍ଟ ମ୍ୟାଚ୍ ଅମୀମାଂସିତ ଆଡକୁ ଗତି କରୁଛି। ଶନିବାର ଖେଳର ଷ୍ଟମ୍ପ ଅପସାରଣ ସୁଦ୍ଧା ଦ୍ୱିତୀୟ ଇନିଂସ ବ୍ୟାଟିଂ କରି ଓଡ଼ିଶା ୬ ଉଇକେଟ ବିନିମୟରେ ୧୪୭ ରନ କରିଛି। ଓଡ଼ିଶାର ପ୍ରଥମ ଇନିଂସ ୯୪ରନ ଜବାବରେ ଭ୍ରମଣକାରୀ ବିହାର ଦଳର ପ୍ରଥମ ଇନିଂସ ୧୪୬ ରନରେ ସୀମିତ ରହିଥିଲା। ଘରୋଇ ଓଡ଼ିଶା ୯୫ରନର ଅଗ୍ରଣୀ ନେଇଥିବା ବେଳେ ହାତରେ ୪ ଉଇକେଟ ବାକି ଅଛି। ସୁଦର୍ଶନ ସ୍ୱାଇଁଙ୍କ ୨୮ରନ ସହାୟତାରେ ଓଡ଼ିଶା ପ୍ରଥମ ଇନିଂସରେ ୯୪ ରନ କରିବାକୁ ସକ୍ଷମ ହୋଇଥିଲା। ବିହାର ଅଧିନାୟକ ଆଦିତ୍ୟ ସର୍ବାଧିକ ୪ଟି ଉଇକେଟ ଦଖଲ କରିଥିଲେ। ଜବାବରେ ପ୍ରଥମ ଦିବସରେ ୭ ଉଇକେଟ ହରାଇ ବିହାର ୧୩୨ରନ କରିଥିଲା। ଦଳୀୟ ସ୍କୋରରେ ଆଉ ୧୪ରନ ଯୋଡ଼ିବା ସହ ବଳକା ୩ ଉଇକେଟ ହରାଇଥିଲା ବିହାର। ଓଡ଼ିଶା ଅଧିନାୟକ ଶ୍ରେଷ୍ଠ ସିଂ ଓ ଅଂଶୁମାନ ବେଜଙ୍କୁ ୩ଟି ଲେଖାଏ ଉଇକେଟ ମିଳିଥିଲା। ଦ୍ୱିତୀୟ ଇନିଂସରେ ଓଡ଼ିଶା ପକ୍ଷରୁ ସାଇଦୀପ ମହାପାତ୍ର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ୧୦ଟି ଚୌକା ଓ ଗୋଟିଏ ଛକା ବଳରେ ସାଇଦୀପ ୬୧ରନରେ ଆଉଟ ହୋଇଥିଲେ। ଅଧିନାୟକ ଶ୍ରେଷ୍ଠ ୨୭ରନରେ ଅପରାଜିତ ଅଛନ୍ତି।

## କିଟ୍‌ରେ ସାଇର ସ୍ପୋର୍ଟ୍ସ କୋଚିଂ କୋର୍ସ

**ଭୁବନେଶ୍ୱର,୧୨।୧୦(ସ୍ପୋର୍ଟ୍ସ ବ୍ୟୁରୋ):** ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟରେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ସ୍ପୋର୍ଟ୍ସ କୋଚିଂରେ ଏକ ସାର୍ଟିଫିକେଟ କୋର୍ସ ଆୟୋଜନ କରିବ। ୬ ସପ୍ତାହ ଧରି ଚାଲିବାକୁ ଥିବା ଏହି କୋର୍ସ ଆସନ୍ତା ଡିସେମ୍ବର ୨୪ରୁ ଆରମ୍ଭ ହୋଇ ୨୦୨୦ ଜାନୁୟାରୀ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଉଭୟ ପୁରୁଷ ଓ ମହିଳା ଏହି କୋର୍ସରେ ସାମିଲ ହୋଇପାରିବେ। ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ଓ ଅନ୍ୟ ସଂସ୍ଥା ସହିତ ଜଡିତ ଥିବା କ୍ରୀଡ଼ା ଶିକ୍ଷକମାନଙ୍କୁ ଏହି କୋର୍ସରେ ସାମିଲ ହେବାକୁ ଆମନ୍ତ୍ରଣ କରିଯାଇଛି। ତୀରନ୍ଦାଜ, ଆଥଲେଟିକ୍ସ, ବ୍ୟାଡମିଣ୍ଟନ, ବାସ୍କେଟବଲ, କ୍ରିକେଟ, ସନ୍ତରଣ, ଭଲିବଲ, ଭାରୋତ୍ତୋଳନ ଓ ଯୋଗ ଏହି କୋର୍ସରେ ସାମିଲ ରହିଛି। ୨୦ରୁ ୪୦ ବର୍ଷ ବୟସର ବ୍ୟକ୍ତି ଏହି କୋର୍ସ ପାଇଁ ଆବେଦନ କରିପାରିବେ। ଆବେଦନର ଶେଷ ତାରିଖ ଆସନ୍ତା ୩୧ ତାରିଖକୁ ଧାର୍ଯ୍ୟ କରାଯାଇଛି।

## ପ୍ରଶଂସକଙ୍କ ପାଇଁ ତଳେ ପଡ଼ିଗଲେ ରୋହିତ

**ପୁଣେ,୧୨।୧୦**

ଏଠାରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ଦ୍ୱିତୀୟ ଟେଷ୍ଟର ତୃତୀୟ ଦିନରେ ଏକ କୌତୂହଳପୂର୍ଣ୍ଣ ଘଟଣା ଦେଖିବାକୁ ମିଳିଛି। ଜଣେ ପ୍ରଶଂସକ ଗ୍ରାଉଣ୍ଡ ବ୍ୟାରିକେଡ୍ ଡେଇଁ ସ୍ଲିପ୍ ଅଞ୍ଚଳରେ ଫିଲ୍ଡିଂ କରୁଥିବା ଭାରତୀୟ ଓପନର ରୋହିତ ଶର୍ମାଙ୍କ ଗୋଡ଼ ଛୁଇଁବାକୁ ଉଦ୍ୟମ କରିଥିଲେ। କିନ୍ତୁ ଅଚାନକ ଏହା ଦେଖି ରୋହିତ ନିୟନ୍ତ୍ରଣ ହରାଇ ପ୍ରଶଂସକଙ୍କ ଉପରେ ପଡ଼ିଯାଇଥିଲେ। ଏହି ଘଟଣା ଦକ୍ଷିଣ ଆଫ୍ରିକାର ସେନୁରାନ ମୁଥୁସାମି ଆଉଟ୍ ହୋଇ ପ୍ୟାଭେଲିଅନ ଫେରିବାବେଳେ ଘଟିଥିଲା। ତେବେ ଏଥିରେ ରୋହିତ ଆହତ ହୋଇନାହାନ୍ତି। ଉକ୍ତ ପ୍ରଶଂସକଙ୍କୁ ତୁରନ୍ତ ସୁରକ୍ଷାକର୍ମୀମାନେ ତାଙ୍କୁ ଗ୍ରାଉଣ୍ଡ ବାହାରକୁ ନେଇ ଯାଇଥିଲେ। ଦକ୍ଷିଣ ଆଫ୍ରିକା ବିପକ୍ଷ ଭାଇଜାଗ ଟେଷ୍ଟରେ ମଧ୍ୟ ଜଣେ ପ୍ରଶଂସକ ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ସହ ହାତ ମିଳାଇଥିଲେ ଏବଂ ସେଲ୍‌ଫି ନେବାକୁ ଚେଷ୍ଟା କରିଥିଲେ। ଏଥିପୂର୍ବରୁ ଫିଲ୍ଡରେ ପ୍ରଶଂସକ ପ୍ରବେଶ କରିବା ଯୋଗୁ ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ଟି୨୦ ମ୍ୟାଚ୍ ଦୁଇ ଥର ବାଧାପ୍ରାପ୍ତ ହୋଇଥିଲା।




ଜଣେ କ୍ରିକେଟ ପ୍ରଶଂସକ ରୋହିତ ଶର୍ମାଙ୍କ ପାଦ ସ୍ପର୍ଶ କରିବାକୁ ଚେଷ୍ଟା କରୁଛନ୍ତି।

## ବିଜୟରୁ ଭାରତର ଅଭିଯାନ

**ସୁଲତାନ ଜୋହର କପ୍ ହକି**

**ଜୋହର ବାହରୁ, ୧୨।୧୦(ପି.ଟି.)**

ଏଠାରେ ଶନିବାରଠାରୁ ଆରମ୍ଭ ହୋଇଥିବା ନବମ ସୁଲତାନ ଜୋହର ବାହରୁ କପ୍‌ରେ ଭାରତୀୟ ଜୁନିୟର ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଭାରତ ଓ ଆୟୋଜକ ମାଲେସିଆ ପରସ୍ପରକୁ ଭେଟିଥିଲେ। ଏହି ମ୍ୟାଚ୍‌ରେ ଭାରତ ୪-୨ ଗୋଲରେ ମାଲେସିଆକୁ ହରାଇଛି। ଭାରତ ତରଫରୁ ଓଡ଼ିଶାର ପ୍ରତାପ ଲାକ୍ରା ୧୯ ଓ ୩୩ତମ ମିନିଟ୍‌ରେ ଦୁଇଟି ଗୋଲ ସ୍କୋର କରିଥିଲେ। ସେହିପରି ଅନ୍ୟତମ ଓଡ଼ିଆ ଖେଳାଳି ଶିଳାନନ୍ଦ ଲାକ୍ରା ୩୯ତମ ମିନିଟ୍‌ରେ ଗୋଟିଏ ଗୋଲ ଦେଇଥିଲେ। ଉତ୍ତମ ସିଂ ୬୦ତମ ମିନିଟ୍‌ରେ ଭାରତ ପାଇଁ ଅନ୍ତିମ ଗୋଲ ସ୍କୋର କରିଥିଲେ।

ଅପରପକ୍ଷରେ ମାଲେସିଆ ତରଫରୁ ଅଷ୍ଟମ ମିନିଟ୍‌ରେ ମହମ୍ମଦ ହାସନ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ଏହାର ଗୋଟିଏ ମିନିଟ ପରେ ମୁହମ୍ମଦ ଜାଇନୁଦ୍ଦିନ ଗୋଲ ଦେଇ ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଦୁଇଟି ଗୋଲ ବରଣ କରି ପଛରେଥିଲେ ମଧ୍ୟ ଭାରତ ପରେ ପ୍ରତ୍ୟାବର୍ତ୍ତନ କରିଥିଲା। ପ୍ରଥମ କ୍ୱାର୍ଟରରେ ମାଲେସିଆ ପ୍ରଭାବ ବିସ୍ତାର କରି ଖେଳିଥିଲା। ତେବେ ଦ୍ୱିତୀୟ କ୍ୱାର୍ଟରରେ ଭାରତ ପ୍ରତ୍ୟାବର୍ତ୍ତନ କରିଥିଲା। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ମାଲେସିଆ ୨-୧ରେ ଅଗ୍ରଣୀ ରହିଥିଲା। ତେବେ ତୃତୀୟ ଓ ଚତୁର୍ଥ କ୍ୱାର୍ଟରରେ ଭାରତ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ଗୋଟିଏ ପରେ ଗୋଟିଏ ଗୋଲ ଦେଇ ମ୍ୟାଚକୁ ହାତେଇ ନେଇଥିଲା। ଭାରତୀୟ ଜୁନିୟର ଦଳ ତା'ର ପରବର୍ତ୍ତୀ ରାଉଣ୍ଡ ରବିନ ମ୍ୟାଚ୍‌ରେ ରବିବାର ନ୍ୟୁଜିଲାଣ୍ଡକୁ ଭେଟିବ।



ଭାରତ ଓ ମାଲେସିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ଦୃଢ଼ ସ୍ଥିତିରେ ସିକ୍କିମ

**ଭୁବନେଶ୍ୱର,୧୨।୧୦(ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ କିଟ୍ ଷ୍ଟାଡିୟମରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ୧୬ ବର୍ଷରୁ କମ୍ ୩ ଦିନିଆ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ମ୍ୟାଚ୍‌ରେ ସିକ୍କିମ ଓ ମେଘାଳୟ ପରସ୍ପରକୁ ଭେଟିଛନ୍ତି। ଟସ୍ ଜିତି ସିକିମ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ମେଘାଳୟ ପ୍ରଥମ ଇନିଂସରେ ୭୧ ଓଭରରେ ୧୩୪ ରନ କରି ଅଲଆଉଟ ହୋଇଥିଲା। ଜବାବରେ ସିକ୍କିମ୍ ୧୧୪ ଓଭରରେ ୨୭୪ ରନ କରି ଅଲଆଉଟ ହେବା ସହ ୧୪୦ ରନର ବୃହତ୍ ଅଗ୍ରଣୀ ହାସଲ କରିଛି। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ମେଘାଳୟ ଶନିବାର ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ୧୦.୩ ଓଭରରେ ୩ ଉଇକେଟ ହରାଇ ୧୭ ରନ ସଂଗ୍ରହ କରି ବିପଦରେ ପଡିଛି। ଫଳରେ ମେଘାଳୟ ୭ ଉଇକେଟ ହାତରେ ରଖି ଏବେ ୧୨୩ ରନ ପଛରେ ପଡିଛି। ଷ୍ଟମ୍ପ ଅପସାରଣ ବେଳକୁ ସ୍ୱରାଜ ଶ୍ରେଷ୍ଠ ବିନା ସ୍କୋରରେ ଅପରାଜିତ ରହିଛନ୍ତି। ଅରୁଣ ରମଣ ଖାତା ଖେଳିବା ପୂର୍ବରୁ ଆଉଟ ହୋଇଥିଲେ। ଆୟୁଷ୍ମାନ ଦାସ୨ ଓ ବିକାଶ ଯାଦବ ୫ ରନକରି ଆଉଟ ହୋଇଛନ୍ତି। ସିକିମ ତରଫରୁ ୟାୱାର ହୁସେନ ଓ ତୁଷ୍ୟ ନମନ ଶର୍ମା ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୮୩/୧ରୁ ସିକିମ୍ ଖେଳ ଆରମ୍ଭ କରିଥିଲା। ଦଳ ତରଫରୁ ସେନ୍‌ଗେ ୱାଜାହାତ ମେହେଦି ୫୪, ଆଦିଭ ତମାଙ୍ଗ ୩୬, ଅଧିନାୟକ ତରୁଣ ଶର୍ମା ୪୦, ୟାୱାର ହୁସେନ ୬୨, ମହମ୍ମଦ ଆରିଫ୍ ୩୧, ତୁଶ୍ୟ ନମନ ଶର୍ମା ୧୨ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ମେଘାଳୟ ତରଫରୁ ନିର୍ଦ୍ଦେଶ ବୈଶୋୟା ସର୍ବାଧିକ ୪, ହିମାଂଶୁ କୁମାର ଯାଦବ, ରାଘବ ମାଗୋତ୍ରା, ଅଭିନାଶ ରାଜ ଓ ସ୍ୱରାଜ ଶ୍ରେଷ୍ଠ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।




# ଆକାଉଣ୍ଟରୁ ନେଇଗଲେ ୫୦ ହଜାର

## ଅନ୍‌ଲାଇନ ଠକେଇର ଶିକାର ହେଲେ ଯୁବତୀ



ଲୁଟର ଶିକାର ହୋଇଥିବା ଯୁବତୀ ଗରିମା ଅଗ୍ରୱାଲ ।

**ରାଉରକେଲା ଅଫିସ ୧୨।୧୦**

ରାଉରକେଲା ବିଶ୍ରା ଥାନା ଅଞ୍ଚଳର ଜଣେ ଯୁବତୀ ଅନ୍‌ଲାଇନ ଠକେଇର ଶିକାର ହୋଇଛନ୍ତି। କୋରିଅର କମ୍ପାନୀ ନାଁରେ ଯୁବତୀଙ୍କଠାରୁ ୫୦ ହଜାର ଟଙ୍କା ଲୁଟି ନେଇଥିବା ନେଇ ଜଣେ ଯୁବତୀ ଶନିବାର ବିଶ୍ରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ବିଶ୍ରା ଅଞ୍ଚଳରେ ଗରିମା ଅଗ୍ରୱାଲ ରୁହନ୍ତି। ଛତିଶଗଡ଼ ରାଜ୍ୟରେ ରହୁଥିବା ଗରିମାଙ୍କ ଜଣେ ସମ୍ପର୍କୀୟ ଅନଲାଇନ ଜରିଆରେ କିଛି ସାମଗ୍ରୀ କିଣିଥିଲେ। ତେବେ ସାମଗ୍ରୀ ଯୋଗାଣରେ ବିଳମ୍ବ ହେବାରୁ ସମ୍ପର୍କୀୟ ଜଣକ ଗୁଗଲ ସର୍ଚ୍ଚ କରି କୋରିଅର ନମ୍ବର ବାହାର କରିବା ସହ ଗରିମାଙ୍କୁ ଚେକ୍ କରିବାକୁ କହିଥିଲେ। ଗତ ୯ ତାରିଖ ଦିନ ଗରିମା ଉକ୍ତ ନମ୍ବରରେ ଫୋନ କରି ଅନ୍‌ଲାଇନରେ ମଗାଯାଇଥିବା ଜିନିଷ କାହିଁକି ଲେଟ୍ ହେଉଛି ଜାଣିବାକୁ ଚାହିଁଥିଲେ। ଫୋନ କଲରେ ବିପରୀତ ଦିଗରୁ ଡିଟିଡିସି କୋରିଅରରୁ କହୁଛି, ମାତ୍ର ୧୦ଟଙ୍କା ପାଇଁ କୋରିଅର ଡେଲିଭରି ହେଇପାରୁନି ବୋଲି କିଏ ଜଣେ କହିଥିଲେ। ଏହାସହ ୧୦ଟଙ୍କା ପେଟିଏମ୍ ଜରିଆରେ ଜମା କରିବାକୁ ଗରିମାଙ୍କୁ କହିବା ସହ ପେଟିଏମ୍‌ର ଏକ ଲିଙ୍କ୍ ଦେଇଥିଲା। ଗରିମା ଏହି ଲିଙ୍କ୍ ଜରିଆରେ ୧୦ ଟଙ୍କା ଜମା କରିଥିଲେ। ଟଙ୍କା ଜମା କରିବା ପରେ ୩ ଥରରେ ଗରିମାଙ୍କ ଆକାଉଣ୍ଟରୁ ୫୦ ହଜାର ଟଙ୍କା ଅନ୍ୟ ଏକ ଆକାଉଣ୍ଟକୁ ସ୍ଥାନାନ୍ତର ହୋଇଥିଲା। ଗରିମା ନିଜେ ଟଙ୍କା ଉଠାଇ ନ ଥିବା ବେଳେ ଆକାଉଣ୍ଟରୁ ଅନ୍ୟତ୍ର ଟଙ୍କା ସ୍ଥାନାନ୍ତର ହେବା ଜାଣିବା ପରେ ସେ ଅନଲାଇନ ଲୁଟର ଶିକାର ହୋଇଥିବା ଜାଣିପାରିଥିଲେ। ଏହି ଘଟଣାକୁ ନେଇ ଗରିମା ଶନିବାର ବିଶ୍ରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୯୫/୨୦୧୯) ରୁଜୁ କରି ତଦନ୍ତ ଜାରି ରଖିଛି।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ମନ୍ଦିର, ମସ୍‌ଜିଦ, ଗୀର୍ଜାରେ ଯାଇ ଉପାସନା କରିବା ଅପେକ୍ଷା ନିଜ ଆତ୍ମାକୁ ଚିହ୍ନିବାକୁ ଚେଷ୍ଟା କର।

- ସନ୍ଥ କବୀର ଦାସ



## ସଂକ୍ଷେପରେ



### କାଳୀପୂଜା ପାଇଁ ଶୁଭଖୁଣ୍ଟ ସ୍ଥାପନ

**ବୌଦ୍ଧ,୧୨।୧୦(ସ୍ୱ.ପ୍ର):** ବୌଦ୍ଧ ଭୈରବୀ ମାର୍କେଟରେ କାଳୀପୂଜା ପାଇଁ ଶୁଭଖୁଣ୍ଟ ଶନିବାର ସ୍ଥାପନ କରାଯାଇଛି । ଭୈରବୀ ବଜାର କମିଟି ପକ୍ଷରୁ ରୀତିନୀତି ଅନୁଯାୟୀ ପୂଜାପାଠ କରାଯିବା ସହ ଶୁଭଖୁଣ୍ଟ ସ୍ଥାପନ କରାଯାଇଛି । ଏହି ସମୟରେ ପୁରୋହିତ ସଞ୍ଜୀବ କୁମାର ମିଶ୍ର, ମିନୁ ପୁରୋହିତ, ଲୋକନାଥ ବାରିକ, କର୍ତ୍ତା ମନମୋହନ ଶତପଥି, କମିଟି ସଭାପତି ସୁବାସ ସାହୁ, ସମ୍ପାଦକ କୈଳାସ ବେହେରା, କାର୍ତ୍ତିକ ମହାପାତ୍ର, ବିନୟ ନାଏକଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

### ବାଇକ୍ ଚୋର ଅଟକ

**ବୌଦ୍ଧ,୧୨।୧୦(ସ୍ୱ.ପ୍ର):** ବୌଦ୍ଧର ସାପ୍ତାହିକ ବଜାରରୁ ଶନିବାର ଜଣେ ଯୁବକ ଏକ ନୂତନ ବାଇକ୍ ଚୋରି କରିବାକୁ ଉଦ୍ୟମ କରୁଥିବାବେଳେ ଧରାପଡିଥିଲେ। ଧରାପଡିଥିବା ବାଇକ ଚୋର ସୁବର୍ଣ୍ଣପୁର ଜିଲାର ବୋଲି ଜଣାପଡିଛି । ଉକ୍ତ ବାଇକ ଚୋରକୁ ସ୍ଥାନୀୟ ଯୁବକମାନେ ମାଡ ଦେଇ ପୋଲିସକୁ ହସ୍ତାନ୍ତର କରିଛନ୍ତି । ବୌଦ୍ଧ ପୋଲିସ ଉକ୍ତ ଯୁବକଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି ।

### ବନ ସୁରକ୍ଷା ସମିତି ସଭ୍ୟଙ୍କ ପାଇଁ ଆର୍ଥିକ ସାକ୍ଷରତା ଶିବିର

**ବୌଦ୍ଧ,୧୨।୧୦(ସ୍ୱ.ପ୍ର):** ବୌଦ୍ଧସ୍ଥିତ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ବୌଦ୍ଧ ବନଖଣ୍ଡ ଓ ନାବାର୍ଡର ମିଳିତ ଆନୁକୂଲ୍ୟରେ ଏକାଭିମୁଖୀ କାର୍ଯ୍ୟକ୍ରମ ଶିବିର ନୂଆପଡା ବନସୁରକ୍ଷା ସମିତି ସଭାଗୃହ ପରିସରରେ ଶନିବାର ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରରେ ୭୦ ଜଣ ବନସୁରକ୍ଷା ସମିତିର ସଭ୍ୟାସଭ୍ୟମାନେ ଯୋଗଦାନ କରିଥିଲେ । ଏହି ଶିବିରରେ ଲିଡ୍ ବ୍ୟାଙ୍କ ମ୍ୟାନେଜର ରବୀନ୍ଦ୍ର କୁମାର ସେଠୀ ଯୋଗଦେଇ ସାକ୍ଷରତା ମାଧ୍ୟମରେ ଜୀବନବୀମା ଓ ଅର୍ଥ ପରିଚାଳନା ସମ୍ପର୍କରେ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମ ବୌଦ୍ଧ ଜିଲାର ବୌଦ୍ଧ, ମନମୁଣ୍ଡା, କଣ୍ଟାମାଳ ବନାଞ୍ଚଳର ୬୦ଟି ବନ ସୁରକ୍ଷା ସମିତିର ପ୍ରାୟ ୧୦୦୦୦ ସଭ୍ୟଙ୍କ ପାଇଁ କରାଯିବାକୁ ସ୍ଥିର କରାଯାଇଛି। ଉକ୍ତ ଶିବିରରେ ବନାଞ୍ଚଳ ଅଧିକାରୀ ଆଶିଷ କୁମାର କହଁର, ସୁରେନ୍ଦ୍ର କୁମାର ମେହେର (ଏସଏମଏସ), ଶିବଦତ୍ତ ଅଗସ୍ତି(ଏମଆଇଏସ) ଉପସ୍ଥିତ ରହି ଆର୍ଥିକ ପରିଚାଳନା ବିଷୟରେ ଆଲୋଚନା କରିଥିଲେ । ଶେଷଦେବ ଡାଙ୍ଗ, ଭି. ସୀମାଞ୍ଚଳ ରାଜୁ ଓ ରଞ୍ଜିତ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଦୁର୍ଘଟଣାରେ ଯୁବକ ମୃତ

**ନୂଆପଡା ଅଫିସ,୧୨।୧୦:** ଏହି ଜିଲା ଜୋଙ୍କ ଥାନା ଅନ୍ତର୍ଗତ ଜେଞ୍ଜେରା ଗାଁରେ ଏକ ବାଇକ ଦୁର୍ଘଟଣାରେ ସଜଉ ରାଉତ(୩୦)ନାମକ ଜନୈକ ଯୁବକଙ୍କ ମୃତ୍ୟୁ ଘଟିଛି। ଶନିବାର ସନ୍ଧ୍ୟାରେ ଗାଁରେ ବିପରୀତ ଦିଗରୁ ଆସୁଥିବା ଦୁଇଟି ବାଇକ ମୁହାଁମୁହିଁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏଥିରେ ସଜଉ ଗୁରୁତର ଭାବେ ଆହତ ହୋଇ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ ।

୧୧ତମ ଖଣ୍ଡହତା ଗଜଲକ୍ଷ୍ମୀ ପୂଜା

# ମୁରାସୁରରାଜ ମୁଖ୍ୟ ଆକର୍ଷଣ

**ଅମରପାଲି, ୧୨।୧୦ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତାଠାରେ ହେବାକୁ ଥିବା ଗଜଲକ୍ଷ୍ମୀ ପୂଜା ଚଳିତ ବର୍ଷ ୧୧ବର୍ଷରେ ପହଞ୍ଚିଛି। ଚଳିତ ବର୍ଷ ପୂଜାକୁ ଆକର୍ଷଣୀୟ କରିବା ପାଇଁ ଆୟୋଜକଙ୍କ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚାରିଦିନ ଧରି ହେବାକୁ ଥିବା ପୂଜାକୁ ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି। ଏଥିରେ ସର୍ବସମ୍ମତିକ୍ରମେ ମଧୁସୂଦନ ମହାକୁରଙ୍କୁ ସଭାପତି, ସୁଶିଲ ଭୁକ୍ତା ଉପସଭାପତି, ରୋହିତ ଝାଙ୍କର ସମ୍ପାଦକ, ଆନନ୍ଦ କୁଦେଇ ସହସମ୍ପାଦକ ଓ ତପନ ମଲ୍ଲିକଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଛି । ଏହା ସହିତ ପ୍ରଦୀପ ମାଝୀ, ବାଦଲ ଭୁକ୍ତା, ସୁଦାମ କର୍ମୀ, ଶିବଦତ୍ତ ମିଶ୍ର, ରଞ୍ଜନ ଭୁକ୍ତା, ବିମ୍ବାଧର ମେଣ୍ଡିଲି ଓ ଜଗନ୍ନାଥ ମେହେର ପ୍ରମୁଖଙ୍କୁ ପରିଚାଳନା କମଟି ସଦସ୍ୟଭାବେ ମନୋନୀତ କରାଯାଇଛି। ପୂଜା ପାଇଁ



ମଣ୍ଡପରେ ନିର୍ମିତ ଗଜଲକ୍ଷ୍ମୀଙ୍କ ବିଗ୍ରହ ।

ଶନିବାର କଳସ ଯାତ୍ରା ହୋଇଯାଇଥିବା ବେଳେ ରବିବାରଠାରୁ ଆରମ୍ଭ ହେବ ମା' ଗଜଲକ୍ଷ୍ମୀଙ୍କ ପୂଜା। ଏଥିପାଇଁ ପ୍ରସ୍ତୁତି ଚୂଡାନ୍ତ ହୋଇସାରିଛି। ମୂର୍ତ୍ତି, ତୋରଣ ସାଜସଜ୍ଜା ସହିତ ଆଲୋକ ସାଜସଜ୍ଜା ମଧ ସମ୍ପୂର୍ଣ୍ଣ ହୋଇଛି। ଚଳିତ ବର୍ଷ ପୂଜା ଉପଲକ୍ଷେ ହେବାକୁ ଥିବା ମୁରାସୁର ରାଜ ମୁଖ୍ୟ ଆକର୍ଷଣ ହେବ। ଦିନ ବେଳେ ପ୍ରତ୍ୟହ ପୂଜାର୍ଚ୍ଚନା ହେବ। ମଧ୍ୟାହ୍ନରେ ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା କରାଯାଇଛି। ସନ୍ଧ୍ୟାରେ ଆଳତୀ ପରେ ଭକ୍ତଙ୍କ ପାଇଁ ସନ୍ଧ୍ୟା ଦର୍ଶନର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟହ ରାତ୍ରିରେ ମୁରାସୁର ରାଜ ହେବ। ଏଥିରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତି, ରାଜନେତା ଓ ପ୍ରଶାସନ ଯୋଗଦେବା ସ୍ଥିର ହୋଇଛି। ସୋମବାର ସୁନ୍ଦରାକାଣ୍ଡ ପାରାୟଣ ହେବ। ଏଥିରେ ବ୍ୟାସ ଭାବେ ବ୍ରଜଗୋପାଳ ମହାପାତ୍ର ଯୋଗଦେଇ ପାରାୟଣ ଗାନ କରିବେ। ବୁଧବାର ଭସାଣି ହେବ। ଏଥିରେ ସଂକୀର୍ତ୍ତନ୍ୟ, ଦୁଲଦୁଲି, ଘଣ୍ଟବାଦ୍ୟ ଆଦି ପରିବେଷଣ କରାଯିବା ସ୍ଥିର ହୋଇଛି ।

**ଏମାନେ ଯାହା କହନ୍ତି...**



"ସଫଳତାର ସହ ବିଗତ ବର୍ଷମାନଙ୍କରେ ପୂଜା କରାଯାଇଛି। ଚଳିତ ବର୍ଷ ମଧ ଏହାକୁ ଲୋକାଭିମୁଖୀ କରିବା ପାଇଁ ପୂର୍ଣ୍ଣ ଚେଷ୍ଟା କରାଯାଇଛି । ମୁରାସୁର ରାଜ ଏ ବର୍ଷର ମୁଖ୍ୟ ଆକର୍ଷଣ ହେବ।

**-ମଧୁସୂଦନ ମହାକୁର, ସଭାପତି**



"ଆକର୍ଷଣୀୟ ମୂର୍ତ୍ତି, ତୋରଣ ଏବଂ ଆଲୋକ ସାଜସଜ୍ଜା କରାଯାଇଛି। ଦର୍ଶକଙ୍କ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ମୀନାବଜାର ମଧ ଅଣାଯାଇଛି । ଚଳିତ ବର୍ଷ ପୂଜା ପାଇଁ ୪ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି ।

**-ରୋହିତ ଝାଙ୍କର, ସମ୍ପାଦକ**



"ଶାନ୍ତି ଶୃଙ୍ଖଳାର ସହ ପୂଜା ପାଇଁ କର୍ମକର୍ତ୍ତା ସଜାଗ ରହିଛୁ । ଶ୍ରଦ୍ଧାଳୁ ଯେପରି ସାଧାରଣ ଦର୍ଶନ କରିପାରିବେ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିପାରିବେ ସେ ନେଇ ପ୍ରସ୍ତୁତ ସରିଛି ।

**-ପ୍ରଦୀପ ମାଝୀ, ପୂଜା କର୍ମକର୍ତ୍ତା**

## ମିଳିଲା ହ୍ୟାଣ୍ଡଲୁମ୍ ମାର୍କ ବଜାରରେ ବିକ୍ରି ହେବ ଜେଲ ଅନ୍ତେବାସୀଙ୍କ ହସ୍ତତନ୍ତ ସାମଗ୍ରୀ

**ସମ୍ବଲପୁର,୧୨।୧୦(ବ୍ୟୁରୋ)**

ସମ୍ବଲପୁର ମଣ୍ଡଳ କାରାଗାର ଅନ୍ତେବାସୀଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତତନ୍ତ ସାମଗ୍ରୀ ଏବେ ବଜାରରେ ବିକ୍ରି ହୋଇ ପାରିବ। ଏଥିପାଇଁ କେନ୍ଦ୍ର ବୟନ ଶିଳ୍ପ ମନ୍ତ୍ରଣାଳୟ ବସ୍ତ୍ର କମିଟି ପକ୍ଷରୁ କାରାଗାର ଅନ୍ତେବାସୀଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀକୁ ହ୍ୟାଣ୍ଡଲୁମ୍ ମାର୍କ ଦିଆଯାଇଛି। ଡିଆଇଜିଏ ପିଡି ସୁକାନ୍ତ ତ୍ରିପାଠୀ ଏବଂ ଓର୍‌ମାସ୍ ସଂଯୋଜକ ଶ୍ରୀମନ୍ତ ହୋତାଙ୍କ ଉପସ୍ଥିତିରେ ଏ ନେଇ ଜେଲ୍ କର୍ତ୍ତୃପକ୍ଷଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ପୂର୍ବରୁ ଅନ୍ତେବସୀଙ୍କ ହସ୍ତତନ୍ତ ସାମଗ୍ରୀ କେବଳ ଜେଲ ପରିସରରେ ଥିବା କାଉଣ୍ଟର ଓ ଜେଲ ସମ୍ମୁଖରେ ବିକ୍ରି ହେଉଥିଲା। ଏହି ମାନ୍ୟତା ମିଳିବା ପରେ ଏବେ ସେମାନେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆୟୋଜିତ ହେଉଥିବା ବିଭିନ୍ନ ମେଳାରେ ସାମିଲ ହୋଇପାରିବେ।

## ରାମଚରିତ ମାନସ ପାରାୟଣ ଉଦ୍‌ଯାପିତ

**ବିନିକା,୧୨।୧୦(ଡି.ଏନ୍.ଏ)**

ବିନିକା ବ୍ଲକ ଖଇରମାଳଠାରେ ଗତ ନଅଦିନ ଧରି ଚାଲିଥିବା ରାମ ଚରିତ ମାନସ ପାରାୟଣ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପାରାୟଣ ସହିତ ରାମ ଚରିତ ମାନସ ପୁରାଣ କଥାବସ୍ତୁ ଆଧାରିତ ନାଟ୍ୟାଭିନୟ ସାଲେପାଲି କଳାକାରଙ୍କ ଦ୍ୱାରା ପରିବେଷଣ ହୋଇଥିଲା । ବ୍ୟାସ ପଣ୍ଡିତ ଗୋବର୍ଦ୍ଧନ ମିଶ୍ର, କର୍ତ୍ତାଭାବେ ଲୋକନାଥ ବାରିକ ଦାୟିତ୍ୱ ନିର୍ବାହ କରିଥିଲେ । ମାନସ ଯଜ୍ଞ କର୍ତ୍ତା ଭାବେ ମିଲୁ ପାତ୍ର କାର୍ଯ୍ୟ ତୁଲାଇଥିଲେ । ପାରାୟଣ ଦିବସ ମାନଙ୍କରେ ଜଲେନ୍ଦ୍ର ସାହୁ, ଦଧିବାମନ ତ୍ରିପାଠୀ, ଗୋବର୍ଦ୍ଧନ ମିଶ୍ର, ଯୁଧିଷ୍ଠିର ମହତମ ପ୍ରମୁଖ ପ୍ରବଚନ ପ୍ରଦାନ କରିଥିଲେ । ପାରାୟଣର ଅନ୍ତିମ ଦିବସରେ ବିନିକା ବ୍ଲକ ଅଧ୍ୟକ୍ଷ ଅଶୋକ ନନ୍ଦ ଯୋଗଦେଇ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ଦିବସରେ ଗ୍ରାମରେ ଦହିହାଣ୍ଡି ଭଙ୍ଗା, କୀର୍ତ୍ତନ ଓ ନୃତ୍ୟଗୀତର ଭରପୁର ଆସର ଜମିଥିଲା ।



ପାରାୟଣ ଅବସରରେ ପରିବେଶିତ ନାଟ୍ୟାଭିନୟର ଏକ ଦୃଶ୍ୟ।

## ରାମଚଣ୍ଡୀଙ୍କ ବାର୍ଷିକ ପୂଜନୋତ୍ସବ

**ବିନିକା,୧୨।୧୦(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ କୁଇବାହାଲ ଗ୍ରାମ ରାମଚଣ୍ଡୀଙ୍କ ମନ୍ଦିର ପ୍ରାଙ୍ଗଣରେ ଶନିବାର ଆଞ୍ଚଳିକ କୁଲତା ସମାଜ ପକ୍ଷରୁ ରାମଚଣ୍ଡୀଙ୍କ ବାର୍ଷିକ ପୂଜନୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ କୁଲତା ସମାଜ ସଭାପତି ଧନୁ ପଧାନଙ୍କ ଆହ୍ୱାନ କ୍ରମେ ଗ୍ରାମର ଜନସାଧାରଣ ରାମଚଣ୍ଡୀଙ୍କ ପୀଠକୁ ଏକ ଶୋଭାଯାତ୍ରାରେ ଯାଇଥିଲେ। ପରେ ଆଞ୍ଚଳିକ କୁଲତା ସମାଜ ସମ୍ପାଦକ ଗୋପୀନାଥ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ସମାଜର ଏକତା, ଐତିହ୍ୟ ଓ ସାମାଜିକ ନୀତି ଉପରେ ଦିଗଦର୍ଶନ ଦିଆଯାଇଥିଲା।

## ଛାତ୍ର ଜୀବନର ସ୍ମୃତି ମନେ ପକାଇଲେ

**ବଲାଙ୍ଗୀର ଅଫିସ,୧୨।୧୦**

ଅବିଭକ୍ତ ବଲାଙ୍ଗୀର ଜିଲାର ବିଭିନ୍ନ ହାଇସ୍କୁଲର ୧୯୮୨ମାଟ୍ରିକ ବ୍ୟାଚ ଛାତ୍ରଙ୍କ ଏକ ବନ୍ଧୁମିଳନ ଉତ୍ସବ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ପ୍ରଥମରୁ ପରଲୋକଗତ ବନ୍ଧୁ ଓ ଶିକ୍ଷକମାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇ ନୀରବ ପ୍ରାର୍ଥନା କରାଯାଇଥିଲା । ବନ୍ଧୁମିଳନ କାର୍ଯ୍ୟକ୍ରମରେ ଜିଲାର ଦୂରଦୂରାନ୍ତରୁ ଆସିଥିବା ବନ୍ଧୁମାନେ ସେମାନଙ୍କ ଛାତ୍ର ଜୀବନର ଅଭୁଲା ସ୍ମୃତିକୁ ମନେ ପକାଇଥିଲେ। କାର୍ଯ୍ୟକ୍ରମକୁ ଡା. ବେଣୁଧର ପାଣ୍ଡେ, ଜୟପ୍ରକାଶ ପୁରୋହିତ, ପ୍ରତାପ ରଥ, ଅରୁଣ ମିଶ୍ର, ପ୍ରଦୀପ ମହାନ୍ତି, ସୁଧୀର ତ୍ରିପାଠୀ, ଲକ୍ଷ୍ମଣ ପୁରୋହିତ, ରଞ୍ଜିତ ମହାନ୍ତି, ଶଶୀଶେଖର ପଣ୍ଡା, ଡା ଗିରିଜା ଉଦ୍‌ଗାତା ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଅରବିନ୍ଦ ଦାସ, ହେମନ୍ତ ପଣ୍ଡା ଓ ଗୋପାଳଜୀ ପାଣିଗ୍ରାହୀ ମଧ ଉପସ୍ଥିତ ଥିଲେ ।

## ମାଁ ଦୁର୍ଗାଙ୍କ ଭସାଣି ଯାତ୍ରା ସମ୍ପନ୍ନ

**ଜହ୍ନାପଙ୍କ, ୧୨।୧୦ (ଡି.ଏନ.ଏ):** ବୌଦ୍ଧ ବ୍ଲକ ଅନ୍ତର୍ଗତ ଜହ୍ନାପଙ୍କ ବସଷ୍ଟାଣ୍ଡଠାରେ ମାରୁତି ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ଦୁର୍ଗାପୂଜା ଗୁରୁବାର ଭସାଣି ଉତ୍ସବ ସମ୍ପନ୍ନ ହୋଇଛି। ଏକ ସୁସଜ୍ଜିତ ଯାନରେ ମାଁ ଦୁର୍ଗାଙ୍କୁ ଜହ୍ନାପଙ୍କ ବସଷ୍ଟାଣ୍ଡରୁ ଗାଁ ଭିତର ହନୁମାନ ଓ ନାରାୟଣୀ ମନ୍ଦିର ଦେଇ ସ୍ଥାନୀୟ ପୋଖରୀ ହୁଡାର ଶେଷ ମୁଣ୍ଡକୁ ନିଆଯାଇଥିଲା । ସେଠାରେ ମାଁଙ୍କୁ ବିସର୍ଜନ କରାଯାଇଥିଲା । ଭସାଣି ଉତ୍ସବରେ ସଭାପତି ସୁଧାଂଶୁ ଶେଖର ମିଶ୍ର, ସମ୍ପାଦକ ଜଗଦୀଶ ବାରିକ, କୋଷାଧ୍ୟକ୍ଷ ସଞ୍ଜୀବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ଉଚ ଚିକିତ୍ସା ଲାଗି ଟଙ୍କା ଅଭାବ

**ଜହ୍ନାପଙ୍କ, ୧୨।୧୦ (ଡି.ଏନ୍.ଏ.)**

ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଁଚେତ୍‌ର ନାରାୟଣନଗରର ଗୋବର୍ଦ୍ଧନ ତରିଆ(୪୪) । ସେ ପକ୍ଷାଘାତ ରୋଗ୍‌ରେ ପୀଡ଼ିତ ଅଛନ୍। ଏନ୍‌ତାଥି ସେ ଗୁଟେ ବାଡ଼ି ସାହାଯ୍‌ରେ ଯିବାର ଆଏବାର କରୁଛନ୍। ହେଲେ ଟଁକା ପଏସା ଅଭାବୁ ଉଚ ଚିକିଛା କରେଇ ନାଇଁପାରି କରି ଘରେ ପଡ଼ି ରହିଛନ୍।

ସୂଚନା ଅନ୍‌ସାରେ ନାରାୟଣନଗରର ଗୋବର୍ଦ୍ଧନ ତରିଆଙ୍କର ପରିବାର କହେଲେ ମାଏକିନା ନିର୍ମଳା, ୩ ଝି' ଆର ଗୁଟେ ପୁଓକେ ନେଇ ସଁସାର । ପରିବାରଟା ନିହାତି ଗରିବ । ଗୋବର୍ଦ୍ଧନ ମୁଢ଼ି ବିକି କୁଟୁମ ପୁଷୁଥିଲେ। ୨୦୧୬ ମସିହା ଦିଆଲି ଦିନ ସେ ଖୁଣ୍ଟବନ୍ଧ ଗାଁକେ ମୁଢ଼ି ବିକି



ଭିନ୍ନକ୍ଷମ ଗୋବର୍ଦ୍ଧନ ତରିଆ ।

ଯାଇଥିଲେ। ସେଠାନେ ତାକର ଦିହିପା ବିଗଡ଼ି ଗଲାରୁ ଘରର ଲୋକ୍ ଖବର ପାଇ ତାହାକୁ ଜହ୍ନାପଙ୍କ ଡାକ୍ତରଖାନାକେ ନେଇଥିଲେ। ଡାକ୍ତର ସେଠାନେ ତାକର ରକ୍ତଚାପ କମ୍ ଥିବାର କହି ଗୁଟେ ସାଲାଇନ୍ ଦେଇଥିଲେ। ହେଲେ ପଛେ ତାକର ଡେବ୍‌ରିଫାଲର ଗୋଡ଼ହାତ୍ ପଡ଼ି ଅଚଲ ହେଇଯାଇଥିଲା। ଘରର ଲୋକ୍ ତାହାକୁ ଘରକେ ଧରିଆଏଲେ। ହେଲେ ଟଁକା ପଏସା ଅଭାବୁ ଘରର ଲୋକ୍ ତାକର ଚେରମୂଲି, ଆୟୁର୍ବେଦିକ ଚିକିଛା କଲେ। ଆୟୁର୍ବେଦିକ ଚିକିଛାଥି ସେ ବାଡ଼ି ଧରି ଚାଲବୁଲ କରିପାରଲେ ସତ୍, ହେଲେ ପୂରାପୂରି ଠିକ୍ ନାଇଁ ହେଇପାରଲେ। ଏନ୍‌ତାଥି ମାଏକିନା ନିର୍ମଳା କୁଲିମଜୁରି କରି କୁଟୁମ ପୁଷୁଛନ୍ ସିନା ଆପ୍‌ନେର ଉଚ ଚିକିଛା କରେଇ ନାଇଁପାରବାର। ଉପେ ଶୁଇନ୍ ନିର୍ମଳା ଶେଷେ ଗଣମାଧ୍ୟମ ଜରିଆରେ ଜିଲା ପରଶାସନ ଆର ସହୃଦ୍ ଲୁକ୍‌କୁ ଆପ୍‌ନେର ଚିକିଛା ସାହାଯ୍ ଲାଗି ଗୁହାରି କରିଛନ୍।

## ୫ଶହ ଅସହାୟଙ୍କୁ ବସ୍ତ୍ର ବିତରଣ

**ବୌଦ୍ଧ,୧୨।୧୦(ସ୍ୱ.ପ୍ର)**

ବୌଦ୍ଧର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉତ୍ସର୍ଗ ପକ୍ଷରୁ ବାମଣ୍ଡା ନିକଟସ୍ଥ ନାୟକପଡା ହାଟ ପଡିଆଠାରେ ପୁରୁଣା ବସ୍ତ୍ର ବିତରଣ କରାଯାଇଛି। ବୌଦ୍ଧ ଜିଲାର ବିଭିନ୍ନ ଅଞ୍ଚଳରେ ରହୁଥିବା ଗରିବ ବ୍ୟକ୍ତିମାନଙ୍କ ବସ୍ତ୍ର ଚାହିଦା ମେଣ୍ଟାଇବା ପାଇଁ ନୂଆ ଓ ପୁରୁଣା ବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏକ ମାସ ପୂର୍ବରୁ ନାରାୟଣପୁର ସ୍ଥିତ ଅନ୍ଧ, ମୂକ, ବଧିର ବିଦ୍ୟାଳୟ ଓ ସ୍ୱଧାର ଗୃହର ଅନ୍ତେବାସୀମାନଙ୍କୁ ନୂତନ ବସ୍ତ୍ର ବିତରଣ କରାଯାଇଥିଲା। ଯେଉଁ ପରିବାରରେ ବ୍ୟବହାର ଯୋଗ୍ୟ ଭଲ ବଳକା ବସ୍ତ୍ର ଥିବ ତାହା ଅନୁଷ୍ଠାନ ପକ୍ଷରୁ ସଂଗ୍ରହ କରାଯାଇ ଆବଶ୍ୟକ କରୁଥିବା ବ୍ୟକ୍ତିମାନଙ୍କୁ ପ୍ରଦାନ କରାଯାଉଛି। ନାୟକପଡା ହାଟ ପଡିଆ ଠାରେ ଅନୁଷ୍ଠିତ ପୁରୁଣା ବସ୍ତ୍ର ବିତରଣ କାର୍ଯ୍ୟକ୍ରମରେ ଛୋଟ ପିଲା, ପୁରୁଷ ଓ ମହିଳାଙ୍କ ପୋଷାକ, ବେଡସିଟ, ଗାମୁଛା ଆଦି ୨ହଜାରରୁ ଅଧିକ ବସ୍ତ୍ର ୫୦୦ରୁ ଅଧିକ ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଆବାହକ ସମ୍ପଦ କୁମାର ଅଗ୍ରୱାଲଙ୍କ ସହିତ ବିପ୍ରଚରଣ ମହାନ୍ତି, ମହିଳା ପତଞ୍ଜଳି ଯୋଗ ସମିତିର ପ୍ରଭାରୀ ଅନିମା ପଟ୍ଟନାୟକ, କ୍ରୀଡାବିତ୍ ଶିବନାରାୟଣ ଦାସ, ରକ୍ତଦାତା ଜୟ ନାରାୟଣ ମହାନ୍ତି, ସମାଜସେବୀ ଦେବାଶିଷ ପୁରୋହିତ, ଯୋଗ ଶିକ୍ଷକ ହୃଷିକେଶ ପ୍ରଧାନ, ଶିକ୍ଷକ ବିଜୟ କୁମାର ସାହୁ, ଶିକ୍ଷୟତ୍ରୀ ଝରଣା ମିଶ୍ର ଏବଂ ଅନ୍ୟମାନେ ସାମିଲ ହୋଇଥିଲେ ।

## ବ୍ରାହ୍ମଣ ମହାସଂସ୍ଥାର ବ୍ଲକ ମିଡିଆ ସେଲ୍ ପ୍ରଭାରୀ ନିଯୁକ୍ତ

**ବିନିକା,୧୨।୧୦(ଡି.ଏନ.ଏ.)**

ଅନ୍ତରାଷ୍ଟ୍ରୀୟ ବ୍ରାହ୍ମଣ ମହାସଂସ୍ଥାର ବିନିକା ବ୍ଲକ ମିଡିଆ ସେଲ୍ ପ୍ରଭାରୀ ଭାବେ ବିପ୍ଳବ ରଞ୍ଜନ ଦାଶଙ୍କୁ ଚୟନ କରାଯାଇଛି । ପଶ୍ଚିମ ଓଡିଶା କାର୍ଯ୍ୟକାରିଣୀ କମିଟି ସଦସ୍ୟ ଏବଂ ସୁବର୍ଣ୍ଣପୁର ଜିଲା ଅଧ୍ୟକ୍ଷ ସଦାନନ୍ଦ ପାଣିଆ ଏବଂ ଉପେନ୍ଦ୍ର ଚାନ୍ଦଙ୍କ ମନୋନୟନକ୍ରମେ ଏହି ଚୟନ ହୋଇଛି। ଶନିବାର ଜାମପାଲି ଘଣ୍ଟେଶ୍ୱରୀ ପୀଠରେ ଅନୁଷ୍ଠିତ ବୈଠକରେ ମନୋନୟନ ଯାଚିକାପତ୍ର ଗ୍ରହଣ କରାଯାଇଥିଲା । ଏ ନେଇ ପଶ୍ଚିମ ଓଡିଶା କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟବ୍ରତ ହୋତା, ଶତ୍ରୁଘ୍ନ ପୁରୋହିତ, ଶେଷଦେବ ମିଶ୍ର, ବିଜୟ କୁମାର ମିଶ୍ର, ସଂଗଠକ ସୁଶାନ୍ତ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।

ରଘୁନାଥ କ୍ରିକେଟ ଟୁର୍ନାମେଣ୍ଟ

# ସୋନପୁର ରିଜର୍ଭ ଚାମ୍ପିୟନ

**ଉଲୁଣ୍ଡା, ୧୨।୧୦ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସିନ୍ଧ୍ରିଆବାହାଲ ରଘୁନାଥ କ୍ଲବ ତରଫରୁ ଗତ ୫ଦିନ ଧରି ଚାଲିଥିବା ୨୮ ତମ ରଘୁନାଥ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଖେଳପଡିଆରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟର ଫାଇନାଲ ଖେଳରେ କପାସିରା ଦଳକୁ ହରାଇ ରିଜର୍ଭ ସୋନପୁର ଚାମ୍ପିୟନ ହୋଇଛି। ଏହା ପୂର୍ବରୁ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ରିଜର୍ଭ ସୋନପୁର ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ହରାଇ ୧୧୮ ରନ ସଂଗ୍ରହ କରିଥିଲା। ଜବାବରେ ଡାହାଣିପାଲି ଦଳ ୯ ଉଇକେଟ ହରାଇ ୯୪ ରନ କରି ପରାଜିତ ହୋଇଥିଲା। ସେହିପରି ଦ୍ୱିତୀୟ ସେମିଫାଇନାଲରେ ରେଡରୋଜ ସୋନପୁର ୧୦ ଓଭରରେ ୮ ଉଇକେଟ ହରାଇ ୬୦ ରନ କରିଥିଲା। ବିପକ୍ଷ କପାସିରା ଦଳ ୮.୧ ଓଭରରେ ୪ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ରିଜର୍ଭ ସୋନପୁର ୧୦ ଓଭରରେ ୬ ଉଇକେଟ ହରାଇ ୮୮ ରନ କରିଥିଲା। ଜବାବରେ କପାସିରା ୧୦ ଓଭରରେ ୬ ଉଇକେଟ ହରାଇ ମାତ୍ର ୫୭ ରନ କରି ପରାଜିତ ହୋଇଥିଲା। ଖେଳକୁ ସତ୍ୟନାରାୟଣ ପଧାନ ଏବଂ ବିମଳ କୁମାର ପଣ୍ଡା ପରିଚାଳନା କରିଥିଲେ। ଦେବାଶିଷ ପୁରୋହିତ ଓ ଶ୍ରୀକାନ୍ତ ପଧାନ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଜନାର୍ଦ୍ଦନ ସାହୁ ଏବଂ କାହ୍ନା ପୁରୋହିତ ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜକ କ୍ଲବ ସଭାପତି ରାଧାକାନ୍ତ ପଧାନଙ୍କ ଅଧ୍ୟକ୍ଷତା ଏବଂ ସମ୍ପାଦକ ସଞ୍ଜୀବ କୁମାର ପୁରୋହିତଙ୍କ ସଂଯୋଜନାରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବରେ ଉଲୁଣ୍ଡା ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ପଣ୍ଡା, ଲକ୍ଷ୍ମୀବଲ୍ଲଭ ପଧାନ, ସୁଶାନ୍ତ ପଧାନ ଅତିଥି ଭାବେ ଯୋଗଦେଇ ବିଜେତା ରିଜର୍ଭ ସୋନପୁରକୁ ଟ୍ରଫିସହ ନଗଦ ୧୦ ହଜାର ଏବଂ ଉପବିଜେତା କପାସିରାକୁ ଟ୍ରଫିସହ ନଗଦ ୫ହଜାର ଟଙ୍କା ପୁରସ୍କୃତ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ଭାବେ ଅଭି, ମ୍ୟାନ ଅଫଦି ସିରିଜ ସୁଦାମ, ବେଷ୍ଟ ସିକ୍ସର ବିଶାଳ ତରିଆ, ବେଷ୍ଟ କ୍ୟାଚର ଈଶ୍ୱର, ବେଷ୍ଟ ଅଡିଏନ୍ସ ରଘୁବୀର ପୁରୋହିତଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସଞ୍ଜୀବ ଭୋଇ, ପଦ୍ମଲୋଚନ ପଧାନ, ଦେବବ୍ରତ ଭୋଇ, ରାମ ଭୋଇ, ଟୁଲୁ ଚାଉଳିଆ, ମାନସ ପଧାନ, ଭରତ ଭୋଇ, ସୁବ୍ରତ ମହାକୁର, ବିନୋଦ ପଧାନ ପ୍ରମୁଖ ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ।

# ମାହେଶ୍ୱରୀ ଫୁଟବଲ ଟୁର୍ନାମେଣ୍ଟ : ଗୁରୁପାଲି ଚାମ୍ପିୟନ

**ଉଲୁଣ୍ଡା, ୧୨।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ମରାଲୋଏ ମା' ମାହେଶ୍ୱରୀ ଫୁଟବଲ ଆସୋସିଏଶନ ତରଫରୁ ଶନିବାର ମାହେଶ୍ୱରୀ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଆୟୋଜିତ ହୋଇଯାଇଛି। ସ୍ଥାନୀୟ ସାଲେପାଲି ଖେଳପଡିଆରେ ନକ୍‌ଆଉଟ ଭିତ୍ତିରେ ଖେଳାଯାଇଥିବା ଟୁର୍ନାମେଣ୍ଟର ଫାଇନାଲ ଖେଳରେ ଗୁରୁପାଲି ଦଳ ସୋନପୁରକୁ ଟାଇବ୍ରେକର ଜରିଆରେ ୪-୩ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଏହା ପୂର୍ବରୁ ଖେଳାଯାଇଥିବା ଲିଗ ମ୍ୟାଚଗୁଡିକରେ ବିଶିପଡା ଦଳ କେଉଟିପାଲିକୁ ୧-୦, ଗୁରୁପାଲି ଦଳ ମରାଲୋଏକୁ ୫-୪, ସୋନପୁର ଦଳ ଝାରବାହାଲିକୁ ୩-୨ ଏବଂ କଦଳୀପାଲି ଦଳ ନିମ୍ନାକୁ ୬-୫ ଗୋଲରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲେ। ତେବେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଗୁରୁପାଲି ଦଳ ବିଶିପଡାକୁ ୩-୨ ଏବଂ ଦ୍ୱିତୀୟ ସେମିଫାଇନାଲରେ ସୋନପୁର ଦଳ କଦଳୀପାଲିକୁ ୪-୩ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ଖେଳ ସବୁକୁ ସୁଦାମ ଜଗଦଲା, ସୁଶାନ୍ତ ଭୋଇ, ସିଦ୍ଧାର୍ଥ ପାତ୍ର ଓ ବାବୁଲୁ ମହାନନ୍ଦ ପରିଚାଳନା କରିଥିଲେ। ଅକ୍ଷୟ ଆଚାର୍ଯ୍ୟ ଧାରା ବିବରଣୀ ପ୍ରଦାନ କରିଥିଲେ। ପରେ ଆୟୋଜକ କମିଟି ସଭାପତି ବଚନ ଭୋଇ ଏବଂ ବିଶ୍ୱନାଥ ପାଣ୍ଡେଙ୍କ ସଂଯୋଜନାରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବକୁ ବ୍ଲକ କ୍ରୀଡା ସଂଯୋଜକ ଉରୁକ୍ରମ ପାଣ୍ଡିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଗୁରୁପାଲି ଦଳକୁ ଟ୍ରଫି ସହ ୩ ହଜାର ଟଙ୍କା ଏବଂ ଉପବିଜେତା ସୋନପୁର ଦଳକୁ ଟ୍ରଫି ସହ ୨ ହଜାର ଟଙ୍କା ଦେଇ ପୁରସ୍କୃତ କରିଥିଲେ। ଏହାସହ ଶ୍ରେଷ୍ଠ ଖେଳାଳିଭାବେ ଗୁରୁପାଲି ଦଳର ପୁରନ ସାହୁ, ଗୋଲକିପର ତ୍ରିଲୋକ କମ୍ପ, ସ୍କୋରର ରଞ୍ଜନ ବିଶ୍ୱାଳ ପ୍ରମୁଖଙ୍କୁ ଅନୁଷ୍ଠାନ ତରଫରୁ ପୁରସ୍କୃତ କରାଯାଇଥିଲା। ଖେଳ ପରିଚାଳନାରେ ପଞ୍ଚାନନ ଭୋଇ, ଅଜିତ ସେଠୀ, ଟୁକୁନ ଭୋଇ, ଶଙ୍କର ପଧାନ, ମନୋଜ ପାଣ୍ଡେ, ପଞ୍ଚାନନ ସେଠୀ ପ୍ରମୁଖ ସହଯୋଗ କରିଥିଲେ।



ଫାଇନାଲ ଖେଳରେ ରେଫେରୀଙ୍କ ସହ ଉଭୟ ଦଳର ଖେଳାଳିମାନେ।



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଇଥାଏ। ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।

- ମିଲଟନ

## ସଂକ୍ଷେପରେ

### ମାଁ କରମସାନୀ ପୂଜା ଉଦ୍‌ଯାପିତ

ପାଇକମାଲ,୧୨।୧୦(ଡି.ଏନ.ଏ.): ପାଇକମାଲ ବ୍ଲକ ପିପଲଖୁଣ୍ଟା ଗ୍ରାମରେ ଦୁଇଦିନ ଧରି ଚାଲିଥିବା ମାଁ କରମସାନୀ ପୂଜା ଉଦ୍‌ଯାପିତ ହୋଇଯାଇଛି। କମିଟି ସଭାପତି ମଧୁସୂଦନ ପାଣ୍ଡେଙ୍କ ତତ୍ତ୍ୱାବଧାନରେ ମାଁ କରମସାନୀ ପୂଜା ଅନୁଷ୍ଠିତ ହୋଇଥିଲା । ଉକ୍ତ ଉତ୍ସବକୁ ହେମନ୍ତ ହଂସ ପରିଚାଳନା କରିଥିବା ବେଳେ ସରପଞ୍ଚ ପାନାଲାଲ ସେଠ, ବୈଦ୍ୟରାଜ ବଜାରୁ ଧରୁଆ, ପଦ୍ମ ହଂସ, ପୂଜକ ନକୁଳ ମଲ୍ଲିକ, ଦେହୁରୀ ଅଲେଖ ଧରୁଆ, ଗଙ୍ଗାରାମ ଭୁଏ ପ୍ରମୁଖ କରମସାନୀ ପୂଜାକୁ ବଞ୍ଚାଇ ରଖିବା ପାଇଁ ମତପ୍ରକାଶ କରିଥିଲେ । ଗ୍ରାମ କମିଟି ସମ୍ପାଦକ ଦିଲୀପ କଲେତ ଧନ୍ୟବାଦ ଅର୍ପଣ କରିଥିଲେ ।



### କେନାଲ ଅବସ୍ଥା ସୁଧୁରୁନି, ଚାଷୀ ହଟହଟା

ଜାମଟିକ୍ରା, ୧୨।୧୦ (ଡି.ଏନ.ଏ): ରାଜ୍ୟ ସରକାର ଚାଷୀଙ୍କ ପାଇଁ ପାଣି ପଞ୍ଚାୟତ ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ବରାଦ କରୁଥିବା ବେଳେ ଏହା ଅତାବିରା ବ୍ଲକରେ ଫେଲ ମାରିଛି । ଫଳରେ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ନେଇ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପ୍ରତ୍ୟେକ ବର୍ଷ ଅତାବିରା ବ୍ଲକର ବିଭିନ୍ନ ଶାଖା କେନାଲ ମରାମତି, କଂକ୍ରିଟ ଢ଼ଲେଇ, ସାଇଟ ୱାଲ, କେନାଲ ସଫା ନିମନ୍ତେ ଜଳସମ୍ପଦ ବିଭାଗରୁ ପାଣି ପଞ୍ଚାୟତ ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଉଥିବା ବେଳେ ସେଗୁଡିକ ରକ୍ଷଣବେକ୍ଷଣ ଅଭାବରୁ ପୁଣି କେନାଲ ପୂର୍ବ ଅବସ୍ଥାକୁ ଫେରିବା ପରିଲକ୍ଷିତ ହେଉଛି। ଏ ନେଇ ପାଣି ପଞ୍ଚାୟତ ସଭାପତି ଓ ଜଳସମ୍ପଦ ବିଭାଗ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ ଅଣଦେଖା କରାଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଅତାବିରା ବ୍ଲକ ବୁଗବୁଗା ଶାଖା କେନାଲ ଏବେ ଘାସଲଟାରେ ପରିପୂର୍ଣ୍ଣ ହୋଇଛି। କେନାଲ ସଫା କରାଯାଉ ନାହିଁ। କେନାଲ ଭିତରକୁ ଲୋକେ ଅଳିଆ ଆବର୍ଜନା ପକାଉଛନ୍ତି। କେନାଲ ଏରିଆକୁ କେତେକ ଲୋକ ଜବରଦଖଲ କରି ନିଜ ଅକ୍ତିଆରରେ ରଖିଛନ୍ତି। ସାଇଟ ୱାଲ ନିର୍ମାଣ କରାଯାଇନାହିଁ । ଫଳରେ କେନାଲ ହିଡ ଧସିଯାଉଛି। ଏ ସମ୍ପର୍କରେ କେନାଲ ବିଭାଗ ଏସଡିଓ ରବିନ୍ଦ୍ର କୁମାର ସେଠୀଙ୍କ ମତାମତ ମିଳିପାରିନାହିଁ ।

## ■ ଦୁର୍ଦ୍ଦିନରେ ଗରିବ୍ ପରିବାର
# ତାରପୋଲିନ ତଳେ ୬ ପରାନୀ

ଘଣ୍ଟାପଡ଼ା, ୧୨।୧୦ (ଡି.ଏନ୍.ଏ.)



ନିଜର ଝୁପଡ଼ିରେ ଛୁଆମାନେ ଶୁଖା ଭାତ ଖାଉଛନ୍ ।

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଆମ୍ଭଗାଁ ପଁଚେତ୍ ଅଧୀନ ଦେଢ଼େଣମାଲ ଗାଁର ଝାଙ୍କର ମହାନନ୍ଦ। ସେ ଝନେ ନିହାତି ଗରିବ୍ ହେଇଥିଲାବେଲେ ଗାଁରେ ଲୁକ୍‌କର ଗାଇବଲଦ ଚରେଇ ଯାହା ପାଉଛନ୍ ସେଥିରେ ପରିବାର ଚଲୁଛେ। ଘରଖଁଡ଼େ ଅଭାବୁ ୬ ପରାନୀ କୁଟୁମ ଗୁଟେ ତାରପଲିନ୍ ଢପା କୁରିଆରେ ଜୀବନ୍‌କେ ପାଏନ୍‌ଛଡ଼େଇ ମୁଡ଼ ଗୁଁଜିଛନ୍। ପରିବାରଟା ଅନେକ ସରକାରୀ ସୁବିଧା ସୁଯୋଗରୁ ବଁଚିତ୍ ହେଇଥିବାର ଅଭିଯୋଗ ହେଇଛେ।

ସୂଚନା ଅନ୍‌ସାରେ ଆମ୍ଭଗାଁ ପଁଚେତ୍ ଦେଢ଼େଣମାଲ ଗାଁର ଝାଙ୍କର ମହାନନ୍ଦଙ୍କର ପରିବାର କହେଲେ ମାଏକିନା ଚକି ମହାନନ୍ଦ, ୩ ପୁଓ ଆର ଗୁଟେ ଝିଁକେ ନେଇ ତାକର ସଁସାର। ପରିବାରଟା ନିହାତି ଗରିବ୍ ହେଇଥିଲାବେଲେ ଜମିବାଡ଼ି, ଘରଡ଼ିହ, ସଁପତି ବଲି କିଛି ନାଇଁ। ପରିବାରଟା ଝାଟିମାଟିର ଗୁଟେ ଦଦରା କୁରିଆରେ ରହୁଥିଲେ। ହେଲେ ଗଲା ଲଘୁଚାପ ବରଷାରେ ସେ ଘରଟା ବି ଭାଂଗି ଯାଇଛେ। ଏନ୍‌ତାଥି କୁଟୁମବସିଆ ଗୁଟେ ସରକାରୀ ଜାଗାରେ ଝୁପଡ଼ିଟେ କରି ତାରପଲିନ୍ ଢାପି ଆଶ୍‌ରେ ନେଇଛନ୍। ପରିବାରଟା ନିହାତି ଗରିବ୍ ହେଇଥିଲେ ବି ସରକାରୀ ଯୋଜନାରେ ଘରଡ଼ିହ, ଆବାସ ଯୋଜନାରେ ଘରଖଁଡ଼େ ପାଏବାରୁ ବଁଚିତ୍ ହେଇ ରହିଛନ୍। ଦମ୍ପତିକଁର ଭୋଟର କାର୍ଡ, ଆଧାର କାର୍ଡ ଅଛେ। ନିରବାଚନ ବେଲେ ଭୋଟ ବି ଦେଉଛନ୍। ପରିବାରଟା ଦରିଦିଆ ପରିସ୍ଥିତିରେ ଥିଲେ ବି ସରକାରକଁର ଖାଏଦ୍ ସୁରକ୍ଷା ଯୋଜନାରୁ ବଁଚିତ୍ ହେଇ ରହିଛନ୍। ଏନ୍‌ତାଥି ସଖାଲ ପାଏଲେ ଦମ୍ପତିକେ ଦୁଇବେଲା ଦୁଇମୁଠା ଖାଏବାରଟା ଯୁଗାଡ଼ କରବାର ଚିନ୍‌ତା ମାଡ଼ିବସୁଛେ। ଟଁକା ପଏସା ଅଭାବୁ ଅନେକ ଦିନ୍ ନୁନ୍ ଝୁଲ କରି ଶୁଖା ଭାତ୍ ଖାଏବାକେ ପଡ଼ୁଛେ। ଏନ୍‌ତାଥି ଯଦି ଘରେ କାହାର ଦିହିପା ଖରାପ ହେଲା ଚିନ୍‌ତା ଆହୁରି ବଢ଼ିଯାଉଛେ ବଲି କହିଛନ୍ ଝାଙ୍କର ମହାନନ୍ଦ। ଏନ୍‌ତା ଅଭାବିଆ ପରିସ୍ଥିତିରେ ଲଘୁଚାପ ବରଷାରେ ତାକର ଘରଟା ଭାଂଗି ଗଲାରୁ କୁଟୁବବସିଆ ବଡ଼ା ଗୁଲ୍‌ଗୁଲା ହେଇ ରହୁଛନ୍। ଇ ବାବ୍‌ଦେ ବ୍ଲକ ପରଶାସନ ଜାନଲା ଉତାରୁ ସରକାରୀ ସାହାଯ୍ ହିସାବେ ତାରପଲିନ୍ ଖଁଡ଼େ ଆର ଚାଉଲ ବସ୍‌ତେ ଦେଇଛେ। ସେନ୍‌ତା ଘରଭଂଗା ବାବ୍‌ଦେ ୪ ହଜାର ଟଁକା ସାହାଯ୍ ଦିଆଯିବା ବଲି ପରଶାସନ କହିଛେ, ହେଲେ ଆଏଜ୍‌ତକ ଟଁକା ନାଇଁ ମିଲିଥିବାର ଝାଙ୍କର କହିଛନ୍। ଇ ବାବ୍‌ଦେ କଣ୍ଟାମାଳ ବିଡିଓ ରବିନ୍ଦ୍ରନାଥ କଅଁରକୁଁ ପଚରାଲାରୁ ତାଲିକାରେ ନାଁ ଥିଲେ ତାହାକୁ ଘର ଯୁଗେଇ ଦେବାର ବେବସ୍‌ତା କରାଯିବା। ନାଁ ନାଇଁଥିଲେ ଇଥରକ ସର୍ଭେ ବେଲେ ତାକର ନାଁ ଯୁଡ଼ି ଘର ଯୁଗେଇ ଦେବାର ବେବସ୍‌ତା କରାଯିବା ବଲି ସେ କହିଛନ୍। ହେଲେ ଜିଲା ପରଶାସନ ଇ ଦୁଖି ପରିବାର ଉପରେ ଦୁରୁଷ୍ଟି ଦେଇ ଯେତେ ଜଲଦି ହେବା ଆବାସ ଯୋଜନାରେ ଘରଖଁଡ଼େ, ଖାଏଦ୍ ସୁରକ୍ଷା ଯୋଜନାରେ ରାଶନ କାର୍ଡ ଖଁଡ଼େ ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍।

**ଆମ୍ଭଗାଁ ପଁଚେତ୍**

- ■ଜମିବାଡ଼ି, ଘରଡ଼ିହ, ସଁପତି ବଲି କିଛି ନାଇଁ
- ■ଖାଦ୍ୟ ସୁରକ୍ଷା ଯୋଜନାରୁ ବଁଚିତ୍ ପରିବାର
- ■ଶୁଖା ଭାତ ଖାଇ ଦିନ୍ ବିତଉଛନ୍ ୪ ଛୁଆ

# ବିଜେପୁର ଉପନିର୍ବାଚନ ପାଇଁ ସମନ୍ୱୟ ବୈଠକ

ପଦ୍ମପୁର, ୧୨।୧୦ (ଡି.ଏନ.ଏ)

ଆସନ୍ତା ବିଜେପୁର ଉପନିର୍ବାଚନକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ବରଗଡ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଶନିବାର ଏକ ସମନ୍ୱୟ ବୈଠକ ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉପନିର୍ବାଚନ ନିମନ୍ତେ ଗଠିତ ଷ୍ଟାଟିକ୍ ସର୍ଭିଲେନ୍ସ ଟିମ, ଫ୍ଲାଇଙ୍ଗ ସ୍କ୍ୱାର୍ଡ, ଭିଡିଓ ସର୍ଭିଲେନ୍ସ ଟିମ୍‌ର ସଦସ୍ୟମାନଙ୍କ ସହିତ ପୋଲିସ ବିଭାଗର ଅଧିକାରୀମାନେ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଜେପୁର ଉପନିର୍ବାଚନକୁ ଅବାଧ ଓ ନିରପେକ୍ଷ ଭାବେ ପରିଚାଳନା କରିବା ପାଇଁ ଜିଲାପାଳ ଉପସ୍ଥିତ ସମସ୍ତ କର୍ମକର୍ତ୍ତାମାନଙ୍କୁ ସୂଚନା ଦେବା ସହିତ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାବଳୀକୁ କଡାକଡି ପାଳନ କରିବା ପାଇଁ ପରାମର୍ଶ ଦେଇଥିଲେ । ନିର୍ବାଚନକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ପୋଲିସ ବିଭାଗ ତରଫରୁ ନିଆଯାଇଥିବା ପଦକ୍ଷେପ ଉପରେ ପଦ୍ମପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଦୀପ କୁମାର ସାହୁ ସୂଚନା ପ୍ରଦାନ କରିଥିଲେ। ରିଟର୍ନିଂ ଅଧିକାରୀ ତଥା ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ ନିର୍ବାଚନ ପ୍ରସ୍ତୁତି ସମ୍ପର୍କିତ ବିବରଣୀ ପ୍ରଦାନ କରିଥିଲେ। ଶେଷରେ ଝାରବନ୍ଧ ତହସିଲଦାର ପର୍ଶୁରାମ ଆର୍ଯ୍ୟନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଏମ. ଶ୍ରୀଗିଡାରେ ବଇଲଯାତ୍ରା

ବିଜେପୁର, ୧୨।୧୦ (ଡି.ଏନ.ଏ)

ବିଜେପୁର ବ୍ଲକ ଏମ. ଶ୍ରୀଗିଡା ଓ ତାଳପଦର ମଧ୍ୟରେ ପ୍ରବାହିତ ଲଣ୍ଡାବୀର ପୀଠରେ ବଇଲ ଯାତ୍ରା ଶନିବାର ଅନୁଷ୍ଠିତ ହୋଇଛି । ମଧ୍ୟାହ୍ନରେ ଗୌନ୍ତିଆ ପ୍ରଦୀପ କୁମାର ମିଶ୍ରଙ୍କ ଘରୁ ଝାଙ୍କରଙ୍କ ଘରକୁ ପୂଜାଭାର ପହଞ୍ଚିଥିଲା। ଅପରାହ୍ନରେ ଝାଙ୍କର ଘରୁ ପୂଜା ଭାରକୁ ଶୋଭାଯାତ୍ରାରେ ଲଣ୍ଡାବୀର ପୀଠକୁ ନିଆଯାଇଥିଲା। ଝାଙ୍କର ଅନୀଲ ବରିହା, ମୀନକେତନ ବରିହା ଷୋଡଶ ଉପଚାରରେ ପୂଜାର୍ଚ୍ଚନା କରିଥିଲେ। ଗୁରୁଗମ୍ଭୀର ହରନି ପାର ପ୍ରତିଧ୍ୱନିତ ହେବା ପରେ ବରୁଆମାନଙ୍କ ଦେହରେ ଲଣ୍ଡାବୀର, କନପୁରିଏନ ଦେବୀ ସବାର ହୋଇଥିଲେ। ବରୁଆ ଶ୍ରଦ୍ଧାଳୁମାନଙ୍କ ହାରିଗୁହାରି ଶୁଣିଥିଲେ । ମାନସିକଧାରୀମାନଙ୍କ ବୋଦା, କୁକୁଡା, ପାରାର ବଳି ରକ୍ତରେ ପୀଠଟି ରକ୍ତ ରଞ୍ଜିତ ହୋଇଥିଲା। ପରେ କାଳିସୀଦ୍ୱୟ ଶୋଭାଯାତ୍ରାରେ ଏମ. ଶ୍ରୀଗିଡା ଗ୍ରାମ ପରିକ୍ରମା କରିଥିଲେ । ଘରେ ଘରେ ଦୀପଜାଳି ମହିଳାମାନେ ଦେବୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ବିଳମ୍ବିତ ରାତିରେ ବଇଲ ଯାତ୍ରା ସମ୍ପନ୍ନ ହୋଇଥିଲା। ନିତ୍ୟାନନ୍ଦ ପଧାନ, ଗୁଣନିଧି ମେହେର, ରବି ଜେନା, ବସନ୍ତ ମେହେର, ଗୁଣନିଧି ସାହୁ, ନେପାଳ ମେହେର, ରାମପ୍ରସାଦ ମେହେର, ସୁଦାମ ପଟେଲ ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ । ରାତିରେ ଶ୍ରଦ୍ଧାଳୁମାନଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ପ୍ରଲୋଭନରେ ନ ପଡ଼ିବାକୁ ଜିଲାପାଳ କହିଲେ

ବରଗଡ଼ ଅଫିସ୍,୧୨।୧୦

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ଆସନ୍ତା ୨୧ତାରିଖରେ ହେବ । ଏଥିପାଇଁ ସେହିଦିନ ସକାଳ ୭ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ ଚାଲିବ। ତେବେ କୌଣସି ପ୍ରକାର ପ୍ରଲୋଭନ କିମ୍ବା ଚାପର ବଶବର୍ତ୍ତୀ ନ ହୋଇ ମତଦାନ ସାବ୍ୟସ୍ତ କରିବା ପାଇଁ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଉକ୍ତ ନିର୍ବାଚନ ମଣ୍ଡଳୀର ମତଦାତାଙ୍କୁ ନିବେଦନ କରିଛନ୍ତି । ସେହିପରି ମତଦାନ ପାଇଁ କେବଳ ଚିରକୁଟ୍ କିମ୍ବା ଫଟୋ ଭୋଟର ସ୍ଲିପ୍ ଯଥେଷ୍ଟ ନୁହେଁ, ସମସ୍ତ ମତଦାତା ଭୋଟର ପରିଚୟ ପତ୍ର, ପାସ୍‌ପୋର୍ଟ, ଡ୍ରାଇଭିଂ ଲାଇସେନ୍ସ, ଫଟୋ ଥିବା ସରକାରୀ ଚାକିରି କ୍ଷେତ୍ରର ପରିଚୟ ପତ୍ର, ଫଟୋ ସଂଲଗ୍ନ ରହିଥିବା ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସ୍‌ର ପାସବୁକ୍, ପାନକାର୍ଡ଼, ଏନପିଆର ସ୍ମାର୍ଟକାର୍ଡ଼, ଜବ୍ କାର୍ଡ଼, ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସ୍ୱାସ୍ଥ୍ୟବୀମା କାର୍ଡ଼, ଫଟୋ ରହିଥିବା ପେନଶନ ଦସ୍ତାବିଜ୍, ଏମ୍‌ପି, ବିଧାୟକଙ୍କୁ ଦିଆଯାଇଥିବା ପରିଚୟ ପତ୍ର, ଆଧାର କାର୍ଡ଼ ମଧ୍ୟରୁ ଯେକୌଣସି ଗୋଟିଏ ଆଣିବା ଅନିବାର୍ଯ୍ୟ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ଏକ ବିବୃତିରେ ଜଣାଇଛନ୍ତି ।

# ମୃତ୍ୟୁ ପରେ ଚକ୍ଷୁଦାନ

ବରଗଡ଼ ଅଫିସ୍,୧୨।୧୦

ବରଗଡ଼ ସହରର ୱାର୍ଡ଼ ନଂ-୧୧ ଶକ୍ତିନଗର ନିବାସୀ ବିଷ୍ଣୁ ଅଗ୍ରୱାଲଙ୍କ ସ୍ତ୍ରୀ ପିଙ୍କି(୩୯)ଙ୍କ ଶନିବାର ସ୍ଥାନୀୟ ଏକ ଘରୋଇ ଡାକ୍ତରଖାନାରେ ଆକସ୍ମିକ ଦେହାନ୍ତ ହୋଇଥିଲା । ସେ ମୃତ୍ୟୁ ପୂର୍ବରୁ ଚକ୍ଷୁଦାନ ପାଇଁ ପଞ୍ଜୀକରଣ କରିଥିଲେ। ଫଳରେ ପିଙ୍କିଙ୍କ ମୃତ୍ୟୁ ସୂଚନା ପାଇ ଭୀମସାର୍, ବୁର୍ଲା ଡାକ୍ତରଖାନାରୁ ଚକ୍ଷୁ ବିଶେଷଜ୍ଞମାନେ ପହଞ୍ଚି ତାଙ୍କ ଚକ୍ଷୁ କାଢ଼ି ନେଇଥିଲେ। ପିଙ୍କିଙ୍କ ଚକ୍ଷୁଦାନ ଭଳି ଏହି ମହତ୍ କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଥିବାବେଳେ ସେ ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ସାଜିଛନ୍ତି ।

# କଫ ସିରପ୍ ଜବତ, ୨ ଗିରଫ

ବରଗଡ଼ ଅଫିସ୍,୧୨।୧୦

ବରଗଡ଼ ସଦର ଥାନା ପୋଲିସ କଫ୍ ସିରପ୍ କାରବାରରେ ୨ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଭଟଲି ଥାନା ସୁଲସୁଲିଆ ଗ୍ରାମର ବିକି ଅଗ୍ରୱାଲ(୩୨) ଏବଂ ସହଦେବ ଭୁଏ(୨୬)। ସେମାନଙ୍କ ପାଖରୁ ୩୦୦ ବୋତଲ କଫ୍ ସିରପ୍, ୫ ଷ୍ଟ୍ରିପ ନିଶା ବଟିକା, ନଗଦ ୧୦ହଜାର ଟଙ୍କା ଏବଂ ଏକ ବାଇକ୍ (ନଂ.ଓଡ଼ି୧୭ଆର୍/୬୮୭୧) ଜବତ କରାଯାଇଛି ବୋଲି ସଦର ଥାନା ଆଇଆଇସି ଦିଲୀପ କୁମାର ବେହେରା ସୂଚନା ଦେଇଛନ୍ତି ।

# ଆଜିଠୁ କଳାସୁର ରାଜୁତି

ଘେଁସ,୧୨।୧୦(ଡି.ଏନ.ଏ)



ମହାରାଜା କଳାସୁର । (ଫାଇଲ ଫଟୋ)

ବରଗଡ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ପେଟୁପାଲି ଗଜଲକ୍ଷ୍ମୀ ପୂଜା ପାଇଁ ଚଳଚଞ୍ଚଳ ହୋଇଉଠିଛି । ଆଶ୍ୱିନ କୁମାର ପୂର୍ଣ୍ଣିମା ତିଥିରୁ ଆରମ୍ଭ ହେବାକୁ ଥିବା ଏହି ପୂଜା ମହୋତ୍ସବ ତିନି ଦିନ ଧରି ଅନୁଷ୍ଠିତ ହେବ । ଏଥିଲାଗି ପୂଜା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ସରିଛି । ପୂର୍ବାହ୍ନରେ କଳସ ଶୋଭାଯାତ୍ରା ପରେ ମାଁ ଗଜଲକ୍ଷ୍ମୀଙ୍କୁ ପୂଜା ମଣ୍ଡପରେ ଆବାହନ, ଗଣେଶ, ସୂର୍ଯ୍ୟ, ଚନ୍ଦ୍ରଙ୍କୁ ପୂଜାର୍ଚ୍ଚନା ଆଦି ଯଥାରୀତି ଅନୁଷ୍ଠିତ ହେବ। ସେହିଭଳି ଶ୍ରଦ୍ଧାଳୁ ଭକ୍ତଙ୍କ ମନୋରଞ୍ଜନ ପାଇଁ ସନ୍ଧ୍ୟାରେ ପୌରାଣିକ କଥାବସ୍ତୁ ଉପରେ ଆଧାରିତ କଳାସୁର ଦରବାର କାର୍ଯ୍ୟକ୍ରମ ରହିଛି। କଳାସୁରଙ୍କ ଦ୍ୱାରା ବ୍ରହ୍ମାଙ୍କୁ ତପସ୍ୟା, ଶୁକ୍ରଗୁରୁଙ୍କ ପରାମର୍ଶକ୍ରମେ ପାତାଳପୁରର ଅସୁର ମାନଙ୍କୁ ନିମନ୍ତ୍ରଣ, କଳାସୁରଙ୍କ ଇନ୍ଦ୍ରପୁର ଆକ୍ରମଣ ଯୋଜନା, ମହାରାଜା ଇନ୍ଦ୍ରଙ୍କୁ ଗାଦିଚ୍ୟୁତ କରି ରାଜାଭିଷେକ ପରେ ଆରମ୍ଭ ହେବ ମହାରାଜା କଳାସୁରଙ୍କ ରାଜୁତି । ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ପରେ ମହାରାଜା କଳାସୁର ଏକ ସୁସଜ୍ଜିତ ବିମାନରେ ନିଜ ମନ୍ତ୍ରୀ ପାରିଷଦଙ୍କୁ ନେଇ ବାହାରିବେ ନଗରଭ୍ରମଣରେ। ପେଟୁପାଲି ଗ୍ରାମ ପାଲଟିବ ଜେନାବଳୀ ନଗରୀ । ବଲାଙ୍ଗୀର ଜିଲା ଲାଠୋର ଗ୍ରାମର ବିଶିଷ୍ଟ ମଞ୍ଚ କଳାକାର ଆର୍ତ୍ତତ୍ରାଣ ସୁନାନୀ କଳାସୁର ଭୂମିକାରେ ଅବତୀର୍ଣ୍ଣ ହେବେ ।

# କଳା ପରିବେଷଣ କରିବେ ୩ ହଜାର କରମା କଳାକାର

ପଦ୍ମପୁର, ୧୨।୧୦ (ଡି.ଏନ.ଏ)

ପଦ୍ମପୁର ଉପଖଣ୍ଡ ବୁରୋମୁଣ୍ଡା ଗ୍ରାମରେ ସମ୍ବଲପୁରୀ ଫୋକ୍ ଏକାଡେମୀ ତରଫରୁ ପଶ୍ଚିମ ଓଡିଶାର ବିଭିନ୍ନ କରମା କଳାକାରଙ୍କୁ ନେଇ ଶନିବାର ଦିନ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପୂର୍ବ ବର୍ଷର କରମା ସମ୍ମିଳନୀର ସଫଳତା ପରେ ଚଳିତ ବର୍ଷ ଆହୁରି ଏହି କଳାକୁ ପ୍ରଚାରପ୍ରସାର କରିବା ପାଇଁ ଆସନ୍ତା ଜାନୁୟାରୀ ମାସରେ ୩ ହଜାର କରମା କଳାକାରଙ୍କ ଏକାଥରକେ କଳା ପରିବେଷଣ କରି ଲିମ୍‌କା ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇବା ପାଇଁ ସ୍ଥିରୀକୃତ ହୋଇଛି । ଏହି ବୈଠକରେ ପଓର କଳାକାରଙ୍କ ସହ ସଭାପତି ଭଗବାନ ସାହୁ, ସମ୍ପାଦକ ରବିରତନ ସାହୁ, କାର୍ଯ୍ୟକାରୀ ସଭାପତି ଜଗଦୀଶ କଲାରୀ ତଥା ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ ।



ପାଣି ପାଇଁ ମହିଳାମାନେ ପ୍ରତିବାଦ ଜଣାଉଛନ୍ତି ।

# ପାଣି ପାଇଁ ମହିଳାଙ୍କ ପ୍ରତିବାଦ

ଗାଇସିଲେଟ,୧୨।୧୦(ଡି.ଏନ.ଏ)

ବରଗଡ଼ ଜିଲା ଗାଇସିଲେଟ ଅଞ୍ଚଳରେ ପାନୀୟ ଜଳଯୋଗାଣରେ ଅବ୍ୟବସ୍ଥା ଦେଖାଦେଇଛି। ଏହି ଅଞ୍ଚଳରେ ଲୋକମାନଙ୍କୁ ଠିକ୍ ଭାବେ ପାଣି ମିଳୁନି। ଫଳରେ ସେମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶନିବାର ଗ୍ରାମର ଶତାଧିକ ମହିଳା ବ୍ଲକ ଅଫିସ ଓଭରହେଡ ପାଣିଟାଙ୍କି ପାଖରେ ଫାଟିଯାଇଥିବା ପାଇପ ମରାମତି କାମ ଚାଲିଥିବାବେଳେ ସେଠାକୁ ଯାଇ ପ୍ରତିବାଦ କରିଥିଲେ। ତାଙ୍କ ଅଞ୍ଚଳକୁ ଯାଇଥିବା ପାଇପ ମରାମତି କରି ଜଳଯୋଗାଣ କରିବାକୁ ସେମାନେ ଦାବି ଜଣାଇଥିଲେ । ଖବର ପାଇ ସରପଞ୍ଚ ଭାରତ ଦାଶ ଘଟଣାସ୍ଥଳକୁ ଯାଇ ଖୁବଶୀଘ୍ର ମନ୍ଦିର ପଡାକୁ ପାଣି ଯୋଇ ଦିଆଯିବ ବୋଲି କହିବା ସତ୍ତ୍ୱେ ମହିଳାମାନେ ତୁରନ୍ତ ଜଳଯୋଗାଣ ପାଇଁ ଅଡି ବସିଥିଲେ । ପରେ ନଦୀ ପାଣି ଯୋଗାଣ ନ ହେବା ପର୍ଯ୍ୟନ୍ତ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯିବ ବୋଲି ସରପଞ୍ଚ କହିବା ପରେ ମହିଳାମାନେ ଫେରିଯାଇଥିଲେ ।

# ଜମୁଛି ପ୍ରାର୍ଥୀଙ୍କ ନିର୍ବାଚନୀ ପ୍ରଚାର

ବରଗଡ଼ ଅଫିସ୍/ବରପାଲି/ଗାଇସିଲେଟ୍, ୧୨।୧୦

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ପାଇଁ ପ୍ରଚାର ଜୋର୍ ଧରିବାରେ ଲାଗିଛି। ଶନିବାର ବରପାଲି ଏନଏସିରେ ବିଜେଡ଼ି ପକ୍ଷରୁ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ପ୍ରମୁଖ ଦଳୀୟ ପ୍ରାର୍ଥିନୀ ରୀତା ସାହୁଙ୍କ ପାଇଁ ପ୍ରଚାର କରିଥିଲେ। ଏହି ଅବସରରେ ଏକ ପଥପ୍ରାନ୍ତ ସଭା ହୋଇଥିଲା ଏବଂ ସେଠାରେ ବିଜେଡ଼ି ନେତୃବୃନ୍ଦ ପ୍ରାର୍ଥିନୀ ରୀତାଙ୍କୁ ଭୋଟ୍ ଦେବାକୁ ନିବେଦନ କରିଥିଲେ । ସେହିପରି ଗାଇସିଲେଟ ବ୍ଲକର ବିଭିନ୍ନ ଗ୍ରାମରେ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରଣୟ କୁମାର ସାହୁ ପ୍ରମୁଖ ରୀତାଙ୍କ ପ୍ରଚାର କରିଥିବାବେଳେ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ପ୍ରମୁଖ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳ ଗସ୍ତ କରି ପ୍ରଚାର କାର୍ଯ୍ୟରେ ସାମିଲ ହୋଇଥିଲେ। ସେହିପରି ବରପାଲି ବ୍ଲକ ଗୋପେଇପାଲିରେ କଂଗ୍ରେସର ନିର୍ବାଚନୀ ପ୍ରଚାର ହୋଇଥିଲା। ଏଥିରେ ବାରବାଟୀ ବିଧାୟକ ମହମ୍ମଦ ମୋକିମଙ୍କ ସମେତ ପୂର୍ବତନ ମନ୍ତ୍ରୀ ରିପୁନାଥ ସେଠ, ଅନନ୍ତ ଶୟନ ପାଢ଼ୀ, ଆନନ୍ଦ ପ୍ରଧାନ, ଯୋଗେଶ ପ୍ରଧାନ, ପଞ୍ଚାନନ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ ଏବଂ ଦଳୀୟ ପ୍ରାର୍ଥୀ ଦିଲୀପ ପଣ୍ଡାଙ୍କୁ ଭୋଟ୍ ଦେବା ପାଇଁ ନିବେଦନ କରିଥିଲେ। ଗାଇସିଲେଟ ବ୍ଲକର ବିଭିନ୍ନ ଗ୍ରାମରେ ଦଳୀୟ ପ୍ରାର୍ଥୀ ସନତ ଗଡ଼ତିଆଙ୍କ ପାଇଁ ଭାଜପା ନେତୃବୃନ୍ଦ ପ୍ରଚାର କରିଥିଲେ । ଏଥିରେ ସୁନ୍ଦରଗଡ଼ ବିଧାୟକ କୁସୁମ ଟେଟେ, ଜିଲା ସଭାପତି ଡା. ଅରୂପାନନ୍ଦ ସାହୁ, ପୂର୍ବତନ ବିଧାୟକ କେ. ଭି ସିଂଦେଓ, ପ୍ରଦୀପ ପୁରୋହିତ ପ୍ରମୁଖ ସାମିଲ ହୋଇଥିଲେ ।





ବିଜେପୁର ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରାର୍ଥୀନୀ ରୀତା ସାହୁ ପ୍ରଚାର କରୁଛନ୍ତି (ବାମ) । ବରପାଲି ବ୍ଲକ ଗୋପେଇପାଲିରେ କଂଗ୍ରେସ ପ୍ରାର୍ଥୀଙ୍କ ପ୍ରଚାର ।

# କ୍ରିକେଟ ଟୁର୍ନାମେଣ୍ଟ ପ୍ରସ୍ତୁତି ବୈଠକ

ପାଇକମାଲ,୧୨।୧୦(ଡି.ଏନ.ଏ)

ପାଇକମାଲ ବ୍ଲକ ଛିନ୍ଦେଇକେଲା ଚନ୍ଦ୍ରଶେଖର ମିନି ଷ୍ଟାଡିୟମରେ ରାଇଜିଂ ଷ୍ଟାର କ୍ରିକେଟ କ୍ଲବ ପକ୍ଷରୁ ପ୍ରଶାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଶନିବାର ୨୫ତମ ସିଲଭର ଜୁବିଲି ଛିନ୍ଦେଇକେଲା କପ୍ କର୍ମକର୍ତ୍ତା ଚୟନ ଓ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପତିତପାବନ ସାହୁଙ୍କ ପରିଚାଳିତ ଖବରଦାତା ସମ୍ମିଳନୀରେ ସରପଞ୍ଚ ରାମଚନ୍ଦ୍ର ସାହୁ, ଡା. ଲଳିତ କୁମାର ସାହୁ, ଗୌର ଚରଣ କୁଅଁର, ଧନିରାମ ପିରା, ପ୍ରହ୍ଲାଦ ସାହୁ, ଶତ୍ରୁଘ୍ନ ସାହୁ, ସନ୍ତୋଷ ସାହୁ ପ୍ରମୁଖ ଯୋଗଦେଇ ସିଲଭର ଜୁବିଲିର ରୂପରେଖ ଉପରେ ଆଲୋଚନା କରିଥିଲେ । ଏହି ଟୁର୍ନାମେଣ୍ଟରେ ଜିଲା, ରାଜ୍ୟ ତଥା ରାଜ୍ୟ ବାହାରୁ ବଛା ବଛା ୧୦ଟି ଦଳ ଅଂଶଗ୍ରହଣ କରୁଥିବା ବେଳେ ଟୁର୍ନାମେଣ୍ଟକୁ ଆକର୍ଷଣୀୟ କରିବା ପାଇଁ ଗୋଟିଏ ମହିଳା କ୍ରିକେଟ ପ୍ରଦର୍ଶନୀ ମ୍ୟାଚ ହେବ ବୋଲି ସ୍ଥିର ହୋଇଛି । ପ୍ରତି ମ୍ୟାଚ ୨୦ଟି ଓ ୧୦ଟି ଫର୍ମାଟ ଓଭର ବିଶିଷ୍ଟ ଖେଳାଯିବ । ଏଥିରେ ସଭାପତି ପ୍ରଶାନ୍ତ ସାହୁ, ସମ୍ପାଦକ ଆନନ୍ଦ ସାହୁ, କୋଷାଧ୍ୟକ୍ଷ ରୋହିତ ସାହୁ ପ୍ରମୁଖ ମନୋନିତ ହୋଇଛନ୍ତି। ଏମାନଙ୍କୁ ସହଯୋଗ କରିବା ପାଇଁ ୧୦ ଜଣିଆ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇଛି । ସ୍ୱତନ୍ତ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



ମନ୍ଦିର, ମସ୍‌ଜିଦ, ଗୀର୍ଜାରେ ଯାଇ ଉପାସନା କରିବା ଅପେକ୍ଷା ନିଜ ଆତ୍ମାକୁ ଚିହ୍ନିବାକୁ ଚେଷ୍ଟା କର।

- ସନ୍ଥ କବୀର ଦାସ



## ସଂକ୍ଷେପରେ



### କାଳୀପୂଜା ପାଇଁ ଶୁଭଖୁଣ୍ଟ ସ୍ଥାପନ

**ବୌଦ୍ଧ,୧୨।୧୦(ସ୍ୱ.ପ୍ର):** ବୌଦ୍ଧ ଭୈରବୀ ମାର୍କେଟରେ କାଳୀପୂଜା ପାଇଁ ଶୁଭଖୁଣ୍ଟ ଶନିବାର ସ୍ଥାପନ କରାଯାଇଛି । ଭୈରବୀ ବଜାର କମିଟି ପକ୍ଷରୁ ରୀତିନୀତି ଅନୁଯାୟୀ ପୂଜାପାଠ କରାଯିବା ସହ ଶୁଭଖୁଣ୍ଟ ସ୍ଥାପନ କରାଯାଇଛି । ଏହି ସମୟରେ ପୁରୋହିତ ସଞ୍ଜୀବ କୁମାର ମିଶ୍ର, ମିନୁ ପୁରୋହିତ, ଲୋକନାଥ ବାରିକ, କର୍ତ୍ତା ମନମୋହନ ଶତପଥି, କମିଟି ସଭାପତି ସୁବାସ ସାହୁ, ସମ୍ପାଦକ କୈଳାସ ବେହେରା, କାର୍ତ୍ତିକ ମହାପାତ୍ର, ବିନୟ ନାଏକଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

### ବନ ସୁରକ୍ଷା ସମିତି ସଭ୍ୟଙ୍କ ପାଇଁ ଆର୍ଥିକ ସାକ୍ଷରତା ଶିବିର

**ବୌଦ୍ଧ,୧୨।୧୦(ସ୍ୱ.ପ୍ର):** ବୌଦ୍ଧସ୍ଥିତ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ବୌଦ୍ଧ ବନଖଣ୍ଡ ଓ ନାବାର୍ଡର ମିଳିତ ଆନୁକୂଲ୍ୟରେ ଏକାଭିମୁଖୀ କାର୍ଯ୍ୟକ୍ରମ ଶିବିର ନୂଆପଡା ବନସୁରକ୍ଷା ସମିତି ସଭାଗୃହ ପରିସରରେ ଶନିବାର ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରରେ ୭୦ ଜଣ ବନସୁରକ୍ଷା ସମିତିର ସଭ୍ୟାସଭ୍ୟମାନେ ଯୋଗଦାନ କରିଥିଲେ । ଏହି ଶିବିରରେ ଲିଡ୍ ବ୍ୟାଙ୍କ ମ୍ୟାନେଜର ରବୀନ୍ଦ୍ର କୁମାର ସେଠୀ ଯୋଗଦେଇ ସାକ୍ଷରତା ମାଧ୍ୟମରେ ଜୀବନବୀମା ଓ ଅର୍ଥ ପରିଚାଳନା ସମ୍ପର୍କରେ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମ ବୌଦ୍ଧ ଜିଲାର ବୌଦ୍ଧ, ମନମୁଣ୍ଡା, କଣ୍ଟାମାଳ ବନାଞ୍ଚଳର ୬୦ଟି ବନ ସୁରକ୍ଷା ସମିତିର ପ୍ରାୟ ୧୦୦୦୦ ସଭ୍ୟଙ୍କ ପାଇଁ କରାଯିବାକୁ ସ୍ଥିର କରାଯାଇଛି। ଉକ୍ତ ଶିବିରରେ ବନାଞ୍ଚଳ ଅଧିକାରୀ ଆଶିଷ କୁମାର କହଁର, ସୁରେନ୍ଦ୍ର କୁମାର ମେହେର (ଏସଏମଏସ), ଶିବଦତ୍ତ ଅଗସ୍ତି(ଏମଆଇଏସ) ଉପସ୍ଥିତ ରହି ଆର୍ଥିକ ପରିଚାଳନା ବିଷୟରେ ଆଲୋଚନା କରିଥିଲେ । ଶେଷଦେବ ଡାଙ୍ଗ, ଭି. ସୀମାଞ୍ଚଳ ରାଜୁ ଓ ରଞ୍ଜିତ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ସେମେଲପାଲିରୁ ୮ ଶ୍ରମିକ ଉଦ୍ଧାର, ୨ ଦଲାଲ ଗିରଫ

**କୋମନା, ୧୨।୧୦ (ଡି.ଏନ.ଏ)-** ନୂଆପଡା ଜିଲା କୋମନା ବ୍ଲକ ସେମେଲପାଲି ଗାଁରୁ ୮ ଶ୍ରମିକଙ୍କୁ କୋମନା ପୋଲିସ ଉଦ୍ଧାର କରିଛି। ସୂଚନାରୁ ପ୍ରକାଶ ଯେ, କୋମନା ବ୍ଲକର ଠୁଟିବର ଗ୍ରାମର ୮ ଜଣ ଶ୍ରମିକଙ୍କୁ ବାହାର ରାଜ୍ୟକୁ ଚାଲାଣ କରିବା ପାଇଁ ସେମେଲପାଲିର ଦୁଇ ଦାଦନ ଦଲାଲ ମୁଜିମ ଖାନ ଓ ଅଜୟ ସାହୁ ଘରେ ଲୁଚାଇ ରଖିଥିଲେ। ବିଶେଷ ସୂତ୍ରରୁ ଖବରପାଇ କୋମନା ପୋଲିସ ଦଲାଲଙ୍କ ଘରେ ଚଢାଉ କରି ଚାଲାଣ ଶ୍ରମିକଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଛନ୍ତି। ଏ ନେଇ କୋମନା ଥାନା କେଶ ନଂ. ୨୫୭/୧୯ ଅନୁସାରେ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିବା ସହ ତଦନ୍ତ ଜାରି ରଖିଥିବା ପୋଲିସ ସୂତ୍ରରୁ ପ୍ରକାଶ ହୋଇଛି। ଉଦ୍ଧାର ଶ୍ରମିକମାନଙ୍କୁ ପୋଲିସ ନିଜ ଉଦ୍ୟମରେ ସମ୍ପୃକ୍ତ ଗାଁ ମାନଙ୍କରେ ସୁରକ୍ଷିତ ଭାବରେ ଛାଡି ଦେଇଥିବା ପ୍ରକାଶ।

୧୧ତମ ଖଣ୍ଡହତା ଗଜଲକ୍ଷ୍ମୀ ପୂଜା

# ମୁରାସୁରରାଜ ମୁଖ୍ୟ ଆକର୍ଷଣ

**ଅମରପାଲି, ୧୨।୧୦ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତାଠାରେ ହେବାକୁ ଥିବା ଗଜଲକ୍ଷ୍ମୀ ପୂଜା ଚଳିତ ବର୍ଷ ୧୧ବର୍ଷରେ ପହଞ୍ଚିଛି। ଚଳିତ ବର୍ଷ ପୂଜାକୁ ଆକର୍ଷଣୀୟ କରିବା ପାଇଁ ଆୟୋଜକଙ୍କ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚାରିଦିନ ଧରି ହେବାକୁ ଥିବା ପୂଜାକୁ ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି। ଏଥିରେ ସର୍ବସମ୍ମତିକ୍ରମେ ମଧୁସୂଦନ ମହାକୁରଙ୍କୁ ସଭାପତି, ସୁଶିଲ ଭୁକ୍ତା ଉପସଭାପତି, ରୋହିତ ଝାଙ୍କର ସମ୍ପାଦକ, ଆନନ୍ଦ କୁଦେଇ ସହସମ୍ପାଦକ ଓ ତପନ ମଲ୍ଲିକଙ୍କୁ କୋଷାଧକ୍ଷ ଭାବେ ଚୟନ କରାଯାଇଛି । ଏହା ସହିତ ପ୍ରଦୀପ ମାଝୀ, ବାଦଲ ଭୁକ୍ତା, ସୁଦାମ କର୍ମୀ, ଶିବଦତ୍ତ ମିଶ୍ର, ରଞ୍ଜନ ଭୁକ୍ତା, ବିମ୍ବାଧର ମେଣ୍ଡିଲି ଓ ଜଗନ୍ନାଥ ମେହେର ପ୍ରମୁଖଙ୍କୁ ପରିଚାଳନା କମଟି ସଦସ୍ୟଭାବେ ମନୋନୀତ କରାଯାଇଛି। ପୂଜା ପାଇଁ ଶନିବାର କଳସ ଯାତ୍ରା ହୋଇଯାଇଥିବା ବେଳେ ରବିବାରଠାରୁ ଆରମ୍ଭ ହେବ ମା' ଗଜଲକ୍ଷ୍ମୀଙ୍କ ପୂଜା। ଏଥିପାଇଁ ପ୍ରସ୍ତୁତି ଚୂଡାନ୍ତ ହୋଇସାରିଛି। ମୂର୍ତ୍ତି, ତୋରଣ ସାଜସଜ୍ଜା ସହିତ ଆଲୋକ ସାଜସଜ୍ଜା ମଧ୍ୟ ସମ୍ପୂର୍ଣ୍ଣ ହୋଇଛି। ଚଳିତ ବର୍ଷ ପୂଜା ଉପଲକ୍ଷେ ହେବାକୁ ଥିବା ମୁରାସୁର ରାଜ ମୁଖ୍ୟ ଆକର୍ଷଣ ହେବ। ଦିନ ବେଳେ ପ୍ରତ୍ୟହ ପୂଜାର୍ଚ୍ଚନା ହେବ। ମଧ୍ୟାହ୍ନରେ ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା କରାଯାଇଛି। ସନ୍ଧ୍ୟାରେ ଆଳତୀ ପରେ ଭକ୍ତଙ୍କ ପାଇଁ ସନ୍ଧ୍ୟା ଦର୍ଶନର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟହ ରାତ୍ରିରେ ମୁରାସୁର ରାଜ ହେବ। ଏଥିରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତି, ରାଜନେତା ଓ ପ୍ରଶାସନ ଯୋଗଦେବା ସ୍ଥିର ହୋଇଛି। ସୋମବାର ସୁନ୍ଦରାକାଣ୍ଡ ପାରାୟଣ ହେବ। ଏଥିରେ ବ୍ୟାସ ଭାବେ ବ୍ରଜଗୋପାଳ ମହାପାତ୍ର ଯୋଗଦେଇ ପାରାୟଣ ଗାନ କରିବେ। ବୁଧବାର ଭସାଣି ହେବ। ଏଥିରେ ସଂକୀର୍ତ୍ତନ୍ୟ, ଦୁଲଦୁଲି, ଘଣ୍ଟବାଦ୍ୟ ଆଦି ପରିବେଷଣ କରାଯିବା ସ୍ଥିର ହୋଇଛି ।



ମଣ୍ଡପରେ ନିର୍ମିତ ଗଜଲକ୍ଷ୍ମୀଙ୍କ ବିଗ୍ରହ ।

**ଏମାନେ ଯାହା କହନ୍ତି...**



ସଫଳତାର ସହ ବିଗତ ବର୍ଷମାନଙ୍କରେ ପୂଜା କରାଯାଇଛି। ଚଳିତ ବର୍ଷ ମଧ ଏହାକୁ ଲୋକାଭିମୁଖୀ କରିବା ପାଇଁ ପୂର୍ଣ୍ଣ ଚେଷ୍ଟା କରାଯାଇଛି । ମୁରାସୁର ରାଜ ଏ ବର୍ଷର ମୁଖ୍ୟ ଆକର୍ଷଣ ହେବ।

**-ମଧୁସୂଦନ ମହାକୁର, ସଭାପତି**



ଆକର୍ଷଣୀୟ ମୂର୍ତ୍ତି, ତୋରଣ ଏବଂ ଆଲୋକ ସାଜସଜ୍ଜା କରାଯାଇଛି। ଦର୍ଶକଙ୍କ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ମୀନାବଜାର ମଧ ଅଣାଯାଇଛି । ଚଳିତ ବର୍ଷ ପୂଜା ପାଇଁ ୪ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି ।

**-ରୋହିତ ଝାଙ୍କର, ସମ୍ପାଦକ**



ଶାନ୍ତି ଶୃଙ୍ଖଳାର ସହ ପୂଜା ପାଇଁ କର୍ମକର୍ତ୍ତା ସଜାଗ ରହିଛୁ । ଶ୍ରଦ୍ଧାଳୁ ଯେପରି ସାଧାରଣ ଦର୍ଶନ କରିପାରିବେ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିପାରିବେ ସେ ନେଇ ପ୍ରସ୍ତୁତ ସରିଛି ।

**-ପ୍ରଦୀପ ମାଝି, ପୂଜା କର୍ମକର୍ତ୍ତା**

### ମିଳିଲା ହ୍ୟାଣ୍ଡଲୁମ୍ ମାର୍କ ବଜାରରେ ବିକ୍ରି ହେବ ଜେଲ ଅନ୍ତେବାସୀଙ୍କ ହସ୍ତତନ୍ତ ସାମଗ୍ରୀ

**ସମ୍ବଲପୁର,୧୨।୧୦(ବ୍ୟୁରୋ)**

ସମ୍ବଲପୁର ମଣ୍ଡଳ କାରାଗାର ଅନ୍ତେବାସୀଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତତନ୍ତ ସାମଗ୍ରୀ ଏବେ ବଜାରରେ ବିକ୍ରି ହୋଇ ପାରିବ। ଏଥିପାଇଁ କେନ୍ଦ୍ର ବୟନ ଶିଳ୍ପ ମନ୍ତ୍ରଣାଳୟ ବସ୍ତ୍ର କମିଟି ପକ୍ଷରୁ କାରାଗାର ଅନ୍ତେବାସୀଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀକୁ ହ୍ୟାଣ୍ଡଲୁମ୍ ମାର୍କ ଦିଆଯାଇଛି। ଡିଆଡିଏ ପିଡି ସୁକାନ୍ତ ତ୍ରିପାଠୀ ଏବଂ ଓର୍‌ମାସ୍ ସଂଯୋଜକ ଶ୍ରୀମନ୍ତ ହୋତାଙ୍କ ଉପସ୍ଥିତିରେ ଏ ନେଇ ଜେଲ୍ କର୍ତ୍ତୃପକ୍ଷଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ପୂର୍ବରୁ ଅନ୍ତେବାସୀଙ୍କ ହସ୍ତତନ୍ତ ସାମଗ୍ରୀ କେବଳ ଜେଲ ପରିସରରେ ଥିବା କାଉଣ୍ଟର ଓ ଜେଲ ସମ୍ମୁଖରେ ବିକ୍ରି ହେଉଥିଲା। ଏହି ମାନ୍ୟତା ମିଳିବା ପରେ ଏବେ ସେମାନେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆୟୋଜିତ ହେଉଥିବା ବିଭିନ୍ନ ମେଳାରେ ସାମିଲ ହୋଇପାରିବେ।

## ଉଚ ଚିକିଛା ଲାଗି ଟଁକା ଅଭାବ

**ଜହ୍ନାପଙ୍କ, ୧୨।୧୦ (ଡି.ଏନ୍.ଏ.)**

ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଁଚେତ୍‌ର ନାରାୟଣନଗରର ଗୋବର୍ଦ୍ଧନ ତରିଆ(୪୪)। ସେ ପକ୍ଷାଘାତ ରୋଗ୍‌ରେ ପୀଡ଼ିତ ଅଛନ୍। ଏନ୍‌ତାଥି ସେ ଗୁଟେ ବାଡ଼ି ସାହାଯ୍‌ରେ ଯିବାର ଆଏବାର କରୁଛନ୍। ହେଲେ ଟଁକା ପଏସା ଅଭାବୁ ଉଚ ଚିକିଛା କରେଇ ନାଇଁପାରି କରି ଘରେ ପଡ଼ି ରହିଛନ୍।

ସୂଚନା ଅନ୍‌ସାରେ ନାରାୟଣନଗରର ଗୋବର୍ଦ୍ଧନ ତରିଆଙ୍କର ପରିବାର କହେଲେ ମାଏକିନା ନିର୍ମଳା, ୩ ଝି' ଆର ଗୁଟେ ପୁଓକେ ନେଇ ସଁସାର। ପରିବାରଟା ନିହାତି ଗରିବ। ଗୋବର୍ଦ୍ଧନ ମୁଢ଼ି ବିକି କୁଟୁମ ପୁଷୁଥିଲେ। ୨୦୧୬ ମସିହା ଦିଆଲି ଦିନ ସେ ଖୁଣ୍ଟବନ୍ଧ ଗାଁକେ ମୁଢ଼ି ବିକି ଯାଇଥିଲେ। ସେଠାନେ ତାକର ଦିହପା ବିଗଡ଼ି ଗଲାରୁ ଘରର ଲୋକ୍ ଖବର ପାଇ ତାହାକୁ ଜହ୍ନାପଙ୍କ ଡାକ୍‌ତରଖାନାକେ ନେଇଥିଲେ। ଡାକ୍‌ତର ସେଠାନେ ତାକର ରକ୍ତଚାପ କମ୍ ଥିବାର କହି ଗୁଟେ ସାଲାଇନ୍ ଦେଇଥିଲେ। ହେଲେ ପଛେ ତାକର ଡେବ୍‌ରିଫାଲର ଗୋଡ଼ହାତ୍ ପଡ଼ି ଅଚଲ ହେଇଯାଇଥିଲା। ଘରର ଲୋକ୍ ତାହାକୁ ଘରକେ ଧରିଆଏଲେ। ହେଲେ ଟଁକା ପଏସା ଅଭାବୁ ଘରର ଲୋକ୍ ତାକର ଚେରମୂଳି, ଆୟୁର୍ବେଦିକ ଚିକିଛା କଲେ। ଆୟୁର୍ବେଦିକ ଚିକିଛାଥି ସେ ବାଡ଼ି ଧରି ଚାଲବୁଲ କରିପାରଲେ ସତ୍, ହେଲେ ପୂରାପୂରି ଠିକ୍ ନାଇଁ ହେଇପାରଲେ। ଏନ୍‌ତାଥି ମାଏକିନା ନିର୍ମଳା କୁଲିମଜୁରି କରି କୁଟୁମପୁଷୁଛନ୍ ସିନା ଆପ୍‌ନେର ଉଚ ଚିକିଛା କରେଇ ନାଇଁପାରବାର। ଉପେ ଶୁଁଇନ୍ ନିର୍ମଳା ଶେଷେ ଗଣମାଧମ ଜରିଆରେ ଜିଲା ପରଶାସନ ଆର ସହୃଦୁଦ୍ ଲୁକ୍‌କୁ ଆପ୍‌ନେର ଚିକିଛା ସାହାଯ୍ ଲାଗି ଗୁହାରି କରିଛନ୍।



ଭିନ୍ନକ୍ଷମ ଗୋବର୍ଦ୍ଧନ ତରିଆ ।

## ରାମଚରିତ ମାନସ ପାରାୟଣ ଉଦ୍‌ଯାପିତ

**ବିନିକା,୧୨।୧୦(ଡି.ଏନ୍.ଏ)**

ବିନିକା ବ୍ଲକ ଖଇରମାଳଠାରେ ଗତ ନଅଦିନ ଧରି ଚାଲିଥିବା ରାମ ଚରିତ ମାନସ ପାରାୟଣ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପାରାୟଣ ସହିତ ରାମ ଚରିତ ମାନସ ପୁରାଣ କଥାବସ୍ତୁ ଆଧାରିତ ନାଟ୍ୟାଭିନୟ ସାଲେପାଲି କଳାକାରଙ୍କ ଦ୍ୱାରା ପରିବେଷଣ ହୋଇଥିଲା । ବ୍ୟାସ ପଣ୍ଡିତ ଗୋବର୍ଦ୍ଧନ ମିଶ୍ର, କର୍ତ୍ତାଭାବେ ଲୋକନାଥ ବାରିକ ଦାୟିତ୍ୱ ନିର୍ବାହ କରିଥିଲେ । ମାନସ ଯଜ୍ଞ କର୍ତ୍ତା ଭାବେ ମିଲୁ ପାତ୍ର କାର୍ଯ୍ୟ ତୁଲାଇଥିଲେ। ପାରାୟଣ ଦିବସ ମାନଙ୍କରେ ଜଲେନ୍ଦ୍ର ସାହୁ, ଦଧିବାମନ ତ୍ରିପାଠୀ, ଗୋବର୍ଦ୍ଧନ ମିଶ୍ର, ଯୁଧିଷ୍ଠିର ମହତମ ପ୍ରମୁଖ ପ୍ରବଚନ ପ୍ରଦାନ କରିଥିଲେ। ପାରାୟଣର ଅନ୍ତିମ ଦିବସରେ ବିନିକା ବ୍ଲକ ଅଧକ୍ଷ ଅଶୋକ ନନ୍ଦ ଯୋଗଦେଇ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ।

ସ୍ୱଚ୍ଛ ଗ୍ରାମ ବିଷୟକୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା

# ନିହାରିକା କନିଷ୍ଠ, ମୁର୍ତ୍ତୁଜା ବରିଷ୍ଠ ବିଭାଗରେ ପ୍ରଥମ

**ବଲାଙ୍ଗୀର ଅଫିସ, ୧୨।୧୦**

**ଜାତୀୟ ଡାକ ସପ୍ତାହ ଉପଲକ୍ଷେ ଫିଲାଟେଲି ଦିବସ**

ଅକ୍ଟୋବର ୯ରୁ ୧୫ତାରିଖ ପର୍ଯ୍ୟନ୍ତ ଜାତୀୟ ଡାକ ସପ୍ତାହ ପାଳନ ଉପଲକ୍ଷେ ସ୍ଥାନୀୟ ଅମଳା ଭବନଠାରେ ଫିଲାଟେଲି ଦିବସ ପାଳନ କରାଯାଇଛି । ଜିଲା ଡାକ ବିଭାଗ ତରଫରୁ ବଲାଙ୍ଗୀର ଡାକ ମଣ୍ଡଳ ସହକାରୀ ଅଧିକ୍ଷକ ଭରତ ଜଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଡାକ ସଂଗ୍ରାହକ କମଳ ଚକ୍ରବର୍ତ୍ତୀ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ହାର୍ଦ୍ଦିକ ଭମର ଓ ପ୍ରଣୟ ଅଗ୍ରୱାଲ ଉପସ୍ଥିତ ଥିଲେ । ଏହି ଅବସରରେ ସ୍ୱଚ୍ଛ ଗ୍ରାମ ବିଷୟକୁ ନେଇ କନିଷ୍ଠ ଓ ବରିଷ୍ଠ ବିଭାଗରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କନିଷ୍ଠ ବିଭାଗରେ ପଥରଚେପା ଆଦର୍ଶ ବିଦ୍ୟାଳୟ ଛାତ୍ରୀ ନିହାରିକା ମାଝି ପ୍ରଥମ, ପୃଥ୍ୱୀରାଜ ହାଇସ୍କୁଲ ଛାତ୍ର ଶ୍ରୀୟାଂଶ ସ୍ୱାଇଁ ଦ୍ୱିତୀୟ ଏବଂ ପଥରଚେପା ଆଦର୍ଶ ବିଦ୍ୟାଳୟ ଛାତ୍ରୀ ମୌସୁମୀ ପ୍ରିୟଦର୍ଶିନୀ ସେଠ୍ ଓ ଲିଟିଲ ଫ୍ଲାୱାର ସ୍କୁଲ ଛାତ୍ରୀ ହିତିଶା ଅଗ୍ରୱାଲ ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ । ବରିଷ୍ଠ ବିଭାଗରେ ପୃଥ୍ୱୀରାଜ ହାଇସ୍କୁଲ ଛାତ୍ର ମହମ୍ମଦ ମୁର୍ତ୍ତୁଜା ଖାନ୍ ପ୍ରଥମ, ସେଞ୍ଚୁରିଆନ୍ ପବ୍ଲିକ ସ୍କୁଲ ଛାତ୍ରୀ ଅତୁଲ୍ୟା ଲୋହାର ଦ୍ୱିତୀୟ ଏବଂ ପଥରଚେପା ଆଦର୍ଶ ବିଦ୍ୟାଳୟ ଛାତ୍ରୀ ଅଭିଲିପ୍ସା ବାବୁ ଓ ପାଟଣାଗଡ କୁତମୁଣ୍ଡା ପଞ୍ଚାୟତ ହାଇସ୍କୁଲ ଛାତ୍ର ଆଲୋକ ଦେହେରୀ ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରି ଅତିଥିମାନଙ୍କଠାରୁ ପୁରସ୍କୃତ ହୋଇଥିଲେ । ବିଚାରକଭାବେ ଚିତ୍ରଶିଳ୍ପୀ ବାସୁଦେବ ମେହେର ଓ ଗଙ୍ଗାଧର ତ୍ରିପାଠୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଡେଭଲପମେଣ୍ଟ ଅଫିସର ତଥା ରସରାଜ ଅଚ୍ୟୁତ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଜନେସ ଏକଜ୍ୟୁକୁଟିଭ୍ ଡାକ ବିଭାଗ ଦେବାନନ୍ଦ ପୁଟେଲ, ଡାକ ସହକାରୀ ପଦ୍ମଲୋଚନ ବେହେରା, ଜ୍ୟୋତି ରଞ୍ଜନ ଗୁରୁ ଓ ଶିକ୍ଷକ ରଞ୍ଜିତ ମିଶ୍ର ସହଯୋଗ କରିଥିଲେ।



ଅତିଥି ଓ ଆୟୋଜକଙ୍କ ଗହଣରେ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର ।

## ବାଇକ୍ ଚୋର ଅଟକ

**ବୌଦ୍ଧ,୧୨।୧୦(ସ୍ୱ.ପ୍ର):** ବୌଦ୍ଧର ସାପ୍ତାହିକ ବଜାରରୁ ଶନିବାର ଜଣେ ଯୁବକ ଏକ ନୂତନ ବାଇକ୍ ଚୋରି କରିବାକୁ ଉଦ୍ୟମ କରୁଥିବାବେଳେ ଧରାପଡିଥିଲେ। ଧରାପଡିଥିବା ବାଇକ ଚୋର ସୁବର୍ଣ୍ଣପୁର ଜିଲାର ବୋଲି ଜଣାପଡିଛି । ଉକ୍ତ ବାଇକ ଚୋରକୁ ସ୍ଥାନୀୟ ଯୁବକମାନେ ମାଡ ଦେଇ ପୋଲିସକୁ ହସ୍ତାନ୍ତର କରିଛନ୍ତି। ବୌଦ୍ଧ ପୋଲିସ ଉକ୍ତ ଯୁବକଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି ।

## ୫ଶହ ଅସହାୟଙ୍କୁ ବସ୍ତ୍ର ବିତରଣ

**ବୌଦ୍ଧ,୧୨।୧୦(ସ୍ୱ.ପ୍ର)**

ବୌଦ୍ଧର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉତ୍ସର୍ଗ ପକ୍ଷରୁ ବାମଣ୍ଡା ନିକଟସ୍ଥ ନାୟକପଡା ହାଟ ପଡିଆଠାରେ ପୁରୁଣା ବସ୍ତ୍ର ବିତରଣ କରାଯାଇଛି। ବୌଦ୍ଧ ଜିଲାର ବିଭିନ୍ନ ଅଞ୍ଚଳରେ ରହୁଥିବା ଗରିବ ବ୍ୟକ୍ତିମାନଙ୍କ ବସ୍ତ୍ର ଚାହିଦା ମେଣ୍ଟାଇବା ପାଇଁ ନୂଆ ଓ ପୁରୁଣା ବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏକ ମାସ ପୂର୍ବରୁ ନାରାୟଣପୁର ସ୍ଥିତ ଅନ୍ଧ, ମୂକ, ବଧିର ବିଦ୍ୟାଳୟ ଓ ସ୍ୱଧାର ଗୃହର ଅନ୍ତେବାସୀମାନଙ୍କୁ ନୂତନ ବସ୍ତ୍ର ବିତରଣ କରାଯାଇଥିଲା। ଯେଉଁ ପରିବାରରେ ବ୍ୟବହାର ଯୋଗ୍ୟ ଭଲ ବଳକା ବସ୍ତ୍ର ଥିବ ତାହା ଅନୁଷ୍ଠାନ ପକ୍ଷରୁ ସଂଗ୍ରହ କରାଯାଇ ଆବଶ୍ୟକ କରୁଥିବା ବ୍ୟକ୍ତିମାନଙ୍କୁ ପ୍ରଦାନ କରାଯାଉଛି । ନାୟକପଡା ହାଟ ପଡିଆ ଠାରେ ଅନୁଷ୍ଠିତ ପୁରୁଣା ବସ୍ତ୍ର ବିତରଣ କାର୍ଯ୍ୟକ୍ରମରେ ଛୋଟ ପିଲା, ପୁରୁଷ ଓ ମହିଳାଙ୍କ ପୋଷାକ, ବେଡସିଟ, ଗାମୁଛା ଆଦି ୨ହଜାରରୁ ଅଧିକ ବସ୍ତ୍ର ୫୦୦ରୁ ଅଧିକ ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଥିଲା।

ଅବିଭକ୍ତ ବଲାଙ୍ଗୀର ଜିଲା ୧୯୮୨ ମାଟ୍ରିକ୍ ବ୍ୟାଚ ଛାତ୍ରଙ୍କ ବନ୍ଧୁମିଳନ

# ଛାତ୍ର ଜୀବନର ସ୍ମୃତି ମନେ ପକାଇଲେ

**ବଲାଙ୍ଗୀର ଅଫିସ,୧୨।୧୦**

ଅବିଭକ୍ତ ବଲାଙ୍ଗୀର ଜିଲାର ବିଭିନ୍ନ ହାଇସ୍କୁଲର ୧୯୮୨ମାଟ୍ରିକ ବ୍ୟାଚ ଛାତ୍ରଙ୍କ ଏକ ବନ୍ଧୁମିଳନ ଉତ୍ସବ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ପ୍ରଥମରୁ ପରଲୋକଗତ ବନ୍ଧୁ ଓ ଶିକ୍ଷକମାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇ ନୀରବ ପ୍ରାର୍ଥନା କରାଯାଇଥିଲା । ବନ୍ଧୁମିଳନ କାର୍ଯ୍ୟକ୍ରମରେ ଜିଲାର ଦୂରଦୂରାନ୍ତରୁ ଆସିଥିବା ବନ୍ଧୁମାନେ ସେମାନଙ୍କ ଛାତ୍ର ଜୀବନର ଅଭୁଲା ସ୍ମୃତିକୁ ମନେ ପକାଇଥିଲେ। କାର୍ଯ୍ୟକ୍ରମକୁ ଡା. ବେଣୁଧର ପାଣ୍ଡେ, ଜୟପ୍ରକାଶ ପୁରୋହିତ, ପ୍ରତାପ ରଥ, ଅରୁଣ ମିଶ୍ର, ପ୍ରଦୀପ ମହାନ୍ତି, ସୁଧୀର ତ୍ରିପାଠୀ, ଲକ୍ଷ୍ମଣ ପୁରୋହିତ, ରଞ୍ଜିତ ମହାନ୍ତି, ଶଶୀଶେଖର ପଣ୍ଡା, ଡା ଗିରିଜା ଉଦ୍‌ଗାତା ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଅରବିନ୍ଦ ଦାସ, ହେମନ୍ତ ପଣ୍ଡା ଓ ଗୋପାଳଜୀ ପାଣିଗ୍ରାହୀ ମଧ୍ୟ ଉପସ୍ଥିତ ଥିଲେ ।



୧୯୮୨ ମାଟ୍ରିକ୍ ବ୍ୟାଚ୍ ବନ୍ଧୁମିଳନରେ ଉପସ୍ଥିତ ପୁରାତନ ଛାତ୍ର ବନ୍ଧୁ ।

# ମାହେଶ୍ୱରୀ ଫୁଟବଲ ଟୁର୍ନାମେଣ୍ଟ : ଗୁରୁପାଲି ଚାମ୍ପିୟନ

**ଉଲୁଣ୍ଡା, ୧୨।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ମରାଲୋଏ ମା' ମାହେଶ୍ୱରୀ ଫୁଟବଲ ଆସୋସିଏଶନ ତରଫରୁ ଶନିବାର ମାହେଶ୍ୱରୀ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଆୟୋଜିତ ହୋଇଯାଇଛି। ସ୍ଥାନୀୟ ସାଲେପାଲି ଖେଳପଡିଆରେ ନକ୍‌ଆଉଟ ଭିତ୍ତିରେ ଖେଳାଯାଇଥିବା ଟୁର୍ନାମେଣ୍ଟର ଫାଇନାଲ ଖେଳରେ ଗୁରୁପାଲି ଦଳ ସୋନପୁରକୁ ଟାଇବ୍ରେକର ଜରିଆରେ ୪-୩ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଏହା ପୂର୍ବରୁ ଖେଳାଯାଇଥିବା ଲିଗ ମ୍ୟାଚଗୁଡିକରେ ବିଶିପଡା ଦଳ କେଉଟପାଲିକୁ ୧-୦, ଗୁରୁପାଲି ଦଳ ମରାଲୋଏକୁ ୫-୪, ସୋନପୁର ଦଳ ଝାରବାହାଲିକୁ ୩-୨ ଏବଂ କଦଳୀପାଲି ଦଳ ନିମ୍ନାକୁ ୬-୫ ଗୋଲରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲେ। ତେବେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଗୁରୁପାଲି ଦଳ ବିଶିପଡାକୁ ୩-୨ ଏବଂ ଦ୍ୱିତୀୟ ସେମିଫାଇନାଲରେ ସୋନପୁର ଦଳ କଦଳୀପାଲିକୁ ୪-୩ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ଖେଳ ସବୁକୁ ସୁଦାମ ଜଗଦଳା, ସୁଶାନ୍ତ ଭୋଇ, ସିଦ୍ଧାର୍ଥ ପାତ୍ର ଓ ବାବୁଲୁ ମହାନନ୍ଦ ପରିଚାଳନା କରିଥିଲେ। ଅକ୍ଷୟ ଆଚାର୍ଯ୍ୟ ଧାରା ବିବରଣୀ ପ୍ରଦାନ କରିଥିଲେ। ପରେ ଆୟୋଜକ କମିଟି ସଭାପତି ବଚନ ଭୋଇ ଏବଂ ବିଶ୍ୱନାଥ ପାଣ୍ଡେଙ୍କ ସଂଯୋଜନାରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବକୁ ବ୍ଲକ କ୍ରୀଡା ସଂଯୋଜକ ଉରୁକ୍ରମ ପାଣ୍ଡିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଗୁରୁପାଲି ଦଳକୁ ଟ୍ରଫି ସହ ୩ ହଜାର ଟଙ୍କା ଏବଂ ଉପବିଜେତା ସୋନପୁର ଦଳକୁ ଟ୍ରଫି ସହ ୨ ହଜାର ଟଙ୍କା ଦେଇ ପୁରସ୍କୃତ କରିଥିଲେ। ଏହାସହ ଶ୍ରେଷ୍ଠ ଖେଳାଳିଭାବେ ଗୁରୁପାଲି ଦଳର ପୁରନ ସାହୁ, ଗୋଲକିପର ତ୍ରିଲୋକ କମ୍ପ, ସ୍କୋରର ରଞ୍ଜନ ବିଶ୍ୱାଳ ପ୍ରମୁଖଙ୍କୁ ଅନୁଷ୍ଠାନ ତରଫରୁ ପୁରସ୍କୃତ କରାଯାଇଥିଲା। ଖେଳ ପରିଚାଳନାରେ ପଞ୍ଚାନନ ଭୋଇ, ଅଜିତ ସେଠୀ, ଟୁକୁନ ଭୋଇ, ଶଙ୍କର ପଧାନ, ମନୋଜ ପାଣ୍ଡେ, ପଞ୍ଚାନନ ସେଠୀ ପ୍ରମୁଖ ସହଯୋଗ କରିଥିଲେ।



ଫାଇନାଲ ଖେଳରେ ରେଫେରୀଙ୍କ ସହ ଉଭୟ ଦଳର ଖେଳାଳିମାନେ ।



ଏ ସଂସାରରେ ପ୍ରେମ ଆଉ ବନ୍ଧୁତା ଅଛି ବୋଲି ଦେବତାମାନେ ମଧ ନର ଦେହ ଧାରଣ କରି ଜନ୍ମଗ୍ରହଣ କରିବାକୁ ବ୍ୟାକୁଳତା ପ୍ରକାଶ କରିଥାନ୍ତି।

- ଜର୍ଜ ଇଲିଅଟ



## ସଂକ୍ଷେପରେ



### ସେମେଲପାଲିରୁ ୮ ଶ୍ରମିକ ଉଦ୍ଧାର, ୨ ଦଲାଲ ଗିରଫ

**କୋମନା, ୧୨।୧୦ (ଡି.ଏନ.ଏ)-** ନୂଆପଡା ଜିଲା କୋମନା ବ୍ଲକ ସେମେଲପାଲି ଗାଁରୁ ୮ ଶ୍ରମିକଙ୍କୁ କୋମନା ପୋଲିସ ଉଦ୍ଧାର କରିଛି। ସୂଚନାରୁ ପ୍ରକାଶ ଯେ, କୋମନା ବ୍ଲକର ଠୁଟିବର ଗ୍ରାମର ୮ ଜଣ ଶ୍ରମିକଙ୍କୁ ବାହାର ରାଜ୍ୟକୁ ଚାଲାଣ କରିବା ପାଇଁ ସେମେଲପାଲିର ଦୁଇ ଦାଦନ ଦଲାଲ ମୁଜିମ ଖାନ ଓ ଅଜୟ ସାହୁ ଘରେ ଲୁଚାଇ ରଖିଥିଲେ। ବିଶେଷ ସୂତ୍ରରୁ ଖବରପାଇ କୋମନା ପୋଲିସ ଦଲାଲଙ୍କ ଘରେ ଚଢାଉ କରି ଚାଲାଣ ଶ୍ରମିକଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଛନ୍ତି। ଏ ନେଇ କୋମନା ଥାନା କେଶ ନଂ. ୨୫୭/୧୯ ଅନୁସାରେ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିବା ସହ ତଦନ୍ତ ଜାରି ରଖିଥିବା ପୋଲିସ ସୂତ୍ରରୁ ପ୍ରକାଶ ହୋଇଛି। ଉଦ୍ଧାର ଶ୍ରମିକମାନଙ୍କୁ ପୋଲିସ ନିଜ ଉଦ୍ୟମରେ ସମ୍ପୃକ୍ତ ଗାଁ ମାନଙ୍କରେ ସୁରକ୍ଷିତ ଭାବରେ ଛାଡି ଦେଇଥିବା ପ୍ରକାଶ।

### କନ୍ଧ ସମାଜର ଯୁବସମ୍ମାବେଶ

# ସମାଜ ପାଇଁ ସମର୍ପିତ ହେବାକୁ ଆହ୍ୱାନ

**କର୍ଲାମୁଣ୍ଡା, ୧୨।୧୦ (ଡି.ଏନ.ଏ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ କୁଶୁଲା ଯୋରାଡବ୍ରା ମସ୍କାଦାଣ୍ଡିସ୍ଥିତ ଶାନ୍ତିବନଠାରେ କନ୍ଧ ସମାଜର ଯୁବ ସମାବେଶ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୁଶାନ୍ତ ଜାନୀଙ୍କ ସଭାପତିତ୍ୱରେ କନ୍ଧ ସମାଜର ଜିଲା ସଭାପତି ରାଜେନ୍ଦ୍ର ଭୋଇ, ଆଦିବାସୀ ସଂଘ ଜିଲା ସଭାପତି କିଶୋର ଭୋଇ, ବୀରକମଳ ମଇଦାନ ଅସୁରଗଡ ସଭାପତି ଦୁର୍ଯ୍ୟୋଧନ ମାଝି, ସମ୍ପାଦକ ଲୋକନାଥ ଭୋଇ, କନ୍ଧ ସମାଜ ଜିଲା ଉପସଭାପତି ପ୍ରକାଶ ମାଝି, କର୍ଲାମୁଣ୍ଡା ବ୍ଲକ କନ୍ଧ ସମାଜ ସମ୍ପାଦକ ସଂକୀର୍ତ୍ତନ ଭୋଇ, ନର୍ଲା ବ୍ଲକ ଆଦିବାସୀ ସମାଜ ସଭାପତି ରଣ ମାଝି, ଜୁନାଗଡ ବ୍ଲକ କନ୍ଧ ସମାଜର ସଭାପତି ଲାଲବାହାଦୁର ଜାନୀ, କଲମପୁର ବ୍ଲକ କନ୍ଧ ସମାଜର ସଭାପତି ଜୟଶଙ୍କର ଭୋଇ ପ୍ରମୁଖ ଯୋଗଦେଇ ସମାଜ ପାଇଁ ସମର୍ପିତ ହେବାକୁ ଉପସ୍ଥିତ ଯୁବଗୋଷ୍ଠୀଙ୍କୁ ଆହ୍ୱାନ ଦେଇଥିଲେ। ସମାବେଶରେ ସଂଗଠନର ଆବଶ୍ୟକତା, ଗଠନ, ସଂଗଠନର କାର୍ଯ୍ୟ, ଆଦିବାସୀଙ୍କ ସାମ୍ବିଧାନିକ ଅଧିକାର, ପେଶା ଆଇନ ଉପରେ ଗୋଲାମୁଣ୍ଡାର ଅଜିତ ଭୋଇ ଆଲୋଚନା କରିଥିଲେ। ଜଙ୍ଗଲ ଅଧିକାର ଆଇନ ଉପରେ ମାଧବ ଭୋଇ ଆଲୋଚନା କରିଥିବା ବେଳେ ଡମ୍ବରୁଧର ମାଝି, ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତରୁଣ ଜାନୀ, ବିପ୍ର ମାଝି, ଲଳିତ ଭୋଇ, ଜଳନ୍ଧର ଭୋଇ, ସମରେନ୍ଦ୍ର ସିଂ ମାଝି, ପୁରୁଣ ମାଝି, ପୃଥିରାଜ ମାଝି, ବୁଟାସିଂ ଭୋଇ, ଡୋଲାମଣି ମାଝି, ଚୈତନ୍ୟ ମାଝି, ପୂର୍ଣ୍ଣଚନ୍ଦ୍ର ମାଝି, ଅଞ୍ଜଳୀ ଜାନୀ, ଚଞ୍ଚଳା ଭୋଇ, ସୁବାଷ ମାଝି, ଚୌଧୁରୀ ମାଝି, ଆଲୋକ ଭୋଇ ପ୍ରମୁଖ ସମାବେଶ ଆୟୋଜନରେ ସହଯୋଗ କରିଥିଲେ। ଏହି ଅବସରରେ ଚିତ୍ତଲପଟାର ମହିଳା ଫୁଟବଲ ଦଳ ଓ ପ୍ରତିଭାଶାଳୀ ଶିକ୍ଷାର୍ଥି ପଲ୍ଲବୀ ଭୋଇଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା।



କନ୍ଧ ସମାଜର ଯୁବସମାବେଶ ଅବସରରେ ଅତିଥିମାନେ ପୂଜାର୍ଚ୍ଚନା କରୁଛନ୍ତି।

### ଜିଲାପାଳଙ୍କ ଅଚାନକ ସିନାପାଲି ବ୍ଲକ ଗସ୍ତ

# ଗ୍ରାମାଞ୍ଚଳ ରାସ୍ତା, ଅଙ୍ଗନୱାଡି କେନ୍ଦ୍ର ବୁଲି ଦେଖିଲେ

**ସିନାପାଲି, ୧୨।୧୦ (ଡି.ଏନ୍.ଏ.)**

ନୂଆପଡ଼ା ଜିଲାପାଳ ମଧୁସ୍ମିତା ସାହୁ ଶନିବାର ଅଚାନକ ସିନାପାଲି ବ୍ଲକ ଗସ୍ତ କରିଥିଲେ। ଏହି ଅବସରରେ ଜିଲାପାଳ ସାହୁ ଗଣ୍ଡାବାହାଲି, ଯୋଗିବାହାଲ, ଲିଆଡ଼ସ୍ଥିତ ଅଙ୍ଗନୱାଡି କେନ୍ଦ୍ର ବୁଲି ଦେଖିବା ସହ ବିଭିନ୍ନ ଆନୁଷାଙ୍ଗିକ ବ୍ୟବସ୍ଥା ଉପରେ ସବିଶେଷ ତଥ୍ୟ ସଂଗ୍ରହ କରିଥିଲେ। ପରେ ପୂର୍ବାହ୍ନ ୨ଟାରେ ଜିଲାପାଳ ସାହୁ ସିନାପାଲିରେ ପହଞ୍ଚି ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ପରିଦର୍ଶନ କରିଥିଲେ। ତୁରନ୍ତ ତାଲିମ କେନ୍ଦ୍ର କାର୍ଯ୍ୟକ୍ଷମ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦାରଖ ସମୟରେ ସିନାପାଲି ବିଡିଓ ସୁରେନ୍ଦ୍ର ମେହେର, ସହକାରୀ ଯନ୍ତ୍ରୀ ଅନନ୍ତରାମ ନାଏକଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସେତିକିବେଳେ ଗଣମାଧ୍ୟମ ପ୍ରତିନିଧିମାନେ ଜିଲାପାଳଙ୍କୁ ସିନାପାଲି ବ୍ଲକ ଗସ୍ତ ସମ୍ପର୍କରେ ପଚାରିଥିଲେ। ହେଲେ ଜିଲାପାଳ ଗସ୍ତ ସଂକ୍ରାନ୍ତରେ କହିବାକୁ ମନାକରି ଦେଇଥିଲେ। ପରେ ଜିଲାପାଳ କୁସୁମଯୋର, ବ୍ରାହ୍ମଣୀଗୁଡା ଗସ୍ତ କରି ଗ୍ରାମାଞ୍ଚଳ ରାସ୍ତା ସହ ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ବୁଲି ଦେଖିଥିବା ଜଣାପଡିଛି। ପରେ ଝୁଲେନବର-ବାଦୀବାହାଲ ରାସ୍ତା ଦେଇ ଡଙ୍ଗରୀଗୁଡା, କୋଦୋବେଡା ଦେଇ ପୁଣି ସିନାପାଲି ଆସି ନୂଆପଡ଼ା ଫେରିଯାଇଥିଲେ। ଅନ୍ୟପକ୍ଷେ ଜିଲାପାଳଙ୍କ ଅଚାନକ ଗସ୍ତକୁ ନେଇ କେତେଜଣ କର୍ମଚାରୀ ଭୟଭୀତ ହୋଇପଡିଥିବା ବେଳେ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ର ପୂର୍ବାହ୍ନ ୩ଟା ପର୍ଯ୍ୟନ୍ତ ଖୋଲା ରହିଥିଲା। ଏହାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି।

# ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

**ନୂଆପଡା ଅଫିସ, ୧୨।୧୦**

ଏହି ଜିଲା ଜୋଙ୍କ ଥାନା ଅନ୍ତର୍ଗତ ଜେଙ୍ଗେରା ଗାଁରେ ଏକ ବାଇକ ଦୁର୍ଘଟଣାରେ ସଜଉ ରାଉତ(୩୦)ନାମକ ଜନୈକ ଯୁବକଙ୍କ ମୃତ୍ୟୁ ଘଟିଛି। ଶନିବାର ସନ୍ଧ୍ୟାରେ ଗାଁରେ ବିପରୀତ ଦିଗରୁ ଆସୁଥିବା ଦୁଇଟି ବାଇକ ମୁହାଁମୁହିଁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ସଜଉ ଗୁରୁତର ଭାବେ ଆହତ ହୋଇ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ। ମୃତଦେହକୁ ଜୋଙ୍କ ଥାନା ପୋଲିସ ଉଦ୍ଧାର କରିଥିବାବେଳେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଡ୍ୟାନ୍ସିଂ ସୁପରଷ୍ଟାର୍ ଫାଇନାଲରେ ମାମୁନି

**ଖଡିଆଳ, ୧୨।୧୦ (ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡିଆଳ ବ୍ଲକ ଚଲାନପଡ଼ା ଗାଁର ପାର୍ଥସାରଥି ବାଗଙ୍କ ଝିଅ ମାମୁନି ବାଗ ଡ୍ୟାନ୍ସିଂ ସୁପରଷ୍ଟାର ଫାଇନାଲରେ ପହଞ୍ଚିଛନ୍ତି। ଏହି ଖବର ଜାଣିବା ପରେ ଖଡିଆଳ ବ୍ଲକ ତଥା ନୂଆପଡା ଜିଲାରେ ଖୁସିର ଲହରି ଖେଳି ଯାଇଛି। ମାମୁନିଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି। ମାମୁନି ଖଡିଆଳ ଆଦର୍ଶ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ। ସେ ଗରିବ ପରିବାରରେ ଜନ୍ମ ହୋଇଥିଲେ ହେଁ ତାଙ୍କ ପ୍ରତିଭା ପାଇଁ ନୂଆପଡ଼ା ଜିଲାବାସୀ ଗର୍ବିତ। ସେ ଡ୍ୟାନ୍ସିଂ ସୁପରଷ୍ଟାରରେ ସେମି ଫାଇନାଲରେ ପ୍ରଥମ ସ୍ଥାନ ଅଧିକାର କରି ଫାଇନାଲରେ ଚଣ୍ଡୀଗଡ ଯାଇ ନୃତ୍ୟ ପରିବେଷଣ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଆସନ୍ତା ୬ ତାରିଖରେ ଥିବା ଶେଷ ପର୍ଯ୍ୟାୟ ତଥା ଫାଇନାଲ ରାଉଣ୍ଡରେ ବମ୍ବେ ଯିବା ପାଇଁ ପ୍ରସ୍ତୁତି ଚାଲୁଛି। ତାଙ୍କ ନୃତ୍ୟର ପ୍ରତିଭା ଦେଖି ଖଡିଆଳର ସାମାଜିକ କର୍ମୀ, ବୃଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ମାମୁନିଙ୍କୁ ଆର୍ଥୀକ ସାହାଯ୍ୟ କରିଛନ୍ତି। ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଉଜ୍ଜଳ ଗୁପ୍ତା, ବ୍ଲକ ଅଧକ୍ଷ ବାଳକୃଷ୍ଣ ଶବର, ରଶ୍ମିରଞ୍ଜନ ଚଳାନ, ବିନୋଦ ଅଗ୍ରୱାଲ, ଗୋବିନ୍ଦ ବାରିକ, ଧରମବୀର ରାଉତ, ଅଜିତ କିଶୋର ଚଳାନ, ଅରୁଣ ସିଂ ବାରିକ, ରୁଦ୍ର ମାଧବ ବାରିକ, ସୁଧାଂଶୁ ଶେଖର ବାରିକ, ରାଧେ ରଣା, ପ୍ରିୟ ବାଦୀ ମଲ୍ଲିକ ପ୍ରମୁଖ ଆର୍ଥିକ ସହଯୋଗ କରିଛନ୍ତି।


ପୁରସ୍କାର ସହ ମାମୁନି ବାଗ।

# ୪୪ତମ ଗଜଲକ୍ଷ୍ମୀ ପୂଜା: ଟିକ୍ରାପଡ଼ା ଉତ୍ସବମୁଖର

**କୋମନା, ୧୨।୧୦ (ଡି.ଏନ୍.ଏ.)**

ନୂଆପଡ଼ା ଜିଲା କୋମନା ବ୍ଲକ ଟିକ୍ରାପଡ଼ାସ୍ଥିତ ଜଗନ୍ନାଥ ହାଇସ୍କୁଲ ପଡ଼ିଆରେ ୪୪ତମ ସାର୍ବଜନୀନ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଯାଇଛି। ଏ ନେଇ ଟିକ୍ରାପଡା ସମେତ ମହୁଲଭଟା, ରେଙ୍ଗ, ଜେଠୁପାଲି, ଜଗନ୍ନାଥପାଲି ସହ ଆଖପାଖ ଗାଁ ଉତ୍ସବମୁଖର ହୋଇ ଉଠିଛି। ମା' ଗଜଲକ୍ଷ୍ମୀଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହେଉଛି।

ସୂଚନାଯୋଗ୍ୟ, ଟିକ୍ରାପଡ଼ା ଗଜଲକ୍ଷ୍ମୀ ପୂଜା କୋମନା ବ୍ଲକରେ ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଚଳିତ ବର୍ଷ ମା'ଙ୍କ ପ୍ରତିମା, ମେଢ ସହ ଲାଇଟ୍ ସାଜସଜ୍ଜା ଦର୍ଶକଙ୍କୁ ଆକୃଷ୍ଟ କରିପାରୁଛି। ଶୁକ୍ରବାର ଗ୍ରାମର ଶତାଧିକ ମହିଳାଙ୍କ କଳସ ଶୋଭାଯାତ୍ରାରେ ବାହାରି କଳସରେ ପାଣି ଆଣି ମଣ୍ଡପରେ ସ୍ଥାପନ କରିଥିଲେ। ପରେ ପୂଜାର୍ଚ୍ଚନା ସହ ପୁରାଣ ପାଠ ଆରମ୍ଭ ହୋଇଥିଲା। ଦର୍ଶକଙ୍କ ମନୋରଞ୍ଜନ ପାଇଁ ପୂଜା କମିଟି ପକ୍ଷରୁ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି। ପୂଜା କର୍ତ୍ତା ଭାବେ ଘନଶ୍ୟାମ ବିଶି ଓ ମଞ୍ଜୁଲତା ବିଶି ଦାୟିତ୍ୱ ତୁଲାଉଛନ୍ତି। ସଭାପତି ଗୋପବନ୍ଧୁ ସୁନାନୀ, ଉପ ସଭାପତି ରାମେଶ୍ୱର ଶବର, ସମ୍ପାଦକ ତୋଫାନ ସିଂ ଦଲପତି, ସହସମ୍ପାଦକ ସଦାନନ୍ଦ ହଂସ ପ୍ରମୁଖ ପୂଜାର ନେତୃତ୍ୱ ନେଇଛନ୍ତି। ଗ୍ରାମବାସୀ ପୂଜାରେ ସହଯୋଗ କରିବା ସହ ଶାନ୍ତିଶୃଙ୍ଖଳା ରକ୍ଷା କରୁଛନ୍ତି।


ଟିକ୍ରାପଡ଼ାରେ ପୂଜା ପାଉଥିବା ମା' ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ପ୍ରତିମା।

# ଭାଗବତ ପାରାୟଣ ପ୍ରସ୍ତୁତି ବୈଠକ

**ନୂଆପଡା ଅଫିସ, ୧୨।୧୦**

ସ୍ଥାନୀୟ ରାଧାକୃଷ୍ଣ ମନ୍ଦିରରେ କାର୍ତ୍ତିକ ମାସ ବ୍ୟାପି ଭାଗବତ ପାରାୟଣ କରାଯିବାକୁ ପ୍ରସ୍ତୁତି କରାଯାଇଥି। ଏଥି ସକାଶେ ମନ୍ଦିର ପ୍ରାଙ୍ଗଣରେ ସୁଶାନ୍ତ କୁମାର ପତିଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଭାଗବତ ପାରାୟଣ କାର୍ଯ୍ୟକ୍ରମକୁ କିପରି ନିରାଡମ୍ବର କରାଯାଇପାରିବ, ସେଥିପାଇଁ ସମସ୍ତଙ୍କୁ ଦାୟୀତ୍ୱ ବଣ୍ଟନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପଡାରେ ଏକ ଧାର୍ମିକ ଏବଂ ସୁସ୍ଥ ବାତାବରଣ କରାଯିବ, ସେଥିପ୍ରତି ଗୁରୁତ୍ୱ ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ପୂଜା କମିଟିର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ସୁଶାନ୍ତ କୁମାର ପତି ସଭାପତି, ଭୋଳାନାଥ ଚଲାନଙ୍କୁ ସମ୍ପାଦକ, ସୁତୁ ବୋଧନକର କୋଷାଧ୍ୟକ୍ଷ, ଆଦମ ଖାନ ଉପସଭାପତି ଭାବେ ମନୋନୀତ ହୋଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଚ୍ଚିଦାନନ୍ଦ ପଟେଲ, ଓମପ୍ରକାଶ ରାଉତ, ମକର ଧ୍ୱଜ ବାରିକ, ତ୍ରିନାଥ କାଣ୍ଡ, ରୋହିତ ବାଗ, ଶିବ ପ୍ରମୁଖଙ୍କ ସମେତ ବହୁ ମହିଳା ଗୋଷ୍ଠୀ ଯୋଗ ଦେଇଥିଲେ।


ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିବା କର୍ମକର୍ତ୍ତାଗଣ।

### ଦାଦନଙ୍କ ଅଙ୍ଗୁଳି କଟା ମାମଲା

# ଦୁଇ ଶ୍ରମିକ ସର୍ଦ୍ଦାର ଥାନାରେ ଅଟକ

**ନୂଆପଡା ଅଫିସ, ୧୨।୧୦**

ଏହି ଜିଲା କୋମନା ଥାନା ଅନ୍ତର୍ଗତ ଟିକ୍ରାପଡାର ଦାଦନ ଶ୍ରମିକଙ୍କ ଅଙ୍ଗୁଳି କଟା ମାମଲାରେ ପୋଲିସ ସମ୍ପୃକ୍ତ ୨ଜଣ ଅଭିଯୁକ୍ତଙ୍କୁ ଥାନାରେ ଆଣି ଅଟକ ରଖିଛି। ଅଧିକ ତଦନ୍ତ ଚାଲିଥିବାବେଳେ ଆଗକୁ ସବୁ ତଥ୍ୟ ପଦାକୁ ଆସିବ ବୋଲି ଏସ୍‌ପି ବିନୀତ ଅଗ୍ରୱାଲ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଆଜିକୁ ଦୁଇ ମାସ ତଳେ ଟିକ୍ରାପଡା ଗାଁର ଚମରୁ ପହରିଆ(୬୦) ନାମକ ଜନୈକ ଦାଦନ ଶ୍ରମିକ ନାଗପୁରକୁ କାମ କରିବାକୁ ଯାଇଥିଲେ। ସେଠାରେ ଦାଦନ ସର୍ଦ୍ଦାରମାନେ ତାଙ୍କୁ ନିର୍ଯାତନା ଦେବା ସହ ଗୋଡର ଅଙ୍ଗୁଳି କାଟି ଦେଇଥିବା ଅଭିଯୋଗ ହୋଇଥିଲା। ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ପୋଲିସ ଛାନ୍‌ଭିନ୍ କରି ଶନିବାର ଦୁଇଜଣ ଅଭିଯୁକ୍ତ ବିଦେଶୀ ସୁନାନୀ(୨୪) ଏବଂ ଡୋଲାମଣୀ ସତନାମୀ(୩୦)ଙ୍କୁ କାବୁ କରିଛି। ସେମାନଙ୍କୁ ଥାନାରେ ଅଟକ ରଖି ସବିଶେଷ ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି। ଏହା ଉପରେ ଏତେଦିନ ପରେ କାର୍ଯ୍ୟାନୁଷ୍ଠାନ କ'ଣ କରାଯାଇଛି ବୋଲି ଏସ୍‌ପି ବିନୀତ ଅଗ୍ରୱାଲଙ୍କୁ ପଚାରିବାରେ ଖୁବଶୀଘ୍ର ଏହାର ସତ୍ୟାସତ୍ୟ ପଦାକୁ ଆସିବ ବୋଲି ଗଣମାଧ୍ୟମକୁ କହିଛନ୍ତି।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

**ନୂଆପଡା ଅଫିସ/କୋମନା, ୧୨।୧୦**

ଏହି ଜିଲା କୋମନା ଥାନା ପଣ୍ଡରାପଥର ଗାଁରେ ଚାଲିଥିବା ଗଜଲକ୍ଷ୍ମୀ ପୂଜାରେ ଟେଣ୍ଟ କାମ କରୁଥିବାବେଳେ ବିଜୁଳି ସଂସ୍ପର୍ଶରେ ଆସି ଗୌରାଙ୍ଗ ହାତୀ(୨୫) ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଶନିବାର ମଧ୍ୟାହ୍ନରେ ପୂଜାସ୍ଥଳରେ ପୁରାଣପାଠ ଚାଲିଥିଲା। ଏହି ସମୟରେ ଟେଣ୍ଟ ପରିଚାଳନା କରୁଥିବାବେଳେ ଗୌରାଙ୍ଗ ହଠାତ୍ ତଳେ ପଡି ଛଟପଟ ହୋଇଥିଲେ। ତାଙ୍କୁ ଉଦ୍ଧାର କରି ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣି ଭର୍ତ୍ତି କରାଯାଇଥିଲା। ଏଠାରେ ସନ୍ଧ୍ୟାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହା ଉପରେ ସବିଶେଷ ତଦନ୍ତ କଲେ ପ୍ରକୃତ ତଥ୍ୟ ଜଣାପଡିବ ବୋଲି କୁହାଯାଉଛି।

# ଉଦନ୍ତୀ ନଦୀରୁ ରାତିରେ ବାଲି ଚୋରାଚାଲାଣ

## ସନ୍ଦେହରେ ତହସିଲ କର୍ମଚାରୀ

**ସିନାପାଲି, ୧୨।୧୦ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲିସ୍ଥିତ ଉଦନ୍ତି ନଦୀରୁ ରାତିରେ ବାଲି ଚୋରା ଚାଲାଣ ହେଉଥିବା ଦେଖିବାକୁ ମିଳୁଛି। ତହସିଲ କର୍ମଚାରୀ ଜାଣିଶୁଣି କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ତହସିଲ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ସନ୍ଦେହ ପ୍ରକାଶ ପାଉଛି। ସିନାପାଲିସ୍ଥିତ ଉଦନ୍ତୀ ନଦୀରୁ ବେଆଇନ ଭାବରେ ବାଲି ଚୋରା ଚାଲାଣ ହେବା ଯୋଗୁ ଲକ୍ଷାଧିକ ଟଙ୍କାର ରାଜସ୍ୱହାନି ଘଟୁଛି। ସିନାପାଲି ବ୍ଲକସ୍ଥିତ ବରଗାଁ ଧୋବାଘାଟ, ଘାଟମାଳ ଘାଟ ନିକଟରୁ ପ୍ରତ୍ୟହ ଶହ ଶହ ଟ୍ରିପ ବାଲିଚୋରା ଚାଲାଣ ହେଉଛି। ତହସିଲ କର୍ମଚାରୀଙ୍କୁ ଏ ବିଷୟରେ ଅବଗତ କରାଯାଉଥିଲେ ମଧ ପଦକ୍ଷେପ ନେଉ ନ ଥିବା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବାଲିମାଫିଆମାନେ ବିନା ରୟାଲଟିରେ ବାଲି ଚୋରା ଚାଲାଣ କରି ମାଲେମାଲ ହେଉଛନ୍ତି। ବାଲି ମାଫିଆ ଓ ରାଜସ୍ୱ କର୍ମଚାରୀମାନଙ୍କ ଭିତିରିଆ ବୁଝାମଣା ଯୋଗୁ ଏଭଳି ହେଉଥିବା ସିନାପାଲି ଅଞ୍ଚଳରେ ବେଶ ଚର୍ଚ୍ଚା ହେଉଛି। ଉଦନ୍ତୀ ନଦୀରୁ ପଡୋଶୀ ଛତିଶଗଡ ରାଜ୍ୟର ଅନେକ ଗାଁକୁ ମଧ ବାଲି ଚୋରାଚାଲାଣ ହେଉଛି। ସେଠାରୁ ଚଢ଼ାଦରରେ ବାଲି ବିକ୍ରି କରି ମାଫିଆମାନେ ବେଶ ମାଲେମାଲ ହେଉଛନ୍ତି। ଗତ ୨ ଦିନ ତଳେ ରାତିରେ ଧୋବାଘାଟ ନିକଟରୁ ଟ୍ରାକ୍ଟର ଯୋଗେ ବାଲି ଉତ୍ତୋଳନ କରାଯାଉଥିଲା। ସେଠାରେ ଟ୍ରାକ୍ଟରର ଲାଇଟକୁ ବନ୍ଦ କରି ଦିଆଯାଇଥିଲା। କେତେକ ବ୍ୟକ୍ତି ଓ କିଛି ଗଣମାଧମ ପ୍ରତିନିଧି ସେଠାରେ ପହଞ୍ଚି ଜାଣିବାକୁ ପାଇଥିଲେ ଯେ ପ୍ରକୃତରେ ଚୋରା ଚାଲାଣ ହେଉଛି। ସେଠାରୁ ଫୋନ ଯୋଗେ ତହସିଲଦାର ଲକ୍ଷ୍ମଣ ମାଝିଙ୍କୁ ଜଣାଇବା ପରେ ଆସୁଛି କହି ଶେଷରେ ପହଞ୍ଚି ନ ଥିଲେ। ଏହା ପଛରେ ଅସଲି ଉଦ୍ଦେଶ୍ୟ କ'ଣ ଥାଇ ପାରେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏ ସମ୍ପର୍କରେ ତହସିଲଦାର ଲକ୍ଷ୍ମଣ ମାଝିଙ୍କୁ ପଚାରିବାରୁ ଘଟଣାର ତଦନ୍ତ ହେଉଛି। ଆଗାମୀ ଦିନରେ ଯେପରି ଚୋରା ଚାଲାଣ ନ ହେବ ସେଥିପ୍ରତି ସଜାଗ ରହିବୁ ବୋଲି କହିଥିଲେ।

### ବାସ୍କେଟ ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

# ସମ୍ବଲପୁର ଏଲିଟ୍, ରାଉରକେଲା ବିଜୟୀ

**ସମ୍ବଲପୁର, ୧୨।୧୦ (ବ୍ୟୁରୋ)**

ସାକ୍ଷୀପଡା ଜ୍ୟୋତି ଭବନ ପରିସରରେ ଶନିବାର ୧୩ତମ ଫାଦର ଜନ ୱିଲିୟମ୍ ମିଞ୍ଜ ସ୍ମାରକୀ ବାସ୍କେଟ ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ରାଉରକେଲା ବନାମ ଖ୍ରୀଷ୍ଟଜ୍ୟୋତି ମଧ୍ୟରେ ହୋଇଥିଲା। ଏଥିରେ ରାଉରକେଲା ଦଳ ୩୯-୨୧ ପଏଣ୍ଟରେ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ସମ୍ବଲପୁର ଏଲିଟ୍ ବନାମ ଜ୍ୟୋତି ଭବନ ମଧ୍ୟରେ ହୋଇଥିଲା। ସମ୍ବଲପୁର ଏଲିଟ୍ ୪୬-୨୧ ପଏଣ୍ଟରେ ବିଜୟୀ ହୋଇଥିଲା।

ବିଶପ ଶରତ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟର ଉଦ୍‌ଘାଟନ କରିଥିଲେ। ବିଶପ ନିରଞ୍ଜନ ସୁଆଲ ସିଂ, ଜିଲା କ୍ରୀଡାଧିକାରୀ ଉପେନ୍ଦ୍ର ଶତପଥୀ, ଜେରୋମ୍ କେର୍କେଟା, ଫ୍ରାନ୍ସିସ୍ ତିର୍କି, ଜିତେନ୍ଦର ସିଂ ଅତିଥି ଭାବେ ଯୋଗ ଦେଇଥିଲେ। ରାଜେନ୍ଦ୍ର ବେହେରା, ଫିରୋଜ ବାରୁଣା ରେଫରି ଥିବା ବେଳେ ରାଜେନ୍ଦ୍ର କୁଜୁର, ଆଲବିନୁସ ମିଞ୍ଜ ଟେକ୍ନିକାଲ୍ ଟେବୁଲ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଟୁର୍ନାମେଣ୍ଟରେ ଗୁଣପୁର, ରାଉରକେଲା, ଭୁବନେଶ୍ୱର ସମେତ ସମ୍ବଲପୁରର ୧୨ଟି ବାସ୍କେଟ ବଲ ଦଳ ଭାଗ ନେଇଛନ୍ତି।


ଶନିବାର ସମ୍ବଲପୁର ଜ୍ୟୋତିଭବନ ପରିସରରେ ଆୟୋଜିତ ବାସ୍କେଟ ବଲ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହ ଖେଳାଳିମାନେ।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୩ ଅକ୍ଟୋବର, ୨୦୧୯



"ଆପଣଙ୍କୁ ମାନବିକତା ଉପରେ ବିଶ୍ୱାସ ହରାଇବା ଉଚିତ୍ ନୁହେଁ । ମାନବିକତା ଏକ ସମୁଦ୍ର, ଯଦି ସମୁଦ୍ରର କିଛି ବୁନ୍ଦା ପାଣି ଖରାପ ହୋଇଯାଏ ତେବେ ପୁରା ସମଦ୍ର ଖରାପ ହୋଇଯାଏନାହିଁ । - **ମହାତ୍ମା ଗାନ୍ଧୀ**



## ସଂକ୍ଷେପରେ

### ନଅଗାଁ(କ) ପୋଖରୀ ରାସ୍ତାରେ ୫ ଫୁଟ୍‌ର ଗର୍ତ୍ତ

**ଲୋଇସିଂହା,୧୨।୧୦ (ଡି.ଏନ.ଏ):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(କ) ଗ୍ରାମର ପୋଖରୀ ରାସ୍ତାରେ ୫ ଫୁଟର ଏକ ଗର୍ତ୍ତ ରହିଛି । ପଞ୍ଚାୟତ କର୍ତ୍ତୃପକ୍ଷ ଏହାକୁ ମରାମତି ଦିଗରେ ଧାନ୍ୟ ଦେଉ ନାହାନ୍ତି। ଫଳରେ ଏହି ଗର୍ତ୍ତରେ ପଡି ଅନେକ ଆହତ ହେଉଥିବା ସ୍ଥାନୀୟ ଅଧିବାସୀ ଅଭିଯୋଗ କରିଛନ୍ତି। ସୂଚନାମତେ, ନଅଗାଁ(କ) ପଞ୍ଚାୟତ ସଦର ଗ୍ରାମର ପୋଖରୀ ଓ ଶିବ ମନ୍ଦିରକୁ ଯାଇଥିବା ରାସ୍ତା ପଞ୍ଚାୟତ ଅଧୀନରେ ରହିଛି। ପଞ୍ଚାୟତ ପକ୍ଷରୁ ଉକ୍ତ ରାସ୍ତା କଂକ୍ରିଟକରଣ କରାଯାଇଛି । ହେଲେ ଏହି ରାସ୍ତାର ଗୋଟିଏ ସ୍ଥାନରେ ଦବି ୫ ଫୁଟର ଗର୍ତ୍ତ ସୃଷ୍ଟି ହୋଇଛି। ଇତିମଧ୍ୟରେ ୫ ମାସ ବିତି ଯାଇଥିଲେ ବି ଏହାର ମରାମତି କରାଯାଉ ନାହିଁ। ବିଶେଷ କରି ସନ୍ଧ୍ୟା ସମୟରେ ଯାତାୟାତ ବେଳେ ଗର୍ତ୍ତରେ ପଡି ଲୋକେ ଆହତ ହେଉଛନ୍ତି। ନିକଟରେ ଜଣେ ବାଳକ ଉକ୍ତଗର୍ତ୍ତରେ ପଡି ଗରୁତର ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିପ୍ରତି ବ୍ଲକ ଓ ଜିଲା ପ୍ରଶାସନ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଭଗବତ ମହାସଭା ଉଦ୍‌ଯାପିତ

**ଲୋଇସିଂହା,୧୨।୧୦(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ଯୋଗୀସର୍ଡା ଗ୍ରାମ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ୭୪ତମ ଭଗବତ ମହାସଭା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ତ୍ରିଦିବସୀୟ ଭାଗବତ ମହାସଭାରେ ମହନ୍ତ କୃଷ୍ଣଚିନ୍ତନ ଦାସ ପୌରୋହିତ୍ୟ କରିଥିଲେ। ବ୍ୟସ ସୁଯୋଗ ମିଶ୍ର ଭଗବତ ପଠନ କରିଥିଲେ। ବିଭିନ୍ନ ଦିବସରେ ବିଭିନ୍ନ ସ୍ଥାନରୁ ସୁବକ୍ତା ତଥା ପ୍ରବଚକଭାବେ ଯୋଗଦେଇ ଭାଗବତ ଆଲୋଚନା କରିଥିଲେ । ଏଠାରେ ଭଗବତ କଥା ଶୁଣିବା ପାଇଁ ପ୍ରତ୍ୟେହ ଶହଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।

### ବ୍ରାହ୍ମଣ ମହାସଂସ୍ଥାର ବ୍ଲକ ମିଡିଆ ସେଲ୍ ପ୍ରଭାରୀ ନିଯୁକ୍ତ

**ବିନିକା,୧୨।୧୦(ଡି.ଏନ.ଏ.):** ଅନ୍ତରାଷ୍ଟ୍ରୀୟ ବ୍ରାହ୍ମଣ ମହାସଂସ୍ଥାର ବିନିକା ବ୍ଲକ ମିଡିଆ ସେଲ୍ ପ୍ରଭାରୀ ଭାବେ ବିପ୍ଳବ ରଞ୍ଜନ ଦାଶଙ୍କୁ ଚୟନ କରାଯାଇଛି । ପଶ୍ଚିମ ଓଡିଶା କାର୍ଯ୍ୟକାରିଣୀ କମିଟି ସଦସ୍ୟ ଏବଂ ସୁବର୍ଣ୍ଣପୁର ଜିଲା ଅଧକ୍ଷ ସଦାନନ୍ଦ ପାଣ୍ଡିଆ ଏବଂ ଉପେନ୍ଦ୍ର ଚାନ୍ଦଙ୍କ ମନୋନୟନକ୍ରମେ ଏହି ଚୟନ ହୋଇଛି। ଶନିବାର ଜାମପାଲି ଘଣ୍ଟେଶ୍ୱରୀ ପୀଠରେ ଅନୁଷ୍ଠିତ ବୈଠକରେ ମନୋନୟନ ଯାଚିକାପତ୍ର ଗ୍ରହଣ କରାଯାଇଥିଲା । ଏ ନେଇ ପଶ୍ଚିମ ଓଡିଶା କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟବ୍ରତ ହୋତା, ଶତ୍ରୁଘ୍ନ ପୁରୋହିତ, ଶେଷଦେବ ମିଶ୍ର, ବିଜୟ କୁମାର ମିଶ୍ର, ସଂଗଠକ ସୁଶାନ୍ତ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।

### ରାମଚଣ୍ଡୀଙ୍କ ବାର୍ଷିକ ପୂଜନୋତ୍ସବ

**ବିନିକା,୧୨।୧୦(ଡି.ଏନ୍.ଏ):** ବିନିକା ବ୍ଲକ କୁଇବାହାଲ ଗ୍ରାମ ରାମଚଣ୍ଡୀଙ୍କ ମନ୍ଦିର ପ୍ରାଙ୍ଗଣରେ ଶନିବାର ଆଞ୍ଚଳିକ କୁଲତା ସମାଜ ପକ୍ଷରୁ ରାମଚଣ୍ଡୀଙ୍କ ବାର୍ଷିକ ପୂଜନୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଆଞ୍ଚଳିକ କୁଲତା ସମାଜ ସଭାପତି ଧନୁ ପଧାନଙ୍କ ଆହ୍ୱାନ କ୍ରମେ ଗ୍ରାମର ଜନସାଧାରଣ ରାମଚଣ୍ଡୀଙ୍କ ପୀଠକୁ ଏକ ଶୋଭାଯାତ୍ରାରେ ଯାଇଥିଲେ । ପରେ ଆଞ୍ଚଳିକ କୁଲତା ସମାଜ ସମ୍ପାଦକ ଗୋପୀନାଥ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ସମାଜର ଏକତା, ଐତିହ୍ୟ ଓ ସାମାଜିକ ନୀତି ଉପରେ ଦିଗଦର୍ଶନ ଦିଆଯାଇଥିଲା।

---

ବଲାଙ୍ଗୀର-ବରଗଡ ୨୬ନଂ ଜାତୀୟ ରାଜପଥ ଶୋଚନୀୟ

# ବଢୁଛି ଦୁର୍ଘଟଣା, ନାମକୁ ମାତ୍ର ମରାମତି

**ଲୋଇସିଂହା, ୧୨।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଦେଇ ବଲାଙ୍ଗୀର-ବରଗଡ ୨୬ନମ୍ବର ଜାତୀୟ ରାଜପଥ ଯାଇଛି । ଉକ୍ତ ରାସ୍ତାର ଫାସଡସ୍ଥିତ ସୁକତେଲ ନଦୀ ପୋଲଠାରୁ ସାଲେଭଟା ଅଙ୍ଗ ନଦୀ ପୋଲ ପ୍ରାୟ ୧୮କିମି ରାସ୍ତା ଲୋଇସିଂହା ଥାନା ସୀମାନ୍ତରେ ରହିଛି । ଉପରୋକ୍ତ ୧୮ କିମି ରାସ୍ତାର ଫାସଡ ପୋଲ, ଫାସଡ ଛକ, କୁଶଙ୍ଗାଇ ପୋଲ, ଲାଇନଜୁରୀ ଲୋଇସିଂହା ପୋଲ, ବୁର୍ଡା କଲାସୀ ପୋଲ, ବୁଢୀପଦର ସ୍କୁଲରୁ ରୁଗୁଡିଖାଲ ଏପରି ସାଲେଭଟା ପର୍ଯ୍ୟନ୍ତ ରାସ୍ତାର ଅନେକ ସ୍ଥାନ ଶୋଚନୀୟ ହୋଇ ପଡିଛି । ଗତମାସର ଲଗାଣ ବର୍ଷାରେ ରାସ୍ତାରୁ ପିଚୁଉଠି ଯାଇ ଛୋଟବଡ ଗର୍ତ୍ତ ସୃଷ୍ଟି ହୋଇଛି । ବିଭାଗ ପକ୍ଷରୁ ଚିପସ ଓ ପିଚୁ ବଦଳରେ କ୍ରସରଗୁଣ୍ଡ ଓ ମେଟାଲ ଦେଇ କେତେକ ସ୍ଥାନରେ ଥୁକ ପାଲିସ ମରାମତି କରାଯାଇଛି। ଉକ୍ତ ରାସ୍ତାରେ ପ୍ରତ୍ୟହ ଶହଶହ ଯାନବାହନ ଚଳାଚଳ କରୁଥିବାରୁ ମେଟାଲ ଓ ଚିପସ ଉଠିଯାଇଛି। ମରାମତି ଓ ରାସ୍ତା ନିର୍ମାଣ ବେଳେ ବ୍ୟବହାର ହୋଇଥିବା କ୍ରସରଗୁଣ୍ଡ ଯାନବାହାନ ଚଳାଚଳ ବେଳେ ଉଡିବା ଯୋଗୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ୟସ୍ତବହୁଳ ଏହି ରାସ୍ତା ପ୍ରତି ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ନୀତି ତଥା ନିମ୍ନମାନର ମରାମତିକୁ ସାଧାରଣରେ ଦାୟୀ କରାଯାଉଛି । ରାସ୍ତା ଦୁରାବସ୍ଥା ଯୋଗୁ ଗୁରୁବାର ଦିନତମାମ ୬ଜଣ ବିଭିନ୍ନ ସ୍ଥାନରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିବା ଜଣାପଡିଛି । ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଓ ଆଲୋଡନ ସୃଷ୍ଟି କରିଥିଲା । ଏବେ ଏହି ରାସ୍ତାରେ ବିଭିନ୍ନ ରାଜନୈତିକ ଦଳର ନେତାଙ୍କଠାରୁ ଆରମ୍ଭ କରି ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ବରଗଡ ଜିଲା ବିଜେପୁର ଉପନିର୍ବାଚନ ପ୍ରଚାରରେ ଯାଉଛନ୍ତି। ହେଲେ ରାସ୍ତାର ଦୁରାବସ୍ଥା ସେମାନଙ୍କ ଦୃଷ୍ଟିକୁ ନ ଅସିବା ଆଲୋଡନର ବିଷୟ ବୋଲି ସାଧାରଣରେ ମତପ୍ରକାଶ ପାଉଛି । ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ଅବିଳମ୍ବେ ମରାମତି ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।



ବିପର୍ଯ୍ୟସ୍ତ ଅବସ୍ଥାରେ ଥିବା ବଲାଙ୍ଗୀର-ବରଗଡ ୨୬ନଂ ଜାତୀୟ ରାଜପଥ ।

### ରିଟେଲର ଆସୋସିଏଶନ ପକ୍ଷରୁ ବୈଠକ

**ବଲାଙ୍ଗୀର ଅଫିସ, ୧୨।୧୦**

ବଲାଙ୍ଗୀର ଟାଉନ ହଲ ଠାରେ ବଲାଙ୍ଗୀର ରିଟେଲର ଆସୋସିଏସନ୍ ପକ୍ଷରୁ ମୁଦ୍ରା ଯୋଜନା ଓ ରେଜା ପଇସା ସମସ୍ୟା ନେଇ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଆଚାର୍ଯ୍ୟ ରୁଦ୍ର ଦେବାନନ୍ଦ ଅବଧୁତ ସମ୍ମାନିତ ଅତିଥିଭାବେ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ପ୍ରମିତା ପଧାନ ଯୋଗଦାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ମନୋରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ସତ୍ୟ ବନଛୋର, ଦ୍ୱିଜ ଦଳପତି ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ସଭାପତି ଜଗନ୍ନାଥ ପ୍ରସାଦ ମାହାଣା, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ପରିଚାଳନା କରିଥିଲେ । ଶେଷରେ ସଦାନନ୍ଦ ଦେବତା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ତର୍ଯ୍ୟାମୀ ସାହୁ, ଗୋବର୍ଦ୍ଧନ ମାଝି, ଶ୍ରୀକର ଭୋଇ, ମଣ୍ଟୁ ମିଶ୍ର, ବୁଲୁ ସାଏ, ଅଶ୍ୱିନୀ ପଟେଲ ଯୋଗଦେଇଥିଲେ ।

# ବିବାହିତ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

## ମୃତାଙ୍କ ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ

**କଣ୍ଟାବାଞ୍ଜି, ୧୨।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ଖଗସା ପଞ୍ଚାୟତ ଅନ୍ତର୍ଗତ ଲାଲଝରା ଗାଁର ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତାଙ୍କ ମାତାପିତା ଏ ନେଇ କଣ୍ଟାବାଞ୍ଜି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଶନିବାର ସନ୍ଧ୍ୟାରେ ପୋଲିସ ଲାଲଝରା ଗାଁରେ ପହଞ୍ଚି ଘଟଣାର ତଦନ୍ତ କରିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ବେଲପଡା ଥାନା ମୁନାପାଲି ଗାଁର ଗୋମତି ମାଝୀ(୨୦) ଲାଲଝରା ଗାଁର ଦିବାକର ମାଝି(୨୫)ଙ୍କୁ ବର୍ଷକ ତଳେ ପ୍ରେମ ବିବାହ କରିଥିଲେ। ଗତ ଶୁକ୍ରବାର ରାତିରେ ଗୋମତି ଅସୁସ୍ଥ ଥିବା ନେଇ ଦିବାକର ଫୋନ ଯୋଗେ ତାଙ୍କ ଶ୍ୱଶୁରଙ୍କୁ ଜଣାଇଥିଲେ। କଣ୍ଟାବାଞ୍ଜି ଡାକ୍ତରଖାନାକୁ ଆଣି ଚିକିତ୍ସା କରାଇବାକୁ ଶ୍ୱଶୁର ପରମାନନ୍ଦ କହିବା ପରେ ଦିବାକର କୁଆଡେ ଫୋନ କାଟି ଦେଇଥିଲେ। ଶନିବାର ସକାଳେ ଗୋମତିଙ୍କ ମୃତ୍ୟୁ ହୋଇଥିବା ବିଷୟ ଦିବାକର ଶ୍ୱଶୁରଙ୍କୁ ଜଣାଇଥିଲେ। ଖବର ପାଇ ଗୋମତିଙ୍କ ବାପା, ମା' ହେମଲତା ଛତ୍ରିଆ ବନ୍ଧୁବର୍ଗଙ୍କ ସହ ଲାଲଝରା ଗାଁକୁ ଆସିଥିଲେ । ଚିକିତ୍ସା ନ କରାଇ ଝିଅକୁ ମାରିଦେଲ ବୋଲି ଗୋମତିଙ୍କ ପରିବାର ଲୋକେ କହିବା ପରେ ଦିବାକର ଉତ୍ତ୍ୟକ୍ତ ହୋଇ ପଡିଥିଲେ। ସେମାନଙ୍କୁ ଏକ ଟାଙ୍ଗିଆରେ ହାଣିବା ପାଇଁ ଧମକ ଦେଇଥିବା ଗାଁର ୱାର୍ଡମେମ୍ବର ରୁପାଧର ମାଝି ଓ ଅନ୍ୟମାନେ ପୋଲିସକୁ ବୟାନ ଦେଇଛନ୍ତି। କଣ୍ଟାବାଞ୍ଜି ଡାକ୍ତରଖାନାରେ ରବିବାର ମୃତଦେହ ବ୍ୟବଛେଦ ହେବ ବୋଲି ପୋଲିସ କହିଛି । ଦିବାକରଙ୍କୁ ପୋଲିସ ଥାନାକୁ ଆଣି ଅଧିକ ପଚରାଉଚରା କରୁଛି। ଅସୁସ୍ଥତା ଯୋଗୁ ଗୋମତିଙ୍କ ମୃତ୍ୟୁ ହୋଇଥିବା ଦିବାକର କହିଛନ୍ତି। କଣ୍ଟାବାଞ୍ଜି ଥାନା ଆଇଆଇସି ବିଜୟାନନ୍ଦ କରକରା, ଏସଆଇ ସେବତୀ ସେଠୀ, ଏସଆଇ ପ୍ରଣୟ ମୁର୍ମୁ ପ୍ରମୁଖ ଅନୁସନ୍ଧାନ ପାଇଁ ଲଇମୁରା ଯାଇଥିଲେ ।



ଲାଲଝରା ଗାଁରେ ପୋଲିସ ଘଟଣାର ଅନୁସନ୍ଧାନ କରୁଛି ।

### ବଙ୍ଗୋମୁଣ୍ଡା ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ

**ବଙ୍ଗୋମୁଣ୍ଡା,୧୨।୧୧ (ଡି.ଏନ.ଏ.)**

ବଙ୍ଗୋମୁଣ୍ଡା ବ୍ଲକ ସଦରରେ ୩୩ତମ ଧନୁଯାତ୍ରା ମହୋତ୍ସବ ପାଇଁ ଶୁଭସ୍ତମ୍ଭ ସ୍ଥାପନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଧନୁଯାତ୍ରା ପଡିଆରୁ ଏକ ଶୋଭାଯାତ୍ରାରେ କମିଟି କର୍ମକର୍ତ୍ତା ତଥା ଗ୍ରାମବାସୀ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଦ୍ୱାରସେନୀ, ଛତ୍ରବାଉତୀ, ଗଙ୍ଗାଦେବୀ, ପାଟଖଣ୍ଡା, ମା'ଦୁର୍ଗା, ପଦ୍ମକେଶରୀ ମହାଦେବ, ଜେନା ବୁଢା, ଜାଡେନ ବୁଢା, ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ । ସେହି ପୀଠଗୁଡିକରୁ ଆଜ୍ଞାମାଳ ଆଣିବା ପରେ ଧନୁଯାତ୍ରା ପଡିଆରେ ପୂଜାର୍ଚ୍ଚନା କରାଯାଇ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ଧନୁଯାତ୍ରା କମିଟି ସଭାପତି ତୁଳସୀରାମ ହଂସ କର୍ତ୍ତାଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ ବଙ୍ଗୋମୁଣ୍ଡା ତହସିଲଦାର ଗୁଣମଣି ସୁନାନୀ, ବ୍ଲକ ଉପାଧକ୍ଷ ମାମରାଜ ଜୈନ, ସରପଞ୍ଚ ସୁଶାନ୍ତ କୁମାର ଯୋଷୀ, ଉପଦେଷ୍ଟା ମାଧବ ହଂସ, ଧନୁଯାତ୍ରା କମିଟି କାର୍ଯ୍ୟକାରୀ ସଭାପତି ଆନନ୍ଦ ଅଗ୍ରୱାଲ, ଡ. ନାରାୟଣ ମିଶ୍ର, ସମ୍ପାଦକ ରଶ୍ମିରଞ୍ଜନ ପୁଟେଲ, ଯୁଗ୍ମ ସମ୍ପାଦକ ସୁଦାମ ସିନ୍ଦୁର, ତ୍ରିନାଥ ବାରିକ, ତିରୁପତି ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ନଭେମ୍ବର ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ଧନୁଯାତ୍ରା ମହୋତ୍ସବ ଆୟୋଜିତ ହେବା ସ୍ଥିରୀକୃତ ହୋଇଛି। କଂସ ଭୂମିକାରେ ରବିନ୍ଦ୍ର କୁମାର ସାହୁ ଅଭିନୟ କରିବେ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ଗାଡ଼ି ଚାଳନା ଲାଇସେନ୍ସ ପାଇଁ ଲମ୍ବାଧାଡ଼ି

**ଟିଟିଲାଗଡ଼, ୧୨।୧୦ (ଡି.ଏନ.ଏ)**

 କେନ୍ଦ୍ର ସରକାରଙ୍କ ପରିବହନ ବିଭାଗ ପକ୍ଷରୁ ଗାଡି ଚାଳନା ନେଇ ଜରିମାନା ରାଶି ବୃଦ୍ଧି ପରିପ୍ରେକ୍ଷୀରେ ଲୋକଙ୍କ ମଧ୍ୟରେ କୋକୁଆଭୟ ସୃଷ୍ଟି ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଆଇନକୁ ୩ ମାସ କୋହଳ ନିଷ୍ପତ୍ତି ନେଇ ଲୋକେ କିଭଳି ଗାଡି ଚାଳନା ଲାଇସେନ୍ସ ଯୋଗାଡ କରିବେ ସେହି ଚିନ୍ତା ଘାରିଛି। ବଲାଙ୍ଗୀର ଜିଲା ମୁଖ୍ୟାଳୟକୁ ଧାଇଁ ଲାଇସେନ୍ସ ଯୋଗାଡ ନେଇ ପୂର୍ବରୁ ସମୟ ଅପଚୟ ବୋଲି ମନେ କରୁଥିବା ଟିଟିଲାଗଡ ଅଞ୍ଚଳବାସୀ ସମ୍ପ୍ରତି ସକ୍ରିୟ ହୋଇଛନ୍ତି। ଟିଟିଲାଗଡରେ ପରିବହନ ବିଭାଗ କାର୍ଯ୍ୟାଳୟ ଖୋଲିବା ଦାବି ଉଠିଥିଲା। ରାଜ୍ୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନୀ ସାହୁ ଟିଟିଲାଗଡ ସହରରେ ଜିଲା ପରିବହନ ବିଭାଗର ଶିବିର ଖୋଲିବା ପାଇଁ ରାଜ୍ୟ ପରିବହନ ମନ୍ତ୍ରୀଙ୍କୁ ଅବଗତ କରିଥିଲେ। ଗତ ମାସ ୩୦ ତାରିଖଠାରୁ ଶିବିର ଆରମ୍ଭ ହୋଇଛି। ଶନିବାର ସ୍ଥାନୀୟ ବାଳକ ହାଇସ୍କୁଲରେ ଲାଗିଥିବା ପରିବହନ ବିଭାଗ ଶିବିରରେ ଅସମ୍ଭାଳ ଭିଡ ଦେଖିବାକୁ ମିଳିଛି। ଦିନସାରା ଲୋକଙ୍କ ଭିଡ ଯୋଗୁ ପରିବହନ କର୍ମଚାରୀ ନାକେଦମ ହୋଇପଡୁଥିବା ଶିବିରରେ ଉପସ୍ଥିତ ଥିବା ବଲାଙ୍ଗୀରର ଅତିରିକ୍ତ ପରିବହନ ବିଭାଗ ଅଧିକାରୀ ଲୋକନାଥ ମେହେର କହିଛନ୍ତି। ଅଦ୍ୟାବଧି ୩୮୦ ଜଣଙ୍କୁ ଲର୍ଣ୍ଣିଙ୍ଗ ଲାଇସେନ୍ସ ପ୍ରଦାନ କରାଯାଇଛି। ଅଧିକ ୭୦୦ ଆବେଦକଙ୍କ କାଗଜପତ୍ର ଗ୍ରହଣ ପାଇଁ ଟାର୍ଗେଟ ରହିଥିବା ଶିବିରରେ ଉପସ୍ଥିତ ଥିବା ଅତିରିକ୍ତ ପରିବହନ ଅଧିକାରୀ ମେହେର କହିଛନ୍ତି। ତେବେ ଲାଇସେନ୍ସ ପାଇଁ ଆସୁଥିବା ଲୋକେ ଯେଭଳି ଆଚରଣ ପ୍ରଦର୍ଶନ କରୁଛନ୍ତି ଆଗକୁ ଶିବିର ଜାରି ରଖିବା ଅସମ୍ଭବ। ଏ ନେଇ ଜିଲାପାଳଙ୍କୁ ସୂଚିତ କରାଯିବ। ତାଙ୍କ ନିର୍ଦ୍ଦେଶ ଅନୁଯାୟୀ ଯାହା ନିଷ୍ପତି ନିଆଯିବ ବୋଲି ମେହେର କହିଛନ୍ତି। ଅନ୍ୟପକ୍ଷରେ ବର୍ଷବର୍ଷ ଧରି ହାତଗୁଞ୍ଜା ପାଇ ଆଇନକୁ ଆଖିଠାର କରି ସ୍ଥାଣୁ ପାଲଟିଥିବା ପରିବହନ ବିଭାଗ ସମ୍ପ୍ରତି କଡା ଆହ୍ୱାନର ସମ୍ମୁଖୀନ ହୋଇଥିବା ଆଲୋଚନା ହେଉଛି। ରାଜ୍ୟ ସରକାରଙ୍କ ଦ୍ୱାରା ଆଇନକୁ କଡାକଡି କରିବା ପାଇଁ ଧାର୍ଯ୍ୟ କୋହଳ ସୀମା ମଧ୍ୟରେ ସମସ୍ତ ଆବେଦକଙ୍କୁ ପରିବହନ ବିଭାଗ ଲାଇସେନ୍ସ ଜାରି କରୁ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ଉଠିଛି ।



ଲାଇସେନ୍ସ ପାଇଁ ବାଳକ ହାଇସ୍କୁଲରେ ଲାଗିଥିବା ଲମ୍ବାଧାଡି ।

# ଗାଁ ରାସ୍ତା ସଫାକଲେ ଯୁବଗୋଷ୍ଠୀ

**ଖପ୍ରାଖୋଲ,୧୨।୧୦ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ପଞ୍ଚାୟତ ପୋଡମୁଣ୍ଡ ଗାଁର ଯୁବକମାନେ ନିଜ ଗାଁ ରାସ୍ତାକୁ ସଫା କରିଛନ୍ତି। ଗାଁ ଠାରୁ ଖପ୍ରାଖୋଲ ଗ୍ରୀଡ ଛକ ଯାଏଁ ପ୍ରାୟ ୨କିମି ରାସ୍ତାରେ ଅନାବନା ଗଛ ଲତା ମାଡି ଯାଇଥିବାରୁ ଗାଁ ରାସ୍ତା ସଙ୍କୁଚିତ ହୋଇଥିଲା । ଏହା ଦ୍ୱାରା ଅନେକ ଛୋଟବଡ ଦୁର୍ଘଟଣା ମଧ୍ୟ ଘଟୁଥିଲା। ଏହାକୁ ଦେଖି ଗାଁର ଯୁବକମାନେ ସଂଗଠିତ ଭାବେ କୋଡି, କୋଦାଳ ଧରି ନିଜ ଉଦ୍ୟମରେ ରାସ୍ତା ସଫା କରିଥିଲେ । ଏହାର ନେତୃତ୍ୱ ନାରାୟଣ ନାଗ, ଅଶୋକ ମୁଣ୍ଡା, ହରିହର ହଂସ, ମହାଦେବ ଛତର, ଜୟନ୍ତ ହଂସ, ଶୁକ୍ରୁ ବରିହା, ଗୁରେଖ ନାଗ, ମୁରଲୀ ଛତର ପ୍ରମୁଖ ଗାଁର ୫୦ରୁ ଉର୍ଦ୍ଧ୍ୱ ଯୁବକ ସାମିଲ ହୋଇଥିଲେ ।



ଗାଁର ଯୁବକମାନେ ରାସ୍ତାରୁ ଅନାବନା ଘାସଲଟା ସଫା କରୁଛନ୍ତି।

# ଗଜଲକ୍ଷ୍ମୀ ପୂଜା ପାଇଁ କଳସ ଶୋଭାଯାତ୍ରା

**ଟିକ୍ରାପଡା, ୧୨।୧୦(ଡି.ଏନ.ଏ.)**

ସଇଁତଳା ବ୍ଲକ ଟିକ୍ରାପଡା ଠାରେ ଗଜଲକ୍ଷ୍ମୀ ପୂଜା ପାଇଁ ମହିଳାଙ୍କ କଳସ ଯାତ୍ରା ଶନିବାର ଅନୁଷ୍ଠିତ ହୋଇଛି। ବହୁ ସଂଖ୍ୟାରେ ମହିଳା ନିକଟସ୍ଥ ଜଳାଶୟରୁ କଳସରେ ଜଳ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ଗଣେଶ ଠାକୁର, ବଳରାମ ଥନାପତି ପୂଜାକାର୍ଯ୍ୟ ତୁଲାଉଛନ୍ତି। ଅକ୍ଷୟ ରଣା କର୍ତ୍ତା ଦାୟିତ୍ୱ ନିର୍ବାହ କରିବେ। ୧୩ରୁ ୧୬ ତାରିଖ ଯାଏ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେବ ବୋଲି ପୂଜା କମିଟି ସୂତ୍ରରୁ ପ୍ରକାଶ ।



ଗଜଲକ୍ଷ୍ମୀ ପୂଜା ପାଇଁ ଟିକ୍ରାପଡାରେ ବାହାରିଥିବା କଳସ ଶୋଭାଯାତ୍ରା ।

ଗୁଞ୍ଜମତିଙ୍କ ପାଇଁ ଅପହଞ୍ଚ ଆବାସ ଯୋଜନା

# ପଲିଥିନ ଢଙ୍କା ଝୁମ୍ପୁଡ଼ିରେ ବିତୁଛି ଜୀବନ

**ଖପ୍ରାଖୋଲ,୧୨।୧୦ (ଡି.ଏନ.ଏ.)**

ସରକାର ସମସ୍ତ କଚାଘରକୁ ପକ୍କା କରିବାକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କା ଘର ଭଳି ଯୋଜନା କାର୍ଯ୍ୟକାରୀ କରାଉଛନ୍ତି। ହେଲେ ଏତେ ସବୁ ଯୋଜନା କାର୍ଯ୍ୟକାରୀ ପରେ ବି ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସାହାଜପାଣୀ ପଞ୍ଚାୟତ ଫୁଲକିମୁଣ୍ଡା ଗାଁର ବିଧବା ବୃଦ୍ଧା ଗୁଞ୍ଜମତି ମାଝୀ(୭୦) ପାଇଁ ଅପହଞ୍ଚ ହୋଇଛି ଆବାସ ଯୋଜନା । ଘର ଅଭାବରୁ ପଲିଥିନ ଢଙ୍କା ଛୋଟ ଝୁମ୍ପୁଡି ତଳେ ବର୍ଷବର୍ଷ ଧରି ବିତୁଛି ତାଙ୍କ ଜୀବନ । କେବଳ ୫ କିଲୋ ଚାଉଳ ଓ ୫ ଶହ ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ହିଁ ଭରସା । ବୃଦ୍ଧା ଗଞ୍ଜମତିଙ୍କ ପୁଅ ନିଜ ପରିବାର ନେଇ ଅଲଗା ରହୁଥିବାବେଳେ ତାଙ୍କୁ ମଧ୍ୟ ଆବାସ ଯୋଜନାରେ ଘର ମିଳି ନ ଥିବା ଜଣାଯାଇଛି । ଘର ପାଇଁ ଗୁଞ୍ଜମତି ଅନେକ ଥର ଗାଁ ପଲ୍ଲିସଭାରେ ନାମ ଲେଖାଇ ଥିଲେ ମଧ୍ୟ ଆଜି ଯାଏଁ ଘର ମିଳି ପାରିନାହିଁ । ସତେ ଯେମିତି ତାଙ୍କ ପାଇଁ ଯୋଜନେ ଦୂରରେ ଆବାସଟିଏ। ଏ ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଣୀ ସୁନାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସମ୍ପୃକ୍ତ ପରିବାରକୁ କେଉଁ କାରଣରୁ ଆଜି ଯାଏଁ ଘର ମିଳିନାହିଁ ଅନୁସନ୍ଧାନ ପରେ ଜଣା ପଡିବ । ଘର ପାଇ ନ ଥିଲେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ସଂଯୋଗ କରାଯିବ ବୋଲି ସେ କହିଛନ୍ତି।



ପଲିଥିନ ଢଙ୍କା ଝୁମ୍ପୁଡ଼ି ଘର ସାମନାରେ ଗୁଞ୍ଜମତି।



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।
- ସାମୁଏଲ୍ ଜନ୍‌ସନ



**ସଂକ୍ଷେପରେ**

### ମହିଳାଙ୍କୁ ବଳାତ୍କାର ଉଦ୍ୟମ, ଯୁବକ ଗିରଫ

କୋକସରା,୧୨।୧୦(ଡି.ଏନ.ଏ): ଜଣେ ବିବାହିତା ମହିଳାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ କୋକସରା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ତୁନଗାଁ ଗ୍ରାମର ସଦନ ପାଣିଗ୍ରାହୀ (୩୨)। ଅଭିଯୋଗ ମୁତାବକ, ମହିଳା ଜଣକ ଘରେ ଏକୁଟିଆ ଥିବା ବେଳେ ସଦନ ଘରେ ପଶି ପ୍ରେମ ନିବେଦନ କରିଥିଲେ। ଏଥିରେ ବିଫଳ ହେବାରୁ ସେ ମହିଳାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ହେଲେ ମହିଳା ଜଣକ ଚିତ୍କାର କରିବାରୁ ପାଖ ପୋଡୋଶୀ ପହଞ୍ଚି ସଦନଙ୍କୁ କାବୁ କରି କୋକସରା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସଦନଙ୍କୁ ଥାନାକୁ ନେଇଥିଲା। ଏନେଇ ମହିଳାଙ୍କ ପରିବାର ଲୋକେ ଥାନାରେ ଏକ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ (ନଂ.୧୬୪/୧୯) ରୁଜୁ କରି ସଦନଙ୍କୁ କୋର୍ଟ ଚାଲାଣ କରିଥିଲା।

# ପାଣି ପଞ୍ଚାୟତ ନିର୍ବାଚନରେ ଭୋଟର ଲିଷ୍ଟ ସଂଶୋଧନ ଦାବି

■ କ୍ଷୁଦ୍ର ଜଳସେଚନ ନିର୍ବାହୀ ଯନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ଭବାନୀପାଟଣା,୧୨।୧୦ (ଡି.ଏନ୍.ଏ.)

ଭବାନୀପାଟଣା ସହରରୁ ୮ କି.ମି. ଦୂର ଭଟାଙ୍ଗପଦରଠାରେ ରହିଛି ପିପଲନାଲା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ। ପ୍ରକଳ୍ପର ଦକ୍ଷିଣ କେନାଲ ପରମାନନ୍ଦପୁର ଦେଇ ଯାଇଛି। ଏନେଇ ପରମାନନ୍ଦପୁର ଅଞ୍ଚଳର ଚାଷୀମାନେ ଉପକୃତ ହେଉଛନ୍ତି। ତେବେ ପରମାନନ୍ଦପୁର ଚାଷୀମାନେ ଏଠାରେ କାର୍ଯ୍ୟ କରୁଥିବା ପାଣି ପଞ୍ଚାୟତ ଦ୍ୱାରା ଜଳ ଆବଣ୍ଟନ ସୁବିଧା ପାଇଥାନ୍ତି। କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଅକ୍ଟୋବର ୧୬ ତାରିଖ ପିପଲନାଲା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ (ଏମ୍‌ଆଇପି) ନିମନ୍ତେ ନୂତନ ପାଣି ପଞ୍ଚାୟତ ନିର୍ବାଚନ ପାଇଁ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ବିଜ୍ଞପ୍ତିରେ ପ୍ରକାଶ କରାଯାଇଥିବା ଭୋଟର ଲିଷ୍ଟରେ ଅଞ୍ଚଳର ଅନେକ ଚାଷୀ ବାଦ ପଡିଛନ୍ତି। ଏପରି କି ଭୋଟର ଲିଷ୍ଟରେ ମୃତ ଚାଷୀଙ୍କ ନାମ ରହିଛି। ଫଳରେ ପୁରୁଣା ଭୋଟର ଲିଷ୍ଟକୁ ବାଦ୍ ଦେଇ ନୂତନ ଭୋଟର ଲିଷ୍ଟ ବାହାର କରିବାକୁ ପରମାନନ୍ଦପୁର ଗ୍ରାମର ଚାଷୀମାନେ କ୍ଷୁଦ୍ର ଜଳସେଚନ ନିର୍ବାହୀ ଯନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ନିର୍ବାଚନ ପୂର୍ବରୁ ଭୋଟର ଲିଷ୍ଟ ସଂଶୋଧନ କରିବା ସହ ନିର୍ବାଚନ ନିମନ୍ତେ ଅନ୍ୟ ଏକ ତାରିଖ ଘୋଷଣା କରିବାକୁ ଚାଷୀମାନେ ଦାବି କରିଛନ୍ତି।



କ୍ଷୁଦ୍ର ଜଳସେଚନ ନିର୍ବାହୀ ଯନ୍ତ୍ରୀଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

**ପିପଲନାଲା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ**

## ଅସହାୟଙ୍କୁ ହାତ ବଢାଇଲା ଜିଲା ବିଜେଡି ମହିଳା ସେଲ

ଧର୍ମଗଡ,୧୨।୧୦ (ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଜୟନ୍ତପୁର ପଞ୍ଚାୟତ ବାରିକପଡ଼ାର ଲକ୍ଷ୍ମୀକାନ୍ତ ବାରିକ ଏବଂ ସ୍ତ୍ରୀ ବିମଳାଙ୍କ ମୃତ୍ୟୁ ପରେ ୩ ପିଲାଛୁଆ ଅସହାୟ ଅବସ୍ଥାରେ ରହିଛନ୍ତି। ଏହା ଜାଣି କଳାହାଣ୍ଡି ଜିଲା ବିଜେଡି ମହିଳା ସେଲ୍ ଶନିବାର ସହାୟତାରେ ହାତ ବଢାଇଛି। ଜିଲା ବିଜେଡି ମହିଳା ସେଲ୍ ସଭାପତି କଲ୍ୟାଣୀ ନାଏକଙ୍କ ନେତୃତ୍ୱରେ ଶନିବାର ସିଡବ୍ଲ୍ୟୁସି କର୍ମକର୍ତ୍ତାଙ୍କ ନେଇ ଏକ ୭ ଜଣିଆ ଦଳ ଗାଁରେ ପହଞ୍ଚି ୩ ପିଲାଛୁଆଙ୍କୁ ଭେଟିଥିଲେ। ଏପରି କି ସେମାନଙ୍କୁ ଉପଯୁକ୍ତ ଥଇଥାନ କରାଯିବ ବୋଲି ସେଲ ସଭାପତି ନାଏକ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସଭାନେତ୍ରୀ ମିଥିଳା ପୁଞ୍ଜି, ବେହେରା ସଭାନେତ୍ରି ଭାରତୀ ବିଶି, ସିଡବ୍ଲ୍ୟୁସି ଡିସିପିଓ ଗୁଲାମ ହବିବୁଲ୍ଲା ଖାନ,ଏଲ୍‌ପିଓ ସୁଧାଂଶୁ ମହାପାତ୍ର, ବି.ଆର୍ ଅମ୍ବେଡକର ଅନାଥାଶ୍ରମର ସୁପରିଣ୍ଟେଣ୍ଡେଣ୍ଟ ପବିତ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

ବହୁ ଚର୍ଚ୍ଚିତ ଚୈତନ୍ୟ ହତ୍ୟା ମାମଲା

## ଜେଲ ହାଜତକୁ ଗଲେ ଗ୍ରାମରକ୍ଷୀ

କଲମପୁର,୧୨।୧୦ (ଡି.ଏନ.ଏ.)

ଜୟପାଟଣା ଥାନା ବଡକୁଟ୍ରୁ ଫାଣ୍ଡି ଅନ୍ତର୍ଗତ ମିନଗୁର ପଞ୍ଚାୟତ ଭଇଁରି ଗ୍ରାମର ବହୁଚର୍ଚ୍ଚିତ ଚୈତନ୍ୟ ନାଏକ ହତ୍ୟା ମାମଲାକୁ ରଫାଦଫା କରିବା ନେଇ ଲାଞ୍ଚ କାରବାରରେ ସମ୍ପୃକ୍ତ ଥିବା ଗ୍ରାମରକ୍ଷୀ ଅକ୍ଷ ଦୁର୍ଗାଙ୍କୁ ଜୟପାଟଣା ଥାନା ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଧର୍ମଗଡ ଜେଲ ହାଜତକୁ ପଠେଇ ଦିଆଯାଇଥିବା ଜୟପାଟଣା ପୋଲିସ ପକ୍ଷରୁ କୁହାଯାଇଛି। ଏନେଇ ଜପାଟଣା ଥାନାରେ ଏକ ମାମଲା(ନଂ. ୨୫୯/୧୯) ରୁଜୁ ହୋଇଛି।

ସୂଚନାଯୋଗ୍ୟ, ଅଗଷ୍ଟ ୧୮ ତାରିଖରେ ଚୈତନ୍ୟଙ୍କୁ ହତ୍ୟା କରାଯାଇଥିଲା। ୧୯ ତାରିଖରେ ପୋଲିସ ଓ ସାଇଣ୍ଟିଫିକ ଟିମ୍ ସନ୍ଧାନୀ କୁକୁର ସହାୟତାରେ ଘଟଣା ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହ କରି ଚୈତନ୍ୟଙ୍କ ବଡ ବାପା ନିରାକାର ରଣା ଓ କାକା ଦେବ କୁମାର ରଣାଙ୍କ ସହ ଅନ୍ୟ କେତେଜଣଙ୍କୁ ପୋଲିସ ଅଟକ ରଖିଥିଲା। ହେଲେ ପରବର୍ତ୍ତି ସମୟରେ ପୋଲିସ ସେମାନଙ୍କୁ ଛାଡି ଦେଇଥିଲା। ଘଟଣାର ନିରପେକ୍ଷ ତଦନ୍ତ ଦାବି କରି ଚୈତନ୍ୟଙ୍କ ମା' ଚନ୍ଦ୍ରା ନାଏକ କଳାହାଣ୍ଡି ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ପରେ ଜୟପାଟଣା ପୋଲିସ ତରବରିଆ ଭାବେ ଭଇଁରି ଗ୍ରାମର ଶଙ୍କର ରଣା ଓ ନିରାକାର ରଣାଙ୍କୁ ସେପ୍ଟେମ୍ବର ୧୪ ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅନ୍ୟପକ୍ଷେ ଅଭିଯୁକ୍ତଙ୍କ ପରିବାର ପକ୍ଷରୁ ଘଟଣାର ରଫାଦଫା ପାଇଁ ୫୦ ହଜାର ଟଙ୍କା ଲାଞ୍ଚ ଦେବା ଘଟଣା ଲୋକଲୋଚନକୁ ଆସିଥିଲା। ଏହି ଘଟଣାରେ ଗ୍ରାମରକ୍ଷୀ ଅକ୍ଷ ସମ୍ପୃକ୍ତ ଥିବା ଜଣାପଡିଥିଲା। ହେଲେ ଗ୍ରାମରକ୍ଷୀ ଅକ୍ଷ କଳାହାଣ୍ଡି ଏସ୍‌ପିଙ୍କୁ ସାକ୍ଷାତ କରିବାକୁ ଯାଉଥିବା ବେଳେ ଭବାନୀପାଟଣା ଟାଉନ ଥାନା ପୋଲିସ ତାଙ୍କୁ ଅଟକ ରଖିଥିଲା। ପରେ ତାଙ୍କୁ ଜୟପାଟଣା ଥାନାକୁ ଆଣି ପୋଲିସ ପଚରାଉଚୁରା କରିଥିଲା। ସେତିକିବେଳେ ଅକ୍ଷ ଅଭିଯୁକ୍ତଙ୍କ ପରିବାରରୁ ୫୦ହଜାର ଟଙ୍କା ନେଇଥିବା ସ୍ୱୀକାର କରିଥିଲେ। ଅନ୍ୟପକ୍ଷେ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି।

## ବିକଳ୍ପ କୃଷି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଭବାନୀପାଟଣା,୧୨।୧୦ (ଡି.ଏନ୍.ଏ.)

ଭବାନୀପାଟଣାସ୍ଥିତ ଏକ ହୋଟେଲ କନ୍‌ଫ୍ରେନ୍ସ ହଲରେ ଏକତା ପରିଷଦ କଳାହାଣ୍ଡି ପକ୍ଷରୁ ଚାଲିଥିବା ବିକଳ୍ପ କୃଷି ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏକତା ପରିଷଦ ରାଜ୍ୟ ସଂଯୋଜକ ଭାରତ ଭୂଷଣ ଠାକୁର ଶିବିରର ଉଦ୍‌ଘାଟନ କରିଥିଲେ। ଜିଲା ସଂଯୋଜକ ସରୋଜ ବାଗଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ବଲାଙ୍ଗୀର ଓ କଳାହାଣ୍ଡି ଜିଲାରୁ ୩୫ଜଣ ଚାଷୀ ଅଂଶ ଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଦିବସରେ ଉଦ୍ୟାନ ବିଭାଗର ଜଗବନ୍ଧୁ ରାଉତ୍ ପ୍ରଶିକ୍ଷକ ଭାବେ ଯୋଗଦେଇ ଚାଷୀମାନଙ୍କୁ ଚାଷର ପଦ୍ଧତି, ରାସାୟନିକ ସାର ବଦଳରେ ଜୈବିକ ସାର ଦ୍ୱାରା ଚାଷ କିଭଳି ଆଗେଇ ପାରିବ ଏବଂ ଅଧିକ ଅମଳ ହୋଇପାରିବ ସେ ସମ୍ପର୍କରେ ବୁଝାଇଥିଲେ। ପରେ ଚାଷୀମାନେ ଭବାନୀପାଟଣାସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରକୁ ଯାଇ ସେଠାରେ ଜିଆଖତ ପ୍ରସ୍ତୁତି ପ୍ରଣାଳି, କୁକୁଡା ପାଳନ, ଛତୁଚାଷ, ମାଛଚାଷ, ଧାନଚାଷ, ଜୈବିକ ଖତ ପ୍ରସ୍ତୁତି, ଘାସ ଚାଷ ଆଦି ବୁଲି ଦେଖିଥିଲେ। କୃଷିବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଏଚ୍.ଏନ୍. ମଲ୍ଲିକ କୃଷିବିଜ୍ଞାନ କେନ୍ଦ୍ରର କାର୍ଯ୍ୟକ୍ରମ ଓ ଚାଷୀମାନେ କ'ଣ ସବୁ ସୁବିଧା ପାଇପାରିବେ ସେ ସମ୍ପର୍କରେ ଅବଗତ କରାଇଥିଲେ। ଉଦ୍‌ଯାପନୀ ଦିବସରେ କୃଷି ବିଭାଗର ଏଗ୍ରୋନୋମିଷ୍ଟ ଚିତ୍ତରଞ୍ଜନ ଶତପଥୀ ପ୍ରଶିକ୍ଷକ ଭାବେ ଯୋଗଦେଇ ଚାଷୀମାନଙ୍କୁ ଆଳୁଚାଷ ଓ ତାର ପଦ୍ଧତି, ବିହନ ପ୍ରସ୍ତୁତି, ଜମି ପ୍ରସ୍ତୁତି, ଜୈବିକ ଖତ ତିଆରି, ରୋଗ ପୋକର ନିରାକରଣ ଉପରେ କହିଥିଲେ। ରାଜ୍ୟ ସଂଯୋଜକ ଭାରତ ଭୂଷଣ ଠାକୁର ଚାଷୀମାନଙ୍କୁ ପ୍ରଶିକ୍ଷଣ ନେଇଥିବା ଚାଷ ସମ୍ପର୍କରେ ପ୍ରଥମ ନିଜେ କରିବା ସହ ଅନ୍ୟମାନଙ୍କୁ ଶିଖାଇବା ପାଇଁ ଅନୁରୋଧ କରିଥିଲେ। ଶିବିରକୁ ଏକତା ପରିଷଦର ଗିରିଧାରି ପାତ୍ର, ଶରତ ମାଝି ପରିଚାଳନାରେ ସହଯୋଗ କରିଥିଲେ।




ପ୍ରଶିକ୍ଷଣ ନେଇଥିବା ଚାଷୀଙ୍କ ସହ କୃଷି ଅଧିକାରୀମାନେ।

## ମହିମା ସନ୍ନ୍ୟାସୀ ଅଷ୍ଟବକ୍ର ଦାସଙ୍କ ପରଲୋକ

କେଗାଁ,୧୨।୧୦ (ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅଧୀନ କେଗାଁ ଅଲେଖ ମହିମା ଆଶ୍ରମର ସନ୍ନ୍ୟାସୀ ଅଷ୍ଟବକ୍ର ଦାସଙ୍କ ପରଲୋକ ହୋଇଯାଇଛି । ଶନିବାର ସକାଳ ପ୍ରାୟ ୯ଟା ସମୟରେ ସ୍ଥାନୀୟ ଚପ୍ରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସୂଚନାଯୋଗ୍ୟ, ଶୁକ୍ରବାର ବାବା ଅଷ୍ଟବକ୍ର ଅସୁସ୍ଥ ହୋଇପଡିଥିଲେ। ଶନିବାର ସକାଳେ ତାଙ୍କୁ ଡାକ୍ତଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ବାବାଙ୍କ ମୃତଦେହ କେଗାଁ ଆଶ୍ରମକୁ ଆଣିବା ପରେ ତାଙ୍କ ଶେଷ ଦର୍ଶନ ପାଇଁ ଭକ୍ତଙ୍କ ଲମ୍ବା ଧାଡି ଲାଗିଥିଲା। ଆଶ୍ରମ ମଧ୍ୟରେ ବାବାଙ୍କୁ ସମାଧି ଦିଆଯାଇଥିଲା। ସମାଧି ଦେବା ସମୟରେ ମହିମା ସନ୍ନ୍ୟାସୀ କିଶୋର ଚନ୍ଦ୍ର ବାବା, ସାଧୁ ଲଖେଶ୍ୱର ବାବା, ପଣ୍ଡିତ ହେମରାଜ ଶାସ୍ତ୍ରୀ, କ୍ଷୀରସିନ୍ଧୁ ପୁଟେଲ, ନରହରି ବାଗ, ଗୌରଚନ୍ଦ୍ର ପୁଟେଲ, ସୋମେଶ୍ୱର ମନୀ, କବିର ପୁଟେଲ, ମନୋଜ କୁମାର ଅଗ୍ରୱାଲ, ତାରାଚନ୍ଦ ଅଗ୍ରୱାଲ, ସୁବାସ ଚନ୍ଦ୍ର ଅଗ୍ରୱାଲ, ଗଗନ ବିହାରୀ ଭାଇଁସାଲ, ତୁଲାରାମ ପୁଟେଲ, ମୀନକେତନ ପୁଟେଲଙ୍କ ସହ ବହୁ ସାଧୁ, ସନ୍ନ୍ୟାସୀ ଉପସ୍ଥିତ ଥିଲେ। ସେ ଜଣେ ଜ୍ଞାନି ସାଧୁ ଭାବେ ଅଞ୍ଚଳରେ ପରିଚିତ ଥିଲେ। ସେ ଅଞ୍ଚଳରେ ମହିମା ଧର୍ମର ପ୍ରଚାର ପ୍ରସାର କରିବା ସହିତ ଗୋଲାମୁଣ୍ଡା ବ୍ଲକ ତଥା ପଡୋଶୀ ବଲାଙ୍ଗୀର ଓ ନୂଆପଡା ଅଞ୍ଚଳରେ ଶତାଧିକ ମହିମା ଧର୍ମ ଭକ୍ତ ସୃଷ୍ଟି କରିଥିଲେ। ଏପରି କି ସେ ଲୋକଙ୍କ ସୁଖ ଦୁଃଖରେ ସାମିଲ ହୋଇ ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ। ତାଙ୍କ ବିୟୋଗରେ ମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର ଶୋକ ପ୍ରକାଶ କରିଛନ୍ତି। ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ତୁଲେଶ୍ୱର ନାଏକ, କିଷାନ ସଂଘ ସଭାପତି ସାଉଲ ମଙ୍ଗରାଜ, ଧାମନପୁର ସମିତି ସଭ୍ୟ ଇଂ.ଦିନେଶ କୁମାର ରାଉତଙ୍କ ସମେତ ଅନେକ ବୁଦ୍ଧିଜୀବୀ ଶୋକ ବ୍ୟକ୍ତ କରିଛନ୍ତି।

■ ମିଳିଲା ହ୍ୟାଣ୍ଡଲୁମ୍ ମାର୍କ

## ବଜାରରେ ବିକ୍ରି ହେବ ଜେଲ ଅନ୍ତେବାସୀଙ୍କ ହସ୍ତତନ୍ତ ସାମଗ୍ରୀ

ସମ୍ବଲପୁର,୧୨।୧୦(ବ୍ୟୁରୋ)

ସମ୍ବଲପୁର ମଣ୍ଡଳ କାରାଗାର ଅନ୍ତେବାସୀଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତତନ୍ତ ସାମଗ୍ରୀ ଏବେ ବଜାରରେ ବିକ୍ରି ହୋଇ ପାରିବ। ଏଥିପାଇଁ କେନ୍ଦ୍ର ବୟନ ଶିଳ୍ପ ମନ୍ତ୍ରଣାଳୟ ବସ୍ତ୍ର କମିଟି ପକ୍ଷରୁ କାରାଗାର ଅନ୍ତେବାସୀଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀକୁ ହ୍ୟାଣ୍ଡଲୁମ୍ ମାର୍କ ଦିଆଯାଇଛି। ଡିଆଡିଏ ପିଡି ସୁକାନ୍ତ ତ୍ରିପାଠୀ ଏବଂ ଓର୍‌ମାସ୍ ସଂଯୋଜକ ଶ୍ରୀମନ୍ତ ହୋତାଙ୍କ ଉପସ୍ଥିତିରେ ଏ ନେଇ ଜେଲ୍ କର୍ତ୍ତୃପକ୍ଷଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ପୂର୍ବରୁ ଅନ୍ତେବସୀଙ୍କ ହସ୍ତତନ୍ତ ସାମଗ୍ରୀ କେବଳ ଜେଲ ପରିସରରେ ଥିବା କାଉଣ୍ଟର ଓ ଜେଲ ସମ୍ମୁଖରେ ବିକ୍ରି ହେଉଥିଲା । ଏହି ମାନ୍ୟତା ମିଳିବା ପରେ ଏବେ ସେମାନେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆୟୋଜିତ ହେଉଥିବା ବିଭିନ୍ନ ମେଳାରେ ସାମିଲ ହୋଇପାରିବେ।

# ଋଣ ପରିଶୋଧ, ଆବଣ୍ଟନ ମେଳା

କେସିଙ୍ଗା,୧୨।୧୦(ଡି.ଏନ.ଏ)

ଓଡ଼ିଶା ଜୀବିକା ମିଶନ କେସିଙ୍ଗା ଓ ପାଷ୍ଟିକୁଡି ଉତ୍କଳ ଗ୍ରାମୀଣ ବ୍ୟାଙ୍କର ମିଳିତ ଉଦ୍ୟମରେ କେସିଙ୍ଗା ବ୍ଲକ ପାଷ୍ଟିକୁଡି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଋଣ ପରିଶୋଧ ଓ ଆବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଆର୍‌ଏମ୍ ଅଶ୍ୱିନୀ ପାତ୍ର, ଏ.ଏମ୍. ରବି ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ପାଷ୍ଟିକୁଡି ଶାଖାର ପରିଚାଳିତ ଉଜାଗର ପ୍ରଧାନ ଅତିଥି ଭାବେ ଉପସ୍ଥିତ ଥିଲେ। ଏଥିରେ ଓଡ଼ିଶା ଜୀବିକା ମିଶନ କଳାହାଣ୍ଡିର ଡିପିଏମ୍ ପ୍ରଶାନ୍ତ କୁମାର ମିଶ୍ର, ଓଏଲ୍‌ଏମ୍‌ର ବ୍ଲକ ପ୍ରଶାସକ ସୌମ୍ୟରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ୪୮ଟି ସ୍ୱୟଂ ସହାୟକ ଗୋଷ୍ଠୀ ୪,୧୪,୦୦୦ ଟଙ୍କା ଋଣ ପରିଶୋଧ କରିଥିବା ବେଳେ ୪ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୪, ୫୦, ୦୦୦ ଟଙ୍କା ଋଣ ପ୍ରଦାନ କରାଯାଇଥିଲା। ପାଷ୍ଟିକୁଡି ସରପଞ୍ଚ ଲୋକନାଥ ନାଏକ ଉପସ୍ଥିତ ରହି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆଗକୁ ବଢ଼ିବାକୁ ଆହ୍ୱାନ ଦେଇଥିଲେ। ମେଳାକୁ କେସିଙ୍ଗା ବ୍ଲକର ଓଏଲ୍‌ଏମ୍‌ର ପ୍ରଶାସକ ସୌମ୍ୟରଞ୍ଜନ ମହାପାତ୍ର, ଲଳିତ ବିଶି, ଦିପ୍ତି ବୁଧୁଆ,କୈଶଲ୍ୟା ପାତ୍ର, ଗିତାଞ୍ଜଳି କୁମାର, ଡଳି ବାଗ ପ୍ରମୁଖ ସହଯୋଗ କରିଥିଲେ।



ମେଳାରେ ମଞ୍ଚାସୀନ ଅତିଥିବୃନ୍ଦ।

# ବଢୁଛି ଦେଶୀ ମଦ କାରବାର

**ବେଫିକର ଅବକାରୀ ବିଭାଗ**

■ ଅଣ ଓଡ଼ିଆ ବ୍ୟବସାୟୀଙ୍କ ହାତରେ ସର୍ବାଧିକ ଭାଟି, ଶାଖା

■ ପାଣି ମିଶା ମଦ ଦେଇ ଲୋକଙ୍କୁ କରୁଛନ୍ତି ଶୋଷଣ

ଭବାନୀପାଟଣା,୧୨।୧୦ (ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଏକ କୃଷି ପ୍ରଧାନ ଜିଲା। ଏଠାକାର ଲୋକେ ଖୁବ୍ ପରିଶ୍ରମୀ। ତେବେ ସଚେତନତା ଅଭାବରୁ ଲୋକେ ଦେଶୀ ମଦ ପିଉଛନ୍ତି। ଏହାର ସୁଯୋଗ ନେଇ ଜଣେ ଅଣ ଓଡ଼ିଆ ବ୍ୟବସାୟୀ ନିରୀହ ଗରୀବ, ଖଟିଖିଆ ଲୋକଙ୍କୁ ଶୋଷଣ କରୁଛନ୍ତି। ନିଜ ନାମରେ ନିୟମ ବହିର୍ଭୂତ ଅଧିକ ମଦଭାଟି, ଶାଖା ଲାଇସେନ୍ସ ନେଇ ମଦ କାରବାର କରାଯାଉଛି। ଏପରି କି ଜନସାଧାରଣଙ୍କ ସରଳତାର ସୁଯୋଗ ନେଇ ଭେଜାଲ ଦେଶୀ ମଦ ବିକ୍ରି କରାଯାଉଛି। ଅର୍ଥଲାଲସାରେ ଅବକାରୀ ବିଭାଗ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ନ ନେଇ ବେଫିକର ରହିବା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲା ଅବକାରୀ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ କଳାହାଣ୍ଡି ଜିଲାରେ ଲାଇସେନ୍ସପ୍ରାପ୍ତ ୬୭ଟି ମୁଖ୍ୟ ଦେଶୀ ମଦଭାଟି, ୮୩ଟି ଶାଖା ଭାଟି(ବ୍ରାଞ୍ଚ) ଓ ୭ଟି ସେଲସେଣ୍ଟର ରହିଛି। ସେଥିମଧ୍ୟରୁ ଭବାନୀପାଟନାରେ ରହୁଥିବା ଏକ ଅଣଓଡିଆ ବ୍ୟବସାୟୀ ନିଜ ନାମରେ ୧୮ଟି ମୁଖ୍ୟ ଦେଶୀ ଭାଟି, ୧୯ଟି ଶାଖା ଭାଟି(ବ୍ରାଞ୍ଚ) ଓ ୨ଟି ସେଲ ସେଣ୍ଟରର ଲାଇସେନ୍ସ ନେଇଛନ୍ତି। ଯାହାକି ଜିଲାର ସବୁ ମଦ ବ୍ୟବସାୟୀଙ୍କଠାରୁ ସର୍ବାଧିକ। ଜଣେ ବ୍ୟକ୍ତିଙ୍କୁ ଏତେ ସଂଖ୍ୟକ ମଦଭାଟି, ଶାଖା, ସେଲସେଣ୍ଟର ପାଇଁ କେମିତି ଲାଇସେନ୍ସ ପ୍ରଦାନ କରାଯାଇଛି ତାହା ଏଠାରେ ପ୍ରଶ୍ନ ଉଠୁଛି। ନିଜ ନାମରେ ଅଧିକ ମଦଭାଟି ଥିବାରୁ ମଦ ଭେଜାଲ କରି ବିକ୍ରି କଲେ ଲୋକେ ଜାଣିପାରୁ ନାହାନ୍ତି। ଅବକାରୀ ଓ ପୋଲିସ ବିଭାଗ ଏ ସମ୍ପର୍କରେ ଜାଣିଥିଲେ ମଧ ଅର୍ଥ ଲାଳସାରେ ଚୁପ୍ ରହୁଥିବା ଅଭିଯୋଗ ହେଉଛି। କେବଳ ଅବକାରୀ ନୁହେଁ ଅଞ୍ଚଳର ଥିବା ତଳସ୍ତରରୁ ଉପରସ୍ତର ପର୍ଯ୍ୟନ୍ତ ଟଙ୍କା ପାଇ ସମସ୍ତେ ଚୁପ୍ ରହୁଥିବା ଜଣାପଡିଛି। ଅଭିଯୋଗ ମୁତାବକ, ଅବକାରୀ ବିଭାଗ ରାଜସ୍ୱ ଆଶାରେ ମଦଭାଟି ମାଲିକଙ୍କ ଇସାରାରେ କାମ କରୁଛନ୍ତି। ବିଭାଗୀୟ ଅଧିକାରୀମାନେ ମଦଭାଟିକୁ ଯାଇ ମାନ ପରୀକ୍ଷା ନ କରି କାଗଜ କଲମରେ ରିପୋର୍ଟ ଦେଉଛନ୍ତି। ମଦର ମାନ ଉପରେ ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବହୁ ରହସ୍ୟ ପଦାକୁ ଆସନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ଗତ କିଛି ବର୍ଷ ତଳେ ଏକ ଦେଶୀ ମଦ ଭାଟିରେ ନିକୃଷ୍ଟ ମାନର ଭେଜାଲ ମଦ ପିଇ କେତେଜଣ ଲୋକ ଆଖି ହରାଇଥିବା ଦେଖିବାକୁ ମିଳିଥିଲା। ସେତିକିବେଳେ ପ୍ରଶାସନ ପକ୍ଷରୁ ଉକ୍ତ ମଦ ଭାଟିକୁ ସିଲ କରାଯାଇଥିଲା। ପରବର୍ତ୍ତୀ ସମୟରେ ପୁଣି ଉକ୍ତ ମଦଭାଟି ଖୋଲିବା ଘଟଣାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ଜିଲାରେ ମଦ କାରବାର ବନ୍ଦ କରା ନ ଗଲେ ଆଗାମୀ ଦିନରେ ସ୍ୱେଚ୍ଛାସେବୀ ସଂଗଠନର ମହିଳାମାନେ ମଦଭାଟି ଭାଙ୍ଗି ଆନ୍ଦୋଳନ କରିବାକୁ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ଜିଲା ଅବକାରୀ ଅଧିକ୍ଷକ ଡମ୍ବରୁଧର ଖଣ୍ଡାଙ୍କୁ ପଚାରିବାରୁ ଘଟଣାକୁ ହାଲୁକା ଭାବେ ନେଇ ଲାଇସେନ୍ସ ଯିଏ ଯେତେ ନେଇପାରିବ ସେଥିରେ କୌଣସି ପ୍ରତିବନ୍ଧକ ନାହିଁ। ସେହିପରି ମଦର ମାନ ଯାଞ୍ଚ ନେଇ ଭାଟିଗୁଡିକରେ ବିଭାଗ ପକ୍ଷରୁ ଚଢାଉ କରାଯାଉଥିବା କହିଥିଲେ।

**ଦ୍ୱିତୀୟ ଟାଉନ ଫୁଟବଲ ଲିଗ୍‌ର ୧୯ତମ ଦିବସ**

## ଗୋଲଡେନ୍ ଏଫ୍‌ସି ବିଜୟୀ

ଭବାନୀପାଟଣା,୧୨।୧୦(ଡି.ଏନ୍.ଏ.)

ଭବାନୀପାଟଣା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍‌ଠାରେ କଳାହାଣ୍ଡି କ୍ରୀଡ଼ା ସଂସ୍ଥା ଆନୁକୂଲ୍ୟରେ ଚାଲିଥିବା ଭବାନୀପାଟଣା ଦ୍ୱିତୀୟ ଟାଉନ ଫୁଟବଲ ଲିଗ୍‌ର ଶନିବାର ୧୯ତମ ମ୍ୟାଚ ଶ୍ରୀକୃଷ୍ଣ କ୍ଲବ ଏବଂ ଗୋଲଡେନ୍ ଏଫ୍‌ସି ମଧ୍ୟରେ ହୋଇଥିଲା। ଏଥିରେ ଗୋଲଡେନ୍ ଏଫ୍‌ସି ୧୩-୦ ଗୋଲରେ ଶ୍ରୀକୃଷ୍ଣ କ୍ଲବକୁ ପରାସ୍ତ କରିଥିଲା। ମ୍ୟାଚ୍‌ରେ ବେଷ୍ଟ ଫରୱାର୍ଡ ପ୍ଲେୟର ପାଣ୍ଡବ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରେଫରି ଜିତେନ୍ଦ୍ର ରଥ, ଦେବେନ୍ଦ୍ର କୁମାର ରାଉତ୍, ଅଶୋକ କୁମାର ବାଗ, ମହମ୍ମଦ ଅବଦୁଲ କାଦର ପ୍ରମୁଖ ଖେଳ ପରିଚାଳନା କରିଥିଲେ। ମ୍ୟାଚ୍‌ରେ କ୍ରୀଡ଼ା ସଂସ୍ଥାର ସମ୍ପାଦକ ଜଗମୋହନ ପଟ୍ଟନାୟକ, ଉପସଭାପତି ସୁରେନ୍ଦ୍ର ନାଥ ତ୍ରିପାଠୀ, ଫୁଟବଲ ସେକ୍ରେଟେରି କାଦର ଖାନ, ଆଥେଲେଟିକ୍ ସେକ୍ରେଟେରି ସମ୍ଭୁ ରାଉତ, ଆଇପିଇ ମହେନ୍ଦ୍ର ପଣ୍ଡା, ଭେଟେରାନ ଫୁଟବଲ ଖେଳାଳି ନଳିନୀ ମୁଣ୍ଡ, ଜଳେଶ୍ୱର ଗଉଡ, କିଶୋର ସାହୁ, ଅର୍ଜୁନ ନାଏକ, ଧୀରେନ ପଟ୍ଟନାୟକ, ରାଜୀବ ସାହୁ, ସନ୍ତୋଷ ପ୍ରଧାନ, ଭିକାରୀ ଚରଣ ମିଶ୍ର, ଝୁନୁ ପଣ୍ଡା, ଅଶୋକ ପଟ୍ଟନାୟକ, ସନତ କୁମାର ମହାପାତ୍ର, ଚକ୍ରଧର ସେଠୀ ପ୍ରମୁଖ ସହଯୋଗ କରିଥିଲେ। ୧୩ ତାରିଖରେ ଗୁଡମର୍ନିଂ କ୍ଲବ ଓ ଷ୍ଟାର ୧୧ ମଧ୍ୟରେ ମ୍ୟାଚ ହେବ ବୋଲି କ୍ରିଡ଼ା ସଂସ୍ଥା ସମ୍ପାଦକ ଜଗମୋହନ ପଟ୍ଟନାୟକ ସୂଚନା ଦେଇଛନ୍ତି।



ଅତିଥିଙ୍କ ଗହଣରେ ଖେଳାଳିମାନେ।



ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।

- ଶିରିଡ଼ି ସାଇବାବା



## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ମହିଳାଙ୍କ ମୃତ୍ୟୁ

**କୋଲାବିରା,୧୨।୧୦(ଡି.ଏନ୍.ଏ.)-** କୋଲାବିରା ବସ୍ତି ମିଳନଛକ ନିକଟସ୍ଥ ସାହୁପଡ଼ାର ଫକିର ସାହୁଙ୍କ ସ୍ତ୍ରୀ ପ୍ରିୟମ୍ବଦା ସାହୁ(୪୩)ଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଥିବା ଜଣାଯାଇଛି। ଏ ସଂକ୍ରାନ୍ତରେ କୋଲାବିରା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ସୂଚନାନୁସାରେ ଶନିବାର ଅପରାହ୍ନ ୨ଟାରେ ପ୍ରିୟମ୍ବଦା ଘରେ ହିଟରରେ ରୋଷେଇ କରୁଥିଲେ। ଏହି ସମୟରେ ଅସାବଧାନତାବଶତଃ ହିଟର ସଂସ୍ପର୍ଶରେ ଆସି ସେ ଲାଖି ଯାଇଥିଲେ। ନିକଟରେ ଥିବା ଶାଶୁ ଏହା ଦେଖି ପାଖରେ ଥିବା ଏକ ବାଉଁଶ ବାଡ଼ିରେ ବିଦ୍ୟୁତ୍ ତାରକୁ ବାଡ଼େଇ ଛିଣ୍ଡେଇ ଦେଇଥିଲେ। ହେଲେ ସେତିକି ବେଳକୁ ପ୍ରିୟମ୍ବଦା ସଂଜ୍ଞାହୀନ ହୋଇ ତଳେ ପଡ଼ିଯାଇଥିଲେ। ଶାଶୁଙ୍କ ପାଟିଶୁଣି ପାଖପଡ଼ିଶା ଲୋକ ସଂଜ୍ଞାହୀନ ଅବସ୍ଥାରେ ପ୍ରିୟମ୍ବଦାଙ୍କୁ କୋଲାବିରାସ୍ଥିତ ଚିନ୍ତାମଣି ଡିସପେନସାରିକୁ ନେଇଥିଲେ। ମାତ୍ର ସେଠାରେ ଆଶୁ ଚିକିତ୍ସା ନ ମିଳିବାରୁ ତାଙ୍କୁ ତୁରନ୍ତ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ପ୍ରିୟମ୍ବଦାଙ୍କ ପରିବାର ନିହାତି ଗରିବ ଶ୍ରେଣୀର ହୋଇଥିବାବେଳେ ତାଙ୍କର ଦୁଇଟି ଛୋଟ ଛୋଟ ପୁଅ ଅଛନ୍ତି। ଘଟଣା ସମ୍ପର୍କରେ କୋଲାବିରା ପୋଲିସ ସୂଚନା ପାଇ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ବ୍ଲକ ପରିସରରୁ ଚୋରି ଉଦ୍ୟମ

**କୋଲାବିରା,୧୨।୧୦(ଡି.ଏନ୍.ଏ.)-** କୋଲାବିରା ବ୍ଲକ କାର୍ଯ୍ୟାଳୟ ପରିସରରୁ ଚୋରି ଉଦ୍ୟମ ହୋଇଛି। ତେବେ କେତେ ପରିମାଣରେ ସାମଗ୍ରୀ ଚୋରି ହୋଇଛି ତାହା ସ୍ପଷ୍ଟ ହୋଇନାହିଁ। ଏ ସଂକ୍ରାନ୍ତରେ ବିଭାଗୀୟ ଯନ୍ତ୍ରୀ କୋଲାବିରା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ସୂଚନାମତେ କୋଲାବିରା ବ୍ଲକ ପରିସରରେ ଥିବା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଏକ ଷ୍ଟୋର ରହିଛି। ଉକ୍ତ କୋଠରିରେ ଜଳ ଯୋଗାଣରେ ବ୍ୟବହୃତ ମୋଟର ପମ୍ପ, ବିଭିନ୍ନ ସାଇଜର ପାଇପ ଆଦି ଅନେକ ଜିନିଷ ରହିଛି। ଗୁରୁବାର ରାତିରେ କେହି ଦୁର୍ବୃତ୍ତ ଉକ୍ତ କୋଠରିର ତାଲା ଭାଙ୍ଗି ଚୋରି ଉଦ୍ୟମ କରିଛି। ହେଲେ କେତେ କ'ଣ ଚୋରି ହୋଇଛି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ। ଶୁକ୍ରବାର ସକାଳୁ କୋଠରିର ତାଲା ଭଙ୍ଗାଯାଇଥିବା ଦେଖିବାକୁ ମିଳିଥିଲା। ପରେ ବିଭାଗୀୟ ଯନ୍ତ୍ରୀ ହିମାଂଶୁ ଶେଖର ସା କୋଲାବିରା ଥାନାରେ ଚୋରି ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ଯନ୍ତ୍ରୀଙ୍କୁ ଚୋରି ଜିନିଷ ସମ୍ପର୍କରେ ପଚାରିବାରୁ ମୋଟର ପମ୍ପ ଏବଂ ପାଇପ ଉପଯୁକ୍ତ ପରିମାଣରେ ଗଚ୍ଛିତ ରହିଛି, ତେବେ ବାକି ଜିନିଷ ବିଷୟରେ ଷ୍ଟକ୍ ମ୍ୟାଚ୍ କଲାପରେ କ'ଣ କ'ଣ ଚୋରି ହୋଇଛି ଜଣାପଡ଼ିବ ବୋଲି ସେ କହିଥିଲେ।

## ୧୪୩ ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ଜନଶୁଣାଣି

# ନିୟମ ଅନୁସାରେ ପଦକ୍ଷେପ ନିଆଯିବ

**ରାଉରକେଲା ଅଫିସ,୧୨।୧୦**



ଜନଶୁଣାଣିରେ ସୁନ୍ଦରଗଡ଼ ଜିଲାପାଳ ନିଖିଲ ପୱନ କଲ୍ୟାଣ ଓ ଅନ୍ୟମାନେ।

ପୂର୍ବନିର୍ଦ୍ଧାରିତ ତାରିଖ ଅନୁଯାୟୀ ଶନିବାର ଦେଓଗାଁ ଗାନ୍ଧୀ ମହାବିଦ୍ୟାଳୟ ପରିସରରେ ୧୪୩ ନଂ. ଜାତୀୟ ରାଜପଥ ସଂପ୍ରସାରଣକୁ ନେଇ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ବସ୍ତି ବାସିନ୍ଦା ମହାସଂଘ କର୍ମକର୍ତ୍ତା ଉପସ୍ଥିତ ରହି ସେମାନଙ୍କ ସମସ୍ୟା ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜନଶୁଣାଣିରେ ସୁନ୍ଦରଗଡ଼ ଜିଲାପାଳ ନିଖିଲ ପୱନ କଲ୍ୟାଣ, ପାନପୋଷ ଉପଜିଲାପାଳ ବିଶ୍ୱଜିତ୍ ମହାପାତ୍ର ଓ ଜାତୀୟ ରାଜପଥ ପ୍ରାଧିକରଣ ପ୍ରକଳ୍ପ ନିର୍ଦ୍ଦେଶକ ଶୁଭମ୍ ଚୌରାସିକ ପ୍ରମୁଖ ଉପସ୍ଥିତ ଥିଲେ। ଜଲଦା, ଦେଓଗାଁ ଓ ତର୍କେରା ଆଦି ଅଞ୍ଚଳର ଶତାଧିକ ବାସିନ୍ଦା ଯୋଗଦେଇ ସେମାନଙ୍କ ସମସ୍ୟା ସଂକ୍ରାନ୍ତରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ଉଚ୍ଛେଦ ଆଶଙ୍କାରେ ଭୟଭୀତ ଥିବା ପରିବାର ସଦସ୍ୟମାନେ ଦାବି କରିଥିଲେ,ଆମକୁ ଏନେଇ ପର୍ଯ୍ୟାପ୍ତ ସମୟ ଦିଆଯାଉ। ବାସହରାଙ୍କୁ ଆବଶ୍ୟକ ଜମି ଯୋଗାଇ ଦିଆଯିବା ସହ ଥଇଥାନ କରାଯାଉ। ତରବରିଆ ଭାବେ ଏନ୍ଏଚ୍ଆଇ କର୍ତ୍ତୃପକ୍ଷ ଉଚ୍ଛେଦ ଜାରି ରଖିଲେ ବହୁ ଗରିବ ପରିବାର ଦୁର୍ଦ୍ଦିନର ସମ୍ମୁଖୀନ ହେବେ। ବିଭାଗୀୟ ନିୟମ ଓ ମାନବିକତା ଦୃଷ୍ଟିରୁ ରାସ୍ତା ପାର୍ଶ୍ୱ ବାସିନ୍ଦାଙ୍କ ଥଇଥାନ ଜରୁରୀ ବୋଲି ସଂଘର କର୍ମକର୍ତ୍ତାମାନେ କହିଥିଲେ। ଏହି ଅବସରରେ ଦେଓଗାଁ ତଥା ଜଲଦା ଅଞ୍ଚଳରେ ରହିଥିବା ଏକାଧିକ ଶିକ୍ଷାନୁଷ୍ଠାନ, ଧାର୍ମିକ ସଂସ୍ଥା କିପରି ଉଚ୍ଛେଦରୁ ବର୍ତ୍ତି ପାରିବ ସେ ଦିଗରେ କର୍ତ୍ତୃପକ୍ଷ ବିହିତ ପଦକ୍ଷେପ ନେବାକୁ ଦାବି କରାଯାଇଥିଲା।

୧୪୩ ନଂ.ଜାତୀୟ ରାଜପଥ ସଂପ୍ରସାରଣ ସମୟରେ ଆରଏସ୍‌ପି, ରାଜ୍ୟ ସରକାର ଓ ଏନ୍ଏଚ୍ଏଆଇଙ୍କ କେତେ ଜମି ରହିଛି, କେଉଁ ଉପାୟରେ ରାସ୍ତା ସଂପ୍ରସାରଣ କଲେ ଲୋକେ କ୍ଷତିଗ୍ରସ୍ତ ହେବେ ନାହିଁ ସେ ଦିଗରେ ବିଶେଷ ଧ୍ୟାନ ଦେବାକୁ ଉପସ୍ଥିତ ଲୋକମାନେ ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ଏନେଇ ଯାହା ନିୟମ ରହିଛି ତାକୁ ନିଶ୍ଚିତ ପାଳନ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। କାହାକୁ ଆକ୍ରୋଶ ରଖି ହଇରାଣ କରାଯିବା ପ୍ରଶ୍ନ ଉଠୁନି। ସମସ୍ତଙ୍କ ସହଯୋଗରେ ରାସ୍ତା ନିର୍ମାଣ କାମ କିପରି ଶୀଘ୍ର ଶେଷ ହେବ ସେ ଦିଗରେ ସହଯୋଗ କରିବାକୁ ଏନ୍ଏଚ୍ଏଆଇ ଅଧିକାରୀମାନେ ଲୋକମାନଙ୍କୁ କହିଥିଲେ। ଉଚ୍ଛେଦ ସମୟରେ ସମସ୍ତ ଦିଗ ପ୍ରତି ଦୃଷ୍ଟି ଦିଆଯିବ। ସରକାରଙ୍କ ବିଧି ବ୍ୟବସ୍ଥା ଅନୁସାରେ କାମ କରାଯିବ । ଏଥିରେ କେହି ବ୍ୟତିବ୍ୟସ୍ତ ନ ହେବାକୁ ଉପସ୍ଥିତ ଅଧିକାରୀ ପରାମର୍ଶ ଦେଇଥିଲେ। ତେବେ ଉପସ୍ଥିତ ବସ୍ତି ବାସିନ୍ଦା ମହାସଂଘ କର୍ମକର୍ତ୍ତା କହିଥିଲେ ଉଚ୍ଛେଦ ଦ୍ୱାରା କ୍ଷତିଗ୍ରସ୍ତ ହେବାକୁ ଥିବା ବସ୍ତି ବାସିନ୍ଦାଙ୍କୁ ଥଇଥାନ କରାଯାଉ। ସେମାନଙ୍କ ଗୃହସାମଗ୍ରୀ ଅନ୍ୟତ୍ର ପରିବହନ ନେଇ ଜିଲା ପ୍ରଶାସନ ସହଯୋଗ କରୁ। ଅନ୍ୟଥା ଅସନ୍ତୋଷ ବୃଦ୍ଧି ପାଇବ ବୋଲି ସଙ୍ଗଠନ ପକ୍ଷରୁ ଅଜୟ ଶର୍ମା, ଚନ୍ଦ୍ରଭାନୁ ଦାସ, ଶେଖର ଶର୍ମା, ବସନ୍ତ ତୋରିଆ ଓ ସୁବାସ ମହାନ୍ତ ପ୍ରମୁଖ ଦାବି କରିଥିଲେ।

## ମ୍ୟାଗ୍-କାର୍ବନ ବ୍ରିକ୍‌ରେ ସର୍ବଶ୍ରେଷ୍ଠ ଲାଡେଲ ଲାଇଫ୍ ହାସଲ କଲା ଆର୍ଏସ୍‌ପି

**ରାଉରକେଲା ଅଫିସ ୧୨।୧୦**

ସେଲ୍ ପରିଚାଳିତ ରାଉରକେଲା ଇସ୍ପାତ୍ କାରଖାନା ଷ୍ଟିଲ ମେଲ୍ଟିଂ ଶପ୍-୨ ବିଭାଗରେ ଷ୍ଟିଲ ଲାଡେଲ ଲାଇଫ୍‌ରେ ନୂତନ ରେକର୍ଡ ହାସଲ କରିଛି। କାରଖାନାର ଏସ୍ଏମ୍ଏସ୍-୨ ବିଭାଗରେ ଷ୍ଟିଲ ଲାଡେଲ ଲାଇଫ୍‌ରେ ଗୋଟିଏ ଅଭିଯାନରେ ୧୯୨ ହିଟ୍ ସମ୍ପନ୍ନ କରି ରେକର୍ଡ ପ୍ରଦର୍ଶନ କରିଛି।

ସୂଚନାଯୋଗ୍ୟ, ମେସର୍ସ ସାଇନୋ ଗ୍ଲୋବାଲ ସୋର୍ସିଙ୍ଗ୍ ଆଣ୍ଡ ସପ୍ଲାଇ ଲିମିଟେଡ ଉକ୍ତ ଷ୍ଟିଲ ଲାଡେଲ ଯୋଗାଇ ଦେଇଛି। ସମଗ୍ର ସେଲ୍ ମଧ୍ୟରେ ଏହା ସର୍ବଶ୍ରେଷ୍ଠ ଷ୍ଟିଲ ଲାଡେଲ ଲାଇଫ୍ ପ୍ରଦର୍ଶନ । ରିଫ୍ରାକ୍ଟୋରିଜ ଇଞ୍ଜିନିୟରିଂ ସର୍ଭିସେସ ବିଭାଗ ଓ ଷ୍ଟିଲ ମେଲ୍ଟିଂ ଶପ୍-୨ ଅପରେଶନ ବିଭାଗର ସମର୍ପିତ ଓ ପ୍ରତିବଦ୍ଧ ମିଳିତ ପ୍ରୟାସ ଯୋଗୁ ଏହା ସମ୍ଭବପର ହୋଇଥିଲା। ଯୋଗାଣକାରୀଙ୍କ କାମ୍ପେନ ଅବଧି ସେପ୍ଟେମ୍ବର ୧୬ରେ ଶେଷ ହେବା ପରେ ଉକ୍ତ ଷ୍ଟିଲ ଲାଡେଲର ସ୍ଲାଗ୍ ଜୋନ ମରାମତି ନିର୍ଦ୍ଧାରିତ ଥିଲା। ତେବେ ରିଫ୍ରାକ୍ଟୋରିଜ ଇଞ୍ଜିନିୟରିଂ ବିଭାଗ ଲାଡେଲର ମେଟାଲ ଜୋନର ଅବସ୍ଥା ଉନ୍ନତ ରହିଥିବା ଜାଣିପାରିଥିଲେ। ଫଳରେ ଏହାର ସାମର୍ଥ୍ୟକୁ ଦୃଷ୍ଟିରେ ରଖି ସେବା ଜାରି ରଖିବା ପାଇଁ ବିଭାଗୀୟ ଦଳ ନିଷ୍ପତ୍ତି ନେଇଥିଲେ। ଏହି ଲାଡେଲର ଗ୍ୟାରେଣ୍ଟି ଲାଇଫ୍ ୧୨୦ ହିଟ୍ ରହିଥିଲା। ବିଭାଗର ସିଜିଏମ୍ ଓମ୍‌କାର ନାଥଙ୍କ ତତ୍ତ୍ୱାବଧାନରେ ଲାଡେଲର ସ୍ଲାଗ୍ ଜୋନ ମରାମତି କରି ଏହି ରେକର୍ଡ ଲାଇଫ୍ ହାସଲ କରିଥିଲେ। ବିଭାଗର ଏହି ପ୍ରୟାସ ଫଳରେ ଲାଡେଲ ଉପଲବ୍ଧତାରେ ବୃଦ୍ଧି ଏବଂ ଉତ୍ପାଦକତାରେ ବୃଦ୍ଧି ଯୋଗୁ ସଞ୍ଚୟ ସମ୍ଭବ ହୋଇଥିଲା। ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଉତ୍ପାଦନ ଖର୍ଚ୍ଚ ହ୍ରାସ ଓ ବୈଷୟିକ ଆର୍ଥିକ ପରିମାପକତାରେ ଅଧିକ ଉନ୍ନତି ଆଣିବା ପାଇଁ ଗ୍ରହଣ କରାଯାଉଥିବା ନିରବଚ୍ଛିନ୍ନ ପ୍ରୟାସର ଏହା ସଦ୍ୟତମ ଉଦାହରଣ ଅଟେ।

## ବାର୍ହା ମାଂସ ସହ ହରିଣ ଶିଙ୍ଗ ଜବତ

**ତେଲକୋଇ, ୧୨।୧୦(ଡି.ଏନ.ଏ.):** କେନ୍ଦୁଝର ଜିଲା ତେଲକୋଇ ବନାଞ୍ଚଳ ଅଧୀନ ଦେଉଳଡିହା ପଞ୍ଚାୟତ ଘୁଣ୍ଟପଶି ଗ୍ରାମରେ ଶନିବାର ବନାଞ୍ଚଳ ବିଭାଗ ଓ ପୋଲିସ ମିଳିତ ଭାବେ ଚଢାଉ କରି ଜଣଙ୍କ ଘରୁ ୨କେଜି ବାର୍ହା ମାଂସ ଜବତ କରିଛନ୍ତି। ଏଥିସହ ଏକ ହରିଣ ଶିଙ୍ଗ ଜବତ ହୋଇଛି। ଏହି ଅଞ୍ଚଳରେ ବେଆଇନ ବନ୍ୟପ୍ରାଣୀ ଶିକାର ବୃଦ୍ଧି ବନବିଭାଗର ଚିନ୍ତା ବଢାଇଛି। ଘୁଣ୍ଟପଶି ଅଞ୍ଚଳର କେତେକ ଶିକାରୀ ୧କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଓଜନର ଏକ ବାର୍ହା ଶିକାର କରିଥିବା ନେଇ ବନାଞ୍ଚଳ ବିଭାଗ ପାଖରେ ଖବର ପହଞ୍ଚିଥିଲା। ଫରେଷ୍ଟର ବସନ୍ତ କୁମାର ମୁର୍ମୁଙ୍କ ସମେତ ଥାନା ଅଧିକାରୀ ମଧୁସୁଦନ ସୁଆରୀ ସଦଳବଳ ଗ୍ରାମରେ ଚଢାଉ କରିଥିଲେ। ସେଠାରେ ବାର୍ହା ମାଂସ ସହିତ ହରିଣ ଶିଙ୍ଗ ଜବତ ହୋଇଥିଲେ ମଧ୍ୟ ଅଭିଯୁକ୍ତ ଫେରାର ହୋଇଯାଇଥିବା ବନବିଭାଗ କହିଛି।

## ବାଲୁଘାଟରେ ମାର୍କେଟ ୟାର୍ଡ ନିର୍ମାଣ ପ୍ରସଙ୍ଗ

# ଶିଳାନ୍ୟାସ ପରେ ଅଟକିଛି କାମ

**ରାଉରକେଲା ଅଫିସ,୧୨।୧୦**

ବାଲୁଘାଟଠାରେ ଏକ ଉନ୍ନତମାନର ମାର୍କେଟ ୟାର୍ଡ ନିର୍ମାଣ କାର୍ଯ୍ୟରେ ବିଳମ୍ବକୁ ନେଇ ମୁହଁ ଖୋଲିଛି ପାନପୋଷ ନିୟନ୍ତ୍ରିତ ବଜାର କମିଟି । କମିଟି ପକ୍ଷରୁ ରମେଶ ବଳ ଓ ସତ୍ୟନାରାୟଣ ଅମାତ ମିଡିଆ କ୍ଲବଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି।

ପାନପୋଷ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ୨୦୧୪ ଫେବୃୟାରୀ ୨୩ରେ ବାଲୁଘାଟଠାରେ ୯୮.୪୫ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ଉନ୍ନତମାନର ମାର୍କେଟ ୟାର୍ଡ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳାନ୍ୟାସ କରିଥିଲେ। ନିର୍ମାଣ କାମ ଶୀଘ୍ର ଶେଷ କରାଯିବ ବୋଲି ସେତେବେଳେ କୁହାଯାଇଥିଲା। ଏହି ମାର୍କେଟ ୟାର୍ଡ ନିର୍ମାଣ ହେଲେ ରାଉରକେଲା ସହରବାସୀଙ୍କ ସମେତ ଆଦିବାସୀ ବହୁଳ ସୁନ୍ଦରଗଡ଼ର ଗ୍ରାମାଞ୍ଚଳ ଲୋକେ ଉପକୃତ ହୋଇପାରିବେ ବୋଲି ପ୍ରତିଶ୍ରୁତି ମିଳିଥିଲା। ସ୍ଥାନୀୟ ଚାଷୀଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀ ସିଧାସଳଖ ଏଠାରେ କ୍ରୟ ବିକ୍ରୟ ହୋଇପାରିବ, ଚାଷୀମାନେ ସ୍ୱାବଲମ୍ବୀ ହୋଇ ପାରିବେ ଏମିତି ଆଶା ରହିଥିଲା। ହେଲେ ପ୍ରଶାସନିକ ଉଦାସୀନତା ଯୋଗୁ ଏହା ସମ୍ଭବ ହୋଇପାରିନି। ଉପରୋକ୍ତ ମାର୍କେଟ ୟାର୍ଡ ନିର୍ମାଣ ହେଲେ ଡେଲି ମାର୍କେଟ ଉପରୁ ଚାପ କମିବା ସହ ଟ୍ରାଫିକ ସମସ୍ୟା ବି ନିୟନ୍ତ୍ରିତ କରାଯାଇ ପାରିଥାନ୍ତା ବୋଲି ବଳ କହିଥିଲେ। ଚାଷୀ ଓ ବିକ୍ରେତାଙ୍କ ସୁଖ ସୁବିଧା ନେଇ ସରକାର ଅନେକ ପ୍ରତିଶ୍ରୁତି ଓ ଯୋଜନା କରିବା କଥା କହୁଛନ୍ତି। ବଜାର ସୁବିଧା ଯୋଗାବାକୁ ବ୍ୟବସ୍ଥା କରାଯାଇଛି ବୋଲି ବିଭାଗ କହୁଛି। ଏହା ପରେ ବି ବାଲୁଘାଟ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପଛରେ କାହାର ଆନ୍ତରିକତା ନାହିଁ। କେବଳ ଏତିକି ନୁହେଁ ବଜାର କମିଟି ପକ୍ଷରୁ ନିର୍ବାଚିତ ସଦସ୍ୟଙ୍କ ଦ୍ୱାରା ଗୃହୀତ ପ୍ରସ୍ତାବକୁ ଚାପି ଦିଆଯାଉଛି ବୋଲି ଏଥିରେ ଅଭିଯୋଗ କରାଯାଇଥିଲା। ଏହାଦ୍ୱାରା ଚାଷୀ ଓ ବିକ୍ରେତା ଉଭୟେ ହଇରାଣ ହେଉଛନ୍ତି।



ଖବରଦାତା ସମ୍ମିଳନୀରେ ପାନପୋଷ ନିୟନ୍ତ୍ରିତ ବଜାର କମିଟି କର୍ମକର୍ତ୍ତା।

ସିଭିଲ ଟାଉନଶିପ କୃଷକ ବଜାରକୁ ସବୁ ଦିନିଆ କରିବାକୁ ପ୍ରସ୍ତାବ ପାରିତ ସତ୍ତ୍ୱେ ଏ ଦିଗରେ ଧ୍ୟାନ ଦିଆଯାଉନି। ଏହାଦ୍ୱାରା ଗ୍ରାମାଞ୍ଚଳ ଚାଷୀ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟ ପନିପରିବା କାରବାର କରି ନ ପାରି କ୍ଷତିର ସମ୍ମୁଖୀନ ହେଉଛନ୍ତି। ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ନିୟମିତ ବୈଠକ କରାଯାଉ ନ ଥିବାରୁ ନାନା ସମସ୍ୟା ସୃଷ୍ଟି ହେବାରେ ଲାଗିଛି। ଏ ଦିଗରେ ଦୃଷ୍ଟି ଦିଆଯିବା ଆବଶ୍ୟକ ବୋଲି ଖବରଦାତା ସମ୍ମିଳନୀରେ ଦର୍ଶାଯାଇଥିଲା । ଡେଲି ମାର୍କେଟ ରାଜସ୍ୱ ସଂଗ୍ରହର ଏକ ମୁଖ୍ୟ ଆୟୁଧ ହୋଇଥିବା ବେଳେ ଏଠାରେ କର୍ତ୍ତୃପକ୍ଷ ସର୍ବନିମ୍ନ ସୁବିଧା ନ ଯୋଗାଇବା କ୍ଷୋଭର ବିଷୟ ବୋଲି ଅଭିଯୋଗ କରାଯାଇଥିଲା। କେବଳ ଏତିକି ନୁହେଁ ଠିକାଦାର ନିଯୁକ୍ତିଠାରୁ ନେଇ ପିସି କାରବାର ପର୍ଯ୍ୟନ୍ତ ସବୁଥିରେ ଏକତରଫା ପଦକ୍ଷେପକୁ ପ୍ରାଧାନ୍ୟ ଦିଆଯାଉଛି। ଏହାର ଅବସାନ ଜରୁରୀ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। ସେହିଭଳି ଲାଠିକଟାରେ ଏକ ଗୋଦାମ ଘର ନିମନ୍ତେ ସମସ୍ତ ଅନୁଦାନ ଯୋଗାଇ ଦିଆଯାଇଥିବା ବେଳେ ଏହାକୁ କାର୍ଯ୍ୟକାରୀ କରାଯାଉନି। ମୁଖ୍ୟମନ୍ତ୍ରୀଙ୍କ ଡ୍ରିମ ପ୍ରୋଜେକ୍ଟ କୁହାଯାଉଥିବା ବାଲୁଘାଟ ହୋଲସେଲ ମାର୍କେଟ ନିର୍ମାଣ କରା ନ ଯାଇ ଏହାକୁ ଆଇନ ଆଳରେ ଝୁଲାଇ ରଖା ଯାଇଛି। ଏ ଦିଗରେ ତୁରନ୍ତ ସରକାର ଧ୍ୟାନଦେବାକୁ ଏହି ଖବରଦାତା ସମ୍ମିଳନୀରେ ଦାବିକରାଯାଇଛି।

- ୨୦୧୪ ଫେବୃୟାରୀ ୨୩ରେ ମୁଖ୍ୟମନ୍ତ୍ରୀ କରିଥିଲେ ଭୂମିପୂଜା
- ୯୮.୪୫ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାର ଥିଲା




ବଜରଙ୍ଗ ଦଳ ପକ୍ଷରୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ କୁଶ ପୁତ୍ତଳିକା ଦାହ କରାଯାଉଛି।

## ବଜରଙ୍ଗ ଦଳ ପକ୍ଷରୁ ମମତାଙ୍କ କୁଶ ପୁତ୍ତଳିକା ଦାହ

**ରାଉରକେଲା ଅଫିସ,୧୨।୧୦**

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ କୁଶ ପୁତ୍ତଳିକା ଶନିବାର ସନ୍ଧ୍ୟାରେ ବଜରଙ୍ଗ ଦଳ ପକ୍ଷରୁ ବିର୍ଶା ଛକରେ ଦାହ କରାଯାଇଛି। ହିନ୍ଦୁଙ୍କ ଉପରେ ପଶ୍ଚିମବଙ୍ଗରେ ଲଗାତର ଆକ୍ରମଣ ହେଉଛି । ଏହାକୁ ନେଇ ହତ୍ୟାକାଣ୍ଡ ଘଟୁଛି । ଏପରି ଘଟଣା ମମତାଙ୍କ ଅସଲ ମୁଖାକୁ ପଦାରେ ପକାଇଛି ବୋଲି ଏହି ଆନ୍ଦୋଳନରେ ସାମିଲ ସଙ୍ଗଠନ କର୍ମକର୍ତ୍ତା କ୍ଷୋଭ ପ୍ରକାଶ କରିଥିଲେ। ନିଜକୁ ଜଣେ ସଚ୍ଚୋଟ ଓ ନୀତିବାନ ମୁଖ୍ୟମନ୍ତ୍ରୀ ଭାବେ ସର୍ବଦା ପ୍ରଚାର କରୁଥିବା ମମତାଙ୍କ ଏଭଳି ଅନ୍ଧ ସମର୍ଥନକୁ ଏହି ଆନ୍ଦୋଳନରେ କଡା ଭାଷାରେ ନିନ୍ଦା କରାଯାଇଥିଲା। ଜଣେ ଦାୟିତ୍ୱବାନ ରାଜନେତା ତଥା ମୁଖ୍ୟମନ୍ତ୍ରୀ କିପରି ଏତେ ତଳକୁ ଖସିଯାଉଛନ୍ତି ସେନେଇ ପ୍ରଶ୍ନ ଉଠାଇଥିଲେ ସଙ୍ଗଠନ କର୍ମକର୍ତ୍ତା। ଉକ୍ତ କାର୍ଯ୍ୟକ୍ରମରେ ରାଜୁ ସିଂ, ଶଙ୍କର ବର୍ମା, ନୀଲ ପଲ, ରଜତ ବିଶ୍ୱକର୍ମା, ପ୍ରତାପ କୁମ୍ଭାର, ସୋନୁ ସିଂ ଓ କରଣ ସିଂଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ସମର୍ଥକ ଉପସ୍ଥିତ ରହି ମମତା ବାନାର୍ଜୀଙ୍କୁ ତୀବ୍ର ସମାଲୋଚନା କରିଥିଲେ।

## ପାଚିକା,ସହାୟିକା ସଂଘ ସମ୍ମିଳନୀରେ ଚେତାବନୀ

# ଅବହେଳାକୁ ଆଉ ବରଦାସ୍ତ କରାଯିବନି

**ରାଉରକେଲା ଅଫିସ,୧୨। ୧୦**

ୟୁଟିୟୁସି ସହବନ୍ଧିତ ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ଓ ସହାୟିକା ସଂଘ ପକ୍ଷରୁ ଜିଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଡେଲିମାର୍କେଟରେ ଥିବା ରାଉରକେଲା ୱାର୍କର୍ସ ଏଣ୍ଡ ପିଜାଣ୍ଟସ ହାଉସଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲାର ବିଭିନ୍ନ ବ୍ଲକରୁ ପାଚିକା, ସହାୟିକା ଯୋଗ ଦେଇଥିଲେ। ସମ୍ମିଳନୀ ଆରମ୍ଭରେ ପତାକା ଉତ୍ତୋଳନ କରାଯାଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା। ସଙ୍ଗଠନ ଜିଲା ଉପସଭାପତି ବିଜୟ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ମୁଖ୍ୟବକ୍ତା ରୂପେ ସଙ୍ଗଠନର ଅନୁଗୋଳ ଜିଲା ସଭାପତି ବ୍ରଜବନ୍ଧୁ ସାହୁ, ଶ୍ରମିକ ନେତା ସତ୍ୟପ୍ରିୟ ମହାନ୍ତି, ଅଜିତ ନାୟକ, ବିଷ୍ଣୁ ପଣ୍ଡା, ନାରୀନେତ୍ରୀ ସନ୍ତୋଷୀ ମହାନ୍ତ, ପାଚିକା ସହାୟିକା ସଂଘ ସଭାନେତ୍ରୀ ଟୁନି ଓରାମ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ।

ଦୀର୍ଘ ୨୩ ବର୍ଷ ଧରି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ଚଳାଇ ଆସୁଥିବା ପାଚିକା ଓ ସହାୟିକାଙ୍କୁ ଉଚିତ ନ୍ୟାୟ ମିଳିପାରି ନାହିଁ। ସେମାନଙ୍କ ପ୍ରତି ସରକାର ଅବହେଳା କରି ଚାଲିଛନ୍ତି। ଦରମା ଓ ଅନ୍ୟ ସୁଖସୁବିଧା ପ୍ରତି ଆଖି ବୁଜି ଦିଆଯାଇଛି। ଏହାଦ୍ୱାରା ମହିଳା ଶ୍ରମିକଙ୍କ ମନରେ କର୍ମପ୍ରବଣତା ହ୍ରାସ ପାଇବ। ତୁରନ୍ତ ଏନେଇ ସରକାର ଚିନ୍ତାକରିବା ଆବଶ୍ୟକ ବୋଲି ସମ୍ମିଳନୀରେ ମତପ୍ରକାଶ ପାଇଥିଲା। ଏକ ଜନମଙ୍ଗଳକାରୀ ଗଣତନ୍ତ୍ର ରାଷ୍ଟ୍ରରେ ପ୍ରାଥମିକ ଶିକ୍ଷାକୁ ବିପଥଗାମୀ କରାଯାଉଛି। ବେପରୁଆ ଭାବେ ସେମାନଙ୍କୁ ଛଟେଇ କରିବା ଏକ ଦୁଃଖଦ ଘଟଣା ବୋଲି ସଙ୍ଗଠନ ନେତୃମଣ୍ଡଳୀ ଉଦ୍‌ବେଗ ପ୍ରକାଶ କରିଥିଲେ। ଏଥିରୁ ସରକାର କ୍ଷାନ୍ତ ନ ରହିଲେ ଦୁର୍ବାର ଆନ୍ଦୋଳନର ଡାକରା ଦିଆଯିବ ବୋଲି ଚେତାବନୀ ଦିଆଯାଇଥିଲା। ନାରୀ ନେତ୍ରୀ ସନ୍ତୋଷୀ ମହାନ୍ତ କହିଥିଲେ, ସରକାର ନାରୀ ପ୍ରଗତି ନେଇ ଡିଣ୍ଡିମ ପିଟୁଛନ୍ତି। ନାରୀ ସଶକ୍ତୀକରଣ କଥା କୁହାଯାଉଛି। ବେଟି ବଚାଓ ବେଟି ପଢାଓ ସ୍ଲୋଗାନ ଦିଆଯାଉଛି। ଏମିତି ଅବସ୍ଥାରେ ନାରୀଙ୍କୁ ହିଁ ସରକାର ଅଧିକ ଟାର୍ଗେଟ କରୁଛନ୍ତି। ପ୍ରତି କ୍ଷେତ୍ରରେ ସେମାନଙ୍କ ଉପରେ ଅଙ୍କୁଶ ଲଗାଯାଉଛି। ଦୀର୍ଘ ଦୁଇ ଦଶନ୍ଧି ଧରି କୋଳରେ ନିଜ କୁନି ପିଲାକୁ ଧରି ମଧ୍ୟାହ୍ନଭୋଜନ ରାନ୍ଧି ଛାତ୍ରୀଛାତ୍ରଙ୍କୁ ଆହାର ଯୋଗାଉ ଥିବା ପାଚିକାଙ୍କ ପ୍ରତି ଏହା କି ପ୍ରକାର ଅବିଚାର ବୋଲି ସେ ପ୍ରଶ୍ନ ଉଠାଇ ଥିଲେ। ମହିଳା ନେତ୍ରୀ ଛବି ମହାନ୍ତି, ଅଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ପ୍ରତିନିଧିଙ୍କୁ ଅଭିନନ୍ଦନ ଜଣାଇ କହିଥିଲେ ନିଜ ହକ୍ ପାଇଁ ଆନ୍ଦୋଳନ କରିବା ଅନ୍ୟାୟ ନୁହେଁ। ଏହା ହେଉଛି ନାଗରିକ ଅଧିକାର। ଏଣୁ ଗୋଟିଏ ପତାକା ତଳେ ରହି ସମସ୍ତେ ନିଜ ହକ୍ ପାଇଁ ସଂଗ୍ରାମ କରିବାକୁ ହେବ ବୋଲି ଆହ୍ୱାନ ଦିଆଯାଇଥିଲା । ଏହି ଆନ୍ଦୋଳନକୁ ଜୋରଦାର କରିବା ଲାଗି ସଭାନେତ୍ରୀ ଟୁନି ଓରାମଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା।




ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ଓ ସହାୟିକା ସଂଘର ଜିଲା ସମ୍ମିଳନୀରେ ମଞ୍ଚାସୀନ ଅତିଥିମାନେ।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୩ ଅକ୍ଟୋବର, ୨୦୧୯




ପ୍ରାତଃ କାଳରେ ଦୀର୍ଘ ସମୟ ପ୍ରାର୍ଥନାରେ ବସି ସୁଦ୍ଧା ଦିବସଯାକ ମିଥ୍ୟା,
ହିଂସା ଓ କୃପାର ବଶବର୍ତ୍ତୀ ହେବା ବ୍ୟକ୍ତି ପ୍ରଭୁଭକ୍ତ ହୋଇପାରେ ନାହିଁ।
- ସାମବେଦ



## ସଂକ୍ଷେପରେ

### ଲୋକଙ୍କ ନିଦ ହଜାଇ ଦେଇଛନ୍ତି ହାତୀପଲ

ବାମରା, ୧୨।୧୦ (ଡି.ଏନ.ଏ.)
ସମ୍ବଲପୁର ଜିଲା ବାମରା ବ୍ଲକ ଅଞ୍ଚଳରେ ହାତୀପଲଙ୍କ ଉତ୍ପାତ ବୃଦ୍ଧି ପାଇବାରେ ଲାଗିଛି। ସଗରା ପଞ୍ଚାୟତ ଜୁରାଜାମ ପାହାଡରେ ବର୍ତ୍ତମାନ ହାତୀ ପଲ ଡେରା ପକାଇଛନ୍ତି। ରାତି ହେଲେ ଓହ୍ଲାଇ ଫସଲ ନଷ୍ଟ କରିବା ସହ ଲୋକଙ୍କ ଘରଦ୍ୱାର ଭାଙ୍ଗୁଛନ୍ତି। ଏହି ହାତୀ ପଲରେ ୨୪ଟି ହାତୀ ଅଛନ୍ତି। ସଗରା ପଞ୍ଚାୟତର ଜୁରାଜାମ, ଲୁହରେନ ବେର୍ନି, ଫଟାଟାଙ୍ଗର, ମୁଣ୍ଡଲେସା ସହ କିନାବଗା ପଞ୍ଚାୟତ ଡଙ୍ଗାଯୋର ଗ୍ରାମକୁ ଆସି ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ତେବେ ହାତୀ ପଲଙ୍କ ଗତିବିଧି ଉପରେ ନଜର ରଖାଯାଇଛି ବୋଲି ବନ ବିଭାଗ ସୂଚନା ଦେଇଛି। ବାମରା ରେଞ୍ଜର ବିଶ୍ୱନାଥ ମେହେରଙ୍କ ତତ୍ତ୍ୱାବଧାନରେ ଏସିଏଫ ରଶ୍ମି ସ୍ୱାଇଁ, ରେଞ୍ଜର ରାଜଶ୍ରୀ ତିର୍କି, ଗଡପୋଷ ଫରେଷ୍ଟର ପିକେ ଦାସ, ଫରେଷ୍ଟଗାର୍ଡ କୌଶଲ୍ୟା ନାଏକ ଓ ଜୀବନ କୁମାର ହାତୀଙ୍କ ଉପସ୍ଥିତି ଥିବା ସ୍ଥାନ ଗୁଡିକ ବୁଲି ପରିସ୍ଥିତି ଉପରେ ନଜର ରଖିଥିବା ବିଭାଗ ପକ୍ଷରୁ କୁହାଯାଇଛି।

# ପହଞ୍ଚ ଇଲାକାରେ ଅପହଞ୍ଚ ସଚେତନତା

- ପେଟ ବ୍ୟଥା ହେବାରୁ ଦେହସାରା ଚେଙ୍କ
- ଚେଙ୍କ ଯୋଗୁ ଯନ୍ତ୍ରଣାରେ ଛଟପଟ ୪ବର୍ଷର ବାଳିକା
- ଚିକିତ୍ସା ପାଇଁ ଶେଷରେ ଡାକ୍ତରଙ୍କ ସାହାଯ୍ୟ ନେଲେ

ନୂଆଗାଁ, ୧୨।୧୦ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲାର କେତେକ ଅଞ୍ଚଳରେ ଗାଁଉଲି ଚିନ୍ତାଧାରା ଯୋଗୁ ଅନ୍ଧବିଶ୍ୱାସରେ ଲୋକେ ବୁଡ଼ି ରହୁଛନ୍ତି। ଗୁଣି ଗାରେଡିଠାରୁ ଆରମ୍ଭ କରି ଝାଡ, ଫୁଙ୍କ, ଚେଙ୍କ ଭଳି କାର୍ଯ୍ୟ ଉପରେ ଆଜିବି ବିଶ୍ୱାସ ରଖୁଛନ୍ତି ମଣିଷ। ଏଭଳି ଏକ ଅନ୍ଧବିଶ୍ୱାସ ତଥା ଗୁଣିଗାରେଡି ଉପରେ ବିଶ୍ୱାସ ରଖି ୪ବର୍ଷର ବାଳିକା ଦେହରେ ଅସଂଖ୍ୟ ଚେଙ୍କ ଦେବା ଭଳି ଅମାନୁଷିକ କାର୍ଯ୍ୟ ସାଧାରଣରେ ଆଶ୍ଚର୍ଯ୍ୟ କରିଛି। ସବୁପ୍ରକାର ଯୋଗାଯୋଗ ଥିବା ପହଞ୍ଚ ଇଲାକାରେ ପହଞ୍ଚି ପାରୁନି ସଚେତନତା। ଜିଲାର ନୂଆଗାଁ ବ୍ଲକ ହାତୀବାରି ଥାନା ଅନ୍ତର୍ଗତ ଅଙ୍କୁରପାଲି ପଞ୍ଚାୟତ ନିକଟସ୍ଥ ସାହୁବସ୍ତିର ନନ୍ଦିନୀ ସାହୁ। ଏହି କୁନି ବାଳିକା ଜଣେ ଅଙ୍ଗନୱାଡି କେନ୍ଦ୍ରର ଛାତ୍ରୀ। କିଛିଦିନ ତଳେ ତାଙ୍କର ପେଟ ବ୍ୟଥା ହେବାରୁ ତାଙ୍କୁ ତାଙ୍କ ବାପା ରାଜୁ ନିକଟସ୍ଥ ଜଣେ ବୈଦ୍ୟ ପାଖକୁ ନେଇଯାଇଥିଲେ। ବାଳିକାଙ୍କୁ ଦେଖିଲା ପରେ ବୈଦ୍ୟ ବାଳିକାଙ୍କ ରଙ୍ଗବାତ ହୋଇଛି କହି ଏକ ତମ୍ବା ପଇସାରେ



ଶିଶୁର ପେଟରେ ଚେଙ୍କ ଦିଆଯାଇଥିବାର ଚିହ୍ନ ରହିଛି।

ତାଙ୍କ ପେଟ, ଛାତି ଆଦି ବିଭିନ୍ନ ସ୍ଥାନରେ ଅସଂଖ୍ୟ ଚେଙ୍କ ଦେଇଥିଲେ। ହେଲେ ବାଳିକାଙ୍କ ଦେହ ଠିକ ହୋଇ ନ ଥିଲା। ଓଲଟା ତାଙ୍କ ପେଟ ଫୁଲିଯାଇ ତାଙ୍କୁ ଯନ୍ତ୍ରଣା ହୋଇଥିଲା। ଜ୍ୱର ମଧ ହୋଇଥିଲା। ଶେଷରେ ବାଳିକାଙ୍କୁ ତାଙ୍କ ବାପା ମାଆ ରାଉରକେଲା ସ୍ଥିତ ଜଗଦା ସିଡବ୍ଲୁଏସ ହସ୍ପିଟାଲକୁ ଆଣି ସେଠାରେ ଶିଶୁରୋଗ ବିଶେଷଜ୍ଞ ଡା. ରବି କୁମାରଙ୍କୁ ଦେଖାକରି ବାଳିକାଙ୍କ ଚିକିତ୍ସା କରାଇଥିଲେ। ବର୍ତ୍ତମାନ ବାଳିକାଙ୍କ ଦେହ ସୁସ୍ଥଥିବା ଜଣାପଡିଛି। ଯଦି ବାଳିକାଙ୍କୁ ଠିକ ସମୟରେ ଚିକିତ୍ସା କରାଯାଇ ନ ଥାଆନ୍ତା ହେଲେ ହୁଏତ ବାଳିକା ଆହୁରି ଅଧିକ ଯନ୍ତ୍ରଣା ପାଇବା ସହ ତାଙ୍କ ରୋଗ ଆହୁରି ବଢ଼ି ଯାଇଥାଆନ୍ତା। ତେବେ ଏ ସମ୍ପର୍କରେ ନନ୍ଦିନୀଙ୍କ ବାପା ରାଜୁ ସାହୁ ଓ ମାଆ ସାବିତ୍ରୀ ସାହୁ କୁହନ୍ତି, ଗାଁରେ କେବଳ ସେମାନେ ନୁହନ୍ତି ଏମିତି ବହୁତ ଲୋକ ଅଛନ୍ତି ଯେଉଁମାନେ ଏଭଳି ବିଭିନ୍ନ ରୋଗରେ କିମ୍ବା ଅସୁବିଧାରେ ପଡି ସମ୍ପୃକ୍ତ ଗାଁ ବୈଦ୍ୟ ପାଖକୁ ଯାଇ ଏହିଭଳି ଚିକିତ୍ସିତ ହୁଅନ୍ତି। ଏଠାରେ ପ୍ରଶ୍ନଉଠେ ନନ୍ଦିନୀ ଭଳି କୁନି ଝିଅର ଦେହସାରା ଚେଙ୍କ। ଏଥିପାଇଁ ଦାୟୀ କିଏ ବୋଲି ପ୍ରଶ୍ନ ଉଠୁଛି। ଅଙ୍କୁରପାଲି ଗାଁ ଯାହା ହାତୀବାରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ମାତ୍ର ୧୦ରୁ ୧୫ କି.ମି ଦୂର। ହେଲେ ସ୍ୱାସ୍ଥ୍ୟକର୍ମୀମାନଙ୍କର ସଚେତନତା ପ୍ରତି ଧ୍ୟାନ ନାହିଁ। ରାଜ୍ୟ ସରକାର ଗାଁ ଗାଁରେ ବିଭିନ୍ନ ଶୈଳୀରେ ଯଥା ପାଲା, ଦାସକାଠିଆ ମାଧ୍ୟମରେ ମ୍ୟାଲେରିଆ, ଡେଙ୍ଗୁ, ହଇଜା ଆଦି ବିଭିନ୍ନ ରୋଗର ସଚେତନ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ଗାଁ ଗାଁରେ ଲୋକଙ୍କ ମନରେ ରହିଥିବା ଏଭଳି ବିଭିନ୍ନ ଅନ୍ଧବିଶ୍ୱାସ ଉପରେ କାହିଁକି ସଚେତନତା କରାଯାଉ ନାହିଁ ତାହା ଏବେ ପ୍ରଶ୍ନବାଚୀ। ଏ ଦିଗରେ ସ୍ଥାନୀୟ ପ୍ରଶାସନ ଦୃଷ୍ଟିଦେଇ ଅନ୍ଧବିଶ୍ୱାସ ଦୂରୀକରଣ ଉପରେ ଫୋକସ୍ କରିବା ସହ ଏହିଭଳି ଠକ, ଭଣ୍ଡ ଲୋକଙ୍କ ପ୍ରତି କଣ ଆଭିମୁଖ୍ୟ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ମାନ୍ଦଳ ବାଦ୍ୟକାର ରେବିକା
# ବାପାଙ୍କ ସହିତ ବଜାଉ ବଜାଉ ଶିଖିଗଲି

ବଡଗାଁ, ୧୨।୧୦ (ଡି.ଏନ.ଏ)



ରେବିକା ଯୋଯୋ ମାନ୍ଦଳ ବାଦ୍ୟକାର।

ସୁନ୍ଦରଗଡ ଜିଲା ବଡଗାଁ ଅଞ୍ଚଳର ମାନ୍ଦଳ ବାଦ୍ୟକାର ରେବିକା ଯୋଯୋ (୪୫)। ଘର ବରଙ୍ଗାକଛାର ପଞ୍ଚାୟତର ବାଙ୍କିବାହାଲ । ଛୋଟ ବୟସରୁ ମାନ୍ଦଳ ବଜାଉଥିବା ରେବିକା ପୁରୁଷ ବାଦ୍ୟକାରଙ୍କଠାରୁ କମ୍ ନୁହନ୍ତି। ତାଙ୍କ ମାନ୍ଦଳ ବଜାଇବା ଯିଏ ଦେଖିଛି ସେ ପ୍ରଶଂସା କରିଛି। ଏକମା ଗ୍ରାମରେ ହୋଇଥିବା କଳାକାର ସମ୍ମିଳନୀରେ ତାଙ୍କ ଗାଁର ସାଂସ୍କୃତିକ ଦଳ ପକ୍ଷରୁ ମାନ୍ଦଳ ବଜାଇ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ । ଏହି ବାଦିକାଙ୍କ ମାନ୍ଦଳ ବଜାଇବାର ନିଖୁଣତା ଦେଖି ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ମିଞ୍ଜ ତାଙ୍କ ନିଜ ତରଫରୁ ପୁରସ୍କୃତ ଓ ଉତ୍ସାହିତ କରିଥିଲେ । ମାନ୍ଦଳ ଏକ ଓଜନ ଥିବା ବାଦ୍ୟଯନ୍ତ୍ର ହୋଇଥିବାରୁ ପ୍ରାୟତଃ ମହିଳାମାନେ ବଜାଇ ନଥାନ୍ତି। ରେବିକାଙ୍କୁ ଆମ ପ୍ରତିନିଧି ସାକ୍ଷାତ କରି ପଚାରି ବୁଝିବାରେ ସେ କହିଥିଲେ, ମୋ ବାପା ଘର ରାଜଗାଙ୍ଗପୁର ନିକଟ ଶୁଖାନାଲା। ଛୋଟବେଳେ ବାପାଙ୍କ ସହିତ ବଜାଉ ବଜାଉ ଶିଖିଗଲି। ବାପା ଭଗାଙ୍ଗ ଲଗୁନ ମୋତେ ବହୁତ ସ୍ନେହ ଆଦର କରୁଥିଲେ । ମୁଁ ତାଙ୍କ ଗେହ୍ଲା ଝିଅ ଥିଲି । ସେ ମାନ୍ଦଳ ବଜାଉଥିଲା ବେଳେ ଦେଖୁଥାଏ । ଘରେ ମାନ୍ଦଳ ବଜାଇବାକୁ ଚେଷ୍ଟା କରୁଥିଲି ଓ ବାପା ମଧ ଶିଖାଉଥିଲେ। ବଡ ହେଲାପରେ ଗାଁରେ ବାହାଘର, ପର୍ବ ପର୍ବାଣୀ ଗୁଡିକରେ ବଜାଇଲି । ବାହା ହୋଇ ଆସିବା ପରେ ଏଠି ମଧ ବଜାଉଛି । ଚେଷ୍ଟାକଲେ ସମସ୍ତେ ଶିଖିପାରିବେ ବୋଲି ସେ କହିଥିଲେ।

# ବାଦ୍ୟ ନୃତ୍ୟର ତାଳେ ମା’ ଦୁର୍ଗାଙ୍କ ଭସାଣି ଶେଷ

ଲହୁଣୀପଡା, ୧୨।୧୦ (ଡି.ଏନ.ଏ)

ଲହୁଣୀପଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ଦୁର୍ଗାପୂଜା ଶାନ୍ତିଶୃଙ୍ଖଳାର ସହିତ ଶେଷ ହୋଇଯାଇଛି। ସୁଉଚ୍ଚ ତୋରଣ ସାଙ୍ଗକୁ ରଙ୍ଗବେରଙ୍ଗର ଆଲୋକ ମାଳାରେ ସଜ୍ଜିତ ପୂଜା ମଣ୍ଡପକୁ ଶ୍ରଦ୍ଧାଳୁମାନେ ଆନନ୍ଦର ସହିତ ଉପଭୋଗ କରିଛନ୍ତି। ବିଭିନ୍ନ ପୂଜା ସ୍ଥଳରେ ଅନ୍ନଭୋଗ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପୂଜା ଶେଷରେ ମା’ ଦୁର୍ଗାଙ୍କର ମୃଣ୍ମୟ ମୂର୍ତ୍ତିକୁ ନିକଟସ୍ଥ ଜଳାଶୟମାନଙ୍କରେ ଭସାଣି କରାଯାଇଥିଲା। ଏହି ଭସାଣି ଉତ୍ସବ ବୁଧବାର ଓ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା । ଲହୁଣୀପଡା ଥାନା ଅନ୍ତର୍ଗତ ବରସୁଆଁ, ବସଷ୍ଟାଣ୍ଡ ଏବଂ ରେଲୱେ ଷ୍ଟେସନ ପାଖରେ ପୂଜା ଅନୁଷ୍ଠିତ ହୋଇଥିଲା । ବୁଧବାର ବାଦ୍ୟନୃତ୍ୟର ତାଳେ ତାଳେ ମା’ ଦୁର୍ଗାଙ୍କୁ ମେଲାଣି ଦିଆଯାଇଥିଲା। ସେହିଭଳି ଖୁଣ୍ଟଗାଁ ସ୍ଥିତ ନୂଆଡିହିର ମୂର୍ତ୍ତି ବିସର୍ଜନ ବାଗମରା ନାଳରେ କରାଯାଇଥିଲା। ସେହିଭଳି ଲହୁଣୀପଡା ଦୁର୍ଗାପୂଜା



ଲହୁଣୀପଡ଼ାରେ ମା’ଦୁର୍ଗାଙ୍କୁ ଭସାଣି ପାଇଁ ନିଆଯାଉଛି।

କମିଟି ଦ୍ୱାରା ମା’ ଦୁର୍ଗାଙ୍କର ମୃଣ୍ମୟ ମୂର୍ତ୍ତିକୁ ଏକ ବିରାଟ ଶୋଭାଯାତ୍ରାରେ ବାହାର କରାଯାଇ ବାଦ୍ୟର ନୃତ୍ୟର ତାଳେ ତାଳେ ଲହୁଣୀପଡା ମୁଖ୍ୟ ବଜାର ପରିକ୍ରମା କରି ବ୍ରାହ୍ମଣୀ ନଦୀରେ ବିସର୍ଜନ କରାଯାଇଥିଲା । ସେହିଭଳି ଡୁମକଳାର ମା’ଦୁର୍ଗାଙ୍କର ମୂର୍ତ୍ତିକୁ ଅର୍କେଇକଳା ଗ୍ରାମ ଦେଇ ବାଦ୍ୟନୃତ୍ୟର ତାଳେ ତାଳେ ଯାଇ ଲପଙ୍ଗା ପତଳାର ଜଳାଶୟରେ ବିସର୍ଜନ କରାଯାଇଥିଲା। ଅଞ୍ଚଳର ମା’ ଦୁର୍ଗାଙ୍କର ବିସର୍ଜନ ଉତ୍ସବ ଶାନ୍ତିଶୃଙ୍ଖଳାର ସହିତ ସମାପ୍ତ ହୋଇଥିଲା।

# ଆରମ୍ଭ ହେଲା ବନ୍ଦଥିବା ସାପ୍ତାହିକ ହାଟ

କୁତ୍ରା, ୧୨।୧୦ (ଡି.ଏନ.ଏ)

କୁତ୍ରା ବ୍ଲକର ଝାରବେଡା ଗ୍ରାମ ପଞ୍ଚାୟତର ସଦର ମହକୁମା ଝାରବେଡାଠାରେ ସରପଞ୍ଚ ଗଙ୍ଗାରାମ ମିଞ୍ଜଙ୍କ ପ୍ରଚେଷ୍ଟାରେ ବନ୍ଦ ପଡିଥିବା ସାପ୍ତାହିକ ହାଟ ଶନିବାର ପୁଣି ଆରମ୍ଭ ହୋଇଛି। କୁତ୍ରା ବ୍ଲକ ଝାରବେଡାଠାରେ ଚାଲୁଥିବା ସାପ୍ତାହିକ ହାଟ ୨୫ ବର୍ଷ ପୂର୍ବେ କୌଣସି କାରଣକୁ ନେଇ ବନ୍ଦ ହୋଇଯାଇଥିଲା । ଏହି ହାଟ ବନ୍ଦ ହୋଇଯିବାରୁ ଅଞ୍ଚଳର ପରିବା ଚାଷୀଙ୍କୁ ନାହିଁ ନ ଥିବା ଅସୁବିଧା ଭୋଗିବାକୁ ପଡୁଥିଲା । ବହୁ ଦିନରୁ ଚାଷୀ ଓ ଅଞ୍ଚଳବାସୀ ଏହି ହାଟକୁ ପୁଣିଥରେ ଚାଲୁକରିବା ପାଇଁ ଦାବିକରି ଆସୁଥିଲେ। ଲୋକ ଓ ଚାଷୀଙ୍କ ଦାବିକୁ ବିଚାର କରି ଝାରବେଡା ସରପଞ୍ଚ ଗଙ୍ଗାରାମ ମିଞ୍ଜ ଏହି ହାଟକୁ ଚାଲୁ କରିବା ପାଇଁ ପଞ୍ଚାୟତରେ ମଞ୍ଜୁରୀ କରି ହାଟ ଆରମ୍ଭ ପାଇଁ ନିଷ୍ପତ୍ତି ନେଇ ଶନିବାର ଏହି ହାଟକୁ ଆରମ୍ଭ କରିଥିଲେ। ହାଟର ଉଦ୍‌ଘାଟନୀ ଉତ୍ସବରେ ବିଜୁ ଜନତା ଦଳର ଜିଲା ସଭାପତି ତଥା ପୂର୍ବତନ ବିଧାୟକ ମଙ୍ଗଳା କିଷାନ ଯୋଗଦେଇ ପୂଜାର୍ଚ୍ଚନା ପରେ ସାପ୍ତାହିକ ହାଟକୁ ବିଧିବଦ୍ଧ ଭାବେ ଉଦ୍‌ଘାଟନ କରିଥିଲେ। ପରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ମୁଖ୍ୟଅତିଥି ମଙ୍ଗଳା କିଷାନ ସାପ୍ତାହିକ ହାଟରେ ଲୋକଙ୍କ ପାଇଁ ସମସ୍ତ ପ୍ରକାରର ସୁବିଧା ସୁଯୋଗ ଯୋଗାଇଦେବା ପାଇଁ କହିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ରାଜଗାଙ୍ଗପୁର ବିଜେଡି ଟାଉନ ସଭାପତି ଅମ୍ରେସ ପଣ୍ଡା, ଜିତୁ ଦାସ, ରାମଚନ୍ଦ୍ର ସାହୁ, କେଦାର ସାହୁ, ଜଗୁ ସାହୁ, ଗିରିଧାରୀ ସାହୁ, ଅର୍ଜୁନ ଜୟପୁରିଆ, ଏମଡ ସବିର, ଏମଡି ଅସଫୁଲ, କୈଳାଶ ସାହୁ, ପ୍ରେମ ପଣ୍ଡିତ, ପ୍ରିୟଙ୍କା ସାହୁ, ସିମା ସାହୁ, ରୁପସା ଖାତୁନ, ନିର୍ମଳା ସାହୁ, ଘନଶ୍ୟାମ ପାଣ୍ଡେ, ଜୟପ୍ରକାଶ ଜୟପୁରିଆଙ୍କ ସମେତ କୁତ୍ରା ବ୍ଲକ ଏବିଡିଓ ପ୍ରଶାନ୍ତ କୁମାର ଜେନା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବାଷ ଚନ୍ଦ୍ର ରଣା, କୁତ୍ରା ଥାନା ଅଧିକାରୀ ସୁଶାନ୍ତ କୁମାର ପରିଡା ପ୍ରମୁଖ ଯୋଗଦେଇଥିଲେ। ଏହି ହାଟ ପରିଚାଳନା କରିବା ପାଇଁ ଏକ ଗ୍ରାମ୍ୟ କମିଟି ଗଠନ କରାଯାଇଥିବା ବେଳେ ଏହି ହାଟରେ ସାମଗ୍ରୀ ବିକ୍ରି କରିବା ପାଇଁ ଚାଷୀଙ୍କଠାରୁ କୌଣସି ଶୁଳ୍କ ନିଆଯିବ ନାହିଁ ବୋଲି ସରପଞ୍ଚ ଗଙ୍ଗାଧର ମିଞ୍ଜ ଘୋଷଣା କରିବା ପରେ ଏହି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଥିଲା।



ସାପ୍ତାହିକ ହାଟ ଶୁଭାରମ୍ଭ ଅବସରରେ ମଞ୍ଚାସୀନ ଅତିଥି।

# ରକ୍ତଦାନ ଶିବିର ପାଇଁ ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଉପସ୍ଥିତ ବିଜେଡି କର୍ମକର୍ତ୍ତା।

ବଡଗାଁ, ୧୨।୧୦ (ଡି.ଏନ.ଏ)

ବଡଗାଁସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଶନିବାର ବିଜୁ ଜନତା ଦଳ ପକ୍ଷରୁ ଆସନ୍ତା ୧୬ ତାରିଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମ ଦିବସରେ ହେବାକୁ ଥିବା ଜୀବନ ବିନ୍ଦୁ ଅଭିଯାନ ରକ୍ତଦାନ ଶିବିର ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସୁନ୍ଦରଗଡ ସ୍ୱତନ୍ତ୍ର ବିକାଶ ପରିଷଦର ଅଧ୍ୟକ୍ଷ ବିନୟ ଟପ୍ପୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଜେଡି ବଡଗାଁ ବ୍ଲକ ସଭାପତି ତୁଳାରାମ ହୋତା, ତଲସରା ନିର୍ବାଚନ ମଣ୍ଡଳୀ ଛାତ୍ର ବିଜେଡି ସଭାପତି ଉତ୍କଳ ମହାପାତ୍ର, ଓକିଲ ବୀରେନ୍ଦ୍ର ରାଉତରାୟ, ଧରଣୀଧର ସା, ଅରୁଣ ଦିକ୍ଷୀତ, ରାଜୁ ଦାସ, ଆଲୋକ ପଟ୍ଟନାୟକ, ସରୋଜ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ଦଳୀୟ କର୍ମୀମାନେ ୧୬ ତାରିଖ ଶିବିରରେ ଉପସ୍ଥିତ ରହି ରକ୍ତଦାନ କରିବା ସହିତ କାର୍ଯ୍ୟ ପରିଚାଳନାରେ ସହଯୋଗ କରିବାକୁ ଅଧ୍ୟକ୍ଷ ଟପ୍ପୋ ସୂଚାଇଥିଲେ ।

# କୁଆଁରମୁଣ୍ଡା ବ୍ଲକର ନିର୍ବାହୀ ଯନ୍ତ୍ରୀଙ୍କ ବଦଳି

କୁଆଁରମୁଣ୍ଡା, ୧୨।୧୦(ଡି.ଏନ.ଏ.)

କୁଆଁରମୁଣ୍ଡା ବ୍ଲକରେ କାର୍ଯ୍ୟରତ ଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ବଡାଇକଙ୍କ ଅନ୍ୟତ୍ର ବଦଳି ହୋଇଛି। ତାଙ୍କ ସ୍ଥାନରେ କୁତ୍ରା ବ୍ଲକ ସହକାରୀ ଯନ୍ତ୍ରୀ ନିତ୍ୟାନନ୍ଦ ସିଙ୍କୁ ଅବସ୍ଥାପିତ କରାଯାଇଛି ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ଜଣାଯାଇଛି। ନୂତନ ଯନ୍ତ୍ରୀଙ୍କ ଯୋଗଦାନ ପରେ ବ୍ଲକରେ ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଛି।

- ସାପ କାମୁଡ଼ାରେ ଲୋଡର ଅପରେଟରଙ୍କ ମୃତ୍ୟୁ ଘଟଣା

# ମେଡିକାଲ କର୍ତ୍ତୃପକ୍ଷଙ୍କୁ ଦାୟୀ କଲେ ମୃତକଙ୍କ ବାପା

ବ୍ରଜରାଜନଗର, ୧୨।୧୦(ଡି.ଏନ୍.ଏ.)

ବ୍ରଜରାଜନଗର ଥାନା ଲମତିବାହାଲର ରାଧେ ଯାଦବ (୩୦)ଙ୍କ ମୃତ୍ୟୁ ପାଇଁ ବେଲପାହାଡ଼ସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲର କର୍ମଚାରୀଙ୍କ ଅବହେଳାକୁ ଦାୟୀ କରିଛନ୍ତି ମୃତକଙ୍କ ବାପା ତିହାର ଯାଦବ। ଶନିବାର ପୁଅର ଶବକୁ ନିଜ ଗ୍ରାମ ଛତିଶଗଡ଼ ଜାଞ୍ଜଗିରି ଜିଲା ଜେଜେପୁର ଥାନା ଅନ୍ତର୍ଗତ ଡେକେରା ଗ୍ରାମକୁ ନିଆଯାଇଛି। ମେଡିକାଲ କର୍ତ୍ତୃପକ୍ଷ ରାଧେଙ୍କ ଚିକିତ୍ସା ପାଇଁ ଅଗ୍ରିମ ଟଙ୍କା ମାଗିଥିବା ସହକର୍ମୀ ସଞ୍ଜୟ ସାହୁ ଦୃଢ଼ତାର ସହ ପ୍ରକାଶ କରିଛନ୍ତି। ସେହିପରି ଟାଟା ମେମୋରିଆଲ ହସ୍ପିଟାଲର ଡାଇରେକ୍ଟର ତୁଷାରକାନ୍ତ ଦାସ ଘଟଣାକୁ ଚପାଇବାର ଚେଷ୍ଟା କରୁଥିବା ଅଭିଯୋଗ ହୋଇଛି। ତାଙ୍କ କହିବା କଥା ଯେ, ହସ୍ପିଟାଲରେ ଚିକିତ୍ସା ପାଇଁ ବ୍ୟବସ୍ଥା ରହିଛି। ହେଲେ କେତେକ ଆବଶ୍ୟକୀୟ ଔଷଧ ବାହାରୁ କିଣିବାକୁ ପଡ଼ିଥାଏ। ସେଥିପାଇଁ କର୍ତ୍ତବ୍ୟରତ କର୍ମଚାରୀମାନେ କିଛି କହିଥାଇ ପାରନ୍ତି। ମୁଁ ବାହାରେ ଅଛି, ମଙ୍ଗଳବାର କାର୍ଯ୍ୟରେ ଯୋଗଦେବା ପରେ ଡ୍ୟୁଟିରେ କେଉଁ ଡାକ୍ତର ଥିଲେ ତାଙ୍କଠାରୁ ଘଟଣାକ୍ରମ ବୁଝିବା ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ମେଡିକାଲ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଜଣଙ୍କର ଜୀବନ ଯାଇଥିବାରୁ ଏହାର ଉପଯୁକ୍ତ ତଦନ୍ତ ପାଇଁ ବିଭିନ୍ନ ମହଲରୁ ଚାପ ବଢ଼ିବାରେ ଲାଗିଛି। ଏଠାରେ ସୂଚନାଯୋଗ୍ୟ ଯେ, ମୃତକ ରାଧେ କାମ କରୁଥିବା ଘରୋଇ ଆଇଭିଟି କମ୍ପାନୀ ତରଫରୁ ଦେଢ଼ ଲକ୍ଷ ଓ ସରକାରଙ୍କ ଯୋଜନାରେ ଥିବା ୪ ଲକ୍ଷ ଟଙ୍କା ଅନୁକମ୍ପା ରାଶି ମୃତକଙ୍କ ପରିବାରବର୍ଗଙ୍କୁ ମିଳିବ। ନଗଦ ଆକାରରେ କମ୍ପାନୀ ପକ୍ଷରୁ ମୃତକଙ୍କ ପରିବାରବର୍ଗଙ୍କୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ସେହିପରି ଆନ୍ଦୋଳନରତ ଶ୍ରମିକଙ୍କ ସହିତ ଶୁକ୍ରବାର ରାତି ୪ଟାରେ କମ୍ପାନୀ କର୍ତ୍ତୃପକ୍ଷ ଆଲୋଚନା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।



ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକରେ ଥିବା ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କ ଦ୍ୱାରା ତୁମୁଲିଆ ରାସ୍ତା ଖନନ ପ୍ରତିବାଦରେ ବଲିଙ୍ଗା ଛକରେ ଗ୍ରାମବାସୀ ଶନିବାର ସକାଳୁ ଧାରଣା ଦେଇଛନ୍ତି।

# କୋଇଲା ସଙ୍କଟ: ବନ୍ଦ ହେବ ଓପିଜିସିର ୨ୟ ୟୁନିଟ୍

- ବାଧାପ୍ରାପ୍ତ ହେବ ୨୧୦ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ
- ଆଗକୁ ଅଧିକ ୟୁନିଟ୍ ବନ୍ଦହେବା ଆଶଙ୍କା

ଲଖନପୁର,୧୨।୧୦(ଡି.ଏନ୍.ଏ.)

ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (ଓପିଜିସି)ର ବନହରପାଲିସ୍ଥିତ ଇବ୍ ଥର୍ମାଲ ପ୍ରକଳ୍ପରେ ଏକମାସ ହେଲା କଞ୍ଚାମାଲ (କୋଇଲା) ସଙ୍କଟ ଦେଖାଦେଇଛି। ଏହି କୋଇଲା ସଙ୍କଟ ଏବେ ଚରମସୀମାରେ ପହଞ୍ଚିଛି। ଫଳରେ କମ୍ପାନୀ କର୍ତ୍ତୃପକ୍ଷ ୨ୟ ୟୁନିଟ୍‌କୁ ରବିବାର ବନ୍ଦକରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ୟୁନିଟ୍ ବନ୍ଦହେଲେ ୨୧୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ବାଧାପ୍ରାପ୍ତହେବ। ଏହାର ସିଧାସଳଖ ପ୍ରଭାବ ରାଜ୍ୟ ଉପରେ ପଡ଼ିବା ସହିତ ରାଜ୍ୟରେ ବିଦ୍ୟୁତ୍ ସଙ୍କଟ ଦେଖାଦେବ।ଏନେଇ ଶକ୍ତି ବିଭାଗ ତରଫରୁ ଏମ୍‌ସିଏଲ୍‌ର ଦୃଷ୍ଟି ଆକର୍ଷଣ କରାଯିବା ପରେ ପୂର୍ବାପେକ୍ଷା ଏବେ କୋଇଲା ଆମଦାନୀ ବୃଦ୍ଧି ହୋଇଛି। ହେଲେ ଆବଶ୍ୟକ ମୁତାବକ କୋଇଲା ଆମଦାନୀ ହୋଇପାରୁନାହିଁ। ଆଗକୁ ଯଦି ଏଭଳି ସ୍ଥିତି ଜାରିରହେ ତା’ହେଲେ ଆହୁରି ଅଧିକ ୟୁନିଟ୍ ବନ୍ଦହେବା ସମ୍ଭାବନା ରହିଛି। ଏନେଇ ଓପିଜିସି ଅଧିକାରୀ ଦିଲୀପ କୁମାର ପଣ୍ଡା କହିଛନ୍ତି ଯେ, ୪ଗୋଟି ୟୁନିଟ୍ ପାଇଁ ଦୈନିକ ୨୪ହଜାର ମେଟ୍ରିକ୍‌ଟନ୍ କୋଇଲାର ଆବଶ୍ୟକତା ରହିଛି। ଏମ୍‌ସିଏଲ୍ ପୂର୍ବରୁ ଦୈନିକ ୧୦ହଜାର ମେଟ୍ରିକ୍‌ଟନ୍ କୋଇଲା ରପ୍ତାନି କରୁଥିଲା। ଏବେ ୪ହଜାର ମେଟ୍ରିକ୍‌ଟନ୍ ବୃଦ୍ଧିକରି ଦୈନିକ ୧୪ହଜାର ମେଟ୍ରିକ୍‌ଟନ୍ କୋଇଲା ରପ୍ତାନି କରୁଛି। ତଥାପି ଦୈନିକ ୧୦ହଜାର ମେଟ୍ରିକ୍‌ଟନ୍ ଆବଶ୍ୟକତାରୁ କମ୍ ଆସୁଛି। ଏ ନେଇ ଏମ୍‌ସିଏଲ୍ ଲଖନପୁର କ୍ଷେତ୍ର ପ୍ରବନ୍ଧକ ଅନିଲ କୁମାର ସିଂ କହିଛନ୍ତି ଯେ, ଦୈନିକ ୮ହଜାର ମେଟ୍ରିକ୍‌ଟନ୍ କୋଇଲା ରପ୍ତାନି ପାଇଁ ଓପିଜିସି ସହିତ ଏମ୍‌ସିଏଲ୍‌ର ଚୁକ୍ତି ହୋଇଛି। ଓପିଜିସିର ଅନୁରୋଧକ୍ରମେ କୋଇଲା ଉତ୍ପାଦନକୁ ଦୃଷ୍ଟିରେ ରଖି ଦୈନିକ ଅଧିକ ୬ହଜାର ମେଟ୍ରିକ୍‌ଟନ୍ କୋଇଲା ରପ୍ତାନୀ କରାଯାଉଛି। ଓପିଜିସିର ଚାହିଦା ମୁତାବକ କୋଇଲା ଯୋଗାଇବା ସମ୍ଭବ ହେଉନାହିଁ ବୋଲି ଏମ୍‌ସିଏଲ୍ ପ୍ରବନ୍ଧକ ସିଂହ କହିଛନ୍ତି। ସୂଚନାଯୋଗ୍ୟ ୨୧୦ ମେଗାୱାଟ୍ ବିଶିଷ୍ଟ ୨ଟି ୟୁନିଟ୍ ପାଇଁ ଦୈନିକ ୮ହଜାର ମେଟ୍ରିକ୍‌ଟନ୍ କୋଇଲାର ଆବଶ୍ୟକତା ରହିଥିଲା। କମ୍ପାନୀ ତରଫରୁ ୬୬୦ମେଗାୱାଟ୍ ବିଶିଷ୍ଟ ୨ଟି ୟୁନିଟ୍ ସ୍ଥାପନ କରାଯାଇଛି। ଏଥିପାଇଁ ଦୈନିକ ୧୬ହଜାର ମେଟ୍ରିକ୍‌ଟନ୍ କୋଇଲା ଆବଶ୍ୟକତା ରହିଛି। ଏହି ୨ଟି ୟୁନିଟ୍ ପାଇଁ ଓପିଜିସିକୁ ସୁନ୍ଦରଗଡ଼ ଜିଲା ମନୋହରପୁରରେ ଏକ ସ୍ୱତନ୍ତ୍ର କୋଇଲା ଖଣି ମିଳିଛି। ଏହି କୋଇଲା ଖଣିରୁ କୋଇଲା ଉତ୍ତୋଳନ କରି କମ୍ପାନୀ ବ୍ୟବହାର କରିବା କଥା। ହେଲେ କୋଇଲା ପରିବହନ ପାଇଁ କମ୍ପାନୀର ଟ୍ରେନ୍‌ଲାଇନ୍ ନିର୍ମାଣ କାମ ଅଦ୍ୟାବଧି ସମ୍ପୂର୍ଣ୍ଣ ହୋଇନାହିଁ। ଏଥିପାଇଁ ଜମି ଅଧିଗ୍ରହଣ ସମସ୍ୟା ମଧ ରହିଛି। ଫଳରେ ଟ୍ରେନ୍‌ଲାଇନ୍ ନିର୍ମାଣ କାମ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଏଦିଗରେ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।



ବନହରପାଲିସ୍ଥିତ ଇବ୍ ତାପଜ ବିଦ୍ୟୁତ୍ କେନ୍ଦ୍ର।